ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମଇ, ୨୦୧୯ ସଂସ୍କରଣ



କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବନ୍ଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା


ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ଫାନୀ ମହାବାତ୍ୟା ପ୍ରପୀଡ଼ିତ ଓଡ଼ିଶାକୁ ସାଷ୍ଟାଙ୍ଗ କରିବାର ଗୁରୁ ଦାୟିତ୍ୱ ସମସ୍ତ ଓଡ଼ିଶାବାସୀଙ୍କର । ଆସନ୍ତୁ ଆମେ ହାତ ମିଶାଇବା ଏବଂ ପୁଣିଥରେ ସବୁଜ ସୁନ୍ଦର ଓଡ଼ିଶାର ଗଠନ କରିବା । ବିପର୍ଯ୍ୟୟର ଏହି ସମୟରେ ଧୈର୍ଯ୍ୟର ସହ କାର୍ଯ୍ୟ କରିବା ।

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟ ଏବଂ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ପ୍ରତ୍ୟେକ ମାସରେ ଜଣେ ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ପ୍ରକାଶିତ ହେବ । ସେଥିପାଇଁ ଲେଖକ ନିଜେ ସ୍ୱରଚିତ କେବଳ ଗୋଟିଏ କିମ୍ବା ଦୁଇଟି ଲେଖା ହିଁ ପଠାନ୍ତୁ । ଏକାଧିକ ଲେଖା ପଠାଇଲେ, ପ୍ରଥମେ ମିଳିଥିବା ଲେଖାକୁ ହିଁ ପ୍ରକାଶନ ହେତୁ ସ୍ୱୀକାର କରାଯିବ । ଲେଖା ପାଇବା ପରେ ଆମେ ଇମେଲ୍ ଦ୍ୱାରା ଜଣାଇଥାଉ, ତଥାପି ଯଦି ଆପଣ ଜାଣି ପାରନ୍ତି ନାହିଁ, ତେବେ ଆମ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରି ସେଠାରେ ସଂଗୃହୀତ ଆଲେଖ୍ୟ ପୃଷ୍ଠାରେ ଆଗାମୀ ସଂସ୍କରଣ ପାଇଁ ମିଳିଥିବା ଲେଖା ତାଲିକା ଦେଖି ପାରିବେ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଉଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବରେ ଆମ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ।

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୪ |
| **ଗଳ୍ପ ବିଭାଗ** | | ୨୯ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୩୦ |
| ମିନିଟିଏ ଘଣ୍ଟା | ପ୍ରତିଭା ପ୍ରିୟଦର୍ଶିନୀ | ୩୫ |
| କନ୍ୟାରତ୍ନ | ଶିଶିର କୁମାର ପଣ୍ଡା | ୪୨ |
| ସଂସ୍କାର | କାର୍ତ୍ତିକ ଚନ୍ଦ୍ର ସେଠୀ | ୪୭ |
| ଜ୍ୟାକେଟ୍ | ରୋଜା ପଣ୍ଡା | ୪୯ |
| ମୃତ୍ୟୁର ବିଭୀଷିକା | ସଂଯୁକ୍ତା ରାଉତ | ୫୪ |
| କି ବା ଅସାଧ୍ୟ ମହୀତଳେ | ସୁଷମା ପରିଜା | ୫୬ |
| ଟାଟୁ | ଜ୍ୟୋତିରଞ୍ଜନ ସାହୁ | ୬୭ |
| ରଥ ଅଜା | ପ୍ରମୋଦ କୁମାର ପଣ୍ଡା | ୭୦ |
| ଚନ୍ଦ୍ରମୌଳୀ | ଡା ପ୍ରଶାନ୍ତ ନାୟକ | ୮୦ |
| ମୁହିଁ ତ ଗରୀବ ଭୋଟର | ମହେଶ୍ୱର ସାହୁ | ୯୨ |
| ଆମର କିଛି ଦରକାର ନାହିଁ | ନାରାୟଣ ଚନ୍ଦ୍ର ସେନାପତି | ୯୯ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସହପାଠିନୀ | ଡ. ସୁବାସ ମିଶ୍ର | ୧୦୪ |
| ତାବିଜ | ଦୀପକ ଷଡ଼ଙ୍ଗୀ | ୧୦୮ |
| ସଦଭାବନା | ମାନିନୀ ସାହୁ | ୧୧୭ |
| ବୋଉ କିଣିଦେଇଥିବା କଲମ | ପ୍ରଶାନ୍ତ କୁମାର ନାଥ | ୧୧୯ |
| ଦୁଇଟି ମିନିଗଳ୍ପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୦ |
| ଚୁପ୍ | ଅନସୂୟା ପଣ୍ଡା | ୧୩୩ |
| ଭୋଟ ବିକିବି ନାହିଁ | ଅଙ୍କିତା ପାଢ଼ୀ | ୧୪୦ |
| **କବିତା ବିଭାଗ** | | **୧୪୪** |
| ଲୋକଙ୍କ ହାତରେ ଭୋଅଟ | ତପନ କୁମାର ସ୍ୱାଇଁ | ୧୪୫ |
| ଉଦିତ ସୂର୍ଯ୍ୟ | ପ୍ରଦ୍ୟୁତ କୁମାର ମହାକୁଡ଼ | ୧୪୬ |
| ତିତିଲିର ତାଣ୍ଡବ | ମୋହନ ଚନ୍ଦ୍ର ବିଷୋୟୀ | ୧୪୭ |
| ପତିବନାମ ପ୍ରିୟ | କୁମାରୀ ମିନତି ମଞ୍ଜରୀ ମେଣ୍ଡିଲି | ୧୪୮ |
| ଏ ମୋର ଶେଷ ଚିଠି | ତପନ କୁମାର ସାହୁ | ୧୫୦ |
| ଷାଠିଏର ପ୍ରତୀକ୍ଷା | ଯଶୋବନ୍ତ ପଟ୍ଟନାୟକ | ୧୫୨ |
| କବିତା | ଜ୍ୟୋତିରଞ୍ଜନ ମହାରଣା | ୧୫୪ |
| ସର୍ବନାଶର ପାଦଶବ୍ଦ | ଅନୁସୂୟା ମିଶ୍ର | ୧୫୫ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସାଥି | କାର୍ତ୍ତିକ ପାଣିଗ୍ରାହୀ | ୧୫୬ |
| ସିନ୍ଦୁର ହେଲା ମୋ ସ୍ୱାର୍ଥପର | ବଳରାମ ତରାଇ | ୧୫୭ |
| ଭଲଲାଗେ | ବସନ୍ତ କୁମାର ମହାପାତ୍ର | ୧୫୯ |
| ସ୍ୱର୍ଗକୁ ନିଶୁଣୀ | ନାରାୟଣ ଚନ୍ଦ୍ର ସେନାପତି | ୧୬୧ |
| ଛାଡ଼ି ଦେଇଥିଲି | ପ୍ରେମଶିଳା ରାଉତ | ୧୬୩ |
| ଜହ୍ନ ଆଉ କଇଁ | ରୋହିତ୍ ସେଠୀ | ୧୬୫ |
| ମହାବାତ୍ୟା ଫୋନି | ବଲ୍ଲଭ ରାଉତ | ୧୬୭ |
| ମୋ ଭାବନା | ସ୍ନେହଲତା ନାୟକ | ୧୬୮ |
| ମନ ମାନସିକ | ପ୍ରଦୀପ ବନ୍ଧ | ୧୭୦ |
| ଜୀବେ ଦୟା | ପିଣ୍ଟୁ ମିଶ୍ର | ୧୭୨ |
| ବୋଉ | ମନସ୍ମିତା ହାତୀ | ୧୭୩ |
| ଭସ୍ମାସୁର | ଡ. ସୁବାସ ମିଶ୍ର | ୧୭୪ |
| ମୋ ଜୀବନର କ୍ଷେତ | ଶିବାଶିଷ ନାଏକ | ୧୭୬ |
| ଧରମା | ସତ୍ୟବ୍ରତ ସାହୁ | ୧୭୯ |
| କଣ ଏଇ ଜୀବନ ମୋର | ରାମ ପ୍ରସାଦ ସିଂହ | ୧୮୧ |
| ପ୍ରେମ | ଅଧ୍ୟାପିକା ସସ୍ମିତା ମିଶ୍ର | ୧୮୨ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆରତୀ | ବିଭୁତିରଞ୍ଜନ ପାଣିଗ୍ରାହୀ | ୧୮୪ |
| ଟିକିଏ ଜୀବନ | ରାହାସ କୁମାର ବେହେରା | ୧୮୬ |
| ରୌଦ୍ରତା | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୧୮୮ |
| ହେ ଈଶ୍ୱର ! ରକ୍ଷାକର | ହୀରାବତୀ ପାତ୍ର | ୧୮୯ |
| ସମୟ | ରଶ୍ମିତା ମହାନ୍ତ | ୧୯୦ |
| ମତେ ମାରିଦିଅ | ପଙ୍କଜ କୁମାର ମାହାନା | ୧୯୧ |
| ଯାହାର ଯେମିତି ମନ | ନୂତନ କୁମାର ବେହେରା | ୧୯୨ |
| ଜୀବନ ସଂଘର୍ଷ | ଅବିନାଶ ବେହେରା | ୧୯୪ |
| ଅନୁତପ୍ତ | ପ୍ରିୟଦର୍ଶିନୀ ମହାନ୍ତି | ୧୯୬ |
| ତୁମପାଇଁ ଦିନେ | ଅନାମଚରଣ ସାହୁ | ୧୯୭ |
| କାହାକୁ ଖୋଜୁଛୁ ମନ | କୁମାର୍ ଲୋକେଶ୍ | ୧୯୮ |
| ବିଶ୍ୱ ଶ୍ରମିକ ଦିବସ | ଅଜୟ କୁମାର ବେହେରା | ୧୯୯ |
| ଗତରାତିର ବାକିଆ ନିଦ | ଲିପିନ୍ ରାଉତ | ୨୦୧ |
| ପରମେଶ୍ୱର | ଜୟଶ୍ରୀ ମହାରଣା | ୨୦୩ |
| କମୁଛି ଜଳ | ବି. ନିରୁପମା | ୨୦୪ |
| ବୈଶାଖର କୋପ | ନିବେଦିତା ମହାପାତ୍ର | ୨୦୫ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଜାଗିଉଠୁ ମନୁଷ୍ୟତ୍ୱ | ସଂଯୁକ୍ତା ରାଉତ | ୨୦୭ |
| ସ୍ୱାର୍ଥପର ସମୟ | କୃଷ୍ଣଚନ୍ଦ୍ର ଡାକୁଆ | ୨୦୮ |
| ପ୍ରେମର ବଂଶୀସ୍ୱନ | ଚିନ୍ମୟ ବାରିକ | ୨୦୯ |
| ତୁମପାଇଁ ସୁନିତା | ଶୟନ ନାୟକ | ୨୧୧ |
| ଗ୍ରୀଷ୍ମଋତୁ | ଅକ୍ଷୟ କୁମାର ବେହେରା | ୨୧୩ |
| ସାବଧାନ ହୁଅ ଆଜ୍ଞା | ଚିତ୍ତରଞ୍ଜନ ସାହୁ | ୨୧୪ |
| ନରଭକ୍ଷୀ | ଗୌତମସେନ୍ ହାଁସଦାଃ | ୨୧୫ |
| ଠାକୁର ପୂଜି ବି ପାଉନି ଶାନ୍ତି | ଶିଶିର କୁମାର ପଣ୍ଡା | ୨୧୮ |
| ବାଲିର ସହର : ବାଲେଶ୍ୱର | ସୌମ୍ୟରଞ୍ଜନ ପାଲ୍ | ୨୧୯ |
| ସମୟର ଅପେକ୍ଷାରେ | ପ୍ରଶାନ୍ତ କୁମାର ପ୍ରଧାନ | ୨୨୦ |
| ନଦୀ ତୀରେ | ପ୍ରସନ୍ନ ପ୍ରୟାସ ଭୂଏ | ୨୨୧ |
| ସେଇ ଖରାବେଳ | ସୁବ୍ରତ ଜେନା | ୨୨୨ |
| ନିଖୋଜ ଚିତ୍ତଚୋର | କାର୍ତ୍ତିକ ଚନ୍ଦ୍ର ସେଠୀ | ୨୨୪ |
| ସମୟ ସୁଅ ଓ କାଗଜ ଡଙ୍ଗା | ଧର୍ମରାଜ ମହାମଲ୍ଲିକ | ୨୨୫ |
| ବୋଉ | ଦୀପକ କୁମାର ଦଲେଇ | ୨୨୬ |
| ଅଜଣା ସିନ୍ଦୁର | ସିଦ୍ଧେଶ୍ୱର ତ୍ରିପାଠୀ | ୨୨୭ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଏତିକି ପାରୁନି ବୁଝି | କୌଶିକ କୁମାର ହୋତା | ୨୨୮ |
| ରାଜନୀତି ପାଲା | ମହେଶ୍ୱର ସାହୁ | ୨୨୯ |
| ନିଜର ହୁଅନ୍ତି ଶତ୍ରୁ | ଅଙ୍କିତା ପାଢ଼ୀ | ୨୩୧ |
| ଲୁଡ଼ୋଖେଳ କବିତାର | ଆଶୁତୋଷ ମେହେର | ୨୩୨ |
| ମଧ୍ୟରାତ୍ରୀର ଅର୍କେଷ୍ଟ୍ରା | ଓଜସ୍ୱିନୀ ଶତପଥୀ | ୨୩୩ |
| ଫନି କବିତା | ଡା ସୌମ୍ୟରଞ୍ଜନ ମିଶ୍ର | ୨୩୫ |
| ପୃଥିବୀ ବଦଳିଗଲାଣି କାଲିଠୁ | ଡା ନୀଳମାଧବ କର | ୨୩୬ |
| ଈଶ୍ୱର | ଫାଲଗୁନୀ ଦାସ | ୨୩୭ |
| ପ୍ରେମପକ୍ଷୀ | ଧିରେନ୍ ବାଗ୍ | ୨୩୮ |
| ଶ୍ରମିକର ଝାଳ | ଗିରିଧାରୀ ସାହୁ | ୨୩୯ |
| ସୀମାନ୍ତରେ ହେବା ଦେଖା | ଗଙ୍ଗାସୁନନ୍ଦିନୀ ରୁପମା ଗୁରୁ | ୨୪୦ |
| ଫନୀ | କାହ୍ନୁଚରଣ ସାହୁ | ୨୪୧ |
| ଅସରା ମୋହରେ ଆଶାପସରା | ରୀତାରାଣୀ ଦାସ | ୨୪୨ |
| ଖରା ଆସିଲାଣି ଧାଇଁ | ରବୀନ୍ଦ୍ରନାଥ ମହାରଣା | ୨୪୩ |
| ବନ୍ଦ ହେବାର ବେଳ | ଡ. ଜ୍ଞାନେଶ୍ୱର ମିଶ୍ର | ୨୪୪ |
| ଫେସବୁକ୍ ନିଶା | ବେବିସ୍ମିତା କର | ୨୪୫ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସ୍ମୃତି ତୁମେ | ମନୀଷା ସରକାର | ୨୪୬ |
| ଧୋକା | ଅନୀତା ରାୟ | ୨୪୭ |
| ବାପା | ମନୋଜ କୁମାର ବେହେରା | ୨୪୮ |
| ନିରବ ମୁହୂର୍ତ୍ତ | ଜୟନ୍ତ କୁମାର ସାହୁ | ୨୫୦ |
| ମୁଁ ନାରୀ | ଗୌରୀ ପଣ୍ଡା | ୨୫୧ |
| ମା | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୫୨ |
| ସମର୍ପିତ ନୈବେଦ୍ୟ | ସନ୍ଧ୍ୟାରାଣୀ ପରିଜା | ୨୫୪ |
| ଗୋପ କୁମାର | ଦୁଷ୍ମନ୍ତ କୁମାର ମିଶ୍ର | ୨୫୬ |
| ଇଚ୍ଛା | ଉର୍ମିଳା ଦାସ | ୨୫୮ |
| ସନ୍ଦେହୀ ମନ | ଦିଲ୍ଲୀପ କୁମାର ସାମଲ | ୨୫୯ |
| ଅଧୁରା ସପନ | ଶଶାଙ୍କ ଶେଖର ପଣ୍ଡା | ୨୬୧ |
| ଫିକା ଇନ୍ଦ୍ରଧନୁ | ଜିତେନ୍ଦ୍ର କୁମାର କହଁର | ୨୬୨ |
| କେବଳ ତୁମେ ଆସିବ ବୋଲି | ପ୍ରାଣବନ୍ଧୁ ପ୍ରଧାନ | ୨୬୪ |
| ଆଜି ଓ କାଲି | ପ୍ରମୋଦ କୁମାର ପ୍ରଧାନ | ୨୬୫ |
| ଝିଅଟିଏ ବୋଲି | ପ୍ରିୟଙ୍କା ସାହୁ | ୨୬୭ |
| ସ୍ମୃତି ଏକ ରୂପାଜହ୍ନ | ସୌମ୍ୟରଞ୍ଜନ ପାତ୍ର | ୨୬୮ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ପ୍ରାକୃତିକ ପରିଭ୍ରମଣ | ଶ୍ରୀରାଜଶେଖର ସି 'ଚିମା' | ୨୭୦ |
| ସତ୍ୟ | ମାନିନୀ ସାହୁ | ୨୭୨ |
| ମୋ ଭାଷା ଓଡ଼ିଆ | ଗାୟତ୍ରୀ ସେଠୀ | ୨୭୩ |
| ବୃକ୍ଷ ତୁମେ | କୃପାସିନ୍ଧୁ ଦାସ | ୨୭୫ |
| କିଏ ଭଲ ? | ମନୋଜ ଦାସ | ୨୭୭ |
| ନିର୍ବାଚନ | ସନାତନ ମହାକୁଡ଼ | ୨୭୮ |
| ଚିଲିକା ରାଣୀ | ସରୋଜିନୀ ମିଶ୍ର | ୨୭୯ |
| ଶତାବ୍ଦୀର କୃଷ୍ଣ ! | ବନ୍ଦନା ନାୟକ | ୨୮୧ |
| ତମେ ହିଁ କେବଳ | ରାଜେଶ ପୂଜାରୀ | ୨୮୩ |
| ଫନୀ | ହିତେଶ୍ ମହାପାତ୍ର | ୨୮୫ |
| ପ୍ରତୀକ୍ଷା | ସୁନିତା ବାରିକ | ୨୮୮ |
| ସମ୍ବଲପୁରୀ ବିଭାଗ | | ୨୯୦ |
| ଗୁରୁ ମୋର୍ ହଲଧର | ଦେବାଶିଷ୍ ସାଗର୍ | ୨୯୧ |
| ବିଜ୍ଞାନ୍ ଆର୍ ଫନି | ଦେବାଶିଷ୍ ସାଗର | ୨୯୩ |
| ଗହଦ ବରସା | ଏମ୍. ବିଜୟ କୁମାର | ୨୯୪ |
| ମାଆଁର୍ ପନତ୍ କାନି | ହରୀଶ ତାଣ୍ଡି | ୨୯୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କବିତା ଲୋ | ମନୋଜ ମହାନନ୍ଦ | ୨୯୭ |
| କୁଆଁରୀ ମନର୍ କଥା | ସ୍ୱାଗତିକା ଦିସ୍ରି | ୨୯୯ |
| ଗୋରୁ ମାଁ | ସୁଭାସ ଚନ୍ଦ୍ର ଭୁଏ | ୩୦୦ |
| ମୋର୍ ଗାଁଟା ସୁନ୍ଦର୍ | ଶିଶୁପାଲ୍ ସମ୍ରଥ | ୩୦୨ |
| ଦେଖ୍ ପୁତା | କବି ପ୍ରସାଦ | ୩୦୪ |
| ପଲ୍ସା ଫୁଲ୍ | ଈଶ୍ୱରଚନ୍ଦ ସାହୁ | ୩୦୬ |
| ଖରାମାସର୍ ଖାଆନା ପିଇନା | କ୍ଷମାନିଧି ସାହୁ | ୩୦୭ |
| ଫନି | ଚନ୍ଦ୍ର ଶେଖର ଗୋ | ୩୦୯ |
| ପ୍ରବନ୍ଧ ବିଭାଗ | | ୩୧୧ |
| ଅକ୍ଷିତୃତୀୟା | ବୈକୁଣ୍ଠନାଥ ଖଟୁଆ | ୩୧୨ |
| କଳିଙ୍ଗର ହୀନଯାନୀମାନେ | ପ୍ରମୋଦ କୁମାର ପଣ୍ଡା | ୩୧୭ |
| ନାରୀ | ଗୌରୀ ପଣ୍ଡା | ୩୨୪ |
| ବିଶେଷ ସୂଚନା | | ୩୨୬ |


**ଆହ୍ବାନ ଇ-ପତ୍ରିକାର ଆଗାମୀ (ଜୁନ୍ ୨୦୧୯) ସଂସ୍କରଣ ନିମନ୍ତେ ଲେଖା ଗ୍ରହଣର ଶେଷ ତାରିଖ : ୩ ଜୁନ୍ ।**

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମଇ ୨୦୧୯ ସଂସ୍କରଣକୁ ଆପଣଙ୍କୁ ଭେଟି ଦେଉଥିବା ବେଳେ ହୃଦୟରେ ଅନେକ ଦୁଃଖ ଓ କ୍ଷୋଭର ସହିତ ଏହି ଅଭିଯୋଗ କରିବା ପାଇଁ ବାଧ୍ୟ ହେଉଛି, "ହେ ମହାବାହୁ, କାହିଁକି, କେବଳ ଓଡ଼ିଶାକୁ ହିଁ ବାତ୍ୟା ଜନିତ ଦୁଃଖଦୁର୍ଦ୍ଦଶା ମିଳୁଛି ?" ବିଗତ ଶତାବ୍ଦୀରେ ଏହି ବାତ୍ୟାର ପରିମାଣ ବର୍ଷପରେ ବର୍ଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରତିବର୍ଷ ଦଶହରା ସମୟରେ ନିଶ୍ଚୟ ଭାବରେ ଓଡ଼ିଶାକୁ ବାତ୍ୟା ଭୟ ଲାଗି ରହୁଛି । ଚଳିତ ବର୍ଷର ଗ୍ରୀଷ୍ମମାସରେ ଯେଉଁଭଳି ବିଭୀଷିକା ଓଡ଼ିଶାକୁ ସହ୍ୟ କରିବାକୁ ପଡ଼ିଲା, ଭଗବାନ କରନ୍ତୁ ସେହିଭଳି ଅବସ୍ଥା ଅନ୍ୟ କୌଣସି ରାଜ୍ୟ ବା ଦେଶର ନ ହେଉ । ଶ୍ରୀଜଗନ୍ନାଥଙ୍କ ଭୂମି କୁହାଯାଉଥିବା ଶ୍ରୀକ୍ଷେତ୍ର ମଧ୍ୟ ଏହି ବାତ୍ୟା ପ୍ରଭାବରୁ ବର୍ତ୍ତି ପାରିନଥିଲା । ପୁରୀରେ ହୋଇଥିବା କ୍ଷୟକ୍ଷତିର ଭରଣା ପାଇଁ ଅନ୍ୟୁନ ଅନେକ ବର୍ଷ ଲାଗିଯିବ ବୋଲି କୁହାଯାଉଛି । ପୁରୀ, ଭୁବନେଶ୍ୱର, କଟକ ଅଞ୍ଚଳରେ ଅନେକ ଦଶନ୍ଧି ଧରି ହୋଇଥିବା ବନୀକରଣ ପ୍ରକ୍ରିୟାରେ ଯେଉଁ ସବୁଜ ବଳୟ ସୃଷ୍ଟି କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଏହି କ୍ଷତି ଅପୂରଣୀୟ, ଅନ୍ତତଃ ତୁରନ୍ତ ଏହା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇପାରିବ ନାହିଁ । ପୁଣି କେତେ ବର୍ଷ ଲାଗିଯିବ ଏହି ସବୁଜ ବଳୟକୁ ସୃଷ୍ଟି କରିବା ପାଇଁ । ପ୍ରତ୍ୟେକ ଓଡ଼ିଆର ପବିତ୍ର ତୀର୍ଥସ୍ଥଳ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ମଧ୍ୟ ବାତ୍ୟା ପ୍ରଭାବିତ ହୋଇ ଅନେକ ସ୍ଥାନରେ କ୍ଷତି ପାଇଛି, ତାହାକୁ ଭରଣା କରି ହେବ କି ?

ଏହି ବାତ୍ୟା ଏବଂ ଏହାକୁ ନେଇ ହୋଇଥିବା ଓଡ଼ିଶାର ପ୍ରାକ୍ ପ୍ରସ୍ତୁତିକୁ ସଂଯୁକ୍ତ ରାଷ୍ଟ୍ର (ୟୁଏନ୍) ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ ଯେ ବର୍ଷ ୧୯୯୯ ପରେ ଏହି ବାତ୍ୟା ସର୍ବାଧିକ କ୍ଷୟକ୍ଷତି କରିବ ବୋଲି ପୂର୍ବାନୁମାନ ହୋଇଥିଲା । ଏବଂ ଏହାର ପ୍ରଭାବ ବର୍ତ୍ତମାନ ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ଦେଖିବାକୁ ମିଳିଛି ମଧ୍ୟ । କିନ୍ତୁ ୧୯୯୯ରେ ଯେତେବେଳେ ମହାବାତ୍ୟା ହୋଇଥିଲା ତାହାକୁ ନେଇ ବ୍ୟାପକ ଜନସଚେତନ ସୃଷ୍ଟି କରାଯାଇ ପାରିନଥିଲା ତେଣୁ ସେତେବେଳେ ହଜାର ହଜାର ଜନଜୀବନ ଅସ୍ତବ୍ୟସ୍ତ ଓ କ୍ଷତି ହୋଇଥିଲା, ହେଲେ ଚଳିତ ସମୟରେ ମୃତ୍ୟୁହାର ସର୍ବନିମ୍ନ ରହିଛି ଯାହା ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ସଂଚାଳନ ବ୍ୟବସ୍ଥାର ସଫଳତାକୁ ଦର୍ଶାଉଛି । ଚଳିତ ବାତ୍ୟା ସମୟରେ ପ୍ରାୟ ଦଶଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ଏହା ଦ୍ୱାରା ବାତ୍ୟା ଜନିତ ମୃତ୍ୟୁହାର କମ କରିବାରେ ସରକାର ସଫଳ ହୋଇଛନ୍ତି । ବର୍ତ୍ତମାନ ସମୟରେ ସୋସିଆଲ୍ ମିଡ଼ିଆର ବ୍ୟାପକ ପ୍ରସାର ଫଳରେ ବାତ୍ୟାପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯାଇଥିଲା । ତେଣୁ ଲୋକମାନେ ବେଳ ଥାଉ ଥାଉ ସାବଧାନ ହୋଇଥିଲେ । କିନ୍ତୁ ପ୍ରକୃତି ସମ୍ମୁଖରେ ସାମାନ୍ୟ ମନୁଷ୍ୟ ଯେ କେତେ ବିବଶ ତାହା ଏହି ବାତ୍ୟା ଆମକୁ ଜଣାଇ ଦେଲା ।

## ଓଡ଼ିଶାର ଫାନୀ ମହାବାତ୍ୟାର ତାଣ୍ଡବ

ଚଳିତ ବର୍ଷ ମଇ ମାସ ଆସୁ ଆସୁ ଏକ ଅଶୁଭ ଖବର ନେଇ ଆସିଥିଲା, ଦକ୍ଷିଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଚକ୍ରବାଦ 'ଫାନୀ' । କୁହାଗଲା ଏହି ଚକ୍ରବାଦ ସମ୍ଭବତଃ ୧୯୯୯ ମହାବାତ୍ୟାଠାରୁ ମଧ୍ୟ ଅଧିକ କ୍ଷୟକ୍ଷତି କରିବ ଏବଂ ଏହାର ସଠିକ ପୂର୍ବାନୁମାନ ଲଗାଇବା ସମ୍ଭବ ହୋଇନଥିଲା । ପ୍ରଥମେ କୁହାଯାଉଥିଲା ଯେ ଏହା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଗୋପାଳପୁର ମଧ୍ୟରେ ଭୂମି ଅବପାତ ହେବ ଏବଂ ବ୍ୟାପକ କ୍ଷୟକ୍ଷତି କରିବ । ଭାରତର ଏହି ଅଞ୍ଚଳ ଅନ୍ୟୁନ ବାର୍ଷିକ ଏକାଧିକ ବାର ଏହିଭଳି ବାତ୍ୟା ସମ୍ଭାବ୍ୟ ଅଞ୍ଚଳ ଭାବରେ ପ୍ରସିଦ୍ଧି ଲାଭ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଗଞ୍ଜାମ ଜିଲ୍ଲାରେ ଏହାକୁ ନେଇ ବ୍ୟାପକ ପ୍ରସାରଣ କରାଯାଇ ସମୁଦ୍ର କୂଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ମଇ ପହିଲା ବେଳକୁ ବାତ୍ୟା ପୁରୀ ସହରରେ ହେବ ବୋଲି ପରିବେଶବିଦ ମାନେ ମତବ୍ୟକ୍ତ କରିବାପରେ ଅବସ୍ଥା ଅସମ୍ଭାଳ ଆଡ଼କୁ ଗତି କରିଥିଲା । ପୁରୀ ଭାରତର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ବା ତୀର୍ଥସ୍ଥଳୀ ଏବଂ ବର୍ଷର ପ୍ରାୟ ଅଧିକାଂଶ ସମୟରେ ଏଠାରେ ଲକ୍ଷାଧିକ ପର୍ଯ୍ୟଟକ ବା ଭକ୍ତ ଏକତ୍ରିତ ହୋଇଥାନ୍ତି, ସେମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପୁରୀ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଗଲା । ବାତ୍ୟା ପାଇଁ ସମସ୍ତ ପ୍ରକାର ପୂର୍ବପ୍ରସ୍ତୁତି କରାଗଲା ।

ତଥାପି ୩ ତାରିଖ ସକାଳ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସମୟରେ ଏହା ଭିନ୍ନ ଭିନ୍ନ ସ୍ଥାନରେ ସ୍ଥଳଭାଗରେ ପହଞ୍ଚିବ ବୋଲି ପୂର୍ବାନୁମାନ ଲୋକଙ୍କ ମନରେ ଭୟ ସୃଷ୍ଟି କରିଥିଲା । ଶେଷରେ ଏହା ୩ ତାରିଖ ପୂର୍ବାହ୍ଣରେ ପୁରୀ ନିକଟରେ ସ୍ଥଳଭାଗ ଛୁଇଁଥିଲା । ଏବଂ ଏହାର ପ୍ରକୋପ ଏତେ ଥିଲା ଯେ ଦେଖଣାହାରୀ ମାନଙ୍କ ମତରେ ଏତେ ପ୍ରବଳ ପବନ ସମ୍ଭବତଃ ସରକାରୀ ଆକଳନ ଠାରୁ ଢେର୍ ଅଧିକ ହୋଇଥିଲା । ମାତ୍ର କେଇ ଘଣ୍ଟାର ବାତ୍ୟା, ପବନ ଓ ବର୍ଷାରେ ପୁରୀର ଭୂଗୋଳରେ ଅନେକ ପରିବର୍ତ୍ତନ ହୋଇଗଲା । ଅନେକ ସୁଉଚ୍ଚ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଟ୍ଟାଳିକା କ୍ଷତିଗ୍ରସ୍ତ ହେଲେ । ବିଦ୍ୟୁତ ପରିଚାଳନା ପାଇଁ ଖୁଣ୍ଟ, ମୋବାଇଲ୍ ଟାୱାର୍ ଦେଖିବାକୁ ମିଳିଲା ନାହିଁ ।

୩ ତାରିଖ ଅପରାହ୍ନ ହେଉ ହେଉ ବାତ୍ୟାର ପ୍ରଭାବ ଥମି ଆସିଥିଲା ଏବଂ ସେତେବେଳକୁ ପୁରୀ ରାଜ୍ୟର ଅନ୍ୟ ସହର ମାନଙ୍କଠାରୁ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଥିଲା ।

## ସ୍ମାର୍ଟ ସିଟି ବାତ୍ୟାର ଶୀକାର ହେଲା

ରାଜ୍ୟ ରାଜଧାନୀ ଭୁବନେଶ୍ୱର ବିଗତ ବର୍ଷମାନଙ୍କରେ ସ୍ମାର୍ଟ ସିଟିର ମାନ୍ୟତା ପାଇବା ଏବଂ ବିଶ୍ୱସ୍ତରରେ ପରିଚିତି ପାଇବା ଆମମାନଙ୍କ ପାଇଁ ବାସ୍ତବିକ ଗୌରବର ବିଷୟ ହୋଇଥିଲା । ଚଳିତ ବାତ୍ୟା ସମୟରେ ଭୁବନେଶ୍ୱରରେ ମଧ୍ୟ ଏହାର ପ୍ରଭାବ ପଡ଼ିବ ବୋଲି କୁହାଯାଇଥିଲା । ବାୟୁର ବେଗ ୧୦୦ କିମି ପର୍ଯ୍ୟନ୍ତ ହୋଇପାରେ ବୋଲି ପୂର୍ବାନୁମାନ ହୋଇଥିଲା, ବୋଧହୁଏ ସେଇଥିପାଇଁ ଅନେକ ରାଜଧାନୀବାସୀ ଏହାକୁ ଗମ୍ଭୀରତାର ସହ ନେଇ ନଥିଲେ । ବାତ୍ୟା ଆସିବା ପରେ ପବନର ବେଗ ଅସମ୍ଭାଳ ହେବା ଏବଂ ଏହାକୁ ନେଇ ରାଜଧାନୀରେ ହୋଇଥିବା କ୍ଷୟକ୍ଷତି ପରେ ଏବେ ଚତୁର୍ଦ୍ଦିଗରେ କେବଳ ହାହାକାର ହିଁ ଶୁଣିବାକୁ ମିଳୁଛି ।

ପୂର୍ବରୁ ପ୍ରସ୍ତୁତ ହୋଇ ନଥିବା ସହରବାସୀଙ୍କ ପାଇଁ ବାତ୍ୟା ପରବର୍ତ୍ତି ସମୟ ଏବେ ଦୁର୍ବିସହ ହୋଇ ପଡ଼ିଛି । ବାତ୍ୟା ପରେ ପାଞ୍ଚଦିନ ବିତିଯାଇଥିଲେ ସୁଦ୍ଧା ସହରରେ ବିଦ୍ୟୁତ ସରବରାହ ସାମାନ୍ୟ ହୋଇନାହିଁ । ମୋବାଇଲ୍ ଯୋଗାଯୋଗ ଆଜି କିଛି ମାତ୍ରାରେ ସାମାନ୍ୟ ହୋଇଥିଲେ ସୁଦ୍ଧା ବିଦ୍ୟୁତ ଅଭାବରୁ ମୋବାଇଲ୍ ଚାର୍ଜ୍ କରି ହେଉନାହିଁ । ଘରେ ଜଳାଭାବ ଯୋଗୁଁ ଜନ ଅସନ୍ତୋଷ ବ୍ୟାପ୍ତ ହେବାରେ ଲାଗିଛି । ସରକାରଙ୍କ ସମସ୍ତ ଉଦ୍ୟମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ୍ତ୍ୱେ ଅନେକ ସ୍ଥାନରେ ଲୋକମାନେ ଆନ୍ଦୋଳନ କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ବାତ୍ୟା ପରବର୍ତ୍ତୀ ସମୟରେ ଲାଭଖୋର ବ୍ୟବସାୟୀ ମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି ଏବଂ ପନିପରିବା ଦର ଆକାଶ ଛୁଆଁ ହୋଇଥିବା ବେଳେ ପାଣି ପାଇଁ ଲୋକମାନେ ଉହଳ ବିକଳ ହେଉଛନ୍ତି । ପରିବାରର ଦୈନିକ ସର୍ବନିମ୍ନ ଆବଶ୍ୟକତା ପାଇଁ ମଧ୍ୟ ଜଳାଭାବ ଦେଖାଦେଇଛି । ପିଇବାପାଣି ପାଇଁ ଗୋଟିଏ ଗୋଟିଏ ପରିବାର ଦୈନିକ ପାଞ୍ଚଶହରୁ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି । ମୋବାଇଲ୍ ଚାର୍ଜ କରିବା ପାଇଁ ଘଣ୍ଟାକୁ କୋଡ଼ିଏରୁ ପଚାଶ ଟଙ୍କା, କ୍ଷୀର ପ୍ୟାକେଟ୍ ପିଛା ପଚାଶ ଟଙ୍କା, ଆଳୁ କିଲୋ ପଚିଶି ଟଙ୍କା, ଅଣ୍ଡା ଗୋଟିଏ କୁ ଦଶରୁ କୋଡ଼ିଏ ଟଙ୍କାରେ ବିକ୍ରୀ ହେଉଛି । ଏହି ସବୁ ସମୟରେ ସବୁଠାରୁ ଅଧିକ କଷ୍ଟ ଦେଇଛି, ଆମ ମାନଙ୍କର ପ୍ଲାଷ୍ଟିକ୍ କରେନ୍ସି ବ୍ୟବହାରର ଅଭ୍ୟାସ । ଆଜିକାଲି ସବୁ କାର୍ଯ୍ୟ ପାଇଁ ଡେବିଟ୍ କିମ୍ବା କ୍ରେଡ଼ିଟ୍ କାର୍ଡ୍ ବ୍ୟବହାରରେ ଅଭ୍ୟସ୍ତ ଆଧୁନିକ ଯୁବଗୋଷ୍ଠୀ ତଥା ସର୍ବସାଧାରଣ ନିକଟରେ ଖର୍ଚ୍ଚ କରିବା ପାଇଁ ଆବଶ୍ୟକ ଅର୍ଥ ରଖିନାହାନ୍ତି ଏବଂ ଏହି ସମୟରେ ସହରର ସମସ୍ତ ଏଟିଏମ୍ ମେସିନ୍ ଅଚଳ ହୋଇ ପଡ଼ିଛି । ନଗଦ ନ ଦେଲେ କୌଣସି ଜିନିଷ କିଣି ହେଉନାହିଁ । ଶୁଣାଯାଉଛି ଆଜି ପାଞ୍ଚଦିନ ପରେ ଆଇସିଆଇସିଆଇ ବ୍ୟାଙ୍କରେ ଟଙ୍କା ଉଠାଣ ବ୍ୟବସ୍ଥା କରାଯାଇଥିଲା ଏବଂ ସେଠାରେ ଟଙ୍କା ଉଠାଇବା ପାଇଁ ଶହ ଶହ ସଂଖ୍ୟାରେ ଲୋକ ଗହଳି ହୋଇଥିଲେ ।

ବାତ୍ୟା ପରେ କିନ୍ତୁ ସୋସିଆଲ୍ ମିଡ଼ିଆରେ ସରକାରଙ୍କ ନିନ୍ଦା କରିବାକୁ ଅନେକ ବୁଦ୍ଧିଜୀବି ନିଜର ଅଧିକାର ବୋଲି ଧରି ନେଇଛନ୍ତି । କାହିଁକି ବାତ୍ୟା ପରେ ତୁରନ୍ତ ବିଦ୍ୟୁତ ସରବରାହ ହେଉନାହିଁ, ଜଳ ଯୋଗାଣ ହେଉନାହିଁ ଏମିତି ଅନେକ ଦାବୀକୁ ନେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାରଙ୍କୁ ନିନ୍ଦା କରୁଛନ୍ତି । ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଅନେକ ପ୍ରକାରର ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ଜନୈକ ବନ୍ଧୁଙ୍କ ମତରେ ଭୁବନେଶ୍ୱରରେ ଯେଉଁମାନେ ବଡ଼ ସୁଉଚ୍ଚ ଅଟ୍ଟାଳିକାରେ ରହୁଛନ୍ତି ସେମାନେ ନିଜ ପାଇଁ ଜେନେରେଟର ବ୍ୟବସ୍ଥା କରିପାରିଛନ୍ତି, ଯେଉଁମାନେ ତଳିଆ ବା ବସ୍ତିବାସିନ୍ଦା ରହିଲେ ସେମାନଙ୍କୁ ଦୁଇଓଳି ରନ୍ଧା ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଉଛି ତେଣୁ କେହି ମଧ୍ୟ ବାତ୍ୟା ପରବର୍ତ୍ତୀ କାର୍ଯ୍ୟରେ ସହଯୋଗ କରୁନାହାନ୍ତି । ଏହିଭଳି ସମୟରେ ବିଗତ ବର୍ଷମାନଙ୍କରେ ଗଞ୍ଜାମରେ ହୋଇଥିବା ବାତ୍ୟା ପରବର୍ତ୍ତୀ ଥଇଥାନ କାର୍ଯ୍ୟକ୍ରମକୁ ସେମାନେ ଦୃଷ୍ଟାନ୍ତ ଭାବରେ ନେବାପାଇଁ ଅନେକ ମତ ପୋଷଣ କରୁଛନ୍ତି । ଫାଇଲିନ୍ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ସହରରେ ପ୍ରାୟ ଦୁଇରୁ ତିନି ସପ୍ତାହ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ଥିଲା, ହୋଇଥିବା କ୍ଷୟକ୍ଷତିର ଆକଳନ ପରେ ରାସ୍ତା ସଫା କରିବା, ବିଦ୍ୟୁତ ଖୁଣ୍ଟ ସଜାଡ଼ିବା, ନାଳ ସଫା କରିବା ଇତ୍ୟାଦି କାମରେ ସହରବାସୀ ସ୍ୱେଚ୍ଛାକୃତ ଭାବରେ ଲାଗି ପଡ଼ିଥିଲେ । ବିଳମ୍ବ ପାଇଁ କାହାକୁ ଦୋଷାରୋପ କରିବା ପରିବର୍ତ୍ତେ ନିଜେ ହିଁ ସମସ୍ତ କାର୍ଯ୍ୟକୁ କରିଥିଲେ, ତେଣୁ ପୁନରୋଥାନ କାମ ଖୁବ ଶୀଘ୍ର ହୋଇପାରିଥିଲା । ତଥାପି ଭୁବନେଶ୍ୱର ଅଞ୍ଚଳରେ ସପ୍ତାହକେ ମଧ୍ୟରେ ବିଦ୍ୟୁତ ଦିଆଯିବ ବୋଲି ଘୋଷଣା ହୋଇଛି । ଯାହା ଏକ ବଡ଼ ଧରଣର ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ ।

ନିଶ୍ଚିତ ଭାବରେ ବାତ୍ୟା ପ୍ରପୀଡ଼ିତଙ୍କ ଦୁଃଖ ସମସ୍ତେ ବୁଝିପାରିବେ ନାହିଁ । କିନ୍ତୁ ଏହି ସମୟରେ ଧୈର୍ଯ୍ୟହରା ନ ହୋଇ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟକଲେ ହିଁ ଆମେ ନିଜେ ନିଜ ସହରକୁ ସଜାଡି ପାରିବା । ପୂର୍ବବର୍ଷ ମାନଙ୍କ ତୁଳନାରେ ସରକାର ଏବ ଅଧିକ ସକ୍ରିୟ ଅଛନ୍ତି ଏବଂ ଏହିଭଳି ଅନେକ ପ୍ରାକୃତିକ ଦୁର୍ବିପାକ ସମୟରେ ଓଡ଼ିଶାରେ କାର୍ଯ୍ୟ କରି ବିଶ୍ୱ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦରବାରରେ ସମ୍ମାନିତ ହୋଇଛନ୍ତି, ତେଣୁ ଧୈର୍ଯ୍ୟ ଧରନ୍ତୁ । ସରକାରଙ୍କ କାର୍ଯ୍ୟରେ ସହଯୋଗ କରନ୍ତୁ ।

## ବାତ୍ୟାପାଇଁ ସହଯୋଗର ହାତ ବଢ଼ାଇଲେ କେନ୍ଦ୍ର ସରକାର

ଫାନୀ ବାତ୍ୟାର ସମ୍ଭାବ୍ୟ କ୍ଷୟକ୍ଷତିକୁ ଆଖି ଆଗରେ ରଖି ବାତ୍ୟା ହେବାପୂର୍ବରୁ କେନ୍ଦ୍ର ସରକାର ଓଡ଼ିଶାକୁ ସାଢ଼େ ତିନିଶହ କୋଟି ଟଙ୍କାର ଏକ ସହାୟତା ରାଶି ଦେଇଥିଲେ । କିନ୍ତୁ ବାତ୍ୟାର ବିଭୀଷିକାକୁ ଉପଲବ୍ଧି କରିବାପରେ ବିଗତ ଛଅ ତାରିଖରେ ଓଡ଼ିଶା ଆସି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆକାଶ ମାର୍ଗରୁ କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ଓଡ଼ିଶାପାଇଁ ଆଉ ଏକହଜାର କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି । ଏହା ସହିତ ବାତ୍ୟା ପରବର୍ତ୍ତୀ କାଳର ବିଭିନ୍ନ କାର୍ଯ୍ୟରେ ସହାୟତା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଦେବେ ବୋଲି ମଧ୍ୟ ପ୍ରତିଶୃତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବାତ୍ୟା ପରିଚାଳନା ପାଇଁ ଓଡ଼ିଶା ସରକାରଙ୍କ ଭୂୟସୀ ପ୍ରଶଂସା କରିଛନ୍ତି ।

## ବାତ୍ୟା ପରେ ଜନ ଅସନ୍ତୋଷ

ଓଡ଼ିଆ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଖବର ଏବଂ କିଛି ମିଳିଥିବା ଖବର ଅନୁଯାୟୀ ଅନେକ ସ୍ଥାନରେ ଲୋକମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବାତ୍ୟାପରେ ସରକାରଙ୍କ କାର୍ଯ୍ୟ ପ୍ରଣାଳୀରେ ଅସନ୍ତୋଷ ଅନେକ ଲୋକ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛନ୍ତି । ଶୁଣାଯାଇଥିବା ଖବର ଅନୁଯାୟୀ କଟକରେ ଅସନ୍ତୋଷ ଲୋକମାନେ ଲୁଟ ତରାଜ ଚଳାଇ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନରୁ ବିଭିନ୍ନ ପ୍ରକାରର କିରାଣା ସାମଗ୍ରୀ ଲୁଟି ନେଇଥିବା ଜଣାଯାଇଛି । ପୁରୀ ସହରରେ ବାତ୍ୟା ପରବର୍ତ୍ତୀ ସମୟରେ ଲୋକମାନେ ବନ୍ଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆୟୋଜନ କରି ପୁରୀକୁ ଆସୁଥିବା ବିଭିନ୍ନ ଯାନବାହାନର କାଚ ଗୁଡ଼ିକୁ ଭାଙ୍ଗିଦେବା ଭଳି ଖବର ଓ ଦୃଶ୍ୟ ଅତ୍ୟନ୍ତ ଅଶାଳୀନ ଓ ରାଜ୍ୟର ଛବିକୁ କଦର୍ଯ୍ୟ କରୁଥିବା ମନେ ହେଉଥିଲା ।

ବାତ୍ୟା ପରବର୍ତ୍ତୀ ସମୟରେ ଓଡ଼ିଶାରେ ଓଡ୍‌ରାଫ୍ ଦଳ ଏବଂ କେନ୍ଦ୍ରୀୟ ଦଳ ମାନେ ରକ୍ଷଣାବେକ୍ଷଣ କାର୍ଯ୍ୟ ଯଥା ସମ୍ଭବ ତ୍ୱରାନ୍ୱିତ ବେଗରେ କରୁଥିବାର ଖବର ମିଳୁଥିବା ବେଳେ ଲୋକମାନେ କିନ୍ତୁ ଧୈର୍ଯ୍ୟହରା ହୋଇ ପଡୁଥିବା ଦେଖିବାକୁ ମିଳୁଛି । ଏହା ଏକ ବିପର୍ଯ୍ୟୟ ସମୟ ଏବଂ ଏହା ମନୁଷ୍ୟକୃତ ନୁହେଁ । ପ୍ରାକୃତିକ ବିପର୍ଯ୍ୟୟକୁ ସମସ୍ତେ ଯେଉଁଭଳି ସାମନା କରୁଛନ୍ତି ଆମେ ସମସ୍ତେ ଠିକ୍ ସେମିତି ସମ୍ମୁଖୀନ କରିବା ଉଚିତ । ଆକ୍ରୋଶ ବା କ୍ରୋଧ କରିବା ଦ୍ୱାରା କୌଣସି ସମସ୍ୟାର ସମାଧାନ ହେବ ନାହିଁ ।

ଆଉ କିଛି ଲୋକ ସବୁ କଥାରେ ସରକାରଙ୍କୁ ନିନ୍ଦା କରିବାକୁ ପଛାଉନାହାନ୍ତି । ସରକାର ଯଥାସମ୍ଭବ ଚେଷ୍ଟା କରୁଛନ୍ତି କିନ୍ତୁ ଲୋକମାନେ ଯଦି ସବୁକିଛି ରାତାରାତି ହୋଇଯିବ ବୋଲି ଆଶା କରିବେ ତାହା ଅସମ୍ଭବ ମାତ୍ର ।

## ମୁଖ୍ୟମନ୍ତ୍ରୀ ଦେଲେ ବର୍ଷକର ଦରମା

ଓଡ଼ିଶାର ବାତ୍ୟା ପ୍ରପୀଡ଼ିତଙ୍କ ସହାୟତାପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଜର ଏକ ବର୍ଷର ଦରମା ପ୍ରଦାନ କରିଛନ୍ତି । ଏହା ଏକ ବିରାଟ ପଦକ୍ଷେପ । ଏହି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଯଦି ବା ଭାରତରେ ବିରଳ ନୁହେଁ, ଅତୀତରେ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ଦରମା ପ୍ରଦାନ କରିବାର ଉଦାହରଣ ଦେଖିବାକୁ ମିଳେ, କିନ୍ତୁ ବର୍ଷକର ଦରମା ଦେବାରେ ନବୀନ ପଟ୍ଟନାୟକ ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ବାତ୍ୟାକୁ ନେଇ ଅସହ୍ୟ ରାଜନୀତି

"ବାତ୍ୟା କାହିଁକି ପୁରୀରେ ହେଲା ? ଯେହେତୁ ପୁରୀରେ ପଣ୍ଡାମାନଙ୍କ ଦୌରାତ୍ମ୍ୟ ବହୁ ମାତ୍ରାରେ ବୃଦ୍ଧି ପାଇଥିଲା ସେମାନଙ୍କ ଦର୍ପକୁ ଦଳନ କରିବାପାଇଁ ମହାପ୍ରଭୁ ନିଜେ ଏହି ବାତ୍ୟା କରାଇଥିଲେ । ନବକଳେବର ସମୟରେ ଏମାନେ ଯେଉଁଭଳି ଆମେ ବ୍ରହ୍ମ ଦେଖିଛୁ ବୋଲି କହି ନାଟକ କରିଥିଲେ, ରାତିରେ ହେବାର କାର୍ଯ୍ୟକୁ ଦିନର ଆଲୋକରେ ବ୍ରହ୍ମ ପରିବର୍ତ୍ତନ କରିଥିଲେ ସେମାନଙ୍କ ସହ ନ୍ୟାୟ ଏଭଳି ହିଁ ହେବ । ଦିନକୁ ଦିନ ଶ୍ରୀମନ୍ଦିରରେ ଅନୈତିକତା ବ୍ୟାପୀବାରେ ଲାଗିଛି, ସେ ସବୁର ଉତ୍ତର ଏହି ବାତ୍ୟା ।" ଏହିଭଳି ଅନେକ ସନ୍ଦେଶ ସୋସିଆଲ୍ ମିଡ଼ିଆରେ ଘୁରିବୁଲୁଛି । ଏହା ବାତ୍ୟାକୁ ନେଇ ଅଶାଳୀନ ଆଲୋଚନା ମାତ୍ର । ବାତ୍ୟା ପ୍ରପୀଡ଼ିତ କେବଳ ପୁରୀ ଶ୍ରୀମନ୍ଦିରର ପଣ୍ଡାମାନେ ହିଁ ହୋଇନାହାନ୍ତି, ସମଗ୍ର ପୁରୀ ଜିଲ୍ଲା ଏହି ବିପର୍ଯ୍ୟୟକୁ ସହିଛି । ତେଣୁ ଏହିଭଳି ମନ୍ତବ୍ୟକୁ ଆମେ ନିନ୍ଦା କରୁ ।

ବାତ୍ୟା ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶାର କିଛି ହ୍ୱାଟ୍‌ସାଆପ୍ ଗ୍ରୁପରେ ଯେଉଁଭଳି ଭାବରେ ବାର୍ତ୍ତା ସବୁ ପ୍ରେରଣ କରାଗଲା ତାହାକୁ ଦେଖିଲେ ଯେ କୌଣସି ବ୍ୟକ୍ତି ନିଜର କ୍ରୋଧକୁ ସମ୍ଭାଳି ପାରିବ ନାହିଁ । କଟକିଆ ବୋଲି ସମ୍ବୋଧନ କରୁଥିବା କିଛି ଗୋଷ୍ଠୀ ଏହି ବାତ୍ୟା ହୋଇ ଭଲ ହୋଇଛି ବୋଲି ଦର୍ଶାଇ ଅନେକ ଅଶ୍ଳୀଳ ଓ ଅରୁଚିକର ମନ୍ତବ୍ୟ ସବୁ ପଠାଇଥିଲେ । ଆଶ୍ଚର୍ଯ୍ୟ ଲାଗୁଛି ଯେତେବେଳେ ସମୁଦାୟ ଓଡ଼ିଶାରେ ଏହି ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି ସେହି ସମୟରେ ଆମ ରାଜ୍ୟର ହିଁ କିଛି ଅଞ୍ଚଳର ଲୋକ ଏହାକୁ ନେଇ କିଭଳି ଏତେ ନ୍ୟୁନ ସ୍ତରର ଆକ୍ଷେପ ଓ ମନ୍ତବ୍ୟ ଦେଇ ପାରୁଛନ୍ତି । ଏହାକୁ ମୁଁ ବ୍ୟକ୍ତିଗତ ଭାବରେ ନିନ୍ଦା କରୁଛି । ଯଦି ପାରୁଛ ସହାୟତା କର, ନହେଲେ ପ୍ରାର୍ଥନା କର । କିନ୍ତୁ ବାତ୍ୟା ପ୍ରପୀଡ଼ିତଙ୍କୁ ହାସ୍ୟର ପାତ୍ର ଭାବରେ ଦର୍ଶାଅ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାହୁଲ ଗାନ୍ଧୀଙ୍କୁ ସୁପ୍ରିମ୍ କୋର୍ଟଙ୍କ ଭର୍ତ୍ସନା

ଚଳିତ ସର୍ବସାଧାରଣ ନିର୍ବାଚନ ସମୟରେ ମିଥ୍ୟା କହିଥିବା ଅଭିଯୋଗରେ ରାହୁଲ ଗାନ୍ଧୀଙ୍କୁ ସୁପ୍ରିମ୍ କୋର୍ଟ୍ ଭର୍ତ୍ସନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ରାଫେଲ୍ ସଉଦା ଉପରେ ସୁପ୍ରିମ୍ କୋର୍ଟଙ୍କ ମନ୍ତବ୍ୟକୁ ଆଧାର କରି ରାହୁଲ ଗାନ୍ଧୀ କହିଥିଲେ ଯେ ସୁପ୍ରିମ୍ କୋର୍ଟ୍ ମଧ୍ୟ ମାନିଛନ୍ତି ଯେ 'ଚୌକିଦାର ହିଁ ଚୋର' । ଏହାକୁ ନେଇ ସୁପ୍ରିମ୍ କୋର୍ଟରେ ଆଗତ ଏକ ମାମଲାର ଶୁଣାଣୀ କରି ମୁଖ୍ୟନ୍ୟାୟାଧୀଶ ଶ୍ରୀ ରଞ୍ଜନ ଗୋଗୋଇ ରାହୁଲ ଗାନ୍ଧୀଙ୍କୁ ନୋଟିସ୍ ଜାରୀ କରିଥିଲେ ଏବଂ ଏହାପରେ ଶ୍ରୀ ଗାନ୍ଧୀ ନିଜ ଓକିଲଙ୍କ ସହାୟତାରେ କୋର୍ଟରେ ଭୁଲ ହୋଇଥିବା କହି ଏକ ପତ୍ର ଦାଖଲ କରିଥିଲେ କିନ୍ତୁ ସେହି ପତ୍ରରେ ଗୋଟିଏ ସ୍ଥାନରେ ଶ୍ରୀ ଗାନ୍ଧୀ ଭୁଲ କରିଥିବା କଥା ମାନିଥିଲେ ସୁଦ୍ଧା ଅନ୍ୟ ଏକ ସ୍ଥାନରେ ସେ ଭୁଲ କରିନାହାନ୍ତି ବୋଲି ଉଲ୍ଲେଖ କରିଥିବା କଥା ଜଣାପଡ଼ିଥିଲା । ଏହାକୁ ନେଇ ନ୍ୟାୟାଧୀଶ ଓକିଲଙ୍କୁ ପୁନର୍ବାର ନୋଟିସ ଦେଇଥିଲେ । ଏହାର ଶୁଣାଣୀ ଆଗାମୀ ଦଶ ତାରିଖରେ ହେବ ବୋଲି ଜଣାଯାଇଛି ।

ସୂଚନାଯୋଗ୍ୟ ଯେ ରାଫେଲ୍ ସଉଦା ଉପରେ ବିରୋଧୀ କଂଗ୍ରେସ୍ ଦଳ ସରକାରଙ୍କୁ ଭ୍ରଷ୍ଟାଚାର କରିଥିବା କହି ସୁପ୍ରିମ୍ କୋର୍ଟକୁ ଟାଣି ନେଇଥିଲେ ଏବଂ ସେଠାରେ ସୁପ୍ରିମ୍ କୋର୍ଟ୍ ମାମଲାର ଶୁଣାଣୀ ପାଇଁ ରାଜି ହୋଇଥିଲେ ଏହାକୁ ନୈତିକ ବିଜୟ ବୋଲି ଧରିନେଇ ଶ୍ରୀ ଗାନ୍ଧୀ ନିର୍ବାଚନୀ ସଭାରେ ଘୋଷଣା କରି କହିଥିଲେ ଯେ 'ଏବେ ସୁପ୍ରିମ୍ କୋର୍ଟ୍ ବି ମାନିଛନ୍ତି ଯେ ଚୌକିଦାର ହିଁ ଚୋର' । ଦେଶର ପ୍ରଧାନମନ୍ତ୍ରୀଙ୍କ ପ୍ରତି ଏହି ଭଳି ବାରମ୍ବାର ଚୌକିଦାର ହିଁ ଚୋର ଆକ୍ଷେପ କରି ଶ୍ରୀ ଗାନ୍ଧୀ ଭୂଲ କରୁଛନ୍ତି ବୋଲି ସାଂସଦ ମୀନାକ୍ଷୀ ଲେଖୀ ସୁପ୍ରିମ୍ କୋର୍ଟରେ ଏକ ମାମଲା ଆଗତ କରିଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଶ୍ରୀ ଗାନ୍ଧୀ ପୁଣି ଏକ ଦସ୍ତାବେଜ ଅଦାଲତରେ ଜମା କରି ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି । କିନ୍ତୁ ଏହି ମାମଲାର ଶୁଣାଣୀ ମାନ୍ୟବର ନ୍ୟାୟାଳୟ ଆଗାମୀ ଦଶ ତାରିଖକୁ ରଖିଛନ୍ତି । ତେଣୁ ଦେଖାଯାଉ କଣ ହେଉଛି ।

## ସୁପ୍ରିମ୍ କୋର୍ଟ୍ ମୁଖ୍ୟନ୍ୟାୟାଧୀଶଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ମାମଲା

ସୁପ୍ରିମ୍ କୋର୍ଟର ମୁଖ୍ୟ ନ୍ୟାୟାଧୀଶ ଶ୍ରୀ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଏକ ଯୌନ ଉତ୍ପୀଡ଼ନ ମାମଲା ରୁଜୁ ହୋଇଥିଲା । ସୁପ୍ରିମକୋର୍ଟରେ କାର୍ଯ୍ୟ କରୁଥିବା ଜଣୈକା ମହିଳା କର୍ମଚାରୀ ଅଭିଯୋଗ କରିଥିଲେ ଯେ ଶ୍ରୀ ଗୋଗୋଇ ତାଙ୍କୁ ଅତୀତରେ ନିଜ ପ୍ରକୋଷ୍ଠରେ କାମ କରିବା ବାହାନାରେ ଯୌନ ଉତ୍ପୀଡ଼ନ ଦେଇଥିଲେ । ଏହାପରେ ଏହାକୁ ନେଇ ତୁରନ୍ତ ଏକ କମିଟି ଗଠନ କରାଯାଇ ସମଗ୍ର ମାମଲାର ଶୁଣାଣୀ କରାଯାଇଥିଲା ଏବଂ ଶ୍ରୀ ଗୋଗୋଇଙ୍କୁ ଅଭିଯୋଗ ମୁକ୍ତ ଘୋଷଣା କରାଯାଇଥିଲା ।

ଏହି ଖବର ପରେ ସୋସିଆଲ୍ ମିଡ଼ିଆ ସକ୍ରିୟ ହୋଇ ପଡ଼ିଥିଲା ଏବଂ ଏହାକୁ 'ମି ଠୁ !' କ୍ୟାମ୍ପେନ୍‌ର ପୁନରାବୃତ୍ତି ବୋଲି କୁହାଯାଇଥିଲା । ନ୍ୟାୟାଧୀଶଙ୍କ ତରଫରୁ ଅଫିସରେ କାମ କରୁଥିବା ମହିଳା କର୍ମଚାରୀଙ୍କ ପ୍ରବେଶ ଉପରେ ଅଙ୍କୁଶ ଲଗାଯାଇଥିଲା । ଏହାକୁ ଦେଖି ଜଣୈକ ବ୍ୟକ୍ତି ଟ୍ୱିଟରରେ ଲେଖିଥିଲେ ଯେ 'ଆୟାପ୍ପା ମଧ୍ୟ ନିଜ ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ମନା କରିଥିଲେ, କିନ୍ତୁ ଆପଣ ଶୁଣିନଥିଲେ...' । ସେ ଯା ହେଉ ଏହି ମାମଲାର ତଦନ୍ତ ଚାଲୁଥିବା ବେଳେ ଅଭିଯୋଗ ଆଣିଥିବା ମହିଳା ଅସହଯୋଗ କରିଥିଲେ ଏବଂ ମାମଲାର ଶୁଣାଣୀ ପରେ ସେ ପୁଣିଥରେ ସମ୍ପୂର୍ଣ୍ଣ ମାମଲା ସମ୍ବନ୍ଧିତ କାଗଜପତ୍ର ପାଇବା ପାଇଁ ଦାବୀ କରୁଥିବା ସଦ୍ୟପ୍ରାପ୍ତ ଖବରରେ ଜଣାପଡ଼ିଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ଦେବାଳିଆ ହେଲା ଜେଟ୍ ଏୟାରୱେଜ୍

ଦେଶରେ ବିମାନ ସେବାରେ ପ୍ରମୁଖ ନାମ ଜେଟ୍ ଏୟାରୱେଜ୍ ଦେବାଳିଆ ସ୍ଥିତିରେ ପହଞ୍ଚିବା ପରେ ବିଗତ ମାସର ୧୭ ତାରିଖରୁ ଏହାର ସମସ୍ତ ଦେଶ ଓ ବିଦେଶ ସେବାକୁ ସ୍ଥଗିତ କରିଦେଇଥିଲା । ଏହାପରେ ଏହି ବିମାନ ସେବା ସଂସ୍ଥାର ଅଗଣିତ କର୍ମଚାରୀ ଅନିଶ୍ଚିତ ଭବିଷ୍ୟତକୁ ନେଇ ଚିନ୍ତାଗ୍ରସ୍ତ ହୋଇ ପଡ଼ିଛନ୍ତି । ଅନ୍ୟୁନ ପାଞ୍ଚଶହ ବୈମାନିକ କର୍ମଚାରୀ ଏବଂ ହଜାର ହଜାର ପରିବାର ଅନିଶ୍ଚିତତା ମଧ୍ୟରେ କାଳାତିପାତ କରୁଛନ୍ତି । ଅନ୍ୟ ଏକ ବିମାନ ସେବା ସଂସ୍ଥା ଭିସ୍ତାରା ତରଫରୁ ଜେଟ୍‌ରେ କାମ କରୁଥିବା କିଛି ପାଇଲଟଙ୍କୁ ସେବା ଯୋଗାଇ ଦିଆଯାଇଛି ତଥାପି ଅନେକ ବର୍ତ୍ତମାନ ବେକାର ହୋଇଯାଇଛନ୍ତି ସେଥିପାଇଁ ସେମାନେ ସୁପ୍ରିମ୍ କୋର୍ଟକୁ ଅନୁରୋଧ କରିଛନ୍ତି ଯେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ କହି କିଛି ଅନ୍ତରୀଣ ବ୍ୟବସ୍ଥା କରିଲେ ସେମାନଙ୍କ ପରିବାର ପ୍ରତିପୋଷଣ କରିହେବ ।

## ଶ୍ରୀଲଙ୍କାରେ ଆତଙ୍କବାଦୀ ଆକ୍ରମଣ

ଅପ୍ରେଲ୍ ୨୧ ତାରିଖ, ଖ୍ରୀଷ୍ଟିୟାନ୍ ମାନଙ୍କ ପବିତ୍ର ଇଷ୍ଟର ରବିବାର ପାଳନ ହେଉଥିବା ସମୟରେ ଭାରତର ଦକ୍ଷିଣରେ ଥିବା ଶ୍ରୀଲଙ୍କାରେ ଅନ୍ୟୁନ ତିନୋଟି ପ୍ରମୁଖ ଗୀର୍ଜାଘର ଏବଂ ଅନେକ ହୋଟେଲରେ ବୋମାବିସ୍ଫୋରଣ ଯୋଗୁଁ ଶତାଧିକ ନିରୀହ ଲୋକଙ୍କ ପ୍ରାଣହାନୀ ହୋଇଥିଲା । ବୋମା ବିସ୍ଫୋରଣ ପରେ ଏହି ଦ୍ୱୀପ ଦେଶରେ ଭୟଙ୍କର ସ୍ଥିତି ଉତ୍ପନ୍ନ ହୋଇଥିଲା । ପ୍ରାରମ୍ଭିକ ତଦନ୍ତରୁ ଏହା ଏକ ଇସ୍‌ଲାମିକ୍ ସଂଗଠନ ଦ୍ୱାରା ହୋଇଥିବା ଜଣାପଡ଼ିଥିଲେ ବି ପରେ ଏଥିରେ ପ୍ରତିବନ୍ଧିତ ଆଇଏସ୍ ସଂଗଠନର ହାତ ଥିବା ଜଣାପଡ଼ିଥିଲା । ଶ୍ରୀଲଙ୍କା ସରକାର ତ୍ୱରାନ୍ୱିତ ଭାବେ ତଦନ୍ତ କରି ଅନ୍ୟୁନ ପଚିଶି ଜଣଙ୍କୁ



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗିରଫ କରିଥିଲେ । ଧିରେ ଧିରେ ଅବସ୍ଥା ସାମାନ୍ୟ ହୋଇ ଆସୁଥିଲେ ସୁଦ୍ଧା ଏହି ଦେଶରେ ବର୍ତ୍ତମାନ ଧାର୍ମିକ ହିଂସା ବୃଦ୍ଧି ପାଇବାରେ ଲାଗିଛି । ଶ୍ରୀଲଙ୍କାରେ ରହୁଥିବା ମୁସଲମାନ୍ ମାନଙ୍କୁ ଦେଶ ଛାଡ଼ି ଯିବାପାଇଁ ଏକ ରକମ ବାଧ୍ୟ କରାଯାଉଛି । ଅପେକ୍ଷାକୃତ ଶାନ୍ତିପ୍ରିୟ ଶ୍ରୀଲଙ୍କାରେ ଏହିଭଳି କୁକର୍ମକୁ ସବୁ ସ୍ତରରେ ନିନ୍ଦା କରାଯାଇଛି ଏବଂ ବିଶ୍ୱବ୍ୟାପୀ ସମସ୍ତ ଦେଶ ଏହି ଘଟଣାକୁ ନିନ୍ଦା କରିଛନ୍ତି ।

## ମୌଲାନା ମସୁଦ୍ ଅଝର୍ ଏବେ ବିଶ୍ୱ ଆତଙ୍କୀ ତାଲିକାରେ ସାମିଲ୍

ସଂଯୁକ୍ତରାଷ୍ଟ୍ର ସୁରକ୍ଷା ପରିଷଦ ଏକ ଘୋଷଣାରେ ପାକିସ୍ଥାନ ସ୍ଥିତ ଜୈଶ୍-ଏ-ମୋହମ୍ମଦର ପ୍ରମୁଖ ମୌଲାନା ମସୁଦ୍ ଅଝରକୁ ବିଶ୍ୱ ଆତଙ୍କୀ ବୋଲି ଘୋଷଣା କରିଛନ୍ତି । ଏହା ଭାରତର ଏକ ବିରାଟ କୂଟନୈତିକ ବିଜୟ ବୋଲି କୁହାଯାଉଛି । ଅତୀତରେ ଯେତେବେଳେ ବି ମାସୁଦ୍ ଅଝର ବିଷୟରେ ଚର୍ଚ୍ଚା ହେଉଥିଲା ଚୀନ ନିଜର ଭିଟୋ ପାୱାର ବ୍ୟବହାର କରି ଏହି ମାମଲାକୁ ଚାପି ଦେଉଥିଲା କିନ୍ତୁ ଚଳିତ ସମୟରେ ଏହା ସମ୍ଭବ ହେଲାନାହିଁ, ଏବଂ ଫ୍ରାନ୍ସ୍, ଜର୍ମାନୀ, ଆମେରିକା ସମେତ ଅନେକ ଦେଶ ଏକତ୍ରିତ ଭାବରେ ମାସୁଦ୍ ଅଝରକୁ ବିଶ୍ୱ ଆତଙ୍କୀ ଘୋଷଣା କରିବାକୁ ବାଧ୍ୟ କରିଥିଲେ । ଭାରତ ଅତୀତରେ ମାସୁଦ୍ ଅଝରକୁ ଆତଙ୍କୀ ବୋଲି ଘୋଷଣା କରିବାକୁ ଦାବୀ କରି ଆସୁଥିଲା । ମୁମ୍ବାଇ ଆକ୍ରମଣ ହେଉ ବା ପୁଲୱାମା ଆକ୍ରମଣ ସବୁଠି ମାସୁଦ୍‌ର ହାତ ଥିବା କଥା ଭାରତ ଦାବୀ କରିଥିଲା ।

## ଓଡ଼ିଶାର ବାତ୍ୟାକୁ ରାଷ୍ଟ୍ରୀୟ ଗଣମାଧ୍ୟମଙ୍କ ଅବହେଳା

ବିଗତବର୍ଷ କେରଳ ହୋଇଥିବା ବନ୍ୟାକୁ ରାଷ୍ଟ୍ରୀୟ ଗଣମାଧ୍ୟମ ବହୁତ ପରିମାଣରେ ପ୍ରସାର କରିଥିଲେ ଏବଂ ସେଇଥିପାଇଁ ବନ୍ୟା ପରବର୍ତ୍ତୀ ସମୟରେ କେରଳକୁ ସହାୟତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଅ ଛୁଟିବାକୁ ଲାଗିଥିଲା । ବିଭିନ୍ନ ନେତା ଅଭିନେତା ସମେତ ସର୍ବସାଧାରଣ ଜନତା ମଧ୍ୟ ଦାନ ଦେଇଥିଲେ ଏବଂ ଏତେ ପରିମାଣର ଆର୍ଥିକ ସହାୟତା ଆସିଥିଲା ଯେ ପରବର୍ତ୍ତୀ ସମୟରେ ସେଇ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ମଧ୍ୟ ହୋଇଥିଲା । ସେ ଯା'ହେଉ ଅନ୍ୟର ଦୁଃଖ ବା କଷ୍ଟ ସମୟରେ ସହାୟତା କରିବା ସମସ୍ତ ମାନବଜାତିର ଧର୍ମ । କିନ୍ତୁ ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ ଯେ ଓଡ଼ିଶାରେ ଏତେ ବଡ଼ ବିପତ୍ତି ପଡ଼ିଥିବା ସମୟରେ କୌଣସି ରାଷ୍ଟ୍ରୀୟ ସ୍ତରର ଗଣମାଧ୍ୟମ ଏହାକୁ ପ୍ରାଥମିକତା ଭିତ୍ତିରେ ଦେଖାଇନଥିଲେ ।

କେରଳ ବନ୍ୟା ସମୟରେ ଅଯାଚିତ ଭାବରେ ଦାନ କରିବାପାଇଁ ଅନେକ ସମ୍ବାଦ ପ୍ରସାରଣ ହେଉଥିବା ବେଳେ ଓଡ଼ିଶା ବେଳକୁ ସବୁ ନିରବ ରହିଗଲେ । ଅନେକ ପ୍ରମୁଖ ବ୍ୟକ୍ତି କେରଳ ପାଇଁ କୋଟି କୋଟି ଟଙ୍କା ଦାନ କରୁଥିବା ବେଳେ ଓଡ଼ିଶା ବେଳକୁ ସେମାନେ ନିରବ ହୋଇଗଲେ । ଓଡ଼ିଶାବାସୀ ବିଗତ ଦିନରେ ହକି ବିଶ୍ୱକପ୍ ସମୟରେ ଓଡ଼ିଶା ଆସିବାପାଇଁ ଶାହରୁଖ୍ ଖାନ୍, ମାଧୁରୀ ଦୀକ୍ଷିତ, ସଲମାନ ଖାନ୍ ପ୍ରମୁଖ କୋଟି କୋଟି ଟଙ୍କା ନେଇଥିବା ବେଳେ ଓଡ଼ିଶାରେ ବିପତ୍ତି ସମୟରେ ସେମାନେ କୌଣସି ପ୍ରକାର ସହାୟତା ନ କରିବା ଅତ୍ୟନ୍ତ ଦୁଃଖର ବିଷୟ । ଶେଷ ଖବର ମିଳିବା ପର୍ଯ୍ୟନ୍ତ କେବଳ ଅଭିନେତା ଅକ୍ଷୟ କୁମାର ଓଡ଼ିଶାର ବାତ୍ୟା ବିପନ୍ନଙ୍କ ପାଇଁ ଏକ କୋଟି ଟଙ୍କା ପ୍ରଦାନ କରିଥିବା ଜଣାଯାଇଛି । ଆଶା କରାଯାଉଛି ଆଗାମୀ ଦିନରେ ଏହି ଅର୍ଥରାଶି ବୃଦ୍ଧି ପାଇବ ।

### ସହାୟତା ରାଶି ବିପନ୍ନଙ୍କୁ ମିଳିବ ତ ?

କିଛି ବନ୍ଧୁ ସାମାଜିକ ଗଣମାଧ୍ୟମରେ ଏକ ଅନ୍ୟ ସମ୍ବାଦର ପ୍ରସାରଣ କରୁଛନ୍ତି । ସେମାନଙ୍କ ମତରେ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ଟଙ୍କା ପଠାଇଲେ ତାହା ସମ୍ଭବତଃ ବାତ୍ୟା ବିପନ୍ନଙ୍କ କାର୍ଯ୍ୟରେ ବ୍ୟବହାର ନ ହୋଇ କାଳିଆ ଏବଂ ପିଠା ପରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ କରାଯାଇପାରେ । ତେଣୁ ଅର୍ଥ ଦାନ ନ କରି ବରଂ ବିଭିନ୍ନ ପ୍ରକାର ଦ୍ରବ୍ୟ ଆକାରରେ ଯଦି ସମ୍ଭବ ହେଉଛି ପ୍ରଦାନ କରାଯାଉ ।

ଶୁଣାଯାଉଛି ଚଳିତ ବର୍ଷ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ହୋଇଥିବା କାଳିଆ ଯୋଜନା ଏବଂ ପିଠା ଯୋଜନାରେ ବ୍ୟବହାର ହୋଇଥିବା ଅର୍ଥ କାଳେ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ନିଆଯାଇଛି । ଏବେ ବାତ୍ୟା ପରେ ଏହାକୁ ପରିଚାଳନା କରିବାପାଇଁ ଆବଶ୍ୟକ ଅର୍ଥର ଅଭାବ ଦେଖାଯାଉଛି । ଏହାର ସତ୍ୟାସତ୍ୟ ଆମେ ତ ଜାଣୁନା, କିନ୍ତୁ ଆମ ମତରେ ଅର୍ଥଠାରୁ ବି ଅଧିକ ଜରୂରୀ ହୋଇପଡ଼ିଛି ଆମର ବ୍ୟକ୍ତିଗତ ଶ୍ରମଦାନ ଏବଂ ସେବା । ଆସନ୍ତୁ ବାତ୍ୟାବିପନ୍ନଙ୍କ ପାଇଁ ଜରୂରୀ ଦ୍ରବ୍ୟ, ପୋଷାକପତ୍ର, ଚାଦର, ଲୁଗା, ଅତ୍ୟାବଶ୍ୟକ ସାମଗ୍ରୀ, ଚୁଡ଼ା, ଗୁଡ଼, ଶୁଖିଲା ଖାଦ୍ୟ ପଦାର୍ଥ, ଆଦି ଦାନ କରିବା ।

ଶେଷରେ ଓଡ଼ିଶାବାସୀଙ୍କୁ ଅନୁରୋଧ କରୁଛି ଯେ ବାତ୍ୟା ପରବର୍ତ୍ତୀ ସମୟରେ ଆମ ରାଜ୍ୟର ଭାଇଭଉଣୀ ମାନେ ଦୁଃଖକଷ୍ଟରେ ଥିବା ସମୟରେ ସେମାନଙ୍କୁ ଯଥାସମ୍ଭବ ସହାୟତା କରନ୍ତୁ । ଆମେ ସମସ୍ତେ ମିଳିମିଶି ପୁଣିଥରେ ଆମେ ରାଜ୍ୟର ଗୌରବ ଫେରାଇ ଆଣିବା ।

ଆହ୍ୱାନର ମଇ ମାସର ସଂସ୍କରଣ ଆପଣ ମାନଙ୍କୁ ଭଲ ଲାଗିବ ବୋଲି ଆଶା ଓ ବିଶ୍ୱାସ ।

ଜୟ ଓଡ଼ିଆ, ଜୟ ଓଡ଼ିଶା, ଜୟ ଜଗନ୍ନାଥ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ଏକୁଟିଆ ଜୀବନ

ମୟୂର ପକ୍ଷୀ ଶୀକାର

ସେମାନେ ଜୀବନରେ ଏକଦମ ଏକୁଟିଆ ହୋଇଗଲେ । ପରିବାର ଅନେକ ଦୂରରେ । ସେମାନେ ପରିବାର ପାଖକୁ ଫେରିଯିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ମୁଖ୍ୟ ସିଂହ ଆଉ ପାଖ ପୁରାଇ ଦେଲାନି । ସେମାନେ ଖୁବ ଭୋକିଲା ହୋଇପଡିଲେ ।

ପେଟ ପାଇଁ ସଂଘର୍ଷ ସେମାନଙ୍କୁ ଅନେକ ଦୃଢ କରିଦେଲା । ବଂଚିବାପାଇଁ ସେମାନେ ଅନେକ ନୀତି ଆପଣେଇ ନେଲେ । ଦଳରେ ସେମାନେ ବଡ ଶିକାର କରୁଥିଲେ ବା ଛୋଟ ଜୀବଙ୍କ ସହ ଖେଳୁଥିଲେ । ସବୁବେଳେ କିଏ ନା କିଏ ସାହାଯ୍ୟ କରୁଥିଲା । ଏବେ କିନ୍ତୁ ସେମାନେ ଏକା ଜୀବନ ପାଇଁ ଏକାକୀ ଲଢାଇ କରିବାକୁ ପଡୁଛି । ଏବେ ସବୁ ଜିନିଷକୁ ଭଲ ଭାବେ ଲକ୍ଷ୍ୟ କରୁଛନ୍ତି । ଶିକାର ପାଇଁ କିଛି ନା କିଛି ସୁଯୋଗ ଖୋଜୁଛନ୍ତି । ଶିକାର ଏତେ ସହଜରେ ମିଳେନାହିଁ ।

ପେଟରେ ଭୋକ ଆଉ ସମ୍ଭାଳି ହେଉନି । ସେମାନଙ୍କୁ ମଧ୍ୟ ଅତି ସାବଧାନତା ଗ୍ରହଣ କରିବାକୁ ପଡିବ । ଶିକାର ଅସାବଧାନ ହେଲେ ତାକୁ ଧରି ହେବ । ତେଣୁ ସେମାନଙ୍କୁ ଖୁବ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡୁଥିଲା । ଅନେକ ସମୟରେ ସେମାନେ ଚେଷ୍ଟାର ଅସଫଳ ହେଉଥିଲେ । ଅନେକ ଚେଷ୍ଟା ପରେ ସଫଳତା ମିଳେ । ବିନା ଚେଷ୍ଟାରେ କିଛି ମିଳେ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିବାକୁ ଗଲେ ପ୍ରାୟ ସବୁ ଶିକାର କିଛି ନା କିଛି ଗୁଣରେ ସିଂହମାନଙ୍କୁ ହରାଇଦେବେ । ହରିଣ ଖୁବ ଜୋରରେ ଦୌଡିପାରେ । ଏତେ ଜୋରରେ ଲମ୍ବା ଦୌଡିବା ସିଂହ ପକ୍ଷରେ ସମ୍ଭବ ନୁହେଁ । ସମ୍ବର ପାଣି ଭିତରକୁ ପଶି ଯାଇପାରେ । କୃଷ୍ଣସାର ମୃଗ ଖୁବ ଉଚ୍ଚକୁ ଲମ୍ଫ ଦେଇପାରେ । ଏସବୁ ସିଂହ କେବେ କରି ପାରିବ ନାହିଁ ।

ତାହେଲେ ସିଂହ ସେମାନଙ୍କୁ କେମିତି ଧରେ ?

ସେମାନେ ଯେତେବେଳେ ଅସାବଧାନ ହେବେ ସେତେବେଳେ ସେମାନଙ୍କୁ ଧରାଯାଇପାରେ । ତାଛଡା ସିଂହ ମାନେ ଚାଲାକିରେ ନିଜର ଛପି ଚପି ଏହି ହରିଣ ମାନଙ୍କୁ ପାଖକୁ ଆସିବାକୁ ଦିଅନ୍ତି ଆଉ ସହଜରେ ସେମାନଙ୍କୁ ଧରି ନିଅନ୍ତି ।

ସିଂହମାନଙ୍କ ଚାଲାକି ଅପେକ୍ଷା ନିଜର ଅସାବଧାନତା ମୃତ୍ୟୁର ମୁଖ୍ୟ କାରଣ । ଶିକାର ପଶୁମାନେ ବେଳେବେଳେ ଅଜାଣତରେ ଅସାବଧାନ ହୋଇ ଯାଆନ୍ତି ଆଉ ସିଂହକୁ ପାଖକୁ ଆସବାକୁ ଦିଅନ୍ତି । କେଇ ଖୋଜ ଦୂରରେ ସିଂହର ଗତି ଖୁବ ତୀବ୍ର । ସେ ଥାବା ମାରି ବଡ ବଡ ଜନ୍ତୁଙ୍କୁ ସହଜରେ ପକାଇ ଦେଇପାରେ । ଥରେ ଶିକାର ତଳେ ପଡିଗଲେ ତାର ତଂଟି ଝୁଣି ମାରବାକୁ ସିଂହକୁ ସମୟ ଲାଗେନା ।

ଏମିତି କିଛି ଅସାଧାରଣ ଘଟଣା ଘଟିଯାଏ ।

ତରୁଣ ସିଂହ ଦୁଇଭାଇ ଜଙ୍ଗଲରେ ହଠାତ କିଛି ରଙ୍ଗ ପରିବର୍ତ୍ତନ ହେବା ଦେଖିଲେ । କିଛି ଘଟୁଛି । ସେମାନେ ଅତି ସନ୍ତର୍ପଣର ସହ ଆଗେଇ ଆସିଲେ । ବଡ ଭାଇ ଆଗରେ ଥାଏ । ଗିର ଜଙ୍ଗଲରେ ସବୁଠାରୁ ଭଲ ନୃତ୍ୟ କରେ ମୟୁର । କିନ୍ତୁ ବେଳେବେଳେ ପ୍ରଣୟର ନୃତ୍ୟ ମୟୂର ମାନଙ୍କ ପାଇଁ ଜୀବନ ଘାତକ ହୋଇଥାଏ । ଜଙ୍ଗଲରେ ପ୍ରଣୟନୀକୁ ପ୍ରଭାବିତ କରିବା ପାଇଁ ସବୁ ପ୍ରକାର ଜୀବ ଚେଷ୍ଟା କରନ୍ତି । କି ଜୀବ କି ପକ୍ଷୀ ବିଭିନ୍ନ ପ୍ରକାର ଅଙ୍ଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଙ୍ଗୀ କରିଥାନ୍ତି, ଅନେକ ନୃତ୍ୟ କରନ୍ତି । କିନ୍ତୁ ଭାରତୀୟ ଜଙ୍ଗଲରେ ମୟୂରର ନୃତ୍ୟ ସବୁଠାରୁ ଚିତାକର୍ଷକ ହୋଇଥାଏ । ମୟୂରୀକୁ ଦେଖାଇବା ପାଇଁ ମୟୂର ନିଜର ପଙ୍ଖା ଖୋଲି ଦିଏ । ପଙ୍ଖାରେ ଭାସି ଉଠେ ସୁନ୍ଦର ନୀଳ ରଙ୍ଗ । ଆଉ ପଙ୍ଖା ଗୁଡିକ ମୟୂରର ପଦକ୍ଷେପ ସହିତ ଥରି ଉଠେ, ନାଚି ଉଠେ । ମୟୂରୀ ଏହି ନୃତ୍ୟ ଦେଖି ମୟୂର ପ୍ରତି ଆକର୍ଷିତ ହୁଏ । ଗାଢ଼ ନୀଳ ସବୁଜ ଆଉ କମଳା ରଙ୍ଗର ପଙ୍ଖା ସେତେବେଳେ ଥରି ଉଠେ ସେତେବେଳେ ଜଙ୍ଗଲରେ ଯେମିତି ରଙ୍ଗ ପରିବର୍ତ୍ତନ ହୋଇଯାଏ । ଜଙ୍ଗଲରେ ରଙ୍ଗର ବର୍ଣ୍ଣାଳୀ ଖୋଲିଯାଏ । ଅନ୍ୟ ଜୀବମାନେ ମଧ୍ୟ କ୍ଷଣେ ଯେମିତି ରହିଯାଆନ୍ତି ।

କିଛି ଦୂରରେ ମୟୂର ନୃତ୍ୟ କରୁଥାଏ । ମୟୂରୀ ମୟୂର ପ୍ରତି ଅନୁରାଗ ସେମିତି ଦେଖାଉନଥିଲା । ଟିକିଏ ଦୂରେଇ ଯିବାକୁ ଚେଷ୍ଟା କଲା । ମୟୂର ମୟୂରୀ ଆଗକୁ ଆସିଲା ଆଉ ତାର ଲମ୍ବା ପଙ୍ଖାକୁ ମୟୂରୀ ମୁଣ୍ଡରେ ଥାପି ଦେବାକୁ ଚେଷ୍ଟା କଲା । ମୟୂରୀ ଏମିତି ଭାବ ଦେଖାଉଥିଲା ଯେମିତିକି ମୟୂର ପାଇଁ ତାର କିଛି ଅନୁରାଗ ନାହିଁ । ମୟୂର ତାର ଆଗ ପଛ କଡରେ ଚାଲିବାକୁ ଚେଷ୍ଟାକଲା । ତାର ପଙ୍ଖାକୁ ଖୋଲି ଦେଇ ବିଭିନ୍ନ ପ୍ରକାର ନୃତ୍ୟଭଙ୍ଗୀ କରିବାକୁ ଚେଷ୍ଟା କଲା । ଶେଷରେ ମୟୂରୀ ମୟୂରର ପ୍ରତି ଆକୃଷ୍ଟ ହେଲା । ତା ପରେ ସେମାନେ ନୃତ୍ୟ କରିବାକୁ ଆରମ୍ଭ କଲେ । ମୟୂର ପଙ୍ଖା ଖୋଲାକରି ଏଣେତେଣେ ଦୌଡି ଯାଉଥାଏ । ମୟୂରୀ ଏକ ଲୟରେ ମୟୂରକୁ ଅନାଇ ରହିଥାଏ । ଆଖିରେ ଆବେଗ । ଅନ୍ୟ ପକ୍ଷୀ ଆଉ ମାଙ୍କଡମାନେ ଏହି ଦୃଶ୍ୟ ଦେଖୁଥାନ୍ତି । ଶେଷରେ ମୟୂର ତାର ପଙ୍ଖାକୁ ପୂର୍ଣ୍ଣ ଭାବରେ ଖୋଲିଦେଲା ଆଉ ଆଗ ପଛ କରିବାକୁ ଲାଗିଲା । ଏହା ନୃତ୍ୟର ଚରମ ଦୃଶ୍ୟ ଥିଲା ।

ବଡ କିଶୋର ସିଂହ ଜୟ ବହୁତ ସାବଧାନତାର ସହ ଅନେକ ପାଖେଇ ଆସିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁବ ସାବଧାନତାର ସହ ପାଦ ପକାଉ ଥିଲା । ତାର ପାଦ ଶବ୍ଦ ଶୁଣା ଯାଉନଥିଲା । ସେ ମାଟିରେ ଏକଦମ ଚିପି ଯାଇଥିଲା । ସାନ କିଶୋର ଭାଇ ବିଜୟ ଟିକିଏ ଦୂରରେ ଥିଲା । ବଡ କିଶୋର ଭାଇଟି ଏକ ବୁଦା ଭିତରେ ଛପିଗଲା । ବୁଦା ଭିତରୁ ତାକୁ ଭଲକରି ଜାଣି ହେଉ ନଥିଲା ।

ଗଛ ଉପରେ ମାଙ୍କଡମାନେ ଏଣେ ତେଣେ ଡେଉଁଥାନ୍ତି । ଅର୍ଥାତ ସେମାନେ ଛୋଟ ସିଂହକୁ ଦେଖି ଦେଲେଣି । ମାଙ୍କଡ ହେଉଛି ଜଙ୍ଗଲର ପ୍ରହରୀ । ଉପରେ ରହୁଥିବା ହେତୁ ଦୂରରୁ ଶିକାରୀ ପଶୁଙ୍କୁ ଆଗୁଆ ଦେଖିଦିଏ । ତାପରେ କ୍ରମାଗତ ଭାବରେ ବିପଦର ଡାକ ଦେଇଚାଲେ । ସବୁବେଳେ ତାର ଆଖି ଶିକାରୀ ପଶୁ ଉପରେ ଲାଗି ରହିଥାଏ । ଜଙ୍ଗଲରେ ଭଲଭାବେ ମାଙ୍କଡର ଡାକକୁ ଧ୍ୟାନ ଦେଲେ ଶିକାରୀ ପଶୁଙ୍କର ଅବସ୍ଥିତି ଜାଣିବା ଅସମ୍ଭବ ନୁହେଁ । ଶିକାରୀ ପଶୁ ଯେତେ ପାଖେଇ ଆସିବ ମାଙ୍କଡମାନଙ୍କର ଡେଇଁବା ସେତେ ବଢିଯିବ । ସବୁ ଶାକାହାରୀ ପଶୁ ଏ କଥା ଜାଣନ୍ତି । ମୟୁର ବି ଜାଣିଥିଲା । କିନ୍ତୁ ମୃତ୍ୟୁଯୋଗ ।

ମୟୁର କିନ୍ତି ବିପଦର କିଛି ଆଶଙ୍କା କରୁନଥିଲା । କିନ୍ତୁ ବିଚାରା ମୟୂର ଜାଣି ନଥିଲା ବିପଦ ଆଗରେ ଅଛି । ଏହି ନୃତ୍ୟ କରୁ କରୁ ସେ ସିଂହ ଲୁଚିଥିବା ବୁଦାପାଖକୁ ଚାଲି ଆସିଲା । ମୟୂରୀ ମଧ୍ୟ ସେହି ବୁଦା ଭିତରେ ବିପଦ ଥାଇପାରେ ବୋଲି ଭାବିନଥିଲା । ସେହି ବୁଦା ଭିତରୁ ଦୁଇଟି ଜଳୁଥିବା ଆଖି ଏହି ନୃତ୍ୟକୁ ଲକ୍ଷ୍ୟ କରୁଥିଲା । ଭିତରୁ ହଠାତ୍ ଏକ ଛୋଟ ସିଂହ ବାହାରି ଆସିଲା । ମୟୂର ନିଜ ପଙ୍ଖାକୁ ବନ୍ଦ କରି ଉଡିଯିବାକୁ ଚେଷ୍ଟା କଲା । କିନ୍ତୁ ଅନେକ ବିଳମ୍ବ ହୋଇଯାଇଥିଲା । ମୟୂର ଅଳ୍ପ ଉଡିଛି କି ନାହିଁ ସିଂହ ତାକୁ ଥାବା ମାରି ତଳେ ପକାଇଦେଲା ଆଉ ଧରିନେଲା । ମୟୂରର ସାଙ୍ଗେ ସାଙ୍ଗେ ମୃତ୍ୟୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା । ମୟୂରୀ ଏମିତି ମୃତ୍ୟୁ ଦେଖି ସାଙ୍ଗେ ସାଙ୍ଗେ ଉଡ଼ିଗଲା । ଏହା ପୂର୍ବରୁ ମାଙ୍କଡମାନେ ଅନେକଥର ବିପଦର ଡାକ ଦେଇଛନ୍ତି । କିନ୍ତୁ ମୟୂର ମୟୂରୀ ନୃତ୍ୟରେ ସଂପୂର୍ଣ୍ଣ ଭାବରେ ମଗ୍ନ ଥିଲେ । ଏତେ ପାଖରେ ଏକ ବିପଦ ଥାଇପାରେ ସେ କଥା ଭୁଲିଯାଇଥିଲେ ।

ମୟୁର ହେଲା ସେମାନଙ୍କର ପ୍ରଥମ ଏକାକୀ ସଫଳ ଶିକାର । ପକ୍ଷୀ ଶିକାର କରିବା ଅପେକ୍ଷାକୃତ ସହଜ । ଗୋଟିଏ ଥାବା ମାରିଲେ ମୃତ୍ୟ । ଦାନ୍ତର ଆବଶ୍ୟକତା ନାହିଁ । ଗତିର କ୍ଷିପ୍ରତାର ଆବଶ୍ୟକ ଅଛି । ଆଗକୁ ସବୁ ଶିକାର ଏକାକୀ କରିବାର ଅଛି । ଆଉ ସାହାଯ୍ୟ କରିବାକୁ ମା ବା ମାଉସୀ ମାନେ ନାହାନ୍ତି । ଜୀବନଟା ଏକାକୀ କେତେ ଦୁଃସହ ।

ସେମାନେ ସେହି ସାଧାରଣ ପକ୍ଷୀଟାକୁ ଖାଇ ଜୀବନ ଧରିଲେ ।

ସେମାନଙ୍କ ଆଖି ଚାରିଆଡେ ବୁଲୁଥିଲା । ସବୁବେଳେ ପେଟରେ ଭୋକ । ତେଣୁ ଶିକାର ସନ୍ଧାନରେ ଆଖି ବୁଲୁଥିଲା ।

ଆହ୍ୱାନ ଇ-ପତ୍ରିକା ସମ୍ବନ୍ଧିତ ସମସ୍ତ ସୂଚନା ଆପଣ ଏହି ଫେସ୍‌ବୁକ୍ ପୃଷ୍ଠାରେ ପାଇ ପାରିବେ । ପ୍ରତ୍ୟେକ ଲେଖକ ଲେଖିକାଙ୍କୁ ଇମେଲ୍ ଦ୍ୱାରା ଜଣାଇବା ସମ୍ଭବ ହେଉନାହିଁ । ତେଣୁ ଆପଣ ଆମ ୱେବ୍ ସାଇଟ୍ ଦେଖିପାରିବେ କିମ୍ବା ଫେସ୍‌ବୁକ୍ ପୃଷ୍ଠାରେ ଦେଖିପାରିବେ ।

https://www.facebook.com/odiaparibar

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

 Magazine Downloaded from www.aahwaan.com

# ମିନିଟିଏ ଘଣ୍ଟା



ପ୍ରତିଭା ପ୍ରିୟଦର୍ଶିନୀ

ରାତି ପ୍ରାୟ ୨.୩୦ ହେବ । ସମ୍ବିତଙ୍କ ଟ୍ରେନ ଏହି ଷ୍ଟେସନରେ ଲାଗିବ ଭୋର ୩.୧୦ରେ । ଓଡ଼ିଶା ଟ୍ରେନ ଗୁଡିକ ସବୁବେଳେ ଦୁଇଅଙ୍କ ବିଶିଷ୍ଟ ଧାରଣା ମାନଙ୍କରେ ଲାଗେ ଆମ ଦେଶର ପ୍ରାୟ ସମସ୍ତ ବଡ଼ ବଡ଼ ରେଳ ଜଙ୍କସନରେ । ଏଠି ମଧ୍ୟ ସେଇଆ । ୨୧ ନଂରେ ଲାଗିବ ଟ୍ରେନ । ସମ୍ବିତ ତେଣୁ ପ୍ରତୀକ୍ଷାଳୟରୁ ବାହାରି ପ୍ଲାଟଫର୍ମ ଯାଏଁ ଯିବାକୁ ବାହାରିଲେ । ମଝି ମଝି ଧାରଣାରେ ଦୈତ୍ୟାକାର ମାଲଗାଡି ଗୋଟେ ଦୁଇଟା ଠିଆ ହୋଇଥାନ୍ତି । ସାରାଦିନ ଚଳଚଞ୍ଚଳ ଓ ଗହ ଗହ ଫାଟି ପଡୁଥିବା ଷ୍ଟେସନଟା ନିରାଟ ଥକାପଣରେ ଘୁମେଇ ପଡିଛି ଯେମିତି ଏତେସବୁ ଉଜ୍ଜ୍ୱଳ ବିଜୁଳି ଲାଇଟ ଭିତରେ । ଦୂର ଯାଏ ନିଦ୍ରିତ ଅଜଗର ଭଳି ଛନ୍ଦା ଛନ୍ଦି ହୋଇ ଲମ୍ବିତ ରେଳଧାରଣା । ଗୁଡ଼ାଏ ବାସହରା ମଣିଷଙ୍କ ନିଶା ନିବାସ ଏଇ ଷ୍ଟେସନ । ଓଭରବ୍ରିଜ ହେଉ କି ସିମେଣ୍ଟ ଚୌକି, ଜିନିଷ ବୁହା କାଠଗାଡି ହେଉ କି ପୁରୁଣା କାର୍ଟୁନ ଅବା ବ୍ୟାନର ଖଣ୍ଡେ ବିଛେଇ ବେଧଡ଼କ ଶୋଇଥାନ୍ତି ଅନେକ ଜୀବନ । ତଳେ ଉଦ୍ଭାସିତ ଷ୍ଟେସନକୁ ଉପରୁ ନିରେଖି ଦେଖୁଥାଏ ଏକାଦଶୀ ଜହ୍ନ । ହଁ, ତିଥୀଟା ଏଇଥିପାଇଁ ମନେ ଅଛି ନିର୍ଦ୍ଦିଷ୍ଟ ଭାବେ ଯେ ନବମୀ ତିଥିରେ ବାପା ବୋଉଙ୍କ ଅସ୍ଥି ବିସର୍ଜନ କରିବା ପାଇଁ ସମ୍ବିତ ଆସିଥିଲେ ପ୍ରୟାଗରାଜ । ସଙ୍ଗମର ପବିତ୍ର ସ୍ଥଳେ ମା ଗଙ୍ଗାଙ୍କୁ ସମର୍ପି ଦେଲେ ବାପାବୋଉଙ୍କ ବଳକା ସ୍ମୃତିଚିହ୍ନ, ତାଙ୍କ ଚିତାଭସ୍ମ ଆଉ ଅସ୍ଥି କେଇଖଣ୍ଡ । ଏତକ ଭାବିବା ଭିତରେ ପହଞ୍ଚି ସାରିଥିଲେ ୨୧ ନଂ ପ୍ଲାଟଫର୍ମରେ । ସାଙ୍ଗରେ କେବଳ ତାଙ୍କ ବ୍ୟାଗଟି ଥାଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅକ୍ଟୋବରର ରାତି । ଓଡିଶା ଅପେକ୍ଷା ଏଠି ସାମାନ୍ୟ ଅଧିକ ଥଣ୍ଡା ଲାଗୁଥିଲା । ତଥାପି ଚାଲିବ । ଆପତତଃ ଜନମାନବ ଶୂନ୍ୟ ଥିଲା ଏଇ ସୁଦୂର ପ୍ଲାଟଫର୍ମଟି । ବତୀ ଓ ପଙ୍ଖା ଥିବା ଚୌକି ଦେଖି ବସିଗଲେ ସମ୍ବିତ । ଏବେବି ଟ୍ରେନ ଆସିବାକୁ ଢ଼େର ସମୟ ଅଛି । ମଣିଷଟିଏ ଏକାନ୍ତରେ ଥିବା ବେଳେ ଖୋଜିହୁଏ ଆଉ ଏକ ପ୍ରାଣୀ, ଯାହା ସହିତ ବାଣ୍ଟିହେବ ନୀରବତା ଓ ନିଃସଙ୍ଗ ମୁହୂର୍ତ୍ତ ମାନଙ୍କୁ । ଆଖି ବୁଲେଇଲେ ପ୍ଲାଟଫର୍ମର ଏମୁଣ୍ଡରୁ ସେମୁଣ୍ଡ ଯାଏଁ । ନା, କେହି ଦିଶୁ ନାହାନ୍ତି । ଅଧଘଣ୍ଟା ଏମିତି ଏକା ଏକା ବିତିଯିବ ଭାବି ବ୍ୟାଗରୁ ପତ୍ରିକା ଖଣ୍ଡେ କାଢ଼ିବାକୁ ଉଦ୍ୟତ ହେବା ବେଳକୁ ହଠାତ ପ୍ଲାଟଫର୍ମର ଶେଷ ଗଡାଣି ପାଖରୁ କେହି ଜଣେ ଆସୁଥିବା ଦେଖିଲେ ସମ୍ବିତ । କିଛି ସମୟ ପରେ ଜାଣିଲେ ଯୁବତୀ ଜଣେ ଖୁବ ଭୟ, ସନ୍ତର୍ପଣ ଓ ଆବେଗ ମିଶା ଭାବ ନେଇ ଉଭା ହେଲା ସାମ୍ନାରେ । ଏକାନ୍ତରେ ଜଣେ ସହଯାତ୍ରୀର ଆଗମନ ସୁଖଦ ଲାଗିଲା ସମ୍ବିତଙ୍କୁ । ହେଲେ ଏତେ ରାତିରେ ଏକୁଟିଆ ଝିଅଟି ଏମିତି ଏଡେ ବଡ଼ ସୁଟକେସ ଧରି ଷ୍ଟେସନରେ ପହଞ୍ଚିବା ଅନେକ ପ୍ରଶ୍ନ ଗଢୁଥିଲା ସମ୍ବିତଙ୍କ ମନରେ । ଯୁବତୀଟି ପାଖକୁ ଆସି ପଚାରିଲା, "ଆପଣ ଏଠି କେତେ ସମୟ ଯାଏଁ ଅଛନ୍ତି ?" ସମ୍ବିତ ତାଙ୍କ ଟ୍ରେନ ସମୟ ଜଣାଇ, ଯୁବତୀଟିକୁ ଅଭୟ ଦେବା ଭଳି କହିଲେ, "ଡରିବାର କିଛି ନାହିଁ । ମୁଁ ଥିବାଯାଏଁ ଆପଣଙ୍କ ଏପାଖ ବେଞ୍ଚରେ ବସିଛି । ଆପଣଙ୍କ ଟ୍ରେନ କେତେବେଳେ ?" ଝିଅଟି ତା ହାଣ୍ଡୁଆ ସୁଟକେସଟାକୁ ରଖି ପାଖ ସିମେଣ୍ଟ ଚୌକିରେ ବସୁ ବସୁ କହିଲା ଯେ ସେ ଟ୍ରେନରେ ଯିବାକୁ ନୁହେଁ, ବରଂ ପ୍ରେମିକ ସହ ଯିବାପାଇଁ ଘରଛାଡି ଚାଲି ଆସିଛି । ହେଲେ ପ୍ରେମିକଟି ଏଯାଏଁ ପହଞ୍ଚି ନାହିଁ ।

ସ୍ମିତ ହସି ସମ୍ବିତ କହିଲେ, "ଯାହାକୁ ଭରସା କରି ଘର ପରିବାର ଛାଡି ଆସିଛ ସେ ତ ଏଯାଏ ପହଞ୍ଚି ନାହାନ୍ତି । ଯଦି ନଆସିଲେ ବିଲକୁଲ, ତେବେ କଣ କରିବ ? ଝିଅଟି ଖୁବ ଦମ୍ଭ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବରେ କହିଲା, "ସେ ନିଶ୍ଚୟ ଆସିବେ । ତାଙ୍କ ଆସିବା ଯାଏଁ ମୁଁ ଏମିତି ଅପେକ୍ଷା କରିଥିବି ଏଇଠି ।" ଝିଅଟିର ବିଶ୍ୱାସ ଦେଖି ମୁଗ୍ଧ ହେଲେ ସମ୍ବିତ । ତା ବିଶ୍ୱାସ ଓ ପ୍ରେମର ଜିତାପଟ ହେଉବୋଲି ଶୁଭେଚ୍ଛା ଜଣେଇଲେ । ଝିଅଟି ସାମାନ୍ୟ ହସି ପ୍ରତି ସମ୍ଭାଷଣ ଜଣାଇଲା ।

ଘଣ୍ଟା ଦେଖିଲେ ସମ୍ବିତ, ସମୟ ଯେମିତି ଅଟକି ଯାଇଛି । ଏତେ କଥା ହେଇ ସାରିଲେଣି ସେ ଅପରିଚିତ ଝିଅଟି ସହିତ, ଅଥଚ ଏବେବି ମିନିଟ କଣ୍ଟା କଷ୍ଟରେ ଗୋଟେ ଘେରା ବୁଲିଛି ହୁଏତ । ସାମାନ୍ୟ ଆଶ୍ଚର୍ଯ୍ୟରେ ଡାଏଲକୁ ଆଙ୍ଗୁଳିରେ ଟିକେ ଟପ ଟପ କରି କାନରେ ଲଗେଇଲେ ସମ୍ବିତ । ଏସବୁ ଦେଖି ସେ ଝିଅ ଖୁବ ହସିଲା ଆଉ କହିଲା, ମୋ ସହିତ ବସିଲେ ସମୟ ବି ଅଟକିଯାଏ ମିଷ୍ଟର....

- ସମ୍ବିତ, ସମ୍ବିତ ସାବତ ଫ୍ରମ୍ ଓଡିଶା

- ମୁଁ ଅଫ୍‌ସା

- ଓଃ, ଏବେ ଆଉ ଅପରିଚିତ ନୁହଁନ୍ତି ଆମେ ଦୁହେଁ

- ନିଶ୍ଚୟ । ବିନୟ ସବୁବେଳେ କୁହନ୍ତି ଯେ ମୋ ସହିତ କେହି ବେଶୀ ସମୟ ଯାଏଁ ଅପରିଚିତ ରହିପାରିବେ ନାହିଁ

- ବିନୟ ???

- ବିନୟ ଶୁକ୍ଲା, ମୋ ପ୍ରେମିକ । ଯାହାଙ୍କ ଲାଗି ଏଠି ଅପେକ୍ଷାରେ ବସିଛି ।

- ଓଃ, ପ୍ରେମ ରେ ଧର୍ମ ବାଧକ ବୋଲି ଏ ନିଷ୍ପତ୍ତି ତେବେ !!!

- ଧର୍ମ ନୁହେଁ, ରୁଢିବାଦୀ ଓ କଠୋରପନ୍ଥୀ ମାନସିକତା

- ହୁଁ..... ଧର୍ମ ତ ପ୍ରେମର ବାର୍ତ୍ତା ଦିଏ । ସବୁ ମଣିଷଙ୍କୁ ଏକ ସମାନ ଦେଖିବା ଶିଖାଏ । ବସୁଧୈବ କୁଟୁମ୍ବକମ ଯୁ ନୋ....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ନା, ସେମିତି କିଛି ମାନେ ନାହିଁ । କିଛି ଧର୍ମ ନିଜ ବ୍ୟତୀତ ଅନ୍ୟକୁ ନ୍ୟୁନ କରି ଦେଖନ୍ତି । ସେଇଠି ଆରମ୍ଭ ହୁଏ ବିଦ୍ୱେଷ ।

- ଆଚ୍ଛା, ବିନୟ ବାବୁଙ୍କ ସହିତ କୁଆଡେ ଯିବା ପ୍ଲାନ ତେବେ ?

- ସେ ପୁଣେରେ ଚାକିରୀ କରନ୍ତି । କିନ୍ତୁ ଆମେ ହାଇଦ୍ରାବାଦ ଯିବୁ ଭାବିଛୁ ।

- ଭଲ ତେବେ । ଆଗାମୀ ଜୀବନ ସୁଖମୟ ହେଉ ଆପଣ ମାନଙ୍କର ।

ପୁଣି ଘଣ୍ଟା ଦେଖିଲେ ସମ୍ବିତ । ଏବେ ବି ସମୟ ଏତେ ଧିରେ ଧିରେ ବିତୁଛି । ପ୍ଲାଟଫର୍ମ ଘଡିକୁ ଦେଖିଲେ । ସେଇଟା କେମିତି ଗୋଟେ ଧୂଆଁଳିଆ ଝାପ୍ସା ଦିଶୁଛି । ଠିକରେ ଠଉରେଇ ହେଉନି ସମୟ । ପୁଣି ଶୁଭିଲା ଅଫ୍‌ସାର ହସ । ତା ଆଡ଼କୁ ବୁଲି ଦେଖିଲେ ସମ୍ବିତ । ସେ ନିର୍ମିମେଷ ଚାହିଁଥାଏ ଦୂର ଅନ୍ଧାର ଗର୍ଭକୁ । ସୁନ୍ଦର ଗୌରବର୍ଣ୍ଣା ତନୁପାତଳୀ ଝିଅଟି ହଳଦିଆ ରଙ୍ଗର ଚୁଡ଼ିଦାର ପଞ୍ଜାବୀ ସାଙ୍ଗକୁ ଆଜାନୁଲମ୍ବିତ ମୁକ୍ତ ଘନକୃଷ୍ଣ କେଶରାଶୀରେ ପୋଟ୍ରେଟ ଛବିଟିଏ ଭଳି ପ୍ରତୀତ ହେଉଥାଏ । ବଡ଼ ବଡ଼ ଆଖି, ଉଚ୍ଚା କପାଳ, ଲମ୍ବା ନାକ ଓ ସରୁ ଓଠ, ସବୁକିଛି ନିପୁଣ ଚିତ୍ରକରର ହାତଅଙ୍କା ମନେ ହେଉଥାଏ ।

ବୁଲି ଦେଖିଲା ଅଫ୍‌ସା । ତା ଅଲକ୍ଷ୍ୟରେ ତାକୁ ଏମିତି ନିବିଡ଼ ଭାବେ ଦେଖୁଥିଲେ ବୋଲି ଧରା ପଡିଯିବା ସଂକୋଚରେ ଆଖି ଫେରାଇ ନେଲେ ସମ୍ବିତ । ଅଫ୍‌ସା କିନ୍ତୁ ଯେମିତି ତାଙ୍କୁ ସମ୍ମୋହିତ କରୁଥିଲା ବେଳୁ ବେଳ । ଏଥର ତା ଆଖିରେ ଆଖି ସ୍ଥିର କଲେ ସମ୍ବିତ । ସେ ମଧ୍ୟ ସହଜ ଭାବରେ କହିଲା, “ଜାଣନ୍ତି ସମ୍ବିତ ବାବୁ, ବିନୟଙ୍କ ସହିତ ମୋ ପରିଚୟ ପ୍ରାୟ ତିନିବର୍ଷ ହେଲା । ଗୋଟେ ସାଙ୍ଗ ବାହାଘରରେ ସାକ୍ଷାତ ହୋଇଥିଲା । ମୋ ସାଙ୍ଗର ସମ୍ପର୍କୀୟ ଭାଇ ସେ । ଅଳ୍ପ ଦିନର ପରିଚୟରେ ବନ୍ଧା ପଡିଗଲା ମୋ ମନ ତାଙ୍କ ପାଖରେ । ସେ ଅବଶ୍ୟ ଖୁବ ବୁଝାନ୍ତି ମୋତେ, ଯେ ଆମ ସମ୍ପ୍ରଦାୟର କଠୋର ନିୟମ ମୋ ପାଇଁ ଖୁବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରି ହୋଇପାରେ । ସେ ସବୁ ସହିନେବେ । କିନ୍ତୁ ମୋତେ କଷ୍ଟରେ ଦେଖି ପାରିବେନି । ହେଲେ, ମନ ଥରେ ପ୍ରେମପଥରେ ପାଦ ଥାପିଲେ ଆଉ କି ପଛକୁ ଫେରି ଆସିହୁଏ ! ମୁଁ ବି ପାରିଲିନି । ସେଇଥିପାଇଁ ନିଷ୍ପତ୍ତି କଲୁ ଫେରାର ହେବାକୁ । ଏଇତ, ଠିକ ୨ଟା ବେଳେ ସେ ଘରୁ ବାହାରିଥିଲେ ଷ୍ଟେସନ ପାଇଁ । ମୁଁ ବି ଏକା ସମୟରେ ବାହାରିଲି ଲଜିଂରୁ । କାଲି ସାଙ୍ଗ ଜନ୍ମଦିନର ମିଛ ବାହାନା କରି ତା ଘରେ ରହିବି କହି ଆସିଥିଲି । କେମିତି କେଜାଣି ମୋ ଘର ଲୋକଙ୍କୁ ଖବର ମିଳିଗଲା ।”

- ତୁମର ଏ ବିରାଟକାୟ ଆଟାଚି ଦେଖି ଡାଉଟ କରିଥିବେ ।

- ଏଟାକୁ ମୁଁ ଆଣି ନଥିଲି । ମୋ ଘରଲୋକ ଆଣିକି ଆସିଥିଲ ।

- ଆଚ୍ଛା (ଆଶ୍ଚର୍ଯ୍ୟ ହେଲେ ସମ୍ବିତ) ..... ! ! ! ! !

- ହଁ, ସେତେବେଳେ ମୁଁ ଏଇଟାକୁ ବୋହି ବୋହି ବୁଲୁଛି ।

- ସବୁ ଯୌତୁକ ଜିନିଷ ଏଇ ଗୋଟିକରେ ଭରିଦେଇଛନ୍ତି ବୋଧେ । (ସାମାନ୍ୟ ପରିହାସ ଢଙ୍ଗରେ କହି ହସିଦେଲେସମ୍ବିତ)

- ନା (ଏତକ କହିବା ବେଳକୁ ଅଫ୍‌ସାର ସୁନ୍ଦର ମୁହଁଟା କେମିତି ଅଜବ ପ୍ରକାର ହିଂସ୍ର ଓ କ୍ରୁର ଦେଖାଯାଉଥାଏ) । ଦେଖିବେ କଣ ଦେଇଛନ୍ତି ଏଥିରେ ! ! !

- ନା, ଥାଉ ।

- ଦେଖନ୍ତୁ ଥରେ ।

ଏତକ କହି ଅଫ୍‌ସା ତରବର ହୋଇ ଖୋଲୁଥାଏ ସେ ବିରାଟ ଉଦରଵାଲା ଆଟାଚିକୁ, ଆଉ କ୍ରୋଧ ଏବ କାନ୍ଦ କାନ୍ଦ କଣ୍ଠରେ କହୁଥାଏ, “ମୋତେ ମାରିଦେଲେ ଦୁଃଖ ନାହିଁ, ହେଲେ ଏଇ ସୁଟ୍‌କେସ ଫିଙ୍ଗିଦେଇ ଗଲେ ମୋ ଶବ ପାଖରେ । ସେଦିନୁ ଏଇ ବୋଝ ବୋହି ମୁଁ



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକାକୀ ବୁଲୁଛି ଗତ ଏକୋଇଶ ବର୍ଷ ଧରି । ତା ଚୁଟି ସବୁ ଅଜାଡି ହେଇ ପଡିଥାଏ ତା ମୁହଁ ଉପରେ । ସେ ହଠାତ ମୁକୁଳା କରିଦେଲା ସୁଟ୍‌କେସ ଆଉ ତା ଭିତରେ ଥିଲା ଗୋଟେ ପୁରୁଷର ଖଣ୍ଡ ବିଖଣ୍ଡିତ ଶରୀର । ଇଏ ମୋ ବିନୟ, ମୋ ବିନୟ କହି ସେ ସୁଟ୍‌କେସ ଉପରେ ଝୁଙ୍କିପଡି ବିକଳରେ କାନ୍ଦୁଥାଏ ଅଫ୍‌ସା ।

ଏ ବିଭତ୍ସ ଦୃଶ୍ୟ ଆଉ ଅଫ୍‌ସାର ଶେଷ ସଂଳାପତକ ଶୁଣିବା ପରେ ନିର୍ବାକ ନିସ୍ପନ୍ଦ ହୋଇଯାଇଥାନ୍ତି ସମ୍ବିତ । ଦେହଟା ବରଫ ଭଳି ଶକ୍ତ ଓ ଶୀତଳ ହୋଇଯାଇଛି ଯେମିତି । ଚେଷ୍ଟା କରି ମଧ୍ୟ ସେ ହଲି ପାରୁନାହାନ୍ତି । ଅଫ୍‌ସା ଧୀରେ ମୁହଁ ଉଠେଇ କହିଲା, "ଭୟ କରନ୍ତୁନି । ଗଙ୍ଗାଜଳ ଆଣିଛନ୍ତି ଯଦି ଛିଞ୍ଚି ଦେଇଯାନ୍ତୁ ଆମଠି । ମୁକ୍ତ କରି ଦିଅନ୍ତୁ ଏ ଏକୋଇଶ ବର୍ଷର ଅଯୋନି ଯାଯାବର ଜୀବନରୁ । ଦମ୍ଭ ସଞ୍ଚିବ୍ୟାଗରୁ ବାହାର କଲେ ସଙ୍ଗମରୁ ଆଣିଥିବା ତ୍ରିବେଣୀ ପାଣି । ମୁଠାଏ ଲେଖା ଛିଞ୍ଚି ଦେଲେ ବିନୟ ଓ ଅଫ୍‌ସା ଉପରେ । ହଠାତ କାହା ସ୍ପର୍ଶରେ ସମ୍ବିତ ଫେରିପାଇଲେ ସମ୍ବିତ । ଚମକି ଦେଖିଲେ, ପାଖରେ ଚା ବିକାଳୀଟିଏ । ସହସା ପଚାରିଲା, "ବାବୁ ଅଫ୍‌ସାକୁ ଭେଟିଲ କି ? କେତେ ଯାତ୍ରୀଙ୍କୁ ସେ ଭୟ ଦେଇ ହଇରାଣ କରିଛି, କୁହନ୍ତୁନି । ଆପଣଙ୍କ ହାତ ଗୋଡ଼ ଥଣ୍ଡା ପଡିଯାଇଥିବ ।"

- ନା, ମୁଁ ଠିକ ଅଛି

- କାହାକୁ ଫାଙ୍କୁଚ ବାବୁ ? ଏଇ ଷ୍ଟେସନରେ ମୋର ୪୦ ବର୍ଷ ବିତିଲାଣି । କିଛି ନ ହେଇଥିଲେ ଆପଣ ଏ ସଙ୍ଗମ ପାଣିକୁ ତଳେ ଫିଙ୍ଗନ୍ତେ ।

- ସତେତ !

ବୋତଲ ଠିପି ବୁଜି ବ୍ୟାଗରେ ରଖିଲେ ସମ୍ବିତ । ଚା ଗୋଟିଏ କିଣିଲେ । ଏବେ ସେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଷ୍ଟେସନ ଘଡି ତା ଏକଦମ ପରିଷ୍କାର ଦେଖା ଯାଉଥିଲା । କ୍ରମଶଃ ଆଉ କିଛି ସହଯାତ୍ରୀ ପହଞ୍ଚି ଗଲେଣି ପ୍ଲାଟଫର୍ମରେ । ମାତ୍ର କେଇଟା ମିନିଟ ଭିତରେ ଘଣ୍ଟା ଘଣ୍ଟା କାଟି ସାରିଥିଲେ ସେ ଅଫ୍‌ସା ସହିତ । ନିର୍ଦ୍ଧାରିତ ସମୟରେ ପହଞ୍ଚିଲା ଟ୍ରେନ । ଟ୍ରେନକୁ ଉଠିଯାଇ ନିଜ ବର୍ଥ ଆବୋରି ନେଲେ ସମ୍ବିତ । ଅଳ୍ପ କେଇ ମିନିଟର ରହଣି ପରେ ଟ୍ରେନ ଷ୍ଟେସନ ଛାଡିଲା । ଦୂର ଅନ୍ଧାର ଭିତରୁ ଦୁଇଟି ଛାୟାମୂର୍ତ୍ତି ହାତ ହଲେଇ ବିଦାୟ ଜଣାଉଥିଲେ ବୋଧ ହୁଏ । ଈଶ୍ୱରଙ୍କୁ ପ୍ରଣାମ କରି ଢୁଳେଇ ପଡିଲେ ସମ୍ବିତ...

କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କନ୍ୟାରତ୍ନ



ଶିଶିର କୁମାର ପଣ୍ଡା

ମଦନପୁର ଗାଁ ଏକ ଛୋଟ ଗାଁ, ଗାଁ'ର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଗାଁ ମୁଣ୍ଡରେ ବରଜୁ ସାସମଲଙ୍କ ଏକ ନଡା ଛପର ଘର । ତାଙ୍କର ବଡ଼ ଝିଅ ଝାମିକୁ ପନ୍ଦର ବର୍ଷ ଚାଲୁଥାଏ, ସେ ମାଟ୍ରିକରେ ପଢୁଥାଏ । ସେତେବେଳେ ତାଙ୍କ ପରିବାରରେ ଆଉ ଏକ ଝିଅ ଜନ୍ମ ହୁଏ, ବରଜୁ ଏବଂ ତାଙ୍କ ସ୍ତ୍ରୀ ମାରିଆ ଚିନ୍ତାଗ୍ରସ୍ତ ହୋଇପଡ଼ିଲେ । ପ୍ରଭୁ ଜଗନ୍ନାଥଙ୍କୁ କ୍ଷୋଭଭରା କଣ୍ଠରେ ଦୁଃଖ ଜଣାଇ କହୁଥାନ୍ତି, "ହେ କଳାଠାକୁର ପ୍ରଥମ ସନ୍ତାନର ଏତେ ବର୍ଷପରେ ପିଲାଟିଏ ଦେଲ ଯେ ସେ ବି କନ୍ୟା । ଆମେ ତ ଗରିବ ଲୋକ କିପରି ବାହା କରିବୁ, ଆମ ସମାଜରେ ଝିଅଙ୍କ ପ୍ରତି ଯେଉଁ ଭଳି ଅବହେଳା ଓ ମନୋଭାବ ଏବଂ ତା ବାଦ୍ ଯୌତୁକ ରାକ୍ଷସର କବଳରୁ ମୁକୁଳିବା ଅସମ୍ଭବ । ପୁଅଟିଏ ଦେଇଥିଲେ ଆମ ବୁଢ଼ା ବେଳକୁ ସାହା ହୋଇଥାନ୍ତା ।" ଏଭଳି ପ୍ରଭୁଙ୍କ ଉଦ୍ଦେଶ୍ୟରେ କଥା ହେଉଥାନ୍ତି ସେତେବେଳେ ବରଜୁର ବନ୍ଧୁ ସଦା ଆସି ପହଞ୍ଚିଗଲା ଏବଂ ସେମାନଙ୍କୁ ଶୁଭେଚ୍ଛା ଜଣାଇଲା । ବରଜୁ ଓ ମାରିଆର ଦୁଃଖ ଦେଖି ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲା, "କିଛି ଚିନ୍ତା କରନି ଆଉ ଗୋଟିଏ ଝିଅ ହେଲା ବୋଲି । ଆରେ ଝିଅ ହେଲା ପରା ଦୁହିତା ଅର୍ଥାତ ଦୁଇ କୁଳକୁ ହିତା । ଦେଖିବ ଏହି ଦୁଇ ଝିଅ କେମିତି ପୁଅଠାରୁ ବଳିକି କାମ ଦେଖେଇବେ ।" ଏଭଳି ସାନ୍ତ୍ୱନା ଶୁଣି ଉଭୟ ଆଶ୍ୱସ୍ତି ଅନୁଭବ କଲେ ଏବଂ ସେହି କାଳିଆର ଇଚ୍ଛା ଯାହା ହେବ କହି ମନକୁ ବୁଝାଇଲେ ।

ସମୟ ଗଡ଼ି ଚାଲିଲା ସାନ ଝିଅ ରୁମିକୁ ପାଞ୍ଚ ବର୍ଷ ପୁରିଗଲା ଓ ଝାମିର ବି.ଏ ସମ୍ପୂର୍ଣ୍ଣ ହେଲା କିନ୍ତୁ ଭଲ ମାର୍କ ରହିଲାନି । ଘରର ଆୟପନ୍ଥା କହିଲେ କେବଳ ଚାଷରୁ ଯାହା ମିଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତକ, ସେଥିରେ ଦୁଃଖ କଷ୍ଟରେ ଯେନତେନ ପ୍ରକାରେଣ ଚଳିଯାଆନ୍ତି । ସେ ବର୍ଷ ଯୋଗକୁ ଝୁମି ପାଇଁ ଭଲ ପ୍ରସ୍ତାବଟିଏ ଆସିଲା, ମଦନପୁରଠାରୁ ପାଞ୍ଚ ସାତ କିଲୋମିଟର ଦୂରରେ ସାଁପୁର ଗାଁର ଫାଲଗୁ ସାମନ୍ତରାୟଙ୍କ ପୁଅ ଯିଏ କି ବି.ଏ ପାସ କରି ଏକ ପ୍ରାଇଭେଟ କମ୍ପାନୀରେ ମାସିକ ଆଠ ହଜାର ଟଙ୍କାରେ କାମ କରେ । ତା ତଳେ ଆଉ ଦୁଇ ଭଉଣୀ ଏବଂ ମା ବାପାଙ୍କୁ ନେଇ ତାଙ୍କ ପରିବାର । ବାପା ଚାଷ କାମ ବୁଝନ୍ତି । ଝୁମିର ଶିକ୍ଷା ଓ ସ୍ୱଭାବରେ ପ୍ରୀତ ହୋଇ ସାମନ୍ତରାୟ ଦମ୍ପତି ବୋହୂ କରି ଘରକୁ ଆଣିଲେ ।

ଝୁମି ବାହା ହୋଇ ଆସିବା ଦିନଠାରୁ ତାର ଧର୍ମପରାୟଣତା, ପରୋପକାର ମାନସିକତା ସର୍ବୋପରି ଶାଶୁ ଶଶୁର, ନଣନ୍ଦଙ୍କ ସେବା ଆଦି ଦେଖି ସମସ୍ତ ଗ୍ରାମବାସୀ ବହୁତ ପସନ୍ଦ କରନ୍ତି । ତା'ର ସ୍ୱାମୀ ହରିଚନ୍ଦନ ମଧ୍ୟ ବହୁତ ଖୁସି ଥାଏ ଏଭଳି ଲକ୍ଷ୍ମୀ ପ୍ରତିମାକୁ ସ୍ତ୍ରୀ ରୂପରେ ପାଇ । ଦେଖୁ ଦେଖୁ ଝୁମିର ପୁଅଟି ପ୍ରାରମ୍ଭ ଶ୍ରେଣୀରେ ପଢ଼ିବାକୁ ଲାଗିଲାଣି । କିନ୍ତୁ ସମୟ ସବୁବେଳେ ସମାନ ଯାଏନି, ବିପଦ କାହାକୁ କହିକରି ଆସେନା । ଦୁର୍ଭାଗ୍ୟ ବଶତଃ ବରଜୁକୁ ଆଂଶିକ ପକ୍ଷାଘାତ ହୋଇଗଲା, ସମସ୍ତ ଚେଷ୍ଟା ସତ୍ତ୍ୱେ ସମ୍ପୂର୍ଣ୍ଣ ଭଲ ହେଲା ନାହିଁ । ସେ ଆଉ ଆଗପରି କାମ କରି ପାରିଲା ନାହିଁ । ବରଜୁ ଧୀରେ ଧୀରେ ଭିତରେ ଭାଙ୍ଗି ପଡ଼ିଲା, କଣ କରିବ ରୁମିର ପଢା ଏବଂ ତିନି ପ୍ରାଣୀଙ୍କ ଭରଣପୋଷଣ କିପରି କରିବ । ଏଭଳି ଚିନ୍ତା ତାକୁ ଖାଇଯାଉଥାଏ ।

ତେଣେ ଝୁମି ମଧ୍ୟ ଶାନ୍ତିରେ ରହିପାରୁ ନଥାଏ ମାବାପାଙ୍କ ଏପରି ଅବସ୍ଥା ଦେଖି । ସବୁବେଳେ ଭାବୁଥାଏ ସ୍ୱାମୀ ଓ ଶଶୁରଙ୍କ ରୋଜଗାର ଯାହା ସେତକ ଆମ ପରିବାର ଚଳିବା ପାଇଁ ଯାହା ବି ହେଉ ହୋଇଯାଉଛି କିନ୍ତୁ ମୋ ମାବାପା, ଭଉଣୀ ସେମାନେ କଣ କରିବେ । ନା ମୋତେ କିଛି କରିବାକୁ ହେବ । ସେଦିନ ରାତିରେ ତା'ର ସ୍ୱାମୀ ହରିଚନ୍ଦନ ସହ ଆଲୋଚନା କରି କହିଲା, "ଦେଖ, ଆମ ଘରର ପରିସ୍ଥିତି ଯାହା ହେଲାଣି ମୋ ମାବାପା ଭିକ୍ଷା ବୃତ୍ତି ଆପଣେଇବା ଛଡ଼ା କିଛି ବାଟ ନାହିଁ । ତୁମେ ଯଦି ମୋତେ ସାହାଯ୍ୟ ହେବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେବେ ମୁଁ ବହୁତ କିଛି କରିପାରିବି ।” ହରିଚନ୍ଦନ ଆଗ୍ରହରେ ପଚାରିଲା,- “କୁହ, ମୁଁ କିପରି ସାହାଯ୍ୟ କରିପାରିବି । ତୁମେ ତ ଜାଣ ମୋର ଆୟ ଓ ବାପାଙ୍କ ଯାହା ସେଥିରେ ଆମେ ତିନି, ମାବାପା ପୁଣି ଦୁଇ ଭଉଣୀ ଚଳିବା କେତେ କଷ୍ଟ । ସେଥିରୁ କଣ ବଞ୍ଚୁଛି ଯେ ମୁଁ ସାହାଯ୍ୟ କରିପାରିବି ।”

ଝାମି ସ୍ୱାମୀକୁ ସାହସ ଦେଇ କହିଲା, “ତୁମେ ମୋତେ ଗୋଟିଏ ଲୁହା କଡ଼ାଇ, ଛଣା ଆଉ କିଛି ବେସନ, ବିରି ଆଦି ଆଣି ଦିଅ, ଦେଖିବ ମୁଁ କଣ କରିବି ।” ପ୍ରଥମେ ହରିଚନ୍ଦନ ରାଜି ହେଉ ନଥିଲା, ତା'ପରେ ଝାମି ବାରମ୍ବାର ବୁଝାଇ କହିବାରୁ ରାଜି ହେଲା । ତା'ପର ଦିନ ସକାଳୁ ହରିଚନ୍ଦନ ନିଜ ମାବାପାଙ୍କୁ ବୁଝାଇ ରାଜି କରାଇଲା । ଆସ୍ତେ ଆସ୍ତେ ଝାମିର ବେପାର ଜମିବାକୁ ଲାଗିଲା । ପ୍ରଥମେ ପ୍ରଥମେ ଚକୁଳି, ପକୁଡି କରୁଥିଲା ତା'ପରେ ଚାହିଦା ବଢ଼ିବାରୁ ବରା, ଦହିବରା, ପିଆଜି, ମୁଢି ଆଦି କରି ବିକି ଭଲ ଦିପଇସା ରୋଜଗାର ହେଲା । ଏହି କାମରେ ନଣନ୍ଦ ଦି ଜଣ ଝାମିକୁ ସାହାଯ୍ୟ କରନ୍ତି, କରିବେନି ବା କେମିତି ଝାମି ସେମାନଙ୍କୁ ନିଜ ଝିଅ ପରି ସ୍ନେହ ଦିଏ । ସେମାନଙ୍କ ପାଠପଢା ସହ ଅନ୍ୟାନ୍ୟ ଦାୟିତ୍ୱ ସୁଚାରୁ ରୂପେ ତୁଲାଏ । ଶାଶୁ ଶଶୁର ମଧ୍ୟ ବହୁତ ଖୁସି, ଏତେ କାମକରି ମଧ୍ୟ ଝାମି କେବେ ହେଲେ ତାର କର୍ତ୍ତବ୍ୟରେ ହେଳା କରେନା ବରଂ ଘରର ଅର୍ଥାଭାବକୁ ଦୂରେଇଛି ।

ନିଜ ସାନ ଭଉଣୀର ପାଠ ଖର୍ଚ୍ଚ ସହିତ ସେମାନଙ୍କ ସମସ୍ତ ଖର୍ଚ୍ଚ ନିଜେ ବହନ କଲା । ରୁମିକୁ ସବୁବେଳେ ପ୍ରେରଣା ଦିଏ କି ମନଦେଇ ପାଠ ପଢ଼, ଭଲ ଚାକିରୀଟିଏ ପାଇଲେ ତୁ ମାବାପାଙ୍କ କଥା ବୁଝିବା ସହ ତୋ ନିଜ ବ୍ୟବସ୍ଥା ତୁ ନିଜେ କରି ପାରିବୁ । ଏମିତି ବର୍ଷ ପରେ ବର୍ଷ ବିତିବାକୁ ଲାଗିଲା । ରୁମି ମାଟ୍ରିକରେ ଅଣାନବେ ପ୍ରତିଶତ ଓ ଇଣ୍ଟରମିଡିଏଟରେ ଏକାନବେ ପ୍ରତିଶତ ନମ୍ବର ରଖି ସିଟି ଟ୍ରେନିଂରେ ସମସ୍ତଙ୍କ ଠାରୁ ଅଧିକ ନମ୍ବର ରଖି ପାସ କଲା । ନିଜ ଗାଁ ସ୍କୁଲରେ ଶିକ୍ଷୟିତ୍ରୀ ଚାକିରୀ ପାଇଗଲା । ନିଜ ମାବାପାଙ୍କ ସେବା ସହ ଗାଁର ଗରିବ ପିଲାମାନଙ୍କୁ ମାଗଣାରେ ଶିକ୍ଷା ଦାନ କରିବା ସହିତ ଗାଁର ଅସହାୟ ମହିଳାମାନଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ସିଲାଇ ଶିକ୍ଷା କେନ୍ଦ୍ର ସ୍ଥାପନା କରି ସେମାନଙ୍କ ଶିକ୍ଷା ବ୍ୟବସ୍ଥା କରାଇଲା ନିଜ ତରଫରୁ ।

ଏତଦ୍ ବ୍ୟତୀତ ଗାଁର ମହିଳାମାନଙ୍କୁ ନେଇ ବଡି, ପାମ୍ପଡ଼, ମସଲା ଗୁଣ୍ଡ ପାକେଟ ଆଦି କରି ସ୍ଥାନୀୟ ବଜାରସବୁରେ ବିକିବାର ବ୍ୟବସ୍ଥା କରି ସେମାନଙ୍କୁ ସ୍ୱାବଲମ୍ବୀ କରାଇଲା । ଚାହୁଁ ଚାହୁଁ ତାର ଖ୍ୟାତି ଆଖପାଖ ଗାଁରେ ବ୍ୟାପିବାକୁ ଲାଗିଲା । ଏହା ଦେଖି ଗାଁର କମିଟି ତଥା ବ୍ଲକର ଅଧିକାରୀ ବୃନ୍ଦ ରୁମିକୁ ସମ୍ମାନିତ କରିବେ ବୋଲି ସ୍ଥିର କଲେ । ମିଟିଂର ଦିନ ଧାର୍ଯ୍ୟ ହେଲା, ରୁମିକୁ ଜଣାଇଦିଆ ଯାଇଥାଏ । ଧାର୍ଯ୍ୟ ଦିନ ରୁମି ନିଜ ଭଉଣୀ, ଭେଣେଇଙ୍କୁ ଡାକିଥାଏ । ସେଦିନ ଗାଁର ଦୋଳପର୍ବ ଥାଏ, ତେଣୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ଥାଏ । ଆଖପାଖ ଗାଁର ବହୁତ ଲୋକ ଦେଖିବାକୁ ଆସନ୍ତି । ମିଟିଂରେ ବି.ଡି.ଓ ଏବଂ ବ୍ଲକର ଅନ୍ୟ ଅଧିକାରୀମାନେ, ଏମ.ଏଲ.ଏ, ଗାଁ ବିଦ୍ୟାଳୟର ଶିକ୍ଷକମାନେ ଆଦିଙ୍କ ମେଳରେ ପରିବେଶ ବହୁତ ଆକର୍ଷଣୀୟ ଲାଗୁଥାଏ । ପ୍ରଧାନ ଶିକ୍ଷକ ରୁମି ପାଇଁ ଲିଖିତ ମାନପତ୍ର ପଢ଼ି ଶୁଣାଇଲେ ଏବଂ ତାପରେ ବିଧାୟକଙ୍କୁ ଅନୁରୋଧ କଲେ ରୁମିକୁ ସମ୍ମାନିତ କରିବା ପାଇଁ ।

ସେତେବେଳକୁ  ରୁମି ମଞ୍ଚାସୀନ ହୋଇ ସାରିଥାଏ କିନ୍ତୁ ତାର ମାନପତ୍ର ଓ ପୁରସ୍କାର ଗ୍ରହଣ କଲାବେଳେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଅନୁରୋଧ କଲା ତା'ର ଭଉଣୀ ଝାମିକୁ ମଞ୍ଚ ଉପରକୁ ଡାକିବା ପାଇଁ । ଝାମି ମଞ୍ଚ ଉପରକୁ ଆସି ଆସନ ଗ୍ରହଣ କଲା । ତା'ପରେ ରୁମି ତାର ବକ୍ତବ୍ୟ ଆରମ୍ଭ କଲା, ସମସ୍ତଙ୍କୁ ପ୍ରଣାମ ଜଣାଇ କହିବାକୁ ଲାଗିଲା, "ଆଜି ମୁଁ ଯାହା ବି ହୋଇଛି ବା ଯାହାଟା ମୁଁ ଅନ୍ୟମାନଙ୍କ ନିମନ୍ତେ କରୁଛି ତାହା ସମ୍ଭବ ହୋଇପାରିଛି ମୋର ଏଇ ଦେବୀ ତୁଲ୍ୟା ବଡ଼ ଭଉଣୀ ସକାଶେ । ସେ ଯଦି ଆମ ମା,ବାପା ଓ ମୋତେ ସାହାଯ୍ୟ କରି ନଥାନ୍ତା କି ପ୍ରେରଣା ଦେଇ ନଥାନ୍ତା ତ ମୋର  ଆଜି କି ଅବସ୍ଥା ହୋଇଥାନ୍ତା ତାହା କଳ୍ପନାତୀତ । ସବୁ କିଛି  ସମ୍ଭବ ହୋଇଛି  କେବଳ ମୋ  ଝାମି ଦିଦି ପାଇଁ ନଚେତ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଆଜି ରାସ୍ତା କଡ଼ରେ ହୋଇଥାନ୍ତି । ସେ ନିଜେ କେତେ କଷ୍ଟକରି ତା ଶାଶୁଘର ଏବଂ ବାପଘର ଲୋକଙ୍କ ପ୍ରତି ଯେଉଁ କର୍ତ୍ତବ୍ୟପରାୟଣତାର ପରାକାଷ୍ଠା ଦେଖାଇଛି ତାହା ଅତୁଳନୀୟ । ତେଣୁ ମୋତେ ଯେଉଁ ମାନପତ୍ର, ରାଶି ମିଳିଛି ମୁଁ ତାହା ମୋ ଦିଦିକୁ ଅର୍ପଣ କରୁଛି ।"

ଉପସ୍ଥିତ ଜନତା ନୀରବ, ନିଶ୍ଚଳ ହୋଇ ସବୁ ଦେଖୁଥାନ୍ତି । ଝାମି ଏତେ ବଡ଼ ଜନ ସମୁଦାୟ ଦେଖି ଟିକେ ଦୁର୍ବଳ ଅନୁଭବ କରୁଥାଏ ତଥାପି ସାହାସ ରଖି ସମସ୍ତଙ୍କୁ ପ୍ରଣାମ ଜଣାଇ କହିଲା କି,-"ମୁଁ ମୋର କର୍ତ୍ତବ୍ୟ କର୍ମ କରିଛି, ଏଥିରେ ମୋ ସ୍ୱାମୀ, ଶାଶୁ ଶଶୁର ଓ ନଣନ୍ଦଙ୍କ ମଧ୍ୟ ସାହାଯ୍ୟ ରହିଛି । ଆଜି ଯେଉଁ ଅର୍ଥ ପୁରସ୍କାର ରୂପେ ମିଳିଛି ମୁଁ ତାହା ଗାଁର ବିକାଶ ପାଇଁ ଅର୍ପଣ କରୁଛି ।" ତା'ର ବକ୍ତବ୍ୟ ଶେଷ ହେବା ପୂର୍ବରୁ କରତାଳିରେ ସଭାସ୍ଥଳ କମ୍ପି ଉଠୁଥାଏ । ଗାଁର ସମସ୍ତ ବ୍ୟକ୍ତି କହୁଥାନ୍ତି- ପ୍ରକୃତରେ ଏ ହେଲେ ଦୁହିତା । ଦୁହିତା ଅର୍ଥର ସାର୍ଥକତା ଝାମିଠାରେ ଦେଖିବାକୁ ମିଳିଛି । ତାଙ୍କ ମା,ବାପାଙ୍କୁ ମଧ୍ୟ ଲୋକେ ପ୍ରଶଂସା କରୁଥାନ୍ତି । ଝାମିର ଶାଶୁ, ଶଶୁର ମଧ୍ୟ ଦୋଳ ପର୍ବ ଦେଖିବାକୁ ଆସିଥାନ୍ତି ସମୁଦି ସମୁଦିଆଣୀ ସହ ସଭାରେ ଉପସ୍ଥିତ ଥାଇ ସବୁ ଶୁଣୁଥାନ୍ତି । ଝାମିର ବାପା, ମା ଶାଶୁ, ଶଶୁରଙ୍କ ଆନନ୍ଦାଶ୍ରୁ ବୋହି ପଡୁଥାଏ ।

ସମୟ କ୍ରମରେ ରୁମିକୁ ଏକ ଯୋଗ୍ୟ ବର ମିଳି ଯିବାରୁ ରୁମି, ତାର ସ୍ୱାମୀ ଓ ରୁମିର ମା,ବାପା ସମସ୍ତେ ଭଲରେ କାଳାତିପାତ କଲେ । ସମସ୍ତ ମୁହଁରେ ଗୋଟିଏ କଥା ଶୁଣିବାକୁ ମିଳୁଥାଏ ଝିଅ ହେବ ତ ଝାମି, ରୁମି ପରି ।

।। ଶିଶିର କୁମାର ପଣ୍ଡା, କଟକ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂସ୍କାର



କାର୍ତ୍ତିକ ଚନ୍ଦ୍ର ସେଠୀ

ଏଇ ଏବେ ଏବେ ତ ଶାନ୍ତି ଦେବୀ ପ୍ରୟାଗ ଭ୍ରମଣରୁ ଫେରି ସୋଫା ଉପରେ ବସି ପଡିଥିଲେ । ଗୋଡ଼ହାତ ଧୋଇ ଟିକିଏ ଫ୍ରେସ୍ ହେଲା ପରେ ଅପୂର୍ବ ଶାନ୍ତି ଅନୁଭବ କରୁଥିଲେ ସେ । ଯାତ୍ରା ଜନିତ କ୍ଲାନ୍ତି ସହ ବିଶ୍ରାମର ଏଇ ସୌଜନ୍ୟ ମୂଳକ ସାକ୍ଷାତକାର ବୋଧେ ବାଧି ରୁମରୁ ମିଳିଥାଏ । କ୍ଷଣ ପରେ କ୍ଷଣ ଜଗତ, ବିଧାତାଙ୍କର ଏଇ ସୁବ୍ୟବସ୍ଥିତ ତତ୍ତ୍ୱମୟୀ ଦର୍ଶନକୁ ଅନୁଭବ କରାଉଥିବାର ଦେଖି ମନେ ମନେ ଖୁସି ହେଉଥିଲେ ଶାନ୍ତି ଦେବୀ ।

"ଗରମ କ୍ଷୀର ମାଆ ।" ବୋହୂ ମୀରାର ମଧୁର ସ୍ୱରରେ ଶରଧାର ଅମୃତ ଝରିଯାଉଥିଲା । ସେ ଗ୍ଲାସ୍‌ଟିକୁ ଧରି ନେଇ ରଖିଦେଇଥିଲେ ଟେବୁଲ ଉପରେ । ଠିକ୍ ଉଷୁମ ଅଛି । ବେଶୀ ଗରମ ହୋଇନି । ଏବେ ପିଇ ଦିଅନ୍ତୁ ମାଆ । ଥଣ୍ଡା ହୋଇଯିବ...

କଥା କହୁ କହୁ କେତେବେଳେ ପାଦ ପାଖରେ ବସିପଡ଼ି ଗୋଡ଼ ଚିପିବା ଆରମ୍ଭ କରିଦେଇ ସାରିଲାଣି ଦେଖ ।-ହେଉ ଯାଆ ମା' । ଘରକାମ କିଛି ଅଛି ତ କରିଦେବୁ ଯାଆ । ରୋଷେଇ ଆରମ୍ଭ କଲୁଣି ?

- ନାଇଁ, ମାଆ । ଭାତ ଗ୍ୟାସରେ ବସେଇ ଦେଇଛି ।

- ହେଉ ଯାଆ ମା' ଆଉ ଡେରି କରନା...

ବିଲେଇର ନିଃଶବ୍ଦ ଚାଲି ପରି ମୀରା ରୋଷେଇ ଘରକୁ ଚାଲି ଯାଇଥିଲା । କିଛି ସମୟ ପରେ ଶାନ୍ତିଦେବୀ ରୋଷେଇ ଘର ଆଡ଼କୁ ଟିକିଏ ବୁଲିଗଲେ । ଟିକିଏ ସାହାଯ୍ୟ କରିଦେଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାମଟା ଶୀଘ୍ର ହୋଇଯିବ । ଏ ବୟସରେ ବି ସେ କାମ କରିବାକୁ କେବେ ପଛେଇ ଯାଆନ୍ତିନି, କିନ୍ତୁ ମୀରା କରିବାକୁ ଦିଏନାହିଁ । ଘର ଭିତରଟା ଦେବାଳୟ ପରି ଲାଗୁଥିଲା 'ହରେକୃଷ୍ଣ' ଧୂନରେ । ବୋହୂ ମନପ୍ରାଣ ଢାଳିଦେଇ ତା' କାର୍ଯ୍ୟ କରି ଚାଲୁଥିଲା, ସତେ ଯେମିତି ଯଶୋଦା ମାଆ ତାଙ୍କ କାହ୍ନାଙ୍କ ପାଇଁ ତିଆରି କରୁଛନ୍ତି ।

ବେଶୀ ଲଙ୍କା ନୁହଁ..... ବେଶୀ ମସଲାଯୁକ୍ତ ନୁହଁ, ବେଶୀ ଲୁଣିଆ ନୁହଁ ...

ପାଚନ କର୍ତ୍ତାଙ୍କର ଅମୃତମୟ ଭାବନାରେ ତିଆରି ଦ୍ରବ୍ୟରେ ଅମୃତତ୍ୱର ସୂକ୍ଷ୍ମ ପ୍ରଭାବ ମିଶିଯାଇଥାଏ । ଏଇଟି କେଉଁ କଣ୍ଠ ଶିଳ୍ପୀଙ୍କର କ୍ୟାସେଟ୍ ମାଆ ?

ଜଗଜିତ୍ ସିଂ ଓ ଚିତ୍ରା ସିଂଙ୍କର ମାଆ ।

ବହୁତ ହୃଦୟଛୁଆଁ ମା'

ଶାନ୍ତି ଦେବୀଙ୍କର ସୁପ୍ତ ବୈରାଗ୍ୟ ଭାବନାରେ ମୀରା ବୋହୂର ସୁମିଷ୍ଟ ଆଚରଣ ଅନୁରାଗର ସ୍ୱର ତୋଳୁଥିଲା । ବୋହୂଟିଏ କରି ସେ ବେଶ୍ ସୁଖ ଅନୁଭବ କରୁଥିଲେ । ଏକବିଂଶ ଶତକର ଉଗ୍ର ସଭ୍ୟତା ଭିତରେ ଶାନ୍ତି ଦେବୀଙ୍କର ଅନେକ ବନ୍ଧୁମାନେ ଉବୁଟୁବୁ ହେଉଥିବା ବେଳେ ସେ ଆଜି ଶାନ୍ତିରେ ନିଃଶ୍ୱାସ ମାରୁଥିଲେ । ସ୍ୱୟଂ ମୋହଗ୍ରସ୍ତ ହୋଇ ପଡ଼ିଥିଲେ ମୀରା ବୋହୂର ଶ୍ରଦ୍ଧା ଓ ଭକ୍ତି ନିକଟରେ । ମନେ ମନେ ତାଙ୍କ ସମୟର ଓଡ଼ିଆ ଚଳଚ୍ଚିତ୍ର 'ଏଇ ଆମ ସଂସାର'ର ଗୀତଟିକୁ ଗୁଣୁ ଗୁଣୁ ହୋଇ ଗାଇ ଚାଲିଥିଲେ :-

ଆମ ଘର ଏକ ମନ୍ଦିର, ସେ ତ ସରଗ ଠୁ ସୁନ୍ଦର

ମମତାର ମୂରତି, ମନେ ଦିଏ ଶକତି...

ଏଇ ଆମ ସଂସ୍କାର....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜ୍ୟାକେଟ୍



ରୋଜା ପଣ୍ଡା

ଆଜିବି ଯେତେବେଳେ ଶୀତଋତୁ ପୃଥିବୀକୁ ଆଗମନ କରେ ମୋର ସେଇ ପୁରୁଣା ଦିନର କ୍ଷୁଦ୍ର କାହାଣୀ ମନେପଡେ । ସେଇ ବିଶାଳ ହୃଦୟଧାରୀ କୁନି ଝିଅର କାହାଣୀ । ହଁ ବୟସର ଅନୁପାତରେ ସେ ସେତେବେଳେ ନୂଆ କରି ଯୌବନାବସ୍ଥାରେ ପାଦ ଦେଇଥାଏ କିନ୍ତୁ ଚାଲିରେ, ବୋଲିରେ, ଚିନ୍ତାଧାରା ଏବଂ ପ୍ରତ୍ୟେକଟି କାର୍ଯ୍ୟକଳାପରେ ସେ ବିଲକୁଲ ଗୋଟେ ଛୋଟ ଝିଅପରି । ନାଁ ତାର ସୋନୁ ।

ସୋନୁ ସେତେବେଳେ ଭୁବନେଶ୍ୱରରେ ଏକ ଘରୋଇ ଛାତ୍ରାବାସରେ ରହି ପାଠ ପଢୁଥାଏ । ଶୀତଋତୁ ସେତେବେଳକୁ ଧରାପୃଷ୍ଠରେ ନିଜର ଶୀତର ପସରା ମେଲେଇ ସାରିଥାଏ । ମାଘ ମାସର ହାଡଭଙ୍ଗା ଶୀତ ସାଙ୍ଗକୁ ଦିଗ ଦିସୁନଥିବା କୁହୁଡି ବିଛେଇ ହେଉଥାଏ ଧରାପୃଷ୍ଠରେ ।

ସୋନୁର ଶୀତବସ୍ତ୍ର କହିଲେ ଏକ ମେରୁନ ରଙ୍ଗର ବଟରଫ୍ଲାଏ ଚିତ୍ର ଥିବା ଜ୍ୟାକେଟ । ଯାହା ଥିଲା ସୋନୁର ଅତି ପ୍ରିୟ । ତାକୁ ଛାଡ଼ି ମଧ୍ୟ ସୋନୁ ପାଖରେ ଅନ୍ୟ ଦୁଇଟି ଜ୍ୟାକେଟ ଥିଲା କିନ୍ତୁ ସେଇ ମେରୁନ ରଙ୍ଗର ବଟରଫ୍ଲାଏ ଥିବା ଅନୁଭବ ଜ୍ୟାକେଟଟି ତାର ଖୁବ ପ୍ରିୟ ।

ସୋନୁ ତାର ପ୍ରିୟ ଜ୍ୟାକେଟଟିକୁ 'ଅନୁଭବ ଜ୍ୟାକେଟ' କହିବାର ମଧ୍ୟ ଗୋଟେ କାରଣ ଅଛି । ସେତେବେଳେ ଓଡ଼ିଆ ସିନେଜଗତର ତାରକା ଅଭିନେତା ଅନୁଭବ ମହାନ୍ତିଙ୍କର ଏକ ଚଳଚିତ୍ର ଆସିଥାଏ । ସେଥିରେ ଅନୁଭବ ଯେଉଁ ଜ୍ୟାକେଟ ପିନ୍ଧି ଡ୍ୟାନ୍ସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲେ ସେଇ ଜ୍ୟାକେଟ ପ୍ରତି ସୋନୁ ବେଶ୍ ଆକର୍ଷିତ ଥିଲା । ସେଥିପାଇଁ ବଜ଼ାରରୁ ସେ ଅବିକଳ ସେଇପରି ଏକ ଜ୍ୟାକେଟ କିଣିଆଣିଥିଲା ନିଜପାଇଁ ।

ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସୋନୁ ତା ଜ୍ୟାକେଟଟିକୁ ପିନ୍ଧୁଥାଏ ।

ଗୋରା ଦେହରେ ଖୋଲା କେଶ ସାଙ୍ଗକୁ ମେରୁନ ରଙ୍ଗର ଜ୍ୟାକେଟ ବେଶ୍ ମାନୁଥାଏ ସୋନୁକୁ । ଖୁବ ଆକର୍ଷଣୀୟ ଦେଖାଯାଉଥାଏ ଦୂରରୁ । ସୋନୁ ଉକ୍ତ ଜ୍ୟାକେଟଟିକୁ ପିନ୍ଧି ଖୁସିରେ ଉତ୍‌ଫୁଲିତ ହୋଇ ଦିୱାନା ଚଳଚ୍ଚିତ୍ରର ଗୀତ ସବୁ ଗୁଣୁଗୁଣଉଥାଏ ଅଧିକାଂଶ ସମୟରେ । ଯଦି କେବେ କେହି ଥଟାରେ ମଜ଼ାରେ ସୋନୁର ଅନୁଭବ ଜ୍ୟାକେଟଟିକୁ ପିନ୍ଧିଦିଅନ୍ତି ତେବେ ସୋନୁ କାନ୍ଦିପକାଏ । ବହୁତ ଦୁଃଖ ଲାଗେ ତାକୁ ।

ସୋନୁର ଚରିତ୍ର ଓ ଚିନ୍ତାଧାରା ଟିକେ ଅଲଗା ଧରଣର । ସେ ଦରକାର ପଡ଼ିଲେ ନିଜପାଇଁ ଥିବା ଖାଦ୍ୟ ପଦାର୍ଥ ମଧ୍ୟ ଭୋକିଲା ଲୋକଙ୍କୁ ଦେଖିଲେ ଦେଇଦେଇ ନିଜେ ଉପାସରେ ରହିଯାଏ । ନିଜେ ସଞ୍ଚୟ କରି ରଖିଥିବା ଟଙ୍କା ପଇସା ନେଇ ଅନ୍ୟର ହିତରେ ଲଗାଏ । ଅନ୍ୟପାଇଁ ସେ ଯେତିକି ଖୋଲା ନିଜ ପାଇଁ ସେ ସେତିକ କଞ୍ଜୁସ । ଅନ୍ୟମାନଙ୍କ ପାଇଁ ସେ ଜୀବନ ଦେବାକୁ ବି ପଛାଏ ନାହିଁ କିନ୍ତୁ ନିଜ ପାଇଁ ଟଙ୍କାଟିଏ ବି ଖର୍ଚ୍ଚ କଲେ ବହୁତ ଭାବିଚିନ୍ତି କରେ । ସେ ଯାହାବି ହେଉ ଜ୍ୟାକେଟ କ୍ଷେତ୍ରରେ କିନ୍ତୁ ସେ ବିଲକୁଲ ବୁଝାମଣା କରୁନଥିଲା । କାହାରିକୁ ବି ହାତ ମାରିବାକୁ ଦେଉନଥିଲା ଉକ୍ତ ଅନୁଭବ ଜ୍ୟାକେଟରେ ।

ତା ଅନ୍ତର ତ ବହୁତ ଦୟାଳୁ । ଥରେ ସକାଳୁ ସକାଳୁ ସେ କ୍ଲାସ ବାହାରିଥାଏ । ହଟାତ ରାସ୍ତାରେ ଜଣେ ବୃଦ୍ଧ ବୁଢାଲୋକଙ୍କୁ ଭେଟିଲା । ସେ ବୃଦ୍ଧ ବୁଢ଼ାଲୋକ ଜଣକ ସୋନୁ ପାଖକୁ ଦୌଡ଼ି ଯାଇ ତାକୁ ବହୁତ କାକୁତି ମିନତୀ ହୋଇ ଶୀତବସ୍ତ୍ର ଖଣ୍ଡେ ମାଗିଲେ । ବୁଢ଼ାଲୋକ ଜଣକ ଶୀତରେ ଥରୁଥିଲେ । ସୋନୁର ବି କ୍ଲାସ ଡେରି ହେଇଯାଉଥାଏ । ସେ ନିଜ ଦେହରେ

 Magazine Downloaded from www.aahwaan.com

ଥିବା ଅନୁଭବ ଜ୍ୟାକେଟ ଉପରେ ଟିକେ ଆଖି ବୁଲାଇ ଆଣିଲା । କିଛି ସମୟ ଚୁପଚାପ ହେଇ କଣ ସବୁ ଭାବିଗଲା । ତା'ପରେ ହଠାତ ସେ ବୃଦ୍ଧ ଲୋକଟିର ହାତ ଧରି ନିଜ ଛାତ୍ରାବାସକୁ ନେଇଗଲା । ଛାତ୍ରାବାସର ଗେଟ ସାମ୍ନାରେ ବୃଦ୍ଧଙ୍କୁ ଠିଆହେବାକୁ କହି ନିଜେ ନିଜର ରୁମକୁ ଦୌଡ଼ିଗଲା । ବୃଦ୍ଧ ଜଣଙ୍କ କିଛି କହିବାପୂର୍ବରୁ ସୋନୁ ଭିତରୁ ଏକ ଜ୍ୟାକେଟ ହାତରେ ଧରି ବୃଦ୍ଧଙ୍କ ସାମ୍ନାରେ ପହଞ୍ଚିଗଲା । ତାହା ଥିଲା ସୋନୁର ଅନ୍ୟ ଏକ ଜ୍ୟାକେଟ ଯେଉଁଟା ସେ ଅନୁଭବ ଜ୍ୟାକେଟ କିଣିବା ପୂର୍ବରୁ ବ୍ୟବହାର କରୁଥିଲା । ସୋନୁ ନିଜର ପୁରୁଣା ଜ୍ୟାକେଟଟିକୁ ବୃଦ୍ଧଙ୍କୁ ଦେଇ ଆଶ୍ୱସ୍ତି ଲାଭ କଲା ।

ଆଜି ସେ ଏକାବେଳେ ଦୁଇଟା କାମରେ ବିଜୟ ହେଇଛି ଭାବି ମନେମନେ ଖୁବ ଖୁସି ହେଉଥିଲା । ପ୍ରଥମରେ ସେ ଏଇ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବାପାଇଁ ବୃଦ୍ଧଙ୍କୁ ଜ୍ୟାକେଟ ଦେଇଛି ଏବଂ ଦ୍ୱିତୀୟରେ ନିଜର ଅତି ପ୍ରିୟ ଅନୁଭବ ଜ୍ୟାକେଟଟିକୁ ନିଜପାଇଁ ସମ୍ଭାଳି ରଖିପାରିଛି ।

ସୋନୁ କ୍ଲାସରୁ ଫେରିଲାବେଳେ କିଛି ମିଠା କିଣି ନିଜ ରୁମକୁ ଫେରିଲା କାରଣ ତାପରଦିନ ସୋନୁର ଜନ୍ମଦିନ ଥିଲା । ରାତି ପାହି ସକାଳ ହେଲା । ସୋନୁର ଜନ୍ମଦିନ ପାଇଁ ତାର ସାଙ୍ଗମାନେ ତାକୁ ଅଭିନନ୍ଦନ ଜଣାଉଥିଲେ । ସୋନୁ କିନ୍ତୁ ତାର ଜନ୍ମଦିନକୁ ଟିକେ ଅଲଗା ତରିକାରେ ପାଳନ କରୁଥିଲା । ସକାଳୁ ଉଠି ଗାଧେଇ ମନ୍ଦିର ଯିବା ବଦଳରେ ସେ ଚାଲିଲା ହସ୍ପିଟାଲକୁ । ଦେହରେ ନିଜର ଅତି ପ୍ରିୟ ଅନୁଭବ ଜ୍ୟାକେଟଟିକୁ ପିନ୍ଧି ସେ ପହଞ୍ଚିଗଲା ଯାଇ କଟକ ବଡ ମେଡିକାଲରେ । ସେ ନିଜ ଜନ୍ମଦିନରେ ପ୍ରତିବର୍ଷ ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କୁ ରକ୍ତଦାନ କରେ । ସେଠି ପହଞ୍ଚି ରୋଗ ନିରୂପଣ ଆରମ୍ଭ କରୁ କରୁ ତା ଆଖିରେ ପଡ଼ିଲା ଏକ ରକ୍ତହୀନତା ରୋଗୀଙ୍କ ପରିବାର ଉପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହାଙ୍କର ରକ୍ତ ଦରକାର ଥିଲା । ସେ ସେଠି ରକ୍ତଦାନ କରି ଭୁବନେଶ୍ୱରର ନିଜ ଛାତ୍ରାବାସକୁ ଫେରୁଥିଲା ।

ସେଦିନ ଝିପି ଝିପି ବର୍ଷା ପକାଉଥାଏ । କେଉଁଠି ଲଘୁଚାପର ସୂଚନା ଦେଉଥାନ୍ତି ଟିଭି ଓ ଖବରକାଗଜମାନ । ଆକାଶ ମେଘାଚ୍ଛନ୍ନ ଦେଖାଯାଉଥାଏ । ଶୀତରେ ଥରିଯାଉଥାଏ ଦେହ । ସୋନୁ ଭୁବନେଶ୍ୱର ଫେରିବା ଅଭିମୁଖେ ବାହାରି ଏକ ବସ ପାଖକୁ ଯାଉଥାଏ । ହଠାତ କିଏ ପଛରୁ ଡାକିଲା ପରି ଲାଗିଲା ସୋନୁକୁ । ସେ ପଛକୁ ବୁଲି ଦେଖିଲା ଏକ ଛିଣ୍ଡା ଲେଙ୍କଡ଼ା ଲୁଗା ପିନ୍ଧା ସ୍ତ୍ରୀ ଲୋକଟିଏ । କାଖରେ ତାହାର ଛଅ କି ସାତ ମାସର କଅଁଳା ଛୁଆଟିଏ । ମାଘମାସର ଶୀତ ସାଙ୍ଗକୁ କୋହଲା ପବନ । ଦୁହେଁ ଶୀତରେ ଥରିଯାଉଛନ୍ତି । ସ୍ତ୍ରୀ ଲୋକଜଣକ ସୋନୁକୁ କିଛି ପଇସା ମାଗିଲା ଏବଂ ଦୁଇଦିନ ହେବ କିଛି ଖାଇନି ବୋଲି କହିଲା ।

ଲଘୁଚାପର ପ୍ରକୋପ ବଢ଼ିବଢି ଚାଲିଥାଏ ତା ସାଙ୍ଗକୁ ପବନର ବେଗ ମଧ୍ୟ । ନିଆଶ୍ରି ସ୍ତ୍ରୀଲୋକଟି ନିଜକୁ ଓ ନିଜର ଛୁଆଟାକୁ ଶୀତର ପ୍ରକୋପରୁ ରକ୍ଷାକରିବା ପାଇଁ ଏଣେ ତେଣେ ବୁଲି କିଛି ଛିଣ୍ଡା ପେପର ଓ ରାସ୍ତାରେ ପଡିଥିବା ଛିଣ୍ଡା ଜରି, ଛିଣ୍ଡା କପଡାମାନ ଗୋଟାଉ ଗୋଟାଉ କରୁଣ କଣ୍ଠରେ କହୁଥାଏ, "ବାବୁ, ମାଆ କିଛି ପଇସା ଦିଅ, କିଛି ଖାଦ୍ୟ ଦିଅ, କିଛି ଶୀତବସ୍ତ୍ର ଦିଅ ବାବୁ ଏ ନିଆଶ୍ରିକୁ । ଧର୍ମ ହେବ ବାବୁ, ମାଆ ଭଗବାନ ମଙ୍ଗଳ କରିବେ ।" ଏମିତି ଅନେକ କିଛି ।

ଏସବୁ ଦୃଶ୍ୟ ସୋନୁର ହୃଦୟକୁ ମର୍ମାହତ କରିବାକୁ ଲାଗିଲା । ସେ ସଙ୍ଗେ ସଙ୍ଗେ ପାଖ ଦୋକାନକୁ ଦୌଡିଯାଇ କିଛି ଖାଦ୍ୟ କିଣିଆଣିଲା ଏବଂ ସେଇ ସ୍ତ୍ରଲୋକଟି ହାତରେ ବଢାଇଦେଲା ଏବଂ ନିଜ ମନିପର୍ସରୁ ତିନି ଖଣ୍ଡ ପଚାଶ୍ ଟଙ୍କିଆ ନୋଟ କାଢ଼ି ସେ ସ୍ତ୍ରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକଟିର ହାତରେ ଧରେଇ ନିଜ ଗନ୍ତବ୍ୟ ପଥରେ ଆଗେଇଲା ।

ସୋନୁ ବସରେ ଚଢ଼ିବାକୁ ପ୍ରୟାସ କରନ୍ତେ ହଠାତ ଜୋରସେ ପବନ ବହିବାକୁ ଲାଗିଲା । ସୋନୁ ପଛକୁ ଚାହିଁ ଉକ୍ତ ସ୍ତ୍ରୀ ଲୋକଟିକୁ ଖୋଜିପକାଇଲା ନିଜ ଆଖି ବୁଲାଇ । ଦେଖିଲା ସ୍ତ୍ରୀ ଲୋକଟି ଜାକିଜୁକି ହେଇ ରାସ୍ତାରେ ଥିବା ଏକ ଠେଲାଗାଡି କଡରେ ବସିଛି । ନିଜେ ପିନ୍ଧିଥିବା ଛିଣ୍ଡା ଶାଢୀରେ ନିଜ ଛୁଆକୁ ଢାଙ୍କିବାକୁ ପ୍ରୟାସ କରୁଛି ।

ସୋନୁ ଧୀରେ ଧୀରେ ସେ ସ୍ତ୍ରୀ ଲୋକଟିର ପାଖକୁ ଆସିଲା । ନିଜ ଦେହରେ ଥିବା ଅନୁଭବ ଜ୍ୟାକେଟଟିକୁ ଭଲ ଭାବରେ ଆଖିପୁରେଇ ଦେଖିଲା । ନିଜ ମୋବାଇଲରେ ଅନୁଭବ ଜ୍ୟାକେଟ ସହିତ ନିଜର ଏକ ଫୋଟୋ ଉଠାଇଲା ଏବଂ ଟିକେ ହସିଦେଇ ଜ୍ୟାକେଟଟିକୁ ନିଜ ଦେହରୁ ବାହାରକରି ସ୍ତ୍ରୀଲୋକଟିର ଦେହରେ ଢାଙ୍କିଦେଲା । ସ୍ତ୍ରୀଲୋକଟି ଜ୍ୟାକେଟଟିକୁ ପାଇ କୋଟିନିଧି ପାଇଗଲାପରି ନିଜ ଦେହରେ ଜାବୁଡି ଧରିଲା । ଜ୍ୟାକେଟର କିଛି ଅଂଶ ଟାଣିନେଇ ନିଜ ଛୁଆ ଦେହରେ ମଧ୍ୟ ଢାଙ୍କିବାକୁ ପ୍ରୟାସ କରୁଥିଲା ।

ସୋନୁ ସେଦିନ ଶୀତରେ ଥରି ଥରି ଘରକୁ ଫେରିଥିଲା । ନିଜର ଅତି ପ୍ରିୟ ଅନୁଭବ ଜ୍ୟାକେଟଟିକୁ ହରାଇ ସେ ସେଦିନ ଟିକେ ବି ଅନୁତାପ କରିନଥିଲା ବରଂ ତା ମୁଖମଣ୍ଡଳରୁ ଏକ ନିଆରା ଚମକ ଝଲସୁଥିଲା ।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର, ମଧୁପାଟଣା
କଟକ,-୭୫୩୦୧୦ ଓଡ଼ିଶା
ଇମେଲ୍ : roja.saumya@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୃତ୍ୟୁର ବିଭୀଷିକା



ସଂଯୁକ୍ତା ରାଉତ

ବୃଦ୍ଧାଶ୍ରମର ଚାରିକାନ୍ଥ ମଧ୍ୟରେ ଆଜି ଖୁବ୍ ଅଣନିଶ୍ୱାସୀ ପାଲଟି ଯାଉଥିଲେ ବିନୋଦ ବାବୁ । ମନ ମଧ୍ୟରେ ସ୍ମୃତି ଚାରଣ କରୁଥିଲା ବିଗତ ଦିନର ଘଟଣାବଳୀ । ଘଟଣା ତ ନୁହେଁ , ନିଜ ଅଙ୍ଗେନିଭା ଜୀବନ କାହଣୀ । ସେଦିନର ସେହି ମର୍ମନ୍ତୁଦ ମୁହୂର୍ତ୍ତ ଆଜିବି ଥରେଇ ଦେଉଛି ତାଙ୍କର ସମଗ୍ର ସତ୍ତାକୁ । ଭୟରେ ଟାଙ୍କୁରି ଉଠୁଛି ପ୍ରତିଟି ଲୋମମୂଳ ।

ଡିସେମ୍ବର ଛୁଟି ମନାଇବାକୁ ସୁଦୂର ଜର୍ମାନୀରୁ ପୁଅବୋହୂ ଆଉ ନାତି ଫେରିଛନ୍ତି ଘରକୁ । ୪ବର୍ଷର ନାତି ସିପୁନ୍ ସହ ଖୁସିରେ ଖୁସିରେ ଅତିବାହିତ ହୋଇଯାଉଥିଲା ତାଙ୍କର ଅବସରପ୍ରାପ୍ତ ଭାରାକ୍ରାନ୍ତ ଜୀବନର ଅବଶିଷ୍ଟ ସମୟତକ ।

ସେଦିନ ଥାଏ ଡିସେମ୍ବର ୨୭ ତାରିଖ । ସ୍ତ୍ରୀ ସୁମତୀ, ବୋହୂ ପ୍ରଜ୍ଞା, ପୁଅ ଅଖିଳେଶ ଆଉ ନାତି ସିପୁନ୍ କୁ ସାଙ୍ଗରେ ଧରି ସେ ବାହାରିଲେ ଫାମିଲ୍ ପିକନିକରେ । ଯାତ୍ରା ତାଙ୍କର ଆରମ୍ଭ ହେଲା କଟକସ୍ଥିତ ନିଜ ବାସଭବନ 'ଆନନ୍ଦ ନିବାସ'ରୁ ପୁରୀ ଆଉ କୋଣାର୍କ ଅଭିମୁଖେ । ସମୟ ସେତେବେଳକୁ ପ୍ରାୟ ସକାଳ ୮ଟା ହେବ । ଇଚ୍ଛା ଥିଲା ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ ସାରିବେ ତା'ପରେ କୋଣାର୍କର ସୂର୍ଯ୍ୟ ମନ୍ଦିର ଦେଖି ବୁଲାବୁଲି କରି ଫେରିବେ ।

ପୁଅ ଅଖିଳେଶ କାର୍ ଡ୍ରାଇଭ କରୁଥିଲେ । ଗାଡିର ବେଗ ମଧ୍ୟ ବେଶୀ ନ ଥିଲା । ପୁରୀ ଭୁବନେଶ୍ୱର ରାସ୍ତାରେ ତାଙ୍କ କାର୍ ଆଗକୁ ବଢୁଥିଲା । କାର୍ ର ଗତି ସହ ବଢ଼ି ଚାଲିଥିଲା ସମସ୍ତଙ୍କ ମନର ଉତ୍ସାହ । ଅନ୍ତାକ୍ଷରର ସରଗରମ ମାହୋଲ୍ ବି ଜୋର୍ ଧରିଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ ଭିତରେ । ସମସ୍ତେ ଖୁବ୍ ଖୁସିଥାନ୍ତି । କିଏ ଜାଣିଥିଲା ମୃତ୍ୟୁ ହାତ ଠାରି ତା'ରି ଆଡ଼କୁ ଯେମିତି ଡାକି ନେଉଥିଲା ଏ ହସ ଖୁସିର ପରିବାରଟିକୁ । ହଠାତ୍ ସମ୍ମୁଖରୁ ଦ୍ରୁତ ବେଗରେ ମାଡ଼ି ଆସିଲା ଦଶଚକିଆ ବ୍ରେକଫେଲ୍ ଟ୍ରକଟି ।

କିଂକର୍ତ୍ତବ୍ୟବିମୁଢ଼ ଅଖିଳେଶ ଷ୍ଟିୟରିଂ ବୁଲାଉ ବୁଲାଉ ରକ୍ତମୁଖା ମୃତ୍ୟୁ ଦାନବଟିଏ ମାଡିଆସିଲା ତାଙ୍କ କାର୍ ଉପରକୁ । ଆଖି ପିଛୁଳାକେ ସବୁକିଛି ଯେମିତି ଶେଷ ହୋଇଗଲା । ଘଟଣାସ୍ଥଳରେ ହିଁ ଅଖିଳେଶ ଆଉ ପ୍ରଜ୍ଞାଙ୍କର ମୃତ୍ୟୁ ହୋଇସାରିଥିଲା । ମେଡିକାଲ୍ ଯିବା ବାଟରେ ସୁମତୀ ଆଉ ସିପୁନର । ସଂଜ୍ଞାହୀନ ଅବସ୍ଥାରେ ୨ମାସ ମେଡିକାଲ୍ ବେଡ଼ରେ ପଡିରହି, ଯେଉଁଦିନ ଚେତା ପାଇ ଜାଣିବାକୁ ପାଇଲେ ଯେ ସେହି ଦୁର୍ଘଟଣାରେ ତାଙ୍କ ସାରା ପରିବାର ସହ ସେ ହରାଇଥିଲେ ନିଜର ଗୋଡ ଦୁଇଟି, ତାଙ୍କୁ ଲାଗିଲା ସତେ ଯେପରି ବିସ୍ତୀର୍ଣ୍ଣ ଆକାଶଟି ତାଙ୍କ ମୁଣ୍ଡ ଉପରେ ଛିଣ୍ଡି ପଡିଛି, ପାଦ ତଳର ପୃଥିବୀ ରସାତଳଗାମୀ ହୋଇଯାଇଛି ।

ଡିସଚାର୍ଜ ହେବା ପରେ ସେ ଆଉ ଫେରି ନ ଥିଲେ ଘରକୁ, ମେଡିକାଲ ବେଡ଼ରୁ ସିଧା ଆସିଥିଲେ ଏହି ବୃଦ୍ଧାଶ୍ରମକୁ, ନିଜର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତିକୁ ବୃଦ୍ଧାଶ୍ରମ ନାଁରେ ରେଜେଷ୍ଟ୍ରି କରିଦେଇ । ଏହା ଭିତରେ ତପ୍ତ ଅଶ୍ରୁ ଦୁଇଧାର କେତେବେଳେ ଯେ ଆଖିରୁ ବୋହି ଆସି ତାଙ୍କ ଗଣ୍ଡ ଦେଶକୁ ଛୁଇଁଯାଇ ସିକ୍ତ କରିଦେଲାଣି, ଜାଣିପାରି ନାହାଁନ୍ତି ସେ । ପଛରୁ କାହାର ଡାକ ଶୁଣି ସେ ଚମକି ପଡିଲେ, ଦେଖିଲେ ତାଙ୍କ ପଛରେ ଠିଆହୋଇଛି ବୃଦ୍ଧାଶ୍ରମର ଖାଦ୍ୟ ପରଷୁଥିବା ପିଲାଟି । କହୁଛି ସାର୍ ଆସନ୍ତୁ ଡାଇନିଂକୁ, ସମସ୍ତେ ପରା ଖାଇବା ପାଖରେ ଆପଣଙ୍କୁ ଅପେକ୍ଷା କରିଛନ୍ତି । ତୁ ଚାଲ, ମୁଁ ଯାଉଛି କହି ଆଖିର ଲୁହକୁ କାନ୍ଧରେ ପଡିଥିବା ଗାମୁଛାରେ ପୋଛିଦେଇ ହ୍ୱିଲ୍ ଚେୟାରକୁ ବୁଲାଇଲେ ଡାଇନିଂ ରୁମ ଆଡକୁ ।

ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କି ବା ଅସାଧ୍ୟ ମହୀତଳେ



ସୁଷମା ପରିଜା

ଦୃଢ ଇଚ୍ଛାଶକ୍ତି ଆଉ କଠୋର ସାଧନ ବଳରେ ମଣିଷ ଅସାଧ୍ୟ ସାଧନ କରିପାରେ ତା'ର ଅନେକ ଉଦାହରଣ ରହିଛି । ତନ୍ମଧ୍ୟରୁ ଏକ ଜ୍ୱଳନ୍ତ ଉଦାହରଣ ହେଲେ ପର୍ବତାରୋହୀ ଅରୁଣିମା । ତାଙ୍କର ଜୀବନରେ ଆସିଥିବା ଭୟଙ୍କର ବିପର୍ଯ୍ୟୟମାନଙ୍କୁ ଦୃଢ ଭାବରେ ସାମନା କରି ସେ ଆଜି ବିଶ୍ୱର ଜଣେ ଆଗଧାଡିର ପର୍ବତାରୋହୀ ରୂପେ ଉଜ୍ୱଳ କୀର୍ତ୍ତିମାନ ସ୍ଥାପନା କରି ନିଜ ପିତାମାତାଙ୍କ, ନିଜ ଦେଶର ମର୍ଯାଦା ସାରା ବିଶ୍ୱରେ ପ୍ରତିଭାତ କରାଇଛନ୍ତି । ନିକଟ ଅତୀତରେ ଭିନ୍ନକ୍ଷମ ମାନଙ୍କର ଗୋଟିଏ ସଭାରେ ସେଇ ମହୀୟସୀ ମହିଳାଙ୍କର ଉଦାତ୍ତ କଣ୍ଠରେ ବୟାନ କରିଥିବା ନିଜର ଆତ୍ମକଥାର ଭିଡିଓଟି ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇ ମୋ ଭଳି ଲକ୍ଷ ଲକ୍ଷ ଭିନ୍ନକ୍ଷମମାନଙ୍କ ମନରେ ଯେଉଁ ଦୃଢ ମନୋବଳର ଉତ୍ତାଳ ତରଙ୍ଗ ସୃଷ୍ଟି କରିଥିଲା, ସେଇ ପରିପ୍ରେକ୍ଷୀରେ ଏଇ ଗଳ୍ପଟିର ଅବତାରଣା । ତାଙ୍କରି ମୁହଁରେ ତାଙ୍କରି କାହାଣୀ .....

ଦୁଇ ହଜାର ଏଗାର ମସିହାର ଏପ୍ରିଲ୍ ମାସର ଏଗାର ତାରିଖ । ସେତେବେଳକୁ ମୁଁ ଜଣେ ଜାତୀୟ ଭଲିବଲ୍ ଦଳର ତାରକା ଖେଳାଳୀ । କୌଣସି ବ୍ୟକ୍ତିଗତ କାର୍ଯ୍ୟରେ ଟ୍ରେନ୍‌ରେ ଯାତ୍ରା କରୁଥାଏ ଲକ୍ଷ୍ନୌରୁ ଦିଲ୍ଲୀ । ଟ୍ରେନରେ ଚୋରି ହେବାଟା ଗୋଟାଏ ସାଧାରଣ କଥା । ଏକେ ତ ଏକୁଟିଆ ଯୁବତୀ ଝିଅ ଦ୍ୱିତୀୟରେ ସାଧାରଣ କମ୍ପାର୍ଟମେଣ୍ଟରେ ଯାତ୍ରା କରୁଛି ମାନେ ସାଧାରଣ ଝିଅ, ବିପଦ ସବୁଠୁ ବେଶି । ଜଣେ ଲୁଟେରା ଆସି ମୋ ବେକରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡିଥିବା ପତଳା ସୁନାଚେନଟିକୁ ଝିଙ୍କିଲା, ମୁଁ ଚାପି ଧରିଲି ତା'ର ହାତକୁ, ପାଟି କରି ଚିଲ୍ଲେଇଲି "ବଞ୍ଚାଅ" "ବଞ୍ଚାଅ" ବୋଲି, ଲୁଟେରା ଦଳର ଆଉ ଜଣେ ମାଡି ଆସିଲା, ହାତରେ ଛୁରୀ ଧରି ଠିଆ ହେଲା ମୋ ଆଗରେ । ତା'ର ଛୁରୀ ଦେଖି କେହି ସାହାସ କଲେନି ମତେ ରକ୍ଷା କରିବା ଲାଗି । ମୁଁ କିନ୍ତୁ ଭିଡି କରି ମୁଠାଇ ଧରିଥାଏ ମୋର ଚେନକୁ । ଲୁଟେରା ତା'ର ପ୍ରାଣପଣେ ଲାଗିଥାଏ ଚେନ୍‌ଟି ଛିଣ୍ଡାଇ ନେବାକୁ ହେଲେ ମୁଁ ଛାଡୁ ନଥାଏ, ସବୁ ବଳ ଖର୍ଚ୍ଚ କରି ମୁଠାଇ ଧରି ଥାଏ ଚେନ୍‌କୁ । ଏମିତି ଧସ୍ତାଧସ୍ତି ଭିତରେ ଲୁଟେରା ଦୁଇଜଣ ମୋତେ ଘୋଷାରି ଆଣି ଫିଙ୍ଗିଦେଲେ ଟ୍ରେନ୍ ବାହାରକୁ, ଦୁର୍ଭାଗ୍ୟକୁ ଆରପଟୁ ଆସୁଥିଲା ଆଉ ଗୋଟିଏ ଦ୍ରୁତଗାମୀ ଟ୍ରେନ୍, ସେଥିରେ ପିଟି ହୋଇ ମୁଁ ଖସି ପଡିଲି ଟ୍ରାକ ଉପରେ । ସେଇଟା ଷ୍ଟେସନ୍ ପାଖାପାଖି ସ୍ଥାନ ନଥିଲା, ତେଣୁ କେହି ଲୋକବାକ ନଥିଲେ ସେଠି । ମୁଁ ଖଣ୍ଡିଆଖାବରା ହୋଇ ସେମିତି ଚିତ୍କାର କରୁଥାଏ, ପ୍ରାଣ ବିକଳରେ ପାଣି, ପାଣି ବୋଲି କରୁଥାଏ, ହେଲେ କେହି ନଥାନ୍ତି ସେଠାରେ ମୋର ଡାକ ଶୁଣିବାକୁ । ମୁହଁ ମାଡି ତଳେ ପଡିଥାଏ, ବହୁତ କଷ୍ଟରେ ମୁଁ ନିଜେ ଘୋଷାରି ହୋଇ ହାତରେ ଭରା ଦେଇ ଉଠିବାକୁ ଚେଷ୍ଟା କଲି, ପାରିଲିନି, ବେକ ମୋଡି ତଳକୁ ଚାହିଁଲି, ସେତିକି ବେଳେ ମୋର ନଜର ପଡିଲା ମୋର ପାଦ ଉପରେ । ଗୋଟାଏ ଗୋଡ ଅଧାରୁ କଟି ଯାଇ ପାଦଟା ତଳେ ପଡିଥିଲା, ଆଉ ପାଦଟା ଉଠେଇବାକୁ ଚେଷ୍ଟା କରିବା ବେଳକୁ ଉଠୁନଥିଲା, ଭାବିଲି ଆଉ ପାଦଟା ବି ଭାଙ୍ଗି ଚୁନା ହୋଇ ଯାଇଛି ବୋଧହୁଏ । ଭୀଷଣ ରକ୍ତସ୍ରାବ ଆଉ ଯନ୍ତ୍ରଣାରେ ଅଚେତ୍ ହୋଇଗଲି ମୁଁ । ସାତଘଣ୍ଟା କାଳ ସେମିତି ପଡି ରହିଥିଲି ମୁଁ । ସେଇ ସାତ ଘଣ୍ଟା ମଧ୍ୟରେ ଅଣଚାଶଟି ଟ୍ରେନ୍ ପାଶ୍ କରିଥିଲା ସେଇ ବାଟ ଦେଇ, ହେଲେ କାହାରି ଦୃଷ୍ଟି ମୋ ଉପରେ ପଡି ନଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଈଶ୍ୱରଙ୍କ କରୁଣାରୁ ଭୋର୍ ବେଳକୁ କିଛି ଲୋକ ନିତ୍ୟକର୍ମ କରିବାକୁ ଆସି ରେଳ ଧାରଣା ଉପରେ ଦେଖିଲେ ମତେ । ହୋ ହାଲ୍ଲା କରି ଅନେକ ଲୋକ ଆସି ଜମାହେଲେ ସେଠାରେ, ସେଇମାନଙ୍କ ଭିତରୁ କେହି ଖବରଦେଲେ ରେଳବାଇ ପୋଲିସ ଆଉ ଆମ୍ବୁଲାନସ୍ କୁ । ସ୍ଥାନଟି ବରେଲି ପାଖାପାଖି ଥିଲା, ବରେଲି ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ମତେ । ମତେ ଏମିତି ଅବସ୍ଥାରେ ଦେଖି ଡାକ୍ତରମାନେ ବୁଝି ପାରୁନଥିଲେ ଯେ ଚିକିତ୍ସା କେଉଁଠୁ ଆରମ୍ଭ କରିବେ, ମୋର ମୁହଁଟି ସଫା କଲା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଚିହ୍ନି ପାରିଲେ ମତେ,  ଚିତ୍କାର କରି କହିଲେ, "ଆରେ, ଇଏ ତ ଆମର ଜାତୀୟ ଭଲିବଲ୍ ଖେଳାଳି 'ଅରୁଣିମା' ।" ତା'ପରେ ଜୋରସୋରରେ ଆରମ୍ଭ ହୋଇଥିଲା ମୋର ଚିକିତ୍ସା । ମୁଁ ସବୁ ଦେଖୁଥାଏ, ଡାକୁଥାଏ ହେଲେ ପଚୁର ରକ୍ତସ୍ରାବ ଯୋଗୁଁ ମୋର ପାଟିରୁ କଥା ବାହାରୁ ନଥାଏ  । ବହୁତ କଷ୍ଟରେ ମୁଁ ଖନେଇ ଖନେଇ କହିଲି ମୋର ଗୋଡ ଭାଙ୍ଗି ଯାଇଛି । ସେମାନେ ଆଗ ସେଇ କଟି ଯାଇଥିବା ଗୋଡର ଚିକିତ୍ସା ଆରମ୍ଭ କରିଥାନ୍ତି, ରକ୍ତସ୍ରାବ ସେ ପର୍ଯ୍ୟନ୍ତ ବନ୍ଦ ହୋଇନଥାଏ, ସେଥିରେ ପୁଣି ରେଲୱେ ଟ୍ରାକ୍ ଉପରେ ଯିବା ଆସିବା କରୁଥିବା ଛୋଟ ଛୋଟ ମୂଷାମାନେ ସେଇ ଖଣ୍ଡିଆ ଜାଗାକୁ ତାଙ୍କର ମୁନିଆଁ ଦାନ୍ତ ମାନଙ୍କରେ ଆହୁରି କାଟି ପକାଇ ଥାଆନ୍ତି । ମୁଁ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥାଏ ।

ଦୁର୍ଭାଗ୍ୟକୁ ସେଇ ହାସପାତାଳରେ ମୋ ଗ୍ରୁପର ବ୍ଲଡ୍ ମିଳୁ ନଥାଏ, କିନ୍ତୁ ଈଶ୍ୱରଙ୍କ ଅପାର କରୁଣା ଦେଖ, ମୋତେ ଚିକିତ୍ସା କରୁଥିବା ସମସ୍ତ ଡାକ୍ତର, କମ୍ପାଉଣ୍ଡର , ସହାୟକ୍ ମାନେ ନିଜ ନିଜର ଗୋଟିଏ ଲେଖାଏଁ ୟୁନିଟ୍ ରକ୍ତ ନିସଙ୍କୋଚରେ ଦାନକରି ମୋର ପ୍ରାଣ ରକ୍ଷା କରିଥିଲେ ।ଏହା ଈଶ୍ୱରଙ୍କ ଆଶୀର୍ବାଦ ନୁହେଁ ତ ଆଉ କ'ଣ ? ମୋ ଜୀବନକାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରେ ଏମିତି ଘଟଣାଟିଏ ମୁଁ ଶୁଣି ନଥିଲି । ଖବର ପାଇ ମୋର ବାପାମାଆ ଭାଇ ସମସ୍ତେ ଆସି ପହଞ୍ଚିଥିଲେ ହାସପାତାଳରେ । ରାଜ୍ୟସରକାରଙ୍କ ପକ୍ଷରୁ ମଧ୍ୟ ତୁରନ୍ତ ସାହାଯ୍ୟ ଯୋଗାଇ ଦିଆ ଯାଇଥିଲା, ମୋର ବାମ ଗୋଡଟି କଟା ହୋଇ କୃତ୍ରିମ ଗୋଡଟିଏ ଲାଗିଥିଲା ଏବଂ ଡାହାଣ ଗୋଡକୁ ରଡ୍ ଭର୍ତ୍ତି କରି ସଜାଡି ଅପରେସନ୍ କରି ଦିଆ ଯାଇଥିଲା । ହାସପାତାଳରେ ପଡି ରହି ଧୀରେ ଧୀରେ ସୁସ୍ଥ ହେଉଥିଲି ମୁଁ । ଦୁଇ ମାସପରେ ପ୍ରଥମ ଥର ପାଇଁ ସମ୍ବାଦପତ୍ରରେ ଆଖି ପକାଇଲା ବେଳକୁ ପଢ଼ିଲି ମୋ ବିଷୟରେ କିଛି ଅଭାବନୀୟ ସମ୍ବାଦ । "ଜଣାଶୁଣା ଭଲିବଲ୍ ଖେଳାଳି ଅରୁଣିମା ବିନା ଟିକେଟରେ ରେଳରେ ଯାତ୍ରା କରୁଥିବା ବେଳେ ଟିକେଟ୍ କଲେକ୍ଟରଙ୍କ ହାତରେ ଧରାପଡ଼ିବାରୁ ଟ୍ରେନରୁ ତଳକୁ ଡିଆଁ ମାରି ଆତ୍ମହତ୍ୟା କରିବା ବେଳେ ଆହତ ହୋଇଛନ୍ତି ।" ଦୁର୍ଘଟଣାର ଯନ୍ତ୍ରଣା ଅପେକ୍ଷା ଏଇ ସମ୍ବାଦର ଧକ୍କା ବହୁତ ଦୋହଲାଇ ଦେଲା ମୋତେ । ଖୁବ୍ କାନ୍ଦିଲି ସେଦିନ । କାନ୍ଦି କାନ୍ଦି ତକିଆ ଭିଜେଇ ଦେଲି, ଆଖିରୁ ଲୁହ ଶୁଖିଗଲା ହେଲେ ମନରୁ ଦାଗ ଲିଭିଲାନି । ସେଇ ମେଡିକାଲର ବେଡ୍ ଉପରେ ଶୋଇ ଶୋଇ ପ୍ରତିଜ୍ଞା କଲି, "ଆଜି ତୁମମାନଙ୍କର ବେଳ ପଡିଛି, ଯାହା କହିବାର କହିଯାଅ, କିନ୍ତୁ କାଲି ମୋର ଦିନ ନିଶ୍ଚୟ ଆସିବ, ତମମାନଙ୍କୁ, ସାରା ସଂସାରକୁ ମାନିବାକୁ ପଡିବ ଅରୁଣିମାକୁ । ମୁଁ ଏମିତି କିଛି କାମ କରିଯିବ ଯେ ମୋ ମଲାପରେ ମଧ୍ୟ ମୋ ନାଆଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।" ସେଇଠି ସ୍ଥିର କଲି ମୁଁ ପର୍ବତାରୋହଣ କରିବି । ପରିବାର ଲୋକଙ୍କୁ ଜଣାଇଲି ମନକଥା । ସମସ୍ତେ କାବାକାଠ ହୋଇ ଚାହିଁଲେ ମୋ ମୁହଁକୁ । କହିଲେ, "ତୁ ଦିବାସ୍ୱପ୍ନ ଦେଖୁଛୁ କି ? ଗୋଟାଏ ଗୋଡ ନାହିଁ, ଆଉ ଗୋଟାଏ ଗୋଡରେ ରଡ୍ ଭର୍ତ୍ତି ହୋଇଛି, ଠିକ୍ ରେ ଚାଲି ପାରୁନୁ, କହୁଛୁ କ'ଣ ନା ମାଉଣ୍ଟେନିୟରିଂ କରିବି, ଦିବାସ୍ୱପ୍ନ ଭୁଲିଯା ଝିଅ ! ବରଂ ଆଉ କିଛି କୋର୍ସ କରି ସରକାରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉ କି ବେସରକାରୀ ହେଉ, ଚାକିରୀଟିଏ କରି ଗୁଜୁରାଣ ମେଣ୍ଟାଇବାକୁ ଚେଷ୍ଟା କର ।" ମୁଁ କିନ୍ତୁ ମୋ ଜିଦ୍ ରେ ଅଟଳ ରହିଲି । ମୋତେ ଶୁଣିଲେ ନାହିଁ କାହାରି କଥା । ପେପର୍ ଦେଖି ମାଉଣ୍ଟେନିୟରିଂ ଇନଷ୍ଟିଚ୍ୟୁଟ୍ ର ଠିକଣା ସବୁ ସଂଗ୍ରହ କଲି । ମାଡାମ୍ ବଚେନ୍ଦ୍ରୀ ପାଲ୍ଙ୍କର ଠିକଣା ସଂଗ୍ରହ କରି ତାଙ୍କୁ ଚିଠି ଲେଖିଲି ମୋତେ ତାଙ୍କର ଶିଷ୍ୟା ଭାବରେ ଗ୍ରହଣ କରି ଟ୍ରେନିଂ ଦେବା ଲାଗି । ମୋର ଏକାଗ୍ରତା ଦେଖି ମୋ ଭାଇ ମୋର ସହାୟତା ପାଇଁ ହାତ ବଢେଇଲା । ସାଢେ ତିନି ମାସ ପରେ ଯେତେବେଳେ ମତେ ହାସପାତାଳରୁ ଡିସଚାର୍ଜ କରାଗଲା ସେତେବେଳେ ମୁଁ ଘରକୁ ଯିବା ପରିବର୍ତ୍ତେ ସିଧା ସଳଖ ଚାଲିଲି ମାଡାମ୍ ବଚେନ୍ଦ୍ରୀ ପାଲ୍ ଙ୍କର ଘରକୁ । ମୋର ଡାହାଣ ଗୋଡରେ ସେ ପର୍ଯ୍ୟନ୍ତ ଷ୍ଟାପଲର୍ ର ଷ୍ଟିଚ୍ ରହିଥିଲା, ବାମ ପଟରେ ଲାଗିଥିବା କୃତ୍ରିମ ଗୋଡଟି ଠିକ୍ ଠାକ୍ ପଡୁ ନଥିଲା, ସେଇ ଅବସ୍ଥାରେ ମତେ ଦେଖି ମାଡାମ୍ ଆଚମ୍ବିତ ହେଲେ । ମୋର ଦୃଢ ନିଶ୍ଚୟ ଶୁଣି ସେ କହିଲେ, "ଠିକ୍ ଅଛି ଅରୁଣିମା ! ତୁମର ଆତ୍ମବିଶ୍ୱାସ ଆଉ ନିଷ୍ଠା ଦେଖି ମୁଁ ଖୁବ୍ ଖୁସି ହେଲି, ତୁମକୁ ଶିଷ୍ୟା ଭାବରେ ଗ୍ରହଣ କରିବାକୁ ମଧ୍ୟ ପ୍ରସ୍ତୁତ ହେଲେ ତୁମକୁ ପ୍ରମାଣିତ କରିବା ଲାଗି ପଡିବ ଯେ ତୁମର ଏଇ ଗୋଡ ଦୁଇଟି ସହିତ ତୁମେ ମାଉଣ୍ଟେନିୟରିଂ କରିବା ଲାଗି ସମର୍ଥ, ତେବେ ଯାଇ ତୁମର ଶିକ୍ଷା ଆରମ୍ଭ ହେବ । ଏବେ ତୁମେ ଯାଇ ନୂତନ ଶିକ୍ଷାର୍ଥୀମାନଙ୍କୁ ଦେଖ । ସପ୍ତାହେ ସମୟ ନିଅ, ତୁମର ସାମର୍ଥ୍ୟ ପ୍ରତିପାଦିତ କର ।" ମୁଁ ଚାଲିଗଲି ନୂତନ ଭାବେ ଶିକ୍ଷା ନେଉଥିବା ପିଲାଙ୍କ ପାଖକୁ । ସେଦିନ ସେଠାରେ ଉପସ୍ଥିତ ରହି ସେମାନଙ୍କ ପ୍ରାକ୍ଟିସ୍ ଦେଖିଲି । ତହିଁଆର ଦିନ ପାଦ ରଖିଲି ଭୂମିରେ, ଖୁବ୍ କଷ୍ଟ ହେଉଥିଲା, ରକ୍ତ ବାହାରି ଆସୁଥିଲା, ତଥାପି ଡରିଲିନି, ଆଉ ପାଦେ ଆଗେଇଲି । ଧୀରେ ଧୀରେ କଷ୍ଟ ଦେହସୁହା ହୋଇଗଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭ୍ୟାସ ଆରମ୍ଭ କଲି । ଯେଉଁ ଦୂରତ୍ୱକୁ ସେମାନେ ଘଣ୍ଟାକରେ ଅତିକ୍ରମ କରୁଥିଲେ, ମତେ ତିନି ଘଣ୍ଟା ଲାଗୁଥିଲା, ତେବେ ବି ଚେଷ୍ଟା କରି ଚାଲିଥିଲି । ଆଠମାସ ପରେ ସେମାନଙ୍କ ସମକକ୍ଷ ହୋଇ ମୁଁ ମାଡାମ୍ ଙ୍କୁ ଭେଟିଲି । ମାଡାମ୍ ବହୁତ୍ ଖୁସି ହେଲେ, କହିଲେ ସୁନା ଝିଅ ! ଏବେ ତୁମେ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ମାଉଣ୍ଟେନିୟରିଂ କରିବା ଲାଗି ।

ମୋ ପରିବାର ବାହାରେ ସେ ଏକ ମାତ୍ର ମହିଳା ଥିଲେ ଯିଏ ମୋ ସାମର୍ଥ୍ୟ ଉପରେ ଭରସା କରିଥିଲେ । ଏବେ ପ୍ରସ୍ତୁତି ପର୍ବ । ଆମ ନିମ୍ନ ମଧ୍ୟବିତ୍ତ ପରିବାରରେ ଏତେ ବଡ ଅଭିଯାନ ପାଇଁ ପଇସା ଯୋଗାଡ କରିବା ସଂପୂର୍ଣ୍ଣ ଅସମ୍ଭବ । ସେଥିପାଇଁ ସ୍ପନସରଶିପ୍ ଯୋଗାଡ କରିବା ପାଇଁ ମଧ୍ୟ ମାଡାମ୍ ସାହାଯ୍ୟ କଲେ । ସାଙ୍ଗରେ ରହିବା ପାଇଁ ଶେର୍ପା ମଧ୍ୟ ଯୋଗାଡ କରିଦେଲେ ।

ଶୁଭ ମୁହୂର୍ତ୍ତରେ ଆମ ଆଠ ଜଣିଆ ଅଭିଯାତ୍ରୀ ଦଳର ଏଭରେଷ୍ଟ ଅଭିଯାନ ଆରମ୍ଭ ହେଲା । ମୋର ଅବସ୍ଥା ପ୍ରାୟ ସମସ୍ତଙ୍କୁ ଜଣାଥିଲା, ତେଣୁ ସମସ୍ତେ ମୋତେ କହୁଥାନ୍ତି, ଧୀରେ ଧୀରେ ଆସ ଅରୁଣିମା ଧୀରେ ଧୀରେ କିନ୍ତୁ ମୁଁ ଡଗଡଗ ହୋଇ ତାଙ୍କ ସହିତ ଚାଲୁଥାଏ । କ୍ୟାମ୍ପ ୱାନ୍ ରେ ପହଞ୍ଚି ସମସ୍ତେ ବିଶ୍ରାମ ନେଲୁ । ବରଫ ଉପରେ ଚାଲି ଚାଲି ପାଦରୁ ରକ୍ତ ବାହାରି ଆସିଥିଲା, କୃତ୍ରିମ ଗୋଡଟି ମଧ୍ୟ ଜଙ୍ଘରେ ଘଷି ହୋଇ ଖଣ୍ଡିଆ ଖାବରା ହୋଇ ଯାଇଥିଲା, ସବୁ କଷ୍ଟକୁ ସହି ପୁଣି ଯାତ୍ରା ଆରମ୍ଭ କଲୁ ରାତିରେ । ସାଧାରଣତଃ ରାତିରେ ହିଁ ପର୍ବତାରୋହୀଙ୍କୁ ଯାତ୍ରା କରିବା ସୁବିଧାଜନକ ହୋଇଥାଏ କାରଣ ଦିନବେଳା ସୂର୍ଯ୍ୟ ତାପରେ ବରଫ ତରଳି ଗୋଡ ଖସିଯାଏ, ଥକାପଣ ବି ଅଧିକ ରହେ, ସେଥିପାଇଁ ରାତିର ଯାତ୍ରା ହିଁ ପସନ୍ଦ କରନ୍ତି ସମସ୍ତେ । କଷ୍ଟେମଷ୍ଟେ କ୍ୟାମ୍ପ ଥ୍ରିରେ ପହଞ୍ଚିଗଲୁ । ଆଉ ଅଳ୍ପ କିଛି ବାଟ ବାକି ଆମ ଲକ୍ଷ୍ୟ ହାସଲ କରିବା ପାଇଁ । ସମସ୍ତଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ପ୍ରବଳ ଉତ୍ସାହ । ଏଥର ଯାତ୍ରା କିନ୍ତୁ ସହଜ ହେଉ ନଥାଏ । ମୁଣ୍ଡରେ ଲାଗିଥିବା ହେଡ୍ ଲାଇଟ୍ ର ଆଲୁଅ ଯୁଆଡେ ଯୁଆଡେ ପଡୁଥିଲା ସିଆଡେ ଅନେଇଲା ବେଳକୁ ଶବ ମାଳ ମାଳ । ଚାଖଣ୍ଡେ ଜାଗା ବି ଖାଲି ନାହିଁ ପାଦ ରଖିବାକୁ ।

ଦେହ ଶୀତେଇ ଉଠୁଥାଉ ମୋର ସେଇ ଶବମାନଙ୍କୁ ଦେଖି । ଶେର୍ପା କହିଲା, "ଏମାନେ ସବୁ ତୁମରି ଭଳି ଏଭରେଷ୍ଟ ବିଜୟ କରିବା ନିଶାରେ ଆସିଥିଲେ ଏତେ ବାଟ, କାହାର ଅକ୍ସିଜେନ୍ ସରିଗଲା ବାଟରେ ତ କିଏ ଅବଶ୍ୟ ହୋଇ  ପଡି ରହିଲା ଏଠାରେ, ମାଇନସ୍ ସିକ୍ସଟି ଡିଗ୍ରୀ ସେଲସିୟସର ଉତ୍ତାପ ସମ୍ଭାଳି ପାରିଲାନି, ଏଇଠି ପଡି ରହିଲା ବରଫ ହୋଇ, ବିଶ୍ୱ ବିଜୟ କରିବାର ଅଭିଳାଷ ନେଇ ଚାଲିଗଲା ଆରପାରିକୁ । ମୋର ମୁଣ୍ଡ ଝାଇଁ ମାରି ଯାଉଥିଲା, "ଆଗକୁ ଯିବାକୁ ହେବ ମତେ" ଆଖି ବନ୍ଦ କରି ଏଇ ମନ୍ତ୍ର ଘୋଷି ଘୋଷି ଆଗରେ ପଡିଥିବା ଦୁଇଟି ଶରୀରକୁ ବାଡିରୁ ଘୁଞ୍ଚାଇ ଦେଇ ପାଦ ପକେଇଲି ଆଗକୁ ଆଗକୁ । ମତେ ଆଉ କିଛି ଦେଖା ଯାଉନଥିଲା ଏଭରେଷ୍ଟ ଶୃଙ୍ଗ ବ୍ୟତୀତ । ଯେମିତି ହେଲେ ସେଠାରେ ପହଞ୍ଚିବାକୁ ହେବ, ଏଇ ସଂକଳ୍ପ ନେଇ ଚାଲୁଥାଏ । ଏଇ ସମୟରେ ମତେ ଝଟକାଟିଏ ଦେଲା ଶେର୍ପା, "ତୁମର ଅକ୍ସିଜେନ୍ ସରି ଆସୁଛି, ଏଇଠୁ ଫେର, ନହେଲେ ହୁଏତ ଫେରିବା ମଧ୍ୟ ଅସମ୍ଭବ ହୋଇ ପଡିବ ।" ମୁଁ ଅବାକ୍ ହୋଇ ଚାହିଁଲି ତା'କୁ । ସେଇ ମୁହୂର୍ତ୍ତରେ ଶେର୍ପା ଗୋଟାଏ ବଦ୍ଧ ପାଗଳ ବୋଲି ମୋର ମନେହେଲା । ମୋର ଲକ୍ଷ୍ୟସ୍ଥଳ ଆଉ ଅଳ୍ପ କିଛି ଦୂରରେ, ଆଉ ଇଏ କହୁଛି ଏଇଠୁ ଫେରିଚାଲ । "ଅସମ୍ଭବ, ଏକବାର ଅସମ୍ଭବ" ମୁଁ  ଚିହିଁକି ଉଠିଲି । ସେ ମୋତେ ବୁଝାଇବାକୁ ଚେଷ୍ଟା କଲା, "ଆରେ ଝିଅ ! ଜୀବନଟା ମୂଲ୍ୟବାନ ନା ଲକ୍ଷ୍ୟ ? ଜୀବନ ରକ୍ଷା କରି ଏବେ ଫେରିଚାଲ, ଜୀବନରେ ରହିଲେ ଆଉଥରେ ଚେଷ୍ଟା କରିବ । ମୋ ଛୋଟ କଥା ମାନ, ଏବେ ଫେରି ଚାଲ,  ସମୟ ଖୁବ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କମ୍ । ମୋ ଆଖିରେ ଲୁହ ଆସିଗଲା, ମୁଁ ଚାହିଁଲି ପଛକୁ, କେତେ ବାଟ କେତେ କଷ୍ଟ କରି ଆସିଛି, ଆଉ ଫେରିଗଲେ ଆଉ ଥରେ ସ୍ପନସରଶିପ୍ କୋଉଠୁ ମିଳିବ ? କିଏ ଭରସା କରିବ ମୋ ଉପରେ ? ନା, ନା, କୌଣସିମତେ ମୁଁ ଆଉ ପଛକୁ ଫେରିବି ନାହିଁ, ତେଣିକି ଫଳାଫଳ ଯାହା ବି ହେଉନା କାହିଁକି । ଦୃଢ ନିଶ୍ଚିତ କରି ମୁଁ ଚାଲିଲି ଆଗକୁ ଆଗକୁ, ପାଦରେ ଗତି ବଢାଇଦେଲି, ଅଗତ୍ୟା ଶେର୍ପାକୁ ମୋ ସାଥିରେ ଯିବାକୁ ପଡିଲା । ମୋର ଆଖି ଆଗରେ ଖାଲି ଏଭରେଷ୍ଟ ଛଡା ଆଉ କିଛି ଦେଖା ଯାଉନଥିଲା ନଥାଏ, ଆଉ ମାତ୍ର ଦେଢ ଘଣ୍ଟା ଭିତରେ ମୁଁ ପହଞ୍ଚି ଗଲି ସର୍ବୋଚ୍ଚ ଶିଖର ଏଭରେଷ୍ଟରେ । ନିଜକୁ ନିଜେ ବିଶ୍ୱାସ କରି ପାରୁ ନଥିଲି ମୁଁ । ସତରେ ମୁଁ ଏଭରେଷ୍ଟ ଜୟ କରି ପାରିଛି ? ସତେ ? ? ଅନେକ ଗୁଡିଏ ଦେଶର ପତାକା ଉଡୁଥାନ୍ତି ସେଠାରେ ।

ମୁଁ ମୋ ଅଣ୍ଟାରେ ଭାରତୀୟ ଜାତୀୟ ପତାକାକୁ କାଢି ଆଗ ନିଜ ଦେହରେ ଗୁଡେଇ ହୋଇ ପଡିଲି । ଆଃ ସତେ କି ପ୍ରାଣ ସଞ୍ଚରିଗଲା ମୋ ଦେହରେ, ଛାତି ଭର୍ତ୍ତି ନିଶ୍ୱାସ ନେଇ କହିଲି ଶେର୍ପାକୁ "ମୋର କିଛି ଫଟୋ ଉଠାଇନିଅ, ଯଦି ମୁଁ ମରିବାକୁ ଯାଏ ତେବେ ସେଇ ଫଟୋ ଦେଖି ଲୋକେ ଜାଣିବେ ଯେ ମୁଁ ଏଭରେଷ୍ଟ ବିଜୟ କରି ସାରିବା ପରେ ଯାଇ ମରିଛି ନହେଲେ କହିବେ ଅଧା ବାଟରେ ପଡି ମରିଛି ବୋଲି । ଶେର୍ପା ଆଠଦଶଟି ଫଟୋ ନେଲା, ମୋର ଅବସ୍ଥା ଦେଖି କହିଲା, "ଏବେ ତ ଫେରି ଚାଲ, ନହେଲେ ନିଜେ ମରିବ ଆଉ ମତେ ବି ମାରିବ ।" ମୁଁ ତା'କୁ ହାତ ଯୋଡି ଅନୁରୋଧ କଲି, "ଭାଇଟା ପରା, ଆଉ ଗୋଟିଏ ଛୋଟ କାମ କରିଦିଅ, ମୋର ଏଇ ବିଜୟର ଗୋଟିଏ ଭିଡିଓ ବନେଇ ଦିଅ, ଯଦି ମୁଁ ମରିବାକୁ ଯାଏ, ତେବେ ଏଇଟା ଭାରତ ପଠାଇ ଦେବ ମୋ ବାପମାଆ, ମୋର ଦେଶବାସୀଙ୍କି ଜାଣିବେ ଅରୁଣିମା ଜୀବନରେ ହାର୍ ମାନି ନାହିଁ, ସେ ଏଭରେଷ୍ଟ ବିଜୟିନୀ ହୋଇ ମରିଛି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର ବିକଳ ଅନୁରୋଧକୁ ରକ୍ଷାକରି ସେ ଛୋଟ ଭିଡିଓଟିଏ ତିଆରି କରି ରଖିଲା । ଭାରତୀୟ ଜାତୀୟ ପତାକାକୁ ସେଇଠି ପୋତି ଆମେ ଫେରିବାକୁ ଆରମ୍ଭ କଲୁ । ମୋର ହାତ ପାଦ ସେତେବେଳକୁ ଥରୁଥାଏ, ଅକ୍ସିଜେନ୍ ସରି ସରି ଆସୁଥାଏ । ଫେରିବା ବାଟରେ ମୋର ମୃତ୍ୟୁ ନିଶ୍ଚିତ ବୋଲି ମୁଁ ଧରି ନେଇଥାଏ । ଆଠ ହଜାର ଆଠ ଶହ ଚଉରାଅଶୀ ଫୁଟ୍ ଉପରେ ମାଇନସ୍ ସିକ୍ସଟି ଡିଗ୍ରୀ ସେଲସିୟସ ତାପମାତ୍ରାରେ ମୋର ହାତ ସବୁ ନାଲି ରଙ୍ଗରୁ ନୀଳ ରଙ୍ଗ ହେବା ଆରମ୍ଭ କରିଥାଏ । ବହିରେ ପଢିଥିଲି ବରଫରେ ଅମ୍ଳଜାନ ନ ପାଇ ଶରୀର ନାଲିରୁ ନୀଳ ପଡିଯାଏ ଏବଂ ଶେଷରେ ନୀଳରୁ କଳା ରଙ୍ଗ ପଡିଗଲେ ମଣିଷର ମୃତ୍ୟୁ ସୁନିଶ୍ଚିତ । ମୋର ଶେଷ ଅବସ୍ଥା ଆସି ଯାଇଥାଏ । ମୁଁ ଚେତା ହରାଇ ପଡିଗଲି ତଳେ । ମୃତ୍ୟୁ ଆଉ ଅଳ୍ପ ଦୂରରେ, ଏଇ ସମୟରେ ଗୋଟିଏ ବିଚିତ୍ର ଘଟଣା ଘଟିଲା । ବୋଧହୁଏ ଐଶ୍ୱରୀୟ କରୁଣା ଥିଲା ମୋ ଉପରେ, ମୋର ମୃତ୍ୟୁ ସେଇ ସମୟରେ ଲେଖା ନଥିଲା ବୋଧହୁଏ, ସେଇଥିପାଇଁ ସେଇ ପଟ ଦେଇ ଯାଉଥିବା ଜଣେ ବ୍ରିଟିଶ୍ ପର୍ବତାରୋହୀ ତାଙ୍କ ପାଖରେ ଥିବା ଦୁଇଟି ଅକ୍ସିଜେନ୍ ସିଲିଣ୍ଡରରୁ ଗୋଟିଏ ଫୋପାଡି ଦେଲେ ନିଜର ଓଜନ ହାଲୁକା କରିବା ଲାଗି । ଶେର୍ପାର ନଜରରେ ପଡିଲା ସେଇ ଅକ୍ସିଜେନ୍ ସିଲିଣ୍ଡରଟି । ଧାଇଁ ଯାଇ ସେଇଟାକୁ ଗୋଟେଇ ଆଣିଲା ସେ, ମୋର ନାକରେ ଲାଗିଥିବା ଅକ୍ସିଜେନ୍ ମାସ୍କରେ ଯୋଗ କରିଦେଇ ମତେ ସାଷ୍ଟମ କଲା । ମୁଁ ପୁନଃ ଜୀବନ ପାଇଲି । ଟିକିଏ ବିଶ୍ରାମ ନେଇ ଫେରୁଥିଲୁ ଆମେ । ବରଫ ପାହାଡ ଉପରେ ଚଢିବା ଯେତିକି କଷ୍ଟ ଓହ୍ଲାଇବା ତା'ଠାରୁ ଦୁଇଗୁଣ କଷ୍ଟ, ବିଶେଷ କରି ମୋ ଭଳି ଭିନ୍ନକ୍ଷମ ମାନଙ୍କ କ୍ଷେତ୍ରରେ ଆହୁରି ଦୁରୂହ ବ୍ୟାପାର । ହଠାତ୍ ମୋର କୃତ୍ରିମ ଗୋଡଟି ବୁଲିଗଲା ପଛ ପଟକୁ, ଯେତେ ଚେଷ୍ଟା କଲେ ବି ଆଉ ସିଧା ହେଲାନାହିଁ । ଶେର୍ପା ଡରିଗଲା, ଗୋଟାଏ ଅପରେସନ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ରଡ୍ ପଡିଥିବା ଗୋଡ ନେଇ କେମିତି ତଳକୁ ଓହ୍ଲାଇବି ମୁଁ, ସେଇ ଚିନ୍ତାରେ ତା' ଗୋଡ ହାତ ଚଳିଲେ ନାହିଁ । ଏଇ ସମୟରେ ତା'କୁ ସାହସ ଦେଲି ମୁଁ । କହିଲି "ଆରେ ଭାଇ ! ଇଏ ମୋ' ଗୋଡ ସିଏ କେମିତି ଚାଲିବ, ସେକଥା ମୁଁ ଜାଣିଛି, ତମେ ମୋଟେ ବ୍ୟସ୍ତ ହୁଅନାହିଁ, ସବୁ ଠିକ୍ ହୋଇଯିବ । ଆଖି ବନ୍ଦକରି ଇଶ୍ୱରଙ୍କୁ ସ୍ମରଣ କଲି ମୁଁ, ଆଉ ଶରୀରର ସବୁ ଶକ୍ତି ଲଗାଇ କୃତ୍ରିମ ଗୋଡଟି ମୋଡିମାଡି ପୁଣି ଥରେ ସିଧା କରି ଲଗାଇ ଦେବାରେ ସଫଳ ହେଲି । ଏଥର ଆଉ କୌଣସି ଅସୁବିଧା ନାହିଁ । ଶେର୍ପା ମଧ୍ୟ ଉପରକୁ ଚାହିଁ ହାତ ଯୋଡିଲା, ବୋଧହୁଏ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଥିଲା । ଧୀରେ ଧୀରେ ଖୁବ୍ ସାବଧାନତାର ସହ ଆମେ ଓହ୍ଲାଇ ଆସିଲୁ ତଳକୁ ତଳକୁ । ଯେତେବେଳେ ସାଉଥପୋଲ୍ ର କ୍ୟାମ୍ପରେ ତମ୍ବୁର ପରଦା ଟେକି ମୁଁ ଭିତରକୁ ପଶିଲି ସମସ୍ତେ ଚକିତ ହୋଇ ଚାହିଁଲେ ମତେ । ସମସ୍ତେ ଏକ ସ୍ୱରରେ କହି ଉଠିଲେ "ଆରେ ଅରୁଣିମା ! ତୁମେ ଆସିଗଲ ? ଆମେ ତ ଭାବିଥିଲୁ ତୁମେ ଆଉ ଫେରି ଆସିବଟି ବୋଲି । ସତରେ, ତୁମର ନ ଫେରିବା ସୁନିଶ୍ଚିତ ବୋଲି ଧରି ନେଇଥିଲୁ ଆମେ । ଯାହା ହେଉ ଭଗବାନ ବଡଲୋକ, ସେ ତୁମକୁ ସକୁଶଳ ଫେରାଇ ଆଣିଛନ୍ତି ।" ପ୍ରକୃତରେ ବି ସେମାନେ ସେମିତି କିଛି ଭାବିବା ଠିକ୍ ଥିଲା କାରଣ ସେମାନଙ୍କ ଯାତ୍ରା ଏଗାର ଘଣ୍ଟାରେ ସମାପ୍ତ ହୋଇଥିବା ବେଳେ ମୋର ଯାତ୍ରାର ଅବଧି ଥିଲା ଅଠେଇଶି ଘଣ୍ଟା । ଆମେ ସମସ୍ତେ ସଫଳ ହୋଇଥିଲୁ ଏଭରେଷ୍ଟ ଶୃଙ୍ଗ ବିଜୟ କରିବାରେ । ମାଡାମ୍ ବଚେନ୍ଦ୍ରୀ ପାଲ୍ ଖୁବ୍ ଖୁସି ହୋଇସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇଲେ । ବିଶ୍ୱର ଚାରିଆଡେ ଆମର ସଫଳତାର କାହାଣୀ ପ୍ରସାରିତ ହୋଇଗଲା । ଦେଶର କୋଣ ଅନୁକୋଣରୁ ବଧାଇର ସୁଅ ଛୁଟିବାକୁ ଲାଗିଲା ଆମ ମାନଙ୍କ ପାଖକୁ ।

ବିଶେଷ କରି ମୋ ପାଖକୁ କାରଣ ଜଣେ ଭିନ୍ନକ୍ଷମ ଆଉ ନାରୀଟିଏ ହୋଇ ମଧ୍ୟ ମୁଁ

 Magazine Downloaded from www.aahwaan.com

ଏଭରେଷ୍ଟ ବିଜୟିନୀ ହୋଇଥିଲି । ମୋ ମନରେ ଆତ୍ମସନ୍ତୋଷ ମିଳିଲା ଯେ ଯେଉଁ ଲୋକମାନେ ଗତକାଲି ମୋ ବିଷୟରେ ଯାବତୀୟ କୁତ୍ସାରଚନା କରୁଥିଲେ ଆଜି ସେଇମାନେ ମୋର ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲେ । ମୋ ବାପାମାଆ, ଭାଇ ବନ୍ଧୁ, ମୋ ଦେଶବାସୀ ମୋ ପାଇଁ ଗର୍ବ ଅନୁଭବ କରୁଥିଲେ । ମୋର ଯାତ୍ରା ସେଇଠି ଶେଷ ହେଲା ନାହିଁ, ମାଡାମ୍ ବଚେନ୍ଦ୍ରୀ ପାଲ୍ ଙ୍କର ପ୍ରେରଣା ମତେ ଆହୁରି ଆହୁରି ଦୁଃସାହସିକ ଯାତ୍ରା କରିବା ଲାଗି ସାହସ ଦେଲା । ଆଜି ମୁଁ ବିଶ୍ୱରେ ଏସିଆର ଏଭରେଷ୍ଟ ସହ ଆଫ୍ରିକା, ଇଉରୋପ, ଅଷ୍ଟ୍ରେଲିଆ ଆଦି ପାଞ୍ଚଟି ମହାଦେଶରେ ଥିବା ସର୍ବୋଚ୍ଚ ଶୃଙ୍ଗମାନ ଆରୋହଣ କରି ବିଶ୍ୱ କୀର୍ତ୍ତି ସ୍ଥାପନା କରି ସାରିଛି । ତଥାପି ମୋର ଯାତ୍ରା ସରି ନାହିଁ, ମନୋବଳ ହାରି ନାହିଁ । ଆଜି ବି ମୁଁ ଗାଉଛି ....

" ଅଭି ତୋ ଇସ୍ ବାଜ୍ କା ଅସଲୀ ଉଡାନ୍ ବାକି ହୈ
ଅଭି ତୋ ଇସ୍ ପରିନ୍ଦେ କା ଇମତିହାନ୍ ବାକି ହୈ
ଅଭି ଅଭି ମୈନେ ଲାଙ୍ଘା ହୈ ସମନ୍ଦର କୋ, ଅଭି ତୋ ପୁରା ଆସମାନ୍ ବାକି ହୈ"

ବନ୍ଧୁଗଣ ! ଇଏ ଖାଲି ମୋ ପାଇଁ ନୁହେଁ, ସମସ୍ତଙ୍କ ପାଇଁ କହୁଛି, ଯଦି କେହି ତୁମକୁ ହିମ୍ମତ୍ ଦେଉଥାଏ, ତୁମକୁ ଆଗକୁ ଯିବାକୁ ସାହସ ଦେଉଥାଏ, ତୁମକୁ ବିପଦ ବେଳେ ଠିକଣା ବାଟ ଦେଖାଇଥାଏ, ତେବେ ସେଇ ଜଣକ ତୁମେ ନିଜେ, ଆଉ କେହି ନୁହେଁ । ତୁମର ଅନ୍ତର ଭିତରେ ଥିବା ମନ ହିଁ ତୁମକୁ ଆଲୋକ ବର୍ତ୍ତିକା ଦେଖାଇ ଆଗକୁ ନିଏ । ତୁମ ମନର ଦୃଢତା ହିଁ ତୁମର ବଳ । ତୁମେ ନିଜେ ହିଁ ନିଜର ପରିପୂରକ ।

ଶାରଳା ଭବନ ପୋତାପୋଖରୀ ନୂଆବଜାର କଟକ-୪, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୭୨୭୨୬୪୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟାଟୁ



ଜ୍ୟୋତିରଞ୍ଜନ ସାହୁ

ଛଅ ମାସପରେ ଆଜି ଖୁସି ଘରକୁ ଆସୁଛି । ବାପା ମା ଜେଜେମା ସମସ୍ତେ ବହୁତ ଖୁସି । ଖୁସିକୁ ଦମ୍ ବିରିୟାନୀ ଭଲ ଲାଗେ ବୋଲି ମା ତାର ମନ ପ୍ରାଣ ଦେଇ ବିରିୟାନୀ କରିଛି । ଯେବେଠାରୁ ଖୁସି ରାଜଧାନୀରେ ପଢିଲାଣି ସେବେଠାରୁ ଦମ୍ ବିରିୟାନୀଟା ତାର ଫେବରେଟ୍ ହୋଇଯାଇଛି । ଖାସ୍ ତାହାରି ପାଇଁ ମା ତାର ବହୁଆଡୁ ବୁଝାବୁଝି କରି ଏ ଦମ୍ ବିରିୟାନୀ ତିଆରି କରିବା ଶିଖିଛନ୍ତି । ଛୋଟିଆ ସହର ତ ! ଏଇଠି କିଏ ବୁଝେ ବିରିୟାନୀ ! ଆଉ ତାପରେ ବି ଏଇଠି ଦମ୍ ବିରିୟାନୀ କେତେବେଳେ କେମିତି ଛାଡିଦେଲେ ସବୁବେଳେ ମିଳେନା । ସେଇଥି ପାଇଁ ଖୁସିର ମା ଏତେ କଷ୍ଟ କରି ତା ପାଇଁ ଆଜି ବିରିୟାନୀ କରିଛନ୍ତି । ସଂଧ୍ୟା ଛଅଟା ଟ୍ରେନରେ ଖୁସି ଆସି ପହଞ୍ଚିଲା । ଘରେ ପଶୁ ପଶୁ ମା' ତା'ର ହଠାତ୍ କହି ଉଠିଲେ, "ଆଲୋ ଖୁସି ! ତୋ କାନ ମୂଳରେ କଣ ଗୋଟେ ଟାଲୁଛି ?" ଠୋ ଠୋ ହୋଇ ହସିଚାଲିଲା ଖୁସି । ମା'କୁ ବୁଝାଇ କହିଲା, "ଆଲୋ ମା ! ଏଇଟା କିଛି ନୁହେଁ ଗୋଟେ ଟାଟୁ ! ଟାଟୁ ! ଜାଣିଛୁ ଟାଟୁ ଟା କଣ ?" ମା' ତା'ର କହିଲେ, "ଏ ଟାଟୁ ଫାଟୁ ମୋତେ କିଛି ଜଣା ନାହିଁ ଲୋ ମା ! ତୋର ସୁନ୍ଦରିଆ ମୁହଁଟାରେ ଏ ଅପରିଷ୍କାର ଚିତ୍ର କଣ ପାଇଁ କରିଛୁ ? ମୋ ଝିଅର ଗୋରା ଦେହଟା କେମିତି ଚିତିରି ବିତିରି ଦିଶୁଛି ।" ଦୁଲ୍ କରି ଘର ସୋଫାରେ ବସି ପଡି ଖୁସି କହିଲା, "ଓହୋ ମା ! ତୁ ଟା ପୁରା ମଫ । କ୍ୟାପିଟାଲ ଷ୍ଟାଇଲ୍ ତୁ ଜମା ଜାଣିନୁ । ଏଇଟା ଆଜିକାଲିର ଫ୍ୟାସନ୍ । ତୁ କଣ ଚାହୁଁଛୁ ତୋ ଝିଅ ରାଜଧାନୀରେ ଗାଉଁଲୀଙ୍କ ଭଳିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହୁ ! ବୁଢୀ ମା'କୁ ଦେଖୁନୁ ! ସିଏବି ତା ହାତରେ କେମିତି ସୁନ୍ଦରିଆ ଚିତା କୁଟେଇଥିଲା ।" ତା କଥା ଶୁଣି ଦୁଆର ମୁହଁରେ ବସିଥିବା ଖୁସିର ବୁଢୀମା ଚିଡିଚିଡି ହୋଇ କହିଲା, "ଆଲୋ ଆମବେଳେ ଏ ଇସ୍‌ଟାଲ୍ ଫିସ୍‌ଟାଇଲ୍ କଣ ଆମେ ଜାଣିନଥିଲୁ । କାଳେ କେଉଁ ଛୁଆଧରା ନେଇଯିବ ଅବା କେତେବେଳେ ମୁଁ କେଉଁଠି ହଜିଯିବି ! ସେଇଥିପାଇଁ ମୋ ବା' ମୋ ନାଁ ଟା ହାତରେ ଲେଖାକରେଇଥିଲା 'ସାବିତ୍ରୀ' । ମୋ ହାତଟା ଖଣ୍ଡେ ଦୂରରୁ ଦେଖିଦେଲେ ବି ସେ ସାଙ୍ଗେସାଙ୍ଗେ ଜାଣିଦେଇ ପାଟିକରୁଥିଲା, 'ମୋ ସାବି ଆସିଗଲାରେ ।' ତା'ପରେ ମୁଁ ତୋଭଳିଆ ଏମିତି ଫେସନ କରୁନଥିଲି ।" ବାସ୍ ବାସ୍ ! ମୁହଁ ଦେଖି ଲୋକ ଚିହ୍ନା ପଡୁନି ଯେ ଲୋକ ଟାଟୁକୁ ଦେଖିଚିହ୍ନିବେ ! ବୁଝିଲୁ ଏବେ ଆଉ ଲୋକ ଚିହ୍ନିବା ପାଇଁ ଟାଟୁ କରାହେଉନି । ଏବେ ଫେସନ୍ ପାଇଁ କରାହେଉଛି । ହେଉ ହେଉ ! ମୋତେ ଭୋକ କଲାଣି ଖାଇବାକୁ ଦେ କହି ଗୋଡ ହାତ ଧୋଇ ଖାଇବା ଟେବୁଲରେ ବସିପଡିଲା ଖୁସି ।

ଏହାଭିତରେ ଆଉ ଦୁଇ ମାସ ବିତିଗଲାଣି । ଖୁସି ଆଜି ତା ଲେଡିଜ୍ ମେସ୍ ର କିଛି ସାଥୀଙ୍କୁ ନେଇ ରାଜଧାନୀର ପାର୍କ ଆଡେ ବୁଲିବାକୁ ଆସିଛି । ପାର୍କ ଆଗରେ ଥିବା ଠେଲା ଗାଡିରୁ ସବୁ ସାଙ୍ଗମାନେ ମିଶି ରିତିମତ ଗୁପଚୁପ୍ ଖାଇବାରେ ଲାଗିପଡିଛନ୍ତି । ଗୁପଚୁପ୍ ଖାଉ ଖାଉ ଅନତି ଦୂରରେ କିଛି ଗୋଟେ ଦୃଷ୍ଟି ଆକର୍ଷଣ କଲା ଖୁସିର । ଗୁପଚୁପ ଖାଇବା ବନ୍ଦ କରି ଖୁସି କିଛି ସମୟ ଚାହିଁ ରହିଲା ସେହି ନିର୍ଦ୍ଦିଷ୍ଟ ଦିଗକୁ । କଥା କଣ କି ଅନତି ଦୂରରେ ଯୋଡିଏ ପ୍ରେମ ପକ୍ଷୀ ଦୃଷ୍ଟିକଟୁ ଅବସ୍ଥାରେ ବସିଥାଆନ୍ତି । ପିଲାର ମୁହଁଟା ଲୁଚିଯାଇଥାଏ ଝିଅଟିର କୃଷ୍ଣ କେଶରାଶିର ନିଘଞ୍ଚ କାନନରେ । କିନ୍ତୁ ଏକଣ ! ସେ ଝିଅର ବେକ ପାଖରେ ଥିବା ଟାଟୁ ଟା ଠିକ୍ ଖୁସିର ଟାଟୁ ଭଳି । ଖୁସିର ମନେ ପଡିଗଲା ଚାରିମାସ ପୂର୍ବର କଥା ଯେଉଁଦିନ ଅଭି ଖୁସିକୁ କହିଥିଲେ, "ବୁଝିଲ ଖୁସି ! ଏ ଟାଟୁ ଟା ପୁରାପୁରି ୟୁନିକ୍ । ଏଇଟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଦେହରେ ମୋ ପ୍ରେମର ଚିହ୍ନ ହୋଇରହିବ । ତୁମେ ଯେତେ ଏହାକୁ ସ୍ପର୍ଶ କରୁଥିବ; ମୋ ପ୍ରେମର ସ୍ପର୍ଶଟା ସେତେସେତେ ଅନୁଭବ କରୁଥିବ । ଏ ଟାଟୁଟା ତୁମ ପାଇଁ ମୋ ପ୍ରେମର ପ୍ରତିକ ।" ଆଖି ଜକେଇ ଆସିଲା ଖୁସିର । ତା'ମାନେ କଣ ଅଭି ମୋ ସହ... ଇଚ୍ଛା ହେଉଥିଲା ନିଜ ଶରୀରରୁ ସେ ଟାଟୁଟିକୁ କାଟି ଅଲଗା କରିଦେବ ଖୁସି । ନିଜକୁ ଆଉ ସମ୍ଭାଳି ନପାରି ସିଏ କାନ୍ଦି କାନ୍ଦି ଦୌଡିଗଲା ସେ ଝିଅ ପାଖକୁ । ହଠାତ୍ ଖୁସିକୁ ଦେଖି ଚମକି ପଡିଲା ଅଭି । ଖୁବ୍ ଜୋର୍ ଚାପୁଡାଟା ମାରି ଖୁସି  ନିଜ ସାଙ୍ଗମାନଙ୍କ ସହ ଯାଇ ଅଟୋରେ ବସିଲା । ଗଲାବେଳେ ଭାବୁଥିଲା ଠିକ୍ କହିଥିଲା ବୁଢୀମା । ଖାଲି ମୁହଁରୁ ନୁହେଁ ବେଳେବେଳେ ଟାଟୁ ରୁ ମଧ୍ୟ ମଣିଷ ଚିହ୍ନା ପଡେ ।

ଇମେଲ୍ : jrs.2013rediffmail@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରଥ ଅଜା



ପ୍ରମୋଦ କୁମାର୍ ପଣ୍ଡା

ଦୀର୍ଘ ଯାତ୍ରା ଜନିତ କ୍ଲାନ୍ତି ମୋତେ ଏତେ ଅବଶ କରିଦେଇଥିଲା ଯେ ମୁଁ ଶେଜରେ ପଡୁ ପଡୁ ଗଭୀର ନିଦ୍ରାରେ ଶୋଇଗଲି, କେତେବେଳେ ସକାଳ ହେଲା ଜାଣି ପାରିଲିନି । ସାନ ଭଉଣୀ ଚନ୍ଦ୍ରା ଜୋରରେ ହାତ ଧରି ଉଠେଇ ଦେବାରୁ ବିରକ୍ତରେ କଣ କହିବାକୁ ଯାଉଥିଲି ଯେ ତା' କଥା ଶୁଣି ମୋତେ ସ୍ୱର୍ଗରୁ ପଡିଲା ପରି ଲାଗିଲା । ମୁହଁ ନଧୋଇ ଦାଣ୍ଡକୁ ଦୌଡିଲି ।

ରଥ ଅଜାଙ୍କ ଦୁଆରେ ପହଞ୍ଚି ଯାହା ଦେଖିଲି ମୋର ହୋସ୍ ଉଡିଗଲା । ସାହିର ଭେଣ୍ଡାଠୁ ବୁଢା ଯାଏଁ ସମସ୍ତେ ଗଦା । କୋକେଇ ବନ୍ଧା ଚାଲିଛି । ପାଳ ଦଉଡା ବଳା ହେଉଛି । ଖାଲି ତାଙ୍କରି କଥା ହିଁ ଚର୍ଚ୍ଚା ଚାଲିଛି । ମୁଁ ଧାଇଁଗଲି ଘର ଭିତରକୁ । ଦେଖିଲି ଚିତ୍ ହୋଇ ରଥ ଅଜା ଶୋଇଛନ୍ତି । ଗଭୀର ପ୍ରଶାନ୍ତିରେ ତାଙ୍କର ଆଖି ଦୁଇଟି ବନ୍ଦଅଛି । ମୁଖ ମଣ୍ଡଳରେ ଅଦ୍ଭୁତ ଆଭା, ଯେମିତି ସେ ଜୀବିତ ଅଛନ୍ତି । ମୋର ବିଶ୍ୱାସ ହେଉ ନଥାଏ ଯେ ସେ ଏ ସଂସାରରେ ଆଉ ନାହାନ୍ତି ବୋଲି । ପାଦ ଦୁଇଟିକୁ ଛୁଇଁ ପ୍ରଣାମ କଲି । ଆଖିରୁ ଅମାନିଆ ଲୁହ ବୋହିଆସି ତାଙ୍କ ପାଦ ଦୁଇଟି ଉପରେ ପଡି ତାଙ୍କର ଚରଣ ଧୋଇଦେଲା ପରି ପ୍ରତୀତ ହେଲା ।

ଏତିକିବେଳେ ଘର ଭିତରକୁ ପଶିଆସିଲେ ଚାରି ଜଣ ତାଙ୍କର ମର ଶରୀରକୁ ନେବାପାଇଁ । ମୁଁ ତାଙ୍କ ପଛେ ପଛେ ଦାଣ୍ଡକୁ ବାହାରିଗଲି ।

କୋକେଇ ଉଠିଲା । ହରିବୋଲ ହୁଳହୁଳିର ଗୋଟେ ରୋଳ ଚତୁର୍ଦ୍ଦିଗକୁ ବ୍ୟାପିଗଲା ।

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ରାମ ନାମ ସତ୍ୟ ହେ.... ହରି ନାମ ସତ୍ୟ ହେ .... ଡାକ ସହିତ ନାମ ସଂକୀର୍ତ୍ତନ ମଧ୍ୟ ମଶାଣୀ ଅଭିମୁଖେ ଚାଲିଲା ।

ଜୁଇରେ ରଥ ଅଜାଙ୍କ ମର ଶରୀରକୁ ଲଦି ଦିଆଗଲା । ହରି କକେଇ କହିଲେ, "ଶୁଭରେ ! ଏବେ ତୁ ରଥେ ଆପଣେଙ୍କୁ ମୁଖାଗ୍ନି ଦେଇଦେ । ତୋ'ଠି ତାଙ୍କର ସେତିକି ଶ୍ରଦ୍ଧା ବୋଲି ତୁ ଠିକ୍ ସମୟରେ ପହଞ୍ଚି ଯାଇଛୁ ।" ମୁଁ ଘିଅ ବଳିତା ତାଙ୍କ ମୁହଁ ଉପରେ ରଖିଲା ବେଳକୁ ମୋର ହାତ ଥରି ଉଠିଲା । ଏହା ଥିଲା ତାଙ୍କୁ ମୋର ଶେଷ ଦର୍ଶନ । ଆଉ କିଛି ମୁହୂର୍ତ୍ତ ପରେ ରକ୍ତ ମାଂସର ଏଇ ସ୍ନେହୀ ମଣିଷଟି ଯେ ଅଗ୍ନି ଗର୍ଭରେ ଭସ୍ମ ହୋଇ କେଇ ମୁଠା ପାଉଁଶରେ ପରିଣତ ହୋଇଯିବ ଏକଥା ମୋର ବିଶ୍ୱାସ ହେଉ ନଥିଲା । ମୁଖାଗ୍ନି ଦେଇ ନିୟମ ଅନୁସାରେ ଆଉ ପଛକୁ ନଚାହିଁ ସିଧା ଚାଲିଲି ପୋଖରୀକୁ ।

ପୋଖରୀ ପାହାଚ ଉପରେ ବସିପଡିଲି । ମାନସିକ ଭାବେ ମୁଁ ଏତେ ଦୁର୍ବଳ ହୋଇ ପଡିଥିଲି ଯେ ମୋତେ ଲାଗୁଥିଲା, ମୋ ଦେହର ସମସ୍ତ ଶକ୍ତି ଯେପରି ରଥ ଅଜାଙ୍କ ଜୁଇରେ ସ୍ୱାହା ହୋଇଯାଇଛି । ଏଇ ପୋଖରୀକୁ ପ୍ରତ୍ୟହ ଭୋର୍ ଚାରିଟାରେ କି ବର୍ଷା କି ଶୀତ କି ଝଡି ତୋଫାନ ରଥ ଅଜା ଗାଧୋଇ ଆସିବାଟା ସାରା । ସେ ପାହାଚରେ ତାଙ୍କର ସ୍ପର୍ଶ ମୁଁ ଅନୁଭବ କରୁଥିଲି । ପୋଖରୀର ପାଣିର ପରିଧିଟା ସଙ୍କୁଚିତ ହୋଇଯାଇଥିଲା ବୈଶାଖର ସ୍ପର୍ଶରେ । ମୁଁ ପାଣିରେ ଗୋଡ ବୁଡାଇଲି...... ଭାବନାର ସୂତା ଖିଅ ଲମ୍ବି ଚାଲିଲା ଦୂରକୁ.... ଦୂରକୁ ବହୁ ଦୂରକୁ..... ମୋ ଦୃଷ୍ଟିର ପରିଧିକୁ ଡେଇଁ................................. ।

କିଏ ଏଇ ରଥ ଅଜା ? ତାଙ୍କ ସହିତ ମୋର କଣ ସମ୍ପର୍କ । ମଣିଷର ମଣିଷ ସହିତ ସମ୍ପର୍କ ଏବର ଦୁନିଆରେ ଠିକ୍ ଏଇ ପୋଖରୀର ପାଣି ପରି ସଙ୍କୁଚିତ ହୋଇ ଆସୁଥିବା ବେଳେ କଣ ପାଇଁ ତାଙ୍କ ପାଇଁ ଗାଁ ଲୋକଙ୍କର ଏତେ ଦରଦ ଓ ଶ୍ରଦ୍ଧା ? ସେ ତ ଆମ ଗାଁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକ ନଥିଲେ ? ?

ଆମ ଗାଁଠୁ ପନ୍ଦର ସତର କିଲୋମିଟର ଦୂର ଏକ ନିପଟ ମଫସଲରେ ରଥ ଅଜାଙ୍କର ଜନ୍ମ । ତାଙ୍କର ପୁରା ନାମ ଥିଲା ମଧୁସୁଦନ ରଥ । ଜାତିରେ ବ୍ରାହ୍ମଣ ହୋଇ ସୁଦ୍ଧା ପେଟ ପୋଷିବାକୁ ଅଳ୍ପ ପାଠୁଆ ଏଇ ରଥ ଅଜା ସୁଦୂର କଲିକତାର ଏକ ଚଟକଳରେ ଶ୍ରମିକ ଭାବରେ କାମ କରୁଥିଲେ । ସେଠାରେ ସେ ରହୁଥିବା ଭଡାଘର ନିକଟରେ ଥିବା ଜଣେ ବଙ୍ଗୀୟ ଭଦ୍ରମହିଳା ନେତ୍ରମଣିଙ୍କ ସହିତ ତାଙ୍କର ପ୍ରେମ ହୋଇଗଲା ଏବଂ ବିବାହ ମଧ୍ୟ ହୋଇଗଲା । ମାତ୍ର ନେତ୍ରମଣି ଅବ୍ରାହ୍ମଣ ଥିବାରୁ ରଥ ଅଜାଙ୍କ ଘରେ ତାଙ୍କୁ ବୋହୁର ସ୍ୱୀକୃତି ମିଳିଲାନି । ତେଣୁ ବାଧ୍ୟ ହୋଇ ଅଜା ତାଙ୍କ ସ୍ତ୍ରୀଙ୍କୁ ଆଉ ତାଙ୍କ ଗାଁକୁ ନେବାକୁ ଉଚିତ ମଣିଲେନାହିଁ । ସେ ଆମ ଗାଁର ତାଙ୍କର ଜଣେ ବନ୍ଧୁଙ୍କ ମାଧ୍ୟମରେ ଆମ ସାହିରେ ଡିହ ଖଣ୍ଡିଏ କିଣିଲେ ଓ ଦି ତିନି ବଖରା ଘର ତୋଳାଇଲେ । କଲିକତାରୁ ଯେତେବେଳେ ତାଙ୍କୁ କାମରୁ ଅବ୍ୟାହତି ଦିଆଗଲା ସେ ସେହି ଘରେ ଆସି ସସ୍ତ୍ରୀକ ରହିଲେ ।

ରଥ ଅଜା ଓ ଆଈ ଥିଲେ ବହୁତ ସ୍ନେହୀ ଆଉ ମେଳାପି ଲୋକ । ଅଳ୍ପଦିନ ଭିତରେ ସେ ଆମ ସାହିରେ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ହୋଇଗଲେ । ପିଲାଠୁ ବୁଢା ଓ ଟୋକୀଠୁ ବୁଢୀ, ସମସ୍ତେ ସେ ଦୁଇ ପ୍ରାଣୀଙ୍କୁ ବହୁତ ଶ୍ରଦ୍ଧା କରୁଥିଲେ । ତେଣୁ ନିଃସନ୍ତାନ ଥିବା ଦୁଇଜଣ ଯାକ ନିଜର ସନ୍ତାନର ଶୂନ୍ୟତାକୁ ଭୁଲିଯାଇଥିଲେ । ଷାଠିଏ ପଞ୍ଚଷଠି ବର୍ଷ ବୟସର ଗୌର ବର୍ଣ, ମଧ୍ୟମ ଧରଣର ସ୍ୱାସ୍ଥ୍ୟ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ମାଲିକ ଏଇ ମଧୁସୁଦନ ରଥ ଟୋକାମାନଙ୍କ ପାଖରେ 'ରଥ ଅଜା' ଓ ବୁଢାମାନଙ୍କ ପାଖରେ 'ରଥେ ଆପଣେ' ବୋଲି ପରିଚିତ ଥିଲେ ।

ଅଜା ସିନା ଡିହ କିଣି ଘର ତୋଳି ରହିଗଲେ ଚଟକଳରୁ ମିଳିଥିବା ଅର୍ଥରେ ମାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଳିବେ କେମିତି ? ଖାଇବେ କଣ ? ଆଇ ଥିଲେ ଭାରି ପତିପ୍ରାଣା, କର୍ମଠ ଆଉ ବୁଦ୍ଧିମତି । ସେ ଅଜାଙ୍କୁ ପ୍ରେରଣା ଦେଲେ । ଅଜା ପୁରୋହିତ ବୃତ୍ତିକୁ ଆଦରିନେଲେ । ବାସ୍, ଯାହା ରୋଜଗାର ହେଲା ତାହା ସହିତ ଯୋଡି ହୋଇଗଲା ଆଇଙ୍କ ପଇତା ତିଆରିର ରୋଜଗାର । ଦୁଇ ପରାଣିଆ କୁଟୁମ୍ବ । ସୁରୁଖୁରୁରେ ସଂସାର ଚାଲିଲା । ଅଜା ଆଇ ଦିଜଣ ଯାକ ଭାରି ପିଲା ସ୍ନେହୀ । ବୋଧେ ସେ ନିଃସନ୍ତାନ ଥିବାରୁ କି କଣ ମୋର ସେତେବେଳେ ମୁଣ୍ଡରେ ପଶୁନଥିଲା ।

ଏସବୁ ମୋର ସ୍କୁଲ ପଢା ସମୟର ଘଟଣା । ମୁଁ ଲକ୍ଷ୍ୟକଲି, ମୋର ସ୍କୁଲ୍ ଯିବା ଆସିବା ସମୟରେ ରଥ ଅଜା ଓ ଆଇ ମୋ ପ୍ରତି କେମିତି ଏକ ନିଜର ପଣ ଜାହିର କରୁଛନ୍ତି । ସବୁ ପିଲାଙ୍କ ଅପେକ୍ଷା ମୋତେ ଅଧିକ ସ୍ନେହ କରୁଛନ୍ତି । ମୁଁ ଯେମିତି ତାଙ୍କର ଅତି ନିଜର । ମୋର ବି ତାଙ୍କ ପ୍ରତି କେମିତି ଗୋଟେ ମମତା ଆସିଯାଇଥିଲା ମୋ ଅଜାଣତରେ । ପ୍ରତ୍ୟେକ ଦିନ ସେ ଦୁହେଁ ମୋତେ କିଛି ନା କିଛି ଭଲ ଜିନିଷ ଖାଇବାକୁ ଦେଉଥିଲେ । ପର୍ବ ପର୍ବାଣି ହେଉ ବା ନହେଉ କିଛି ଯାଏ ଆସେ ନାହିଁ । ମୋ ପାଇଁ ସବୁଦିନ ଯେମିତି ପରବ । ଏମିତି କୌଣସି ଦିନ ନାହିଁ ଯେଉଁ ଦିନକି ମୋତେ ତାଙ୍କଠୁ ଖାଇବାକୁ ମିଳିନି ।

ମୋର ଯଦି ଦେହ ମୁଣ୍ଡ କଣ ହେଲା ଓ ମୁଁ ସ୍କୁଲ୍ ନଗଲି ତେବେ ମୋତେ ଯେବେ ଦେଖନ୍ତି ଆଇ ବହୁତ ବ୍ୟସ୍ତ ହୁଅନ୍ତି । ପାଖରେ ବସାଇ ସବୁ ବୁଝନ୍ତି । ଅଜାଙ୍କୁ ଫର୍ମାଇସ୍ କରନ୍ତି ମୋ ପାଇଁ ଦୋକାନରୁ ଭଲ ମନ୍ଦ ଆଣିବା ପାଇଁ । ଆଇଙ୍କ ହାତ ତିଆରି ପିଠା ପଣା ମୋତେ ବହୁତ ସୁଆଦିଆ ଲାଗେ । ଯେବେ ମୁଁ ଏକଥା ବୋଉକୁ କହେ ବୋଉ କହେ, “ଆହା ବିଚାରୀକୁ ଭଗବାନ ପିଲା ବକଟେ ଦେଲେନି । କେଡେ ନିରୀମାଖି ଜୀବନ ସତେ ।”

ତାପରେ ମୋତେ ଆକଟକରି କହେ, “ତୁ ରୋଜ୍ ରୋଜ୍ କଣ ତାଙ୍କ ଘରେ ଖାଉଛୁ? ତାହାଙ୍କ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଳି ଖାଉଛୁ ? ସେମାନେ ଗରିବ ଲୋକ । ତୁ ପର ପିଲା ସବୁବେଳେ ସେଠି ଖାଇବାଟା ଜମା ଠିକ୍ ନୁହେଁ । ମାତ୍ର ମୁଁ ବୋଉ କଥା ଏ କାନରେ ପୁରେଇ ସେ କାନରେ ଛାଡିଦିଏ । ପୂର୍ବ ପରି ମୁଁ ତାଙ୍କ ଘରେ ଚଳେ । ଖିଆ ପିଆ କରେ । ବାସ୍ ଦିନ ଗୁଡା ପାଣି ଭଳି ବୋହିଯାଏ ।

ସମୟ ଗଡିଚାଲିଲା ଓ ତା ସାଥୀରେ ତାଳ ଦେଇ ମୋର ବୟସ ବଢିବା ସଙ୍ଗେ ସଙ୍ଗେ ରଥ ଅଜା ଓ ଆଇ ମଧ୍ୟ ବୁଢା ବୁଢୀ ହେବାକୁ ଲାଗିଲେ । ମୁଁ ଗ୍ରାଜୁଏସନ୍ କରିବାକୁ ରାଜଧାନୀ ଚାଲିଆସିଲି । ମେସ୍ ରେ ରହି ବି .ଜେ .ବି. କଲେଜ୍ ରେ ପଢିବାକୁ ସ୍ଥିରହେଲା । ମୁଁ ଭୁବନେଶ୍ୱର ଯିବା ପୂର୍ବରୁ ଅଜାଙ୍କ ଘରକୁ ଗଲି । ଅଜା ଆଇ ବହୁତ କାନ୍ଦିଲେ, ସତେ ଯେମିତି ତାଙ୍କ ନିଜ ସନ୍ତାନ ଦୂରକୁ ଚାଲିଯାଉଛି । ମୁଁ ତାଙ୍କୁ ବହୁତ ବୁଝାଇଲି । କହିଲି, "ମୁଁ ତ ପ୍ରତି ସପ୍ତାହରେ ଗାଁକୁ ଆସିବି । ବ୍ୟସ୍ତ କାହିଁକି ? ଆଇ ମେଞ୍ଚାଏ ନୋଟ୍ ଆଣି ମୋ ପକେଟରେ ଗେଞ୍ଜି ଦେଲା । ତା ରାଣକୁ ଲଂଘିବାର ସାହାସ ମୋର ନଥିଲା । ବାଧ୍ୟ ହୋଇ ବହୁ କଷ୍ଟୋପାର୍ଜିତ ତା'ର ସଞ୍ଚିତ ଧନକୁ ମୋତେ ଗ୍ରହଣ କରିବାକୁ ହେଲା । ନିଜର ଶରୀର ପ୍ରତି ଧ୍ୟାନ ଦେବାର ବଚନ ମୋଠୁ ଆଦାୟକରି ସେ ଦୁହେଁ ମୋତେ ବିଦାୟଦେଲେ ।

ମେସ୍ ରେ ସେ ଦେଇଥିବା ଟଙ୍କା ଗଣିଲି । ପୁରା ହଜାରେ ଟଙ୍କା । ମୋର ମାସିକ ଘରଭଡା ଓ ମେସ୍ ଖର୍ଚ୍ଚ ମିଶି ହୁଏ ଅଢେଇ ଶହ ଟଙ୍କା । ମାନେ ଚାରି ମାସର ଖର୍ଚ୍ଚ ଥିଲା ସେତକ ।

ଦୀପାବଳି ଛୁଟିରେ ଗାଁ କୁ ଯାଇଥାଏ । ରଥ ଅଜାଙ୍କ ଦୁଆର ଦେଇ ହିଁ ଘରକୁ ଯାଏ । ଦୂରରୁ ଦେଖିଲି ଅଜା ଆଇ ଦୁହେଁ ଦାଣ୍ଡ ଦୁଆରେ ବସିଛନ୍ତି । ମନ ଖୁସିରେ ନିକଟରେ ପହଞ୍ଚି ଦୁହିଁଙ୍କ ପାଦ ଛୁଇଁଲି । ଦୁହେଁ ଆଶିର୍ବାଦ କରି ଘର ଭିତରକୁ ଚାଲିଯାଇ ଘରର କବାଟ ଭିତରୁ କିଳିଦେଲେ । ଗଲାବେଳେ ଆଇର ସୁଁ ସୁଁ କାନ୍ଦ ଶବ୍ଦ ମୋ କାନରେ ବାଜିଲା । ମୁଁ

 Magazine Downloaded from www.aahwaan.com

ହତବାକ୍ । ଏମିତି ତ ହେବାକଥା ନୁହେଁ । ମୋତେ ଦେଖି କବାଟ କିଳିଦେବା ପୁଣି ଆଇର କାନ୍ଦ, ମୋତେ କେମିତି ଅଡୁଆ ଅଡୁଆ ଲାଗିଲା । ଯାଇ କବାଟ ବାଡେଇଲି । ମାତ୍ର କିଛି ଉତ୍ତର ମିଳିଲାନି । ବାଧ୍ୟହୋଇ ଘରକୁ ଫେରିଲି ।

ଘରେ ପହଞ୍ଚିଲା ପରେ ଚନ୍ଦ୍ରାଠୁ ସବୁ ଶୁଣିଲି । ଦଶହରାକୁ ଆସିବି ବୋଲି ଆଉ ଗାଁକୁ ଆସିଲିନି । ରଥ ଅଜା ଘରକୁ ଆସି ମୋ ଠିକଣା ମାଗିଲେ ବୋଉକୁ । ବୋଉ ତାଙ୍କୁ ଠିକଣା ତ ଦେଲାନି ବରଂ ମୋ ସହିତ ତାଙ୍କର ଏତେଟା ନିବିଡ ସମ୍ପର୍କକୁ ନାପସନ୍ଦ କଲା । ଅପମାନିତ ହୋଇ ଅଜା ଆମ ଘରୁ ଆଖିରୁ ଲୁହ ପୋଛି ପୋଛି ଚାଲିଗଲେ । ମନଟା ମୋର ଗ୍ଲାନିରେ ଭରିଗଲା । ମୁଁ ଚଣ୍ଡାଳ ତାଙ୍କୁ ଚିଠି ଖଣ୍ଡେ ଯଦି ପଠାଇ ପାରିଥାନ୍ତି ତେବେ ଅଜା ଆଇ ଏପରି ଅପଦସ୍ଥ ହୋଇ ନଥାନ୍ତେ । ଗୋଟେ ପର ପିଲାକୁ ଆପଣାର ଭାବି ତା ଦୁଃଖ ସୁଖ ଟିକେ ବୁଝିବା ପାଇଁ ଧାଇଁ ଆସିଥିବା ନିଃସନ୍ତାନ ସ୍ୱାମୀର ଅସହାୟତା ତଥା ଅପମାନକୁ ବା କେମିତି ଜଣେ ସ୍ୱାଭିମାନୀ ସ୍ତ୍ରୀ ଗ୍ରହଣ କରିବ, ସେଇ କଥା ଭାବି ମୋ ଅନ୍ତରାତ୍ମା ମୋତେ ଶତ ଧିକ୍କାର କଲା ।

ବୋଉକୁ ପଚାରି ଉତ୍ତର ପାଇଲି ଓଲଟା । ତାର ନିର୍ବୋଧତା ପାଇଁ ମୋ ପାଖରେ କୌଣସି ପ୍ରତିକାର ନଥିଲା । ସବୁକୁ ହଜମ୍ କରିବାକୁ ପଡିଲା । କିଛି ଭଲ ଲାଗିଲାନି । ବନ୍ଧୁ ଗହଣରେ ସମୟ କାଟି ଘରେ ପହଞ୍ଚିଲା ବେଳକୁ ରାତି ଦଶଟା । ଦେଖିଲି ବାପା ବୋଉ ଦୁହେଁ ମୋତେ ଅପେକ୍ଷା କରିଛନ୍ତି ।

ଖାଇବା ବଢାହେଲା । ମୁଁ ଅଳ୍ପ ଖାଇ ଉଠିଗଲି । ବାପା କହିଲେ, "ଦେଖ୍ ଶୁଭ ! ତୋର ରଥେ ଆପଣେଙ୍କ ସକାଶେ ଘରେ ଅଶାନ୍ତି କରିବା ଠିକ୍ ନୁହେଁ । ତୁ ତୋର ପାଠପଢା ଆଉ ତୋର ଭବିଷ୍ୟତ ପାଇଁ ଦୃଷ୍ଟି ଦେ । ମୋତେ ଏସବୁ ଭଲ ଲାଗୁନି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାସ୍, ଦୀପାବଳି ବାସି ଛୁଟି ବାକି ଥାଇ ଭୁବନେଶ୍ୱର ପଳାଇଲି । ପ୍ରକୃତରେ ରଥ ଅଜା ଓ ଆଇଙ୍କ ମୁହଁକୁ ଚାହିଁବାର ସାହାସ ମୋର ନଥିଲା । ଦିନେ ଖବର ପାଇଲି ସେହି ସ୍ନେହମୟୀ ଆଇ ଆରପାରିକୁ ଚାଲିଗଲେ । ତକିଆରେ ମୁହଁ ଲୁଚାଇ ବହେ କାନ୍ଦିଲି । କିଛି କରିବାର ଉପାୟ ନଥିଲା । ସ୍ୱର୍ଗତା ଆତ୍ମା ପ୍ରତି ପ୍ରଣାମ ଜଣାଇ ଅଧମକୁ କ୍ଷମା କରିଦେବାକୁ ପ୍ରାର୍ଥନାକଲି ।

ଏମିତିରେ ଗ୍ରାଜୁଏସନ୍ ସରିଗଲା ପରେ ମାଇନିଂରେ ଚାକିରୀ ପାଇ କେନ୍ଦୁଝର ଚାଲିଗଲି । ବେଳେବେଳେ ଚନ୍ଦ୍ରାଠୁ ଗାଁର ହାଲ୍ ଚାଲ୍ ପାଏ । ରଥ ଅଜା ଆଇ ଚାଲିଗଲା ପରେ ଅସହାୟ ହୋଇ ପଡିଛନ୍ତି । ବୃଦ୍ଧାବସ୍ଥାରେ ଯେ ନିଃସଙ୍ଗତା କେତେ ଯନ୍ତ୍ରଣାଦାୟକ ତାହା ଅନୁଭବି ହିଁ ବୁଝିପାରେ । ସାଥୀହୀନ ଜୀବନକୁ ଆର୍ଥିକ ଅନାଟନ ଦୁଃଖକୁ ବହୁଗୁଣରେ ବଢାଇ ଦେଇଥାଏ, ଯାହାକି ଅଜାଙ୍କ କ୍ଷେତ୍ରରେ ପ୍ରତିଫଳିତ ହେଲା ।

ଛୁଟି ନେଇ ଗାଁ କୁ ଆସିଲି । ରାତିରେ ସିଧା ଗଲି ଅଜାଙ୍କ ଘରକୁ ।

କବାଟ ବାଡେଇବା ପରେ ଅଜା କବାଟ ଖୋଲିବାରୁ ଦେଖିଲି ସେ ଅତ୍ୟନ୍ତ ଦୁର୍ବଳ ଦେଖାଯାଉଥିଲେ । ମୁଁ ତାଙ୍କ ଗୋଡ ଧରି ବହେ କାନ୍ଦିଲି । ଅନ୍ତରର ସମସ୍ତ ବ୍ୟଥା ଲୁହ ହୋଇ ବାହାରି ଆସିଲାରୁ ମୋତେ ଟିକେ ହାଲ୍କା ଲାଗିଲା । ଅଜା ବି ମୋତେ ଧରି ଗୁଡାଏ କାନ୍ଦିଲେ । ଦୁହେଁ ସମ ଦୁଃଖୀ । ଜଣେ ଅସହାୟ ବୃଦ୍ଧ ଦାରିଦ୍ର୍ୟତାର ତାଡନାରେ ମ୍ରିୟମାଣ ଓ ଜଣେ ଯୁବକ ସବୁ ଥାଇ କିଛି ନକରି ପାରିବାର ଅସହାୟତାରେ ଜର୍ଜ୍ଜରିତ । ଆଖିରୁ ଗାମୁଛା କାନିରେ ଲୁହ ପୋଛି ରଥଅଜା କହିବାକୁ ଆରମ୍ଭକଲେ; "ବିଚାରୀ ହତଭାଗିନୀଟା ତୋତେ ମରିବା ପୂର୍ବରୁ ବହୁତ ଖୋଜିଛି । ତୋ ନାଁ ଧରି ବିଳିବିଳେଇ ଉଠିଛି ବହୁଥର । ବାଡି ଦୁଆର ଆଡେ ଆଶାୟୀ ନେତ୍ରରେ ଚାହିଁ ଚାହିଁ ଶେଷରେ ଆଖି ବୁଜିଦେଲା । ତୋର ଚାକିରୀ

 Magazine Downloaded from www.aahwaan.com

ପାଇବା କଥା ଶୁଣି ଖୁସିହେବା ପାଇଁ ବିଚାରୀ ଆଉ ଏ ଦୁନିଆରେ ରହିଲାନି । ଏକଥା ଶୁଣି ମୋର ଶୁଖି ଆସୁଥିବା ଆଖି ଦୁଇଟି ପୁଣି ଲୋତକାପ୍ଲୁତ ହୋଇଉଠିଲା । ପକେଟରୁ କିଛି ଟଙ୍କା ବାହାରକରି ଅଜାଙ୍କ ହାତକୁ ବଢେଇଦେଲି । ମାତ୍ର ସେ ନେବାକୁ ମନାକଲେ । ରାଣ ନିୟମ ପକାଇ ଜୋର ଜବରଦସ୍ତ ତାଙ୍କ ହାତରେ ଟଙ୍କା ପୁଳାକ ଗୁଞ୍ଜିଦେଇ ଘରକୁ ଫେରିଲି । ରାତିରେ ଭଲ ନିଦ ହେଲାନି ।

ପ୍ରାୟ ବର୍ଷେ ଖଣ୍ଡେ ବିତିଗଲା ।

ଚନ୍ଦ୍ରାର ବାହାଘର ଠିକ୍ ହୋଇଯାଇ ଥିବାରୁ ମୋତେ ଗାଁକୁ ଆସିବାକୁ ହେଲା । ରାତିରେ ପହଞ୍ଚିଲି ଘରେ । ଯାତ୍ରା ଜନିତ କ୍ଲାନ୍ତି ଯୋଗୁ ଶୋଇପଡିଲି ହାଲିଆ ହୋଇ । ଭାବିଥିଲି ସକାଳେ ଯାଇ ଅଜାଙ୍କ ସାଥୀରେ ଦେଖାକରିବି । ସେଇ ଗୋଟିଏ ଭୁଲ୍ ସକାଶେ ତାଙ୍କର ଶେଷ ଦର୍ଶନ ସୁଦ୍ଧା କରିପାରିଲିନି ।

ମନରେ ଗୋଟେ ଅବଶୋଷ ରହିଗଲା । ମୃତ୍ୟୁ ସମୟରେ ତାଙ୍କ ପାଖରେ ପାଣି ଢୋକେ ଦେବାକୁ କେହି ନଥିବେ । ଏକ ନୀରବ ଯନ୍ତ୍ରଣାରେ ଛଟପଟ ହୋଇ ଅତ୍ୟନ୍ତ ଅସହାୟ ଭାବରେ ତାଙ୍କର ଜୀବନ ଯାଇଥିବ । ଏକଥା ଭାବି ସେ ତୂଠ ପାହାଚରେ ମୋର ମୁଣ୍ଡ ପିଟି କାନ୍ଦିବାକୁ ଇଚ୍ଛାହେଲା ।

ଗାଧୋଇସାରି ସେଇ ଓଦାଲୁଗାରେ ସିଧା ପହଞ୍ଚିଲି ରଥ ଅଜାଙ୍କ ଘରେ । ଘର ବୋଲି ତିନି ବଖରା । ମାଟି କାନ୍ଥ ଓ ଚାଳ ଛପର, ବାଉଁଶର ଆଟୁ ଘର । ତଳ ଗୋବର ଲିପା । ଗୋଟିଏ ଶୋଇବାଘର, ଗୋଟିଏ ରୋଷେଇଘର ଏବଂ ଅନ୍ୟଟି ଠାକୁର ଘର । ମୁଁ ପ୍ରଥମେ ଶୋଇବାଘର ଭିତରକୁ ଗଲି । କିଛି ନାହିଁ । କନ୍ଥା, ମସିଣା ସହ ସମସ୍ତ ଲୁଗାପଟା ମଶାଣିକୁ ଯାଇ ସାରିଛି ମଡ଼ ଶରୀର ସହ । ଗୋଟେ କୋଣରେ ମାଟି ମାଠିଆରେ ଚାଉଳ ମୁଠେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡିଛି । ଗୋଟେ ଟିଣ ଟ୍ରଙ୍କ ତାଲା ପଡି ଘରର ଗୋଟେ କୋଣକୁ ରହିଛି । ମୁଁ ଜାଣେ ଚାବି କୋଉଠି ରହେ । ଚାବି ଆଣି ଟ୍ରଙ୍କ ଖୋଲିଲି । ଗୋଟେ ଡବାରେ କିଛି ରେଜା ପଇସା, ଆଇ ପିନ୍ଧୁଥିବା ଏକ ରୂପା ଡେଉଁରିଆ ରହିଛି । ପୁଳେ ଟଙ୍କା ଟ୍ରଙ୍କର ଗୋଟିଏ କୋଣରେ ସଜାଇ ରଖାଯାଇଛି । ଗଣିଲି, ଠିକ୍ ତିନି ହଜାର ଅଛି । ମାନେ ବର୍ଷେ ତଳେ ମୁଁ ଅଜାଙ୍କୁ ଦେଇଥିବା ସେଇ ତିନି ହଜାର ଟଙ୍କା ସେମିତି ରହିଛି । ତେବେ ଅଜା ଚଳୁଥିଲେ କେମିତି ? ଖାଉଥିଲେ କଣ ? ଏସବୁ ପ୍ରଶ୍ନ ଭିତରେ ଛନ୍ଦିହୋଇ ପୁଣି ଟ୍ରଙ୍କ ଭିତରକୁ ଚାହିଁଲି । ଗୋଟିଏ ଧଳା କାଗଜ ଚାରି ଭାଙ୍ଗ ହୋଇ ରହିଛି । କାଗଜଟି ଖୋଲିଲି । ମୋ ନାଁରେ ଚିଠିଟିଏ ଲେଖାହୋଇଛି । ଚିଠିର ତାରିଖଟି ମାସେ ତଳର । ଚିଠିଟି ପଢିବାକୁ ଆରମ୍ଭକଲି;

ଶ୍ରଦ୍ଧେୟ ଶୁଭ,

ମୋର ସ୍ନେହାଶିର୍ବାଦ ନେବୁ । ଈଶ୍ୱରଙ୍କ କୃପାରୁ ନିଶ୍ଚୟ ଭଲରେ ଥିବୁ ବୋଲି ମୋର ଆଶା । ଏ ଚିଠିଟି ଏଇଥିପାଇଁ ଲେଖୁଛି ଯେ ତୋ ଆଇକୁ ମୁଁ ସିନା ମୁଖାଗ୍ନି ଦେଲି ଯଦିବା ତା'ର ତୋଠୁ ପାଇବାର ଇଚ୍ଛା ଥିଲା । ମାତ୍ର ଈଶ୍ୱରଙ୍କ ଇଚ୍ଛା ଅଲଗା ଥିଲା । ମାତ୍ର ମୁଁ ମରିଗଲେ ତୁ ମୋତେ ମୁଖାଗ୍ନି ଦେବୁ । ମୋର ଶୁଦ୍ଧିକ୍ରୀୟା କରିବୁ । ତୁ ତ ମୋ'ଠୁ ବହୁ ଦୂରରେ ଅଛୁ । ମାତ୍ର ମୋର ଆଶା ଯେ ତୁ ନିଶ୍ଚୟ ମୋ ଶେଷ ସମୟରେ ଉପସ୍ଥିତ ହେବୁ । ତୁ ଦେଇଥିବା ତିନି ହଜାର ଟଙ୍କା ମୋର ଶୁଦ୍ଧିକ୍ରୀୟାରେ ଖର୍ଚ୍ଚ କରିବୁ । ବହୁତ ଆବଶ୍ୟକତା ଅନୁଭବ କରିଛି ଖର୍ଚ୍ଚ କରିବାକୁ, ମାତ୍ର ହାତ ଗଲାନି । ଘରଟିକୁ ତୋ ନାଁରେ କରିଦେଇଛି । ତୋ ବାହାଘର ଦେଖିବାକୁ ବହୁତ ଇଚ୍ଛା ଥିଲା, କିନ୍ତୁ କେତେଦିନ ଆଉ ଏମିତି ଅନାହାର ଅର୍ଦ୍ଧାହାରରେ ବଞ୍ଚିବି । ସାହି ପଡିଶାଙ୍କ ଦୟାରେ ଆଉ ବଞ୍ଚିବାକୁ ଇଚ୍ଛା ନାହିଁ । ହଁ, ମୋର ଗୋଟିଏ ଅନୁରୋଧ ରଖିବୁ । ମୋର ଏବଂ ତୋ ଆଇର ଅସ୍ଥି ନେଇ ସମୁଦ୍ରରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପକେଇଦେବୁ ଶ୍ରୀକ୍ଷେତ୍ର ଯାଇ । ସେଇଠି ଆମ୍ଭ ଦିଜଣଙ୍କୁ ଶ୍ରାଦ୍ଧ ଦେଇଦେବୁ । ସମୁଦ୍ରରେ ତ ସବୁ ତୀର୍ଥ ମିଶିଛି, ଗଙ୍ଗା ଗୟା ଯାଇ ହଇରାଣ ହେବା କଣ ଦରକାର । ଆଉ ଗୋଟିଏ ଶେଷ ଇଚ୍ଛା ଆମ ଦୁଇଜଣଙ୍କର, ତୁ ବାହାହୋଇ ସାରିଲେ ଯେବେ ତୋର ସନ୍ତାନ ସନ୍ତତି ହେବେ, ତୁମେ ସପରିବାରେ ଏଇ ଘରଟିରେ ଗୋଟିଏ ଦିନ ରହିବ । ଏ ବାଞ୍ଝ ମାଟିରେ ତୋ ଛୁଆର ହସ କାନ୍ଦର ଗୁଞ୍ଜରଣ ଶୁଭିବ । ତା଼ର ମଳ ମୂତ୍ରର ଛିଟା ପଡି ଏ ମାଟି ପବିତ୍ର ହୋଇଯିବ । ତେବେ ଯାଇ ଆମ ଆତ୍ମା ଶାନ୍ତି ପାଇବ । ଏତିକି ଯେମିତି କରିବୁରେ ଶୁଭ ।

ଇତି

ତୋର ରଥ ଅଜା

ଚିଠିର ଶେଷ ଅକ୍ଷର ଗୁଡାକ ଲୁହ ଭିଜା ଆଖିରେ ମୋତେ ଆଉ ସ୍ପଷ୍ଟ ଦେଖା ଯାଉନଥିଲା । ମୁଁ ଲଥ୍ କରି ତଳେ ବସିପଡିଲି । ଇଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଯୋଡି କାନ୍ଦ କାନ୍ଦ ହୋଇ କହିଲି, "ପ୍ରଭୂ ! ମଧୁସୁଦନ ରଥ ଆଉ ତାଙ୍କ ଧର୍ମପତ୍ନୀ ନେତ୍ରମଣି ଦେବୀଙ୍କୁ ଯେମିତି ଆଉ ଏ ଯନ୍ତ୍ରଣାପୂର୍ଣ ପୃଥିବୀରେ ଜନ୍ମ ନମିଳୁ । ସେ ପରମ ଗତିକୁ ପ୍ରାପ୍ତ ହୁଅନ୍ତୁ ।" ଟପ୍ ଟପ୍ ହୋଇ ମୋର ଦୁଇ ଆଖିରୁ ଲୁହଟୋପା ସବୁ ରଥ ଅଜାଙ୍କ ଶୋଇବା ଘର ଗୋବର ଲିପା ଚଟାଣ ଉପରେ ଖସି ପଡି ମୋ ମନରୁ ସମସ୍ତ ଗ୍ଲାନିକୁ ଦୂର କରିବାକୁ ପ୍ରୟାସ କରୁଥିଲା ।

ବାଘମାରୀ, ଖୋର୍ଦ୍ଧା

ଭ୍ରାମ୍ୟଭାଷ : ୭୦୦୮୩୪୦୮୨୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚନ୍ଦ୍ରମୌଳୀ



ଡା ପ୍ରଶାନ୍ତ ନାୟକ

ପ୍ରତିମାସର ସେହି ଅମାବାସ୍ୟା, ସେ ତିଥିର କଳାରାତ୍ରୀରେ ଶୀତଳ ଚନ୍ଦ୍ରକିରଣଯେ କେଉଁଠି ହଜିଯାଏ । ଧରାପୃଷ୍ଠ ଯେ ଅନ୍ଧକାରର ମାୟାଜାଲରେ ବାନ୍ଧିହୋଇଯାଏ । ତାହେତୁ ଇନ୍ଦ୍ରଧନୁର ସାତରାଙ୍ଗ ତାର ଅସ୍ତିତ୍ୱ ହରାଏ, ରହିଯାଏ ଅନ୍ଧକାରର ସେ କଳାରଙ୍ଗ । ଧରିତ୍ରୀମାତାର ଚମତ୍କାର ରୂପ ଓ ତାସହିତ ଏ ବନଲତା, ଜୀବଜନ୍ତୁ, ସଜୀବ, ନିର୍ଜୀବ ପ୍ରତ୍ୟେକ ବସ୍ତୁ ଯେ ଏକାରଙ୍ଗର ହୋଇଯାଏ, ସେହି କଳା । କିନ୍ତୁ, ତାହାର ବହୁତ ଫାଇଦା ଥାଏ, ଯାହାକି ବୁଝିବାକୁ ଖୁବ ଜଟିଳ । ସେଠି ବିଭିନ୍ନତା ଓ ତାଜନିତ ଭିନ୍ନତା, ଭେଦଭାବ ନଥାଏ । ସମସ୍ତେ ଯେ ସମାନ । କିନ୍ତୁ, ସମାଜର ଜନଜୀବନ ସେ ସମାନତାକୁ ସହିପାରେନାହିଁ । ଅଧୈର୍ଯ୍ୟର ସହିତ ସେ ପୂର୍ଣ୍ଣିମାର ଜହ୍ନ ଆଲୋକପାଇଁ ଅପେକ୍ଷାରତ । ତେଣୁକରି, ଏ ମାନବ ସମାଜ ଯେ ସର୍ବଦା ସେହି ଶୁକ୍ଳପକ୍ଷକୁ ହିଁ ଭଲପାଏ, କୃଷ୍ଣପକ୍ଷ ଯେ ଖୁବ କଠୋର ଓ ଦୁଃଖଦାୟୀ ।

ଶୁକ୍ଳପକ୍ଷର ସୂତ୍ରଧର ହେଉଛନ୍ତି ସୂର୍ଯ୍ୟାସ୍ତର ପରେ ପରେ ଆକାଶରେ ଉଇଁ ଆସୁଥିବା ସେହି ଚନ୍ଦ୍ରମା । କି ଅପୂର୍ବ ସେ ନାଁଟି, ଚ ନ୍ଦ୍ର ମା । ଓଠରେ ସେହି ନାଁଟି ଆସିଲେ ମନମଧ୍ୟରେ ଏକ କାଳ୍ପନିକ ସୌନ୍ଦର୍ଯ୍ୟଧାରୀ ରୂପସୀ କେଉଁଠୁ ଯେ ହଠାତକରି ଆବିର୍ଭାବ ହୋଇଥାଏ । ସେ ଯେ ମରୀଚିକା, ପରନ୍ତୁ କ୍ଷଣକପାଇଁ ମନରେ ଆନନ୍ଦ ଦେଇଯାଏ । ସେହି ଚନ୍ଦ୍ରମାଯେ ନିଜେ ସୂର୍ଯ୍ୟଦେବଙ୍କ ଉତ୍ତପ୍ତ ଆଲୋକରେ ଜଳି ଜଳି ଶକ୍ତି ସଂଗ୍ରହ କରେ, ଏବଂ ପରବର୍ତ୍ତୀ ସମୟରେ ଏ ପୃଥିବୀକୁ ଶୀତଳ ଆଲୋକ ପ୍ରଦାନ କରେ । ସ୍ୱାର୍ଥବିହୀନ ସେ, ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଷ୍ଟ ଏକାସହେ କିନ୍ତୁ ଖୁସି ସେ ସମସ୍ତଙ୍କୁ ବାଣ୍ଟି ଚାଲିଥାଏ । ଏହି ଯେ ତାର ମହାନତା ।

ବିଜ୍ଞାନ ପ୍ରମାଣକରେ ଯେ ଆଲୋକ ଓ ଉତ୍ତାପ ପରସ୍ପର ସହିତ ଖୁବ ସମ୍ପୃକ୍ତ, ସୂର୍ଯ୍ୟର ଆଲୋକରେ ଖୁବ ଉତ୍ତାପ, ସମୟେ ସମୟେ ସେ କିରଣକୁ ସହ୍ୟକରିବା କଠିନ ହୋଇଯାଏ । ଅପରପକ୍ଷରେ ଚନ୍ଦ୍ରମାର କିରଣକୁ ସହ୍ୟକରିବା ଖୁବ ସହଜ । ସେହି କିରଣ ଯେ କବିର କଳ୍ପନା ବନିଯାଏ, ପ୍ରେମିକର ପ୍ରେମିକା ବନିଯାଏ । ମନକୁ ଖୁବ ଶାନ୍ତ କରିଥାଏ । ଦୁଇଟି ଆଲୋକ ଯେ ଜୀବନଚକ୍ର ପାଇଁ ଅତ୍ୟନ୍ତ ଆବଶ୍ୟକ । ଜଣେ ଖୁବ ତେଜମାନ, ପ୍ରବଳ, ପ୍ରଖର; ଅନ୍ୟଜଣେ ଶୀତଳ, ଶାନ୍ତ ଓ ତାର ସୌନ୍ଦର୍ଯ୍ୟ ଯେ ମନମଧ୍ୟରେ ପ୍ରେମର ଉଷ୍ମତା ସୃଷ୍ଟିକରିଯାଏ । ପୂର୍ଣ୍ଣିମାର ସେ ଗୋଲ ଜହ୍ନ, ହୁଏତ ପ୍ରତ୍ୟେକ ହୃଦୟରେ ପ୍ରେମର ଲହଡି ସୃଷ୍ଟିକରେ । ଦୁଇଟି ସପ୍ତାହ ସମୟ ବ୍ୟବଧାନରେ, ଚନ୍ଦ୍ରମାର ଆଲୋକ ଯେ ଅମାବାସ୍ୟା ଦିନରେ ସମ୍ପୂର୍ଣ୍ଣ ଶେଷ ହୋଇଯାଇ ଥାଏ, ମଉଳିପଡିଥାଏ ଆକାଶର ସୌନ୍ଦର୍ଯ୍ୟ, ଏହି ଆଶାର ସହିତକି ପୁଣିଥରେ ପୂର୍ଣ୍ଣିମା ଆସିବ । ଆସେ ପୁଣି ପୂର୍ଣ୍ଣିମା, କିନ୍ତୁ ଧୀରେ ଧୀରେ, ପ୍ରକୃତିର ନିୟମ ଅନୁସାରେ, ସୂର୍ଯ୍ୟ-ଚନ୍ଦ୍ର-ପୃଥିବୀର ଗତିର ସଂଯୋଗରେ, ଏ ଅପେକ୍ଷାରେ ବିତିଯାଏ ଚାରିଟି ସପ୍ତାହ । ଚନ୍ଦ୍ରମୌଳୀର ଏହିତ ମହାନତା, ସେ ଅମାବାସ୍ୟାର ଅନ୍ଧକାରରୁପି ଭୟ ଓ ବିବସତାକୁ କେତେଯେ କଷ୍ଟର ସହିତ ଲହୁଲୁହାଣ ହୋଇ ସହିଚାଲେ, ଏହି ଆକାଂକ୍ଷା ସହିତକି ମାତ୍ର କେତେଦିନ ବିତିଗଲେ, ସେ ପୁଣି ଫେରିପାଇବ ତାର ସେ ପୂର୍ଣ୍ଣିମାର ଉଜ୍ଜଳ ପ୍ରଜ୍ଜ୍ୱଳ ରୂପ । ତାର ରୁଗ୍ଣ କ୍ଷତବୀକ୍ଷତ ଶରୀରରେ ରକ୍ତ ସଂଚାଳନ ଆରମ୍ଭ ହେବ, ସେ ବସନ୍ତଋତୁର ମନଲୋଭା ବାତାବରଣରେ ଅଦ୍ୱିତୀୟ ସୌନ୍ଦର୍ଯ୍ୟ ଧରି ଫେରିଆସିବ, ଧରାବକ୍ଷରୁ ସମସ୍ତେ ସେହି ଶୋଭାକୁ ଦେଖି ବାହାବାହା କରିବେ, କିନ୍ତୁ ମନମଧ୍ୟରେ ସେମାନଙ୍କର ଦବିରହିଥିବ ଏକ ହିଂସ୍ରକାମୁକ ଚେତନା, ସୁଯୋଗ ମିଳିଗଲେ

 Magazine Downloaded from www.aahwaan.com

କିପରି ଲୁଟିବେ ତାରସେ ସୌନ୍ଦର୍ଯ୍ୟ । ସେଥିଲାଗି ତ ମାନବୀୟ ରୁପରେ ବୀଣାଦେବୀ ଓ ବସୁନ୍ଧରାଦେବୀ, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ, ସିନ୍ଧୁମଧ୍ୟରେ ଥିବା ଅମୁଲ୍ୟ ମୋତିପରି ଜୀବନକୁ କୃଷ୍ଣପକ୍ଷର ଭୟରୁ ଅପାର ଶକ୍ତିଲଗାଇ ଟାଣିଆଣି ଶୁକ୍ଳପକ୍ଷର ଭିନ୍ନତାଘେରରେ ହେଉ ବରଂ, ଦୁନିଆ ଓ ତାର ସାତରଙ୍ଗକୁ ଦେଖିବାରେ ସେମାନଙ୍କୁ ସାହାଯ୍ୟ କରିଚାଲନ୍ତି । ସ୍ନେହର ସହିତ ପ୍ରତ୍ୟେକ ମୋତିର ସେହି ଗୋଟିଏ ନାଁ, ଚନ୍ଦ୍ରମୌଳୀ ।

ଚନ୍ଦ୍ରମୌଳୀ ଏକ ଉତ୍ସାହ, ଏକ ସ୍ୱାଭିମାନ, ଏକ ପ୍ରେମର ଧାରା ଓ ବଂଚିବାର ଏକ ସୁନ୍ଦର ପ୍ରଣାଳୀ । ପ୍ରତ୍ୟେକ ସ୍ଥାନରେ ସେ ଦୃଶ୍ୟମାନ, ସେ ମାନବିକତାର ଅଭିବ୍ୟକ୍ତି । ଆମର ଏହି କାହାଣୀରେ, ସେ ଚନ୍ଦ୍ରମୌଳୀ ହେଉଛନ୍ତି, ବଡ଼ ସହରର କୌଣସି ଏକକୋଣରେ ଗଢ଼ିଉଠିଥିବା ଏକ ବାଳାଶ୍ରମ । ଏହି ଆଶ୍ରମରେଯେ ପେନ୍ଥାପେନ୍ଥା ଫୁଲର ପାଖୁଡାପରି ଅଗଣିତ ଚନ୍ଦ୍ରମୌଳୀମାନେ ନିର୍ଭୟରେ ଫୁଟିଚାଲିଛନ୍ତି ।

ବୀଣାଦେବୀ, ମୁମ୍ବାଇ ସହରରେ ବାସକରନ୍ତି । ବହୁତ ଶିକ୍ଷିତା, ବଡ଼ ଚାକିରୀ କରନ୍ତି, ଏବଂ ସମାଜର ସର୍ବୋଚ୍ଚ ସ୍ତରରେ ତାଙ୍କର ବସାଉଠା । ବୀଣାଦେବୀଙ୍କ ପତି ମଧ୍ୟ ସହରରେ ଆଇପିଏସ ପଦବୀରେ କାର୍ଯ୍ୟରତ । ତାଙ୍କର ସମସ୍ତ ପରିବାର ମୁମ୍ବାଇର ବିଭିନ୍ନ କୋଣରେ ବାସକରନ୍ତି । ଛୋଟବେଳରୁ ବୀଣାଦେବୀ ଅଲିଅଳି ଭାବରେ ବଢିଆସିଛନ୍ତି । ଧନୀ ପରିବାର, ଯତ୍ନଶୀଳ ମା ବାପା, ଏବଂ ତାଠୁ ସୁନ୍ଦର ନାନା ନାନୀ, ଜେଜେ ଜେଜେମା, ଭାଇ ଭଉଣୀ; ଏମାନଙ୍କ ମଧ୍ୟରେ ତାଙ୍କର ବାଲ୍ୟକାଳ ଅତି ହସଖୁସିରେ କଟିଥିଲା । ଶିକ୍ଷାପାଇଁ ସେ ମୁମ୍ବାଇ ସହରର ଭଲ ସ୍କୁଲ ଓ କଲେଜ ଯାଉଥିଲେ, ଏବଂ ଘରର ଅନ୍ୟ ସଦସ୍ୟମାନଙ୍କ ଭଳି ସେ ମଧ୍ୟ ନିଜକୁ ଆଧୁନିକ ଯୁଗର ଖୁବ ଶିକ୍ଷିତା ସମାଜର ଉପର ଶ୍ରେଣୀରେ ପ୍ରତିଷ୍ଠା କରିଥିଲେ । ବୀଣାଦେବୀଙ୍କ ପିତା ତାଙ୍କପାଇଁ ମଧ୍ୟ ସମାଜରେ ପ୍ରତିଷ୍ଠିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ଉଚ୍ଚଶ୍ରେଣୀର ପତି ବାଛିଥିଲେ ।

ମୁମ୍ବାଇ ସହରକୁ 'ଯାଦୁକି ନଗରୀ' କୁହାଯାଏ । ପ୍ରତ୍ୟେକଦିନ ଏହି ସହରକୁ ହଜାର ହଜାର ସଂଖ୍ୟାରେ ଲୋକମାନେ ଦେଶର ବିଭିନ୍ନ କୋଣରୁ ମୁଠାଏ ଆଶା ନେଇ ଆସିପହଂଚିଥାନ୍ତି । ସେମାନଙ୍କୁ ମଧ୍ୟ ମୁମ୍ବାଇ ସହର ଗୋଟିଏ ଦିନରେ ନିଜର କରିନିଏ । ସହରର ମାଧୁର୍ଯ୍ୟ ଏହା ଥିଲା କି ଏଠାରେ ସମାଜର ସବୁସ୍ତରର ଲୋକମାନେ ଜୀବନ ନିର୍ବାହ କରିପାରନ୍ତି । ଏଠାକୁ ଆସୁଥିବା ଲୋକମାନଙ୍କ ମଧ୍ୟରୁ କିଏ ସଫଳ ହୋଇଯାଏ ତ ଆଉକିଏ ହୋଇନଥାଏ । ତେଣୁ ଏଠି ଯେତିକି ଧନୀ ମିଳିବେ, ସେତିକି ଗରିବ ମଧ୍ୟ ମିଳିବେ । ସହରର କେନ୍ଦ୍ରୀୟ ଅଂଚଳରେ ଅବସ୍ତିତ ନଭଶ୍ଚୁମ୍ବି 'ସୁହାସିନୀ ହାଉସିଂ ସୋସାଇଟିର' ଛବିଶି ମହଲା ସ୍ଥିତ ଚାରିନମ୍ବର ଫ୍ଲାଟରେ ବୀଣାଦେବୀ ନିଜ ପତି 'ସତ୍ୟବ୍ରତ' ସହିତ ରହିଆସୁଥିଲେ । ସୋସାଇଟିଟି ଅପରକ୍ଲାସ ପରିବାରରେ ଭରପୁର । ସେହି ସମୟରେ, ବିସ୍ତୃତ ସହରର ଅନ୍ୟ କେଉଁ କୋଣରେ ଚନ୍ଦ୍ରମୌଳୀ ବାଳାଶ୍ରମରେ ବଢି ଚାଲିଥିଲେ କୁନିକୁନି ପିଲାମାନେ । ଏହାଥିଲା ମୁମ୍ବାଇ ମିରର, ଏହାକୁ ମଧ୍ୟ୍ୟ କଣ୍ଟ୍ରାଷ୍ଟ ମିରର କୁହାଯାଇପରେ । ଏହି ସହରର ଲୋକମାନେ ଘଡ଼ିର ସୁଇଭଳି ସମୟର ସଠିକ ଉପଯୋଗ କରିଥାନ୍ତି । ଏସହର ଏତେ ବ୍ୟସ୍ତ ଯେ କାହାରି ପାଖରେ କ୍ଷଣକ ଅଟକିଯାଇ ପଦେ କଥାହେବାର ସମୟ ନଥାଏ । ସ୍ୱାଭାବିକ, ଦୁନିଆର ସବୁ ବଡ଼ ସହରରେ ଏହିଭଳି ଅନୁଭୂତି ହୋଇଥାଏ । ଏ ସହରର ଜୀବନପ୍ରଣାଳୀର ଢାଞ୍ଚା ବୁଝିବା ବହୁତ ଜଟିଳ । ଏଠି ସବୁଠୁ ବଡ଼ ବିଷୟହେଲା ସମ୍ପର୍କ । ସମୟର ଅଭାବ ଓ ଅପରପକ୍ଷରେ ପରିବର୍ତ୍ତନଶୀଳ ସମ୍ପର୍କ । ଏହିସହରର ସବୁଠୁ ନିମ୍ନତମ ଶ୍ରେଣୀର ଲୋକମାନଙ୍କ ଜାଗାକୁ ଦୁନିଆର ସବୁଠୁ ବଡ଼ ସ୍ଲମ୍ 'ଧାରାବି' ବୋଲି କୁହାଯାଏ । ସ୍ପଷ୍ଟଦିଶେ ଜୀବନର ଦୁଇଟି ଚରମସୀମା; ଗୋଟେ ହାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୋସାଇଟିର ଗ୍ଲାମରସ ଜୀବନ ଓ ଅନ୍ୟଟିହେଲା ସ୍ଲମର ଜୀବନ ।

ସମାଜର ଉପରସ୍ତରରେ ଥିବାରୁ ବୀଣାଦେବୀ ହାଇ ସୋସାଇଟିର ଗ୍ଲାମରସ ଜୀବନକୁ ବହୁତ ଭଲ ଭାବରେ ବର୍ଣନା କରିପାରିଲେ । ସହରର ହାଇ ସୋସାଇଟି ଲୋକମାନେ ଏକ ଅଦ୍ଭୁତ ପ୍ରକାରର ଜୀବନ ବିତାନ୍ତି ଯାହାକୁ କି ସାଧାରଣ ମନୁଷ୍ୟ ଡ୍ରିମ ଲାଇଫ କହିଥାଏ । ଏଠାରେ ସହରର ଧନୀ, ବିଜିନେସମ୍ୟାନ ଓ ଓ଼ମ୍ୟାନ, ସୋସିଆଲାଇଟ, ସିନେ ଷ୍ଟାରସ । ସବୁପ୍ରକାରର ଲୋକମାନେ ନିଜନିଜର ଷ୍ଟାଟସକୁ ଦର୍ଶାଇଥାନ୍ତି । ଏପରି ଲାଗେକି ଏ ସହର ମଧ୍ୟରେ ଆଉଏକ ସହର ଅଛି, କିମ୍ବା ଏ ଦୁନିଆ ମଧ୍ୟରେ ଅନ୍ୟ ଏକ ଦୁନିଆ ଅଛି । ଅନ୍ୟପଟରେ ଦେଖିଲେ କଂଟ୍ରାଷ୍ଟ ମିରରରେ ଦେଖାଯାଉଥିବା ସ୍ଲମର ଲାଇଫ, ଯେଉଁଠିକି ପ୍ରତିଦିନର ଦାରିଦ୍ରତା, ରୋଗ, ବ୍ୟଭିଚାର ଭଳି ବଡ଼ବଡ଼ ବୀମାରୀମାନେ ରହିଥାନ୍ତି ।

ସମାଜର ସର୍ବୋଚ୍ଚସ୍ତରରେ ବେବଫାଇ ମଧ୍ୟ ଥାଏ, ସେହିପରି ସର୍ବନିମ୍ନ ସ୍ଲମରେ ମଧ୍ୟ୍ୟ ବେବଫାଇ ଥାଏ । କାହିଁକିଥାଏ, କିପରି ଥାଏ, ଏହା ବୁଝିବା ଅତିକଷ୍ଟ । କିନ୍ତୁ, ଧନ ବହୁଳେ ଧନର ଦୂରୁପଚାର ହୋଇଥାଏ । ଅଧିକ ପାୱାର ପାଇଲେ, ମଣିଷ ତାହାର ମଧ୍ୟ୍ୟ ଦୂରୁପଚାର କରିଚାଲେ । ସେହିଭଳି ଅଭାବ ମଧ୍ୟ୍ୟ ମଣିଷର ମତିଭ୍ରମ କରିଥାଏ । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱେ ଏକ ସାଥିରେ ମୁମ୍ବାଇ ଭଳି ସବୁ ବଡ଼ସହରରେ ସମସାମୟିକ ରୁପରେ ବାସକରେ ।

ବୀଣାଦେବୀ ତାଙ୍କର ପତିଙ୍କ ସହିତ ଏକ ହାଇ ପ୍ରୋଫାଇଲ ରାଜନୈତିକ ନେତାଙ୍କର ଡିନରପାର୍ଟିକୁ ନିମନ୍ତ୍ରିତ ହୋଇଥିଲେ । ସେ ଏଭଳି ବହୁତ ପାର୍ଟିକୁ ଯାଇଥାନ୍ତି; ଏହିଟା କିଛି ନୂଆକଥା ନୁହେଁ । ସେଦିନର ସେ ପାର୍ଟିଟି କିନ୍ତୁ ବୀଣାଦେବୀଙ୍କ ଜୀବନର ଦିଗ ପରିବର୍ତ୍ତନ କରିଥିଲା । ରାତ୍ରୀର ସେ ଘୋର ଅନ୍ଧକାର ମଧ୍ୟରେ, ପାୱାରଫୁଲ ରାଜନୈତିକ ନେତାଗଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ଧନୀ ସମାଜର ବ୍ୟକ୍ତିତ୍ୱମାନଙ୍କର ମନୋରଞ୍ଜନର ସାଧନ ଥିଲେ ବହୁତ ହାଇକ୍ଲାସ ସ୍ତ୍ରୀଲୋକମାନେ । ଆଉ ସେଠାରେ ଚାଲିଥିବା ବେବଫାଇ । ବୀଣାଦେବୀ ଆଚମ୍ବିତ ଥିଲେ ଏବଂ ସେଠାରୁ ଜଲ୍‌ଦି ଜଲ୍‌ଦି ଚାଲିଯିବାକୁ ଚେଷ୍ଟା କରୁଥିଲେ । ସହରର ରାଜନୈତିକ ଶକ୍ତି ସମ୍ମୁଖରେ ମଧ୍ୟ ଏକ ଆଇପିଏସ ଅଫିସରକୁ ଚୁପ ରହିବାକୁ ପଡିଥାଏ । ତେଣୁ ସେ ତାଙ୍କ ପତିଙ୍କୁ ନେଇ ସେସ୍ଥାନରୁ ଯାଇପାରୁ ନଥିଲେ । ବଡ଼ କଷ୍ଟର ସହିତ ସେ ଅଧୈର୍ଯ୍ୟ ଭାବରେ ସମୟ ବିତାଉଥିଲେ । ଅଧୈର୍ଯ୍ୟର ସୀମା ଚରମରେ ପହଞ୍ଚିଥିଲା ଯେତେବେଳେ ସେ ଝାପ୍ସାଆଲୋକର ଅନ୍ଧାର ମଧ୍ୟରେ ଜଣେ ଜଣାଶୁଣା ସ୍ତ୍ରୀଙ୍କୁ ଦେଖିଥିଲେ । ସେ ଅନୁଭବ କଲେକି ସେ ତ ସେ ସ୍ତ୍ରୀକୁ ଖୁବ ଭଲଭାବରେ ଜାଣନ୍ତି, କିନ୍ତୁ ସେ ଯେ ଶହେ ପ୍ରତିଶତ ନିଶ୍ଚୟ ନଥିଲେ । ମନ ମଧ୍ୟରେ ହଁ ଓ ନା'ର ଝଡ଼ ସୃଷ୍ଟି ହେଉଥାଏ ।

ସହରର ଅନ୍ୟକୋଣରେ ସେହି ରାତ୍ରୀର ଅନ୍ଧକାର ମଧ୍ୟରେ ସ୍ଲମର ଦୂଷିତ ପରିବେଶରେ ଅନେକ ବେବଫାଇର ଉଦାହରଣ ପ୍ରସ୍ତୁତ ହୋଇ ଯାଇଥିଲା । ଏଠି ମଧ୍ୟ ରାତ୍ରୀର ଅନ୍ଧକାରରେ ଜୀବନର ଗତି ଓ ଦିଗ ବଦଳିଯାଇଥାଏ । ସ୍ଲମ ମାଫିଆ ଛଡା ମଦ୍ୟପାନକରି ଝୁଲିଝୁଲି ଆସୁଥିବା ଯୁବକମାନେ କି ବୟସ୍କ ବୃଦ୍ଧମାନେ ବହୁତ ସହଜରେ ସ୍ଲମର କୌଣସିବି ଖୋଲିକୁ ପ୍ରବେଶ କରିଯାଇଥାନ୍ତି । ମୁମ୍ବାଇ ମିରରର ଦୁଇପାର୍ଶ୍ୱରେ ଦ୍ୱିପ୍ରକାର ପ୍ରତିବିମ୍ବ ।

କୌଣସି ପ୍ରକାର ବାହାନାକରି ବୀଣାଦେବୀ ଓ ସତ୍ୟବ୍ରତ ଘରକୁ ଫେରିଥିଲେ । ପତି ଆଇପିଏସ ଥିବାରୁ ସେତ ବିଭିନ୍ନ ରାଜନୈତିକ ପାଙ୍ଗାରଫୁଲ ନେତାମାନଙ୍କର ସମାଗମରେ ଏପ୍ରକାର ଦୃଶ୍ୟ ଦେଖିଥିଲେ, କିନ୍ତୁ ବୀଣାଦେବୀଙ୍କ ପାଇଁ ଏଦୃଶ୍ୟ ପ୍ରଥମ ଥିଲା । ସେ ନିଜକୁ ନିଜେ ସମ୍ଭାଳିବାକୁ ଚେଷ୍ଟା କରୁଥିଲେ । ସେ ଅଧୈର୍ଯ୍ୟ ଥିଲେ କି ସେ ଜାଣିଥିବା ସ୍ତ୍ରୀଟି ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝାପ୍ସା ଆଲୋକରେ ତାଙ୍କର ଜଣେ ବାନ୍ଧବୀ ଥିଲେ କି ନଥିଲେ । ଯଦି ସେ ତାଙ୍କର ବାନ୍ଧବୀ ହୋଇଥାନ୍ତି, ତେବେ ବୀଣାଦେବୀ ନିଜକୁ କ୍ଷମା କରି ପାରିବେନି । ରାତ୍ରୀର ଘୋର ଅନ୍ଧକାର ତାଙ୍କୁ କାଟିବାକୁ ଲାଗିଥାଏ । ପତି ତାଙ୍କୁ ସାନ୍ତ୍ୱନା ଦେଇଚାଲିଥାନ୍ତି । ସମୟ ବିତିଗଲେ ମଧ୍ୟ୍ୟ ତାଙ୍କର ମନମଧ୍ୟରେ ସେରାତ୍ରୀର ଭୟାନକ ଦୃଶ୍ୟ ସର୍ବଦା ଭାସି ଉଠୁଥାଏ । ସେ ସତ୍ୟ ଘଟଣା ଜାଣିବାକୁ ଖୁବ ଇଚ୍ଛୁକ ଥିଲେ । ପତି ଆଇପିଏସ ଥିବାରୁ ମୁମ୍ବାଇ ସହରର କୌଣସିବି ବ୍ୟକ୍ତିଙ୍କ ବିଷୟରେ କିଛି ବି ଖବର ଯୋଗାଡ଼ କରିବା ତାଙ୍କପାଇଁ କଷ୍ଟକର ନଥିଲା । ସେ ସବୁପ୍ରକାରର ଖବରକୁ ଯୋଡିବାକୁ ଲାଗିଲେ । ତାଙ୍କୁ ସେ ରାତ୍ରୀର ସେ ସ୍ତ୍ରୀ ବିଷୟରେ ଖବର ମିଳିଗଲା । ଫୋନ ନମ୍ବରଟି ନେଇ ସେ ଯେତେବେଳେ କଲ କରିଲେ, ନିଜ ଫୋନର ପରଦାଉପରେ ତାଙ୍କର ଘନିଷ୍ଠ ବାନ୍ଧବୀଙ୍କ ନାଁଟି ଦୃଶ୍ୟମାନ ହୋଇଥିଲା । ଫୋନଟି ହାଥରୁ ଖସିପଡିଲା ଓ ତା ସହିତ ବୀଣାଦେବୀବି । ତାଙ୍କୁ ଲାଗିଲା ତାଙ୍କର ସନ୍ଦେହ ଯେ ସତ୍ୟରେ ପରିବର୍ତନ ହୋଇଯାଇଛି । ଘରରକୋଣରେ ବସିଯାଇ କାନ୍ଦିବା ଛଡା ତାଙ୍କପାଖରେ ଅନ୍ୟକିଛି ରାସ୍ତା ନଥିଲା । ସ୍ଲମର ସେ ରାତ୍ରୀର ବ୍ୟଭିଚାରମଧ୍ୟ ବୀଣାଦେବୀଙ୍କ ଭଳି ଅନ୍ୟଜଣେ ବୟସ୍କ ସ୍ତ୍ରୀଙ୍କୁ କନ୍ଦାଇ ଚାଲିଥାଏ । ଫରକ ଏହାକି, ବୀଣାଦେବୀ ସମାଜର ଉପରସ୍ତର ବିଷୟରେ ଚିନ୍ତାକରୁଥିଲେ ଆଉ ବସୁନ୍ଧରାଦେବୀ ସମାଜର ସର୍ବନିମ୍ନସ୍ତରର ।

କିଛି ସମୟ ବିତିଗଲା । ବୀଣାଦେବୀ ତାଙ୍କର ସେ ବାନ୍ଧବୀକୁ ଭୁଲିବାକୁ ଲାଗିଥାନ୍ତି । କିନ୍ତୁ ସମୟ ତାର ଖେଳତ ନିଶ୍ଚୟଭାବରେ ଦେଖାଇବ । ସେ ଖବରପାଇଲେ କି ତାଙ୍କ ବାନ୍ଧବୀ ଅନ୍ୟ ଏକ ସହରକୁ ସିଫ୍ଟ କରିଗଲେ । ପୂର୍ବ ଫୋନ ନମ୍ବର ମଧ୍ୟ ବଦଳିଯାଇଛି । ସତ୍ୟ କି ମିଥ୍ୟା; ସେ ଆଉ ଚିନ୍ତା ନକରି ସ୍ୱୀକାର କରିନେଲେ । ମୁମ୍ବାଇ ସହରରେ ସମ୍ପର୍କକୁ

 Magazine Downloaded from www.aahwaan.com

ଜୀବନଭରି ନିଭାଇବାକୁ କାହାପାଖରେ ସମୟ ଓ ଧୈର୍ଯ୍ୟ ଅଛି । ବୀଣାଦେବୀବି ନିଜର କାର୍ଯ୍ୟରେ ବ୍ୟସ୍ତଥିଲେ । ବସୁନ୍ଧରାଦେବୀ କିନ୍ତୁ ସ୍ଲମର ସେହି ରାତ୍ରୀର ବ୍ୟଭିଚାରର ସାକ୍ଷୀ । ନା ତାଙ୍କର ଆର୍ଥିକ ସମ୍ବଳ ଅଛିଯେ ସେ ସ୍ଲମ ଛାଡ଼ିଚାଲିଯିବେ, ନା ସେ ଭୁକ୍ତଭୋଗୀ ମାନଙ୍କର । ତେଣୁ, ତାଙ୍କୁ ତ ମୁମ୍ବାଇ ସହରର ସେହି ସ୍ଲମରେ ପ୍ରଶ୍ନ ଓ ତାର ଉତ୍ତର ଦୁଇଟିଯାକକୁ ଦେଖିବାକୁପଡିବ ।

ବୀଣାଦେବୀଙ୍କର ବିବାହର ଦୁଇବର୍ଷ ସମ୍ପୂର୍ଣ ହୋଇଥିଲା । ବଡ଼ଜୋରରେ ବିବାହ ବାର୍ଷିକ ଉତ୍ସବ ପାଳନ ହେଉଥାଏ । ପତିଙ୍କର ସବୁ ଉଚ୍ଚସ୍ତରୀୟ ସାଙ୍ଗମାନେ ଯୋଗ ଦେଇଥିଲେ । ସେମାନଙ୍କ ସହିତ କଥା ହେଉ ହେଉ ଜଣେ ବାନ୍ଧବୀ ବୀଣାଦେବୀଙ୍କୁ ତାଙ୍କର ସେ ହଜିଯାଇଥିବା ବାନ୍ଧବୀଙ୍କ ବିଷୟରେ ଗୁପ୍ତ ଖବର ଦେଇଥିଲେ । ସେ କହିଥିଲେ କି ସେ ବାନ୍ଧବୀ ମୁମ୍ବାଇସହରର ଅନ୍ୟକୋଣରେ ଏକ ଉଚ୍ଚ ସୋସାଇଟିରେ ରହୁଛନ୍ତି ଏବଂ ସେ ବାହାର ଦୁନିଆ ସହିତ ସମ୍ପର୍କକୁ ଲୁଚାଇ ରଖିଛନ୍ତି । ଏହା ବୀଣାଦେବୀଙ୍କ ମନମଧ୍ୟରେ ଆଉ ଗୋଟିଏ ଝଡ଼ ସୃଷ୍ଟିକଲା । ପାର୍ଟି ଶେଷ ହେବାପରେ ସେ ନିଜର ପତିଙ୍କୁ ଏ ବିଷୟରେ କହିବାରୁ ସେମାନେ ଏ ବିଚାର କରିଥିଲେକି ମୁମ୍ବାଇ ପୋଲିସର ସହାୟତାରେ ସେ ବାନ୍ଧବୀଙ୍କ ଉପରେ ନଜର ରଖିବେ । ଆଇପିଏସ ପୋଜିସନର ପାୱାର ତାଙ୍କର ଏସବୁ କାର୍ଯ୍ୟକୁ ବହୁତ ସରଳ କରିଦେଇଥିଲା । ଅପରପକ୍ଷରେ ବସୁନ୍ଧରାଦେବୀ ଆଖିଆଗରେ ବଢୁଥିବା ବ୍ୟଭିଚାରର ବୃକ୍ଷମାନଙ୍କୁ ଦେଖିଚାଲିଥାନ୍ତି । ସ୍ଲମର ପରିବେଶରେ କିଏ କାହାର ଖବର ରଖୁଛି । ଏଠିତ ଜୀବନ ବେଳେବେଳେ ନର୍କପରି ଲାଗେ । କିଏବା କେମିତି ଲୁଚାଇବ ।

ଭଗବାନଙ୍କର ସୃଷ୍ଟି ମନୁଷ୍ୟର ଶିଶୁକୁ ରୂପଦେବାକୁ ନଅମାସ ସମୟ ନେଇଥାଏ । ଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ବିତିଗଲା । ବୀଣାଦେବୀଙ୍କ ବାନ୍ଧବୀ ଏକକନ୍ୟାକୁ ଜନ୍ମ ଦେଇଥିଲେ, ଏବଂ ସେହି ରାଜନୈତିକ ସମ୍ପର୍କ ସେ ଶିଶୁକନ୍ୟାକୁ ସହରର ଲକ୍ଷଲକ୍ଷ କଚରାଡବା ମଧ୍ୟରୁ କେଉଁ ଏକ ଅଜଣା ଅଚିହ୍ନା ଡବାମଧ୍ୟରେ ଜୀବିତ କିମ୍ବା ମୃତ ଅବସ୍ଥାରେ ଫୋପାଡ଼ି ଦେଇଥିଲେ । ସେହି ସମୟରେ ସ୍ଲମରେ ମଧ୍ୟ କିଛି ଶିଶୁ ଜନ୍ମ ନେଇଥିଲେ । ବୀଣାଦେବୀଙ୍କର ପାୱାରଫୁଲ ନେଟୱାର୍କ ବି ତାଙ୍କ ବାନ୍ଧବୀଙ୍କ ଶିଶୁକନ୍ୟାର କୌଣସି ଠିକଣା ପାଇପାରିନଥିଲା । କିନ୍ତୁ ବସୁନ୍ଧରାଦେବୀ ସ୍ଲମର ସେହି ଶିଶୁମାନଙ୍କୁ ଖୋଜିଖୋଜି ପାଇପାରିଥିଲେ । ନିଜର ଆର୍ଥିକ ସମ୍ବଳ ନଥିଲେ ମଧ୍ୟ, ତାଙ୍କର ମନଭିତରେ ମଦର ଟେରେସା ଭଳି ଦୃଢ଼ଶକ୍ତି ଥିଲା । ସ୍ଲମର ସେହି ଭୁକ୍ତଭୋଗୀ ଯୁବକ ଓ ବୃଦ୍ଧମାନେ ସେ ଶିଶୁମାନଙ୍କୁ ମାରିଦେବାର ବାଟ ଖୋଜିଚାଲିଥାନ୍ତି । ତେଣୁ ସେମାନଙ୍କ ଜୀବନକୁ ରକ୍ଷା କରିବାକୁ ହେଲେ, ବସୁନ୍ଧରାଦେବୀ ସେମାନଙ୍କୁ ସ୍ଲମରୁ ଦୁରକୁ ନେଇଯିବାକୁ ପଡିବ । ଭାଗ୍ୟର ବିଡମ୍ବନା ଦେଖନ୍ତୁ । ଗୋଟେପଟେ ବୀଣାଦେବୀ ବାନ୍ଧବୀର ଶିଶୁଟିକୁ ଖୋଜୁଛନ୍ତି ଓ ଅନ୍ୟପଟରେ ବସୁନ୍ଧରାଦେବୀ ସ୍ଲମର ଶିଶୁମାନଙ୍କୁ ଅନ୍ୟ କେଉଁଠି କୁ ନେଇଯିବା ପାଇଁ ଚେଷ୍ଟା କରୁଛନ୍ତି ।

ସମୟ ବିତିଚାଲିଥାଏ । ବୀଣାଦେବୀଙ୍କ ବାନ୍ଧବୀ ପୁଣି ପୂର୍ବରୂପ ଧାରଣକରି ହାଇ ପ୍ରୋଫାଇଲ ସର୍କଲକୁ ଫେରିଆସିଲେ । ବୀଣାଦେବୀଙ୍କର ମଧ୍ୟ ଭେଟହେଲେ । କିନ୍ତୁ ନିଜର ସେ ଗୁପ୍ତ ଅତୀତକୁ ଖୁବ ଗୁପ୍ତ ରଖିଥିଲେ । ବୀଣାଦେବୀ ମଧ୍ୟ ଏପ୍ରକାର ପାର୍ଟିକୁ ଯିବା କମ କରିଦେଲେଣି । ନିଜର ଚାକିରୀ ଜୀବନରେ ଖୁବ ବ୍ୟସ୍ତ । ଏହାମଧ୍ୟରେ ଦୁଇତିନିମାସ ବିତିଗଲାଣି । ଦିନେ ସେ ନିଜ ଗାଡିର ପଛସିଟରେ ବସି ଅଫିସ ଯାଉଥିଲେ । ହଠାତ ଗାଡି ଟ୍ରାଫିକ ସିଗ୍ନାଲରେ ଅଟକିଗଲା । ବାହାରକୁ ବୁଲି ଦେଖିଲେକି ନିକଟସ୍ଥ ପୋଲତଳେ ଜଣେ ବୟସ୍କସ୍ତ୍ରୀ କିଛି ଶିଶୁମାନଙ୍କୁ ଧରି ବସିଥାଏ । କିଛି ଭାବିବା ଓ କରିବା ପୂର୍ବରୁ ଡ୍ରାଇଭର

 Magazine Downloaded from www.aahwaan.com

ଗାଡି ଆଗକୁ ନେଇଚାଲିଗଲେ । ଏହାଥିଲା ସେହି ସ୍ଲମର ଶିଶୁମାନଙ୍କ ଅବସ୍ଥା । ସେମାନଙ୍କ ଜୀବନକୁ ସୁରକ୍ଷିତ କରିବାପାଇଁ ବସୁନ୍ଧରାଦେବୀ ସେମାନଙ୍କୁ ସେଠାରେ ଲୁଚାଇ ରଖିବାକୁ ଚେଷ୍ଟାକରିଥିଲେ । ମୁମ୍ବାଇ ପୋଲିସର ନଜର ତାଙ୍କ ଉପରେ ପଡିଥିଲା ଏବଂ ସେ ଶିଶୁଚୋରୀ ଅଭିପ୍ରାୟରେ ତାଙ୍କୁ ପୋଲିସ ଗାଡ଼ିରେ ଭର୍ତ୍ତି କରିବାକୁ ଲାଗିଥିଲେ । ବୀଣାଦେବୀଙ୍କ ଡ୍ରାଇଭର ଗାଡିକୁ ଅଧିକ ଦୂରକୁ ନେବାପୂର୍ବରୁ ବୀଣାଦେବୀ ଆଦେଶଦେଲେ ଗାଡିକୁ ବୁଲାଇ ପୁଣି ସେ ପୋଲପାଖକୁ ନେଇଯିବାକୁ । ଡ୍ରାଇଭର ଗାଡି ଆଣି ସେଠାରେ ପହଂଚିବା ବେଳକୁ ମୁମ୍ବାଇ ପୋଲିସର ଗାଡି ସେ ସ୍ତ୍ରୀସହିତ ଶିଶୁମାନଙ୍କୁ ସେଠାରୁ ନେଇ ଚାଲିଗଲେଣି । ଆଖପାଖ ଲୋକମାନଙ୍କୁ ପଚରାଉଚରା କରିବାରୁ ଜଣାପଡିଲା ଯେ ପୋଲିସ ସେମାନଙ୍କୁ ନିକଟତମ ଫାଣ୍ଡିକୁ ନେଇଯାଇଛି । ସେ ନିଜର ପତିଙ୍କୁ ଫୋନକରି ସେ ଫାଣ୍ଡିରେ ପହଂଚିବାକୁ ଆଦେଶ ଦେଇଥିଲେ, ହଁା ଠିକ ପଢିଲେ କାରଣ ପତି ଆଇପିଏସ ହେଲେ ମଧ୍ୟ ଘରେ ମୁରବିତ ସ୍ତ୍ରୀ । ପତି ଚିନ୍ତିତ ଥିଲେ କିନ୍ତୁ ଅଳ୍ପସମୟ ମଧ୍ୟରେ ସେ ଆସି ପହଂଚିଥିଲେ । ଘଟଣାଟି ବୁଝିସାରିବା ପରେ ସେ ନିଜର କମିଶନର ବନ୍ଧୁଙ୍କସହିତ ଆଲୋଚନା କରିଥିଲେ, ଏବଂ ବସୁନ୍ଧରାଦେବୀ ଓ ଶିଶୁମାନଙ୍କୁ ମୁକ୍ତକରିଥିଲେ । ସମସ୍ୟାଟିତ ଏବେ ଆରମ୍ଭହେଲା, କି ସେ ବୟସ୍କସ୍ତ୍ରୀ ସେ ଶିଶୁମାନଂକୁନେଇ ଯିବେ କୁଆଡେ ? ସ୍ୱାମୀଙ୍କ ପ୍ରସ୍ତାବ ଅନୁସାରେ, ସେମାନଙ୍କୁ ନିକଟତମ ସରକାରୀ ଶିଶୁକଲ୍ୟାଣ କେନ୍ଦ୍ରକୁ ପଠାଇଦେଇଥିଲେ । ଯାଉଯାଉ ବୀଣାଦେବୀ ବୁଝିନେଇଥିଲେଯେ ସେ ବୟସ୍କ ସ୍ତ୍ରୀଙ୍କ ନାଁହେଉଛି ବସୁନ୍ଧରା ।

ପରଦିନ ମଧ୍ୟ ବୀଣାଦେବୀ ସେ ଶିଶୁକଲ୍ୟାଣ କେନ୍ଦ୍ରକୁ ଆସିଥିଲେ । ସେ ଦେଖିଲେ ଯେ ଶିଶୁମାନେ ତ କିଛିବି ଅବସ୍ଥାରେ ଶିଶୁକଲ୍ୟାଣ କେନ୍ଦ୍ରରେ ଅଛନ୍ତି, କିନ୍ତୁ ବସୁନ୍ଧରାଦେବୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାସ୍ତାର କଡରେ ଗତକାଲିଠୁ ଅପେକ୍ଷାରତ । ସେ ଭାବିବାକୁ ଲାଗିଲେକି ସମାଜର ଉପରସ୍ତରରେ ଥିବା ତାଙ୍କ ବାନ୍ଧବୀ, ତାର ନିଜର ଅଃବୈଦ୍ଧିକ ସମ୍ପର୍କଜନିତ ଶିଶୁକୁ କେଉଁ କଚରାଡ଼ବାରେ ଫୋପାଡ଼ିଦେଲେ, କିନ୍ତୁ ସମାଜର ନିମ୍ନସ୍ତରରେ ଥିବା ବସୁନ୍ଧରାଦେବୀ ଅନ୍ୟ କାହାର ଅଃବୈଦ୍ଧିକ ଶିଶୁମାନଙ୍କର ଯତ୍ନନେବାକୁ ତତ୍ପର ।

ନିଜେ ନିଜେ ଭାବିନେଲେ କି ଭଗବାନ ବୋଧହୁଏ କିଛି ମହାନ କାରଣ ଯୋଗୁ ତାଙ୍କୁ ଏପର୍ଯ୍ୟନ୍ତ 'ମା' କରିନାହାନ୍ତି । ତାଙ୍କ ମନ ମଧ୍ୟରେ ବାତ୍ସଲ୍ୟ ମମତାର ପ୍ରଥମ ଢେଉ ଆସିଥିଲା । ସେହିଦିନ ସେହି ସମୟରେ ବୀଣାଦେବୀ ପତିଙ୍କ ସାହଯ୍ୟ ଦ୍ୱାରା ଶୁଭାରମ୍ଭ କରିଥିଲେ 'ଚନ୍ଦ୍ରମୌଳୀ' ବାଳାଶ୍ରମ । ତାସହିତ ସେନିଜର ଜୀବନର ଦିଗ ଓ ଉଦ୍ଦେଶ୍ୟ ପରିବର୍ତ୍ତନ କରିଥିଲେ ।

ସ୍ଲମର ସେହି ଶିଶୁମାନେ ଓ ବସୁନ୍ଧରାଦେବୀ 'ଚନ୍ଦ୍ରମୌଳୀ' ବାଳାଶ୍ରମର ପ୍ରଥମ ସଦସ୍ୟ । ସମୟ ବିତିଚାଲିଲା । ବୀଣାଦେବୀ ନିଜର ଚାକିରୀରୁ ଇସ୍ତଫାଦେଇ ପୂର୍ଣ୍ଣମାତ୍ରାରେ 'ଚନ୍ଦ୍ରମୌଳୀ'କୁ ନିଜର ଜୀବନ ସମର୍ପଣ କରିଥିଲେ । ସେଥିପାଇଁ ସେ ସ୍ୱାମୀ ସତ୍ୟବ୍ରତଙ୍କ ପାଖେ ଚିରଋଣୀ । ଚନ୍ଦ୍ରମୌଳୀ ଧୀରେଧୀରେ କୃଷ୍ଣପକ୍ଷରୁ ବାହାରି ଶୁକ୍ଳପକ୍ଷରେ ପାଦରଖିଲା । ବୀଣାଦେବୀ ସେ ଅଜଣା ଅଚିହ୍ନା ଶିଶୁମାନଙ୍କର ବର୍ତ୍ତମାନ ଓ ଭବିଷ୍ୟ ବନିଗଲେ । ସେମାନଙ୍କର ସର୍ବୋତ୍ତମ ଯତ୍ନସହିତ ଶିକ୍ଷାକୁ ପ୍ରାଥମିକତାଦେଇ ସମାଜର ମୁଖ୍ୟଧାରା ସହିତ ସେମାନଙ୍କୁ ଯୋଡିବାକୁ ଲାଗିଥିଲେ, ଏବଂ ସଫଳତାର ସିଢିରେ ପାଦ ରଖିଥିଲେ । ବସୁନ୍ଧରାଦେବୀ ଚନ୍ଦ୍ରମୌଳୀକୁ ନିଜର ସ୍ନେହ, ପ୍ରେମ ଓ ପରିଶ୍ରମଦ୍ୱାରା ମାତୃତ୍ୱର ରୁପ ଦାନକରିଥିଲେ । ବୀଣାଦେବୀ ସମସ୍ତ ଶିଶୁମାନଙ୍କ ମଧ୍ୟରେ ତାଙ୍କର ସେହି ବାନ୍ଧବୀଙ୍କର ଶିଶୁକୁ ଖୋଜି ଚାଲିଥିଲେ, କିନ୍ତୁ ସେ ତାକୁ କେବେବି ପାଇପାରୁନଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଭଳି କରୁଣଦୃଶ୍ୟ ସବୁସହରରେ ଦେଖିବାକୁ ମିଳିବ । କେତେବା ବସୁନ୍ଧରା ଓ କେତେବା ବୀଣା ନିଜନିଜର ଜୀବନକୁ ନିସ୍ୱାର୍ଥପର ଭାବରେ ସମର୍ପଣ କରିପାରିବେ । ଏ ପ୍ରଶ୍ନଟି ସଦାସର୍ବଦା ପ୍ରଶ୍ନ ହୋଇରହି ଚାଲିଥିବ । ଚନ୍ଦ୍ରମା ତାର ଆଲୋକ ହଜାଇ ପୁନର୍ବାର ଅମାବାସ୍ୟା ଆଡକୁ ମାଡିଚାଲିବ, ଏବଂ ସେହି କଳାରାତ୍ରିରେ ଅନେକ ବ୍ୟଭିଚାର ଘଟିଚାଲିବ । ଚନ୍ଦ୍ରମୌଳୀ କେବେ ବି ଚନ୍ଦ୍ରମାର ସେ ଗତିକୁ ସମ୍ପୂର୍ଣ୍ଣ ଭାବରେ ରୋକି ପାରିବନାହିଁ, କିନ୍ତୁ ସେ ଚେଷ୍ଟା ତ କରିପାରିବ । ଏହି ଯେ ତାର ମନର ବିଶ୍ୱାସ ।

ବ୍ରୁନେଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁହିଁ ତ ଗରୀବ ଭୋଟର



ମହେଶ୍ୱର ସାହୁ

ନିର୍ବାଚନର ପ୍ରଚାର ପ୍ରସାର ପୁରା ସର ଗରମ ହୋଇ ଯାଇଛି । ନିଜ ଦଳର ବିଜୟ ପାଇଁ ପ୍ରାର୍ଥି ମାନେ ନାନା ରଣନୀତି ପ୍ରୟୋଗ କରିବାରେ ଲାଗିଛନ୍ତି । କିଏ କହୁଛି ମୋ ଦଳକୁ ଭୋଟ ଦିଅ ମୁଁ ତୁମର ଘର, ରାସ୍ତା, ପାଇଖାନା, ପିଲାଙ୍କର ଚାକିରୀ, ବାର୍ଦ୍ଧକ୍ୟ ଭତ୍ତା ଆଦି ନିଶ୍ଚୟ କରିଦେବି । କିଏ କହୁଛି ମୁଁ ନିଶ୍ଚୟ କୃଷି ଋଣ ଛାଡ କରିଦେବି । କିଏ କହୁଛି ତୁମର ଠକେଇ ସଂଥା ରେ ଥିବା ପଇସା ମୋ ଦଳ ଫେରେଇ ଦେବାର ପ୍ରତିସୃତି ମୁଁ ଦେଉଛି । ଏମିତି ନାନା ସର୍ତ୍ତ ନାନା ପ୍ରତିଜ୍ଞା କରୁଛନ୍ତି ଅଲଗା ଅଲଗା ଦଳର ପ୍ରାର୍ଥି ମାନେ ।

ଷାଠିଏ ବରଷର ରାମ ସାହୁ । ନିହାତି ଗରିବ ! ଦୀର୍ଘ ବୟାଳିସ ବର୍ଷ ଧରି ରାଜନୀତି ଦେଖି ଆସୁଛି । ଭାରତର ସମ୍ବିଧାନ ବୁଝି ପାରୁଛି ରାମ ସାହୁ । ନିପଟ ମୂର୍ଖ ହୋଇ ମଧ୍ୟ ସେ ବୁଝି ପାରୁଛି ଓ ଅବଗତ ଅଛି ମଧ୍ୟ ନିର୍ବାଚନରେ ମିଥ୍ୟା ପ୍ରତିଶୃତି ବିଷୟରେ । ପୁଅଟା ତାର ଦଶମ ଶ୍ରେଣୀରୁ ଆଉ ପଢି ପାରିଲା ନାହିଁ । ନିଜର ଆର୍ଥିକ ପରିସ୍ଥିତି ଦୁର୍ବଳ ଦେଖି ରାମ ସାହୁ ପୁଅକୁ ବିଦେଶ ପଠେଇ ଦେଇଛି । ମାସିକ ପୁଅ ତାର ଯଉଁ ଦୁଇ ପଇସା ଦେଉଛି ଘର ପରିବାର ସୁଖରେ ଚଳି ଯାଉଛି । ନିଜର ଝାଟି ମାଟିର ନଡ଼ା ଛପରର ଘରେ ବହୁତ ଆନନ୍ଦରେ ରହୁଥାଏ ରାମ ସାହୁ । ଏଇ କିଛି ଦିନ ହେବ ସେ ଟିକେ ଖୁସି ଅଛି କାରଣ ତାକୁ କୁଆଡେ ସରକାର ତରଫରୁ ପକ୍କାରେ ତିଆରି ପାଇଖାନା ମିଳିଛି । ଝିଅ ବୋହୁ ତାର ସେଇ ପାଇଖାନା ବ୍ୟବହାର କରୁଛନ୍ତି । ଘରକୁ ତାର ଏବେ ବିଦ୍ୟୁତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂଯୋଗ ହୋଇ ଯାଇଛି । ଘରକୁ ଆସିଥିବା ନୂଆ ବୋହୁ ପାଇଁ କୁଆଡେ ବିନା ମୂଲ୍ୟରେ ଉଜ୍ଜ୍ୱଳା ଯୋଜନାରୁ ଗ୍ୟାସ ମିଳିଛି । ଟିକେ ଖୁସି ହୁଏ ।

ଏବେ ନିର୍ବାଚନ ପାଇଁ ନେତା ମାନଙ୍କର ଧାଡି ଲାଗିଛି ତା ଘରକୁ । ରାମ ସାହୁକୁ ଖାଦ୍ୟ ସୁରକ୍ଷା ଯୋଜନାରୁ ଆଗରୁ ମିଳୁଥିବା ବି.ପି.ଏଲ. ରୁ ବଞ୍ଚିତ କରା ଯାଇଛି । ଏବେ କୌଣସି ରେସନ କାର୍ଡ ହୋଇ ନାହିଁ ତା ନାଁ ରେ । ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରୁ ଗୋଟେ ଘରର ଅନୁଦାନ ମିଳିବାର ଥିଲା । ହେଲେ ସରପଞ୍ଚ ବାବୁ କହୁଛନ୍ତି ମୋତେ କୋଡିଏ ହଜାର ଦିଅ ତୁମର ବାସ ଗୃହ ଅନୁଦାନ ମୁଁ କରେଇ ଦେବୀ । ଆଉ ତମେ ତମ ପୁଅକୁ ବିଦେଶରୁ ଡକାଅ ସେ ଆସି ମୋ ଦଳୀୟ ବାହିନୀରେ ଯୋଗ ଦେଉ, ମୁଁ ତୁମର ବାସଗୃହ ମାଗଣାରେ କରେଇ ଦେବୀ ।

ରାମ ସାହୁ ଚାଳିଶ ବର୍ଷ ହେଲା ଦେଖି ଆସୁଛି ନେତା ମାନଙ୍କର ମିଥ୍ୟା ପ୍ରତିଶୃତି । ବାସ ଗୃହ ନାହିଁ ! ସେ ବହୁତ ବାର ବ୍ଲକ ଉନ୍ନୟନ ଅଧିକାରୀଙ୍କ ସରଣାଗତ ହୋଇଛି । ସରପଞ୍ଚ ଅନ୍ୟ ଦଳରେ ଭୋଟ ଦେଇଛି କହି ନିଜର ରେସନ କାର୍ଡ ରୁ ବଞ୍ଚିତ କରିଛନ୍ତି । ସେଥି ପାଇଁ ମଧ୍ୟ ଅପାଠୁଆ ରାମ ସାହୁ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇ ସାରିଛନ୍ତି । କାହିଁକି ଏମିତି ରାଜନୀତି କରୁଛନ୍ତି ଏଇ ନେତା ଗୁଡାକ । ସ୍ୱାଧୀନ ଭାରତର ଆମେ ନିରୀହ ଗରିବ ନାଗରିକ କଣ ଦୋଷ କରିଛୁ ଯେ ! ସରକାରୀ କର୍ମୀମାନଙ୍କର ଆମ ଉପରେ ଦାଉ ସାଧିବାର ଦେଖା ଯାଉଛି । ଯେଉଁମାନେ ଦଳୀୟ କର୍ମୀ ସେମାନେ ତିନି ତିନି ଥର ପ୍ରଧାନମନ୍ତ୍ରୀ ଆବାସ ଯୋଜନା । ଇନ୍ଦିରା ଆବାସ ଯୋଜନା । ବିଜୁ ପକ୍କା ଘର ଯୋଜନା ପାଇ ସାରିଲେଣି । ହେଲେ ମୋ ପରି ନିରୀହ, ଗରିବ, ଅପାଠୁଆ ଲୋକ ମାନେ କଣ ସେମାନଙ୍କର ଅତ୍ୟାରକୁ ମୁଣ୍ଡ ପାତି ସହି ଯାଉଥିବୁ । ଏମିତି ରାଜନୀତି କୁ ଏହି ଭୋକୁଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେତାମାନେ ! ଅତ୍ୟନ୍ତ ମର୍ମାନ୍ତତ, ଅବହେଳିତ ଓ ଦଣ୍ଡିତ ଏହି ରାମ ସାହୁର ନିରୀହ ପରିବାର ।

ଆଜି ସକାଳ ସମୟରୁ ସରପଞ୍ଚ ବାବୁ ଆସିଛନ୍ତି । ରାମ ସାହୁର ପତ୍ନୀ ଆବେଗ ଭରା କଣ୍ଠରେ କହିଲେ; "ଆଜି ସୁରୁଜ କେଉଁ ଦିଗରୁ ଉଇଁଲା କେ ଜାଣି ? "

ସରପଞ୍ଚ ବାବୁ; "ମାଉସୀ ଆଉ ମାତ୍ର ପନ୍ଦର ଦିନ ରହିଲା ନିର୍ବାଚନ । ପୁଅକୁ ବିଦେଶରୁ ଡକାଅ । ସେ ଆସିଲେ ଆମ ସହିତ ନିର୍ବାଚନୀ ପ୍ରଚାର କରିବ । ସତ କହୁଛି ମାଉସୀ ତୁମର ଘର ଆଉ ମଉସାଙ୍କର ବାର୍ଦ୍ଧକ୍ୟ ଭତ୍ତା କରିଦେବି । "

ମାଉସୀ ରାଗରେ ଗର ଗର ହୋଇ କହିଲେ ହୋଇହୋ ସରପଞ୍ଚ ବାବୁ ତୁମ ନିର୍ବାଚନ ସମୟରେ ତୁମେ ଏଇ କଥା କହିଲ । ହେଲେ ତା ପରେ କୁଆଡେ ଗଲ ଯେ । ପୁଣି ଥରେ ଦେଖିବାକୁ ମିଳିଲାନି । ରେସନ କାର୍ଡ ହୋଇନାହିଁ କହିବାରୁ ମୋତେ କଣ କହିଲ ନା ମୁଁ ତୁମକୁ ଭୋଟ ଦେଇନି । ଏମିତି ରାଜନୀତି ତୁମର ! ଆଜି କହୁଚ ଯେ ତୁମର ଘର ହେବ, ଭତ୍ତା ହେବ ଆଉ ରେସନ କାର୍ଡ ହେବ ।

ଆମେ ତୁମକୁ ଭୋଟ ଦେଉଛୁ କାହିଁକି ? ଆମର ଦୁଃଖରେ ତୁମେ ଆମର ସାଥି ହେବା ପାଇଁ । ହେଲେ ତମେ କଣ କରୁଛ କହିଲ ! ତୁମ ସ୍ୱାର୍ଥ ପାଇଁ ଘର ପାଇଁ ଲାଞ୍ଚ କୋଡିଏ ହଜାର ତ ରେସନ କାର୍ଡ ପାଇଁ ଗଲେ " ମୋତେ ଭୋଟ ଦେଇନ" କେମିତିକା ଲୋକ ହୋ ଆପଣେ ! ନିଜ ସ୍ୱାର୍ଥର ଲଢେଇ କରୁଛ, ନିଜ ବ୍ୟାଙ୍କରେ ଅର୍ଥ ବଢ଼େଇ ଚାଲିଚ । ଏମିତି ଭୋକୁଆ ହେଉଛ ଯେ ଆମ ରକ୍ତ ପିଇବାକୁ ପଛାଉନ । ଗଲା ମାସ ଯାଇଥିଲି ତୁମ ପାଖରୁ ଲେଖାଟିଏ ପାଇଁ । ମୋ ବୋହୂର ବ୍ୟାଙ୍କ ବହି ଖୋଲିବା ପାଇଁ । ହେଲେ ଲେଖାଟିଏ ବି ଦେଲନି । ଠକେଇ ସଂଥା ରେ ପଇସା ରଖ, ବୀମା ଗୋଟେ କର ଏମିତି ବ୍ୟବହାର ତୁମର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଂଚାୟତରେ । ତୁମେ ସଂଥା ମାନଙ୍କରେ ଏଜେଣ୍ଟ ହୋଇ ସରପଞ୍ଚ ହେଉଥିଲ କାହିଁକି ଯେ...ଛି ଛି ତୁମର ରାଜନୀତିକୁ ! ଆଜି କେଉଁ ବେଳରେ ରାତି ପହିଲା କେ ଜାଣି ତୁମ ମୁଖ ଦର୍ଶନ ହେଇଗଲା । ଆଜି ଦିନଟା ବିଗଫି ଦେଲ ହୋ ତମେ ଆପଣେ ସରପଞ୍ଚ ।

ସରପଞ୍ଚ ବାବୁତ ବହୁତ ରାଗି, ହେଲେ ଆଗକୁ ନିର୍ବାଚନ ଟିକେ କଥା ବାର୍ତ୍ତାର ଏପଟ ସେପଟ ହେଲେ ଗୁରୁ ନେତା ମାନେ ଲାତ ମାରିବେ । ଗଲା ନିର୍ବାଚନରେ ଦଙ୍ଗା ହେଙ୍ଗାମ କରି ଭୋଟ ପାଇଛି । ଯାହା କହୁଛି କହୁ ବୁଢ଼ୀ । ମୋରତ ଗାଳି ଶୁଣି ଶୁଣି ଅଭ୍ୟାସ ହୋଇ ସାରିଛି । ରାଜନୀତିରେ ରହିଲେ ସୋସିଆଲ ମିଡିଆ ଠାରୁ ଗାଁ ଗହଳି ପର୍ଯ୍ୟନ୍ତ ଗାଳି ଶୁଣିବାକୁ ପଡେ । ଏଇଟା ନୂଆ କଥା କଣ ଯେ ।

ରାମ ସାହୁ ନିଜର ବାସି କାମ ସାରି ଆସି ପହଁଚିଲେ । ସରପଞ୍ଚବାବୁଙ୍କୁ ଦେଖି ନମସ୍କାରଟିଏ ହେଲେ । ଆଜି ସରପଞ୍ଚ ବାବୁ ସକାଳେ ସକାଳେ ନିଜ ଗରିବ କୁଡ଼ିଆରେ ବୋଲି ପଚାରିଲେ । ଏଥର ସରପଞ୍ଚ ବାବୁ ପାଞ୍ଚ ଶହ ଟଙ୍କିଆ ନୋଟ ଗୋଟେ କାଢି ରାମ ସାହୁଙ୍କ ହାତକୁ ବଢ଼ାଇ ଦେଇ କହିଲେ ପୁଅର ଆସିବା ଯିବାର ଖର୍ଚ୍ଚ । ନିଶ୍ଚୟ ଆସିବାକୁ କହିବ । ମାଉସୀ ମୋର ଭଲ ଚର୍ଚା କରି ସାରିଛନ୍ତି । ମୁଁ ଆସୁଛି ଆଉ ଗୁଡ଼ାଏ କାମ ଅଛି ମୋର । କହି ଚାଲିଲେ ସରପଞ୍ଚ ବାବୁ ।

ଏଥର ରାମ ବାବୁଙ୍କୁ କିଛି କହିବାର ନ ଥିଲା । ରାମ ବାବୁଙ୍କୁ ପାଞ୍ଚ ଶହ ଟଙ୍କା ମିଳିଛି ପୁଅକୁ ଡକେଇବା ପାଇଁ ବୋଲି ବିରୋଧୀ ଦଳର ନେତା ମାନେ ଶୁଣି ପାରିଲେ । ସେମାନେ ଆସି ରାମ ସାହୁ ନିକଟରେ ହାଜର । ବିରୋଧୀ ଦଳର ନେତା କହିଲେ ରାମ ବାବୁ ଆମ ଦଳକୁ ସମର୍ଥନ କର ଆଉ ପୁଅକୁ ବିଦେଶରୁ ଡକାଅ । ମୁଁ ତୁମକୁ ପାଞ୍ଚ ହଜାର ଦେଉଛି । ଏମିତି କହି ନିଜ ପକେଟରୁ ପାଞ୍ଚ ହଜାର କାଢି ରାମ ସାହୁଙ୍କ ହାତରେ ଧରେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଲେ ରାମ ସାହୁ । ପୁଣି କିଛି ସମୟ ପରେ ଅନ୍ୟ ଏକ ନେତା ଆସି ଦଶ ହଜାର ଧରେଇ ଦେଇ ଚାଲି ଗଲେ ।

ଏଥର ସରପଞ୍ଚ ବାବୁଙ୍କ କାନରେ ବାଜିଲା ରାମ ସାହୁଙ୍କ ନିକଟକୁ ଆସୁଥିବା ବିରୋଧୀ ମାନଙ୍କର ପଇସା ବିଷୟରେ । ରାମ ସାହୁ ମନରେ ଟିକେ ଦୁଃଖୀ ହେଉଥାନ୍ତି ହେଲେ ଯେଉଁ ମାନେ ପାଞ୍ଚ ବର୍ଷ ଯାଏ ଦେଖା ଦିଅନ୍ତି ନାହିଁ , ସେଇମାନେ ଆଜି ଟଙ୍କା ବର୍ଷା କରିବାରେ ବ୍ୟସ୍ତ । ବୁଝି ଯାଇଥିଲା ରାମ ସାହୁ ରାଜନୀତିର ବେପାର । ଏଥର ସରପଞ୍ଚ ବାବୁ ପଚାଶ ହଜାର ଧରି ରାମ ସାହୁ ପାଖରେ ହଜାର । ନିଜେ ଯାଚି ଯାଚି ରାମ ସାହୁ ପକେଟରେ ପୁରେଇ ଦେଇଗଲେ ମୁଠା ମୁଠା ଟଙ୍କାର ବିଡା । ରାମ ସାହୁ ଖୁସି କହିଲେ ନ ସରେ ମୋ ଭୋଟ ମୁଁ ବିକିବି ନାହିଁ । ହେଲେ ଏଇ ଭୋକୁଆ ନେତା ମୋ ଭୋଟର ଦାମ କେତେ ଦେଇ ପାରିବେ ଦେଖିବି । ଏମିତି କହି ନିଜକୁ ନିଜେ ଟଙ୍କା ରୋଣ୍ଡେଇବାରେ ବ୍ୟସ୍ତ ରହିଥାଏ ରାମ ସାହୁ ।

ପୁଅ ଫୋନ କରିବାରୁ ରାମ ସାହୁ ବାରଣ କଲେ ! ବାପରେ ଏଇ ରାଜନୀତି ଫାଜନିତି ରୁ ତତେ କଣ ମିଳିବ କହିଲୁ । ସବୁ ପ୍ରାଥି ମାନେ ଯାଚି ଯାଚି ପଇସା ଦେଇ ଯାଇଛନ୍ତି । ହେଲେ ତୁ ଆସି କାହାକୁ ସମର୍ଥନ ଦେବୁ କହିଲୁ । ଶେଷରେ ଯେ ଦଳ ସେ ଦଳ ପାଲରେ ପଡି ବାଡ଼ିଆ ବାଡ଼ି ହେବୁ । ତୁ ନିର୍ବାଚନ ପରେ ଘରକୁ ଆସିବୁ । ମୁଁ ସେମାନଙ୍କୁ ତୋ ଦେହ ଭଲ ନାହିଁ କହିଦେବି ।

ପୁଅ ଅତ୍ୟନ୍ତ ବାଧ୍ୟ କରିବାରୁ ବାପା କହିଲେ ଦେଖ ବାବୁ ମୋ ଏକୋଇର ବାଲା ବିସିକେସନ । ତୁ ଗୋଟିଏ ପୁଅ ମୋର । ନା ଆଗକୁ ନା ପଛକୁ । ସେମାନେ ପରା ନିର୍ବାଚନରେ ମଦ୍ୟପ ମାନଙ୍କୁ ପିଇବାକୁ ଦେଇ ଚମଚା ବନେଇଥାନ୍ତି । ଲୋକଙ୍କୁ ଦଳ ଦଳ

 Magazine Downloaded from www.aahwaan.com

କହି ହଣା କଟା କରନ୍ତି । ଦରକାର ପଡ଼ିଲେ ଜୀବନରୁ ମାରି ଦିଅନ୍ତି । ସାଧାରଣ କଥା ହେଲା ଆମେ ନିହାତି ଗରିବ ହୋଇ ମଧ୍ୟ ରେସନ କାର୍ଡ ପାଇ ପାରିଲେ ନାହିଁ । ମୁଁ ଜିଲ୍ଲା ପାଳ ଦ୍ୱାରସ୍ତ ହେଲା ପରେବି ମିଳିଲା ନାହିଁ । ଏଇମିତି ଦଳ ଦଳ ହେଇ ଗାଁ ଗାଁ ବୁଲିବେ । ଭୋଟ ବ୍ୟାଙ୍କର ରାଜନୀତି । ପଇସା ବାଣ୍ଟିବେ ଭୋଟ ପାଇଁ । ଆମ ଦେଶ ସିନା ଗଣତନ୍ତ୍ର ହେଲେ ଆମେ ଏହି ଭୋକୁଆ କୁଜି ନେତାମାନଙ୍କ କବଳରେ ପଡି ତଳି ତାଳନ୍ତ ହୋଇ ଯାଉଛନ୍ତି । ହେଲେ ଏଇ ନେତା ମାନେ ଆମରି ରକ୍ତରେ ହୋଲି ଖେଳିବାରେ ବ୍ୟସ୍ତ । ଏଇତ ଦୁନିଆ । ଏଇତ ଶାସନ ! କେବେ ବି ଆମ ଦେଶ ସୁଧୁରିବା ନାହିଁରେ ବାବୁ । ତୋତେ ନେହୁରା ହେଉଛି ତୁ ରାଜନୀତିକୁ ଆସିବୁ ନାହିଁ କି ନିଜ ଭବିଷ୍ୟତ ଖରାପ କରିବୁ ନାହିଁ । ମୁଁ ଆଉ ତୋ ମାଆ, ଭଉଣୀ ସ୍ତ୍ରୀ କୌଣସି ଗୋଟେ ଭଲ ପ୍ରାଥି ଦେଖି ଭୋଟ ଦେଇ ଦେବୁ । ହେଲେ କାହାକୁ ବିଶ୍ୱାସ । ଯିଏ ଜିତିଲେ କି ହାରିଲେ ଆମର କି ଯାଏ ନା ଆସେ । ନାଗରିକ ହେତୁ ଭୋଟ ଖଣ୍ଡେ ଦେବା ଆମର ଅଧିକାର ଆଉ ମୁଁ ଓ ଆମ ପରିବାର ଦେଇ ଦେବୁ ।

ପୁଅ ଅଜୟ ବାପାଙ୍କର ନିବେଦନ ଓ ଅଭିପ୍ରାୟ ଭଲ କରି ବୁଝିପାରିଥିଲା । କହିଲା ହଁ ବାପା ମୁଁ ଯିବି ନାହିଁ ନିର୍ବାଚନରେ ! ହେଲେ ତମେ ମଧ୍ୟ କେଉଁ ଦଳରେ ବୁଲା ବୁଲି କରିବନି । ନିଜ କାମରେ ନିଜେ ବ୍ୟସ୍ତ ରୁହ । ପରିବାର ଭଲ ମନ୍ଦ ବୁଝ । କାହାରି କଥାରେ କଥା ବି ହେବନି ବାପା । ନିଜ ବାଟରେ ଯିବ ଆଉ ନିଜ ବାଟରେ ଆସିବ । ଆମେ ଗରିବ ପରା ତେଣୁ ଥାନା ଠାରୁ ନ୍ୟାୟାଳୟ ପରା ସେଇ ନେତାମାନଙ୍କ ଅଧୀନରେ । ଗୋଟେ ଅନୁରୋଧ ବାପା ଯେଉଁମାନେ ଭୋଟ ପାଇଁ ପଇସା ଦିଅନ୍ତି ସେଇ ମାନେ ଜିତି ଗଲେ ଦେଶକୁ ଲୋଟନ୍ତି । ଆଉ ଯେଉଁ ମାନେ ନିର୍ବାଚନରେ ନିଜ ପଇସା ଖର୍ଚ୍ଚ ନ କରନ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନେ କେବେ ଲୋକଙ୍କ ଅଧିକାର ଓ ଲୋକଙ୍କ ପ୍ରାପ୍ୟକୁ ହଡପ କରନ୍ତି ନାହିଁ । ଏଣୁ ସେଇ ମାନଙ୍କୁ ଭୋଟ ଦେଙ୍କ ଯିଏ ପଇସା ନ ବାଣ୍ଟି ଭୋଟ ମାଗିବେ । କାରଣ ସେମାନଙ୍କର ଜିତିବାର ଓ ଆସନ ପାଇବାର ଲୋଭ କମ ଥାଏ । ସେମାନେ ଲାଞ୍ଚ ଦେବେନି କି ଲାଞ୍ଚ ନେବେନାହିଁ ।

ବାପା ରାମ ସାହୁ ପୁଅ କଥାରେ ଏକ ମତ ହେଇ ଗଲେ ଓ ନିଜର ନିର୍ବାଚନୀ ମତକୁ ସ୍ଥିର କରି ନିର୍ବାଚନୀ ଦିନକୁ ଅପେକ୍ଷା କଲେ ।

ଏଣୁ ଓଡିଶା ବାସୀଙ୍କୁ ମୋର ବିନମ୍ର ନିବେଦନ । ଜଣେ କବି ଓ ଲେଖକ ପରିଚୟରେ ଏତିକି କହିବି ଯେ କି କାହାର ଅର୍ଥ ଦାନରେ ପ୍ରଲୋଭିତ ନ ହୋଇ ନିଜର ଭୋଟ ଖଣ୍ଡିକୁ ଠିକ ଲୋକଙ୍କୁ ଦେଇ ଜୟ ଯୁକ୍ତ କରାଇବେ ।

ଗୋପୀବିନ୍ଧା, ବ୍ରାହ୍ମଣଗାଁ,

ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମର କିଛି ଦରକାର ନାହିଁ



ନାରାୟଣ ଚନ୍ଦ୍ର ସେନାପତି

ନାନୀ ଲୋ...., ଏ ପୁନି ନାନୀ... କୁଆଡେ ଗଲୁ କିଲୋ ?

କ'ଣ କିରେ ଶଙ୍କରା, ଖାଇବା ପାଖରୁ ଉତ୍ତର ଦେଲା ନାନୀ ।

ନା ଲୋ ନାନୀ ପାନ ଦିଟା ଖାଇବି ତ, ସେଇଥିପାଇଁ ଡାକୁଥିଲି । ତୁ ତ ଜାଣିଛୁ, ତୋ ପାନ ନ ଖାଇଲେ... ? ମୋତେ ଆଉ କାହା ପାନ ଭଲ ଲାଗେ ନାହିଁ । ତୁ ଖାଉଛୁ କି ? ହଉ ଖା...ମୁଁ ପରେ ଆସିବି ।

ନା'ରେ ଶଙ୍କରା.... କଣ ଖାଇବି, ପଖାଳ ଶାଗ ଟିକେ ଖାଉଥିଲି, ଖାଇ ସାରିଲିଣି.. କହି ଅଧା ଖାଇବା ପାଖରୁ ଉଠି ଆସିଲା ଶହେ ସାତ ବର୍ଷୀୟା ପୁନି ନାୟକ । ହତଭାଗିନୀ ଟିଏ, ଏଇ ବୟସରେ ବି ଦେଇଛି ପାନଦୋକାନ, ଏଇ ପେଟ ଚାଖଣ୍ଡେ ଓଦା କରିବାକୁ । ବିଚାରୀ ମା'ଟିକୁ ଚାହିଁ ମନେ ମନେ କାନ୍ଦି ପକାଉଥାଏ ବାଉନ ବର୍ଷୀୟ ଆକର୍ମଣ୍ୟ ପୁଅ ଶମ୍ଭୁନାଥ । ଯେଉଁ ବୟସରେ ସେ ତା ମା'କୁ କେବଳ ପୋଷିବା ନୁହଁ ବରଂ ସେବା ତୀର୍ଥ ସବୁ କରିବା କଥା, ହେଲେ ସେ ଆଜି.... କତରାଲଗା ହୋଇ ହାତ ପାତିଛି ତା ମାଆକୁ, ଆଉ ଦାନା ବି ଲୋଡୁଛି ବଂଚିବା ପାଇଁ । ପୁନି ଶଙ୍କରାକୁ ପାନ ଚାରି ଖଣ୍ଡ ଦେଇ ଦଶ ଟଙ୍କିଆଟେ ରଖିଲା ।

ଆସୁଥିବୁରେ ଶଙ୍କରା । ମୋର ତ ମରଣ କାଳ ଆସିଲାଣି, କେତେବେଳେ ବି ଚାଲିଯିବି । ଗରିବ ନାନୀଟାକୁ ଟିକେ ଦେଖି ଆସୁଥିବୁ । ଶଙ୍କରା ହସି ହସି କହୁଥାଏ,ନା ଲୋ ନାନୀ, ତୁ ଏବେ ମରିବୁ ନାହିଁ । ଆଉ ପନ୍ଦର ବର୍ଷ ହେଲେ ବଞ୍ଚ । କହି କହି ଚାଲିଗଲା

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଶଙ୍କରା । ଅଧା ଖିଆ ସାରିବାକୁ ଆସୁ ଆସୁ ଦଳେ ଲୋକ ଆସିଲେ, ଜଣେ ଡାକିଲା ଏ ବୁଢ଼ୀ ପାନ ଦିଟା ଦେଲୁ । ପୁନିକୁ ଖରାପ ଲାଗୁଥିଲେ ବି ସେ ଚୁପ ରହି ପାନ ଭାଙ୍ଗିଦେଲା । ଲୋକଟା ପାନ ଦି ଖଣ୍ଡ ନେଇ ଚାଲିଯାଉଥିଲା । ଆରେ ବାବୁ ପଇସା ଦେଇ ଯାରେ । ଲୋକଟି କହିଲା ଆଲୋ ବୁଢ଼ୀ ତୁ ଏ ସୋନୁ ଦାଦାକୁ ଚିହ୍ନି ନୁ କି ? ପଇସା କ'ଣ ମାଗୁଛୁ । ନାଁ ରେ ବାବା ତୁ ଯିଏ ହୋ ଏ ଗରିବ ବୁଢ଼ୀର ପଇସା ଦିଟା ଦେଇ ଯା । ଏଇ ପା ମୋ ଜୀବିକା ।  ମୁଁ ନ ଦେଲେ ତୁ କ'ଣ କରିବୁ ଲୋ ବୁଢ଼ୀ, ମୁଣ୍ଡ ତଳେ ଲାଗିଲାଣି, କାଲି ପରି ଯମ ତୋତେ ନେବ ବହୁତ ଲୋଭ ତ ତୋର କହିଲା ସୋନୁ । ଆରେ ବାପା ତୁ ଗୁରୁଜନକୁ କେମିତି ବ୍ୟବହାର ଦିଅନ୍ତି ଶିଖିନୁ ? ଏତିକି କହୁ କହୁ ସୋନୁ ବୁଢ଼ୀ ଚୁଟିକୁ ଟାଣି ଠେଲି ଦେଲା । ବିଚାରୀଟିର ମୁହଁଟା ବାଡେଇ ହୋଇଗଲା ରାକ୍ ରେ । ଓଠଟା ଫାଟି ରକ୍ତ ଧାର ବହିଲା । ଟଙ୍କାଟିଏ ବି ପୁନି ପାଇଁ ବହୁତ । ଦିନ ସାରା ଦୋକାନରୁ କୋଡ଼ିଏରୁ ତିରିଶି ଟଙ୍କା ସେ ପାଏ । ସେଇଥିରେ ମା' ପୁଅ ଦି ଓଳି ବଂଚିଯାନ୍ତି । ମାଆର କାନ୍ଦ ଓ ପିଲାଙ୍କ ପାଟି ଶୁଣି ବିଶ୍ୱମ୍ବର କହିଲା, କ'ଣ ହେଲା ମାଆ, କିଏ ପାଟି କରୁଥିଲା, ତୁ କ'ଣ କାନ୍ଦୁଛୁ ? ନିଜ ପୁଅ ମନକୁ କଷ୍ଟ ନ ହେଉ ସେଥିପାଇଁ ତରବର ହୋଇ ଚିରା ପଣତକାନିରେ ଆଖିର ଲୁହ ପୋଛି ଓଠର ଲହୁ ପୋଛି କହିଲା, ନାଁରେ କେତେ ଲୋକ କେତେ ପ୍ରକାର,ତାଙ୍କ କଥା କାହିଁକି ଶୁଣୁଛୁ ।

ହେଲେ ପାଞ୍ଚ ଟଙ୍କା ଚାଲିଗଲା ନାହିଁ ଯେ ତା (ପୁନି) ଦେହରୁ ପୋଷେ ରକତ ଚାଲିଗଲା । ଆଉ ଖାଇବ କ'ଣ ଅଇଁଠା ଉଠଉ ଉଠଉ ପୁଅର ଆଖି ପଡିଗଲା ମା ଓଠର ରକତ ଉପରେ । ମୋତେ ଲୁଚାଉଛୁ ମା, ସେମାନେ ତୋତେ ମାରିଲେ ନା, କହି ନିଜ ପୁରୁଷ ପଣିଆକୁ ଧିକ୍କାର କରି ମୁଣ୍ଡକୁ କାନ୍ଥରେ ବାଡେଇଲା ଶମ୍ଭୁ । ମା'ପୁଅ ଆଖିରୁ ଲୁହ ଦି ଟୋପା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୋଛି ଦେଉ ଦେଉ ଦୁହେଁ ଦୁହିଁଙ୍କୁ କୁଣ୍ଢେଇ ବୁକୁ ଫଟାଇ ଚିତ୍କାର କରି ଏପରି କାନ୍ଦିଲେ ଯେ ଯିଏ ଶୁଣିବ ଆଉ ସେ ଦୃଶ୍ୟ ଦେଖିବ ତା ଛାତି ଫାଟିଯିବ ।

କଥାରେ ଅଛି ବଡ ଲୋକଙ୍କୁ ଉତ୍ତର ନାହିଁ ମାଆ । ଆଜି ଯଦି ତୋ ପୁଅ ଭଲ ଥାଆନ୍ତା ତାହେଲେ ସେ ସୋନୁ ତା ହାତ ନେଇ କେବେ ଫେରି ନଥାନ୍ତା । ସବୁ ଭାଗ୍ୟର ଖେଳ । କେଉଁ ଜନ୍ମର କି ପାପ କରିଥିଲି କେଜାଣି ଆଜି ଏଇ ବୟସରେ ଅକର୍ମଣ୍ୟ ହୋଇ ଘରେ ବସି ରହିବାକୁ ପଡିଲା, ଭାବି ଭାବି କାନ୍ଦୁଥାଏ ଶମ୍ଭୁ ।

ସେପଟେ ଗୁମୁରି ଗୁମୁରି ଭିତରେ କାନ୍ଦୁଥାଏ ପୁନି । ପୁରୁଣା ଦିନ ଗୁଡାକ ଆଖିରେ ଜଳ ଜଳ ହୋଇ ଦିଶୁଥାଏ । ତା ସ୍ୱାମୀର ଯେଉଁଦିନ ହାତ ଧରିଲା, ଦୁହେଁ ସ୍ୱପ୍ନ ଦେଖିଥିଲେ, ପୁଅଟିଏ ହେବ, ସ୍ୱାମୀ ତାର କାମ କରି ବହୁତ ଟଙ୍କା ଆଣିବ, ପୁଅକୁ ଭଲ ଖାଇବାକୁ, ପିନ୍ଧିବାକୁ ଦେବେ, ରାଜକୁମାର ପରି ବଢ଼ାଇବେ, କିଛି ଟଙ୍କା ସଞ୍ଚୟ କରି ରଖି ବଡ଼ କୋଠାଘରଟିଏ କରିବେ, ସେ ଘରକୁ ବୋହୁଟିଏ ଆସିବ, ନୂଆ ନାଲି ମାରୁତିଟିଏ କିଣି ଆଣିବେ, ସମସ୍ତେ ସାଥିରେ ପୂଜା କରିବା ପାଇଁ ମା ତାରିଣୀ ମନ୍ଦିର ଯିବେ । କୁଆଡେ ଗଲା ସେ ଦିନର କଳ୍ପନା ଗୁଡିକ । ସ୍ୱାମୀ ଅକାଳ ମରଣରେ ଛାଡି ଚାଲିଗଲେ ତାକୁ ଓ ଶମ୍ଭୁକୁ । ତା'ପରେ ପରେ କଟକ ଜାତୀୟ ରାଜପଥ ପାର୍ଶ୍ୱରେ ଯେଉଁ ସରକାରୀ ଜାଗା ଖଣ୍ଡିକରେ କୁଡ଼ିଆଟି ଥିଲା, ରାସ୍ତା ଚଉଡା ହେବାରୁ ତାହା ବି ଗଲା । ଭୂମିହୀନ, ସ୍ୱାମୀହୀନ ପୁନି କୁନି ପିଲାଟିକୁ ନେଇ କେମିତି ଚଳିବ ?

ଶେଷରେ ବ୍ରିଜ୍ ତଳ ମାଲଗୋଦାମର ତଳେ ଭାଡ଼ି ଉପରେ ଗୁଂଜିଲା ମୁଣ୍ଡ, ଭାବିନେଲା ଏ ହେଉଛି ତା ଶ୍ରୀମନ୍ଦିର । ସ୍ୱାମୀର କଥାକୁ ମନେ ପକାଇ ଓ ପୁଅ ଶମ୍ଭୁ ମୁହଁକୁ ଚାହିଁ ଚାହିଁ ଦୁଃଖକୁ ନିଦାଘର ଥଣ୍ଡା ପାଣି ପରି ପିଇ ଗଲା । ଯନ୍ତ୍ରଣା ଲାଗୁଥିଲା ତାକୁ ସତେ ଯେମିତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସନ୍ତର ମଳୟ, କେବଳ ଶମ୍ଭୁ ମୁହଁକୁ ଦେଖି ଓ ଭବିଷ୍ୟତକୁ ଚିନ୍ତା କରି । ବଡ ଘରର ପିଲାଙ୍କୁ ପଢେଇଲା ପରି ପଢେଇଲା । ହେଲେ ପାଠ ହେଲାନି ତା'ର । ଶେଷରେ ଭେଣ୍ଡିଆ ଶମ୍ଭୁ ଚିନ୍ତାକଲା ଚଳାଇବ ରିକ୍ସା । ମାଲିକର ରିକ୍ସା ଟାଣି ପାଉଣା ପୈଠ କରି କିଛି ପାଇଲା, ଘର ଭଲ ଚାଲିଲା । ଆଶା ରଖିଥିଲା ପ୍ରଥମେ ଜାଗା ଖଣ୍ଡେ କିଣି ମୁଣ୍ଡ ଗୁଞ୍ଜିବାକୁ ଘର କରିବ । ତ'ପରେ ଅଟୋଟେ କିଣିବ । ହେଲେ ତା'ର ସବୁ ଆଶା ଆଶାରେ ହିଁ ରହିଗଲା । ଶମ୍ଭୁର ଡାହାଣ ଗୋଡ଼ଟି ଅଚଳ ହୋଇଗଲା । ଡାକ୍ତରଙ୍କୁ ଦେଖାଇ ଦେଖାଇ ଯାହା ପଇସା ଦିଟା ଥିଲା ସରିଗଲା । ସାରାଦିନ ପାଇଁ ହୋଇଗଲା ଅକର୍ମଣ୍ୟ । ହେଲା ମା' ବେକରେ ବନ୍ଧା ।

ପ୍ରତି ପାଞ୍ଚ ବର୍ଷରେ ଥରେ ଦେଖା ଦିଅନ୍ତି ଆମ ଦେଶର ଭଗବାନ ମାନେ । ପୁନିକୁ ସମସ୍ତେ କହି ବୁଝେଇ ଦିଅନ୍ତି, ନାନୀ ଚିନ୍ତା କରିବୁନି, ଇନ୍ଦିରା ଆବାସ ଘର କରିଦେବୁ । ତୁ କୋଠାଘରେ ରହିବୁ । ଅନ୍ତ୍ୟୋଦୟ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା... ହେଙ୍ଗୁ ଗୁଡ଼ ଯୋଜନା ଯେତେ ଅଛି ସବୁ ଦେଇଦେବୁ... ମିଛ ଆଶ୍ୱାସନା ଦେଇ ପୁନିର ପାନକୁ ମାଗଣା ବି ଖାଇ ଦେଇଯାନ୍ତି । ହେଲେ ଜିତି ସାରିଲା ପରେ ପୁଣି ଅବଶ୍ୟ ବ୍ରିଜ ଉପରେ ତାଙ୍କ ଗାଡିର ଦ୍ରୁତ ଗତିର ଶବ୍ଦ ଓ ହର୍ଣ୍ଣ ବାରି ବହୁତ ଖୁସି ହୁଏ ।

ଅବଶ୍ୟ ପୁନି ବିଧବା ଭତ୍ତା ଓ ଶମ୍ଭୁ ଆକର୍ମଣ୍ୟ ଭତ୍ତା ପାଇ ପୁନି ପାନ ବ୍ୟବସାୟ ଟଙ୍କା ସାଙ୍ଗରେ ମିଶାଇ ଚଳିବାରେ ସାହାଯ୍ୟ କରୁଛି । କିନ୍ତୁ କାହିଁ ? ? ? ସେ ବସୁନ୍ଧରା ଯୋଜନା-ଅନେଶ୍ୱତ ବାତ୍ୟାରେ ଭାଙ୍ଗିଗଲା, ନା ଦୁଇ ହଜାର ତେରରେ ଉଡ଼ିଗଲା ? ସେ ମହିଳାଙ୍କ ପାଇଁ ଉଜ୍ଜ୍ୱଳା ଯୋଜନା ଅଣ୍ଡାରୁ ଛୁଆ ଫୁଟେଇଲା କି ଗୁଳୁଗୁଳିଆ ହୋଇଗଲା ?

ଆଖିର ଲୁହକୁ ପୋଛି ତିନୋଟି ଇଟାରେ ତିଆରି ତା ଚୁଲିର ଭାତ ଦିଟା ଫୁଟେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଲା ପୋଡା ଆଙ୍ଗାର ଜାଳି ଜାଳି ଦେଇ । ଟିକେ ବେଶର, ଗୋଟା ଭେଣ୍ଡି କେଇଟା, ନେଲିଆ ଦିଶୁଥିବା ଆଳୁ କେଇ ଖଣ୍ଡକୁ ଭଙ୍ଗା ଫଟା କଡେଇରେ ଦେଇ ଅଣ୍ଡାଖୋଳ, ବିଅର ପେଟି ଖୋଳ ଓ ଫଳ ପେଟି ପୁରାଇ ସିଝାଉଥିଲା ଖାଇବାକୁ ଆଦରର ତିଅଣ ।

ଏହି ସମୟରେ ନଟିଆ ଭାଇ ଆସି କହିଲା, ଆରେ ଶମ୍ଭୁ, ଲୋ ପୁନି ନାନୀ, ଫୋନି ମାଡି ଆସୁଛି, ଚାଲ ସ୍କୁଲ ଘରକୁ ଯିବା । ବାରମ୍ବାର ମନା କରିବା ସତ୍ତ୍ୱେ ବାଧ୍ୟରେ ସରକାରୀ ଗାଡ଼ିରେ ବସି ପୁନି ଓ ଶମ୍ଭୁ ଚାଲିଲେ ସ୍କୁଲ ଘର । ହେଲେ ସେମାନେ ଲାଗୁଥିଲେ ଭିନ୍ନ, କାରଣ ତାଙ୍କ ଘର ତ ତିନି ଶହ ପଞ୍ଚଷଠି ଦିନ ଫୋନି ରେ ଧକ୍କା ଖାଉଛି ।

ବସି ବସି ଦୁହେଁ କହୁଛନ୍ତି, ବାଃ ବାଃ ରେ ସମାଜ, ବାଃ ବାଃ ରେ ଆଜିର ଦୁନିଆ । ଯେଉଁ ରାଜ୍ୟର ମୁଖ୍ୟ ଜଣେ ସାଧକ, ମଣିଷ ପରି ମଣିଷ, ଯେଉଁ ଦେଶର ମୁଖ୍ୟ ଜଣେ ଦେବ ତୁଲ୍ୟ, ବ୍ୟକ୍ତିତ୍ୱ, ଆଉ ଯେଉଁ ମାଟିର ଦେବତା ବିଶ୍ୱର ମଉଡ ମଣି, ମଙ୍ଗଳମୟ, ସେ ମାଟିର ମଣିଷ ଦୁଇଟାକୁ ଭୂମି ଖଣ୍ଡେ କି ବସ ବାସ ମିଳୁନି ତାହା  ଅତ୍ୟନ୍ତ ନିନ୍ଦନୀୟ । ତେଣୁ ଆମେ ମାଆ ପୁଅ ଦୁହେଁ ଏ ରାଜ୍ୟର ମୁଖ୍ୟ, ଦେଶର ମୁଖ୍ୟ ଓ ସୃଷ୍ଟିର ମୁଖ୍ୟଙ୍କୁ ଅନୁରୋଧ କରୁଛୁ, ଆମର ଘର ଆବଶ୍ୟକ ନାହିଁ, ଆମର କିଛି ଦରକାର ନାହିଁ, ବରଂ ଏ ମାଟିର ଋଣ ଶୁଝିବାକୁ ଆମ ହାର୍ଟ, କିଡନି କି ଚକ୍ଷୁ ନେଇ ଆମ ଦେଶ ମାତୃକାର ସୁରକ୍ଷା ସମ୍ମାନ ପାଇଁ କାମରେ ନିୟୋଜିତ କଲେ ଆମ ଜୀବନ ଧନ୍ୟ ହେବ ।

ଏହା ଭିତରେ ଫୋନିର କରାଳ କ୍ରିୟା ଧ୍ୱସ୍ତ ବିଧ୍ୱସ୍ତ କରୁଥିଲା, କିନ୍ତୁ ପୁନି ଓ ଶମ୍ଭୁ ଠୋ ଠୋ ହସି ହସି କହୁଥାନ୍ତିରେ ଫୋନି, ଏ ମଲା ଜୀବନ ଦୁଇଟାକୁ ତୁ କଣ ଡ୍ରାଇବୁ ? ତୁ କଣ ଆମ ଜୀବନର ମହାବାତ୍ୟା ଠୁ ଭୟଙ୍କର ? ? ?

ନାରାୟଣ ଚନ୍ଦ୍ର ସେନାପତି,ଜମ୍ବିରା,କେନ୍ଦୁଝର*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସହପାଠିନୀ



ଡ. ସୁବାସ ମିଶ୍ର

ଆଶିଷ ବାବୁ । ଆଶିଷ ରଂଜନ ମହାପାତ୍ର, ବୟସ-ତେପନ, ଉଚ୍ଚତା -ପାଂଚ ଫୁଟ ଆଠ ଇଞ୍ଚ, ବର୍ଣ୍ଣ-ଶ୍ୟାମଳ, ସ୍ୱାସ୍ଥ୍ୟ ମଧ୍ୟମ, ଆଜି ବହୁତ ଚଳ ଚଞ୍ଚଳ । ବଡ଼ି ଭୋରରୁ ଉଠି ଗାର୍ଣିଅର ନାଚୁରେଲ ଲଗାଇ ତାଙ୍କ ଚଂଦା ମୁଣ୍ଡରେ ଥିବା ହାତ ଗଣତି ବାଳକୁ କଳା କରିବା ସହ ଚିକ୍ ଚିକ୍ କରୁଥିବା ମୁଣ୍ଡଟିକୁ ମଧ୍ୟ ଇତ୍ୟବସରରେ କଳା କରି ସାରିଲେଣି । ନିଶ ହଳକୁ ସଜାଇ ରଂଗ ବି ମାରି ସାରିଛନ୍ତି । ଝିଅ ଘରକୁ ପ୍ରଥମ ସାବିତ୍ରୀ ଭାର ନେଇଯିବାର ବିବିଧ ଆୟୋଜନ ମଧ୍ୟରୁ ଏହା ଅନ୍ୟତମ । ପତ୍ନୀ ଅନିମା ଥଟ୍ଟା କରି ପଚାରିଲେ, "କ'ଣ ସମୁଦୁଣିଙ୍କୁ ଇଂପ୍ରେସ୍ କରିବା ପାଇଁ ଏତେ ସଜବାଜ ?" ମୁରୁକି ହସିଲେ ଆଶିଷ ବାବୁ ।

ପତି-ପତ୍ନୀଙ୍କ ମଧ୍ୟରେ ଏମିତି ମୃଦୁବାକ୍ୟ ଚଳେ । ବେଳେବେଳେ ଟିକେ ଅଧିକା ହେଲେ ଟ୍ରାଂଜିଷ୍ଟାର ଗ୍ୟାଙ୍ଗର ନାଲି କଣ୍ଟାଟି ଠିକ୍ ସେଣ୍ଟର ଜାଗାରେ ନ ଲାଗି ଟିକେ ବାଁ ଡାହାଣ ହେଲେ ଯେପରି ଖାଲି ସାଁ ସାଁ ଶବ୍ଦ ହୁଏ, ସେଣ୍ଟର ଧରେନି, ସେମିତି ଅବସ୍ଥା ଦିନେ ଦି' ଦିନ ହୁଏ । ତା'ପରେ କାନ୍ଥବାଡ଼କୁ ଦେଖେଇ କଥାବାର୍ତ୍ତା ହେଉ ହେଉ କେତେ ବେଳେ ନାଲିକଣ୍ଟାଟି ସେଣ୍ଟରକୁ ଆସି ଯାଏ, କେହି ଜାଣି ପାରନ୍ତି ନି । ଶ୍ରଦ୍ଧାରେ ଆଶିଷ ବାବୁ ଅନିମାଙ୍କ ମୁଣ୍ଡ ଡ଼ାଇ କରିବାକୁ ଓ ଫେସିଆଲ କରିବାକୁ ଅଡି ବସନ୍ତି ।

ଆଶିଷ ବାବୁ ଟିକେ ରୋମାଣ୍ଟିକ । ତାଙ୍କ ମତରେ, ବୟସ ଏକ ସଂଖ୍ୟା ମାତ୍ର । ଏଇ ଧରନ୍ତୁ ଅଠାବନ, ଷାଠିଏ, ସତୁରୀ.. ଏମିତି । ବାସ୍ତବିକ ପ୍ରେମର ସ୍ୱାଦ ପରିଣତ ବୟସରେ ବାରି ହୁଏ ।" ଆଜି ସଖି, ମନେପଡେ ଲାଜେ ଲାଜେ ଟେକି ଉତ୍ତରୀୟ, କିଶୋରୀ ନୟନେ ମେଲି ଚାହୁଁଥିଲ ଦେଖିବାକୁ ପ୍ରିୟ.. ।" ମନେ ପଡ଼େ ବାସର ରାତି, ପ୍ରଥମ ଜ୍ୱାଇଁ କୁଣିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା । ଅପର ପକ୍ଷରେ ଅନିମା ବହୁତ ପ୍ରାକ୍ଟିକାଲ । ତାଙ୍କ କହିବା କଥା, ଏ ବୟସରେ ପୁଣି ସଜବାଜ ? ପାଟିରୁ ଛଡାଇ ନେଇ ଆଶିଷ ବାବୁ ସେଲିବ୍ରିଟି ମାନଂକ ରୋମାନ୍ସ ଓ ମାରେଜ୍ କଥା କହନ୍ତି, କେଉଁ ପଞ୍ଚସତୁରୀ ବର୍ଷୀୟ କେନ୍ଦ୍ର ମନ୍ତ୍ରୀ ପଞ୍ଚଷଠୀ ବର୍ଷୀୟା ଜ୍ଞାନପୀଠ ବିଜୟିନୀଙ୍କୁ ବିବାହ କଲେଣି ତ କେଉଁଠି ଶତାୟୁ ଙ୍କ ବିବାହ । "ଧେତ୍ !"-ପାଖ ଘରକୁ ଉଠି ଯାଆନ୍ତି ଅନିମା । ମୁରୁକି ହସନ୍ତି ଆଶିଷ ବାବୁ ।

ପିଲାଛୁଆ ନ ଥିଲା ବେଳେ ବହୁତ ରୋମାଣ୍ଟିକ ହୋଇ ପଡ଼ନ୍ତି ସେ । ଖୁବ୍ ଶୀଘ୍ର ଖାଇ ଟିଭି ବନ୍ଦ କରିବାକୁ ପରାମର୍ଶ ଦିଅନ୍ତି; ମାତ୍ର ଅନିମାଙ୍କ ସିରିଏଲ ସାଢେ ଏଗାର ଯାଏ ଚାଲେ । ବିରକ୍ତିରେ ଶୋଇ ପଡ଼ନ୍ତି ସେ । ସେଇଥି ପାଇଁ ବୋଧେ ଶାସ୍ତ୍ରରେ ଅଛି, କନିଆଁ ଦଶା-ବର ତିରିଶା ମନକୁ ବୁଝାଂତି । ଦାମ୍ପତ୍ୟ ଜୀବନର ଅନ୍ୟ ନାଁ ବୁଝାମଣା । ସବୁ ଚାଲେ ସୁରୁଖୁରୁରେ ।

ଆଜି କିନ୍ତୁ ଆଶିଷ ବାବୁ ଉତ୍କଣ୍ଠିତ, ଉଲ୍ଲସିତ ଓ ସତର୍କ ଥିବାର ଦେଖି ଅନିମା ଆଦୌ ବିସ୍ମିତ ନୁହନ୍ତି । ଆଜକୁ ତିରିଶ ବର୍ଷ ହେଲା ସେ ଆଶିଷଙ୍କୁ ଦେଖି ଆସିଛନ୍ତି, ମନେ ମନେ ଉଲ୍ଲସି ଉଠୁଥିଲେ ସେ । ପ୍ରତ୍ୟେକ ପତ୍ନୀ ଚାହେଁ, ତା ସ୍ୱାମୀ ସ୍ମାର୍ଟ ହେଉ, ସୁଦର୍ଶନ ହେଉ, ସେ ବା ନ ଚାହାନ୍ତେ କାହିଁକି ? ଭାବନ୍ତି, "ମୁଣ୍ଡରେ ବାଳ କେଣ୍ଡେ ଥିଲେ କିଏ କହନ୍ତା ୟାଂଙ୍କୁ ତେପନ ବୋଲି !"

ଯଥା ସମୟରେ ଝିଅ ଘରକୁ ଯିବାର ଆୟୋଜନ ହେଲା ।

ଗତକାଲି ଝିଅବାପ କଥା ହେଉ ଥିଲେ, "ବାପା, ମୋ ବଡ଼ ଶାଶୁ କହୁଥିଲେ, ତୁମେ ତାଙ୍କ ସାଙ୍ଗ । ତୁମ କଥା ପଚାରିଥିଲେ ।"-ଏ କଥାର ଅର୍ଥ ହୁଏ ତ ଝିଅ ବା ଅନିମାଙ୍କ ପାଇଁ ଏମିତି ଗୁରୁତ୍ୱପୂର୍ଣ୍ଣ ନ ଥିଲା, ମାତ୍ର ଆଶିଷଙ୍କ ଥିଲା ବେଶ ଖାସ୍ । ନିଜ ବାଲ୍ୟ ଓ କୈଶୋର ଜୀବନର ଏକ ମାତ୍ର ଝିଅ ସାଙ୍ଗ ଶୁଭ୍ରା, ବହୁ ଦୂର ସମ୍ପର୍କୀୟ ମାମୁଙ୍କ ଝିଅ । ମାମୁଙ୍କ ଘରକୁ ରଜ ଓ ଦଶହରା ଛୁଟିରେ ଗଲେ ତା'ସହ ଭେଟ ହୁଏ । ବୟସରେ ବର୍ଷେ ବଡ଼ ସେ । ନାଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧରି ଡାକେ । ଦୁହେଁ ବହୁତ ସାଙ୍ଗ ହୁଅନ୍ତି । ଏକାଠି ମାମୁ ଘରେ ଖାଆନ୍ତି, ପିଅନ୍ତି, ଖେଳନ୍ତି ଓ ଶୁଅନ୍ତି । ଶୋଇଲା ବେଳେ କୁମ୍ଭାଟୁଆ ବାଘୁଆ କହି ଡ଼ରାଏ ସେ । ଶୁଭ୍ରା ଛାତିରେ ମୁହଁ ଗୁଂଜି ପକାନ୍ତି, ଆଶ୍ୱସ୍ତ ଲାଗେ, ପୁଲକ ଆସେ । ଶୁଭ୍ରା ଗେଲ କରେ, ଚୁମା ଦିଏ, ଶୋଇ ପଡ଼ନ୍ତି ସେ । ଏଇମିତି ଛୁଟି କଟି ଯାଏ କେମିତି ଜଣା ପଡ଼େନି । ଛୁଟି ପରେ ଶୁଭ୍ରାର ଚିଠି । ପଢେ, ଖୁସି ହୁଏ, କିଛି ବୁଝେ, କିଛି ଅବୁଝା ରହିଯାଏ । ମାଟ୍ରିକ ପରୀକ୍ଷାରେ ଫେଲ ହେଲାପରେ ପାଠରେ ଡୋରି ବନ୍ଧା ହୋଇଥିଲା ଶୁଭ୍ରାର,ଆଉ ଆଶିଷ ବାବୁ ପ୍ରଥମ ଶ୍ରେଣୀରେ ପାଶ କରି ଆଇ.ଏସ ସି.ରେ ନାମ ଲେଖାଇ ଥିଲେ ବି.ଜେ. ବି.କଲେଜରେ । ଯ୍ୱା'ଭିତରେ ବିତି ଯାଇଥିଲା ଦେଢଟି ବର୍ଷ । ସେକେଣ୍ଡ ଇୟର୍ ପରୀକ୍ଷା ପୂର୍ବରୁ ପାଇଥିଲା ଚିଠି ଖଣ୍ଡିଏ । "ସ୍ନେହର ଆଶିଷ, ଦୁନିଆଁ କଣ ଜାଣିଲ ନି । ଏତେ ଅବୋଧ ତୁମେ । ମୁଁ ଆଉ ତୁମର ହୋଇ ରହି ପାରିବିନି । ଆସନ୍ତା ମାର୍ଚ୍ଚ ପଚିଶରେ ମୋ ବାହାଘର । ସୁବିଧା ହେଲେ ଆସିବ । ଇତି । ତୁମର ଶୁଭ୍ରା ।"

ମୁଣ୍ଡ ଉପରେ ପରୀକ୍ଷା । ଚିଠି ବିଷୟରେ ଅଧିକ ଭାବିବାକୁ ସମୟ ନ ଥିଲା । ମାତ୍ର ବି.ଏସ.ସି. ପଢ଼ିଲା ସମୟରେ ଦିନେ ହଠାତ୍ ରୋମନ୍ଥନ କଲେ ଆଶିଷ ବାବୁ ଅତୀତକୁ । ଦୁନିଆଁ ବିଷୟରେ କିଛିଟା ଜାଣି ପାରୁଥିଲେ ସେ ସେତେବେଳେ । ସମୟକ୍ରମେ ସେ ଜାଣି ପାରୁଥିଲେ, ଜଣେ ପଞ୍ଚଦଶ ବର୍ଷୀୟା ଅନୁଢ଼ା କନ୍ୟା ହୁଏ ତ କ'ଣ ଆଶା କରୁଥିଲା ଜଣେ ତାଠୁ ବର୍ଷେ ସାନ କିଶୋର ଠାରୁ । ଛିଃ... ଏସବୁ ବାଜେ କଥା ।

ସେଇ ଶୁଭ୍ରା, ତାଙ୍କ କୈଶୋର ଜୀବନର ଏକ ମାତ୍ର ପ୍ରିୟ ସାଥିକୁ ସେ ଯାଉଛନ୍ତି ଆଜି ଭେଟିବାକୁ । ମନରେ ଅନେକ ଭାବନାର ଲହଡି ମୁଣ୍ଡ ପିଟୁଛି । ଶୁଭ୍ରାର ଏକ ସାମ୍ପ୍ରତିକ ଚିତ୍ର ମନ-କାନଭାସରେ ଆଙ୍କିଛନ୍ତି ଆଶିଷ ବାବୁ । ଟିକିଏ ମୋଟି ହୋଇଯାଇଥିବ, ବୟସ ଟିକେ ବଢ଼ି ଯାଇ ଗୋଟିଏ ସମ୍ଭ୍ରାନ୍ତ ଚେହେରା ସୃଷ୍ଟି କରୁଥିବ, ଠିକ୍ ତାଙ୍କ କଲେଜର କାନୁନଗୋ ମାଡ଼ାମ୍ ଙ୍କ ପରି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଥା ସମୟରେ ଘରୁ ଗୋଟେ ଅନନ୍ୟ ଚିନ୍ତା ନେଇ ବାହାରିଲେ ଆଶିଷ ବାବୁ । ଡ୍ରାଇଭର ନେଇଛନ୍ତି, ବାଟରେ ନଦୀର ନାମ ଅଳସ କନ୍ୟା..., ସପନର ପଥେ ପଥେ..., ସାରା ରାତି ବରଷାରେ ଭିଜି ଭିଜି... ଆଦି ଗୀତ ଶୁଣି ଶୁଣି ସେ ଫେରି ଯାଇଛନ୍ତି ଅନେକ ଦୂରକୁ ଭାବନାରେ । ପ୍ରକୃତିସ୍ଥ ହେଲେ ଝିଅଘର ଗାଁ ବୁଲାଣିରେ । ଝିଅଘରୁ ବିଦା ହେବା ଆସନ୍ନ, କିନ୍ତୁ ଝିଅ କିଛି କହୁନି ତା ବଡ଼ ଶାଶୁ କଥା । ଲାଜ ଓ ସଂକୋଚରେ କିଛି କହି ପାରୁ ନ ଥାନ୍ତି ଆଶିଷ ବାବୁ । ପେଟର ଭୋକ ପେଟରେ ମରୁଛି । ଶେଷରେ ଝିଅ କେମିତି ଜାଣିଲା କି ସଂଯୋଗ, କହିଲା, "ବାପା, ତୁମ ଜୋଇଁ ଯାଉଛନ୍ତି ବଡ଼ବୋଉଙ୍କୁ ଦେଖାଇ ଦେବେ ।" ଝିଅଠୁ ବିଦାୟ ନେଇ ଆସିଲେ, ମାତ୍ର ପଚାଶ ମିଟର ଖଣ୍ଡେ ଦୂର ଗଲା ପରେ ଜୋଇଁ ଡାକିଲେ, "ବଡ଼ ବୋଉ, ବଡ଼ ବୋଉ, ଦେଖିଲୁ କିଏ ଆସିଛନ୍ତି ?"

ଟିକିଏ ପରେ ନୁଆଣିଆ ମାଙ୍କଡା ପଥର କାନ୍ଥ ଦିଆ ଚାଳ ଛପର ଘରୁ ଜଣେ ବୃଦ୍ଧା ବାହାରି ଆସିଲେ ଓ ଅତି ଆବେଗରେ କହିଲେ, "ଆରେ ଆଶୁ !" ମୁଖର ଜ୍ୟୋତି ନ ଥିଲା, ହସରେ ସରସତା ନଥିଲା, କି ରୂପରେ ଆକର୍ଷଣ । ବେଶ ପରିପାଟୀ କେବଳ ଖଣ୍ଡେ ଲୁଗା । ମୁଣ୍ଡରେ ସମ୍ପୂର୍ଣ ସଫେଦ ଫୁରୁ ଫୁରୁ ଅଲରା ବାଳ । ଖୋଳା ଖୋଳା ଆଖିରେ ସତେ ଅବା ଅୟୁତ ଯୁଗର ବ୍ୟଥା । ସମତଳ ବକ୍ଷ ଓ ଜୀର୍ଣ୍ଣ ଶରୀର । କାଖରେ ଗୋଟିଏ ଗୌରାଙ୍ଗ ହୃଷ୍ଟପୁଷ୍ଟ ଉଲଂଗ ଶିଶୁ । ତାକୁ ଟିକେ ଗେହ୍ଲା କରି ସେ କହିଲା, "ହେଇରେ, ଦେଖ ଦେଖ, ଗୋଟେ ଅଜା, ନମଃ କର ।" ଆଶିଷ ବାବୁଙ୍କୁ ଲକ୍ଷ୍ୟ କରି ସେ କହିଲା, "ଏ ଟା ମୋ ସାନ ପୁଅର ସାନ ପୁଅ । ଭାରି ସଇତାନ ।" ତାଙ୍କ ମୁଣ୍ଡରେ କିଛି ପଶୁ ନ ଥିଲା, ସେ ତା ମୁହଁକୁ ଆଉ ଥରେ ଚାହିଁବାକୁ ଇଚ୍ଛା କରୁ ନଥିଲେ । ମନର ସବୁ ସରାଗ, ସବୁ ଆବେଗ, ଉତ୍କଣ୍ଠା ସତେ ଯେପରି ଗୋଟେ ଅସହାୟତା ବୋଧ ଆଡକୁ ତାଙ୍କୁ ଝିଙ୍କି ନେଉଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତାବିଜ



ଦୀପକ ଷଡ଼ଙ୍ଗୀ

ମୋ ନାଁ ଆଦିତ୍ୟ ସାମଲ । ମୁଁ ଆଜି ମୋ ଜୀବନର ଏମିତି ଗୋଟେ କଥା ଶୁଣେଇବି ଯାହାକୁ ଶୁଣିଲା ପରେ ଯେ କେହି ବି ଆତ୍ମା ଓ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ କରିବାକୁ ବାଧ୍ୟ ହେବ ।

୨ ବର୍ଷ ହେଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଏମ.ଏ ପାସ କରି ଚାକିରି ଖଣ୍ଡେ ପାଇଁ ବୁଲି ବୁଲି ନୟାନ୍ତ ହେଲାପରେ ମଧ୍ୟ କେଉଁଠି କିଛି ମୋ ପାଇଁ ଗୋଟେ ଚାକିରୀର ବ୍ୟବସ୍ଥା ହୋଇପାରୁନଥିଲା । ବଡ କଷ୍ଟରେ ଧରାଧରି କରି ଗୋଟେ କମ୍ପାନୀରେ କିରାଣି ଚାକିରୀ ଖଣ୍ଡେ ପାଇଲି । ଦରମା ମାତ୍ର ୬୦୦୦ ଟଙ୍କା । ଘରଠାରୁ କମ୍ପାନିର ଦୂରତା ପ୍ରାୟ ୨୦ କିଲୋମିଟର ଥିଲା, ତେଣୁ ସବୁଦିନ ମୋଟର ସାଇକେଲ ନେଇ ଯିବା ଆସିବା କରିବା, ଏଇ ସ୍ୱଳ୍ପ ଦରମାରେ ମୋ ପକ୍ଷେ ସମ୍ଭବପର ନ ଥିଲା । ତେଣୁ  ବସ୍‌ରେ ଯିବା ଆସିବା କରି ଦେଉଥିଲି । କମ୍ପାନୀ ଚାକିରୀରେ ଛୁଟି କମ ଆଉ କାମ ବହୁତ ବେଶି ସେଥିପାଇଁ ପ୍ରାୟ ସବୁ ରବିବାର ମଧ୍ୟ ମତେ କମ୍ପାନୀ ଆସିବାକୁ ପଡୁଥିଲା । ଆଉ ରାତି ବେଶି ହୋଇଗଲେ ମୋର ଜଣେ ସହକର୍ମୀଙ୍କ ଘରେ ରହି ଯାଉଥିଲି । ଦିନରେ ଅଫିସରେ କାମ କରୁଥିଲି ଆଉ ସନ୍ଧ୍ୟା ବେଳେ ସମୟ ମିଳିଲେ ସେଇ ପାଖପାଖି ଅଞ୍ଚଳରେ ଗୋଟେ ଅଳ୍ପ ପଇସା ଭଡା ଥିବା ଘରର ସନ୍ଧାନରେ  ଥିଲି  । ଏମିତି ଘର ଖୋଜୁ ଖୋଜୁ ସେ ଅଞ୍ଚଳର ଶେଷ ମୁଣ୍ଡରେ ଥିବା ଗୋଟେ ଦୁଇ ବଖରିଆ ଘରର ସନ୍ଧାନ ପାଇଲି  । ଘରଟି ବହୁତ ଦିନ ହେଲା  ଖାଲି ପଡ଼ି ରହିଥିଲା  । ଘରର ମାଲିକ ମୁମ୍ବାଇରେ ରୁହନ୍ତି , ଦେଖାଶୁଣା ପାଇଁ ପଡିଶା ଘରର ଜଣେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଦ୍ର ବ୍ୟକ୍ତିଙ୍କୁ ଦାଇତ୍ୱ ଦିଆ ଯାଇଥିଲା । ଘରଟି ଅବଶ୍ୟ ଭଲ ଥିଲା । କିନ୍ତୁ ଘରର କାନ୍ଥ ଗୁଡିକ ବହୁତ ପୁରୁଣା ଜଣା ପଡୁଥିଲା । ଛାତ ରୁ ଠାଏଠାଏ ପଲସ୍ତରା ଛାଡି ଯାଇଥିଲା । କିନ୍ତୁ ମୋ ଭଳି ଏକୁଟିଆ ଲୋକ ପାଇଁ ବହୁତ ଭଲ ଥିଲା । ଆଉ ଘର ଭଡା ବି ମାତ୍ର ୮୦୦ ଟଙ୍କା । ଏତେ କମ ପଇସାରେ ଘର ଦୁଇବଖରା ଘର ମିଳିବା ଯଦିଓ ମୋତେ ଟିକେ ଆଶ୍ଚର୍ଯ୍ୟ ବୋଧ କରେଇ ଥିଲା କିନ୍ତୁ ବେଶି କିଛି ନ ଭାବି ଘରେ ରହିବା ପାଇଁ ମନସ୍ଥ କରିନେଲି । ଆଖ ପାଖ ସାଇପଡିଶା ମାନଙ୍କ ଠାରୁ ଶୁଣିବାକୁ ପାଇଲି ଯେ ସେଇ ଘରେ କୁଆଡେ ଗୋଟେ ଅତୃପ୍ତ ଆତ୍ମା ଅଛି ଯେଉଁଥି ପାଇଁ ସେ ଘରେ କେହି ରହିବାକୁ ରାଜି ହେଉନାହାଁନ୍ତି । ସେଥିପାଇଁ ଘର ମାଲିକ ଭଡା କମ କରେଇଛନ୍ତି । ମୋର କିନ୍ତୁ ସେ ଭୁତ ପ୍ରେତ ଆଦି ପ୍ରତି କୌଣସି ଭୟ ବା ସଂଶୟ ମନରେ ନଥିଲା । ମୋ ମତରେ ଏ ଗୁଡା ସବୁ ମନ ଭିତରେ ରହିଥିବା ଗୋଟେ ଭ୍ରମ ମାତ୍ର । ମୁଁ ଠିକ୍ କରିନେଲି ଯେ ସେ ଘରେ ରହିବା ପାଇଁ । ଯେହେତୁ ଘରଟି କଲୋନୀ ଅଞ୍ଚଳ ଠାରୁ ଟିକେ ଦୂରରେ ଥିଲା , ମୁଁ ଭାବିଲି ଯେ ମୋ ସହ ଆଉ ଜଣେ କିଏ ରହୁ ବୋଲି । ଆଉ ଯୋଗକୁ ଆମ କମ୍ପାନୀ ର ରମେଶ ମୋତେ ମିଳିଗଲା । ରମେଶ ଯୁକ୍ତ ଦୁଇ ପାସ କରି ସେଇ କମ୍ପାନୀରେ ଏକ ବର୍ଷ ହେଲାଣି ଅଛି । ତା'ର ବି ମୋରି ଭଳି ଆହୁରି କମ ଦରମା ଏବଂ ଘର କମ୍ପାନୀ ଠାରୁ ୩୦ କିଲୋମିଟର ଦୂର । ସେ ବି ଚାହୁଁ ଥିଲା ଯେ ପାଖାପାଖି ଗୋଟେ କେଉଁଠି ରହିବା ପାଇଁ ଆଉ ଯୋଗକୁ ମୁଁ ମିଳିଗଲି । ରନ୍ଧାବଢା କରିବା ପାଇଁ ଜଣେ ମାଉସୀ ସହ ବି କଥାବାର୍ତ୍ତା ହୋଇଗଲୁ । କିନ୍ତୁ ମାଉସୀଙ୍କର କହିବାର ଥିଲା ଯେ ମୁଁ ଏ ଘର କୁ ରାତିରେ ଆସିବି ନାହିଁ ଯାହା ରାନ୍ଧିବାର ଅଛି ମୋତେ ଦିନରୁ ଦିନରୁ କହି ଦେଇଗଲେ ମୁଁ ରାନ୍ଧି କି ଘୋଡେଇ ଦେଇ ଯିବି ତୁମେ ମାନେ ଆସିଲେ ଖାଇବ ତା'ର ସେଇ କଥାରେ ମୁଁ ଆଉ ରମେଶ ଦୁଇ ଜଣ ନାହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାମୁ ଠାରୁ କଣା ମାମୁଁ ଭଲ ନ୍ୟାୟ୍ରେ ରାଜି ହୋଇ ଗଲୁ ।

ମାସର ୧ ତାରିଖ ଦିନ ମୁଁ ଆଉ ରମେଶ ଆମର ଜିନିଷପତ୍ର ଧରି ନୂଆ ଘରେ ହାଜର ହେଇ ଗଲୁ । ଘରଟି ଖୁବ ପୁରୁଣା ଜଣା ପଡୁଥାଏ । ଘର ଚାରି ପଟେ ଭାଙ୍ଗି ଯାଇଥିବା ପାଚେରି । ଅଗଣା ଭିତରେ ବିଭୀର୍ଣ୍ଣ ପ୍ରକାରର ଆମ୍ବ, ନଡିଆ, ପଣସ ଆଦି ଗଛର ସଂଭାର । ଘରର ପଛ ପଟେ ଗୋଟେ ପୋଖରୀ । ପୋଖରୀ ଭିତରେ ଦଳ ଭର୍ତି, ଲାଗୁଥାଏ ଯେମିତି କେଉଁ କାଳୁ ସେ ସଫା ହୋଇନି । ଘରର କିଛି ଦୂରରେ ସେଇ ଅଗଣା ଭିତରେ ଗୋଟେ ନଳକୂପ ଓ ତା ଠାରୁ ଚାରି ହାତ ଛାଡି ପାଇଖାନା । ଆମକୁ ସେଇ ନଳକୂପ ପାଣିରେ ହିଁ ରୋଷେଇ ଓ ପିଇବା ପାଇଁ ବ୍ୟବହାର କରିବାକୁ ପଡିବ । ଘର ଭିତରେ ଦୁଇଟି ବଖରା , ରୋଷେଇ ଘର ଓ ଗୋଟେ ବୈଠକଖାନା । ଆମେ ଦୁଇ ଜଣ ବହୁତ ଭଲ ଭାବରେ ସେ ଘରେ ନିଜକୁ ନିଜେ ଖୁବ୍ ଶୀଘ୍ର ଖାପ ଖୁଆଇନେଲୁ । ସବୁଦିନ ଆମେ ଦୁଇ ଜଣ ଗୋଟିଏ ଘରେ ତଳେ ମସିଣା ପାରି କଥାବାର୍ତା ହୋଇ ରାତିରେ ଶୋଇ ପଡୁ । ଦିନ ଗୁଡିକ ଖୁବ ଭଲ ଭାବରେ କାଟି ଚାଲିଥାଏ ।

ଏଇ ଭିତରେ ଅକ୍ଟୋବର ମାସ ଆସିଗଲା । ଦୂର୍ଗାପୂଜା ପାଇଁ କମ୍ପାନୀ ଚାରି ଦିନ ଛୁଟି । ଛୁଟିରେ ମୁଁ ଆଉ ରମେଶ ଦୁଇ ଜଣ ଯାକ ଘରକୁ ଚାଲି ଆସିଲୁ ମୁଁ ଘରେ ଚାରି ଦିନ ଛୁଟି କାଟି ରବିବାର ବାହାରିଲି କମ୍ପାନୀ ଅଭିମୁଖେ ଭାବିଲି ସାଙ୍ଗରେ ମୋଟର ସାଇକେଲଟା ନେଇ ଗଲେ ସମୟ୍ ଅସମୟ୍ରେ କାମରେ ଆସିବ । ମୋଟର ସାଇକେଲ ଧରି ଆସିବା ବେଳେ ବାଟରେ ତାରକେଶ୍ୱର ମହାଦେବଙ୍କ ମନ୍ଦିର ପଡେ । ସେହି ଶିବ ମନ୍ଦିରରେ ଜଣେ ସାଧୁ କୈଳାସ ମିଶ୍ର ରୁହନ୍ତି । ତାଙ୍କୁ ମୁଁ ପିଲା ଦିନରୁ ଚିହ୍ନିଛି । ବାବା ଜଣେ ସିଦ୍ଧ ପୁରୁଷ ବୋଲି ଆମ ଗାଁ ରେ ତାଙ୍କର ବଡ ଖ୍ୟାତି । ଆମେ ପିଲାଦିନେ ମନ୍ଦିର

 Magazine Downloaded from www.aahwaan.com

ବେଢାରେ ଲୁଚକାଳି ଖେଳୁ ପୂଜା ସରିଲେ ବାବା ଆମକୁ ଠାକୁରଙ୍କ ପାଖେ ଭୋଗ ଲାଗିଥିବା ନଡିଆ, କଦଳୀ ,ଆମ୍ବ ଇତ୍ୟାଦି ଖାଇବାକୁ ଦିଅନ୍ତି । ଦେଖିଲି ବାବା ବାହାରେ ଛିଡା ହେଇଛନ୍ତି ଗାଡି କି ରାସ୍ତାର କଡ କୁ ରଖି ବାବଙ୍କୁ ପ୍ରଣାମ କଲି ବାବା ମୋତେ ପଚାରିଲେ କୁଆଡେ ଯାଉଛୁ "ମୁଁ କହିଲି ମୋର ଏଇ ଆଗ ସହର ପାଖରେ ଗୋଟେ କମ୍ପାନୀରେ ଚାକିରି ହୋଇ ଯାଇଛି । ଛୁଟିରେ ଘରକୁ ଆସିଥିଲି । କାଲି ସୋମବାର ମୋତେ ସକାଳୁ ଯାଇଁ ଅଫିସ ରେ ହାଜିର ହେବାକୁ ପଡିବ ସେଥିପାଇଁ ଚାଲି ଯାଉଛି ଆଜି" ।ବାବା କିଛି ସମୟ ନୀରବ ରହି ମୋ ଆଡକୁ ଚାହିଁ କହିଲେ "ଆଦି ! ତୁ ଯଦି ଆଜି ନ ଯାଇ କାଲି ସକାଳୁ ଯାଅନ୍ତୁ କଣ ହୁଆନ୍ତା ନାହିଁ" ।ମୁଁ ଧୀରେ କହିଲି "ନା ବାବା ନୂଆ ନୂଆ ଚାକିରି କରିଛି ଆଉ କାଲି ଅଫିସରେ ଗୋଟେ ମିଟିଙ୍ଗ୍ ଅଛି ।ମୁଁ ଯଦି ଆଜି ଠାରୁ କାଗଜପତ୍ର ପ୍ରସ୍ତୁତ ନ କରି ରଖିବି ତେବେ ମୁଁ ହିଁ କାଲି ହଇରାଣ ହେବି" ।ଆଉ ବେଶି କିଛି ନ କହି ବାବାଙ୍କୁ ପ୍ରଣାମ କରି ମୁଁ ବାହାରି ଆସିଲି ।

ଘରେ ପହଞ୍ଚୁ ପହଞ୍ଚୁ ଦିନ ଦୁଇଟା ବାଜି ଯାଇଥାଏ । ବାଟରେ ଗଲା ବେଳକୁ ହୋଟେଲ ରୁ ଖାଇବା କିଣିକରି ନେଇ ଯାଇଥାଏ । ଗାଧୁଆପାଧୁଆ ସାରି ଖାଇ କି କିଛି ସମୟ ଶୋଇ ପଡିଲି ।୫ଟା ବେଳକୁ ଉଠି ମୁହଁ ହାତ ଧୋଇ ଗୋଟେ ପତ୍ରିକା ଧରି ଚେୟାର ପକେଇ ଘର ଆଗରେ ବସି ପଢିବାକୁ ଆରମ୍ଭ କଲାବେଳକୁ ଦେଖିଲି ଆମ ଗାଁ ର ସନିଆ ଦଉଡି ଦଉଡି ଆସି ମୋ ଘର ଆଗରେ ହାଜର । ତା'କୁ ଦେଖି ମୁଁ ଟିକେ ଶଙ୍କା ପାଇଗଲି ଭାବିଲି ଘରେ କ'ଣ କାହାର କିଛି ହୋଇଗଲା ନା କଣ ? ମୁଁ ତାକୁ କିଛି କହିବାକୁ ଉଦ୍ୟତ ହୁଅନ୍ତେ ସେ କହିଲା "ସାନବାବୁ ମା ମୋ ହାତରେ ଏଇ ଚିଠି ଆଉ ଗୋଟେ ପୁଡିଆ ପଠେଇଛନ୍ତି ତୁମକୁ ଦେବାକୁ" ।ମୁଁ ସନିଆ ଠାରୁ ଚିଠି ଆଉ ପୁଡିଆ ଟି ରଖି ତା ହାତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଡିଏ ଟଙ୍କା ଦେଇ ତାକୁ ଗାଁ କୁ ବିଦା କରିଦେଲି । ମୋ ମା ପଠେଇ ଥିବା ଚିଠିକୁ ଖୋଲି ପଢିଲି । ସେଥିରେ ମା ଲେଖିଥିଲା "ଆଦି ଆଜି ତୁ ଗଲା ପରେ କୈଳାସ ବାବା ଆମ ଘରକୁ ଆସିଥିଲେ । ସେ ମୋତେ ଗୋଟେ ତାବିଜ ଦେଇ କହିଲେ ଯେ "ଏଇ ତାବିଜଟିକୁ ଆଦି ପାଖରେ ଆଜି ହିଁ ପହଞ୍ଚି ଯିବା ଦରକାର ତା'କୁ କହିବୁ ସେ ଆଜି ହିଁ ତାବିଜ କୁ ତା'ର ଡାହାଣ ହାତ ବାହୁରେ ୨୧ ଥର ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ବାନ୍ଧି ଦେବ । ଆଉ କୌଣସି କଥାରେ ହଠାତ ଡରି ଯିବ ନାହିଁ । ଆଉ ଯଦି ଅଧିକ କିଛି କଷ୍ଟ ବା ଭୟ ଲାଗେ ତେବେ ନିରନ୍ତର ଭାବେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ପାଇଁ ତାକୁ କହିବୁ" । ତୋ ପାଇଁ ମୁଁ ସନିଆ ହାତରେ ତାବିଜଟି ପଠେଇଲି ତୁ ଯେମିତି ହେଲେ ଯାକୁ ଆଜି ହିଁ ହାତରେ ବାନ୍ଧିଦେବୁ । ପୁଡିଆ ଖୋଲି ତାବିଜ ବାହାର କଲା ବେଳକୁ ଦେଖିଲି ରମେଶ ବ୍ୟାଗ ଧରି ଆସୁଛି । ତା' କୁ କହିଲି ମୋ ହାତରେ ମା ଦେଇ ଥିବା ତାବିଜ କୁ ବାନ୍ଧି ଦେବାକୁ । ମାଉସୀ ଯେହେତୁ ଆସି ନଥିଲା ମୁଁ ରମେଶ କୁ କହିଲି ପାଖ ହୋଟେଲ ରୁ କିଛି ଖାଇବା ନେଇ ଆସିବ ରାତି ପାଇଁ । ମୁଁ ଆଉ ରମେଶ ଖାଇ ଦେଇ ଶୋଇବାକୁ ଗଲୁ । କଥାବାର୍ତ୍ତା ହଉହଉ ଆମକୁ ନିଦ ଚାଲି ଆସିଛି ।

ଆମ ମୁଣ୍ଡ ଉପରେ ଝରକା ଟା ଖୋଲା ଅଛି । ଆକାଶରେ କଳା ବାଦଲ ଢାଙ୍କି ହେଇଯାଇଛି । ମଝିରେ ମଝିରେ ଝିପଝିପ ବର୍ଷା ବି ହେଉଛି । ବେଳେବେଳେ ଜୋରରେ ପବନ ବହିବାରୁ ଆକାଶରୁ ମେଘ ଗୁଡିକ ଘୁଞ୍ଚି ଯାଉଛି ଏବଂ ଏକାଦଶୀର ହାଲକା ଜୋସ୍ନା କିରଣ ଆମ ଘର ଭିତରେ ଆସି ପଡୁଛି । ରାତି ପାଖାପାଖି ୨ଟା ହେବ ମୋ ନିଦ ହଠାତ୍ ଭାଙ୍ଗି ଯିବାରୁ ମଳମଳ ନିଦୁଆ ଆଖିରେ ମୁଁ ଦେଖି ପାରୁଛି ଯେ ଆମ ଘରର କବାଟ ପାଖରେ କେହି ଜଣେ ବୟସ୍କ ବୃଦ୍ଧ ବସି ରହିଛି । ଗାଲ ଦୁଇଟା ତାର ଝୁଲି ପଡିଛି । ପାଟିରେ ଦାନ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ । ମୁଣ୍ଡରେ ଧଳା ଚୁଟି ଗୁଡା ଅଲରା ହୋଇ ରହିଛି । ଆଖି ଯୋଡିକ କୋରଡ ଭିତରେ ପଶି ଯାଇଛି କିନ୍ତୁ ସେଇ ଆଖିରୁ ଯେପରି କ୍ରୋଧ ଆଉ ଘୃଣା ସ୍ୱଷ୍ଟ ବାରି ହୋଇପଡୁଛି । ମୋତେ ଲାଗିଲା ସତେ ଯେପରି ତା'ର ଲମ୍ୱା ଲମ୍ୱା ବଡ ବଡ ନଖ ଥିବା ହାତ ଦୁଇଟା ମୋର ବେକ ଆଡକୁ ମାଡି ଆସୁଛି । ତା' କୁ ଦେଖି ମୁଁ ଶିହରି ଉଠିଲି ଆଖି ବନ୍ଦ କରି ଶୋଇ ବାକୁ ଚେଷ୍ଟା କଲି । କିନ୍ତୁ ଶୋଇ ପାରିଲି ନାହିଁ । ଆଖି ଖୋଲି ପୁଣି ଦେଖିଲା ବେଳକୁ ସେଇ ବିଭତ୍ସ ଚେହରା ମୋରି ଆଡକୁ ଅନେଇଛି । ପୁଣି ଆଖି ବନ୍ଦ କରି ଶୋଇବାକୁ ଚେଷ୍ଟା କଲି କିନ୍ତୁ ପାରିଲି ନାହିଁ । ଏତିକି ବେଳେ ମା ଦେଇଥିବା ତାବିଜ ର କଥା ମନେ ପଡିଗଲା । ମନେମନେ ଭାବିଲି ମୋର କଣ ହବ ମୋ ହାତରେ ତ ତାବିଜ ଅଛି ଏବଂ ମନ ଭିତରେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବାକୁ ଲାଗିଲି । ପୁଣି କିଛି ସମୟ ପରେ ଆଖି ଖୋଲି ଦେଖିଲା ବେଳକୁ ସେ ଭୟଙ୍କର ଚେହେରା ଆଉ ମୋ ସାମ୍ନା ରେ ନାହିଁ । ମୁଁ ଶେଯରୁ ଉଠି ପଡିଲି ଲାଇଟ ଲଗେଇଲି । ଘଡି କି ଚାହିଁଲା ବେଳକୁ ସମୟ ଭୋର ୪.୩୦ । ମୁଁ ରମେଶକୁ ଡାକିକି ଉଠେଇଲି ଆଉ ତାକୁ ସବୁ କଥା କହିଲି । ମୋ କଥା ଶୁଣି ସେ ବି ଭୟରେ ଶିହରି ଉଠିଲା । ଆମେ ଦୁଇ ଜଣ ଆଉ ନ ଶୋଇ କଥାବାର୍ତ୍ତା ରେ ହିଁ ଅବଶିଷ୍ଟ ସମୟ କାଟି ଦେଲୁ ।

ଦିନ ୯ ଟା ବେଳକୁ ଆମେ ଅଫିସ ପାଇଁ ବାହାରି ଗଲୁ । ସେଦିନ ମୋତେ ଟିକେ ବିବ୍ରତ ଲାଗୁଥାଏ । ଖାଇବା ସମୟରେ ଜଣେ ଅଜଣା ବ୍ୟକ୍ତି ଆସି ମୋତେ ଗୋଟେ ଚିଠି ଦେଇ ଗଲା ଚିଠି ଉପରେ କୈଳାସ ବାବାଙ୍କର ନାଁ ଲେଖା ଥିଲା । ଚିଠି ଖୋଲି କି ପଢିଲି ସେଥିରେ ଲେଖା ଥିଲା "ପ୍ରିୟ ଆଦିତ୍ୟ ଗତ କାଲି ମୋ ସହ ଦେଖା କରି ଯିବା ପରେ ମୁଁ ତୁମ ଘର କୁ ଯାଇ ବାବା ତାରକେଶ୍ୱରଙ୍କର ଗୋଟିଏ ତାବିଜ ତୁମ ପାଇଁ ତୁମ ମା ଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇ ଆସିଛି । ଆଉ କହି ଆସିଛି ଯେ ଯେପରି ତୁମେ ଯେତେ ଶୀଘ୍ର ପାର ତୁମେ ସେ ତାବିଜ ଟିକୁ ତୁମ ହାତରେ ଧାରଣ କରିନିଅ । ଆଉ ତା ପରେ ଯଦି ତୁମ କୁ ଭୟ ଲାଗେ ବା କୌଣସି କଷ୍ଟ ଅନୁଭବ ହୁଏ ତେବେ ତୁମେ ନିରନ୍ତର ଭାବେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବ । ଇତି ବାବା କୈଳାସ ନାଥ ।

ଚିଠି ଟି ନେଇ ମୁଁ ରମେଶ କୁ ପଢିବାକୁ ଦେଲି । ସେ ମଧ୍ୟ ଚିଠି ଟି ଖୁବ ଆଶ୍ଚର୍ଯ୍ୟ ହୋଇଗଲା । ସେଦିନ ଆମେ ଦୁଇ ଜଣ ଅଫିସରୁ ହାଫ୍ ଛୁଟି ନେଇ ମୋ ମୋଟର ସାଇକେଲ ରେ ବାହାରି ଗଲୁ ମୋ ଗାଁ କୁ । ବାଟରେ ତାରକେଶ୍ୱର ମନ୍ଦିର ପାଖରେ ଓଲହାଇ ବାବା କୈଳାଶ ନାଥ ଙ୍କୁ ଦେଖା କରିବାକୁ ଗଲୁ । ବାବାଙ୍କୁ ଦେଖା କରି ଅଶେଷ ଧନ୍ୟବାଦ ଦେବା ସହ ମୁଁ ବାବାଙ୍କୁ ପଚାରିଲି "ବାବା ଆପଣ କେମିତି ଜାଣିଲେ ଯେ ମୁଁ ସେଇ ରାତିରେ ସେଇ ଘରେ ଡରିବି ବୋଲି ?" ବାବା ଟିକେ ମୃଦୁ ହସି କହିଲେ "ତୁମେ ଯେତେବେଳେ ସେଦିନ ଆସି ମୋତେ ପ୍ରଣାମ କଲ ସେଦିନ ମୁଁ ଦେଖିଲି ଗୋଟେ ଅତୃପ୍ତ ଆତ୍ମା ତୁମ ପଛରେ ଛିଡା ହୋଇଛି । କୌଣସି କାରଣ ରୁ ସେ ତୁମ ଉପରେ ଭୟଙ୍କର ଭାବେ ରାଗି ଯାଇଛି । ତୁମକୁ ଜୀବନରୁ ମାରି ଦେବା ହିଁ ତାର ଲକ୍ଷ୍ୟ ଥିଲା । କିନ୍ତୁ ଉପଯୁକ୍ତ ସମୟ ନ ପାଇବାରୁ ସେ ସେଥିରେ ସଫଳ ହୋଇ ପାରିନି । ତୁମେ ଯିବା ପରେ ମୁଁ ଗଣନା କରି ଦେଖିଲି ଯେ ସେହି ଆତ୍ମା ଟି ତୁମକୁ ଏକାଦଶୀ ରାତ୍ରି ରେ ହିଁ ମାରିବାକୁ ବସିଥିଲା । ସେଥିପାଇଁ ମୁଁ ଶୀଘ୍ର ଯାଇଁ ତୁମ ମା ଙ୍କୁ ଭେଟି ତାବିଜଟି ଦେଇ ଆସିଲି" । ମୁଁ ପୁଣି ଉତ୍ସାହ ରେ ପଚାରିଲି "ବାବା ମୋ ସଙ୍ଗେ ମୋ ବନ୍ଧୁ ରମେଶ ମଧ୍ୟ ଥିଲା ତାକୁ ତ ସେମିତି କିଛି ଅନୁଭବ ହେଲା ନାହିଁ କାହିଁକି ? ସେ ମଧ୍ୟ ସେଦିନ ରାତିରେ ମୋ ସଙ୍ଗେ ଥିଲା" । ବାବା ପୁଣି କହିଲେ "ତୁମ ସାଙ୍ଗରେ ଯେଉଁ ବନ୍ଧୁ ଅଛି ତା'ର ନାଁ କଣ ?ଆଦିତ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରମେଶ କୁ ଚାହିଁ କହିଲା "ଯାଙ୍କ ନାଁ ରମେଶ ଚନ୍ଦ୍ର ମିଶ୍ର । ବାବା କହିଲେ "ସେ ହେଉଛି ବ୍ରାହ୍ମଣ ତାଙ୍କ କାନ୍ଧରେ ପଇତା ଅଛି ସେଥିପାଇଁ ସେ ତାର କିଛି କ୍ଷତି କରିପାରିବ ନାହିଁ । ତୁମେ ହେଉଛ ଶୂଦ୍ର ସେଥି ପାଇଁ ତୁମେ ତାର ଲକ୍ଷ୍ୟରେ ଥିଲ" । ତା'ପରେ ମୁଁ ପୁଣି ପଚାରିଲି "ସେ କଣ ମୋତେ ଏବେ ବି ଲକ୍ଷ୍ୟ ରେ ରଖିଛି" ? ବାବା କହିଲେ "ହଁ ସେ ତୁମକୁ ଏବେ ବି ଲକ୍ଷ୍ୟ କରି ରହିଛି । ତୁମେ ଯେତେ ଶୀଘ୍ର ପାର ସେ ଘର ଛାଡି ଦିଅ ଏବଂ ଏହି ତାରକେଶ୍ୱର ତାବିଜ ଟି ତୁମେ ତୁମ ହାତ ରୁ କେବେ ବି ଉତାରିବ ନାହିଁ" । ଆମେ ଦୁଇ ଜଣ ବାବାଙ୍କୁ ପ୍ରଣାମ କରି ଚାଲି ଆସିଲୁ । ପରଦିନ ଆମେ ସେ ଘର ମଧ୍ୟ ଛାଡି ଦେଲୁ ।

ଏହା ପରେ କିଛି ଦିନ ପରେ ମୋତେ ଭୁବନେଶ୍ୱର ରେ ଗୋଟେ ଭଲ ଚାକିରୀ ମିଳିଗଲା ମୁଁ ସେ କମ୍ପାନୀ ଛାଡି ଭୁବନେଶ୍ୱର ଚାଲି ଆସିଲି । ଏହା ମଧ୍ୟରେ ଦୀର୍ଘ ୧୨ ବର୍ଷ କଟି ଯାଇଥାଏ । ମୋର ବାହାଘର ସରି ମୋର ଗୋଟିଏ ଝିଅ ଓ ପତ୍ନୀ ସହ ମୁଁ ଭୁବନେଶ୍ୱର ରେ ରହୁଥାଏ । ମୋ ହାତରେ ସେ ତାବିଜ ସେମିତି ଥାଏ । ଥରେ ଅଫିସ କାମରେ ମୋତେ ସମ୍ବଲପୁର ଯିବାର ଥିଲା ଏମିତି ବି ମୁଁ ସବୁ ଥର ସମ୍ବଲପୁର କି ଅନ୍ୟ କୌଣସି ଟୁର୍ ରେ ଯିବାର ଥିଲେ ମୁଁ ବସ୍ କିମ୍ବା ଟ୍ରେନ୍ ରେ ଯାଏ । କାଇଁ ଏଥର ମନେ ହେଲା ଯେ ମୁଁ ମୋ ନିଜ କାର୍ ରେ ସମ୍ବଲପୁର ଏକା ଚଲେଇକି ଯିବି । ପତ୍ନୀଙ୍କ ବାରଣ ସତ୍ତ୍ୱେ ମୁଁ କାର୍ ଧରି ସନ୍ଧ୍ୟା ୬ ଟାରେ ସମ୍ବଲପୁର ଅଭିମୁଖେ ବାହରିପଡିଲି । ଗାଡି ଚାଲି ଥାଏ ରାତି ଆସି ୨ ଟା ପାଖା ପାଖି ହେବ ମୁଁ ରେଢାଖୋଲ ଜଙ୍ଗଲ ଦେଇ ଯାଉଥାଏ । ହଠାତ୍ ଦେଖିଲି ସେଇ ଜିର୍ଣକାୟ ବୃଦ୍ଧ ମୋ କାର୍ ଆଗରେ ଆସି ଛିଡା ହେଇ ଗଲା । ମୁଁ ହଠାତ୍ ବ୍ରେକ ମାରିବାରୁ ଗାଡିର ଚକା ରାସ୍ତାରେ ଘୋଷାଡ଼ି ହୋଇ ରହିଗଲା । ଦେଖିଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ବିଭତ୍ସ ଚେହେରା । ସେ ମୋ କାର୍ ଉପରକୁ ଧୀରେ ଧୀରେ ଚଢିବାକୁ ଚେଷ୍ଟା କରୁଥାଏ । ମୁଁ ଯେତେ ଚେଷ୍ଟା କଲେ ବି ମୋ କାର ଷ୍ଟାର୍ଟ ହେଉ ନ ଥାଏ । ସେ ଚେହରା ମୋର ଆହୁରି ନିକଟତର ହେଉଥାଏ । ଆଖିରୁ ତା'ର ନିଆଁ ବହରିଲା ଭଳି ମନେ ହଉଥାଏ । ଏକ ବିକଟାଳ ରଡି ସେ କଲା ମୁଁ ଭୟରେ ଆଖି ବୁଜି ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିକରି ମୂର୍ଚ୍ଛା ହୋଇଗଲି । ସକାଳୁ ଲୋକ ମାନେ ଆସି ମୋତେ କାର୍ ଭିତରୁ ଉଦ୍ଧାର କଲେ । ମୁଁ ଦେଖିଲି ମୋ କାର୍ ର କାଚ ଉପରେ କିଛି ପାଉଁଶ ଭଳି ଜିନିଷ ପଡି ରହିଛି । କାର୍ କୁ ନେଇ ସ୍ଥାନୀୟଲୋକେ ଗ୍ୟାରେଜ୍ ରେ ଦେଲେ । ମୁଁ ସେଦିନର ସମ୍ବଲପୁର ଯିବାକୁ ବାତିଲ କରି ଭୁବନେଶ୍ୱର ଫେରି ଆସିଲି । ଯ୍ଥା ଭିତରେ ୫ ବର୍ଷ ବିତି ଗଲାଣି ମୁଁ ଆଉ ସେ ବିଭତ୍ସ ଚେହରାକୁ କେବେ ବି ଦେଖିବାକୁ ପାଇନି । ମୁଁ ବହୁତ ଥର ମୋ କାର୍ ନେଇ ଡ୍ରାଇଭର ସାଙ୍ଗରେ ସମ୍ବଲପୁର ଯାଇଛି କିନ୍ତୁ କୌଣସି ଥର ବି ଅସୁବିଧାରେ ପଡିନି । ମା କୁ ଆଣି ଭୁବନେଶ୍ୱରରେ ମୋ ପାଖରେ ରଖିଛି । ବାବା କୈଳାସ ନାଥ ଙ୍କର ଦେହାନ୍ତ ଦୁଇ ବର୍ଷ ହେଲାଣି ହୋଇ ଗଲାଣି , କିନ୍ତୁ ସେ ଦେଇଥିବା ତାବିଜ ମୁଁ ଏ ପର୍ଯ୍ୟନ୍ତ ମୋ ଡାହାଣ ହାତ ବାହୁ ରେ ବାନ୍ଧିଛି ଓ ସେ ପଠେଇଥବା ଚିଠି ଏବେ ବି ମୋ ପାଖରେ ଅଛି ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡ଼ାସିଙ୍ଗି, ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଦଭାବନା



ମାନିନୀ ସାହୁ

ନେଇଯାଏ ଏକ ଭିନ୍ନ ରାସ୍ତାରେ ରାସ୍ତା ଗୁଡିକ କଣ୍ଟ କୀତ ଥିଲେ ମଧ୍ୟ ମନଟି ବହୁତ ଦୃତ ଯାହାକୁ ବିଶ୍ଳେଷଣ କରିବା ବହୁତ କଷ୍ଟ । କେଉଁଠାରୁ ଜାତ ଏହି ଶବ୍ଦଟି କିଏ ଏହାର ସୃଷ୍ଟି କର୍ତ୍ତା କିନ୍ତୁ ଏହାଭିତରେ ରହିଅଛି ଏକ ବିରାଟ ସର୍ତ୍ତ ଯାହା ଖୋଜିଲେ ସମସ୍ତେ ଯାଇ ପାରିବେ ନାହିଁ । ବୁଝିବା ଲୋକ ହିଁ ବୁଝି ନେବେ ଏହାର ଅର୍ଥ ତାକୁ କେହି ବୁଝାଇବାକୁ ପଡିବ ନାହିଁ । ଅନ୍ତର ମଧ୍ୟରେ ଲୁକାୟିତ ଥିବା ଏକ ଚିନ୍ତାଧାରା ଯାହା କି ସମସ୍ତ ପାଖରେ ନ ଥାଏ କେବଲ ଥାଏ ମନୁଷ୍ୟତ୍ୱ ଭିତରେ ଏଠାରେ ବିଚାର କରାଯାଇ ପାରିବ ଯେ ମାନବର ମାନବିକତାର ବିଲୋପ କେତେବେଳେ ଘଟେ ଓ ଆସୁରିକତାର ଆବିର୍ଭାବ କେତେବେଳେ ପ୍ରକଟ ହୋଇଥାଏ । ଏଥିରୁ ମାନିବାକୁ ହେବ ଯେ କ୍ରୋଧରୁ ଜାତ ହୁଏ ଦୁର୍ଭାବ ଓ ସତ୍ୟର ଜନ୍ମଦିଏ ସଦଭାବନା ସହ କର୍ମ ରୁ ଉତ୍କୃଷ୍ଟ ଫଳ ମିଳେ ଆଉ ତାହା ହିଁ ଭାଗ୍ୟ ରଣରେ ଉଦୀୟମନ ହୁଏ । ପ୍ରତ୍ୟେକ କର୍ମର ମୂଳରେ ସଦଭାବନା ରଖିବା ଉଚିତ ଏହା ସ୍ୱୟଂ ଶିରିଡି ସାଇବାବା କହିଥିଲେ । ସଦଭାବନା ମନରେ ରହିଲେ କୌଣସି ବାଧା ବିଘ୍ନ ଛୁଇଁ ପାରେ ନାହିଁ । ସଦଭାବନା ନେଇ ସାଧନ ଓ ସିଦ୍ଧି କରିଥିବା ମଣିଷ ପାଳନ କରିଥାଏ ଉଚ୍ଚ ମାନସିକ ଶକ୍ତି ସମ୍ପନ୍ନ ମଣିଷ ସଦଭାବନା ହିଁ ଦୁର୍ବଳ ମାନସିକକୁ ଶକ୍ତିଶାଳୀ କରି ଗଢିଥାଏ । ଯାହା ଭବିଷ୍ୟତରେ ଏକ ସୁଦୃଢ଼ ମାଇଲଖୁଣ୍ଟ ହୋଇ ଛିଡା କରାଏ କେହି ବୁଝୁ କି ନବୁଝୁ ମନ କିନ୍ତୁ ବୁଝିଥାଏ ଯେ ସେ ଠିକ ରାସ୍ତାର ପଥିକ ସାଜିଛି କି ଭୂଲ ରାସ୍ତାର ବା ସେଇ ଟିକିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଦଭାବନାରର ଘଟିଯାଏ ରାମାୟଣ ମହାଭାରତ ପରି ଯୁଦ୍ଧ । ସେଥିପାଇଁ ସବୁବେଳେ ସଜାଗ ରହି ପ୍ରଥମେ ସଦଭାବନକୁ ମାନସିକ ସ୍ତରରେ ଆବାହନ କରିବା ଆବଶ୍ୟକ ଏହା ଦ୍ୱାରା କେଉଁଟା ଠିକ କେଉଁଟା ଭୂଲ ଜାଣିବାର ଦିଗ ନିର୍ଣ୍ଣୟ ହୋଇଯାଏ । ସଦଭାବନା ଓ ଦୁର୍ଭାବନା ଦୁହେଁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସଦଭାବନା ଦ୍ୱାରା କେବେହେଲେ ବିନାଶ ଘଟିନଥାଏ । କିନ୍ତୁ ମନୁଷ୍ୟ ବୁଝିପାରେ ନାହିଁ । ତାର ଅହଂତ୍ୱ ସେହି ସଦଭାବନାକୁ ବିନାଶ କରି ତାକୁ ଟାଣି ନେଇଯାଏ ଏକ ପରିତ୍ୟକ୍ତ ନର୍କ କୁଣ୍ଡ ମଧ୍ୟକୁ । କେଉଁ ଅଜ୍ଞାନ କୋଣରେ ଲୁଚି ରହିଛି ଏହି କ୍ଷୁଦ୍ର ଜିନିଷଟି ଯାହାକୁ ସମସ୍ତେ ପାଇବା କଷ୍ଟସାଧ୍ୟ ହୋଇପଡୁଛି କିନ୍ତୁ ସେହି ମାନେ ଖୋଜନ୍ତି ଯେଉଁମାନେ ଜାଣିପାରିଛନ୍ତି ଯେ ଏହି କ୍ଷୁଦ୍ର ଜିନିଷଟିର ମୂଲ୍ୟ କେତେ ମହାନ ।

ହେ ମାନବଗଣ ମନେରଖ କର୍ମ କରିବା ଆଗରୁ ମନରେ ସଦଭାବନା ରଖି କରିଯାଅ ଦେଖିବ ସବୁକିଛି ସୁନ୍ଦରମୟ ହୋଇ ଉଠିବ ଏବଂ ପ୍ରଭୁ କୃପା ଲାଭ ମିଳିପାରିବ ।

ଶ୍ରୀମତୀ ମାନିନୀ ସାହୁ, ଶିକ୍ଷୟିତ୍ରୀ

ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଲଶାଗୋରା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ କିଣିଦେଇଥିବା କଲମ



ପ୍ରଶାନ୍ତ କୁମାର ନାଥ

ହେତୁ ପାଇଲା ପରଠାରୁ ଆଜିଯାଏଁ ପୁରୀ କେତେଥର ବୁଲି ଯାଇଛି; କାହା କାହା ସହିତ ଯାଇଛି; ମନେ ନାହିଁ । ତେବେ ଅନେକ ଥର ଯାଇଛି ବାପା ବୋଉ ସାଙ୍ଗେ; ଥରେ ଦୁଇଥର ସାଙ୍ଗମାନଙ୍କ ସହ; ଏକୁଟିଆ ବି ଯାଇଛି ଥରେ ଅଧେ । ସେ ଯାହାହେଉ, ଯେତେଥର ବି ପୁରୀ ଯାଇଛି ସବୁବେଳେ ନୂଆ ନୂଆ ଅନୁଭୂତି ସାଉଁଟିଛି ନିଜ ପାଇଁ । କିନ୍ତୁ ସବୁ ଅନୁଭୂତିଠାରୁ ବୋଉ ସହିତ ପୁରୀରେ ସୁନାବେଶ ଦେଖା ଅନୁଭୂତିଟା ଥିଲା ଭାରି ନିଆରା; ଆଉ କେବେ ବି ସେ ସୁଯୋଗ ଓ ଅନୁଭୂତି ସାଉଁଟିବା ସମ୍ଭବ ନୁହେଁ; ଏ ଜନମେ । ତଥାପି ଆଜି ବେଳେ ବେଳେ ମନେପଡ଼ିଯାଏ; ବୋଉ ସାଙ୍ଗେ ସୁନାବେଶ ଦେଖା ।

ରଥଯାତ୍ରାର ସମୟ । ଗୁଣ୍ଡିଚା ସରିଥାଏ । ବାହୁଡ଼ା ବାକି ଥାଏ, ଦୁଇଦିନ । ମୁଁ କଟକରୁ ଗାଁକୁ ଯାଇଥିଲି । ବୋଉ ସକାଳ ଜଳଖିଆ ଖାଇ ବସିଥିଲା; ମଝି ବାରଣ୍ଡାରେ ଝୋଟ ଅଖାଟି ପାରି । ରୁଟି ସାଙ୍ଗେ ଥାଳି କଡ଼ରେ ଆଉଜିଥିଲା ଭେଣ୍ଡି ଛେଚା । ଭାରି ବାସୁଥିଲା ସେ ସିଝା ଭେଣ୍ଡି ଛେଚା । ବୋଧହୁଏ ବୋଉ କଞ୍ଚା ସୋରିଷ ତେଲରୁ ଟୋପାଏ, ଗୋଟେ ଯୋଡ଼େ କଞ୍ଚାଲଙ୍କା ଆଉ ବାପାଙ୍କୁ ଲୁଚେଇ ରଶୁଣ ପାଖୁଡ଼ାଏ ବି ଦଳିଥିଲା ଭେଣ୍ଡି ଛେଚାରେ !

ଏବେ ବି ମନେଅଛି ମୋର, ବୋଉ ପିଲାଦିନେ ଏମିତି ଚକଟାଚକଟି କରି ଭାତ ଖୁଆଇଦିଏ ଆମକୁ । ବୋଉ ଚକା ମାଡ଼ି ତଳକୁ ମୁହଁ କରି ଖାଉଥିଲା । ମଝିରେ ମଝିରେ ବୋଉ ଗୋଡ଼ ଦୁଇଟିକୁ ପାଳି କରି ତ କେତେବେଳେ ଏକାସାଙ୍ଗରେ ଲମ୍ବେଇ ବି

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଦେଉଥିଲା । ଖାଉଥିଲା; ରୁଟିକୁ ଖଣ୍ଡ ଖଣ୍ଡ କରି ଭେଣ୍ଡି ଛେଚାରେ ମାଡ଼ି ଛପେଇ ।

"ଏତେଥର ପୁରୀ ଯାଇଛି ହେଲେ ସୁନାବେଶଟା କେବଳ ପିଲାବେଳେ ମୋ ବୋଉ ସାଙ୍ଗରେ ଯାଇ ଦେଖିଥିଲି" ବୋଉ କହିଲା । "ଏବେ କାହିଁକି ଆଉଥରେ ସୁନାବେଶ ଟିକେ ଦେଖିବାକୁ ଭାରି ଇଚ୍ଛା ହେଉଛି ।"

ଯୋଗକୁ ସେତିକିବେଳେ ଟିଭିରେ 'ରଥ କଥା' ହିଁ ପ୍ରସାରିତ ହେଉଥିଲା; ବୋଉ ଦେଖୁଥିଲା । ମୁଁ ବସି ଦେଖୁଥାଏ ଟିଭିରେ 'ରଥ କଥା' । ହଠାତ୍ ବୋଉ ଇଚ୍ଛାର କଥାଟା ବି କାନରେ ପଡ଼ିଲା; କ'ଣ ଭାବିଲି କେଜାଣି ? ଉଠିଯାଇ ଆରପଟ ଘର ଭିତରକୁ ପଳେଇ ଗଲି । ପ୍ୟାଣ୍ଟ ପକେଟ୍‌ରୁ ମନି ପର୍ସଟା କାଢ଼ି ଦେଖିଲି, ଟଙ୍କା ଗଣିଲି, ଥିଲା ତିନି ହଜାର । ମନେ ମନେ ହିସାବ ଯୋଡ଼ିଲି: ଯିବା-ଆସିବା, ଗାଡ଼ିଭଡ଼ା, ଘରଭଡ଼ା ଆଉ ଖିଆପିଆ ସବୁ ମିଶି ତିନି ହଜାର; ହେଇଯିବ । ପର୍ସକୁ ରଖିଦେଇ ଫେରିଆସିଲି, ପୁଣି ଟିଭି ଦେଖିଲି । ଟିଭି ଦେଖୁ ଦେଖୁ ମନକୁ ମନ ସବୁ ଯୋଜନା ତିଆରି କଲି । ଯିବା-ଆସିବା, ରହିବା, ଖାଇବା ଆଉ ବୁଲିବା ସବୁକିଛି ।

"ବୋଉ ! ଚାଲୁନୁ ପୁରୀ ଯିବା, ସୁନାବେଶ ଦେଖିଆସିବା" ମୁଁ ଟିଭି ଦେଖୁ ଦେଖୁ କହିଲି । "ଏଥର ତ ବାହୁଡ଼ା ଗଲାରେ ଦିନକ ପରେ ସୁନାବେଶ, ବାହୁଡ଼ା ପରଦିନ ଆମେ ଘରୁ ବାହାରିବା ! ଗାଡ଼ି(ଟ୍ରେନ) ଫାଙ୍କା ହେବ । ଆରାମରେ ଯିବା । ଘର ବି ସହଜେ ମିଳିଯିବ; ରହିବାକୁ । ତା'ପରେ ବାପାଙ୍କର ବି ଏ ସପ୍ତାହରେ ଆସିବାର ନାହିଁ ।"

"ହଁ ଚାଲୁନୁ; ବୁଲିଆସିବା" କହିଲା ବୋଉ ।

ଭୋରୁ ଭୋରୁ ଘରୁ ବାହାରି ପୁରୀରେ ଯାଇ ପହଞ୍ଚିଲା ବେଳକୁ ପ୍ରାୟ ମଧ୍ୟାହ୍ନ ହେବା ଉପରେ । ପ୍ଲାଟଫର୍ମରୁ ବାହାରିଛୁ କି ନାହିଁ ବରମପୁରିଆ ରିକ୍ସାବାଲାଟା ମିଳିଗଲା;

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଚାରିଦେଲା, "ମାଆ ! ବଡ଼ଦାଣ୍ଡକୁ ଯିବେ ନା ସମୁଦ୍ର କୂଳକୁ ।"

ବୋଉ କିଛି କହିବା ପୂର୍ବରୁ ମୁଁ କହିଲି, "ଘରଟିଏ ଦରକାର, ଦୁଇଦିନ ରହିବୁ, ଯେଉଁଠି ଭଲ ଆଉ ଶସ୍ତା ଘର ମିଳିବ ସେଇଠିକି ଚାଲ ।"

"ବାବୁ ! ବଡ଼ଦାଣ୍ଡରେ ତ ଭାରି ଭିଡ଼; ମିଳିବା କଷ୍ଟକର; ସମୁଦ୍ର କୂଳ ଆଡ଼େ ମିଳିଯିବ" ରିକ୍ସାବାଲା କହିଲା ।

"ତେବେ ଚାଲ; ସମୁଦ୍ର କୂଳ ଆଡ଼େ" ବୋଉ କହିଲା ।

ଦୁହେଁ ରିକ୍ସାରେ ବସିଲୁ । ରିକ୍ସାବାଲାଟା ଭାରି ଭଲ ଲୋକ ପରି ଜଣା ଯାଉଥିଲା । ବେଶ୍ ସୁନ୍ଦର ରିକ୍ସା ବି ଚଲଉଥିଲା ସେ । ପୁରୀର ଗଳିକନ୍ଦି ରାସ୍ତା ତା ଭିତରେ ପୁଣି ଚାରିଆଡ଼େ ଗାଡ଼ିମଟର, ପୁଁ ପାଁ ହର୍ଣ୍ଣ ବଜେଇ ଆଗେଇଗଲା ।

ଆମ ରିକ୍ସା ଯାଇ ପହଞ୍ଚିଲା ସମୁଦ୍ର କୂଳ ସ୍ୱର୍ଗଦ୍ୱାର ପାଖରେ । ଏତିକି ବାଟ ଆସିବା ଭିତରେ ରିକ୍ସାବାଲାଟା ଦୁଇ ଚାରିଟା ହୋଟେଲ ଓ ଲଜ୍ ଆଗରେ ରିକ୍ସାକୁ ଠିଆ କଲା; ଭିତରକୁ ଯାଇ ମୁହଁ ଶୁଖେଇ ଫେରିଲା; ଏଠି ଘର ନାହିଁ ବୋଲି କହିଲା । ପୁଣି ଆଗକୁ ଚଲାଇଲା ରିକ୍ସା । କିଛିସମୟ ପରେ ଆଉ ଗୋଟିଏ ଗେଟ୍ ସାମ୍ନାରେ ଅଟକିଲା । ସେଇଟି ଥିଲା ଗୋଟିଏ ଠାକୁରବାଡ଼ିର ମୁଖ୍ୟ ଗେଟ୍ । ଏଥର ପୂର୍ବଭଳି ଠାକୁରବାଡ଼ି ଭିତରକୁ ଯାଇ ହସି ହସି ଫେରିଲା ଆଉ କହିଲା, "ମା ! ଏଇଠି ଘର ଅଛି; କିନ୍ତୁ ଦିନକୁ ଭଡ଼ା ଛଅ ଶହ କହୁଛି ।"

ମୁଁ ରିକ୍ସାରୁ ଓହ୍ଲାଇଲି; ରିକ୍ସାବାଲା ସାଙ୍ଗେ ଭିତରକୁ ଗଲି; ମ୍ୟାନେଜର ସହିତ ମୂଲଚାଲ କଲି; ଶେଷକୁ ଭଡ଼ା ଛିଡ଼ିଲା ଡବଲ ବେଡ୍ ଘରଟା ଦିନକୁ ପାଞ୍ଚ ଶହ ଟଙ୍କା । ଅଗ୍ରୀମ ଦେଇ ଘର ଚାବି ହାତରେ ଧରି ରିକ୍ସା ପାଖକୁ ଫେରିଲି । ପଛେ ପଛେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରିକ୍ସାବାଲାଟା ବି ଚାଲିଥାଏ । ରିକ୍ସା ପାଖରେ ପହଞ୍ଚି ବେଶ୍ ପ୍ରସନ୍ନତାର ସହ ବୋଉକୁ ଜଣାଇଲି; ଘର ମିଳିଗଲା ।

ରିକ୍ସାବାଲାଟା ଆମ ବ୍ୟାଗ୍‌ପତ୍ର ମୁଣ୍ଡରେ ଲଦି ରୁମରେ ନେଇ ରଖିଲା । ବୋଉ ଆଉ ମୁଁ ତା ପଛେ ପଛେ ଯାଇ ରୁମରେ ପହଞ୍ଚିଲୁ । ରିକ୍ସାବାଲା ଜିନିଷଗୁଡ଼ାକୁ ତଳେ ରଖିଦେଇ କବାଟ ପାଖରେ ଠିଆହୋଇ କାନ୍ଧରୁ ନିଜ ଗାମୁଛା କାଢ଼ି ଝାଳ ପୋଛୁଥାଏ । ପକେଟରୁ ପଚାଶ ଟଙ୍କିଆ ନୋଟ୍‌ଟିଏ ବାହାର କରି ମୁଁ ତା ହାତକୁ ବଢ଼ାଇଲି । ଦୁଇ ହାତକୁ ବଢ଼ାଇ ଗ୍ରହଣ କଲା ରିକ୍ସାବାଲା କିନ୍ତୁ ତା ମୁହଁଟା କାହିଁକି ମୋତେ ଅଖୁସି ଅଖୁସି ଦେଖାଗଲା । ପଚାରିଦେଲି, "ହେଇଗଲା ତ ?" ରିକ୍ସାବଲାଟା ପାଟିରେ କିଛି କହିଲାନି ସତ କିନ୍ତୁ ତା ବ୍ୟବହରରୁ ଅନୁମାନ କଲି; ସିଏ ଅଧିକ ଚାହୁଁଛି । ପର୍ସରୁ ଆଉ କୋଡ଼ିଏ ବାହାର କରି ଦେଲି । ଏଥର ରିକ୍ସାବଲା ହସି ହସି ଚାଲିଗଲା । ଗଲାବେଳେ ଦୁଇହାତ ଯୋଡ଼ି "ମା ଆସୁଛି" କହିଗଲା ।

ମଧ୍ୟାହ୍ନ ପାର ହୋଇ ଯାଇଥିଲା ତଥାପି ପାଗଟା ସ୍ୱାଭାବିକ ନ ଥିଲା । ଆକଶରେ ସୂର୍ଯ୍ୟଙ୍କ ତେଜ ଅନୁଭୂତ ହେଉ ନଥିଲା । ଏଇନେ ବରଷି ଯିବାଭଳି କଳା ବାଦଲଗୁଡ଼ାକ ଏକଡ଼ ସେକଡ଼ ମୋଡ଼ ବଦଳାଉଥିଲେ । ବର୍ଷା ହେବାର ସମ୍ଭାବନା ଖୁବ୍ ବେଶି ଥିଲା । ତଥାପି ବାହାରିଲୁ ଶ୍ରୀମନ୍ଦିର ଅଭିମୁଖେ । ସାଙ୍ଗରେ ବୋଉ ବି ଥାଏ । ଆମେ ରହୁଥିବା ଜାଗାରୁ ଶ୍ରୀମନ୍ଦିର ଆନୁମାନିକ ପ୍ରାୟ ଦେଢ଼ କିଲୋମିଟର ବାଟ ହେବ । ପାଦଚାଲି ଯିବା ବୋଉ ପାଇଁ ଥିଲା କଷ୍ଟକର ।

ତେଣୁ ଅପେକ୍ଷା କଲୁ ରିକ୍ସାଟିଏ ପାଇଁ । ଦୀର୍ଘ ସମୟ ଅପେକ୍ଷା କଲାପରେ ବି ରିକ୍ସା ନ ପାଇ ଦୁହେଁ ଚାଲି ଚାଲି ଯିବାକୁ ନିଷ୍ପତ୍ତି ନେଲୁ; ଚାଲିଲୁ । କିଛି ବାଟ ଚାଲିଛୁ କି ନାହିଁ, ଯାହା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁମାନ କରିଥିଲୁ ସେୟା ଘଟିଲା; ବର୍ଷା ହେଲା । ଘଡ଼ଘଡ଼ି ସହ ବିଜୁଳି ବି ଜୋରରେ ଚମକିଲା । ରାସ୍ତାଘାଟ ଶୂନଶାନ ଦେଖାଗଲା । ହାତରେ ଛତା ଥାଇ ବି ଗୋଟିଏ ବନ୍ଦ ଦୋକାନ ପିଣ୍ଡାରେ ଠିଆ ହେଲୁ । ବର୍ଷା ସେମିତି ଜୋର ଜୋର ବର୍ଷି ଚାଲିଥାଏ; ବଡ଼ ବଡ଼ ଟୋପାରେ । ରାସ୍ତାରେ ପାଣି ଚାଲିବା ଆରମ୍ଭ ହୋଇଯାଇଥାଏ । କେତେ ନାଳ ନର୍ଦ୍ଦମା ପାଣିଗୁଡ଼ାକ ବି ରାସ୍ତାପାଣିରେ ମିଶି ବୋହିଯାଉଥାଏ । ଦରଭିଜା ଅବସ୍ଥାରେ ଆମେ ସେମିତି ଠିଆ ହୋଇଥାଉ ।

"ଚାଲ୍... ଭିଜି ଭିଜି ଯିବା" ହଠାତ୍ ବୋଉ କହିଲା । "ଡେରି ହେଇଯିବ; ବାହୁଡ଼ା ରଥ ଆସି ବଡ଼ଦାଣ୍ଡରେ ପହଞ୍ଚିଯିବ; ରଥଟଣା ଦେଖିପାରିବାନି କି ଟାଣି ପାରିବାନି; ଚାଲ ପଳେଇ ଚାଲ ।" ଚାଲିଲୁ । ଦୂରକୁ ଦୂରକୁ ପାହୁଲ ପକେଇ ରାସ୍ତାଚଲା ପାଣି ଭିତରେ ଚାବୁରୁ ଚାବୁରୁ କରି ଆଗକୁ; ଯେଝା ଗୋଡ଼ର ଚପଲକୁ ହାତରେ ଧରି ଖାଲି ପାଦରେ । ଜରି, କାଗଜ, ପଚା ପରିବା ପତ୍ରଗୁଡ଼ାକ ଆସି ପାଦରେ ଗୁଡ଼େଇ ହେଉଥାନ୍ତି; କଦଳି ବାହୁଙ୍ଗା ବି ଭାସି ଯାଉଥାଏ । ମୁହଁରେ ଛୁଞ୍ଚି ଭଳି ଫୋଡ଼ି ହୋଇଯାଉଥାଏ ବର୍ଷା ଟୋପା ସବୁ । ଆଖି ପତାକୁ ହାତରେ ଘୋଡ଼େଇ ଚାଲିଥାଉ ଆମେ । ନଜର ନଥାଏ ଅନ୍ୟଆଡ଼େ; ଆଖପାଖକୁ । ଲକ୍ଷ୍ୟ ବଡ଼ଦାଣ୍ଡରେ ପହଞ୍ଚିବୁ; ରଥଟଣା ଦେଖିବୁ ।

ବଡ଼ଦାଣ୍ଡରେ ଆମେ ଯାଇ ପହଞ୍ଚିଲାବେଳକୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଲାଗିସାରିଥିଲା ଧର୍ମଶାଳା ସମ୍ମୁଖରେ । ତା ପଛକୁ ଥାଏ ଦେବୀ ସୁଭଦ୍ରାଙ୍କ ଦେବୀଦଳନ ଆଉ ତା ପଛକୁ ନନ୍ଦୀଘୋଷ; ଜଗନ୍ନାଥଙ୍କ ରଥ । ଯେହେତୁ ସଂଧ୍ୟା ହେଇ ଆସୁଥିଲା; ବର୍ଷା ବି ଛାଡ଼ି ଯାଇଥିଲା ତେଣୁ ଖୁବ୍ କମ୍ ସମୟ ଭିତରେ ତିନି ରଥ ଆସି ରଥଖଳାରେ ଲାଗିଲା । ଆମେ ବି ଭିଡ଼ ଆଡ଼େଇ ରଥ ଦଉଡ଼ି ଧରିଲୁ; ଟାଣିଲୁ; ଆମ ଶେଷ ଟଣାରେ ରଥଖଳାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପହଞ୍ଚିଲା ରଥ । ଦୂରେ ଥାଇ ତିନି ରଥକୁ ଚାହିଁ ମୁଣ୍ଡିଆ ମାରିଲୁ; ଦେଖିଲୁ ତିନି ରଥ ସାମ୍ନାରେ ଚାରମାଳ ବନ୍ଧା । କ୍ଷଣିକ ମଧ୍ୟରେ ରଥ ଚାରିପାଖେ ଆଲୁଅ ଜଳିଉଠିଲା । ପଣ୍ଡାମାନେ ଠାକୁରଙ୍କ ସେବାରେ ଲାଗି ପଡ଼ିଲେ; ଏକଡ଼ ସେକଡ଼ ଯିବା ଆସିବା କଲେ । ଲୋକଙ୍କୁ ଆଡ଼େଇଲେ; ତଡ଼ିଲେ । ଏହା ଭିତରେ ବଡ଼ଦାଣ୍ଡର ଲୋକ ଗହଳି ଧୀରେ ଧୀରେ ପତଳା ହେଲା ।

ଆମେ ଫେରିଲୁ ଠାକୁରବାଡ଼ିକୁ । ରାତ୍ରି ବିଶ୍ରାମ ପାଇଁ ।

ସେଦିନ ସୁନାବେଶ । ଶୀଘ୍ର ଶୀଘ୍ର ନିତ୍ୟକର୍ମ ଶେଷ କରି ସକାଳ ଦର୍ଶନ ଲାଗି ବାହାରିଲୁ ଶ୍ରୀମନ୍ଦିର ଅଭିମୁଖେ; ଯାଇ ପହଞ୍ଚିଲୁ ସିଂହଦ୍ୱାର ସାମ୍ନାରେ । ଧାଡ଼ିହୋଇ ଠିଆ ହୋଇଥିଲା ତିନି ରଥ; ଏକ ସରଳ ରେଖାରେ; ଲଗାଲଗି ନ ହେଲେ ବି ପାଖକୁ ପାଖ । ସେତେବେଳକୁ ବଡ଼ଦାଣ୍ଡରେ ଚତୁର୍ଦ୍ଧା ମୂର୍ତ୍ତିକୁ ଚାହିଁ ମୁହଁ ପଖାଳୁଥିଲେ ମାଳ ମାଳ ଭକ୍ତ; ରଥ ଚାରିପାଖେ ବି ଘେରି ଥିଲେ; ଆଖିକୁ ସବୁ ସମାନ ଏକା ପରିକା ଲାଗୁଥିଲେ ସେମାନେ । କିଏ ଭିକାରୀ କିଏ କୋଟିପତି କିଛି ବାରି ହେଉ ନଥିଲା ସେମାନଙ୍କ ଭିଡ଼ ଭିତରୁ । କେହିକେହି ହାତ ଟେକି ତ ଆଉ କିଏ ବଡ଼ଦାଣ୍ଡରେ ଗଡ଼ିଯାଇ ମୁଣ୍ଡିଆ ମାରିବାରେ ବ୍ୟସ୍ତ । ଅଳ୍ପ ଖରଖରି ପବନରେ ଶିତେଇ ଯାଉଥିଲା ମୋର ଗୋଟାଟା ଦେହ । କାଉଁଳିଆ ଆକାଶଟା ଗାଢ଼ ଦିଶୁଥିଲା ରଥ ନେତ ଉପକୁ । କ୍ଷଣିକେ ବେକ ଭାଙ୍ଗି ଚାହିଁଦେଲେ କଳା, ହଳଦିଆ ଆଉ ଗାଢ଼ ଲାଲ ରଥକନା ବି ବେଶ୍ ତୋଫା ଦେଖାଯାଉଥିଲା ଆଖିକୁ । ଜକ ଜକ ଦିଶୁଥିଲା ରୂପା ସୁନେଲୀ ଜରିର ତାରକସି କୁଟିକାମ । ନଅ ଦିନର ଧୂଳିଗୁଡ଼ାକ ବୋଧେ କାଲି ବର୍ଷାରେ ଧୋଇ ଯାଇଥିଲା ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଲା ପୂର୍ବରୁ ! ପଣ୍ଡା ଦଇତା ଇସାରା କରି ଡାକୁଥିଲେ; ହାତ ଭିଡୁଥିଲେ; ତୁଳସୀ ଯାଚୁଥିଲେ; କପାଳେ ଚନ୍ଦନ ବୋଳୁଥିଲେ;

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖିରେ କର୍ପୂର ନେଷୁଥିଲେ । ଗୋଟେ ଯୋଡ଼େ ଭିକାରୀ ବି ଝୁଣି ଖାଇଲା ପରି ଓଟାରି ପକଉଥିଲେ ପଛରୁ ବାବୁ ବାବୁ କହି । ଡାକବାଜି ଯନ୍ତ୍ରରେ ଘୋଷଣା ଚାଲିଥିଲା; ଗୀତ ଶୁଭୁଥିଲା; ଭଜନ ଆଉ ଆଧୁନିକ ଗୀତ ସବୁ ମିଶାମିଶି ହେଇ । ପୁଲିସ୍ ଓ ସ୍ୱେଚ୍ଛାସେବୀ ଉଭୟ ଲୋକ ଘଉଡ଼ାଇବାରେ ବ୍ୟସ୍ତ । ହେଲେ ଏତେ ଲୋକ; କାହା ମୁହଁରେ ହସ ତ କାହା ମୁହଁରେ ବିଷାଦର ଚିହ୍ନ; ପୁଣି ଆଉ କାହା ଆଖିରୁ ଲୁହ ଧାରକୁ ଦେଖିଲି । ଆଶ୍ଚର୍ଯ୍ୟ ଲାଗୁଥିଲା; ପାଦ ବାଟବଣା ହେବ ହେବ କହୁଥିଲା କିନ୍ତୁ ଟ୍ରେନ୍ ଯାତ୍ରାରେ ଝର୍କା ବାହାରର ଦୃଶ୍ୟ ପଛକୁ ପଛକୁ ଦୌଡ଼ିଗଲା ଭଳି ସବୁକିଛି ଭୁଲିଯାଇ ଆଗକୁ ମାଡ଼ିଯାଉଥିଲି; ରଥ ପାଖକୁ; ବୋଉ ହାତ ଧରି । ଦୂରେ ଥାଇ ଦୁହେଁ ଏକାଠି ଠାକୁରଙ୍କୁ ଚାହିଁଲୁ । ହାତ ଟେକିଲୁ; ଆଖିବୁଜି ଆତ୍ମାକୁ ସମର୍ପଣ କଲୁ । ବୋଉ ଠାକୁରଙ୍କୁ ଦେଖିପାରୁଥିଲା କି ନାହିଁ କେଜାଣି ? ମୁଁ କିନ୍ତୁ ଦେଖୁନଥିଲି । ବୋଉ ବାରମ୍ବାର ହାତ ଯୋଡ଼ି ମୁଣ୍ଡିଆ ମରୁଥିଲା । ନଇଁ ପଡ଼ି ଗୋଡ଼ତଳ ବଡ଼ଦାଣ୍ଡରୁ ଧୂଳି ସାଉଁଟି ମୋ ମୁଣ୍ଡରେ ବୋଳୁଥିଲା; ମୁଣ୍ଡରୁ ପିଠି ପଟ ଦେଇ ପେଟ ଉପରକୁ ଝାଡ଼ୁଥିଲା; କିନ୍ତୁ ମୁଁ ଆଡ଼େଇ ଯାଇ ମୁଣ୍ଡ ଦେହରୁ ଧୂଳି ଝାଡ଼ୁଥିଲି । ସାର୍ଟକୁ ଛିଙ୍ଗାଡ଼ି ଦେଉଥିଲି । ସତେଯେମିତି ମେଞ୍ଚାଏ କାଦୁଅ ବୋଳି ଅପରିଷ୍କାର କରିଦେଉଥିଲା ବୋଉ ମୋ ସାର୍ଟକୁ ! ମନେ ମନେ ଖୁବ୍ ବିରକ୍ତ ହେଉଥିଲି ବୋଉକୁ; କିନ୍ତୁ ଚୁପ୍ ହେଇ ଦେଖୁଥିଲି ।

'ବାବୁ ନିର୍ମାଲ୍ୟ ନିଅନ୍ତୁ... ମାଆ ନିର୍ମାଲ୍ୟ ନିଅନ୍ତୁ...,' ଭିଡ଼ ଭିତରେ ଜଣେ ଲୋକ ମେଞ୍ଚାଏ ନାଲିକପଡ଼ାର ପୁଡ଼ିଆଧରି ଡାକ ଛାଡ଼ୁଥିଲା ।

'ଘର ପାଇଁ ନିର୍ମାଲ୍ୟ ଗୋଟେ ପୁଡ଼ିଆ ଆଣ,' ବୋଉ କହିଲା ।

ନିର୍ମାଲ୍ୟ ବିକାଳି ସଂଗେ ମୂଲ ଚାଲ କରୁ କରୁ ପଛକୁ ବୁଲି ଚାହିଁଲି; ବୋଉ ପାଖରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଥିଲା । ହଠାତ୍ ଛାତି ଭିତରଟା ଧଡ଼କେଇ ଗଲା । ଚାରିଆଡ଼କୁ ଚାହିଁ ସେଇଠି ଦୁଇଘେରା ବୁଲିଗଲି; ବୋଉକୁ ପାଇଲି ନାହିଁ । ମନଟା ଭୟ ଆଉ ଆଶଙ୍କାରେ ଅସ୍ତବ୍ୟସ୍ତ ହେଲା । ଯେତେଦୂର ନଜର ପାଉଥିଲା ସେତେଦୂର ଯାଏଁ ବୋଉକୁ ଖୋଜୁଥିଲି । ହଠାତ୍ ନଜର ପଡ଼ିଲା ବୋଉ; ରଥ ଦଣ୍ଡା ଉପରେ ଚଢ଼ି ଠିଆ ହୋଇଛି; ଆହୁରି ଉପରକୁ ଚଢ଼ିବାକୁ ହାତ ବଢ଼େଇ ଚେଷ୍ଟା କରୁଛି । ଯଦିଓ ରଥ ସାମ୍ନାରେ ଚାରମାଳ ବନ୍ଧାଥିଲା ବୋଉ କିନ୍ତୁ ରଥ ଦଣ୍ଡାଦେଇ ଚଢୁଥିଲା । ଆହୁରି କେତେଲୋକ ବି ଚଢୁଥିଲେ ସେଇ ବାଟରେ ରଥ ଉପରକୁ । ଦୌଡ଼ିଗଲି ବୋଉ ପାଖକୁ; ରଥ ଦଣ୍ଡାକୁ ଚଢ଼ିଲି; ପଛପାଖରୁ ହାତ ଦେଇ ବୋଉକୁ ସାହାଯ୍ୟ କଲି ରଥ ଚଢ଼ିବାକୁ । ବୋଉ ଖୁବ୍ ସହଜରେ ଚଢ଼ିଗଲା ରଥରେ । ଆଶ୍ଚର୍ଯ୍ୟ ହେଲି ବୋଉର ଏ ଦୁଃସାହସିକ ପଦକ୍ଷେପରେ । ଏଣେ ଅସୁସ୍ଥ ମଣିଷ ପୁଣି ଭଲକରି ଚାଲି ନ ପାରୁଥିବା ବୋଉ କେମିତି ସାହାସ ବାନ୍ଧିଲା ରଥରେ ଚଢ଼ିବାକୁ !

ବୋଉ ପଛେ ପଛେ ମୁଁ ବି ଚଢ଼ିଲି ରଥ ଉପରକୁ । ସେଇଟା ଥିଲା ବଳଭଦ୍ରଙ୍କର ତାଳଧ୍ୱଜ ରଥ । ଭକ୍ତ ଆଉ ଦଇତାଙ୍କ ଠେଲାପେଲାରୁ ବଞ୍ଚି ଯାଇ ଠାକୁରଙ୍କୁ ଅତି ପାଖରୁ ଦେଖି ବିଭୋର ହେଲୁ; ନିଜକୁ ଧନ୍ୟ ମନେକଲୁ । ବଡ଼ ଠାକୁରଙ୍କୁ ଛୁଇଁଲୁ; ମୁଣ୍ଡିଆ ମାରିଲୁ; ଦଇତାଙ୍କ ହାତରୁ ତୁଳସୀ ନେଲୁ ଏବଂ ଚାରମାଳ ବାଟଦେଇ ତଳକୁ ଓହ୍ଲାଇଲୁ; ହାତ ଧରାଧରି ହୋଇ ।

ପୁଣି ଦେବୀ ସୁଭଦ୍ରାଙ୍କ ରଥରେ ଚଢ଼ିଲୁ । ଏଥର କିନ୍ତୁ ଚାରମାଳ ଦେଇ । ଦେବୀଙ୍କୁ ପାଖରୁ ଦର୍ଶନ କଲୁ; ମୁଣ୍ଡିଆ ମାରିଲୁ; ଦଇତାଙ୍କଠୁ ତୁଳସୀ ନେଇ ତଳକୁ ଫେରିଲୁ । 'ଏମିତି ଦର୍ଶନ ଆଉ ଜୀବନେ ହେବନି କି ଆଗରୁ କେବେ କରିନି,' ବୋଉ କହିଲା । ବୋଉର ତୃପ୍ତିଭରା କଥାଶୁଣି ମୁଁ ଖୁସିହେଲି । ବୋଉ ହାତ ଧରି ଚାରମାଳଦେଇ ପୁଣି ନନ୍ଦିଘୋଷ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଥରେ ଚଢ଼ିଲି । ଦଇତାମାନଙ୍କର ଗାଳି ଆଉ ଠେଲାପେଲା ଭିତରେ ସାମ୍ନା-ସାମ୍ନି ଆଖିଆଗରେ ଜଗନ୍ନାଥଙ୍କୁ ଦେଖି କ୍ଷଣିକେ ଅଟକିଗଲି । ବୋଉ କାଳିଆକୁ କୋଳରେ କୁଣ୍ଢାଇଲା; ମୁହଁରେ ମୁହଁ ଘଷିଲା । ଦଇତା ପଣ୍ଡାମାନେ ବୋଉକୁ ଟାଣାଘୋଷରା କରୁଥିଲେ; ଅକଥାଗୁଡ଼ା କହୁଥିଲେ; ବୋଉ କିନ୍ତୁ କାଳିଆକୁ ମନ ଭରି କୁଣ୍ଢାଇଥିଲା । କାଳିଆର ଆଖିରେ ହାତଘଷି କର୍ପୂରକୁ ଆଣି ନିଜ ଆଖିତାରେ ମାରିଲା; ମୋ ଆଖିତାରେ ବି ଘଷିଲା । ମୁଁ କିନ୍ତୁ ଠିଆହୋଇ କାଳିଆର ବଡ଼ ବଡ଼ ଆଖିକୁ ଚାହିଁଥାଏ । ଅଦ୍ଭୁତ ସୁନ୍ଦର ଦିଶୁଥିଲା ତା'ର ଦୁଇ ଚକା ଆଖି । ନାଲି ବେଢ଼ା ଭିତରେ ଧଳା ଗୋଲ ଚକା; ଭିତରେ ପୁଣି କଳା ପଟି ।; ଆଖିକୁ ପବିତ୍ର କରୁଥିଲା । ଅନ୍ୟ ଭକ୍ତ ଆଉ ଦଇତାମାନେ ମୋତେ ଠେଲି ଦେଉଥିଲେ; ଘୁଞ୍ଚିଯିବାକୁ କହୁଥିଲେ; ମୁଁ କିନ୍ତୁ ନିରବ ହୋଇ ଠିଆ ହୋଇଥାଏ । ଚାହିଁ ରହିଥିଲି କାଳିଆ ମୁହଁକୁ । ଟାଣି ହୋଇଯାଉଥିଲି ଆପଣାଛାଏଁ ତା ଚୁମ୍ବକୀୟ ଦୃଷ୍ଟିଶକ୍ତିରେ । ଦୃଷ୍ଟି ଫେରୁ ନଥିଲା; ମନ ସ୍ଥିର ହୋଇଥିଲା; ଭାବନା ବି ଅଟକି ଯାଇଥିଲା । କପାଳର ଝାଳ କି ଆଖିର ଲୁହ କେଜାଣି( ?) ନିଗିଡ଼ି ଯାଉଥିଲା କିନ୍ତୁ ଆଖିବାଟ ଦେଇ ତଳକୁ । ସେଇ ମୁହୂର୍ତ୍ତରେ ଛାତିଭିତରେ ଯେମିତି ଏକ ତୃପ୍ତ ଭାବନାଟା ଅଟକି ଗଲାପରି ଅନୁଭବ କରୁଥିଲି । ସବୁବେଳେ ଦୂରରୁ ଦେଖି ହାତଟେକି ଯୋଡୁଥିବା ମୋର ଅଭ୍ୟାସଟା ଆଜି ବଦଳିଗଲା; ନଇଁ ପଡ଼ି ବୋଉ ଭଳି ଥରେ କାଳିଆକୁ କୁଣ୍ଢାଇ ପକାଇବାକୁ ଇଚ୍ଛା ହେଉଥିଲା କିନ୍ତୁ ଦଇତାମାନେ ପାଖକୁ ଛାଡୁ ନଥିଲେ । ବାଟ ଓଗାଳି ଠିଆ ହୋଇଥିଲେ । ତଥାପି ଗଳି ପଶିଯାଇ କାଳିଆକୁ କୁଣ୍ଢାଇଲି; ଠିକ୍ ତା'ର ବେକଳ ତଳକୁ । କୁଣ୍ଢ ପାଉ ନଥାଏ । ତା'ର ଦେହରୁ ବାହାରୁଥିବା ମହ ମହ ବାସ୍ନାକୁ ଆଘ୍ରାଣ କଲି । ଆଖି ବୁଜି ହେଇଗଲା ସମର୍ପଣରେ । ହଠାତ୍ ଜଣେ ଛୁଆ ଦଇତା ଆସି ମୋତେ ପଛପଟୁ ଭିଡ଼ିଧରିଲା । ସେଇ ଛୁଆ ଦଇତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଙ୍ଗରେ ଆଉ ଜଣେ ଦୁଇଜଣ ବି ଥିଲେ । ମୋ କୁଣ୍ଢରୁ କାଳିଆକୁ ଅଲଗା କଲେ୍ । ସେତେବେଳକୁ ବୋଉ ରଥ ଚଉତରାରେ ଠିଆହାଇ ହାତଯୋଡ଼ି ନମସ୍କାର କରୁଥାଏ । ରଥଉପରୁ ବଡ଼ଦାଣ୍ଡକୁ ଚାହୁଁଥାଏ ।

ହଠାତ୍ ସେଇ ମୁହୂର୍ତ୍ତରେ ଏକ ଅଘଟଣ ଘଟିଗଲା । ଛୁଆ ଦଇତାଟି ମୋ ଅଣ୍ଟାରେ ବନ୍ଧା ବେଲ୍ଟଟିକୁ ହାତ ମାରିଦେଇଥିଲା ଆଉ ସଂଗେ ସଂଗେ ଚିତ୍କାର କରିଉଠିଥିଲା, ବେଲ୍ଟ ବେଲ୍ଟ ବୋଲି । ମୁଁ ଭୀଷଣ ଡରିଗଲି; କିଛି ଗୋଟେ ବଡ଼ ଭୁଲ କରିଦେଇଛି ଯେମିତି । ବେଶିକିଛି ନ ଭାବି ଅଣ୍ଟାରୁ ବେଲ୍ଟକୁ ଖୋଲିଦେଇ ସେଇ ରଥ ଚଉତରାରୁ ବଡ଼ଦାଣ୍ଡକୁ ଫିଙ୍ଗିଦେଲି । ଛାଟି ପିଟି ହୋଇ ଛୁଆ ଦଇତାଠୁ ମୁକୁଳି ତଳକୁ ଓହ୍ଲାଇଗଲି । ମୋ ପଛେ ପଛେ ବୋଉ ବି ଓହ୍ଲାଇଗଲା ରଥରୁ ।

ବଡ଼ଦାଣ୍ଡରେ ଠିଆ ହୋଇ ଅଜଣାତରେ କରିଥିବା ଭୁଲ (ଅଣ୍ଟାରେ ବେଲ୍ଟ) ପାଇଁ କ୍ଷମାପ୍ରାର୍ଥନା କଲି । ତୃପ୍ତଦର୍ଶନ ପରେ ସଂଧ୍ୟାରେ ସୁନାବେଶ ଦେଖି ଘରକୁ ଫେରିଲୁ । ଫେରିବା ବାଟରେ ବୋଉ ମୋତେ କାଠ କଲମଟିଏ କିଣିଦେଇଥିଲା । ଆଜି ସେ କଲମ କୋଉଠି ଅଛି ? ଭାଙ୍ଗି ହଜିଛି କି କ'ଣ ଜଣାନାହିଁ । କିନ୍ତୁ ମନେ ଅଛି...

ପ୍ରାୟ ଦୁଇ ପୃଷ୍ଠା ପୂରି ସାରିଛି 'ପୁରୀର ଅନୁଭୂତି' ଲେଖୁ ଲେଖୁ ରାଧେଶ୍ୟାମଙ୍କର । ପ୍ରଥମ ଥର ପାଇଁ ଅନୁରୋଧଟିଏ ଆସିଥିଲା 'ପୁରୀର ଅନୁଭୂତି' ବିଷୟରେ କିଛି ଲେଖିବାକୁ । ରାଧେଶ୍ୟାମ ଦୁଇ ଚାରିଦିନ ଭାବିଥିଲେ, କୋଉଠୁ ଆରମ୍ଭ କରିଲେ ଭଲ ହେବ; ଚିନ୍ତା ବି କରିଥିଲେ । କିନ୍ତୁ ଆରମ୍ଭି ପାରୁ ନଥିଲେ । ଧାଡ଼ିଏ ଦୁଇ ଧାଡ଼ି ଲେଖି ଅଟକି ଯାଉଥିଲେ । ଦୁଇ ଚାରିଦିନ ପରେ ହଠାତ୍ ଦିନେ ଅଫିସ୍‌ରେ ଅଣ ଓଡ଼ିଆ ବନ୍ଧୁଜଣକ ରାଧେଶ୍ୟାମଙ୍କୁ ଏକ କାଠ କଲମଟିଏ ଉପହାର ଦେଇଥିଲେ । କଲମଟିକୁ ରାଧେଶ୍ୟାମ ହାତରେ ଧରୁ ଧରୁ ତଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡ଼ିଯାଇଥିଲା । ନଇଁପଡ଼ି କଲମଟିକୁ ଉଠେଇବାକୁ ହାତ ବଢ଼ଉ ବଢ଼ଉ ନଜର ପଡ଼ିଲା 'ଶ୍ରୀଜଗନ୍ନାଥ ଧାମ, ପୁରୀ' ମାଳିଖଞ୍ଜା କେଇଟା ଇଂରାଜୀ ଅକ୍ଷର ଉପରେ । ସୁସଜ୍ଜିତ ହୋଇ ଲେଖାଥିଲା କଲମଟିରେ ।

ଆଶ୍ଚର୍ଯ୍ୟ ହେଲେ ରାଧେଶ୍ୟାମ । ମନେପଡ଼ିଗଲା ଅତୀତ । ଅଣଆୟତ୍ତ ଲୁହଗୁଡ଼ାକ ଜକେଇବା ଆରମ୍ଭ କଲା ଆଖିତା କଡ଼ରେ । ଖନି ମାରିଲା ପାଟିର ସ୍ୱର । ଜିଭ ଓଠ ବି ଶୁଖିଗଲା । ଦମ୍ଭହରା ହେଲା ଶରୀର ଶକ୍ତି । ଥର ଥର ହାତରେ ତଳୁ ଗୋଟାଇ ଆଣି ଆଖି ସାମ୍ନାରେ ଥୋଉ ଥୋଉ ପାଟିରୁ ଆପଣା ଛାଏଁ ବାହାରିଗଲା, ଏଇଟା ଠିକ୍ ମୋ ବୋଉ କିଣି ଦେଇଥିବା କଲମ ପରି...

(ଅତୀତରେ ଏମିତି ମୋ ପରି ଅନେକ ଲୋକ ନିଜ ବୋଉକୁ ସାଙ୍ଗରେ ନେଇ ଠାକୁରଙ୍କୁ ଦର୍ଶନ କରାଇବାରେ ସୁଯୋଗ ପାଇଛନ୍ତି ! ଏବେ କିନ୍ତୁ ରଥ ଉପରେ ଚଢ଼ିବା ବେଆଇନି ହୋଇଛି । ଅନୁମତି ବିନା ରଥ ଉପରେ ଚଢ଼ିବା ଦଣ୍ଡନୀୟ ଅପରାଧ ଶ୍ରେଣୀଭୁକ୍ତ ହୋଇଛି । ତେଣୁ ଏମିତି ଦର୍ଶନ ଆଉ ସୁଯୋଗ ବୋଧେ ଆଉ ଏ ଜୀବନରେ ଯୁଟି ନପାରେ । କେବଳ ମୋର ନୁହେଁ; ସମସ୍ତଙ୍କର ।)

ଗୋବିନ୍ଦପୁର, ଟାଙ୍ଗୀ, କଟକ-୭୫୪୦୨୩
୨୦୪, ବି.ବି. ଗାଙ୍ଗୁଲି ଷ୍ଟ୍ରୀଟ୍, କୋଲକାତା-୭୦୦୦୧୨
ମୋ: ୮୭୭୭୫୭୮୫୧୧
ଇମେଲ୍ : prsntanath@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଇଟି ମିନିଗଳ୍ପ



ସୁଧାଂଶୁ ଦ୍ୱିବେଦୀ

## ଅନ୍ୟାୟ

ରବିବାର ସକାଳ । ସୁଖଦ ବାତାବରଣ ଓ କିଛି ଅବସର ସମୟ । ଏଭଳି ମଉକା କେବେ କେବେ ଜୀବନରେ ଆସେ । ମୁଁ କିଛି ପଢ଼ିବାକୁ ମନ କରିଥାଏ । ଅସଲ କଥା ହେଉଛି ମୋ ପ୍ରିୟ ପତ୍ରିକାଟି ଗତକାଲିରୁ ଡାକରେ ଆସିଲାଣି । ଅଥଚ ସମୟ ବାହାର କରି ପଢ଼ିପାରିନି, ଗୋଟେ ହାତରେ ପତ୍ରିକା ଓ ଅନ୍ୟହାତରେ ଚା କପ୍ ଧରି ଦାଣ୍ଡଘରେ ପଡ଼ିଥିବା ଚେୟାରରେ ବସି ପଡ଼ିଲି ।

ପିଙ୍କି ମୁହଁ ଶୁଖେଇ ନିଜ ଟେଡ଼ିବିୟର୍ କୋଳରେ ଧରି ବସିଥାଏ, ପାଖରେ ଲେୟସ୍ (LAYS) ପ୍ୟାକେଟ୍ ଥୁଆ ହୋଇଥାଏ । ତା'ର ଉଦାସ ଭାବ ଓ ନାକ ସୁଁ ସୁଁ ଶବ୍ଦରୁ ଜାଣି ହେଉଥାଏ ସେ ଆଜି କିଛି ଦୁଷ୍ଟାମୀ କରିଛି, ଯେଉଁଥି ପାଇଁ ତା ମାଈଁଠାରୁ ଗାଳି ଶୁଣିଛି ।

ପିଙ୍କି ଆମ ଘର ସମ୍ମୁଖରେ ଥିବା ଘନଶ୍ୟାମ ବାବୁଙ୍କ ଭଉଣୀର ଝିଅ । ବୟସ ନଅ କି ଦଶ ହେବ । କିନ୍ତୁ ବୁଦ୍ଧି ବିବେକ ଚାରିବର୍ଷ ଝିଅ ଭଳି ଜଣାଯାଏ । ସେହି କାରଣରୁ ଘନଶ୍ୟାମ ବାବୁଙ୍କର ଗୋଟେ ନୂଆ ସମସ୍ୟା ସୃଷ୍ଟି ହୁଏ । କେବଳ ସେତିକି ନୁହେଁ ସ୍ତ୍ରୀଙ୍କ ମୁହଁରୁ ମନବୋଧ ଚଉତିଶା ଶୁଣିବାକୁ ପଡ଼େ । ବିଚରା ଘନଶ୍ୟାମ ବାବୁ କାହାକୁ ଛାଡ଼ିପାରିବେ ? ପିଙ୍କି ତାଙ୍କ ଭଉଣୀର ଝିଅ ଆଉ ସ୍ତ୍ରୀ ତ ଗୋଟାପଣେ ନିଜର । ସ୍ତ୍ରୀଠାରୁ ବହୁତ କିଛି ଶୁଣିବାପରେ ବି ପିଙ୍କିକୁ ବେସାହାରା ଛାଡ଼ି ପାରୁଛନ୍ତି ନା ତା ସରଳ ପଣକୁ ଭୁଲି ପାରୁଛନ୍ତି ! ବାସ୍ ଚୁପଚାପ୍ ତୁଠ ପଥର ଭଳି ସହି ଚାଲିଛନ୍ତି ।

ଅପରାଧିକୁ ତା କଲା କର୍ମର ଦଣ୍ଡ ତ ନିଶ୍ଚୟ ମିଳିବ, ନ୍ୟାୟ ମଧ୍ୟରେ କେବେ କେବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ୟାୟ ପଶିଯାଏ, ସେଥିପାଇଁ ଦଣ୍ଡ କେବଳ ଅପରାଧିକୁ ନୁହେଁ ତା'ସହ ନିଜ ପରିବାର - ପରିଜନଙ୍କୁ ମଧ୍ୟ ଭୋଗିବାକୁ ହୋଇଥାଏ ।

ଏଇ କିଛି ମାସ ପୂର୍ବରୁ ପିଙ୍କି କେତେ ସୁଖ-ଶାନ୍ତିରେ ଥିଲା । ବାପା-ମା ଦୁଇଜଣଙ୍କ ରୋଜଗାରରେ ରାଜକୁମାରୀ ଭଳି ଦିନ ବିତୁଥିଲା । କୌଣସି ଚିଜରେ ତାର ଅଭାବ ନଥିଲା, କିନ୍ତୁ ସମୟର ଚକ୍ର ଏମିତି ଓଲଟିଗଲା ଯେ ବାପା-ମା'ର ଗେହ୍ଲି ଝିଅ ପିଙ୍କି ବେସାହାରା ହୋଇଗଲା । ଯିଏ ଦିନେ ଫୁଲପରି କୋମଳ ଥିଲା ସେ ଆଜି ଲୋକଙ୍କ ପାଇଁ ବୋଝ ହୋଇଯାଇଛି ।

ତା' ବାପା ମା' ଗୋଟେ ମେଡ଼ିସିନ୍ କମ୍ପାନୀରେ କାମ କରୁଥିଲେ, ମାଲିକ ଡୁପ୍ଲିକେଟ୍ ମେଡ଼ିସିନ୍ ତିଆରି କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ହାତରେ ଧରାପଡ଼ି ଜେଲକୁ ଗଲା । ତା ସହ ପିଙ୍କିର ବାପା-ମା ମଧ୍ୟ ବିନା ଅପରାଧରେ ଜେଲକୁ ଗଲେ । କିଛି ଅନ୍ୟାୟ ନ କରି ନ୍ୟାୟର ଶାସନ ଶିକୁଳିରେ ବନ୍ଧା ହୋଇ ରହିଲେ ।

**ନ୍ୟାୟ**

ରାତି କେତେ ହେବ କେଜାଣି ! ବସଟି ଶୁନଶାନ ଅନ୍ଧାର ରାସ୍ତାକୁ ଚିରି ଦ୍ରୁତ ଗତିରେ ଆଗକୁ ମାଡ଼ି ଚାଲିଥାଏ । କେତେକ ଯାତ୍ରୀ ନିଦରେ ଘାଲେଇ ପଡ଼ିଥାନ୍ତି । ଆଉ କେତେକ ଟିଭି ସ୍କ୍ରିନରେ ଚାଲିଥିବା ଫିଲ୍ମରୁ ଆନନ୍ଦ ଉପଭୋଗ କରୁଥାନ୍ତି ।

କିଛି ସମୟ ପରେ ଟିଭି ସ୍କ୍ରିନରେ ଦୁଷ୍କର୍ମ ଦୃଶ୍ୟଟେ ଆସିଲା, କେତେଜଣ ଗୁଣ୍ଡା ଜଣେ ଯୁବତୀକୁ ତଳେ ପକାଇ ତା ପିନ୍ଧା ବସ୍ତ୍ରକୁ ଟଣାଓଟରା କରୁଥାନ୍ତି । ବସରେ ବସିଥିବା କିଛି ଯୁବକ ସେସବୁ ଦୃଶ୍ୟକୁ ଖୁବ୍ ଆନନ୍ଦରେ ଦେଖୁଥାନ୍ତି । ହେଲେ ପାଖ ସିଟରେ ବସିଥିବା ଜଣେ ବୟସ୍କ ବ୍ୟକ୍ତିଙ୍କୁ ସେ ସବୁ ଆଦୌ ଭଲ ଲାଗୁନଥାଏ । ସହସା ସେ ଚିତ୍କାର କରି କହିଲେ, "ଏ କଣ୍ଡକ୍ଟର ! ଟିଭି ବନ୍ଦକର ।" କଣ୍ଡକ୍ଟର ତା କାମ କଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିତ୍କାର ଶୁଣି ଅନ୍ୟ ଯାତ୍ରୀମାନେ ତାଙ୍କୁ ତୀର୍ଯ୍ୟକ ଚାହାଣୀରେ ଚାହିଁଲେ । ସେତେବେଳକୁ ଟିଭିର ସୁଇଚ୍ ଅଫ୍ ହୋଇ ସାରିଥାଏ । ବସ ଭିତରେ ନିରବତାର ବାତାବରଣ ।

ଏତିକି ବେଳେ ବୟସ୍କ ବ୍ୟକ୍ତିଙ୍କ ପାଖରେ ବସିଥିବା ଜଣେ ଯୁବକ ଗମ୍ଭୀର କଣ୍ଠରେ କହିଲା, "ଏ ବୁଢ଼ା । ଚୁପଚାପ୍ ବସ, ବେଶୀ ବକ୍ ବକ୍ କରିବୁ ତ ସିଧା ଉଠେଇ ତଳକୁ ଫିଙ୍ଗିଦେବି ।"

ତାପରେ ସେ ଉଠିଯାଇ ଆଗ ସିଟରେ ବସିଥିବା ଜଣେ ଝିଅ ସହ ଅଶାଳୀନ ବ୍ୟବହାର କରିବାକୁ ପ୍ରୟାସ କଲା । ସେଇ ଝିଅ ଓ ତା ପରିବାର ଲୋକେ ଯେତେ ପ୍ରତିବାଦ କଲେ ବି କାହାରି କଥା ଶୁଣିଲାନି । ଅଗତ୍ୟା ଛୁରୀ ବାହାର କରି ଝିଅର ଗଳା ପାହରେ ରଖି କହିଲା, "ଦେଖ୍ ଏ ପର୍ଯ୍ୟନ୍ତ ମୁଁ ତୋର କିଛି କରିନାହିଁ । ପାଟି ଫିଟେଇବୁ ତ ତୋତେ ବରବାଦ କରିଦେବି ।" ପରେ ପରେ ଛୁରୀଦ୍ୱାରା ଝିଅଟି ପିନ୍ଧିଥିବା ବସ୍ତ୍ରକୁ ଚିରିବାକୁ ଚେଷ୍ଟା କରିଲା ।

ବୟସ୍କ ବ୍ୟକ୍ତି ଏ ସବୁ ଦେଖି ଆଉ ସହି ପାରିଲେନି । ହଠାତ୍ ତାଙ୍କ ସ୍ୱାଭିମାନ ଜେଗଁ ଉଠିଲା । ହାତରେ ଧରିଥିବା ବଙ୍କୁଲୀ ବାଡ଼ିରେ ଯୁବକ ମୁଣ୍ଡରେ ଖୁବ୍ ଜୋର୍ ଗୋଟେ ପାହାର ଲଦିଦେଲେ । ଯୁବକ ଚିତ୍କାର କରି ସେଇଠି ଟଳି ପଡ଼ିଲା । ତା ମୁଣ୍ଡରୁ ଝରଝର ହୋଇ ଲାଲ ରକ୍ତ ବହି ଚାଲିଥାଏ । ବସ୍ ଭିତରେ ଥିବା ସମସ୍ତ ଯାତ୍ରୀ ତଟସ୍ଥ । ବୟସ୍କ ବ୍ୟକ୍ତି ଏ ସବୁ କରି ନ୍ୟାୟ କରିଛନ୍ତି ନା ଅନ୍ୟାୟ କରିଛନ୍ତି, ବୁଝି ନ ବୁଝିବା ଅବସ୍ଥାରେ ଯୁବକର ରକ୍ତଭିଜା ମୁଣ୍ଡକୁ ଦେଖୁଥାନ୍ତି ।

ଯୋଗଫର୍ ଲାଇଫ, ବିସି-୭୪, ସେକ୍ଟର-୧

ସଲ୍ଟଲେକ୍, କୋଲକାତା - ୭୪, ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

ଇମେଲ୍ : s.dwibedy@rediffmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚୁପ୍



ଅନସୂୟା ପଣ୍ଡା

ଅନ୍ୟମନସ୍କ ହୋଇ ଆକାଶର ଭସା ବାଦଲକୁ ଝରକାବାଟେ ଚାହିଁ ରହିଥିଲା ପିୟୁଷ । ଅଫିସରେ ତା ସିଟ୍‌ଟା ଠିକ୍ ଝରକା ପାଖକୁ । ବେଳେ ବେଳେ ନିଜକୁ ହାଲୁକା କରିବାକୁ ସେ ଆକାଶକୁ ଚାହିଁ ରହେ ।

ଆଜି ପାଗଟା କେମିତି ମେଘୁଆ ହୋଇଛି । ମଧ୍ୟାହ୍ନ ଭୋଜନର ସମୟ ହୋଇଗଲାଣି ତଥାପି ତାକୁ ଭୋକ ନାହିଁ । ଘରେ ତେଣେ ତା ସ୍ତ୍ରୀ ତନୁଜା ଅପେକ୍ଷା କରିଥିବ । ବାଧ୍ୟ ହୋଇ ସେ ଘରକୁ ବାହାରିଲା । ଅଫିସ ଠାରୁ ତା ବସା ମୋଟର ସାଇକେଲରେ ମାତ୍ର ଦଶମିନିଟର ବାଟ ।

ଅଫିସ ବାହାରେ ତା ସାଙ୍ଗ ରବିକୁ ଦେଖି ଆଶ୍ଚର୍ଯ୍ୟ ହେଲା ପିୟୁଷ । "ଆରେ ମୁଁ ତୋରି ପାଖକୁ ଆସୁଥିଲି, ଭଲ ହେଲା ତୋ ସହ ଏଠି ଦେଖା ହୋଇଗଲା । ମୋ ପୁଅର ଏକୋଇଶିଆ ଆସନ୍ତା ପନ୍ଦର ତାରିଖ ଦିନ । ତିନିଝିଅ ପରେ ପୁଅଟିଏ ବହୁ ଡାକ୍ତରଙ୍କୁ ପରାମର୍ଶ କରି, ନାନା ଔଷଧ... ଏ ସବୁ ଛାଡ଼ ଅନେକ ପୂଜା ଆରାଧନା କରି ହେଇଛି । ମୁଁ ତୁମ ଘରକୁ ଯାଇଥିଲି, ଭାଉଜଙ୍କୁ କହି ଦେଇଛି, ତୁମେ ଦୁହେଁ ନିଶ୍ଚୟ ଆସିବ । ନହେଲେ ତୁମ... !" ଅଟକି ଗଲା ରବି । କଣ ଆଉ ସେ କହିଥାନ୍ତା ।

"ଆଛା ପିୟୁଷ ଗୋଟେ କହୁ କହିବି, ଖରାପ ଭାବିବୁନି, ଭାଉଜଙ୍କୁ ନେଇ ଡାକ୍ତର ପାଖକୁ ଯାଆ । ପଚାର କଣ ଅସୁବିଧା ରହିଛି ତୁମ ଦୁହିଙ୍କର ।" ରବି ପିୟୁଷ କାନ୍ଧରେ ହାତ ରଖି କହିଲା । "ଡାକ୍ତରଙ୍କ ପାଖକୁ ଯିବାକୁ ତନୁଜା ରାଜି ହେଲେ ତ ! ଡାକ୍ତରଙ୍କୁ ଜଣାଇ ଉପଚାର କଲେ ତ ସମସ୍ୟାର ସମାଧାନ ହେବ ।" ମନେ ମନେ ଭାବିଲା ପିୟୁଷ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଆଚ୍ଛା ଠିକ୍ ଅଛି । ମୁଁ ଯିବି ତୋ ପୁଅ ଏକୋଇଶିଆକୁ । ଏଇ ଶୁକ୍ରବାର ଦିନ ତ !" କହୁ କହୁ ଗାଡ଼ି ଚଳାଇବା ଆରମ୍ଭ କଲା ପିୟୁଷ, ରବିକୁ ବିଦାୟ ନେଇ ।

ତାଙ୍କ ବାହାଘର ଆସି ପାଞ୍ଚବର୍ଷ ପୁରିବାକୁ ବସିଲାଣି, ହେଲେ ଏ ପର୍ଯ୍ୟନ୍ତ ପିୟୁଷ ଓ ତନୁଜା ପିଲାଟିଏର ବାପାମା' ହେବାର ସୁଖ ପାଇ ପାରିଲେନି । ପରାମର୍ଶ ପାଇଁ ଡାକ୍ତରଙ୍କ ପାଖକୁ ଯିବା କଥା ଶୁଣିଲେ ତନୁଜା କଥାର ମୋଡ଼ ବଦଳାଇ ଦିଏ ।

ଆଜି ପର୍ଯ୍ୟନ୍ତ ସେ ବୁଝିପାରିଲାନି ତନୁଜାକୁ । କଳ କଳ ଚିର ଚପଳ ନିର୍ଝରିଣୀଟିଏ ପରି ତନୁଜା । ସବୁବେଳେ ସରୁ ହସଟିଏ ଲାଗି ରହିଥିବ ତା ମୁହଁରେ । ଅନର୍ଗଳ ଗପୁଥିବ, ଭୁଲ କଲେ ନିଜଆଡୁ ସ୍ୱୀକାର କରିନେଇ ଭୁଲ ପାଇଁ କ୍ଷମା ମାଗିନେବ । ମନ ବାନ୍ଧିନେବା ଭଳି ତା କଥାବାର୍ତ୍ତା । ଅଜଣା ଅପରିଚିତ ମଣିଷକୁ ମଧ୍ୟ ନିମିଷେକରେ ନିଜର କରିନିଏ ତନୁଜା । ମୁହଁରେ ଶିଶୁ ସୁଲଭ ଚାହାଣୀ, ଆକର୍ଷଣୀୟ ମୁହଁ । ଯେମିତି ଛୁଆଙ୍କ ପରି ସବୁବେଳେ ହେଉଥାଏ ସେମିତି ଛୁଆମାନଙ୍କୁ ବି ଭାରି ଭଲପାଏ । ହେଲେ ସବୁ ଜିନିଷ ନେଇ ଆଣି ଥୋଇବାର ଶୈଳୀଟି ଖୁବ୍ ଜଣା ତନୁଜାକୁ । ବେଶ ମନଛୁଆଁ ଗପ ଲେଖିପାରେ ସେ । ଓଡ଼ିଶାର ନାମୀଦାମୀ ଗାଳ୍ପିକା ମାନଙ୍କ ଭିତରେ ସେ ଜଣେ । ତା ଗପ ଗୁଡ଼ିକ ହୃଦୟସ୍ପର୍ଶୀ ଓ ବାସ୍ତବଧର୍ମୀ । ପିୟୁଷ ନିଜକୁ ବଡ଼ ଭାଗ୍ୟବାନ ମନେ କରେ ତନୁଜା ପରି ପତ୍ନିଟିଏ ପାଇ ।

ସ୍ନାତକୋତ୍ତର ପରେ ଗୋଟିଏ ବର୍ଷ ଭିତରେ ବ୍ୟାଙ୍କ୍ ପିଓ ଚାକିରୀ ତାକୁ ମିଳିଯାଇଥିଲା । ଆଉ ଚାକିରୀ କରିବାର ପାଞ୍ଚବର୍ଷ ପରେ ବୋଉ ଖୋଜି ଖୋଜି ତନୁଜାକୁ ବୋହୁକରି ଆଣିଥିଲା, ଗୋଟିଏ ବୋଲି ପୁଅ ପିୟୁଷ ପାଇଁ ।

ତା ବୋଉ ନାତିନାତୁଣୀଙ୍କ ମୁହଁ ଦେଖିବ ବୋଲି ଅନେଇ ରହିଛି । କେତେଥର କହିସାରିଲାଣି, "କଣ ଏ ବୁଢ଼ୀଟାର ଏତିକି ସୁଖ ପାଇବାକୁ ହକ୍ ନାହିଁ ?"

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବାହାଘର ପରେ ପ୍ରଥମେ ଯେଉଁଦିନ ସେ ତନୁଜାକୁ ନେଇ ତାଙ୍କ ଘରକୁ ବୁଲି ଯାଇଥିଲା, ତନୁଜାର ସାନ ଭଉଣୀ ଥଟା କରି କହିଥିଲା, "ଜାଣିଛ ଭାଇ, ନାନୀ ମୋର ଭାରି ପିଲା ରଙ୍କୁଣୀ । ଛୋଟ ପିଲା ଦେଖିଲେ, ତାଙ୍କ ସାଙ୍ଗେ ଖେଳୁ ଖେଳୁ କଥା ହେଉ ହେଉ ଖାଇବା ପିଇବା କଥା ବି ଭୁଲିଯାଏ । ତୁମେ ଆଉ ତା ମନ ରଖିବାକୁ, ଗାନ୍ଧାରୀ ପରି ଶହେ ପୁଅର ଜନନୀ କରିଦେବନି !" ସତରେ ବି ପିୟୁଷ ଦେଖିଛି ଯଦି ପାଖ ପଡ଼ିଶା ଘର ପିଲାଟିଏ ଘରକୁ ଆସିଲା ତନୁଜା ତାକୁ ଖୁଆଇ ପିଆଇ ଗପ କହି ଏମିତି ମଜ୍ଜିଯାଏ ଯେ ପିୟୁଷର ଅଫିସ ଯିବା ସମୟକୁ ମଧ୍ୟ ପାଶୋରି ଯାଏ ।

ପ୍ରଥମେ ପ୍ରଥମେ ସମସ୍ତେ ଭାବୁଥିଲେ, "ହଁ, ବାହାଘର ପରେ ପରେ ପିଲାକରି ଆଜିକାଲି କିଏ ଜଞ୍ଜାଳରେ ପଶିବାକୁ ଚାହୁଁଛି ? ପ୍ରଥମ ଦୁଇବର୍ଷ ଜୀବନକୁ ଉପଭୋଗ କରନ୍ତୁ ଦୁହେଁ । ଟିକେ ଡେରିରେ ପିଲା ହେଲେ ଚଳିବ ।" ବୋଉ ତ ପିଲାଟିଏ ପାଇଁ କହି କହି ରହିଲା । କଣପାଇଁ ପିଲା ହେଉନି, ସେଥିପାଇଁ ଉପଯୁକ୍ତ ଉପଚାର କର, ହେଲେ ନା ତନୁଜା ନିଜର ପିଲାଟିଏ କଥା ଶୁଣିଲେ ଚୁପ୍ ହୋଇଯାଏ । ଆଉ ସବୁବେଳେ ଗପୁଥିବା ଝିଅମାନେ ହଠାତ୍ ଚୁପ ହୋଇଗଲେ କିଛି ବିସ୍ଫୋରଣ ହେବ ଏ ଭୟରେ ପିୟୁଷ କିଛି କହେନି । ବନ୍ଧୁବାନ୍ଧବ, ପାଖ ପଡ଼ୋଶୀ, ଏପରିକି ଅଫିସର ବନ୍ଧୁମାନେ ନାନା ଟିପ୍ପଣୀ ଦିଅନ୍ତି, ହେଲେ ତନୁଜାର ବ୍ୟବହାର କୌଣସି ପରିବର୍ତ୍ତନ ଦେଖିପାରେନି ପିୟୁଷ । କଣ ପାଇଁ ତେବେ ତନୁଜା ଏ କଥାକୁ ଟାଳିଦିଏ ? ସବୁ ନାରୀ ଚାହାନ୍ତି ନିଜର ପିଲାଟିଏ ହେଉ, ଯାହା ତା ନାରୀ ଜୀବନକୁ ସମ୍ପୂର୍ଣ୍ଣ କରେ । କିନ୍ତୁ ତନୁଜାପରି ପିଲାରଙ୍କୁଣୀ ନାରୀଟିଏ... ।

ଆଜି ଅଫିସରେ, କାଲି ସାହି ପଡ଼ିଶା ତ ପରଦିନ ଗାଁରେ ବୋଉ ପାଖରୁ ଏମିତି ଅବାଞ୍ଛିତ କଥା ଶୁଣିବାକୁ ବାଧ୍ୟ ହେଉଛି । ତଥାପି କଣ ପାଇଁ ସେ ପଚାରିପାରେନି, ତନୁଜାକୁ ଯେ, "ଆମର ପିଲାଟିଏ ହେଲେ କଣ ଖରାପ ହୁଅନ୍ତା ?"

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବୋଧହୁଏ ତନୁଜାର ପିଲାଳିଆମୀ, ତାର ଚପଳତା, ତାର ଦୁଷ୍ଟାମୀ ତାକୁ ପିଲା ଅଭାବର କଷ୍ଟ ଦିଏନି । ହେଲେ ପାଖଲୋକ, ନିଜଲୋକ ମାନେ ହିଁ ତାକୁ ଚେତେଇ ଦିଅନ୍ତି ସେ ଅଭାବ ବିଷୟରେ । ସେ କିନ୍ତୁ ସାହାସ କରି ପଚାରି ପାରେନି ତନୁଜାକୁ, ଇଚ୍ଛାକୁ ତାର ଦମନ କରେ, ପିଲାଟିଏ ପାଇଁ ।

ବେଳେ ବେଳେ ତାର ଭୀଷଣ ରାଗହୁଏ ତନୁଜା ଉପରେ, ଯଦି ନିଜର ପିଲାଟିଏ ପାଇବାପାଇଁ ଇଚ୍ଛୁକ ନୁହେଁ, ତେବେ ଅନ୍ୟ ପିଲାଙ୍କ ପାଇଁ ଏତେ ମୋହ କାହିଁକି ? ପାଖ ପଡ଼ୋଶୀ ଦାସ ବାବୁଙ୍କ ଝିଅ 'ବବଲି' । ତାଙ୍କ ସ୍ତ୍ରୀ ଚାକିରୀଆ । ତାଙ୍କ ବୋଉ ବବଲିର ଦିନସାର ଦାୟିତ୍ୱ ନିଅନ୍ତି ହେଲେ ବବଲି ପ୍ରାୟ ସବୁବେଳେ ତନୁଜା ପାଖରେ ରହିବାକୁ ଭଲପାଏ । ତାକୁ ଗାଧୋଇ ନେବା, ଖୋଇଦେବା, ଶୁଆଇଦେବା ସବୁକାମ କଲାବେଳେ ଟିକେ ବି ବିରକ୍ତ ହୁଏନି ତନୁଜା । ଏମିତିକି ନିଜ ଖାଇବା ବି ସେ ଭୁଲିଯାଏ । ଏବେ କିନ୍ତୁ ଦାସବାବୁଙ୍କ ସ୍ତ୍ରୀ କଡ଼ା କଟକଣା ରଖିଛନ୍ତି । ବବଲି ଆଉ ତାଙ୍କ ଘରକୁ ଆସୁନି । ଦାସବାବୁଙ୍କ ସ୍ତ୍ରୀ ଅପେକ୍ଷା ତନୁଜା ପାଖରେ ସେ ରହିବାକୁ ବେଶୀ ଭଲପାଏ, ଏମିତିକି ରାତିରେ ବି ନିଜ ଘରକୁ ଯିବାକୁ ସେ ନାରାଜ । ଛୋଟ ପିଲା, ଯେଉଁଠି ସ୍ନେହ ପାଇଲେ ସେଠି ଲତାପରି ଲାଗି ରହିଲା । ମାତ୍ର ଦାସବାବୁଙ୍କ ସ୍ତ୍ରୀ ତାର ଓଲଟା ଅର୍ଥ ବାହାର କଲେ । କହିଲେ, "ତନୁଜା ପିଲା ଡାହାଣୀ, ଗୁଣୀ କରି ତାଙ୍କ ପିଲାଟିକୁ ରଖି ଦେଲାଣି ।" ପାଠଶାଠ ପଢ଼ି ମଧ୍ୟ ଲୋକମାନେ ଯଦି ଏମିତି ବୁଝିଲେ ତେବେ କିଏ ବା ଆଉ କଣ କରିବ ? ଏସବୁ ପରେ ବି ତନୁଜା ସୁଧୁରିଲାନି ।

ଆଜି ନିଶ୍ଚେ ପଚାରିବ ତନୁଜାକୁ ଏହାର କାରଣ, ଯେତେ ଯାଆ ଘଟିଗଲେ ପଛେ । କଲିଂ ବେଲ୍ ଚିପୁ ଚିପୁ ଭାବୁଥିଲା ପିୟୁଷ ।

"ଆରେ ତମେ ଏତେ ଡେରି କଲ ଯେ ? କଣ ହୋଇଛି ତୁମର ? ଏତେ ଗମ୍ଭୀର

 Magazine Downloaded from www.aahwaan.com

ଲାଗୁଛ ? ଦେହ ଭଲ ଲାଗୁଛି ତ ? ଜାଣିଛ, ରବି ଆସିଥିଲେ । ତାଙ୍କ ପୁଅର ଏକୋଇଶିଆକୁ ନିମନ୍ତ୍ରଣ କରିବାକୁ । ବହୁତ ବାଧ୍ୟ କରିଛନ୍ତି ଯିବାକୁ, ମୁଁ ତ ଯିବିନି ତମେ କିନ୍ତୁ ନିଶ୍ଚେ ଯିବ । ନହେଲେ ସେ ମନ ଦୁଃଖ କରିବେ ।" ପିୟୁଷଙ୍କୁ କିଛି କହିବାକୁ ନ ଦେଇ ଅନର୍ଗଳ କହି ଯାଉଥିଲା ତନୁଜା । ଏଇଥିପାଇଁ ପିୟୁଷ କିଛି କହି ପାରେନି । ତା ଉପରେ ଯେତେ ରାଗଥିଲେ ବି ତା କଥା ଶୁଣିଲେ ରାଗ ଉଭେଇ ଯାଏ ।

"କାହିଁକି ଯିବନି, ତନୁ ?" ହଠାତ୍ କେଜାଣି କେମିତି ପଚାରିଦେଲା ପିୟୁଷ । "କିଏ ସେଠି ପଚାରିଦେବ ଆମ ପିଲାକଥା ! ସେଠିକୁ ଆସିଥିବା ମାମାନେ ତାଙ୍କ ପିଲାଙ୍କୁ ତୁମଠାରୁ ଛଡ଼େଇନେଇ ନିଜ କାନିରେ ଢାଙ୍କିଦେବେ ସେଥିପାଇଁ ? କେତେଦିନ ଏମିତି ଚାଲିବ ତନୁ ? ଏଥିପାଇଁ ତୁମେ ଗାଁକୁ ଯାଉନ । ପାଖ ପଡ଼ିଶା ଘରକୁ ବସାଉଠା ପାଇଁ ଯାଉନ । ଏମିତିକି ନିଜ ବାପଘରକୁ ବି ଯାଉନ । ଘରକୁ ଆମର କିଏ କେତେବେଳେ ଆସିଲେ ତୁମେ ଏଇ କଥାପାଇଁ ତାଠାରୁ ଯଥାସମ୍ଭବ ଦୂରତା ରଖୁଛ । କୌଣସି ଉତ୍ସବ, ପର୍ବପର୍ବାଣୀ, ବ୍ରତ, ଜନ୍ମଦିନ ଉତ୍ସବକୁ ମଧ୍ୟ ଏଇ ଡରରେ ଯାଉନ । ହେଲେ କଣପାଇଁ ତମେ ତୁମର ପିଲାଟିଏ ଜନ୍ମଦେବାକୁ ରାଜିନୁହଁ ? ପତିପତ୍ନୀଙ୍କ ପ୍ରେମକୁ ସନ୍ତାନମାନେ ଦ୍ୱିଗୁଣିତ କରନ୍ତି । ଆମ ଦୁହିଁଙ୍କ ଭିତରୁ କାହାର ଅତି ସାମାନ୍ୟ ଅସୁବିଧା ଥିବ, ଡାକ୍ତରଙ୍କ ପାଖକୁ ଗଲେ ତ ଜାଣିବା ?" ଏତେ ସବୁ କଥା ଏକାବେଳେ କହିଦେଇ ପିୟୁଷ ତନୁଜା ମୁହଁକୁ ନିରୀକ୍ଷଣ କଲା ।

ଯେମିତି ବହୁଥିବା ପବନ ଅଟକିଗଲା । କଳ କଳ ହୋଇ ଝରିଯାଉଥିବା ଝରଣା ବନ୍ଦ ହୋଇଗଲା । ତନୁଜା ଗମ୍ଭୀର ହୋଇ କହିଲା, "ତେବେ ତୁମେ ଆମ ଦୁଇଜଣଙ୍କ ପ୍ରେମ ଭାଗ କରିବାକୁ ଚାହୁଁଛ ?"

"ଓଃ ! ଏ କି ପ୍ରକାର ଉତ୍ତର ମୁଁ ବୁଝିପାରେନି । ଆରେ ବୋକି ! ଏଥିରେ ପ୍ରେମ ଭାଗ

 Magazine Downloaded from www.aahwaan.com

ହୁଏନି ବହୁତ ବଢ଼ିଥାଏ ।" କିନ୍ତୁ ନା ତନୁଜା ବୁଝିଲାନି । ମୁହଁ ମାଡ଼ି ରହିଲା । ରାତି ସାରା ନା ଖାଇଲା ନା କଥାବାର୍ତ୍ତା କଲା । ରାତିରେ ପିୟୁଷ ବି ବଢ଼ାଖାଦ୍ୟ ଖାଇ ପାରିଲାନି । ମନେ ମନେ ଆଘାତ ପାଇଲା । କଣ ପାଇଁ ସେ ତନୁଜାକୁ ଏତେ କଥା କହିଲା ? କାହିଁକି କେଜାଣି ତନୁଜା ଗମ୍ଭୀର ହୋଇଗଲେ, ତା ମୁହଁରୁ ହସ ଲିଭିଗଲେ ପିୟୁଷ ସହି ପାରେନି । ସାରାରାତି ଅସ୍ଥିରତାରେ ସେ ଶୋଇପାରିଲା ନାହିଁ । ଭାବିଲା, "ଯଦି ସକାଳୁ ତନୁଜା ନ ବଦଳେ, ଏମିତି ଗୁମସୁମ୍ ରହେ, ତେବେ ସେ ସହି ପାରିବ ତ ?" ସମସ୍ତଙ୍କ ନିନ୍ଦା, ଅପବାଦ, ଲାଞ୍ଛନା ସହଜରେ ସହିପାରେ ହେଲେ ତନୁଜାର ଚୁପ ରହିବା ସେ ସହିପାରେନା ।

"ଆରେ ଉଠ, ସକାଳ ସାଢ଼େ ଆଠଟା ବାଜିଲାଣି । ଅଫିସ ଯିବନି କି ?" ରାତିସାରା ଚିନ୍ତା, ଉଦ୍‌ବେଗରେ ରହି ପାହାନ୍ତା ପହର ବେଳକୁ ଟିକେ ଶୋଇପଡ଼ିଥିଲା ପିୟୁଷ ।

ସକାଳୁ ସକାଳୁ ତନୁଜାର କଳ କଳ ଛଳ ଛଳ ମୁହଁ ଦେଖି ଖୁସିରେ ଆଶ୍ୱସ୍ତ ହେଲା ପିୟୁଷ । କିଛି କହିବି କହିବି ହୋଇ ଦୋଷୀପରି ମୁହଁ ତଳକୁ ଲଟକାଇ ପିୟୁଷ ପାଖରେ ଖଟ ଉପରେ ବସିପଡ଼ିଲା ତନୁଜା । ପିୟୁଷ ଭାବୁଥିଲା ତନୁଜା ବୋଧହୁଏ ନିଜ ଭୁଲ ବୁଝିପାରିଛି । ନିଜ ଆଡୁ ନିଜେ କହିବାକୁ ସଙ୍କୋଚ କରୁଛି ଯେ ସେ ମା' ହେବାକୁ ପ୍ରସ୍ତୁତ । ଏଇନେ ସେ କହିବ, "ହେ ଚାଲ, କେଉଁ ଡାକ୍ତର ପାଖକୁ ଯିବା, ବିଚାର ବିମର୍ଷ କରିବା । ମୋର ପିଲାଟିଏ ଦରକାର ।" ସାହାସ ଦେବାକୁ ତା ହାତ ଉପରେ ହାତ ରଖି ପିୟୁଷ ପଚାରିଲା, "କଣ ହେଲା ତନୁ ?"

ଯେମିତି ଅଶ୍ରୁର ବନ୍ୟା ହୋଇଗଲା ତନୁଜାର ଆଖିରେ । ପିୟୁଷ କାନ୍ଧରେ ଲୋଟିପଡ଼ି କହିଲା, "ମୁଁ ତମକୁ ବହୁତ କଷ୍ଟ ଦେଉଛି ନା ? ହେଲେ ଜାଣ ଯେତେବେଳେ ଶବ୍ଦମାନଙ୍କୁ ନିଜ ଭିତରେ ସାଉଁଟି ସାଉଁଟି ଭାବକୁ ଠିକରେ ଉପସ୍ଥାପନ କରିବାର ଯନ୍ତ୍ରଣା ସହି ଗୋଟିଏ ଗପ ବା କବିତା ଲେଖିଦିଏ ସେତେବେଳେ ମୁଁ ଭାବେ ମୁଁ ଗୋଟିଏ ସନ୍ତାନର ଜନନୀ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ହୋଇଗଲି । ଆଉ ଏଇ ଗପ ବା କବିତା ପାଇଁ ଯେତେବେଳେ ମୁଁ ପ୍ରଶଂସାର ପାତ୍ରୀ ହୁଏ ସେତେବେଳେ ମୋତେ ଲାଗେ ମୋ ସନ୍ତାନ ସତେ କେତେ ଯୋଗ୍ୟ । ମୋ ନାଁକୁ କେତେ ଉଚ୍ଚ କରିଦେଲା । ମୋର ମାନସ ସନ୍ତାନ କଣ ତୁମର ସନ୍ତାନ ନୁହେଁ ପିୟୁଷ ?" ତନୁଜା ଭାବବିହ୍ୱଳ ହୋଇ କହୁଥିଲା, "ମୁଁ ଜାଣେନି, ଯଦି ରକ୍ତମାଂସର ସନ୍ତାନଟିଏ ଥାଆନ୍ତା, ତାକୁ ମୁଁ ଏତେ ଯୋଗ୍ୟ କରିପାରିବି କି ନାହିଁ ।"

ଯେତିକି ଆଶ୍ଚର୍ଯ୍ୟ ହେଲା ସେତିକି ସହ ବି ଲାଗିଲା ପିୟୁଷକୁ ତନୁଜା କଥାରେ । ହେଲେ ପ୍ରତିକ୍ରିୟା ପ୍ରକାଶ କରିବାକୁ ଡର ଲାଗିଲା ତାକୁ । କାଳେ ପୁଣି ତନୁଜା ଚୁପ ହୋଇଯିବ । ଯାହା ହେଉପଛେ ଏମିତି ସବୁବେଳେ ହସୁଥାଉ । ଯେଉଁଦିନ ପର୍ଯ୍ୟନ୍ତ ନିଜ ମାନସ ସନ୍ତାନ ଓ ରକ୍ତମାଂସର ସନ୍ତାନ ଏକାଠି ଲାଳନପାଳନ କରିବାର ବିଶ୍ୱାସ ତନୁଜା ଭିତରେ ଆସିନି ସେ ସମୟ ପର୍ଯ୍ୟନ୍ତ ଅପେକ୍ଷା କରାଯାଉ । ଏ ଭାବପ୍ରବଣତା ଯେ ଆଉ ଅଧିକ ଦିନର ନୁହେଁ ଏ କଥା ଠିକ୍ ଉପଲବ୍ଧି କରିଥିଲା ପିୟୁଷ ।

ଅପଲକ ନୟନରେ ଚାହିଁ ରହିଥିଲା ପିୟୁଷ, ତନୁଜା ମୁହଁକୁ । ସତରେ କେତେ ସରଳ, କେତେ ଅବୁଝା ଏ ତନୁ । ସ୍ନେହକୁ କୋଳକୁ ଆଉଜେଇ ଆଣିଲା ତାକୁ ପିୟୁଷ । ବାସ୍ ଏବେ ସେ ଦୁନିଆର ସବୁ ପ୍ରଶ୍ନକୁ ଖୋଲା ମନରେ ସାମନା କରିପାରିବ । ଆଶ୍ୱସ୍ତିର ହସ ମୁହଁରେ ନେଇ ପିୟୁଷ ଉଠିଗଲା ଗାଧୁଆ ଘର ଆଡ଼କୁ । ଅଫିସ ସମୟ ହୋଇଗଲାଣି ଯେ, ତାକୁ ଶୀଘ୍ର ଅଫିସ ପହଞ୍ଚିବାକୁ ପଡ଼ିବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୋଟ୍ ବିକିବି ନାହିଁ



ଅଙ୍କିତା ପାତ୍ରୀ

ଗଲା ନିର୍ବାଚନ ଥିଲା ପଞ୍ଚାୟତ ନିର୍ବାଚନ । ସବୁ ଦଳର ପ୍ରାର୍ଥି ମାନେ ଆସି ଟଣା ଓଟରା କରିଥିଲେ ନିଜ ନିଜ ଦଳ ପାଇ । ସତ କହିବାକୁ ଗଲେ ଦଳୀୟ ଲୋକମାନେ ଜିତିବାର ଆଗ୍ରହ ରଖି ବହୁତରୁ ବହୁତ ତଳକୁ ଖସି ଯାଇଥାନ୍ତି । ନିଜକୁ ବିଜୟର ଆଶ୍ୱାସନା ରଖି ବାଣ୍ଟି ଚାଲିଥାନ୍ତି ପୁଳା ପୁଳା ଟଙ୍କା । ସେମାନଙ୍କର ଟଙ୍କା ବାଣ୍ଟିବାର ନୀତିଟା ନିହାତି ଜରୁରୀ ହୋଇ ପଡିଛି ଯେପରି । ଠିକ ନିର୍ବାଚନ ଦୁଇ ଦିନ ଥିବ, ରାତି ଅଧାରୁ ଛକା ପଞ୍ଝା ଚାଲିଥାଏ ବିଡା ବିଡା ଟଙ୍କା ଧରି ।

ରାଜୀବ ବାବୁ ଜଣେ ଶିକ୍ଷିତ ବେପାରୀ ଲୋକ । ସେମାନଙ୍କର ଯୌଥ ପରିବାର । ନଗରିକତ୍ୱ ପାଇଥିବା ଲୋକ ସଂଖ୍ୟା ପ୍ରାୟ କୋଡିଏ ହେବ । ରାଜୀବ ବାବୁ କୁଆଡେ ଗଲା ପଞ୍ଚାୟତି ନିର୍ବାଚନରେ ଦଳର ନେତା ମାନଙ୍କ ଠାରୁ ହଜାର ହଜାର ଟଙ୍କା ଲାଞ୍ଚ ନେଇଥିଲେ ନିର୍ବାଚନ ସମୟରେ । ନେବେ ନାହିଁ କାହିଁକି ଯେ ! କୋଡିଏ ଜଣ ଭୋଟର ତାଙ୍କର । ଏଥର ଲୋକସଭା ନିର୍ବାଚନ ଆସିଯାଇଛି । ସମସ୍ତ ଦଳର ନେତା ଆଉ କୁଜି ନେତା ବେଶ ଆଡ୍ଡା ଜମେଇଲେଣି ରାଜୀବ ବାବୁଙ୍କ ଘରେ । ରାଜୀବ ବାବୁ ଆଗରୁ ସମସ୍ତଙ୍କଠାରୁ ପଇସା ଖାଆନ୍ତି ଭୋଟ ଦେବା ପାଇଁ । କିନ୍ତୁ ରାଜୀବ ବାବୁ କୁହନ୍ତି, "ନେତାମାନେ କେବଳ ନିର୍ବାଚନ ସମୟରେ ଦେଖାଯାଆନ୍ତି ଆଉ ଜିତିଗଲା ପରେ କିଏ କୁଆଡେ ଯାଏ ଦର୍ଶନ ମିଳେନା ।"

ଥରେ ରାଜୀବ ବାବୁ କୌଣସି ଏକ କାମରେ ସରପଞ୍ଚବାବୁଙ୍କ ପାଖକୁ ଯାଇଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରପଞ୍ଚ ବାବୁ କହିଲେ ହାଇହୋ ରାଜୀବ ବାବୁ କେଉଁ କାମରେ ଆସିଛ ? ଆପଣ ନେଇଥିବା ନର୍ବାଚନୀ ଟଙ୍କା ପରା ଏପର୍ଯ୍ୟନ୍ତ ପରିଶୋଧ ହେଇନି । ପୁଣି ଏବେ କଉକାମ ବାକି ରହିଲା । ରାଜୀବ ବାବୁ ଟିକେ ଶର୍ମିନ୍ଦା ହେଇ କହିଲେ ସରପଞ୍ଚ ବାବୁ ! ଆପଣ ଆମ ରାସ୍ତା କାମ କଥା ଗୁରୁତ୍ୱ ଦେଉ ନାଁହାନ୍ତି । କଣ ହେଇଛି ?

ସରପଞ୍ଚ ବାବୁ କହିଲେ, "ଦେଖ ମୁଁ ଜିତି କରି ଦୁଇବର୍ଷ ପୁରି ତିନିବର୍ଷ ଚାଲିଛି । ଆଉ ତିନି ବର୍ଷରେ ଆପଣମାନଙ୍କୁ ଦିଆଯାଇଥିବା ପଇସା ସୁଜି ନାହିଁ । ପୁଣି ଲୋକସଭା ନିର୍ବାଚନ ଆସିଗଲା । ଆପଣ ଜାଣନ୍ତି ରାଜୀବ ବାବୁ ମୋର ଜମି ଜୁମା ସହିତ ଗହଣା ଗାଁଠି ସବୁ ବନ୍ଧା ପଡିଥିଲା । ଏବେ ଗୋଟେ ଗୋଟେ ସୁଝିଚାଲିଛି । ଏବେ ରାସ୍ତା କାମ ଆସିଛି କିନ୍ତୁ ଯେଉଁ ଅଞ୍ଚଳରେ ଆମର ବିନା ଖର୍ଚରେ ୱାର୍ଡ ମେମ୍ବର ମାନେ ଜିତିଛନ୍ତି, ସେଇ ୱାର୍ଡର କାମ ହେଉଛି । ଅପେକ୍ଷା କର; ଲୋକସଭା ନର୍ବାଚନରେ ଟିକେ ସାହାଯ୍ୟ କର, ନିଶ୍ଚୟ ଆପଣଙ୍କ ଗାଁକୁ କାମ ନିଶ୍ଚୟ ହେଇଯିବ ।

ସରପଞ୍ଚ ନିଜର ଖାତିର ଦେଖେଇବାକୁ ଯାଇ କହିଲେ, ହାଇହୋ ରାଜୀବ ବାବୁ ! ଆମେ ଗୋଟେ ଇନ୍ଦିରା ଆବାସ ଘର ପାଇଁ ଲୋକଙ୍କ ଠାରୁ କୋଡିଏ ହଜାର ନେଉଛୁ, ଯାହାର ବାର୍ଦ୍ଧକ୍ୟ ଭତ୍ତା ଦରକାର ସେ ଆମକୁ ପାଞ୍ଚ ହଜାର ଦେବ ତା ସହିତ ପାଇଖାନା ପାଇଁ ତିନି ହଜାର ଆମର । ତେଣୁ ଆପଣ ଜାଣନ୍ତି କି ଯେତେ ପଇସା ଭୋଟର ନିଅନ୍ତି, ସେ ପଇସା ତ ଆମକୁ ଉଠେଇବାକୁ ପଡିବ !

ହଁ ଉଠାଅ ଉଠାଅ ହେଲେ ପୁଣିଥରେ ମୁଁ ଏମିତି ଭୁଲ କରିବିନି ଯେ କି..... ତୁମ ନିର୍ବାଚନୀ ଖର୍ଚ୍ଚ ପାଇଁ ମୋତେ ହିସାବ ନେବୁକୁ ପଡୁଥିବ !

ଦେଖନ୍ତୁ ସରପଞ୍ଚ ବାବୁ ତମେ ଯେବେ ମୋ ପାଖକୁ ଆସିଥିଲ ଭୋଟ ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେବେଳେ ଆପଣ ଯାହା କହିଲେ ମୁଁ ରାଜି ହୋଇଥିଲି ।

ସରପଞ୍ଚ ବାବୁ କହିଲେ ହଁ ଯେ; ହେଲେ ମୁଁ ଦେଇଥିବା ପଇସା ନେବାକୁ ରାଜି ହୋଇ ନ ଥିଲ କି ? ସେଇଟା ହେଲା ଆପଣଙ୍କର ଦୁର୍ବଳତା.... ହା ହା...

ରାଜୀବ ବାବୁ ଚୁପ ହୋଇ କିଛି ନ କହି ସିଧା ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ମୋ ମତରେ ଦୃଷ୍ଟାନ୍ତ....

ନିର୍ବାଚନ ସମୟରେ^^^

ନେତା: ମହାଶୟ ନମସ୍କାର  ।

ଭୋଟର: ନମସ୍କାର ଆଜ୍ଞା  ।

ନେତା: ଆମ ଦଳକୁ ଭୋଟ ଦିଅନ୍ତୁ ମୁଁ ଆପଣଙ୍କର ରାସ୍ତା, ଘର, ପାଇଖାନା ଜିତିବା ଦୁଇ ମାସ ଭିତରର କରିଦେବି  ।

ଭୋଟର: ହଁ ଆଜ୍ଞା ଆପଣଙ୍କ ଭଳି ଲୋକ ଶହେରେ ଏକ  ।

ନେତା: ମୋ ଚିହ୍ନକୁ ନିଶ୍ଚିତ ଧ୍ୟାନ ଦେବେ ଓ ଜୟଯୁକ୍ତ କରାଇବେ  ।

ଭୋଟର: ହଁ ଆଜ୍ଞା  ।

ନେତା: (ପାଞ୍ଚ ଶହ ଟଙ୍କିଆ ନୋଟ କାଢ଼ି ) ଏଇ ରଖନ୍ତୁ ଆଜ୍ଞା ଆପଣଙ୍କର ଖର୍ଚ୍ଚ  ।

ଭୋଟର : ଧନ୍ୟବାଦ ଆଜ୍ଞା  ।

ନିର୍ବାଚନ ପରେ^^^

ଭୋଟର: ଆଜ୍ଞା ନମସ୍କାର  ।

ନେତା: ନମସ୍କାର  ! ଆପଣ କିଏ ଆଉ କଉ ଗାଁରୁ ଆସିଛନ୍ତି  ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୋଟର: ଆଜ୍ଞା ମୋ ଗାଁର ନାମ****

ନେତା: କୁହନ୍ତୁ ମୋର ସମୟ ଅଭାବ । ଯାହା କହିବା କଥା ଜଲ୍‌ଦି କୁହନ୍ତୁ ।

ଭୋଟର: ଆଜ୍ଞା ଆପଣ ଦୁଇ ମାସ ଭିତରେ କରିବା କାମ ଦୁଇ ବର୍ଷ ହୋଇଗଲା ।

ନେତା: ହଁ କୁହନ୍ତୁ ।

ଭୋଟର: ମୋ ରାସ୍ତାରେ ମୁଠାଏ ମାଟି ପଡ଼ିଲା ନାହିଁ ।

ନେତା: ହଁ କୁହନ୍ତୁ କରିଦେବା ।

ଭୋଟର: ଆମେ ଚାଲିବାକୁ ବହୁତ କଷ୍ଟ ପାଉଛୁ ।

ନେତା : ହଁ କୁହନ୍ତୁ ।

ଭୋଟର: କାମ କେବେ ହେବ ।

ନେତା: ହେବ ହେବ ହଁ ଆଜ୍ଞା ଆସନ୍ତୁ ମୁଁ ଜଲ୍‌ଦିରେ ଅଛି । (କହିଲେ ଆଉ ଉଠିଲେ ଓ ଚାଲିଲେ)

ଏମିତି ନେତା ଓ ଶାସନ ଆମ ଭାରତରେ...

ବାପା: ରଞ୍ଜନ ପାଢ଼ୀ

ଶ୍ରେଣୀ ସପ୍ତମ

ଜେନିଥ ଇଂରାଜି ମାଧ୍ୟମିକ ବିଦ୍ୟାଳୟ,

ଗଗନ ବାବୁ ଛକ, ଏଡ଼ତାଳ ,ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୋକଙ୍କ ହାତରେ ଭୋଟ୍



ତପନକୁମାର ସ୍ୱାଇଁ

ବୋଉଲୋ !
ଭୋଅଟ ପାଇଁକି ଏତେ ଗଣ୍ଡଗୋଳ
ହେଉଛି କାହିଁକି କହଲୋ । ୧
ଆଜି ଇସ୍କୁଲରୁ ଫେରିବା ବାଟରେ
ଅଧ ବାଟରେ ମୁଁ ରହିଲି,
ରାସ୍ତା ସାରା ଭିଡ଼ ଦଳ ଦଳ ଲୋକ
ବାଟ ଛାଡ଼ ବୋଲି କହିଲି । ୨
କିଏ ବାନ୍ଧିଥିଲା ମଥାରେ କପଡ଼ା
କିଏ ଧରିଥିଲା ପତାକା,
କିଏ କହୁଥିଲା ଧରଧର ତାକୁ
ଚାଲିଗଲା ତାକୁ ଅଟକା । ୩
ଭୁଉଁ ଭୁଉଁ ଖାଲି ଗାଡି ଗରଜନେ
ଧୂଆଁ ଛୁଟୁ ଥିଲା ଏମିତି,
ସତେକି ଦେଖିବ କଳା ହାଣ୍ଡି ମେଘ
ଘୋଟି ଆସି ଥିଲା ଯେମିତି । ୪

ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ
ଏତେ ହେଉଥିଲା ସେଠାରେ,
ଭିଡ଼ ଯୋଗୁଁ ମୋର ଠିଆ ହୋଇ ହୋଇ
ତଣ୍ଟି ଶୁଖିଗଲା ଅଠାରେ । ୫
ଟାଇଁ ଟାଇଁ ଖରା ଝାଇଁ ମାରୁଥିଲା
ଖାତିର ନଥିଲା କାହାର,
ଭୋଅଟ ପାଇଁକି ଏମିତି ପ୍ରଚାର
ନିହାତି କହିଲୁ ଏହାର । ୬
ଗଣତନ୍ତ୍ର ପରା ଆମ ସମ୍ବିଧାନ
ଲୋକଙ୍କ ହାତରେ ଭୋଅଟ,
କାହିଁକି ହେଉଛି ଅଯଥା ଖରଚ
କହିଲୁ ଏତେତୁ ନୋଅଟ । ୭

ଅଇବିଲି,ମଣିଜଙ୍ଗା, ଜଗତସିଂହପୁର
ମୋ-୯୦୪୦୦୩୩୩୯୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉଦିତ ସୂର୍ଯ୍ୟ



ପ୍ରଦ୍ୟୁତ କୁମାର ମହାଖୁଡ଼

ଅଢେଇ ଦିନର ଜୀବନ ଆମର
ରଖିବାନି ରାଗ ରୋଷ
ନାଚିକୁଦି ଖେଳି ଦେବାରେ ବିତାଇ
ମୁଖେ ଥାଉ ଟିକେ ହସ ।।
ଭଲ ପାଠ ପଢି ଚାଟ ବୋଲାଇବା
ଅଳସ ବିଳାସ ତେଜି
ନୂତନ ଆଲୋକେ ହସାଇବା ଧରା
ଆଲୋକ ବର୍ତ୍ତିକା ସାଜି ।।
କୃଷକ ସାଜିଣ ମାଟି ମା ଠାରୁ
ଅମଳ କରିବା ସୁନା
ବ୍ୟବସାୟୀ ହୋଇ ଧନ ଅରଜିବା
ବିଶ୍ୱେ ଉଡ଼ାଇବା ବାନା ।।
ଦେଶ ସୁରକ୍ଷାରେ ବଳିଦାନ ଦେବା
ଜୀବନ କୁ ଦେଇ ବାଜି

ବୈଷୟିକ ଜ୍ଞାନେ ଉନ୍ନତି ଆଣିବା
ଯନ୍ତ୍ରୀ ବୈଜ୍ଞାନିକ ସାଜି ।।
କ୍ରୀଡା ଜଗତରେ ବିଜୟୀ ହୋଇବା
ଉଡ଼ାଇ ବିଜୟ ଧ୍ୱଜା
ମାତୃଭାଷା ପ୍ରୀତି ଉଜ୍ଜୀବିତ ରଖି
ଯତ୍ନ ନେବା ପୂଜ୍ୟ ପୂଜା ।।
ନବ ଚେତନା ରେ ଉଦ୍ ବୁଦ୍ଧ ହୋଇ
ସିଂହ ସମ ଛାଡି ରଡ଼ି
ଆମେ ଆଗାମୀ ର ଉଦିତ ସୂର୍ଯ୍ୟ
ଆଗକୁ ଚାଲିବା ମାଡ଼ି ।।

ବିଜ୍ଞାନ ଶିକ୍ଷକ, ପଞ୍ଚାୟତ ଉଚ୍ଚବିଦ୍ୟାଳୟ,
ଇଚ୍ଛାବତିପୁର, ଢେଙ୍କାନାଳ
ମୋ ୯୮୬୧୬୮୫୫୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତିତିଲିର ତାଣ୍ଡବ



ମୋହନଚନ୍ଦ୍ର
ବିଷୋୟୀ

ସହଶା ପ୍ରକୃତ୍ତି ମୂଖରେ କିଏସେ ବୋଳିଦେଲା ଚୂନକାଳୀ,
ସୌନ୍ଦର୍ଯ୍ୟ ଦେଖି ସତେଅବା ଇର୍ଶାରେ ଗଲା ସେ ଜଳି ।
ସରୋବରେ କୋମଳ ସଂଗଂତେ ହଂସେ କରୁଥିଲେ କେଳୀ,
ଖେତେ ଧାନକେଣ୍ଡା ଜାଣ ମଳୟେ ଖେଳୁଥିଲେ ଦୋଳୀ ।
ଚାଷି ଭୂଇଁକୁ ସଶ୍ୟେ କଲା ଶ୍ୟାମଳା ଝାଳକୁ ବିଲରେ ଢାଳୀ,
ଢାଳୀବାକୁ ଆଉ ବାକି ନାହିଁ ଲୁହ କରୁଣ କଥାକୁ ଭାଳୀ ।
ସବୁ ଆଶାରେ ପାଣିଢାଳି ଦେଲା ସ୍ୱପ୍ନକୁ ଦେଲା ସେ ଜାଳୀ,
ସତେଅବା କିଏ ରାତୀକ ମଧ୍ୟରେ ଖେଳିଦେଇଗଲା ହୋଲୀ ।
ବର୍ଷ ବର୍ଷ ଠିଆ ହୋଇଥିବା ବୃଖ୍ୟ ଖ୍ୟଣକେ ଗଲେଣି ଟଳୀ,
ଦଶା ଯେଶନେ ନବୀନ ତୃଣକୁ ପାଦରେ ଦେଲାକେ ଦଳୀ ।
ବୁଡିଗଲେ ଜଳେ ମରିଲେ ବିକଳେ ଦାନା ବିହୁନେ ଦି ଓଳୀ,
କେତେ ପ୍ରାଣୀ ଯେ ନାସଗଲେ ତାହା ପାରିବ କିଏସେ କଳି ।
ନା ସେ ମାନବ ନା ସେ ଦାନବ ସବୁ ସୁଖଶିରି ଦେଲା ଗିଳୀ,
ଏହି କରୁଣ ତାଣ୍ଡବ ଭିଆଇଛି ଜିଏ ନା ଟି ତାହାର "ତିତିଲି" ।

ଗ୍ରାମ:ଖରଖରିଆ, ପୋଷ୍ଟ: ବଣଶୋଳା,ଚିକିଟି, ଜିଲ୍ଲା: ଗଞ୍ଜାମ,
ମୋବାଇଲ୍ : ୮୮୯୭୨୧୨୬୦୨ ଇମେଲ୍: mohan.bisoyee@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପତି ବନାମ ପ୍ରିୟ



କୁମାରୀ ମିନତି
ମଞ୍ଜରୀ ମେଣ୍ଡିଲି

ଦୁହେଁ ପୁଣି ଲାଗନ୍ତି ଆପଣା
ଜଣେ ଫୁଲ ଜଣେ ତ ଗହଣା
ପାଏ ଜଣେ ସମାଜ ସ୍ୱୀକୃତି
ଆଉ ଜଣେ ଦୁଃଖରେ ବିକୃତି
ଦୁହେଁ ପୁଣି ଲାଗନ୍ତି ଆପଣା ।୧ ।

ଜଣେ ଖୋଜେ ଦେହର ଭୋକକୁ
ଜଣେ ଖୋଜେ ମିଠା ଅତୀତକୁ
ବୁଝେ, ଶୁଣେ ଜଣଙ୍କ ଯଂତ୍ରଣା
ଦୁହେଁ ପୁଣି ଲାଗନ୍ତି ଆପଣା ।୨ ।

ଜଣେ ମୋର ସବୁ ଲୁଟି ନେଇ
ସମାଜରେ ସାମାଜିକ ହୁଏ,
ଆଉ ଜଣେ ଦୁନିଆଁ ଆଖିରେ
ପର କିନ୍ତୁ ଆପଣାର ଥାଏ.
ଜଣେ ଖୋଜେ ପ୍ରୀତି ଆଶ୍ୱାସନା
ଜଣେ ଖୋଜେ ବିଦଗ୍ଧ କାମନା
ଦୁହେଁ କିନ୍ତୁ ଲାଗନ୍ତି ଆପଣା ।୩ ।

ଜଣେ ଶଖାଏ ଜୀବନ ଓ ବାସ୍ତବତା
ଆଉ ଜଣେ ଅନ୍ତରର ଆତ୍ମିୟତା
ଜଣେ ପାଏ ସଙ୍ଗବାସ ପୂଜା
ଆଉ ଜଣେ ସଂପର୍କର ରାଜା
ଜଣେ ପାଏ ବିରହ ଯାତନା
ଦୁହେଁ ପୁଣି ଲାଗନ୍ତି ଆପଣା ।୪ ।

ରାତି ପାହି ସକାଳ ଆସିଲେ
ଜଣଙ୍କ ପାଇଁ ଧୂପ, ଦୀପ ଜାଳେ
ଜଣଙ୍କୁ ମୁଁ ହୃଦେ କରେ ପୂଜା
ବାସ୍ତବ ଲାଗେ ଅବାସ୍ତବ ଭାବନା
ଦୁହେଁ ପୁଣି ଲାଗନ୍ତି ଆପଣା ।୫ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଣେ ଖୋଜେ ଦେହର ଦହନ
ଜଣେ ଖୋଜେ ସ୍ନେହ ଆଲିଙ୍ଗନ
ଜଣଙ୍କ ପାଇଁ ସିନ୍ଥିରେ ସାଇତେ ସିନ୍ଦୁର
ଆଉ ଜଣଙ୍କୁ ମୁଁ କରେ କେତେ ଯେ ତୁଳନା
ଦୁହେଁ ପୁଣି ଲାଗନ୍ତି ଆପଣା
ଦୁହେଁ ପୁଣି ଲାଗନ୍ତି ଆପଣା ।୬ ॥

ଏମିତି ନିଆଁରୁ ଚିତାଗ୍ନି ଯାଏ
ଯେବେ ବା ଜଳିବି,
ଜଣେ ଥିବ ଗଳାହାର ଭାବେ ଆଉ
ଆଉ ଜଣେ ହୃଦୟର ଛବି.
ଜଣଙ୍କର ସବୁ ସୁଖ, ଦୁଃଖ ବୁଝେ
ଆଉ ଜଣେ ହୁଏ ମୋ ପାଇଁ ଦିବାନା
ଦୁହେଁ ପୁଣି ଲାଗନ୍ତି ଆପଣା ।୭ ।

ଜଣଙ୍କ ପାଇଁ ହୁଏ ମଧୁରାତି
ଆଉ ଜଣେ ହୁଏ ବିରହରେ ବ୍ରତୀ
କିନ୍ତୁ ମୁଁ ଯେ ଅସହାୟ ଚିତ୍ରକର
ନା ମୁଁ ହୋଇପାରେ ତୁଳୀର
ନା ମୁଁ ହୋଇପାରେ ରଙ୍ଗର
ହୃଦୁ ଝରେ ଅଶାନ୍ତ ଯମୁନା
ଦୁହେଁ ପୁଣି ଲାଗନ୍ତି ଆପଣା ।୮ ।

ଜଣଙ୍କ ପାଇଁ ମୁଁ କରଇ ସର୍ଜନା
ଜଣଙ୍କୁ ଦିଏ ଦୁଃଖ ନିର୍ଯ୍ୟାତନା
ଜଣେ ମତେ ଦେଖିବାକୁ ହୁଏ ଆନମନା
ଜଣେ ମତେ ଭୋଗିବାକୁ ହୁଏ ତନାବନା
ତଥାପି ପ୍ରିୟର ମୁଁ ବୁଝେନି ବେଦନା
ଦୁହେଁ ପୁଣି ଲାଗନ୍ତି ଆପଣା ।୯ ।

ଜଣଙ୍କୁ ମୁଁ ଦିଏନି ସମୟ
ଜଣଙ୍କୁ ମୁଁ କରେ ପ୍ରେମମୟ
ତଥାପି ମୋ ପ୍ରିୟ ଲେଖେ
କେତେ ଯେ ରଚନା
ସ୍ୱାର୍ଥପର ସାଜି ପତି ଗୁଣ ଗାଇ
ପ୍ରିୟକୁ ଦିଏ ଯେ ଗଞ୍ଜଣା.
ଦୁହେଁ ପୁଣି ଲାଗନ୍ତି ଆପଣା
ଦୁହେଁ ପୁଣି ଲାଗନ୍ତି ଆପଣା ।୧୦ ।

କେନଝିରିଆପାଲି, ବୀରମହାରାଜପୁର
ମୋ-୭୬୮୩୮୯୩୮୨୨

Magazine Downloaded from www.aahwaan.com

# ଏ ମୋର ଶେଷ ଚିଠି



ତପନକୁମାର ସାହୁ

ଏ ମୋର ଶେଷ ଚିଠି

ପଢ଼ିବ ନିଶ୍ଚୟ

ବାରମ୍ବାର ଅନୁରୋଧ କରୁଛି

ଏ ମୋର ଶେଷ ଚିଠି ଲେଖୁଛି ॥

ବାସ୍ନା ଭିଜା ହୃଦୟକୁ

ମୁଁ -ମସଜିଦ ..ମନ୍ଦିରେ

ବିକି ଦେଇଛି

ମାନବତାର ପରିଚୟ ମୋର

ଫାଙ୍କା ଅନ୍ଧାରେ

ନାଲିପଟି ବନ୍ଧା

ମୂର୍ତ୍ତି ରେ

ଚିକମିକ ଜରିପରି

ଜଡ଼ ପାଲଟି ସାରିଛି

ବିକଶିତ ମସ୍ତିଷ୍କ ମୋ

ରୁଗଣ ମାନସିକତାର

ପେଡ଼ିରୁ

ବାରମ୍ବାର

ମୁଣ୍ଡ ଟେକୁଛି

ତୋଷାମଦ ..ଶୃଗାଳ ପରି

ତଥାପି ମୁଁ ମୋର

ଅଭିନୟ ଲିପ୍ତ

ସତ୍ୟକୁ ଭୁଲିଛି

ଏ ମୋର ଶେଷଚିଠି ଲେଖୁଛି ॥

ମୋ କଳ୍ପନାର

ଅନେକ ଶବ୍ଦକୁ ମୁଁ

ଏକପଦିକରଣ କରି

ନିମିଷେ ଯୋଜନଗନ୍ଧା  ସାଜୁଛି

ବୁଲେଟ ଟ୍ରେନ ପରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୃଦୟ ମୋର

ଲୋଭାଗ୍ରତ ...କ୍ୟାନସର ପୀଡିତ

ଦେହକୁ ନେଇ

ଜୀବନର ଅନ୍ତିମ ସ୍ୱର

ଖୋଜୁଛି ତଥାପି

ମୁଁ ମୋର ଆତ୍ମ ବଢ଼ିମା ପ୍ରଚାର

କରିଚାଲିଛି

ଏ ମୋର ଶେଷଚିଠି ଲେଖୁଛି ॥

ବସନ୍ତ ରୁ ଶୀତ

ଶୀତରୁ ବର୍ଷା କୁ

ବର୍ଷା କୁ ଫଗୁଣେ ଯୋଡି

ମୁଁ ମହଣ ମହଣ

ରୋଜଗାର ଭିତରେ

ହଜେଇ ସାରିଛି

ମୁଁ ଲୁଣ୍ଠିତ ରୁପକୁ ମୋର

ବୃଥା ପ୍ରହସନେ

ଅନାସକ୍ତ ଆଶ୍ରୟ କରିଚାଲିଛି

ମୁଁ ମୋର

ଶେଷ ପାହାନ୍ତି ରେ

ଶେଷଚିଠି ଲେଖୁଛି ॥

ତପନ କୁମାର ସାହୁ

କଳାହାଣ୍ଡି

ଭ୍ରାମ୍ୟଭାଷ : ୭୩୨୮୦୦୧୫୭୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଷାଠିଏର ପ୍ରତୀକ୍ଷା



ଯଶୋବନ୍ତ
ପଟ୍ଟନାୟକ

ମୁଁ ତ ଜାଣିନଥିଲି;
କିନ୍ତୁ ପରେ ଜାଣିଲି
ଜୀବନଟା ଷାଠିଏରୁ ଆରମ୍ଭ ହୁଏ ବୋଲି ।
ସେଥିପାଇଁ ବୋଧେ...
ଚାଙ୍ଗୁଡ଼ିଏ ସୁନେଲି ସ୍ୱପ୍ନ ନେଇ
ବାଟ ଚାଲୁ ଚାଲୁ ଝୁଣ୍ଟିପଡ଼େ;
ସବୁ ସ୍ୱପ୍ନଯାକ ବାଟସାରା ବୁଣି ହୋଇଯାଏ,
ବିକଳରେ ସାଉଁଟୁ ସାଉଁଟୁ
କେଜାଣି କେଉଁଠି ସେଇ ମାଟିରେ ହିଁ ହଜିଯାଏ ।
ହଠାତ୍ ନିଦ ଭାଙ୍ଗିଯାଏ...
ଶ୍ୱସନର ତାଳେ ତାଳେ ନାଚିଉଠେ ସ୍ପନ୍ଦନ;
ଧିରେ ଧିରେ ଥମେ
ତଥାପି... ପୁଣିଥରେ ମାଡ଼ିଆସେ ଠିକ୍ ସେଇ ସ୍ୱପ୍ନ ।
କିନ୍ତୁ କାହିଁକି ? ? ?
ମୁଁ ବାରମ୍ବାର ଝୁଙ୍କିପଡ଼େ ।
କାରଣଟା ଖୋଜିକି ପାଉନି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୋଷଟା ରାସ୍ତାର ନା ମୋର - ସନ୍ଧାନ ମିଳୁନି;

ହତାଶିଆ ଲାଗେ ଚାଲିବାକୁ -

ସତରେ କ'ଣ ଜୀବନର ସ୍ୱାଦ ଚାଖିବାକୁ;

ପ୍ରତୀକ୍ଷା କରିବାକୁ ହେବ...

ବୟସଟା ଷାଠିଏ ହେବାକୁ ! ! ! !

ଶିକ୍ଷକ, ଗାନ୍ଧୀନଗର, ଓଡ଼ଗାଁ, ନୟାଗଡ଼

୭୫୨୦୮୧, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା



ଜ୍ୟୋତିରଞ୍ଜନ
ମହାରଣା

ହେ କବିତା ତମକୁ କେମିତି ଲେଖିବି
ଲେଖି ପାରିଲେ ତମେ ମାନସାଙ୍କ
ଆଉ ନ ଲେଖି ପାରିଲେ  ଉପପାଦ୍ୟ
ରୁଟ 2 ଏକ ଅପରିମେୟ ସଂଖ୍ୟାର ଅଙ୍କ.  ! ! ! !
କେତେ ବେଳେ ତମେ ଗୋପାଳ ରହସ୍ୟ
କେତେ ବେଳେ ଉପନ୍ୟାସ
ଲେଖି ପାରିଲେ ରୋମିଓ ଜୁଲିଏଟେ ତମେ
ନହଲେ ସମ୍ପୂର୍ଣ୍ଣ ଇତିହାସ.  ! ! ! ! ! !
ବୃଷେଫାଲସ ପରି କେବେ ତମେ ଦୌଡ
କାହିଁକିନା ତମେ Alexander ହର୍ସ
Grammar error ରୁ କିନ୍ତୁ କେମିତି ବଞ୍ଚିବା
ଆଦୌ ନାହିଁ କପି କରିବା ସୋର୍ସ.  ! ! ! ! ! !
କେବେ ତୁମେ ଭୁଗୋଳରେ ଉପତ୍ୟକା
ଆଉ କେତେବେଳେ ମାଳଭୂମି
ଦୀର୍ଘ ଦିନରୁ ତୃଷାର୍ତ୍ତ ଓଟ ଟିଏ ମୁହିଁ
ହେଲେ ସାମ୍ନାରେ ସାହାରା ମରୁଭୂମି.  ! ! ! ! !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସର୍ବନାଶର ପାଦଶବ୍ଦ



ଅନୁସୂୟା ମିଶ୍ର

ଜାଣିଥିଲି, ସିଏ ଆସିବ ନିଶ୍ଚୟ
ଏକଥା ବି ଜାଣିଥିଲି
ମୋତେ ଖିନଭିନ କରିଦେବା ହିଁ
ତାର ଅଭିପ୍ରାୟ,
ଶକ୍ତି ନଥିଲା ମୋର
ତାକୁ ପ୍ରତିରୋଧ କରିବାର
ଭାବିଲି, ଆଦରିନେଲେ କ୍ଷତି କ'ଣ !
ବିଛାଇ ଦେଲି ନିଜର ସର୍ବସ୍ୱକୁ
ସଜାଡ଼ି ରଖିଲି
ଅଧିକାରର ଅର୍ଘ୍ୟଥାଳିଟିଏ
ଜଗି ବସିଲି
ତା'ରି ଆସିବା ବାଟକୁ ।
ସିଏ ଆସିଲା,
ଅଜଣା ଆଶଙ୍କାରେ ଆଖିବୁଜି ଦେଲି ମୁଁ
ଖୁବ୍ ଘୁରିବୁଲିଲା ସିଏ
ମୋ'ରି ଚାରିପଟରେ,
ନିରବ ନିଶ୍ଚଳ ବସିରହିଲି ମୁଁ
ଆହୁରି ନିକଟତର ହେଲା ସିଏ
ଅନୁଭବ କରିପାରିଲି ମୁଁ
ତା ଆକ୍ରୋଶର ପ୍ରତିଟି ପ୍ରଶ୍ୱାସକୁ
ଶୁଣିପାରିଲି
ତା ଅଭିମାନ ଆଉ ଅନୁଯୋଗସବୁ
ଛୁଇଁପାରିଲି ବି
ଅକୁହା ତା ଅସହାୟତାର ଅଶ୍ରୁବିନ୍ଦୁସବୁକୁ ।
ଅଚାନକ ଆଖି ଖୋଲିଲି ମୁଁ,
ଚାରିଆଡ଼ ନିସ୍ତବ୍ଧ
ମନତଳେ ଅଜସ୍ର ଖାଲିପଣ
ଆଉ ଖାଁ ଖାଁ ଭାଙ୍ଗ,
ଆଗରେ ପଡ଼ି ରହିଥିଲା
ବିପର୍ଯ୍ୟସ୍ତ ଦୁନିଆଟିଏ
ଅସରନ୍ତି ଅନୁଶୋଚନା
ଆଉ କଳ୍ପନାର ଅତୀତ
ଏକ ସାକ୍ଷାତର ସ୍ମୃତିଚିହ୍ନସବୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାଥି...



କାର୍ତ୍ତିକ ପାଣିଗ୍ରାହୀ

ଚାଲିଥିଲି ତ ଚାଲିଥିଲି
କିନ୍ତୁ କାହିଁକି ଭୁଲିଯାଇଥିଲି
କହୁଥିଲି ତ କହୁଥିଲି
କିନ୍ତୁ କଣ ଭୁଲିଯାଇଥିଲି
ଚାହିଁଥିଲି ତ ଚାହିଁଥିଲି
କିନ୍ତୁ କଣ ଭୁଲିଯାଇଥିଲି
ଲେଖୁଥିଲି ତ ଲେଖୁଥିଲି
କିନ୍ତୁ କଣ ଭୁଲିଯାଇଥିଲି
ହଠାତ ଅଟକିଗଲି ଏକ ଅଜଣା ଆବେଗରେ
କାହିଁକି ତାହା ବି ଭୁଲିଯାଇଛି
ଅନେକ ଦିନର ନୀରବତା ପରେ
ଆଜି ପୁଣି କଲମ ଖୋଜୁଛି
କିଛି ଶବ୍ଦ ର ଠିକଣା
କାଗଜ ଖୋଜୁଛି କିଛି ଆତ୍ମୀୟତର ସ୍ୱର୍ଶ୍ୱ
ରହି ରହି ସ୍ୟାହି କିନ୍ତୁ
ରଙ୍ଗ ବଦଳାଇବାରେ ଲାଗିଛି

ଅସ୍ଥିର ମନଟା ବି
ବିସ୍ମୃତିର ଅଥାଳ ଅନ୍ଧକାରରୁ
ସ୍ମୃତି ର  ଚିରା ଫଟା ଦୃଶ୍ୟକୁ
ଯୋଡିବାକୁ ଚେଷ୍ଟା କରୁଚି
କିନ୍ତୁ କାହାପାଇଁ ଜାଣିନି
କାହିଁକି ଜାଣିନି ତା ବି ଜାଣିନି
ହଁ ଏ ଭିତରେ ହଜି ଯାଇଚି
ଛଅ ଋତୁର ଛଅ ଶହ କାହାଣୀ
ସାତ ସମୁଦ୍ରର ରାଶି ରାଶି ବାଲୁକା ପାହଡ଼
ସମୁଦ୍ରର ସଁ ସଁ ସୁକାର ସ୍ୱନ
ନା ଦୋହଲାଇପାରିଛି ହୃଦୟକୁ
ନା ଚହଲାଇପାରିଛି ମନକୁ
ତଥାପି ଉଠିଛି ଯଦି ସେ ଉଠିବ ନିଶ୍ଚୟ
ବିବେକର ଧକ୍କାରେ ହେଉ
ଅବା ସମୟର ଡାକରେ
ଜୀବନକୁ ପୁଣି ସେ ଜିଇଁବ
ବାଟ ହୁଡ଼ିଗଲା ପରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସିନ୍ଦୁର ହେଲା ମୋ ସ୍ୱାର୍ଥପର



ବଳରାମ ତରାଇ

ତମ ମଥାର ସିନ୍ଦୁର ଆଉ କାହାର ମୋତେ ତମେ ଖାଲି ବାହାନା କର
ତୁମେ  ବଦଳି ଗଲ ସିନ୍ଦୁରକୁ ନେଇ ଖେଳ ଖେଳିଲ
ଦିନ କେଇଟାରେ କୁହ ମୁଁ କେମିତି
ହେଇଗଲି ଏତେ ପର
କଥାରେ କଥାରେ ବିନା କାରଣରେ
ମୋ ସାଥିରେ ତମେ କଳି କର
ତମ ପାଦରୁ ଅଳତା ଲିଭିନାହିଁ
ଆଜି ତମେ ବାହାରେ ବୁଲ
ତୁମେ ତ ବଦଳି ଗଲ ହଁ ବଦଳି ଗଲ
ତୁମେ ଆଉ ମୋର ତୁମେ ହୋଇ ନାହଁ
ଦିନେ ନଦେଖିଲେ ପାଗଳ କର
କେମିତି ପିନ୍ଧିଲ ଆଉ କହା ସିନ୍ଦୁର
ଦଶଦିଗ କୁ ସାକ୍ଷୀ ରଖି  ମୁଁ ଦେଇଥିଲି ତମ ମଥାରେ ସିନ୍ଦୁର
ତୁମ ପରି ମୋର ଆଉ କେହି ନାହିଁ ନିଜର
ମନ କଥା ଆଜି ମନରେ ମରୁଛି
କହି ପାରୁ ନାହିଁ ସହି ପାରୁ ନାହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଦଳିଛି ବୋଲି ସିନ୍ଦୁର ମୋର

ମନେରଖ ମୋ ପ୍ରିୟା ସିନ୍ଦୁର ସାତ ଜନ୍ମଜନ୍ମର

ତମ ପାଇଁ ସେ ଖେଳଘର

ନାରୀ ପାଇଁ ସେ ରକ୍ତ ସିନ୍ଦୁର

କିଏ ଭାବେ ମୋ ମଥା ସିନ୍ଦୁର

କିଏ ଭାବେ ମୋ ଜନ୍ମଜନ୍ମର

ଶେଷ ସନ୍ଦେଶ ମୋର

ସିନ୍ଦୁର ତମ ପାଇଁ ନହଉ ବାଲିଘର ।

ବଳରାମ ତରାଇ

ଖୋର୍ଦ୍ଧା ଜିଲ୍ଲା

୯୯୩୭୦୧୪୬୪୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଲଲାଗେ !



ବସନ୍ତ କୁମାର ମହାପାତ୍ର

ଭଲଲାଗେ ମୋତେ ମାଆର ମମତା
ବାପାଙ୍କର ସ୍ୱାଭିମାନ ,
ଭାରି ଭଲ ଲାଗେ ଏ ସୁନ୍ଦର ସୃଷ୍ଟି
ସ୍ରଷ୍ଟାଙ୍କର ଗୁଣଗାନ ।

ଗୁଣଗାନେ ମୋର ଫୁଲର ସୁରଭି
ଅଭାବି ଅନ୍ତର କଥା ,
ଭାରିଭଲ ଲାଗେ ନେଇପାରେ ଯଦି
କାହାର ହୃଦୟ ବ୍ୟଥା ।

ବ୍ୟଥା ବ୍ୟଥିତର ଏ ଅଟେ ସଂସାର ମାନବ ଜୀବନ ପାଇଁ ,
ଭାରି ଭଲଲାଗେମାନବତା ମନ୍ତ୍ର
ଆପଣା ଗହଣେ ଜୀଇଁ ।

ଜୀଇଁବା ନିଶାରେ ଭଲଲାଗେମୋତେ
ସଂଗ୍ରାମୀ ସଂଗ୍ରାମ ଦେଖି ,
ସହାସ୍ୟ ବଦନେ ସମର୍ପିତ ପ୍ରାଣେ
ପଡେନି ଯେ ଜମା ଥକି ।

ଥକିଲେକି ହେବ ଚାଲିବାକୁ ହେବ
ପଥ ଯେ ଅନେକ ଦୂର ,
ଭାରି ଭଲଲାଗେ ତା ଦିନ ସୂରୁଜ
ରାତି ଘନ ଅନ୍ଧକାର ।

ଅନ୍ଧକାର ଭରା ଏ ଜୀବନ ନେଇ
ବଞ୍ଚିବା ମଣିଷ ଧର୍ମ ,
ଗଣାହେବ ସେହୁ ଭଲ ମଣିଷରେ
କରୁଥିଲେ ସତକର୍ମ ॥

ଅଧ୍ୟକ୍ଷ , ନେସନାଲ୍ ପବ୍ଲିକ୍ ସ୍କୁଲ୍
ମହାପାତ୍ର ଗଳି, କବିସୂର୍ଯ୍ୟ ନଗର
ଗଞ୍ଜାମ । ୭୦୦୮୨ ୫୪୦୫୦

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଅନୁଭୂତି ବିଶେଷାଙ୍କ

ଆପଣ ଜୀବନରେ ନିଶ୍ଚୟ ଭାବେ ଅନ୍ୟୂନ ଗୋଟିଏ ବାତ୍ୟାର ସମ୍ମୁଖୀନ ହୋଇଥିବେ, ସେ ଫାଇଲିନ୍ ହେଉ ଅବା ହୁଡ଼ହୁଡ୍, ଅଥବା ତିତଲି ହେଉ ବା ଫନି । କେମିତି ଥିଲା ଆପଣଙ୍କ ଅନୁଭୂତି ? ବାତ୍ୟା ଆପଣଙ୍କ ଜୀବନରେ କଣ ପରିବର୍ତ୍ତନ ଆଣି ଦେଇଥିଲା । ନିଜର ଅନୁଭୂତିକୁ ଶବ୍ଦ ଦିଅନ୍ତୁ । ବାତ୍ୟା ସମ୍ବନ୍ଧୀୟ ଆପଣଙ୍କ ଅନୁଭୂତିକୁ ଯଥାସମ୍ଭବ ସରଳ ଭାଷାରେ ଲେଖି ଆମ ନିକଟକୁ ପଠାନ୍ତୁ । ଆଗାମୀ ସଂସ୍କରଣରେ ଏହି ବିଷୟ ସମ୍ବଳିତ ଲେଖାମାନ ପ୍ରକାଶିତ କରାଯିବ । ସମ୍ଭବ ହେଉଥିଲେ କିଛି ଛବି ମଧ୍ୟ ପଠାନ୍ତୁ । ଆହ୍ୱାନ ଇ-ପତ୍ରିକା ।

ସର୍ବନିମ୍ନ ୫୦୦ରୁ ସର୍ବାଧିକ ଅଗଣିତ ଶବ୍ଦରେ ଆପଣ ନିଜସ୍ୱ ଅନୁଭୂତିକୁ ଲେଖି ପାରିବେ ଏବଂ ଆମ ନିକଟକୁ ଇମେଲ୍ ଦ୍ୱାରା ଜୁନ୍ ମାସ ୩ ତାରିଖ ପୂର୍ବରୁ ପଠାଇ ପାରିବେ । ଧନ୍ୟବାଦ ।

**E-Mail to : aahwaan@gmail.com**

**Or call : 7008567085 / 9040985463**

Magazine Downloaded from www.aahwaan.com

# ସ୍ୱର୍ଗକୁ ନିଶୁଣୀ



ନାରାୟଣ ଚନ୍ଦ୍ର ସେନାପତି

ଲଙ୍କାର ନରେଶ ବିଖ୍ୟାତ ରାବଣ
ଭାବିଲା ଏକ କାହାଣୀ,
ନିଷ୍ଠେ କଉଶଳେ ପକାଇ ଚଢ଼ିବ
ସ୍ୱର୍ଗକୁ ସୁନା ନିଶୁଣୀ ।

କହି କହି କେବେ ପାରିଲାନି କରି
ଶେଷେ ହେଲା ପଛେ କାଳ,
ଉଦ୍ଭଟ ଚିନ୍ତାଟି ମନରେ ଧରିଲେ
ପାରିବ କି ତୋଳି ଫଳ ?

ଏବେ ସମାଜରେ ସହସ୍ର ରାବଣ
ଦେଖନ୍ତି ଦିବା ସପନ,
ଦୂର ଦିଗବଳୟକୁ ଚାହିଁ କହୁଥାନ୍ତି
ଆସ ଛୁଇଁବା ଗଗନ ।

ଭାବନ୍ତିନି କେବେ ବିଜ୍ଞାନ କୁହୁକ
ନ ମାପି ସ୍ୱର୍ଗ ଦୂରତା,
ନିର୍ମାଣ କରନ୍ତି ଲମ୍ବା ନିଶୁଣୀଟେ
ବଡ଼ ଲୋକହସା ହେବା କଥା ।

ସିଡିକୁ ସଳଖ କରି ସେ ଚଢନ୍ତି
ଛୁଇଁବା ପାଇଁ ଗଗନ,
ବଢ଼ାଇଲେ ହାତ ସେତେ ଦୁରଯାଏ
ପାନ୍ତି ଲାଜ ଅପମାନ ।

ଅସମ୍ଭବ ଯାହା କାହିଁକି କେଜାଣି
ଶୁନ୍ୟ ଆଭାସିକୁ ଧରି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱଚ୍ଛ ସମାଜରେ ଛାଇ ମଞ୍ଜି ବୁଣି
ସଭିଙ୍କୁ ପକାନ୍ତି ମାରି ।

ଅସୀମ ଅକାଟ୍ୟ ଅଥଳ ଅଚଳ
ଶବ୍ଦ ଅର୍ଥ ହେଲେ ବୋଧ,
ଅଧମ ମାନବ ସ୍ୱର୍ଗକୁ ନିଶୁଣୀ
ଯୋଡି ସାଜନ୍ତା କି ଗଧ ?

ଶ୍ରେଷ୍ଠ ସୃଷ୍ଟି ବୋଲି ସ୍ରଷ୍ଟାଙ୍କ ଭିଆଣ
ମାନବ ଦିବ୍ୟ ଜନମ,
ବିସ୍ମୟ ବିବିଧ ବିଶେଷ ଜ୍ଞାନ ତା
ତଥାପି ସାଜେ ଅଧମ ।

ସ୍ୱର୍ଗକୁ ନିଶୁଣୀ କରନା କଳ୍ପନା
ଆହେ ନିର୍ବୋଧ ଅଜ୍ଞାନ
ନିଜକୁ ମାପ ହେ ନିଜ ଏକକରେ
ରଖ ମାନବର ମାନ ।

ନାରାୟଣ ଚନ୍ଦ୍ର ସେନାପତି,ଜମ୍ବିରା,କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛାଡ଼ି ଦେଇଥିଲି



ପ୍ରେମଶିଳା ରାଉତ

କହିଥିଲ ତୁମେ ଛାଡ ସେ କଥା ଆଉ କୁହନି

ମୁଁ କହିବା ଛାଡ଼ି ଦେଇଥିଲି ,

ମୋ ହୃଦୟର ବେଦନା ,ମୋ ପ୍ରେମ ସଂଗୀତ

ମୋ ଜୀବନର ମିଠା ଗୀତ ଏମିତି ଅନେକ କିଛି ।

କଥା କଥାରେ ତୁମେ ସବୁବେଳେ କହୁଥିଲ ଛାଡ ଖାଲି ଛାଡ

ଛାଡ଼ି ଦେଇଥିଲି ତୁମକୁ

ଝରଣାର କୁଳୁକୁଳୁ ନାଦେ ବହିବାକୁ

ତୁମର ସାଇତା ସ୍ୱପ୍ନ ରେ ଭାସିଯିବାକୁ ।

ମୁଁଛାଡି ଦେଇଥିଲି ତୁମକୁ

ବିବାହ ବନ୍ଧନରେ ବାନ୍ଧି ହୋଇ

ସ୍ୱପ୍ନ ର ଘର ତୋଳିବାକୁ

ନୂଆ ନୂଆ ଆଶା ଓ ଉନ୍ମୋଚନରେ ମଜ୍ଜିଯିବାକୁ ।

ଛାଡ଼ି ଦେଇଥିଲି ତୁମକୁ ହସଖୁସିର ତାଜମହଲ ତୋଳିବାକୁ

ନୀଳ ଆକାଶ ର ପରୀ ରାଇଜରେ ଉଡ଼ିବାକୁ

ବସନ୍ତ ର ସବୁଜିମା ଭରା ପ୍ରକୃତି ସାଥିରେ ଖେଳିବାକୁ

ଛାଡ଼ି ଦେଇଥିଲି ତୁମ ଅନ୍ତରାଳ ର ଗୁପ୍ତ ପବିତ୍ର ପ୍ରେମ କାହାଣୀକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଥିଲି ତୁମ ଜୀବନର କଣ୍ଟା, ବାଧା ଓ ବନ୍ଧନ

ସେଥିପାଇଁ  ମୋ ଜୀବନକୁ ଚୁର୍ ମାର୍ କରି

ଛାଡ଼ି ଦେଇଥି ଲି ତୁମକୁ   ।

ତୁମ ଲମ୍ବା ରାସ୍ତା ର ବୋଧେ ବାଧକ ସାଜିଥିଲି ମୁଁ

ହେଲେ ଆଜି ସେଇ ଲମ୍ବା ରାସ୍ତା ରେ କିଛି ନାହିଁ

ନା ଅଛି ମୁଁ ନା କଣ୍ଟା ନା ବାଧା ବିଘ୍ନ ନା ଜୁଆର ଢେଉ

ସବୁ ଫାଙ୍କା ଫାଙ୍କା ଶୂନ୍ୟ

ଠିକ୍ ଯେମିତି ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ

ରାସ୍ତା ର ଦୁଇ ପାର୍ଶ୍ୱରେ ଥିବା ନା ନା ଜାତିର ଥୁଣ୍ଟା ଗଛର ଅବସ୍ଥା    ।

ଗ୍ରାମ- ବୃନ୍ଦାବାହାଲ

ବ୍ଲକ-ଗୋଲାମୁଣ୍ଡା

ଜିଲ୍ଲା-କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜହ୍ନ ଆଉ କଇଁ



ରୋହିତ୍ ସେଠୀ

ପୂର୍ଣ୍ଣିମା ତିଥିରେ ରାତି ଆକାଶରେ
ଶୀତଳ ଯୋଚ୍ଛନା ଢାଳି,
ତାରକା ମେଳରେ ଆନନ୍ଦରେ ଜହ୍ନ
ଖେଳୁଥିଲା ଲୁଚକାଳି ।୧ ।

ଶୂନ୍ୟ ଆକାଶରୁ ପଡ଼ିଲା ନଜର
ଝାପ୍ସା ଝାପ୍ସା ଆଲୁଅରେ,
ତଡ଼ାଗରେ ବସି ଅଭିମାନେ କଇଁ
କାନ୍ଦୁଅଛି ନିରୋଳାରେ ।୨ ।

ଲୁଚକାଳି ଖେଳ ହେଲା ତା'ର କାଳ
ବୁଝି ପାରୁଥିଲା ଜହ୍ନ,
କରଇ ଭାବନା ପ୍ରିୟା ଆନମନା
କେମିତି ଧରିବ ମନ ।୩ ।

ଧୀରେ ଧୀରେ ରାତି ସରି ଆସୁଥିଲା
ବିଳମ୍ବ ନ କରି ଆଉ,
କୋମଳ କଇଁର ତନୁରେ ସିଞ୍ଚିଲା
କର ରାତି ପାହୁ ପାହୁ ।୪ ।

ପ୍ରିୟର ଶୀତଳ ପରଶରେ କଇଁ
ପାଖୁଡ଼ା ମେଲିଲା ହସି,
ନିମିଷକ ପାଇଁ ଭାବ ବିହ୍ୱଳରେ
ଗଲା ତା'ସାଥିରେ ମିଶି ।୫ ।

ଯୁଗ ଯୁଗ ପାଇଁ ଜହ୍ନ ଆଉ କଇଁ
ପ୍ରେମିକ ପ୍ରେମିକା ସାଜି,
ଯେତେ ଦୂରେ ଥିଲେ ଦୁହେଁ ଦୁହିଁଙ୍କର
ପ୍ରେମରେ ଯାଆନ୍ତି ଭିଜି ।୬ ।

ଏଠାରେ 'କର' ଅର୍ଥ କିରଣ ।

ଦୁଡିମେଣ୍ଡି, ଖଜୁରୀପଡା, କନ୍ଧମାଳ,
ମୋବାଇଲ୍-୯୪୩୮୦୭୩୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାବାତ୍ୟା ଫୋନି



ବଲ୍ଲଭ ରାଉତ

ହେ ଚିରବନ୍ଦ୍ୟା ଓଡିଶା ଜନନୀ !
ତୋ ସୌନ୍ଦର୍ଯ୍ୟ କଳା କାରିଗରୀ
ବୃକ୍ଷଲତା ଜୀବଜନ୍ତୁ
ମହାବାତ୍ୟା ଫୋନିର ତାଣ୍ଡବଲୀଳାରେ
ସବୁକିଛି ନ ଯାଉ ଉଜୁଡ଼ି
ଥରେ ଚାଲିଗଲେ ଯେତେ ଯୋଡିରେ
ହେବନି ଯୋଡି ତୋ ଅତୀତ ଶିରୀ । ।
ଦୁଇ ହଜାର ଉଣେଇଶି ମେ ତିନି ତାରିଖ
ଘଟିବାରୁ ଯାଉଛି ଉପକୂଳ ଓଡିଶାରେ
ଲୋମହର୍ଷଣକାରୀ ହୃଦୟ ବିଦାରକ ଦୃଶ୍ୟ
ସୁ-ସୁ ଗର୍ଜନରେ ମାଡି ଆସିବ ପବନ
ଅଶାନ୍ତ ସମୁଦ୍ର ଦେବ କିଳିକିଳା ରାବ
ଟଳିଯିବ ମହା ମହା ଦ୍ରୁମ ଭାସିଯିବ ଘରଦ୍ୱାର
ଅଦିନରେ ଅବେଳରେ ଲିଭିଯିବ କାଳେ
ନିଷ୍ପାପ ସରଳ ଅନେକ ଜୀବନ
ଉଡେଇ ନେବ ସବୁ ଇଛା ଅନିଚ୍ଛା ର ପୃଷ୍ଠା
ଏଇ ଭାବନାରେ ଏବେ ମଣିଷ କାଟୁଛି
ଜୀବନ । ।
ହେ ଜଗନ୍ନାଥ ଏମିତି ନଆସୁ ବିପଦ
ଟାଳିଦିଅ ସଂକଟର ଦିନ
ସମସ୍ତଙ୍କୁ ଦୃଶ୍ୟ ହେଉ ପୂର୍ବ ଭଳି ନୂତନ
ଜୀବନ । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଭାବନା



ସ୍ନେହଲତା ନାୟକ

ମୋ..ଭାବନାର କଣ ସୀମା ସରହଦ ଅଛି ... ?
ଯଦି ଥାନ୍ତା, .. ?
ତୁମେ କ'ଣ ....
ରାତ୍ରିର ସେ ନୀରବ ପ୍ରହରେ
ଭାବନା ରେ ମୋର
ନିତି ନିତି ଆସନ୍ତ
ଏମିତି .. ?

ଇଚ୍ଛା ହୁଏ ....
ଭାରି ଇଛା ହୁଏ...
ତୁମ ବଗିଚାରେ କେବେ ସତେ
ହେନା କି ଗୋଲାପ ଗୋଟେ ହୋଇ ଫୁଟନ୍ତି କି ... ?
ତୁମେ ମୋତେ ନିଜ ହାତେ ...
ତୋଳି ନେବା
ଥାଆନ୍ତା କି ବାକି..... ?
ବାସ୍ନା ରେ ମୁଁ ଭରି ଥାନ୍ତି ..

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମରି ଦୁନିଆଁ ।

ହେଲେ ..

ଭାବନା ମୋ ମିଛ ଯାହା

ଭାବିବା ପାଇଁକି.. ।

ଏବେ ତୁମ ସହରରେ

ଶୀତର ରାଜୁତି ..

ଇଚ୍ଛାହୁଏ ମଖମଲ୍ଲୀ ଚଦର ଟେ ହେଇ

ତୁମ ସାରା ଶରୀର ରେ

ଉଷ୍ମତା ମୁଁ

ଭରି ଦିଅନ୍ତି କି .. ?

ତୁମ ପାଇଁ ଯେତେ ସବୁ

ଭାବନା ମୋର ...

ପ୍ରତିଧ୍ୱନୀ ନଥିବା ସେ କଥା ଭଳି

ଶୁନ୍ୟେ ଶୁନ୍ୟେ ମିଳେଇ ଯାଆନ୍ତି..

ଅନ୍ଧାରରେ ଲୁହ ଭଳି ଏମିତି ଝରନ୍ତି..

ଅପହଁଚ ଜହ୍ନ ଭଳି ଆକାଶରେ ଥାନ୍ତି..

ବର୍ଷା ଧାର ଫୋଟକାଟେ ଭଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ଫୁଟି ଏଇ ପରା

ମିଳେଇ ଯାଆନ୍ତି..

ବେଳ ଅବେଳ ରେ ରିତିମତ୍ ହୃଦୟକୁ ଖାଲି ଜାଳୁଥାନ୍ତି..

ବେଳାଭୂମି  ବାଲିଘର ପରି

ଯେତେ ଗଢେ

ଲହଡ଼ିରେ ସିଏ ପରା

ସେତେ ଭାଙ୍ଗୁଥାନ୍ତି ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ମାନସିକ



ପ୍ରଦୀପ ବନ୍ଧ

ମଦରଙ୍ଗା ଶାଗରେ ଟୋପାଏ
ତେଲର ସ୍ୱାଦପରି
ମୋ ପରିବାରର ସୁଖ
ସାଉଁଟିବା ଯାହା
ସାହିତ୍ୟର ଶବ୍ଦମାନଙ୍କ ସହ
ଲୁଚକାଳି ଖେଳିବା ସହ ସମାନ,
ଶୁଖିଲା ରୁଟି ଖଣ୍ଡକୁ
ହାତରେ ଧରି
ଦାନ୍ତରେ ଝୁଣି ବିଦାରି
ଛିଡେଇ ଖାଉଖାଉ
ଖୁଁ ଖୁଁ କାଶରେ ସବୁକିଛି
ଅନ୍ଧକାରମୟ ଲାଗେ ।

ଲେଉଟାଣି ଛାଇପରି
ମୋର ଏ ଭବିଷ୍ୟତ
ମୋତେ ଅଟ୍ଟହାସ୍ୟ କରନ୍ତି
ଠିକ୍ ଯେମିତି ଆକାଶ
ଆଉ ମାଟିର ସମ୍ପର୍କ ପରି,
ପୋକରା ଡାଲି ସାଙ୍ଗକୁ
ଦୁଇ ଓଳିର ଦୁଇମାଣ
ଚାଉଳରେ ବିତାଉଥିବା
ଦିନଗୁଡିକୁ
ସହଜରେ ଭୁଲିପାରୁନି ।

ଆଦର୍ଶବାଦରେ ଆଃ ବାଃ
ଶବ୍ଦକୁ ନେଇ ଯଦି
କବି ପାଣିଆଟା ବଂଚିଯାଆନ୍ତା
ତାହେଲେ
ସାହିତ୍ୟକୁ ନେଇ ଗର୍ବ ଅନୁଭବ
କରୁଥିବା ଶହ ଶହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହିତ୍ୟିକ ଆଜି କବି

ପାଣିଆକୁ ବନ୍ଦ ପୃଷ୍ଠାରେ

ଜୀଆନ୍ତା କବର ଦେଇନଥାନ୍ତେ,

ଯଦିଓ ହଁ ?

ତାହେଲେ ଏ ସାହିତ୍ୟର ସାରସ୍ୱତ

ସମ୍ମାନକୁ ବଞ୍ଚେଇବା ପାଇଁ

ମୋ ଭଳି ଗରିବ ମାନଙ୍କର

ଯଥାର୍ଥତା

କ'ଣ ହେଇପାରେ ?

ପ୍ରଦୀପ ବନ୍ଧ, ଭଦ୍ରକ, ବାସୁଦେବପୁର

ସାନମଚ୍ଛୁଆଘାଇ, ରାଜଘରପୋଖରୀ

ଭ୍ରାମ୍ୟଭାଷା–୮୦୭୨୭୮୩୨୨୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବେ ଦୟା



ପିଣ୍ଟୁ ମିଶ୍ର

ଜୀବେ ଦୟାକର ଜୀବେ ରକ୍ଷାକର
ଦେଶ ଦୁନିଆଁରେ ପଡୁଛି ହୁରି
ଯିଏ ଦିଏ ହୁରି ସିଏ ଖାଏ ମାରି
ନିରୀହ ପଶୁଙ୍କୁ ବିନାଶ କରି

କେମିତି କହୁଛି ମଣିଷ ନିଜକୁ
ଜୀବଙ୍କ ମଧ୍ୟରେ ଶକତିଶାଳୀ
ନିଜ ସୁଖପାଇଁ ପଛାଉ ବି  ନାହିଁ
ନିରୀହ ପଶୁ ଙ୍କୁ ପକାଏ ବଳୀ

ହେ ମାନବଗଣ କର ଆଜି ପଣ
ପ୍ରକୃତି କୁ ପାଦେ ଦଳି ନ ଦେଇ
କରି ଜୀବରକ୍ଷା ଦେବା ମହାଶିକ୍ଷା
ଆମର ଆଗାମୀ ପିଢ଼ି ଙ୍କ ପାଇଁ

କଟକ, ନିଶ୍ଚିନ୍ତକୋଇଲି, ହଳଦିଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ମନସ୍ମିତା ହାତୀ

ବୋଉ ତୁ ଚାଲିଗଲା ପରେ
ସ୍ନେହ, ମମତାର ଡୋରି ଯେମିତି ଛିଣ୍ଡି ପଡିଛି ।
ତୋର ଟିକେ ସ୍ନେହ,ମମତା ପାଇବା ଆଗରୁ
ଛାଡି ଚାଲିଗଲୁ କେଉଁ ଏକ ଅଜଣା ରାଇଜକୁ
ଥରେ ଭାବିଲୁନି ତୋର ଏଇ କୁନିକୁନି ପିଲାମାନେ
ତୋ ବିନା କେମିତି ବେସାହାରା ହୋଇଯିବେ
ତୋ ବିନା କେମିତି ବଞ୍ଚି ରହିବେ
ବୋଉ ତୁ ଚାଲିଗଲା ପରେ,

ଅବାଟକୁ ଗଲେ କିଏ ଆଉ ବାଟ କଢେଇ ନେବ
ଭଲ, ମନ୍ଦର ତାଗିଦ୍ କିଏ ବା ଆଉ କରିବା
ବୋଉ ତୁ ଚାଲିଗଲା ପରେ,

ବାପା ଆମକୁ ତୋ ଆଉ ତାଙ୍କ ସ୍ନେହ, ମମତା ଦେଇ
ବାଟ ଚଲେଇବା ଶିଖେଇଛନ୍ତି।
ତୋ ସ୍ନେହ, ମମତାର ଅଭାବକୁ ସେ ପୂରଣ କରିଛନ୍ତି
ବୋଉ ତୁ ଚାଲିଗଲା ପରେ,
ହେଲେ ବି ତୋ କଥା ଆଜି ବୋଉ ବହୁତ ମନେ ପଡେ,

କନ୍ହେଇପୁର, କଟକ
ଭ୍ରାମ୍ୟଭାଷ : ୬୩୭୦୫୮୪୬୨୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭସ୍ମାସୁର



ଡ. ସୁବାସ ମିଶ୍ର

ଦିନ ଯାଇ ରାତି ହୁଏ
ରାତି ପାହି ଦିନ ହୁଏ,
ଦିନ ହୁଏ ନାତିଦୀର୍ଘ
ରାତି ପ୍ରଲମ୍ବିତ ।

କୃଷ୍ଣଚୂଡ଼ା ରଂଗହୀନ,
ବାସହୀନ ହେନା, ମଲ୍ଲୀ,
ଜୁଈ, ଯାଇ,ମାଳତୀ,କଦମ୍ବ,
କ୍ଷୀଣ ଧାର ନଈ
ଉନ୍ମତ୍ତ ସାଗର ।
ମାଟି ଏକାନ୍ତ ସଂତ୍ରସ୍ତା,
ଜର୍ଜରିତା ;
ରୁପହୀନ ହେବାର ଦୁଃଖରେ,
ସତେ ଅବା କେଉଁ ଅନୁଢ଼ା
ଅମ୍ଳର ଜ୍ୱାଳା ନେଇ
ନିଜକୁ ଧିକ୍କାରେ ।

ଆକାଶ ଅନୁଜ୍ଜ୍ୱଳ
ଦ୍ୱିତୀଆ ଜହ୍ନରେ
ଧୂମ୍ର କୁହେଳିରେ
ଆଚ୍ଛାଦିତ,
ଅତି ସଙ୍କୁଚିତ,ତ୍ରସ୍ତ;
ହସିବାକୁ ଚେଷ୍ଟା କରେ ସତ
ହସି ପାରେ ନାହିଁ ।

ପବନ ଗୀତ ବି ଗାଉନି,
ସୁରହଜା ସତେ
ଭଲ ପାଇବାକୁ ନାହିଁ ମନ ତାର
ଶିହରିତ କରେ ନାଁ ସେ
କୋମଳ ସ୍ପର୍ଶରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖାଲି ଇତସ୍ତତଃ ହୁଏ
ଅର୍ଥହୀନ ଚାହାଣୀରେ,
ଖରଶ୍ୱାସ ତେଜେ ।

କାଶତଣ୍ଡୀ ମନ ମାରି ବସେ
ନଈ ପଠା , ପାଟ ଆଉ
ଦୂର ଗାଁ ପଥଧାରେ କେବେ
ଗୋରା ଦେହ ତାର
ଦିଶଇ ମଳିନ
ଚାହିଁ ହୁଏନାହିଁ ।

ଜଳାଶୟମାନ
ହତ୍ୟାର ଶିକାର,
ଆତ୍ମହତ୍ୟା କରେ ପଲ୍ଲୀ ,
ପଉଷ ସୁନ୍ଦରୀ ଗୋରୀ
ଧର୍ଷିତା ଓ ବାରମ୍ବାର
ଅନ୍ତଃସତ୍ତ୍ୱା ହୋଇ
ପ୍ରସବୁଛି କୋଠା ମାଳମାଳ ।

ସବୁଜିମାଭରା ପାହାଡ଼ କନ୍ଦର
କାମୁକର ଦନ୍ତାଘାତେ
କ୍ଷତ ବିକ୍ଷତ ହୋଇ
ହରାନ୍ତି ଅସ୍ତିତ୍ୱ ନିଜର ।

ବାସହରା ବନ୍ୟପ୍ରାଣୀ ବିହଂଗମକୁଳ
ତାଙ୍କର ଇଲାକା କିଏ ନେଇଛି ତ ଲୁଟି,
ବିକଳରେ ଘୁରି ବୁଲି
ଖୋଜନ୍ତି ଖାଦ୍ୟ ଓ ଆଶ୍ରୟ ।

ଅତୀତ ଆପଣାକୁ ହଜାଇ ଦେଇଛି,
ବର୍ତ୍ତମାନ କୁମ୍ଭକର୍ଣ୍ଣ ପରି
ନିଶ୍ଚିନ୍ତରେ ଘୁଙ୍ଗୁଡ଼ି ମାରୁଛି,
ଭବିଷ୍ୟତ -ଭସ୍ମାସୁର
ହ୍ୱିକଟାଳ ହସ ହସି
ଘୋଷୁଅଛି ନିଜର ବିଜୟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଜୀବନର କ୍ଷେତ



ଶିବାଶିଷ ନାଏକ

ଗିରି ତାଳ ମାଳୁ ଖେଳେ ଯେ ସମୀର
ଝରାଇ ଝରାଇ ନାଳ
ସେହି ନାଳ ଧାର ବୋହି ଚାଲିଯାଏ
ହୋଇ ବୃହତ ଜଳ ।୧ ।
କେବେ କ୍ଷେତ ଧାର
ମୁହାଣ କୁ ଲସି
କେବେ ଦୁଇ କଢ଼ ବାଟେ
ପଥର ଚଟାଣେ
ଭଉଁରୀ ଖେଳେ ଯେ
ଯେମନ୍ତ ପ୍ରଜାପତି ଫୁଲ ।୨ ।
କ୍ଷେତେ ଧାରେ ମୋର
ନାହିଁ ଯେ ଅଭାବ
ଜଳର ବୁନ୍ଦତା ମାତ୍ରା
ରୁଇବି ମୁଁ ଭବେ ଭଳେ ସତେ
ନାହିଁ ମୋ କିଛି ଚିନ୍ତା ।୩ ।

କ୍ଷେତେ ରୁଆ ଆଗେ
ଯୋଚିବାକୁ ହେବ
ହଳର ଧୂସର ମାଟି
ତା ଗର୍ଭେ ସଞ୍ଚିବାକୁ ହେବ
ଗୋବର ଧାନ ମଣ୍ଡି ।୪ ।
ପ୍ରସ୍ଫୁଟିତ ହେବ ଧାନର ଗଜା
ସୃଷ୍ଟି ହେବେ ମୋର ତଳି
ସେହି ତଳି ଧାର ମହୀମାରି ମୁହିଁ
ଖୁସିରେ ଦିଏ କେଣ୍ଟି ।୫ ।
କଳା ବଉଦ ବି ଖେଳେ ଖେଳ
ରୁଇବା ବେଳର ସେହି ପ୍ରହର
ନ ଡରି ତାର ମାୟା
କଳା ବଉଦ କୁ ଗୀତ ଶୁଣାଇ
ଶେଷ କରୁ ତଳି ମରା ।୬ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିଛି କ୍ଷଣ ଯାଇ
ସପ୍ତେ ଦୁଇ ଅଧେ
କୀଟ ନାଶ ସାର ଭେଦୁ
କିଛି ମାସ କ୍ଷଣେ
ଅନାବନା ଘାସ
ତଳି ଧାରୁ କାଢ଼ି ନେଉ ।୭ ।

ମାସେ ଅଧେ ହେଲେ
ତଳି ଧାର ବଢ଼ି
ଧାନର ଅଗ୍ରିମ ଦିଏ
ଫୁଲ ଧାର ଝଡି ଫଳ ଲଭେ ଧାନ
କଷି କାକୁଡି ଟେ ଦିଶେ ।୮ ।

ସେହି କ୍ଷଣେ ଯଦି
ନ ଝରେ ବୃଷ୍ଟି
ଧାନ କ୍ଷେତ ମୋ କାନ୍ଦେ
ସେହି କାନ୍ଦ ସ୍ୱନେ
ମନ ଭାଙ୍ଗି ଯାଏ
ଅନ୍ୟତ୍ର ବାଟ ନ ଜାଗେ ।୯ ।

କ୍ରନ୍ଦନ ପିରତି ଶୁଣନ୍ତି ଇନ୍ଦ୍ର
ଦୟା ରେ ଝରାନ୍ତି
ଗଙ୍ଗା ର ବୁନ୍ଦ
ସେହି ଗଙ୍ଗା ବୁନ୍ଦ
ହୁଏ ମୋ ଆହାର
ଚମକି ଉଠେ ମୋ ଧାନର ଭଣ୍ଡାର
।୧୦ ।

ଧାନ କାଟିବାର ପ୍ରହର ଆସିଣ
ମୋ ମନେ ଚିନ୍ତା ଜାଗେ
ସେହି କ୍ଷଣେ ଯଦି
ହୋଇଯିବ ବୃଷ୍ଟି
ଅମଳ ମୋ ଗଜା ହୁଏ ।୧୧ ।

ସବୁ ଆଶା ମୋର ମାଟିରେ ମିଶିଣ
ପାଣି ରେ ଯାଏ ଧୋଇ
ଜଗତ ର ନାଥ ନୁହେଁ ଯେ ନିଷ୍ଠୁର
ଶ୍ରମକୁ ଦେବେ ତଡି ।୧୨ ।

ଏମନ୍ତ ଜଳ୍ପନା ଏମନ୍ତ କଳ୍ପନା
ଭବେ କଟା ହୁଏ ଧାନ
କୃଷକର ମୁଖେ ଖୁସିର ଅସାର
କ୍ରନ୍ଦନ ରେ ଝରିଯାଏ ।୧୩ ।

ଧାନର ବିଡ଼ା କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖଳାରେ ଖେଳାଇ
ଗାଈ ବଳଦ ର ମେଳ
ସେଥିରୁ ସୃଷ୍ଟି ହୁଏ ଯେ କୁଟା
ମୋ ଗାଈ ଲଭେ ଆହାର ।୧୪ ।
କୁଟା ଝାଡି କରି
ଦିଶଇ ମୋ ଧାନ
ଚମକି ଉଠେ ମୋ ମନ
ସେହି ଧାନ ଜୁଡେ
କାଟେ ମୁଁ ସପନ
କୁଟୁମ୍ବ ର ଅଭିପ୍ରାଣ ।୧୫ ।
ଧାନ କ୍ଷେତ ପାଇଁ
ଯାହା ମୋ କରଜ
ଧାନ ମୋର ମେଣ୍ଟି ଦିଏ
ଧାନକୁ ପେଶାଇ
ଚାଉଳ ରେ ମୋର
କୁଟୁମ୍ବ ଚଳିଯାଏ ।୧୬ ।

ଧାନ ପେଶା କୁଣ୍ଡା
ଧାନ ବିଡା କୁଟା
ଅର୍ଥ ର ବାଟ ସାଜେ
କୃଷକ ଜୀବନ
ଏମନ୍ତ ସପନ
ମୋ ଜୀବନ ର କ୍ଷେତ ହୁଏ ।୧୭ ।

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ,
କେନ୍ଦୁଝର
ଓଡ଼ିଆ ସମ୍ମାନ ଛାତ୍ର
ଜଘିଂରା, କେନ୍ଦୁଝର,-ଓଡ଼ିଶା
ଭ୍ରାମ୍ୟଭାଷ : +୯୧୯୬୬୮୬୦୩୮୭୧
+୯୧୭୯୭୮୧୫୭୯୩୬
ଇ-ମେଲ :-
shibasheeshnaikjgr@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧରମା



ସତ୍ୟବ୍ରତ ସାହୁ

ଧରମା କ'ଣ ଜାଣିଥିଲା..
ବାପାଙ୍କୁ ଖୋଜୁ ଖୋଜୁ ସେ ହରେଇ ବସିବ ନିଜକୁ
ଶିଳ୍ପୀ ଘରର ପୁଅ ସେ
କେମିତି ଚୁପ ଚାପ ବସିଥାନ୍ତା ଯେ
ମନ୍ଦିର ମୁଣ୍ଡି ମରି ପାରୁନି ଜାଣି !
ନିଜ ବୁଦ୍ଧିରେ ମାରିଦେଲା ମନ୍ଦିରର ମୁଣ୍ଡି,
ଜାଜ୍ୱଲ୍ୟମାନ ଦୀପ୍ତିରେ ଝଲସି ଉଠିଲା ସୂର୍ଯ୍ୟମନ୍ଦିର
ବାର ଶହ ବଢ଼େଇର ବାର ବର୍ଷ ସାଧନାର ସିଦ୍ଧି ।

ଅଥଚ ଏ କ'ଣ ...
ଖୁସି ବଦଳରେ ବିଷାଦର ଛାୟା ସଭିଙ୍କ ମୁଖରେ
ବୁଝିବାକୁ ଡେରି ହେଲାନି ତାକୁ
ବାର ବର୍ଷ ବାଳକର ମନକୁ ବୁଝିପାରିଲେନି ବାର ଶହ ମନ
ଅଥଚ ବାର ଶହ ମନକୁ ବୁଝିନେଲା ଧରମା ।
ରାଜା ଜାଣିଲେ ମୁଣ୍ଡକାଟ ...
ଗୋଟିଏ ମୁଣ୍ଡ ପାଇଁ ବାର ଶହ ମୁଣ୍ଡକାଟ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା, ସହିପାରିବନି ସେ ..

ବାପାଙ୍କ ଠାରୁ ବିଦାୟ ନେଇ ସେ ଲୀନ ହୋଇଗଲା ସାଗରରେ ।

ସତରେ...ଏମାନେ କେତେ ସ୍ୱାର୍ଥପର

ବିଶୁ ଛଡା ଆହା ପଦେ କହିଲେନି କେହି ।

ଧରମା... ତମ ପବିତ୍ର ଆତ୍ମାରେ ତମେ ଲଗାଇନାହଁ କଳଙ୍କ ।

ସେଥିପାଇଁ ବୋଧେ ତମକୁ ଝୁରେ ଏ ଜାତି, ଏ ଜଗତ

ତମେ ଛୋଟ ହୋଇ ବି ମହାନ

ତମକୁ ଏ ଜାତିର କୋଟିଏ ପ୍ରଣାମ ।

ଶ୍ରୀ ସତ୍ୟବ୍ରତ ସାହୁ

ପଲ୍ଲାସାହି, କମାଳପୁର, ଅହିୟାସ,

ଯାଜପୁର- ୭୫୫୦୩୬

ମୋ- ୯୩୩୮୧୭୫୭୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଣ ଏଇ ଜୀବନମୋର



ରାମପ୍ରସାଦ ସିଂହ

କଣ ସତ ଯିବ ଲୁଚି ଏଇ ଜୀବନର
ଅବା ମୁଁ ରହିବି ଦୂର ,
ସହିବା ତ ବିପଦ ଆପଦ ସବୁ
ଦାୟିତ୍ୱ ସାଜଇ ମୋର ।।
ଗୋଲାପ ଫୁଲଟିଏ, ଯିବି ମଉଳି
ଦିନେ ସୁରୁଜ ଆଲୋକେ ,
ପାଣି ଦେଲେ ଅବା ବଞ୍ଚିବି କାହିଁକି
ନ ଭାବିବା ଟିକେ ଟିକେ ।।
ଜହ୍ନର ଆଲୋକେ ହଜି ଯିବି ଦୂର
କେହି ନ ପାଇବେ ମୋତେ ,
ଜୀବନ ବଞ୍ଚିବା ହୁଏ ଆଗଭରା .
କେମିତିକା ଲେଖା ହାତେ ।।
ଏମିତିକା ସରଳ ଜୀବନ ଲେଖେ
ମୋ ଲଲାଟ ରଙ୍ଗ ପାଇଁ
ମନର ଦରଦ ହୁଏ ଶୁଷ୍କପଣ
ଭାବି ହଜିବା ତ ପାଇଁ ।।

ସୁକରପଡା ,କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ



ସସ୍ମିତା ମିଶ୍ର

ପ୍ରେ

ପ୍ରେମ କଣ ପଚାରୁଛ ଯେ

ଦୁଇଟି ଅକ୍ଷର ନା ମନ୍ତ୍ର

ଅକ୍ଷର ତ କଦାପି ନୁହେଁ

ସଂସାର ସାରମନ୍ତ୍ର

ଅସଂଖ୍ୟ ଅମୂଲ୍ୟ ମନ୍ତ୍ରର ଊର୍ଦ୍ଧ୍ୱରେ

ଏକ ଦିବ୍ୟ ଅନୁଭୂତି

ପ୍ରତ୍ୟେକ କ୍ଷଣକୁ

ପ୍ରତ୍ୟେକ ମନୁଷ୍ୟକୁ

ଅଭ୍ୟାସ କରିବାକୁ ହେବ

ଏକୋଇଶୀ,  ଶହେଆଠ,

ହଜାରେଆଠ ନୁହେଁ  ଚାରିପ୍ରହର

ଆଠପ୍ରହର  କି ଚବିଶିପ୍ରହର ନୁହେଁ

ବରଂ ଅନ୍ତଶ୍ୱାସ ଯାଏଁ

ଦେହାତୀତ ହୋଇ

ତେବେ ନା ମହକିବ

ରାଧାତମାଳର  ବାସ୍ନା

ଦୁର୍ଗନ୍ଧ ଦୂରେଇ ଯିବ

ଦେହରୁ, ପରିବାରରୁ

ସମାଜରୁ, ସୃଷ୍ଟିରୁ

କେଉଁ ଅପୂର୍ବ ଆନନ୍ଦର ଅବଗାହନରେ

ପୂତମୟ ଏଇ ଧରା

ଗୋଲାପି ପ୍ରେମର ଅରାରେ

ଝଲସିଯିବ ଝିଲମିଲ ତାରା ପରି

ମ

ମତେ ଆଉ ପଚାରିବନି

ମୋ ରାଣ, ମତେ ଆଉ ପଚାରିବନି

ଏତେ କଷ୍ଟିଆ ପ୍ରଶ୍ନ

ଉତ୍ତର ଖୋଜି ଖୋଜି ସରିଯିବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନର  ଏ ମୁଣ୍ଡ ରୁ ସେ ମୁଣ୍ଡ

ପୁଣି କିଏ ଜାଣେ

ତୁମେ କେମିତି ଧରିବ ତାର ଖିଅକୁ

ମୋପରି ଲମ୍ବା କରି

ନା ନିହାତି ଛୋଟ

ତେଣୁ ମୋ ରାଣ

ପଚାରିବନି

ଏମିତିକା ପ୍ରଶ୍ନଟାଏ

ଅଧ୍ୟାପିକା ସସ୍ମିତା ମିଶ୍ର

ମହାନଦୀ ବିହାର ମହିଳା ମହାବିଦ୍ୟାଳୟ

ଦୂରଭାଷ : ୯୦୭୮୫୭୯୭୧୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆରତୀ



ବିଭୁତି ରଞ୍ଜନ
ପାଣିଗ୍ରାହୀ

ଦିନେ ବନ୍ଧୁଟିଏ ମୋର ପଚାରେ ମୋତେ

- ତୋ ପ୍ରେମର ମୂଲ୍ୟ କଣ କହ ?

କହିଲି ମୁଁ ତାକୁ ଉତ୍ତରେ ମୋହର ଦେଇ ଏକ ମିଠା ହସ

ଏକ ସୁନ୍ଦର ହୃଦୟ ହେଉଛି ପ୍ରେମର ମୂଲ୍ୟ ମୋହର

ଅବା ଦେଇପାରେ ହସ ଏକ ନଳିନୀ ଓଠରେ

କାହା ଆଖିର କାଜଲ ବି ହେଇପାରେ

କିମ୍ବା ହେଇପାରେ ନୀଳିମା ସେଇ ଗୋଲାପ ପାଖୁଡ଼ାର

କାହା ହାତରେ ମେହନ୍ଦୀ ବି ମୁଁ ହେଇପାରେ

ଅବା ହେଇପାରେ ସିନ୍ଦୁର ସେଇ ନୂଆ ବୋହୁ ମଥାର

ଶଙ୍ଖା ଦି ପଟରେ ବି ମୁଁ କିଣି ହୋଇପାରେ

କିମ୍ବା ହୃଦୟ ସ୍ପନ୍ଦନ ହୋଇପାରେ କାହା ପାଉଁଜି ଶବ୍ଦର

ମୋର ମୂଲ୍ୟ ଏକ ପ୍ରତିଶୃତି ବି ହୋଇପାରେ

ଅବା କଥା ହୋଇପାରେ ଏକ ବିଶ୍ୱାସର

ଦୁଇ ମୁହୂର୍ତ୍ତର ଜୀବନ ବି ହେଇପାରେ

କିମ୍ବା ହେଇପାରେ ବନ୍ଧନ ସାତ ଜନ୍ମର

କାହା ଆଖିରେ ଖୁସିର ଲୁହ ବି ହେଇପାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବା ହେଇପାରେ ସମ୍ପର୍କ ଦୁଇ ଘଡ଼ିକର

ମୁଁ କାହା ଭଲ ପାଇବା ବି ହେଇପାରେ

କିମ୍ବା ହେଇପାରେ ପ୍ରତାରଣ କାହା ଭଲ ପାଇବାର

ମୁଁ କାହା ଲାଗି ସକାଳ ଆରତୀ ବି ହେଇପାରେ

ଅବା ସନ୍ଧ୍ୟାଧୂପ ବି ହେଇପାରେ କାହା ଘର ଅଗଣାର

ଗୋଟେ ଟୋପା ଲୁହ ବି ହେଇପାରେ ମୃତ୍ୟୁବେଳର

କିମ୍ବା ହେଇପାରେ କ୍ରନ୍ଦନ ଜନ୍ମବେଳର

କାହାଲାଗି ଖୁସି ବି ହେଇପାରେ

ଅବା ଦୁଃଖ ବି ହେଇପାରେ କାହା ମନର

କେବଳ ଏତିକି କହି ଶେଷ କରିବି

ମୋ ପ୍ରେମର ମୂଲ୍ୟ

ନୁହେଁ ଏକ ବସ୍ତୁ ଯାହା କିଣିବାର

ଏହା ଯେ ଏକ ଅନୁଭୂତି ଯାହା ରହେ କେବଳ ସ୍ପନ୍ଦନେ ହୃଦୟର

ଏହା ଯେ କେବଳ ଏକ ସ୍ପନ୍ଦନ ହୃଦୟର

ଏକ ସ୍ପନ୍ଦନ ହୃଦୟର...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଟିକିଏ ଜୀବନ



ରାହାସ କୁମାର ବେହେରା

ତା'ର କୁନି କୁନି ପାଦ ଘୁଙ୍ଗରର ଶବ୍ଦ
ହୃଦୟର ସ୍ପନ୍ଦନ ହୋଇ ଦେହରେ ସଞ୍ଚରିଯାଏ
ଗୁଡାଏ କାହାଣୀ ବୁଢିଆଣୀ ଜାଲକରି ଛନ୍ଦିପକାଏ
ଦିଶୁ ଅବା ନଦିଶୁ କିନ୍ତୁ ମାପିହୁଏ
ତା ଭଲପାଇବାବାକୁ ଅନୁଭବ କରିହୁଏ
ତା'ର ଉପସ୍ଥିତି ଜୀବନର ପ୍ରତିଟି ମୋଡ଼ରେ ।

ତା'ର ବିଦ୍ୟମାନ ପବନର ସ୍ପର୍ଶରେ ,
ଫୁଲର ମହକରେ,
ଶୋଷିଲା ମନର ଶୋଷରେ ,
କି' ପରମ ତୃପ୍ତି ଭାବନାରେ ,
କିଛି ଆଶ୍ୱାସନା ପରମ ଶାନ୍ତି ତା'କୁ ପାଇବାରେ ।

ଏତ ଆୟୁତ ଜନ୍ମର ଫଳ
ଦେଖା ପୁଣି କେଇ ମୁହୂର୍ତ୍ତର
ତୁ'କିନ୍ତୁ ଚିରସ୍ଥାୟୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଅସ୍ଥାୟୀ ଫୁଲର ଡେମ୍ଫରୁ ଝଡିଲା ପରି

ଝଡିପଡେ କଥା ମୁଣି ସରିଗଲା ପରେ

ନାଜ୍ଞିକ ପାରିକରିଦିଏ ଘାଟ

ରହେ ନାହିଁ ଶୂନ୍ୟ ଦେହି

ପାଣି ଶୁଖିଗଲେ ଠିକ୍ ଯେମିତି ଶୁଖିଯାଏ ନଈ ।

ବାଲ୍ୟମ୍ବା, ଢେଙ୍କାନାଳ:୭୫୯୦୧୫

ମୋ:୯୪୩୮୧୧୪୩୬୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରୌଦ୍ରତା



ବିକାଶଚନ୍ଦ୍ର ଧୁଙ୍ଗିଆ

ପ୍ରଚଣ୍ଡ ରୌଦ୍ର ତାପରେ ଧରଣୀ,
ହୁଅଇ ଅବଶ ଆଜି ।
ହନ୍ତସନ୍ତ ହୁଏ ପ୍ରାଣୀ କୂଳ ଆଜି,
ନପାରେ କାହାକୁ କହି ।।
ତୁମରି ତାଣ୍ଡବେ ମାନବ ଦାନବ,
ମଥା କରେ ଆଜି ନତ ।
ତୁମକୁ ସାନ୍ତ୍ୱନା କରିବାକୁ ଆଜି,
ଯଜ୍ଞରେ ଆହୁତି ଘୃତ ।।
ଦୋଳିରେ ଖେଳିଲ ହସି ହସି ତୁମେ,
ଦଶ ମାସ ଦିନ ଧରି ।
ଷାଠିଏ ଦିନରେ ଜାଳିଦେଇଗଲ,
ହନୁମାନ ଲଙ୍କା ପରି ।।
ଶୁଖିଗଲା ନଈ ନାଳ ଜଳଧାରା,
ନ ପାଇଲେ କେହି ଜଳ ।
ଜଳର ବିହୁନେ ହାହାକାର ଆଜି,
କାହାକୁ କହିବା ଶୁଣ ??
ଗାଈଆଳ ଟୋକା ଛାଡିଦେଇ ଗାଈ,
ବସଇ ପାଦପ ମୂଳେ ।
ବାଜ ପାରା ସଭିଁ ଏକ ହୋଇ ବୃକ୍ଷେ,
ବିଶ୍ରାମ ନିଅନ୍ତି କେତେ ।।
ମହାମାରୀ ଅଂଶୁଘାତ ସାଥେ ଆଜି,
ହୋଇଅଛ ତୁମେ ମିତ ।
ଜୀବଜଗତକୁ ତୁଛ ମନେ କରି,
ପଠାଉଛ ଯମ ପୁର ।।
ବିପ୍ଳବର ଶଙ୍ଖ ନାଦରେ ମେଦିନୀ,
କମ୍ପାଇବେ ଆଜି ଜନ ।
ସବୁଜ କୋଳରେ ହସିବ ଧରଣୀ,
ଭାଙ୍ଗିଦେବେ ତୁମ ଗର୍ବ ।।
ଘରେ ଘରେ ଆଉ ପୁରେ ପୁରେ ମିଶି,
ଜାଗ୍ରତ ହେବାରେ ଆଜି ।
ଗୋଟିଏ ଲୋକକୁ ଗୋଟିଏ ବୃକ୍ଷ,
ଲଗାଇବା ଆଜି ମିଶି ।।

ଶୁଳିଆପଦା, ମୟୂରଭଞ୍ଜ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଈଶ୍ୱର ! ରକ୍ଷାକର



ହୀରାବତୀ ପାତ୍ର

ଶାନ୍ତ ସମୁଦ୍ର ଆଜି ଅଶାନ୍ତ ସାଜେ,
ଉଚ୍ଛୁଳି ପଡଇ ପାଣି ।
ଘନ ଘନ ନାଦେ ମେଦିନୀ କମ୍ପଇ,
ମୁଣ୍ଡ ଟେକେ ବାତ୍ୟା ଫଣି ।।
ବେଳାଭୂମି ସାଜେ କାଳର ବିଛଣା,
ଜଗତ ଯାଏ ଉଜୁଡି ।
କିପରି କରିବେ ତୁମ ଆରାଧନା,
ଜୀବନ ତ ଯାଏ ଉଡି ।।
ତ୍ରାହି ତ୍ରାହି ଶୁଭେ ଚଉଦିଗ ଆଜି,
ନ ପଡେ କି କର୍ଣ୍ଣେଣ ତୁମ ।
ଜଗତ କରତା ହେ ବିଶ୍ୱ ବିଧାତା,
ଏ କି କଳିର ଅନ୍ତିମ ?
କୁହ ଭଗବାନ ହେଲା କି ବିଭ୍ରାଟ,
ନ ମିଳଇ ଜଳ ଫଳ ।
କେଉଁ ଦୋଷ ପାଇଁ ଦଣ୍ଡ ଦିଅ ଆଜି,
ନିସ୍ତବ୍ଧ ହେଲା ଉତ୍କଳ ।।
ମୃତ୍ୟୁର ପଦେ ଜୀବନ ବିକଳରେ,
କ୍ଷୁଧାରେ ଖୋଜେ କେ ଭାତ ।
ସୃଷ୍ଟିର ଆୟୁଷ ସରି ସରି ଆସେ,
କହିବ କି ଭଗବାନ ??
ନ ରହି ପାରିଲା ଶ୍ରୀମନ୍ଦିର ଚୂଳେ,
ପବିତ୍ର ପତିତ ବାନା ।।
ଫର ଫର ଉଡେ ନିଳାଚଳେ ଦେଖ,
ଏ ମହା ଧ୍ୱଂସର ବାନା ।।
କୃଷ୍ଣ ସର୍ପ ରୂପୀ ସାଜିଛ ମହିରେ,
ମହାବାତ୍ୟା ଆସେ ଫଣି ।
ଆଉ ଥରେ ପ୍ରଭୁ ଉଦ୍ଧାର ଜଗତେ,
ଧରି ଗବର୍ଦ୍ଧନ ଗିରି ।।
ତୁମେ ନୁହେଁ ଜଡ ନୁହେଁ ପୁଣି ସ୍ଥାଣୁ,
ଦେଖାଅ ଆସିଛି ବାରି ।
ରକ୍ଷା କର ହେ ପ୍ରଭୁ ଏ ଜଗତକୁ,
ଏତିକି ମୋର ଗୁହାରି ।।

ହିରାବତୀ ପାତ୍ର
ନଳଗଜା, ମୟୁରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ



ରଶ୍ମିତା ମହାନ୍ତ

ସମୟ ଚକରେ ବନ୍ଧା ଯେ ଏ ଜୀବନ
ପରିବର୍ତ୍ତିତ ହୁଏ ସଦା ପ୍ରାଣୀ ମନ ।
ଲୋକେ ହୁଅନ୍ତି ସିନା ବିରକ୍ତ ମାନ
ହେଲେ ତାଳ ଦେଇ ଚାଲିଯାନ୍ତି ସୁଜନ ।
ସମୟକୁ କରନି ଆଉ ହୀନିମାନ
ଏହାକୁ ଭାବଣି ସର୍ବଶ୍ରେଷ୍ଠ ଧନ ।
ଆଲୋକିତ କରି ନିଅ ଏ ଜୀବନ
ପ୍ରତିକ୍ଷଣ ହୁଏ ସବୁ ପରିବର୍ତ୍ତନ ।
ସମୟ ଠାରୁ ହିଁ ଗତିଶୀଳ ମନ
ମନଠାରୁ ହିଁ ସୃଷ୍ଟି ହୁଏ ପରିବର୍ତ୍ତନ ।।

ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ
ଗୋଟିଏ ସମୟ ଅନ୍ୟଟି ପରିବର୍ତ୍ତନ ।
ଏ ଜଗତରେ ଦୁଇଟି ସତ୍ୟ
ସମୟ ଆଉ ପରିବର୍ତ୍ତନ ।
ବ୍ୟସ୍ତ ମନୁଷ୍ୟର କିଏ ବା ସାଥୀ
ପ୍ରତି ମୁହୂର୍ତ୍ତରେ ସମୟ ଯେ ଅମୂଲ୍ୟ ଅତିଥୀ
।।

ରଶ୍ମିତା ମହାନ୍ତ
ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
ବାରିପଦା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମତେ ମାରିଦିଅ



ପଙ୍କଜ କୁମାର ମାହାନା

ମତେ ମାରିଦିଅ !
ମାରିଦେବାର ସ୍ୱପ୍ନ କିଏ
କେବେବି ଦେଖିନଥାଏ ।
ଅନ୍ୟକୁ ମାରିଦେବା
କେବେ କାହାହାତର ଖେଳ ନଥାଏ !
ଜନ୍ମ ଦେଇଛି ଯିଏ
ଏତେ କଷ୍ଟ କରି
ଗର୍ଭରେ ଧରିଛି ଯିଏ
ତୁମକୁ ନିଜର କରି ।।
ପାରିଲା ନାହିଁ ତୁମକୁ ମାରି
ମୁଁ କଣ ତାଙ୍କ ଠାରୁ
ଏତେ ବଡ ଯେ ?
ତୁମକୁ ପାରିବି ମାରି ??
ମାରିବାର ମନ ବୃତ୍ତି ନାହିଁ
ମୋ ଜୀବନରେ ।
ଅନ୍ୟକୁ ରକ୍ଷା କରିବାର
ଅଛି ମୋର ଅଧିକାର ।
ତୁମେ ଭାବ ନାହିଁ ମୁଁ ନିବୋଧ ?
ଟଙ୍କା କି ପଇସା ନେଇ ନାହିଁ
କରିବାକୁ ତୁମକୁ ବୋଧ ।।
ସମୟ ସିନା ବୁଝେ ନାହିଁ
ପଡେ ସଭିଙ୍କ ପଛରେ !
ହେଲେ ମୁଁ ସେ କଂସେଇ ନୁହେଁ
ମାରିବାକୁ ତୁମକୁ ପଡିବି ତୁମ ପଛରେ ??
ଭଗବାନଙ୍କ ତୁମେ ନିଅ ଶରଣ ।
ତାଙ୍କ ପାଦପଦ୍ମରେ ପଙ୍କଜକୁ କର ଅର୍ପଣ ।
ଫେରି ପାଇବ ତୁମେ ତୁମ ପ୍ରାଣ !!

ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ,
ବାରିପଦା,ମୟୁରଭଞ୍ଜ, ୯୫୮୩୨୫୪୯୭୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯାହାର ଯେମିତି ମନ



ନୂତନ କୁମାର ବେହେରା

ଯାହାର ଯେମିତି ମନ
କିଏ କରିପାରିବ ପରିବର୍ତ୍ତନ ?
ଯେଉଁ ଦିଗରେ ଦିଏ ଧ୍ୟାନ
କରି ଚାଲିଥାଏ ତାର ସମାଧାନ ।
ଏକା ପାଠ ଏକା ବହି
କରୁଥିଲେ ବି ଅଧ୍ୟୟନ,
ସଭିଏଁ କରିପାରନ୍ତି ନାହିଁ
ସମାନ ଜ୍ଞାନ ଆହରଣ ।
ବୁଝାଇଲେ ବୁଝନ୍ତି ନାହିଁ
ସମସ୍ତେ ସମାନ,
ମତ ଆସେ ସଭିଙ୍କ ଠାରୁ
ଅଭିଜ୍ଞତା ଅନୁସାରେ ଭିନ୍ନ ଭିନ୍ନ ।

ଯାହାର ଯେମିତି ଜ୍ଞାନ
ସେମିତି କର୍ମ କରେ ପ୍ରତିଦିନ,
ସାରା ବିଶ୍ୱରେ ମଣିଷର ମନ
ଜଣଙ୍କଠାରୁ ଅନ୍ୟଜଣର ଭିନ୍ନ ।
ଏହାର ସଠିକ୍ ପ୍ରମାଣ
ଦିଏ ଯଦିଓ ଶାସ୍ତ୍ର ପୁରାଣ,
ଦେଖାଇ ବହୁ ଉଦାହରଣ
ସମସ୍ତେ ପାରନ୍ତି ନାହିଁ କରି ପାଳନ ।
ସୃଷ୍ଟି ତତ୍ତ୍ୱର କଥା ଏ ଭାରି ଗହନ
ଗୁଣୀଜନେ କରୁଥାନ୍ତି ମନନ,
ଯୁଗେ ଯୁଗେ ସତ୍ୟ ଚିରନ୍ତନ
ତଥାପି ସଭିଏଁ କରନ୍ତି ନାହିଁ ଗ୍ରହଣ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ବ୍ରହ୍ମ ଆତ୍ମା ଭିନ୍ନ ଭିନ୍ନ
ପ୍ରତି ଘଟେ ରହି ଦିଏ ଦିଗଦର୍ଶନ,
ଉପଲବ୍ଧି କରି ହୁଏ ଯାହାର
ଅନୁଭବେ ପ୍ରତ୍ୟକ୍ଷ ଜ୍ଞାନ,
ମହନୀୟ ଗୁଣେ ସେ
ସାରା ସଂସାରେ ହୁଏ ମହାନ ।
ସତ କର୍ମ ସାଧନାର ପାଇଁ
ଉଦ୍ଦିଷ୍ଟ ପ୍ରତିଟି ଜୀବନ,
ପଥେ ତାର ବାଧକ ହୁଏ
ଲୋଭ ମୋହ ର ପାର୍ଥିବ ବନ୍ଧନ ।

ନିଜ ନିଜର ଦୃଢ ଇଚ୍ଛାଶକ୍ତି
ଆତ୍ମବଳ ମନୋବଳକୁ କରି ଜାଗରଣ,
ସାଧନାରେ ସିଦ୍ଧି କରି
ପ୍ରାପ୍ତ ହୁଏ ତାର ଦିବ୍ୟ ଆଚରଣ ।
ସଭିଙ୍କ ମଧ୍ୟରେ କରି ବ୍ରହ୍ମ ଦର୍ଶନ
ସାର୍ଥକ କରେ ଅମୂଲ୍ୟ ଜୀବନ,
ଅମର ହୋଇ ସୁକ୍ଷ୍ମରେ ଚିରଦିନ
ଅଦୃଷ୍ଟରେ ଜଗତର
କରେ କଲ୍ୟାଣ ସାଧନ ।
ଏସବୁ ବ୍ୟତିରେକ
ମାନବ ଜନ୍ମଜନ୍ମାନ୍ତର ରହେ ସାଧାରଣ
ନ ବୁଝି ଗୁଢ଼ରହସ୍ୟର କାରଣ,
ଯାହାର ଯେମିତି ମନ
କରୁଥାଏ ସେମିତି ଆଚରଣ ।

କୋହି, ଗଡିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ସଂଘର୍ଷ



ଅବିନାଶ ବେହେରା

ବାଲ୍ୟକାଳର ପ୍ରତିଟି ମୂହୁର୍ତ୍ତ

ଆଶା ଓ ସମ୍ଭାବନାର,

ବାଲ୍ୟ ଚପଳାମି କେତେ ମନେ ଭରିଦିଏ

ଦୁଃଖ, ଆନନ୍ଦ, ଭାବ ଉଲ୍ଲାସର ।

ସମୟର ପରିକ୍ରମାରେ ନିଜକୁ ସାମିଲ କରି,

କର୍ମର ପନ୍ଥା ନିର୍ଦ୍ଧାରଣ କରିବା ହୁଏ, ବହୁ କଷ୍ଟକର,

ସମାଜରେ ସାମାଜିକ ଜୀବନ ନିର୍ବାହ

ପ୍ରତ୍ୟେକଙ୍କ ପାଇଁ ସଂଘର୍ଷ...

ଜୀବଜଗତର ପ୍ରତିଟି ଜୀବନ,

ଜୀଇଁବାର ଅଭିଳାସାରେ ବ୍ୟସ୍ତ,

ଆକସ୍ମିକ ପରିସ୍ଥିତି ମଣିଷର ବାସ୍ତବତାକୁ ଦୋହଲାଇ ଦିଏ,

ତଥାପି ମଣିଷ ଆଗକୁ ବଢିବାରେ ପ୍ରଚେଷ୍ଟା କରେ,

ଲୋଭ, ମୋହରେ ବାନ୍ଧି ହୋଇ

ମଣିଷ ପଣିଆଁକୁ ହତାଦର କରିବା

କବେ ନୁହେଁ ଜୀବନ ଜୀଇଁବା,

ମଣିଷର ଅନ୍ତରରେ ମଣିଷ ପଣିଆଁ ସଦା ବିଦ୍ୟମାନ,

ତାକୁ ଜାଗ୍ରତ କରିବା ପାଇଁ ଦରକାର,

ନିଜ ସହ ନିଜର ସଂଘର୍ଷ ।

ସବୁ ପ୍ରତିକୂଳ ପରିବେଶରେ

ନିଜକୁ ଖାପଖୁଆଇବା ହିଁ ଜୀବନ

ଜୀବନ ଜୀଇଁବାର କଳାକୌଶଳରେ ପରିବର୍ତ୍ତନ

ବାସ୍ତବରେ ସଂଘର୍ଷ ପୂର୍ଣ୍ଣ ଏ ଜୀବନ ।

ଜୀବର ପ୍ରତ୍ୟେକ ସମୟ ତା ପାଇଁ,

ଆଣେ ନୂଆ ନୂଆ ସମ୍ଭାବନା,

ସେହି ସମ୍ଭାବନାକୁ ବାସ୍ତବରୂପ ଦେବାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂଘର୍ଷ କରିବାକୁ ପଡେ

ତାହା କେତେବେଳେ ବିଡମ୍ବନା...

କେତେବେଳେ ଯନ୍ତ୍ରଣା ...

ମାନବଧର୍ମକୁ ପାଥେୟ କରି ମଣିଷ ଯଦି,

ଭଲମଣିଷଟି ହୁଏ...

ତାର ସଂଘର୍ଷର ଗାଥା ହୁଏ ଉଦାହରଣ...

ସେ ସମାଜ ପାଇଁ ଆଦର୍ଶ ହୁଏ...

ଜୀବନର ଅନ୍ୟ ନାମ ସଂଘର୍ଷ ହୁଏ ସେତେବେଳେ,

ଯେତେବେଳେ ନିଜର କଥାକୁ ଗୋପନରେ ରଖି,

ଅନ୍ୟ ପାଇଁ ବଞ୍ଚିବାର  ଆନନ୍ଦ ପାଏ  ।

ସଭିଏଁ ଏକତ୍ରିତ ହୋଇ,

ଯେ ଯାହାର ଲକ୍ଷ୍ୟକୁ ନିର୍ଦ୍ଧାରଣ କରି

ସତ୍ ମାର୍ଗରେ ଆଗକୁ ବଢିବା ହିଁ ହେବ,

ଜୀବନ ସଂଘର୍ଷ.....

ସଂସ୍କୃତ ଶିକ୍ଷକ, ବାକରତଳା ସରକାରୀ ଉଚ୍ଚ ବିଦ୍ୟାଳୟ,

ମୟୂରଭଞ୍ଜ, ଓଡ଼ିଶା

ଭ୍ରାମ୍ୟଭାଷ:୯୯୩୮୩୩୪୨୨୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନୁତପ୍ତ



ପ୍ରିୟଦର୍ଶିନୀ ମହାନ୍ତି

ଭଲ ପାଇବାର ମଣିଷକୁ ଆଜି
ଖୋଜି ପାଇଯିବା ପରେ,
ମୋ ପାଇଁ ତା ଆଖିରୁ ଲୁହ
ଲହୁ ହୋଇ ଆଜି ଝରେ । ୧

କେତେ ସରଳିଆ କେତେ ନିରିମଳ
ହୃଦୟକୁ ତୁମ ସାଥି,
ଆଘାତ ଦେଇ ମୁଁ କି ସୁଖ ପାଇଲି
ଭାବେ ଏକାନ୍ତରେ ବସି । ୨

ଦିନ ଯାଏ ବିତି ରାତି ଯାଏ ପାହି
ଓଠରେ ମୋ ଦେଇ ହସ,
ହେଲେ ମୁଁ ନିଷ୍ଠୁର ବୁଝିପାରୁ ନାହିଁ
ଦେଉଅଛି ଖାଲି ଦୋଷ । ୩

ଆତତାୟୀ ପରି ରକ୍ତାକ୍ତ କରିଛି
ପ୍ରେମର ତୀକ୍ଷ୍ଣ ଅସ୍ତ୍ରରେ,
ହୃଦୟକୁ ତୁମ ଖଣ୍ଡଖଣ୍ଡ କରି
ଜାଳିଛି ପ୍ରେମ ଜୁଇରେ । ୪

ଗୋଲାପ ସଦୃଶ ହୃଦୟକୁ ତୁମ
କ୍ଷତାକ୍ତ କରିଛି ଚାଲି,
ଭାବିବନି ମୁଁ ଯେ ଶାନ୍ତିରେ ରହିଛି
ପାରିବିନି କେବେ ଭୁଲି । ୫

କ୍ଷମା ଭିକ୍ଷା ମୁଁ କରିବିନି ଆଜି
ମୋର ଏଇ ଭୁଲ ପାଇଁ,
ସାରା ଜୀବନ ଏଇ ଭୁଲ ମୋର
ରହିଥିବ ଦାଗ ହୋଇ । ୬

ହୃଦୟରୁ ଆଜି କରୁଛି ସଂକଳ୍ପ
ଛାଡିବିନି ତୁମ ହାତ,
ମରିବି ତୋ ସାଥେ ବଞ୍ଚିବି ତୋ ପାଇଁ
ତୁମେ ସାତ ଜନ୍ମର ମିତ । ୭

ଏସ ଆର -୭, ଟଙ୍କପାଣି ରୋଡ଼ ୪
ପାଣ୍ଡବନଗର, ଭୁବନେଶ୍ୱର-୭୫୧୦୦୮
ମୋ: ୯୩୩୭୫୧୫୮୫୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମପାଇଁ ଦିନେ



ଅନାମଚରଣ ସାହୁ

ତୁମ ପାଇଁ ଦିନେ ଉତ୍କଳ ଭୁବନେ
ହସୁଥିଲା ଦୁଃଖୀ ପ୍ରାଣ
ସେବା ଧରମର ତୁମେ ଥିଲ ଚର
ରଖିଥିଲ ଜାତି ମାନ ।
ପାଦେ ଚାଲି ଚାଲି ଅପନ୍ତରା ଭୂମି
ସେବା କରମରେ ହଜି
ଅନ୍ତର ବେଦନା ଜାଣୁଥିଲ ସିନା
ଦୁଃଖିର ଦୁଃଖକୁ ବୁଝି ।
ଏବେ ସେ ସମୟ ହୋଇଛି ଅତୀତ
ବଦଳିଛି ଦେଶ ଛବି
ସ୍ୱାର୍ଥ ସାଧନର କରିଛନ୍ତି ବ୍ରତ
ଆମ ଜାତି ଭାଗ୍ୟ ରବି ।

ଦେଶ ସେବାକରି ଏବେ ପୁଞ୍ଜିପତି
ମୁଖରେ ମଧୁର ବାଣୀ
ଦୁଃଖୀ ଭାସିଯାଏ ଦୁଃଖର ନାଆରେ
ନିଜକୁ ବୋଲାଉ ଗୁଣୀ ।
ଆପେ ବଞ୍ଚି ରହୁ ବାପର ନାଆଁକୁ
ମୁଖେ କରି ଘୋଷା ସାର
ଦୁରୁବଳ ପାଇଁ କୁମ୍ଭୀର କାନ୍ଦଣା
ଜୀବନେ ହୋଇଛି ସାର ।
ଗୋପବନ୍ଧୁଙ୍କର ତୁମେ ଅତି ପ୍ରିୟ
ଅନନ୍ତ ଯାହାର ନାମ
ଧନ୍ୟ ଏହି ଜାତି ତୁମେ ପରା ବତୀ
ଲିପିବଦ୍ଧ ତୁମ କାମ ।

ବିଭୂତିପୁର, କାକଟପୁର, ପୁରୀ
ମୋ-୯୯୩୭୨୧୦୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାକୁ ଖୋଜୁଛୁ ମନ



କୁମାର୍ ଲୋକେଶ

ସରିଗଲା ମୋର ଜୀବନର ଖୁସି
ପାରିବିନି ଆଉ ହସି
କାହାକୁ ଖୋଜୁଛି ପାଗଳ ମନଟା
ହୃଦୟ ପାଖରେ ବସି,
ଦିନ ଥିଲା ପରା ହସୁଥିଲି କେତେ
ଭାବନାରେ ବୁଡି ଯାଇ
ଆଜି ସେ ଦିନ କୁଆଡେ ହଜିଲା
ପାଖେ ମୋର କିଛି ନାହିଁ,
ଅନ୍ତର ଭିତରୁ ଶବ୍ଦ ଟିଏ ଶୁଭେ
ପ୍ରିୟା ପ୍ରିୟା ବୋଲି କୁହେ

ଏଡେ ହତଭାଗା ଜୀବନଟା ମୋର
ଲୁହରେ ଗାଧୋଇ ଶୁଏ,
କାହାକୁ ଖୋଜୁଛୁ ଅବୁଝା ମନରେ
କେହିତ ନାହାଁନ୍ତି ସେଠି
ଛାଡି ଦେଇ ପ୍ରିୟା କେବେଠୁ ଯାଇଛି
ହୃଦୟ କାନ୍ଦୁଛି ଏଠି,
କା ଆଗେ କହିବି ଦୁଃଖର କାହାଣୀ
କିଏସେ ବୁଝିବ କୁହ
ଯାହାକୁ ପାଇଲି ଜୀବନରେ ଭଲ
ସିଏ ଦେଲା ମୋତେ ଲୁହ ।

ଢେଙ୍କାନାଳ, ଗୋରଡାପାଳ
ଭ୍ରାମ୍ୟଭାଷ : ୭୯୮୧୩୧୦୭୧୯

 Magazine Downloaded from www.aahwaan.com

# ବିଶ୍ୱ ଶ୍ରମିକ ଦିବସ



ଅଜୟ କୁମାର ବେହେରା

ଶିଳ୍ପୀ ଆମେ ଶ୍ରମିକ ଆମେ
କାମରେ ଥାଉ ମାତି
ମାନୁନା କେବେ
ଖରା ବରଷା, ଝାଞ୍ଜି ଅବା ତାତି । ।

ଗଢି ବସୁ ଆମେ ଯେ ପୁଣି
କେତେ ଦେଉଳ
ରାସ୍ତାଘାଟ ପୁଣି ପୋଖରୀ ପୋଲ
କେ ଅଛି ପୁଣି ଦେଇ ପାରିବ
ଆମ ଶ୍ରମର ମୂଲ । ।

ଆମରି ହାତ,ଆମରି ବଳ
ଯେଉଁଠି ଲାଗେ ଥରେ
ଗଢି ହୋଇ ଯାଏ କେତେ କୁଟୀର , ମନ୍ଦିର
ସତେ ଲାଗେ କେଡ଼େ ସୁନ୍ଦର । ।

ଶିଳ୍ପୀ ଆମେ ,ଶ୍ରମିକ ଆମେ
ଗାଁରୁ ସହର ଯୁଆଡେ ଗଲେ
ବ୍ୟସ୍ତ ରହୁ ଆମେ ଆମରି କର୍ମେ । ।

ମୁଣ୍ଡ ଝାଳ ତୁଣ୍ଡରେ ମାରି
କରୁ ଯେ ଆମେ କର୍ମ
ଦେହୁ ବହେ କେତେ ଯେ ପୁଣି ଘର୍ମ
କେ ନାହିଁ ଆହାଃ ପଦେ କହିବା ପାଇଁ
ଜୀବନ ଆମ ଶ୍ରମ କରିବା ପାଇଁ । ।

ଶ୍ରମିକ ବୋଲି ଆମେ
ବ୍ୟସ୍ତ ରହୁ ଆମରି କାମେ
ଦିନ କି ରାତି କି ଖରା ବରଷା ତାତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ସମାନ ଆମରି ପାଇଁ

ଗଢା ହୋଇଛୁ ଆମେ ଦୁନିଆ ପାଇଁ । ।

ଆମେ ପଛେ ରହୁ ଭଙ୍ଗା ଘରେ

ଗଢା ହୁଏ କେତେ ନୂଆ ଘର

ସତେ ଆମ ହାତରେ

ଖରା ବରଷା ରେ ପଛେ

ଦହଲେ ଆମରି ଘର

ଗଢା ହୁଏ  ନୂଆ ଘର

ଲୋକଙ୍କର କେଡେ ସୁନ୍ଦର  । ।

ଆମ ହାତ ସଦା ଅନ୍ୟ ପାଇଁ

ଆମ ଦୁଃଖ କେହି ବୁଝେ ନାହିଁ

ଦିନ କୁ ଦି ଓଳି ଆମକୁ

ଶାନ୍ତିରେ ଖାଇବାକୁ ମିଳେ କାହିଁ

ଆମର ପୂନେଇଁ ପରବ କିଛି ତ ନାହିଁ  । ।

ସମାଜରେ ଆମେ ରହୁ ସଦା ନିମ୍ନରେ

ଲୋଡ଼ା ହେଉ ପୁଣି ସଭିଙ୍କ ଯେତେ କର୍ମରେ

ଆମ ହାତ ନ ଲାଗିଲେ ଥରେ

ସମ୍ଭ୍ରାନ୍ତଙ୍କ ଚୂଲି ବନ୍ଦ ହୋଇ ଯାଏ ସତରେ

ତଥାପି ଆମକୁ ଆଦର ମିଳେ ନାହିଁ

ଆମେ ପରା ମୁଲିଆ, ଶ୍ରମିକ ଭାଇ  । ।

ଏ କଥା କେହି ଭୁଲିବ ନାହିଁ

ଶ୍ରମିକର ଶ୍ରମ ବିନା

ଦେଶର ଉନ୍ନତି କାହିଁ

ଯଦି ଚାହୁଁଛ ଦେଶର ଉନ୍ନତି ଭାଇ

ତାଙ୍କୁ କେବେ ଦୁଃଖ ଦେବ ନାହିଁ  । ।

ଅଜୟ କୁମାର ବେହେରା

ମୋରଡ଼ା, ମୟୂରଭଞ୍ଜ  । ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଗତରାତିର ବାକିଆ ନିଦ



ଲିପିନ୍ ରାଉତ

ପ୍ରାତଃରୁ
ସଅଳ ଉଠିବାର ପ୍ରୟାସ,
ପୁଣି କର୍ମ ଭୂମି ରେ ନିଜକୁ
ପ୍ରସ୍ତୁତ କରିବାର ଦୃଢ଼ ଯୋଜନା

ସବୁ କିଛି
ଧୀରେ ଧରେ କ୍ଷୀଣ
ସମ୍ଭାବନା ଚାହିଁ ବସିଛି
ଆଜି ଚାତକ ଟିଏ ପରି
ମୁକ୍ତି,
ଗୋଟେ ଦୀର୍ଘ ନିଦ ରୁ,
ଆଉ କିଛି ଅଧୁରା ସ୍ୱପ୍ନ ରୁ

ନିଜକୁ ମୁକୁଳାଇବା ର
ବାରମ୍ବାର ପ୍ରଚେଷ୍ଟା ବିଫଳ
ପରେ,
ସେଇ ତାଜା ପଣ ର ଆଶା ନେଇ
ମୁଖ ରେ ଛିଞ୍ଚନ କରେ ବାରମ୍ବାର
ଟୋପା ଟୋପା
ଜଳ ବିନ୍ଦୁ,

କିଛି ସମୟ ଶରୀର ସତେଜ ପରେ
ପୁଣି ଫେରିଆସେ
ତା ପୂର୍ବ ଅବସ୍ଥା କୁ,
ଯେଉଁଠି ଛାଡିଥିଲା ତା
ରାତି ର ନିଦ କୁ...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଦ ମୋର ଟଳ ମଳ ଏବେ

ଷ୍ଟାଣ୍ଡିଙ୍ଗ ବସ ରେ

କାନ୍ଧ ର ଦୁଇ ପାର୍ଶ୍ଵ ଛୁଉଁ ଥାଏ

ଅସ୍ଥିର ମସ୍ତକ,

ପରିସ୍ଥିତି ଅଣାୟତ୍ତ ହେବା ପରେ

ଇଚ୍ଛା କରେ

ଟିକେ ଶୋଇବାକୁ

ସେଇ ବସ ର ସିଟ ରେ ,

ନେହୁରା ଓ ଗୁହାରୀ ରେ ତ

ମିଳିଗଲା ଝରକା ପାଖ ସିଟ ଟି

କିଛି ସୁଫଳ ମିଳିଲାନି କିନ୍ତୁ,

ସେ ଆଉ

ଶୋଇବାକୁ ଦେଉନାହିଁ ମତେ,

ଭୟ ର ତାଣ୍ଡବ ନୃତ୍ୟ ଭାସିବୁଲେ

ନୟନେ,

କାଳେ ମୋ ଷ୍ଟପ ଆସିଯିବ

ଆଉ ଦୁଇ ପାଦ ଅଧିକ ଚାଲିବାକୁ ପଡିବ

ଏମିତି ଭାବନା ରେ

ତିନି ଘଣ୍ଟା ଅତିକ୍ରାନ୍ତ,

ହେଲେ ପୂରଣ ହେଇ ପାରିଲାନି

ଗତ ରାତିର

ଟିକେ ବି ବାକିଆ ନିଦ ।।

ମଦନପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୨୧୨୩୨୬

ଆହ୍ଵାନ ପତ୍ରିକା

Magazine Downloaded from www.aahwaan.com

# ପରମେଶ୍ୱର



ଜୟଶ୍ରୀ ମହାରଣା

ହେ ପରମେଶ୍ୱର ପାଶେ ରହିଅଛି
ସତେ ଅବା ଅଦୃଶ୍ୟରେ
ସେଥିପାଇଁ ସିନା ଜୀବନ ରଥଟା
ଗଡୁଅଛି ଆନନ୍ଦରେ ।୧

ଆସିଅଛି କେତେ ବିପଦର ଝଡ଼
ସମୟର ପଥଧାରେ
ଭରିଅଛ ମନେ ସାହସ ଶକତି
ମୋର ଟିକି ହୃଦୟରେ ।୨

ତୁମରି ଆଶିଷେ ବଞ୍ଚିଛି ବଞ୍ଚିବି
ଏ ବିଶାଳ ସଂସାରରେ
କରୁଛି ମାଗୁଣି ଊଣା କରିବନି
ପ୍ରଭୁ ତବ କରୁଣାରେ ।୩

ଭୟ, ଲୋଭ, ଈର୍ଷା, ଗର୍ବ, ଅହଂକାର
ଭରିବନି ମୋ' ମନରେ
ମିଥ୍ୟା, ଛଳନାରୁ ଦୁରେଇ ରଖିବ
ଦୁଃଖ ଅବା ଦୁର୍ଦ୍ଦିନରେ ।୪

ହାତଧରି ମୋତେ ଚାଲି ଶିଖାଇବ
ସତ୍ୟ, ନ୍ୟାୟ, ସଂସ୍କାରରେ
ପଥ ହୁଡ଼ିଗଲେ ବିବେକର ରାସ୍ତା
ଆଙ୍କିଦେବ ମସ୍ତିଷ୍କରେ ।୫

ଜ୍ଞାନ ବିନା ପ୍ରାଣ ପଶୁର ସମାନ
ଜ୍ଞାନ ବଳେ ମଧୁ ଝରେ
ଦିବ୍ୟମନ୍ତ୍ର ସଦା କର୍ଣ୍ଣରେ ଫୁଙ୍କିବ
ନିଦ୍ରା ଅବା ଜାଗ୍ରତରେ ।୬

ଭକ୍ତି ସେବା ତ୍ୟାଗ ମହାନ ସୁଗୁଣ
ଆପଣାଇ ଜୀବନରେ
ତୁମ କୃପାହେଲେ ଅରଜିବ ଯଶ
ଏତିକି କାମନା ମୋର ।୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କମୁଛି ଜଳ



ବି. ନିରୁପମା

ଗିରିଷମ ଋତୁରେ ଏ ଟାଣୁଆ ଖରା ,
ଡହ ଡହ ହୋଇ ତାତି ଗଲାଣି ଧରା ।
ଶୀତଳ ଜଳରେ ବୁଡି ଗାଧୋଇବାକୁ,
କେତେ ଯେ ଆନନ୍ଦ ଲାଗେ ଆମ ସଭିଙ୍କୁ ।୧

କିଏ ଗାଧୋଉ ଅଛନ୍ତି କେତେ ବାଗରେ ,
ନଦୀ,କୂପ ଜଳେ ଅବା ଗାଧୁଆ ଘରେ ।
ଉଦବୃତ ଜଳ ଯେତେକ ଯାଏଟି ବୋହି ,
ତାହାର ସଦୁପଯୋଗ ନ କରୁ କେହି ।୨

ସେଇ ଜଳ କୃଷିକ୍ଷେତ୍ରେ ପାରନ୍ତା ଲାଗି,
ଉପୁଜନ୍ତା କେତେ ପନି ପରିବା, କୋବି ।
'ଜଳ ହିଁ ଜୀବନ' ବୋଲି ଜାଣୁଛି ଯିଏ,
ଅପଚୟ ରୋକି, ଜଳକୁ ସେ ବଞ୍ଚାଏ ।୩

ଧୀରେ ଧୀରେ ମାଟିତଳୁ କମୁଛି ଜଳ ,
ତା ବିହୁନେ ବଞ୍ଚିବାଟି ହେବ ଜଟିଳ ।
କୂଅ ,ପୋଖରୀର ପାଣି ଯାଉଛି ଶୁଖି,
ହନ୍ତସନ୍ତ ହେଉଛନ୍ତି ପଶୁ ଓ ପକ୍ଷୀ ।୪

ପାଣି କାଢ଼ି ନଳ ବନ୍ଦ କରିବା ଜାଣି,
ଅଯଥାରେ ନଷ୍ଟ ନ କରିବା ଯେ ପାଣି ।
ଘର ଆଗେ ସଫା ପାଣି ରଖିବା କୁଣ୍ଡେ ,
ବୁଲାପ୍ରାଣୀ ଶୋଷ ବେଳେ ଦେବେଟି ତୁଣ୍ଡେ ।
୫

ଲଗାଇବା ଗଛଲତା ଅଧିକ କିଛି ,
ମୂଳରେ ସେମାନେ ଜଳ ରଖିବେ ସଞ୍ଚି ।
ତେବେ ଯାଇ ସମସ୍ତଙ୍କ କଲ୍ୟାଣ ହେବ ,
ବହୁମୂଲ୍ୟ ଜଳ ଆମ ପାଖରେ ଥିବ ।୬

ମାମୁରିଆ ,ଛେଣ୍ଡିପଦା,ଅନୁଗୋଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୈଶାଖର କୋପ



ନିବେଦିତା ମହାପାତ୍ର

ପ୍ରଚଣ୍ଡ ହୋଇଲାଣି ଦେଖ ତପନ କିରଣ
ଝାଞ୍ଜି ପ୍ରବାହନେ ତନୁକୁ ଲାଗଇ କଷଣ ।
ପଥଶ୍ରମ ବାଟୋଇକୁ ମିଳଇ ନାହିଁ ଛାୟା
ଲୁପ୍ତ ପ୍ରାୟ ହୋଇଗଲାଣି ମହାଦ୍ରୁମ କାୟା ।
ଆକାଶ ବକ୍ଷରେ ଭରି ମେଦୁର ମେଘମାଳା
କାଳ ବୈଶାଖୀ ରଚେ  ଧ୍ୱଂସର ତାଣ୍ଡବ ଲୀଳା ।
ରୌଦ୍ର ସନ୍ୟାସୀ କରି ରୁଦ୍ର ରୂପକୁ ଧାରଣ
ଅଂଶୁଘାତରେ ହରି ଥାନ୍ତି ପ୍ରାଣୀଙ୍କ ପରାଣ ।
ସଲିଳ ଧାରା ପାଇଁ ଜନେ ହୁଅନ୍ତି ବିକଳ
ତୃଷା ନିବାରଣ ପାଇଁ ମିଳଇ ନାହିଁ ଜଳ ।
ନିର୍ଜନ ପ୍ରହରେ ଝିଙ୍କାରୀ କଣ୍ଠର ବିଳାପ
ପ୍ରକାଶିତ କରେ ଧରାରେ ବୈଶାଖର କୋପ ।
ଉଦାସୀନ ନିଦାଘରେ ପୁଷ୍ପହୀନ ବନାନୀ
ସୃଷ୍ଟି କରେ ବ୍ୟଥାର ଦୁର୍ଦ୍ଦମ ଆବେଗ ଧ୍ୱନି ।
ନଭରୁ ବର୍ଷି ଆଦିତ୍ୟଙ୍କ ଲେଲିହାନ ପ୍ରଭା
ହରାଇଛି ମେଦିନୀ ଶ୍ୟାମଳିମା ବର୍ଣ୍ଣବିଭା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଣହୀନ ସାଜିଛନ୍ତି ପାଦପ ଦୁର୍ବାଦଳ

ଭସ୍ମିଭୂତ ହୋଇଗଲାଣି ଗିରି-ବନ-ମାଳ ।

ଦାରୁଣ ଗ୍ରୀଷମ ବୁଝେନା କେବେ ତା ଭାବନା

ତାପକ୍ଲିଷ୍ଟ ଅବନୀ ସହେ କେତେ ଯେ ଯାତନା ॥

ନିବେଦିତା ମହାପାତ୍ର

ମୁକୁନ୍ଦ ମିଶ୍ର ନଗର,ପୁରୀ ॥

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜାଗିଉଠୁ ମନୁଷ୍ୟତ୍ୱ



ସଂଯୁକ୍ତା ରାଉତ

ଦ୍ୱୈତ ସତ୍ତାର ସମ୍ମିଶ୍ରଣେ ପ୍ରଭୁ
ଗଢିଲ କାହିଁ ଏ ମଣିଷଟିକୁ
ଦେବତ୍ୱ ଠାରୁ ସେ ବେଶୀ ଆଚରଇ
ସ୍ୱଭାବେ ତାହାର ସେ ପଶୁତ୍ୱକୁ ॥

ପଶୁତ୍ୱ ଜାଗିଲେ ଅନ୍ତରେ ତାହାର
କରେ କଳୁଷିତ ସାରା ପରିବେଶ
ଅହଂକାର ସର୍ପ ଫୁତ୍କାରରେ ତା'ର
ଏ ଧରାରେ ଭରେ ହଳାହଳ ବିଷ ॥

ବିବେକରେ ଆଜି ପଡିଛି ପରଦା
ପଶୁତ୍ୱ ଦର୍ପରେ କମ୍ପେ ଭୂମି-ଭୂମା
ଭଲମନ୍ଦ ଜ୍ଞାନ ଥାଇ ମଧ୍ୟ ତା'ର
ପଶୁତ୍ୱ ପ୍ରତାପ ଥମୁନି ତ ଜମା ॥

ଶାଶ୍ୱତ ସତ୍ତାଙ୍କୁ ପାଶୋରି ମନରୁ
ମଦମତ୍ତେ ରଚେ ମୃତ୍ୟୁର ଛାୟା
ଷଡରିପୁ ଫାଶେ ହୋଇ କବଳିତ
ବେଶୀ ସେ ବିସ୍ତାରେ ପଶୁତ୍ୱ କାୟା ॥

ହେ ସୃଷ୍ଟି କରତା କର ଜାଗରଣ
ତା' ଭିତର ସୁପ୍ତ ଦେବତ୍ୱ ସତ୍ତା
ଦେବତ୍ୱ ଜାଗ୍ରତ ନ ହେଲେ ଅନ୍ତରେ
ନ ରହିବ ଏହି ସୃଷ୍ଟିର ପତ୍ତା ॥

ଶିକ୍ଷୟିତ୍ରୀ, ଜୟପୁର , କୋରାପୁଟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାର୍ଥପର ସମୟ



କୃଷ୍ଣଚନ୍ଦ୍ର ଡାକୁଆ

ଚାଲି ଯାଇଛି ବୋଲି ଦୁଃଖ କରିବନି ସାଥୀ
ମନେପକାଇ ପୁରୁଣା କଥା
ଆଗକୁ ଆଗକୁ ପଡ଼ିଛି କେତେ ଯେ ରାସ୍ତା
ବୋଧେ ଏ ଜୀବନରେ ଯନ୍ତ୍ରଣାଟି ଏକା ଶସ୍ତା
ତୁମେ ଭାବିବନି କେବେ ଏକା ଏକା ବୋଲି
ତୁମେ ତ ମୋ ହସ ଖୁସିର ସରଗ ସଖା
ମୋ ମନ ଭାବନାରେ ଡାକିଲେ ତୁମକୁ
ଦେଉଥିବ ଏକ ନିଃଶବ୍ଦ ମୁହୂର୍ତ୍ତରେ ଦେଖା
ଯାଉଛି ମୁଁ ଚାଲି
ଅତୀତ କାହାଣୀ ସାଉଁଟି ସାଉଁଟି
ରହିବିନି ତୁମ ସାଥେ
ଏବେ ଠାରୁ ସଜାଗ ହେଉଛି
ଚାଲିଯାଉଛି ମୁଁ ମୋ ଚଲାପଥେ
ମନ କଥା ମୋର କହିବାକୁ ଚେଷ୍ଟା କରିଛି
ଥରେ ବୁଝିବ ମନ ଦେଇ
ଆଜି ବି ଲେଖୁଛି ମନ କଥା ମୋର
ହେଲେ ତୁମ ପାଖେ ପହଞ୍ଚି ପାରୁନି ଯାଇ
କଥା ମୋର ଏତିକି କହୁଛି
ତୁମେ ଥାଉ ମୁଁ ଯାଉଛି
ମୋ ରାସ୍ତାକୁ ମୁଁ ଅନାଇ.... ! !

କୃଷ୍ଣ ଚନ୍ଦ୍ର ଡାକୁଆ
ବୁଗୁଡ଼ା, ଗଞ୍ଜାମ
ପିନ - ୭୬୧୧୪୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମର ବଂଶୀସ୍ୱନ



ଚିନ୍ମୟ ବାରିକ

ପ୍ରେମର ବଂଶୀସ୍ୱନ କେବେତ
ବକୁଳ ବନରେ ପ୍ରତିଫଳନ ହୋଇନି
ବୃକ୍ଷର ଚାରୁ ଲତାରେ ।

କୃଷ୍ଣ ହୋଇ ବଂଶିର ସୂରକୁ ତାଳରେ,
ସଜେଇ ଦେଲେ ସେ କ'ଣ ଗୁନ୍ଥି ହୋଇଯାଏ
ରାଧାର ମାଟି କଳସରେ ।

ନାଁ, କୁଞ୍ଜ ବନରେ ସୂର
ସବୁ ବେସୁରା ହୋଇ କେବେ
ପଡିପାରେ ନୁଖୁରା ଅବସ୍ଥାରେ ।

ବିଶ୍ୱାସର ଗଙ୍ଗଶିଉଳି କେଉଁ କାଳୁ ତ
ଫୁଟି ସାରିଲାଣି କଦମ୍ବ ମୂଳରେ,
କୁନ୍ତଳକୁ ଖୋସିଦେଇ ଟଙ୍କିଳିର ଶିଖର ଉପରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଇଁ, ରାଧାତ କେବେ ପିନ୍ଧିନି ପାଦରେ ପାଉଜୀ
ହସର ଚିହ୍ନାରକୁ ଖୋସିଦେଇ ଓଠରେ ।

ସହସ୍ର ଇନ୍ଦ୍ରଧନୁର ପ୍ରପାତ ମାନଙ୍କୁ
କେବେତ ମୁଁ ଦେଖି ପାରିନି
ଶୁଭ୍ର କାଶତାଣ୍ଡି ଫୁଲର ଢଳଢଳ ନୃତ୍ୟରେ ।

ପ୍ରେମ କ'ଣ କେବେ ପ୍ରତିଫଳିତ ହୁଏ
ବାଦଲର ହୃତ୍ ପିଣ୍ଡରେ ।
ନାଁ, ନୈସର୍ଗିକ ପ୍ରେମର ଆନନ୍ଦକୁ
କେବେ ପାଇହୁଏ ଗ୍ଲାନି ପଣରେ ।

ପ୍ରେମର ମହାନ ପଣିଆ ଆଜି
ଲୁହ ହୋଇ ଝରୁଛି ଆଖି କୋରଡ଼ରୁ,
ଅଭିଷ୍ଟର ବେଢ଼ାରେ ଶ୍ରେଷ୍ଟତ୍ଵର ଭଗ୍ନ ଘଟୁକୁ
ଲେପନ କରି ମାଟିର କ୍ଷଣସ୍ଥାୟୀ ସୌରଭକୁ,
ଥାପିଦେଇ  କୋରଡର ପ୍ରଭଞ୍ଜନାରେ ।

ତଥାପି ଅପେକ୍ଷା ପ୍ରେମର କୁଞ୍ଜବନରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ଶୁଭିବ ମୂରଲୀର ବଂଶିସ୍ୱନ ।

ପ୍ରେମର ପରସ ପାଇ

ରାଧା  ଜାଳିବ ବାରମାସି ଦୀପାଳି,

କୁଢ଼କୁଢ଼ ଅନ୍ଧ କାରକୁ ଫିଙ୍ଗିଦେଇ

ପାଉଁଶ ବୋଳା ବତୀଘର ଭିତରକୁ । ।

ଚିନ୍ମୟ ବାରିକ ।

ବ୍ରାହ୍ମଣଡ଼ିହି, ବାଲିକୁଦା,ଜଗତ୍ ସିଂହପୁର ।

ଦୂରଭାଷା-୭୩୭୦୩୫୨୦୮୪ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମପାଇଁ ସୁନିତା



ଶୟନ ନାୟକ

ଏ ଦେହ ମନ, ହୃଦୟ

ସବୁତ ଦେଇସାରିଛି ବନ୍ଧା

ତୁମରି ପାଖରେ,

ଆପଣା ବୋଲି ଆଉ କଣ ଅଛି ଯେ,

ହାତ ପାତି ମାଗିଲେ, ପ୍ରେମଛାଡା

ଦେଇ ଦେବି ଶରଧାରେ ।

ପ୍ରେମତ ବୈତରଣୀ ନଇ

ପ୍ରୀତିର ଅମୁଲ୍ୟ ସମ୍ପଦ ।

ପାରିବ ଯଦି ସେ ନଇ ରେ

ଥରୁଟିଏ ପକାଇ ଦିଅ ବୁଡ଼

ଦେଖିବ, ଆମେ ଚାଲିଯିବା

ଆଉ ଆଗକୁ ଦୁଇପାଦ ।

ଆଇ ଲଭ ୟୁ ସୁନୀତା !

ଭଞ୍ଜନଗର, ଗଞ୍ଜାମ

ଭ୍ରାମ୍ୟଭାଷ : ୯୯୩୮୮୦୨୭୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗ୍ରୀଷ୍ମଋତୁ



ଅକ୍ଷୟ କୁମାର ବେହେରା

ଗ୍ରୀଷ୍ମଋତୁ ତାର ପ୍ରଭାବ ଦେଖାଏ
ବଢୁଛି ଖରା ପ୍ରଖର,
ବେଳ ଟିକେ ହେଲେ ଘରୁ ଯିବାପାଇଁ
ଲାଗୁଅଛି ଭାରି ଡର ।
ପ୍ରକୃତି ପ୍ରାଣ ଆତୁର...
ଭାର ସାମ୍ୟ ରକ୍ଷା କରି ପାରେ ନାହିଁ
ଆଖିରେ ତା ଲୁହ ଧାର ।୧ ।

ବୃକ୍ଷଲତା ଲୋକେ କାଟି ସଫା କଲେ
ଦିଶୁଛି ଟାଙ୍ଗରା ଭୂଇଁ,
ଏ ମଣିଷ ଦେଖ ବଇରୀ ସାଜିଛି
ପ୍ରକୃତି ରାଣୀର ପାଇଁ ।
କଷ୍ଟ କୁ ନ ପାରେ ସହି...
ସ୍ୱାର୍ଥବାଦୀ ଏଇ ସମାଜରେ ଆଜି
ଦୁଃଖ ତା ବୁଝେନା କେହି ।୨ ।

ସମୟ ଆସିବ ସୂରୁଜ ତେଜରେ
ଶୁଷ୍କ ହେବ ଧରା ମାଟି,
ଅମ୍ଳଜାନ ଦିନେ ଅଭାବ ଘଟିବ
ଠିକ୍ ସେ ହେବନି ବୃଷ୍ଟି ।
ବୁଝଏବେ ନିଜ ତୃଟି...
ବେଳୁ ସାବଧାନ ନ ହୋଇବ ଯଦି
ଯାତନା ପାଇବ ସୃଷ୍ଟି ।୩ ।

ଗଛ ଲଗାଇବା ସର୍ବେ ଏକ ହୋଇ
ସବୁଜ ସୃଷ୍ଟି ରଚିବା,
ଜଙ୍ଗଲ ନଷ୍ଟକୁ ରୋକିବା ପାଇଁକି
ସଭିଏଁ ସଜାଗ ହେବା ।
ଏଇ ଶପଥ କରିବା...
ପ୍ରକୃତି ହସିଲେ ଆମେ ତୋ ହସିବା
ଖୁସିରେ ଦିନ କାଟିବା ।୪ ।

କେନ୍ଦୁଡିହା ବଡସାହି ମୟୂରଭଂଜ
ଭ୍ରାମ୍ୟଭାଷ:-୯୩୪୮୧୯୯୧୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାବଧାନ ହୁଅ ଆଜ୍ଞା



ଚିତ୍ତରଞ୍ଜନ ସାହୁ

ଆମ ଭୁସମ୍ପଦ ଲୁଟି କଲ ଅବିଚାର
ପରିବାର ଛାଡିଆମେ ବୁଲୁ ବାରଦ୍ୱାର ।
ତୁମେ ବାତାନୁକୁଳିତ ଘରେ ଥାଅ ରହି
ଆମେ ତ୍ରାହି କରୁ ଝାଟି ମାଟି ଘରେ ଥାଇ ।।

ବର୍ଷା ଦିନେ ପାଲ ଖୋଜୁ ଖରାଦିନେ ପାଣି
କେମିତି କହିବୁ କୁହ ଆମ ଏ କାହାଣୀ ।
ତୁମେ କେବେ ଆସି ଦେଖ ଆମ ଏ ଦୁର୍ଦ୍ଦଶା
ଅନ୍ଧାରେ ଆଲୋକ ଖୋଜୁ ନିରାଶାରେ ଆଶା ।।

ତୁମେ ବାବୁ ଲୋକ ସବୁ ଆରାମରେ ଥାଅ
ଜନତାଙ୍କୁ ମିଛ କହି ଭକୁଆ ବନାଅ ।
ଆମରି ଦୟାରୁ ଯେଉଁ ସୁଖ ଲଭୁ ଥାଅ
ପଡିବରେ ତୁମପରେ ଜନତାର ହାୟ ।।

ପାଞ୍ଚ ବର୍ଷେ ଥରେ ହୁଏ ତୁମ ଆଗମନ
ତାହା ମିଛ କହି ଆଜ୍ଞା ଜିଣ ଜନମନ ।
ଆମ କଥା ଶୁଣିବାକୁ ସମୟ ବା କାହିଁ ?
କେତେ ଲୁଟିବ କୁହରେ ଗାଦିଭାରେ ଥାଇ ।।

ତୁମ ହୃଦୟଟା କିବା ପ୍ରସ୍ତର ନିର୍ମିତ
ଚିତ୍କାର ଶୁଣି ବି କେବେ ହୁଅନି ବ୍ୟଥିତ ।
ସାବଧାନ ହୁଅ ଆଜ୍ଞା ସାବଧାନ ହୁଅ
କୋପିତ ହେଲେ ଜନତା କି କରିବ କୁହ ?

ସିଙ୍ଗିରି ଆଳି କେନ୍ଦ୍ରାପଡା
୭୩୭୭୬୭୮୭୩୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନରଭକ୍ଷୀ



ଗୌତମସେନ୍
ହାଁସଦାଃ

କିଏ କହୁଥିଲା କୁଆଡେ ନରଭକ୍ଷୀ ମାତିଛି
ଏ କଲେଜ ଚୌହଦୀରେ;
ଖାଉଛି ରକ୍ତ ନେଉଛି ଇଜ୍ଜତ
ମଣିଷର, ମାନବିକତାର ।।

ବାଛନାହିଁ ବିଚାର ନାହିଁ
ଫୁଟିବା ଆଗରୁ ଫୁଲକୁ ଡେମ୍ଫଚ୍ୟୁତ ସେ କରୁଛି;
କୁଆଡେ ନରଭକ୍ଷୀ ମାତିଛି
ଏ କଲେଜ ହତା ଭିତରେ ।

ଗଧିଆ ପରି ଦେହ ତା'ର ଦେବତା ପରି ମୁହଁ
ଭକ୍ତଗଣ କୁହ ଆଜି କିଏ ସେ ତୁମ ଆରାଧ୍ୟ ?
କିଏ ସେ ହର୍ତ୍ତା କର୍ତ୍ତା
କିଏ ସେ ଅପଦେବତା
କଳୁଷିତ କରୁଅଛି
ଏ ବାଣୀ ମନ୍ଦିର ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୀଣାମନ୍ଦିରେ ଆଜି ଅଗ୍ରପୂଜ୍ୟ ଉପେକ୍ଷିତ

ସରସ୍ୱତୀ ନିର୍ବାସିତ

ଶମ୍ଭୁଶଙ୍କର ନିଜେ କକ୍ଷଚ୍ୟୁତ ।

ହଜିଛି ବିଶ୍ୱାସ ଭାଜିଛି ଦୃଢ ସଂକଳ୍ପ

କୁଆଡେ ନରଭକ୍ଷୀ ମାତିଛି

ଏ କଲେଜ ହତା ଭିତରେ ।।

ଏଠି ଗୁରୁ ନାହିଁ ଶିଷ୍ୟ ନାହିଁ

ପଲ ପଲ ଖାଲି ମେଣ୍ଢାଦଳ

ଗହଳ ଚହଳ ପୁଣି ଖାଁ ଖାଁ

ଏକାନ୍ତ ଶୁନ୍-ଶାନ୍ ।

ବଉଳ ଡାଳେ ବିରହୀ କୋଇଲୀର ସ୍ୱର

ଝାଉଁଗଛ ଶୀର୍ଷେ ଚିଲର ଚିତ୍କାର

ଶାଗୁଣା ବସିଛି କିନ୍ତୁ ଡେଣାକୁ ମେଲାଇ

କୁଆଡେ ନରଭକ୍ଷୀ ମାତିଛି

ଏ କଲେଜ ଭିତରେ ।।

ଦଳବଳ ଘେନି ଆସେନି ସେ ଜୀବ

ନୀରବ ରବ ତା'ର ଅତ୍ୟନ୍ତ ଅଦ୍ଭୁତ

 Magazine Downloaded from www.aahwaan.com

ଶିକ୍ଷାଳୟେ ପୁଣି ଶିକାରୀର ଭାବ

ଅସମ୍ଭବକୁ ଦେଖାଏ କରି ସେ ସମ୍ଭବ

ନିଛାଟିଆ ତା'ର ଏକାନ୍ତ ନିଜସ୍ୱ

କୁଆଡେ ନରଭକ୍ଷୀ ମାତିଛି

ଏ କଲେଜ ଚୌହଦୀରେ ।।

ନୁହେଁ ସେ ପଶୁ କରେ ପାଶବିକ

ଅତ୍ୟନ୍ତ ଅଦ୍ଭୁତ ସେ ତ ବିଚିତ୍ର ଜୀବ

ମାୟାଜାଲେ ମଣିଷକୁ କରେ କବଳିତ

ମାନସିକ ରାଜ୍ୟେ ତା'ର ଅତ୍ୟନ୍ତ ପ୍ରଭାବ ।।

ଜାଣି ତାଙ୍କୁ ଜାଣନ୍ତିନି କେହି

ଦେଖି ତାଙ୍କୁ ପୁଣି ପାରନ୍ତିନି ଚିହ୍ନି

ରାକ୍ଷସ ନୁହେଁ ସେ ତ ନରରାକ୍ଷସ

ନାଁ ଟି ତା'ର 'ନରଭକ୍ଷୀ' ।।।

ଅଧ୍ୟାପକ ଗୌତମସେନ୍ ହାଁସଦାଃ

ଉପେନ୍ଦ୍ରନାଥ ମହାବିଦ୍ୟାଳୟ,

ନଳଗଜା, ମୟୂରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଠାକୁର ପୂଜି ବି ପାଉନି ଶାନ୍ତି



ଶିଶିରକୁମାର ପଣ୍ଡା

ତିନିଘଣ୍ଟା ଦିଅଁ ନିଇତି ପୂଜେ ମୁଁ
ଦାନ କରୁଥାଏ ଦୁଃଖିକୁ
ଖୁସିହବା ଟିକେ ଦେଖିବି ବୋଲି ମୋ
ଭାରିଯା ଚନ୍ଦର ମୂଖୀକୁ ।
ତାଆରି କଥାରେ ଘର ଛାଡ଼ିଦେଇ
ରହୁଛି ଆସିକି ଦୂରରେ
ମତେ ଝୁରୀ ଝୁରୀ ରୋଗୀଣା ମାଆଟା
କେଉଁକାଳୁ ଆର ପୁରରେ ।
ବାପା ଏକୁଟିଆ ଗାଆଁରେ ରୁହନ୍ତି
ଭଲ ଦିଶୁନାହିଁ ଆଖିକି
ଡାକତର ତାଙ୍କୁ ଦେଖେଇଛି ଲୁଚି
ଦି'ଥର କଟକ ଡାକିକି ।
ମୋ ଠାରୁ ବିଦାୟ ନେଲାବେଳେ ବାପା
ଆଖିଲୁହ ପଡ଼େ ନିଗିଡ଼ି
ଘରକୁ ଡାକିବି ସାହସ ହୁଏନା
ଘରଣୀ ଯିବ ମୋ ବିଗିଡ଼ି ।
ଭାବିଲେ ବସିକି ଏକଥା ନିଜକୁ
ଅପରାଧୀ ବୋଲି ମଣୁଛି
ବାପାଙ୍କ ବୟସ କେବେ ମୋ ଆସିବ
ଏବେଠାରୁ ଦିନ ଗଣୁଛି ।


---

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ-୮୯୮୧୭୩୨୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଲିର ସହର : ବାଲେଶ୍ୱର



ସୌମ୍ୟରଞ୍ଜନ ପାଲ୍

ଏଡିଏମ୍ ଛକ  ପୁଟୁକା ପାଖରେ
ବୋପାଲୋ କୁଆଁରୀ ଭିଡ଼ ,
ସାଗର ମଝିକୁ  ଆମ ଚାନ୍ଦିପୁରୁ
କ୍ଷେପଣାସ୍ତ୍ର ହୁଏ ମାଡ଼  ।
ନୂଆ ନୋସି ପାର୍କ  ଭୁଲି ଭେଦଭାବ
କରାଏ ମନୋରଞ୍ଜନ ,
ଭୀମପୁରା ଟିଭି  ସେଣ୍ଟର ଦେଖାଏ
ସହଜେ ଦୂରଦର୍ଶନ  ।
ଲକ୍ଷ୍ମୀନାରାୟଣ  ମନ୍ଦିର ପ୍ରସାଦ
ଖାଉଥିଲେ ଚାଟୁଥିବ ,
ପର୍ମିଟ ପଡ଼ିଆ  ଦେଖି ଆସ ଯାଅ
ଖେଳେ ବାଟ ଫିଟୁଥିବ  ।
ଗାନ୍ଧିସ୍ମୃତି ପୁଣି  ପ୍ରତିଭାଙ୍କୁ ଆଣି
ଦେଇଚାଲେ ସନମାନ ,
ଶିଳ୍ପାଞ୍ଚଳ ସତେ  ସାରା ବିଶ୍ୱ ପାଇଁ
କରିଚାଲେ ଶ୍ରମଦାନ  ।
ଭୁଜାଖିଆ ପୀର  ସେପଟେ ଅମୀର
ଏଠି ଇମାମି ମନ୍ଦିର ,
ମୁଁ ଭି ଏକ୍ସ ତାଳି  ଯେନ ଖିଲିଖିଲି
ହସ ବୁଢ଼ାବଳଙ୍ଗର  ।
ଜଉ କଣ୍ଢେଇର  ବାହାଘର ବେଳେ
ପରମ୍ପରା ଦିଶିଯାଏ ,
ଫକୀରମୋହନ  ବ୍ରଜନାଥ ସୁରେ
ଦେଶେ ଗଜା ଶୋଭାପାଏ  ।

ଗ୍ରା/ପୋ:- ବଡ଼ଶୋଳ, ଭାୟା - ଝାରପୋଖରିଆ,
ଜିଲ୍ଲା - ମୟୁରଭଞ୍ଜ, ୭୫୭୦୮୬, ଓଡ଼ିଶା
ଦୂରଭାଷ - ୯୯୩୭୮୯୮୩୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟର ଅପେକ୍ଷାରେ



ପ୍ରଶାନ୍ତ କୁମାର ପ୍ରଧାନ

ସାପଶିଢ଼ିର ଏ ଜୀବନ ଖେଳରେ
ବିଧାତା ଲେଖିଛି ଶୂନ
ଶହେକୁ ନିଜର ଭାବିବାଟା ମୋର
ହେବ ସିନା ମୂର୍ଖପଣ ।।

ସମୟ ସୁଅରେ ସମ୍ଭାବନା ସବୁ
ନିମିଷକେ ଯାଏ ଭାସି
ବେସାହାରା ହୁଏ ବ୍ୟଥିତ ହୃଦୟ
ପ୍ରତିକ୍ଷଣେ ପାଏ ଫାଶୀ ।।

ଉଆଁସର ରାତି ପଡିଥିଲା ବୋଧେ
ଭାଗ୍ୟହେଲା ଯେବେଲେଖା
ସେଥିଲାଗି ସିନା ସମୟ ଆଙ୍କୁଛି
ସୁଖରେ ଲକ୍ଷ୍ମଣରେଖା ।।

ପ୍ରତିଟି ପାହାଚେ ଅଗ୍ନିର ପରୀକ୍ଷା
କରୁଅଛି ଅସହାୟ
ସତେକି ଯେମିତି ହରିଣର ପାଇଁ
ଅହରହ ବାଘ ଭୟ ।।

ତଥାପି ଛାଡିନି ସଂଘର୍ଷ କରିବା
ଜୀବନ ଖୋଜୁଛି ରାହା
ହାରିବା ବାଜି ବି ଜିତି ଯାଇପାରେ
ଭାଗ୍ୟ ଯଦି ହୁଏ ସାହା ।।

ଗ୍ରାମ-ବୁରୋମୁଣ୍ଡା, ଜିଲ୍ଲା-ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନଦୀ ତୀରେ



ପ୍ରସନ୍ନ ପ୍ରୟାସ ଭୁଏ

ଚାଲୁ ଚାଲୁ ହାତ ଧରି ନଦୀ ତୀରେ
ବେଳାଭୂମିରେ ହଜିଯାଏ ପାଦଚିହ୍ନ
କେତେ ପାଦଚିହ୍ନ ଅଧଭଗ୍ନ ହୋଇ
ମିଶି ସାରିଛି ବାଲିରେ
ଆଉ କିଛିକୁ ପୋଛି ଦେଇଛି
ଅମାନିଆ ସାଗର ଢେଉ । ୧

ସ୍ମୃତି ଏଠି ଚକ୍ ଚକ୍ ଦିଶେ
ସାଗର ବୁକୁରେ ହଜୁଥିବା ତପନର
ରକ୍ତିମ ଆକାଶ ମନରେ,
ଓଦା କରିଦିଏ ତନୁ ମନ ଆଁଖିକୁ
ଗୀତ ଗାଏ ତରଂଗ ମନ ମୁଗ୍ଧର
କାନରେ ବାଜେ ରୁଣୁଝୁଣୁ
ଅତୀତ ପାଉଁଜିର ଶବ୍ଦ । ୨

ଟାଂକୁରି ଉଠେ ଦେହର ରୋମ
ଗରମ ହୁଏ ରକତ, ବିବେକ
ପ୍ରଶ୍ନ ବାଣ ଛୁଟେ ପ୍ରତି ଢେଉରୁ
ସାଗର ଗର୍ଭ କହେ ବାରମ୍ବାର
କ'ଣ ତୁ ଠିକ୍ କରିଛୁ ? ୩

ମୁଁ ହିଁ ତୁମ ମିଳନର୍
ପ୍ରଥମ ପ୍ରେମର୍ ମୂକ ସାକ୍ଷୀ
ମୋ କୋଳରେ ମୋ ଛାତିରେ
ଆଙ୍କିଛ କେତେ ସପନ ମନ୍ଦିର
ପ୍ରତିଶୃତିର ଗଢିଛ କେତେ ଅମାରତ୍
କାହିଁ କୁଆଡେ ଗଲା ସବୁ ? ୪

ଦେଖି ପାରିବିନି ସେ ହସ ମୁହଁରେ କାନ୍ଦ
ନିଷ୍ପାପ ମନର ଆହୁତି ସବୁକୁ
ନେଇ ପାରିବିନି ଆଉ ଗର୍ଭକୁ
ମୁଁ ବି ଭିଜିଯାଏ ବିଶ୍ୱାସୀମାନଙ୍କ
ରକ୍ତଭିଜା ଲୁହରେ
ଗଢେ ଭାଂଗେ କେତେ ଜୀବନ
ଏଇ ନଦୀ ତୀରେ । ୫

ପ୍ରଧାନପାଲି, ସମ୍ବଲପୁର
୮୭୫୮୨୯୮୭୭୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇ ଖରାବେଳ



ସୁବ୍ରତ ଜେନା

ସେଇ ଖରାବେଳ କ୍ରମାନତ ଆସୁଛି
ସତେ ଯେମିତି ଆସୁଛନ୍ତି ଋତୁ ଗୋଟେ ପରେ ଗୋଟେ
ଦୁନିଆ ବି ବଦଳି ଚାଲିଛି ଦିନ ପରେ ଦିନ
ଗୋଟିଏର ହାତ ଛାଡ଼ି ଆଉ ଗୋଟେ ନୂଆ ହାତକୁ ଧରି ଧରି
ପରିବର୍ତ୍ତନ ହୋଇ ଚାଲିଛି ଏ ପୃଥିବୀ ର ସବୁକିଛି
ବିକାଶ ହେଉଛି ଦୃତତର
ତା ସହ ଦୃତତର୍ ହେଉଛି ବିନାଶ ମଧ୍ୟ
ମୋର ବି ହୋଇସାରିଛି ଯଥେଷ୍ଟ ପରିବର୍ତ୍ତନ
ସମୟର ନଦୀ ତିରେ ତିରେ
ମୁଁ ବି ଆଉ ଆଗଭଳି ନାହିଁ
କଥା କଥାକେ ଆଉ ଆଗଭଳି ଜିଦ୍ କରୁନି
କି ମୋ ଜିଦ୍ ପୂରଣ କରିବାକୁ କାହାକୁ ପାଉନି
ଆଉ ହଜେଇ ସାରିଛି ମୋ ପୁରୁଣା ଦିନକୁ
ସେଇ ଖରାବେଳ
ଯୋଉ ଖରାବେଳ ନ ଶୋଇ ମୁଁ ଯାଉଥିଲି
କାହା ବାଡ଼ିରେ କୋଳି, ଆମ୍ବ, ତାଳ ସଜ ଚୋରାଇବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ପ୍ରଚଣ୍ଡ ଖରା ବେଳ

ନ ମାନି ଖେଳୁ ଥିଲୁ କ୍ରିକେଟ

ଯାହାପାଇଁ କେତେ ଝଗଡ଼ା ଆଉ ମହାଭାରତ

କିଛି ନ ପାଇଲେବି ତାଳ ଚକା ଗାଡିରେ ଘୁଙ୍ଗୁର ବାନ୍ଧି

ତା ପଛେ ପଛେ ଦୌଡ଼ିବାରେ ଜଉ ମଜା କୁ

ମୁଁ ହରେଇ ଦେଇଛି ସମୟର ପଥେ ପଥେ

ଆଜି ଖୋଜିଲେ ବି ମୁଁ ପାଉନି ଖଜିରି ଚଟିଆ

ନଡ଼ିଆ ପତ୍ର  ଚଟ ଆଉ ଦଉଡ଼ି ଖଟିଆ

ବଉରା ପତ୍ର ବିଞ୍ଚଣା ବି ହଜେଇ ଦେଇଛି ପରିଚୟକୁ ତାର

ହେଂସ ଆଜି ଲୋଲୁପ୍ତ ପ୍ରାୟ

ପଚାରେ କଣ ଭୁଲ୍ ତାର୍

ସେଇ ଖରା ବେଳ ଆସୁଛି

ହେଲେ ମୁଁ ଆଜି ଚାହିଁଲେ ବି ଖେଳୁ ପାରୁନି

ବର ଓହଳ ରେ ଦୋଳି

ମୁଁ ଇଚ୍ଛାକରି ବି ଖାଇ ପାରୁନି ପଖାଳ ସହ ବଡ଼ିଚୁରା

ଗାଧୋଇ ପାରୁନି ଗାଆଁ ଗାଡ଼ିରେ ସାଙ୍ଗଙ୍କ ସହ

ଆଜିବି ଆସୁଛି ସେଇ ଖରା ବେଳ

ହେଲେ ମୁଁ ହାରି ଯାଇଛି ସେଇ ଖରା ବେଳ ପାଖରେ..

ସୁବ୍ରତ ଜେନା, ସୁରଡିହ, ଯାଜପୁର, ୯୭୭୭୨୦୮୯୩୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଖୋଜ ଚିତ୍ତଚୋର



କାର୍ତ୍ତିକଚନ୍ଦ୍ର ସେଠୀ

କାହିଁ କେତେ କାଳୁ ବସିଛି ରେ କାହ୍ନୁ
ତୋ ଆସିବା ପଥ ଜଗି
ଆସିବୁ ଆସିବୁ ମନେ ହେଉଥାଉ
ଆସୁନୁ ଗଲୁ କି ରାଗି !!

ମନ ମଧ୍ୟେ ମୋର ସପତ ସପନ
ଲହରି ଯାଉଛି ଆଜି
ଶୂନ୍ୟକୁ ଦେଖିଣ ପାଦ ପଖାଳୁଚି
ଆଶାକୁ ଦେଉଛୁ ଭାଜି ।।

ଶୂନ୍ୟରେ ଶୃଙ୍ଗାର କରିବି କେମିତି
ଆସୁ ନାହିଁ ସେ କଳ୍ପନା
ଦେହଧାରୀ ମୁଁ ଯେ ଜାଣୁନାହୁଁ କିରେ
କିପାଇଁ କରୁ ଛଳନା ।।

ବଂଶୀସ୍ୱନ ତୋର ଆଜି ବି ଶୁଭୁଛି
କଦମ୍ବ ବନ ବିଭୋର
ହେଲେ ବନ, ଜନ ପାଗଳ ପ୍ରାୟେକ
ନିଖୋଜ ତୁ ଚିତ୍ତଚୋର ।।

ଭାବଶୂନ୍ୟ ହୃଦେ ଭକ୍ତିହୀନ ପଦେ
ଡାକୁଛି ତୋତେ କହ୍ନେଇ
ଅକାରଣ କରୁଣ କରୁଣାରୁ ତୋର
ପୃଥକ କରିବୁ ନାହିଁ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ ସୁଅ ଓ କାଗଜ ଡଙ୍ଗା



ଧର୍ମରାଜ ମହାମଲ୍ଲିକ

କରି ସ୍ମୃତିର ଉଦ୍ଗିରଣ<br>
ଆଣିଦିଏ ଖୁସିର ସମ୍ଭାର ।।<br>
ମନେପଡେ ଯେବେ ସେ କାଗଜ ଡ଼ଙ୍ଗା<br>
ବହି ଚାଲେ ଆଖିରୁ ମୋ ଅଶ୍ରୁଧାର ।।<br>
ସମୟ ସ୍ରୋତ ତ ବହି ଚାଲିଛି<br>
ସେଥିରେ ଭାସିଯାଉଛି ଅତୀତ ।।<br>
ଅତୀତକୁ ଭୁଲି ଆଲିଙ୍ଗନ କର<br>
ନିଜକୁ ବର୍ତମାନ ସହିତ ।।<br>
କିଏ ତ କହୁଛି ହୃଦୟ ଅନ୍ତରୁ<br>
ମନେ ପକା ତୋ ପିଲାଦିନ ।।<br>
କାଗଜ ଡ଼ଙ୍ଗା ଆଉ ତୋ ମନ<br>
ବର୍ଷାର ଛିଟାରେ ହେଉଥିଲ କେତେ ଉଚ୍ଛନ୍ନ ।।<br>
ମନ ଥିଲେ ହେଲେ ବୟସ କାଇଁ<br>
ଆୟୁ ତ ସରି ସରି ଯାଉଛି ।।<br>
ସମସ୍ତଙ୍କୁ କରି ବେଖାତିର, ଏ ମନ<br>
ଅତୀତର ପୃଷ୍ଠାକୁ ଓଲଟାଇବା ପାଇଁ ଚାହୁଁଛି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ଦୀପକ କୁମାର

ଏବେ ଘରେ ସବୁଠାରୁ

ଅସହାୟ ଜୀବିତ ସତ୍ତା ଟିଏ

ମୋ ବୋଉ ।

ସିଏ କ'ଣ ବୁଝେ

ପାର୍ଲାମେଂଟ ର ଖବର

ନା ଚାଇନା ର ଦିନ ପରେ ଦିନ ଧମକ ।

ମୋ ଘରଟା ତା ପାଇଁ ପୃଥିବୀ

ଆଉ ଠାକୁର ଘର ସବୁକିଛି ।

ଢେର ଦିନ ହେଲା

ତା ଶାସନି ଆଖି

ନୀରବି ଯାଇଛି

ମୋ -ଅଧା ରାତିରେ ଘର ବାହୁଡା

ଆଉ ଏ ଦାମୀ ଗାଡି ର ଗୁମର ଭିତରେ ।

ସତରେ କ'ଣ ନିରବତା ବାଛିଦିଏ ଜୀବନ

ନା ବୟସ ଖୋଜିବୁଲେ ନିରବତା !

କେଉଁ ଏକ ଅଜଣା ମୁଖାଭିତରେ

ଜିଂ ବାକୁ ହୁଏ ଅଧା ଛାଇ ଆଲୁଅରେ ।

ଖେତ ଟା କ୍ଷତାକ୍ତ ହେଲା ପରେ ବି

ଭାଙ୍ଗେ ନି କିଆଁ ପାଳଭୂତ ର ନୀରବତା ?

ବୋଧହୁଏ

ତା ନିରବତା ହିଁ

ବାଣ୍ଟିଦେଇଛି ତାକୁ

ଆମ ଦୁଇ ଭାଇ ମଧ୍ୟ ରେ

ବାପାଙ୍କ ଜମି ପରି

ଅଦଳ ବଦଳ ବର୍ଷ ରେ ।

ନାମ -ଦୀପକ କୁମାର ଦଳାଇ
ପଞ୍ଚମ ବର୍ଷ ରାଜନୀତି ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ
କଟକ ୭୫୩୦୦୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଜଣା ସିନ୍ଦୂର



ସିଦ୍ଧେଶ୍ୱର ତ୍ରିପାଠୀ

ମଙ୍ଗଳ ବେଳାରେ ବୁଧ ପାହାନ୍ତିରେ
ତୋପାଇଁ ମଙ୍ଗଳ ତିଥି
ବୃହସ୍ପତି ତୋତେ ସଦୟ ହୋଇଲେ
ମୋ ସମ୍ପର୍କ ହେଲା ଇତି ।

ଗୁରୁ କରୁଣାରେ ବାଡୁଅ ପାଣିରେ
ଯେବେ ଦେଲୁ ଦେହ ଧୋଇ
ବଉଳ ପାଟରେ ତୋଦେହ ଢାଙ୍କିଲୁ
ଅଳତା ସିନ୍ଦୂର ନାଇ ।

ସାତସୁରେ ମଖା ସାହାନାଇ ଗାଏ
ସୁନ୍ଦର ମଙ୍ଗଳ ଗୀତି
ମଙ୍ଗଳ ବେଳାରେ ବୁଧ ପାହାନ୍ତିରେ
ତୋପାଇଁ ମଙ୍ଗଳ ତିଥି ।

ନୂଆ ଠିକଣାରେ ବସାଟୁ ବାନ୍ଧିଲୁ
ଡେଇଁ ତୋ ଅଗଣା ଘର
ଆଲୋକ ଦାତାଙ୍କ ଦିବସ ଶେଷରେ
ଝୁମେ ଦେହ ମନ ତୋର ।

ସେବେଠୁ ମୋପାଇଁ ଦିନ ସରେ ନାହିଁ
ରାତିବି ହେଉନି ଇତି
ମଙ୍ଗଳ ବେଳାରେ ବୁଧ ପାହାନ୍ତିରେ
ତୋପାଇଁ ମଙ୍ଗଳ ତିଥି ।

କବିର ଘର କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
ଭ୍ରାମ୍ୟଭାଷ : ୭୦୦୮୩୧୯୫୦୪୦

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଏତିକି ପାରୁନି ବୁଝି



କୌଶିକ କୁମାର

ସାଇକେଲଟିଏ ଚଢ଼ିବାକୁ ଗଲେ
ସଭିଏଁ କରନ୍ତି ମନା,
ବଡହେଲେ ତୁହି ଚଢିବା ଶିଖିବୁ
ଏବେରୁ ଜମା ଛୁଅଁନା ॥
ଜେଜେବାପା ପାଖେ ଚାହା ପିଇଗଲେ
କହନ୍ତି ତୁ ଛୋଟ ପିଲା,
ଚାହା ପିଇବାଟା ବଡ଼ଙ୍କ ଅଭ୍ୟାସ
ଏବେରୁ ଛୁଅଁନା ଭଲା ॥
ଖେଳିବାକୁ ଗଲେ ସାଙ୍ଗ ସାଥି ମେଳେ
ବୋଉ ଡାକେ ବାରମ୍ବାର,
ଏଡ଼େ ବଡ଼ ପିଲା ପାଠେ କରୁ ହେଳା
କାହାକୁ ନାହିଁ ତୋ ଡର ?
ସାନ ଭାଇ ହାତୁ ଖେଳନାଟି ନେଲେ
କାନ୍ଦେ ସିଏ କଇଁ କଇଁ,
ଏତୁଟେ ହେଲୁଣି କହେ ଜେଜେମାଆ
ତା' ସାଥେ ଲାଗୁ କିମ୍ପାଇଁ ?

ମେଳା ମଉଛବ ଯାନି ଯାତରାକୁ
ଆକଟ କରନ୍ତି ବାପା,
ବଡ଼ପିଲା ହେଲେ ତୁହି ଏସବୁ ଦେଖିବୁ
ବୁଝାଇ କହନ୍ତି ଅପା ॥
ମାଆଙ୍କ ଆକଟ ବାପା ନାଲିଆଖି
ଜେଜେଙ୍କ ବଙ୍କୁଲି ବାଡ଼ି,
କେଉଁ କାମେ ମୋର ନାହିଁ ସ୍ୱାଧୀନତା
ଦୁଃଖେ ମୁଁ ଯାଉଛିବୁଡି ॥
କେବେ ହୁଏ ବଡ଼ କେବେ ପୁଣି ଛୋଟ
ବୁଦ୍ଧି ମୋ ଯାଉଛି ହଜି,
ଛୋଟ ପିଲା ମୁହିଁ ଛୋଟ ମୁଣ୍ଡ ମୋର
ଏତିକି ପାରୁନି ବୁଝି ॥

କୌଶିକ କୁମାର ହୋତା, ନବମ ଶ୍ରେଣୀ
କେରଳା ପବ୍ଲିକ ସ୍କୁଲ, ରାଇରଙ୍ଗପୁର, ମୟୁରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାଜନୀତି ପାଲା



ମହେଶ୍ୱର ସାହୁ

ହସ ହସ ମୁଖ,    ସ୍ୱପ୍ନ ଭରା ହୃଦ,
ଆଶା ଆକାଂକ୍ଷାକୁ ନେଇ ।
ପ୍ରତିଯୋଗିତାରେ,    ହୁଅ ପ୍ରଦାର୍ପଣ,
ତର୍କ ବିତର୍କରେ ଥାଇ ।।
ବିଜୟର ଆଶା,    ପଦବୀର ଆଶା,
ଆସନର ପାଇଁ ପାଲା ।
ସମୟ ସୁଅରେ,    ହିଂସ୍ର ମନବୃତ୍ତି,
ପ୍ରଚାର ପ୍ରସାର ହାଲା ।।
ହାତ ଯୋଡ଼ା ଛବି,    କରୁଛ ମଣ୍ଡନ,
ଚତୁର୍ଦିଗେ ରାସ୍ତା ଘାଟେ ।
ବକ୍ତବ୍ୟ ଗର୍ଜନ,    ଲାଞ୍ଚ ଅର୍ଥ ଦାନ,
ମନ କିଣା ଭାବ ଫୁଟେ ।।
ଭତ୍ତା କରିଦେବି,  ବାସ ଗ୍ରହ ଦେବୀ,
ପିଲାଙ୍କୁ ଚାକିରୀ ଦେବୀ ।
ଅର୍ଣ୍ଣ ଆହାର ବି, ମାଗଣାରେ ଦେବୀ,
ଆସନରେ ଯେବେ ଥିବି ।।

ମତ ଦାନ ଦିଅ,    ନିଶ୍ଚୟ ଜିତାଅ,
ଭାଇ ଓ ଭଉଣୀ ମାନେ ।
ମାଆ ମାଉସୀଙ୍କୁ, ରହିଲା ମୋ ରାଣ,
ମୋହର ମାର ମୋ ଚିହ୍ନେ ।।
ଏମିତି ତ ଚାଲେ,  କେତେ ପ୍ରତିଶୃତି,
ଦେଇ ଚାଲିଥାନ୍ତି ନେତା ।
ଜିତି ଗଲେ ବାବୁ,   ହାରିଗଲେ ଡବୁ,
ସରିଯାଏ ସବୁ କଥା ।।
ଜିତିବା ଲୋକର, ନେତା ଗିରି ପଣେ,
ନାଗରିକ ହଇରାଣ ।
ଛିଡି ଯାଏ ଜୋତା, ବାବୁଙ୍କ ଦର୍ଶନେ,
ନେତା ଗିରିଆଙ୍କ ଟାଣ ।।
ସେହି ଅଟେ ନେତା,କଥାରେ ଅଟଳ,
ଜନତାଙ୍କ ଦୁଃଖେ ସୁଖେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ବାଚନେ ଜିତେ, ବସେ ଆସନରେ,

ହୃଦୟ ମହାନ ରଖେ ।।

ରାଜନୀତି ପାଲା, ନିର୍ବାଚନ ବେଳେ,

ଜିତି ଗଲେ ଯାଅ ଛାଡି ।

ନେତା ବନ୍ଧୁ ତୁମେ,ହୁଅ ଦେଶସେବୀ,

ଦୟା ଧର୍ମ ପଥେ ପଡି ।।

^^^^^^^^^^^^^^^^^^^^^^^^^^^^^^

ଲେଖକ (ମହେଶ୍ୱର ସାହୁ)

ଗୋପୀବିନ୍ଧା, ବ୍ରାହ୍ମଣଗାଁ

ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଜର ହୁଅନ୍ତି ଶତ୍ରୁ



ଅଙ୍କିତା ପାଢ଼ୀ

କଳଙ୍କ ଲଗାଇ,  ଆନନ୍ଦ ନିଅନ୍ତି,
ଶତ୍ରୁ ସାଜି ରଖି ରାଗ ।
କେଉଁ ଆନନ୍ଦ ସେ, ପାଇଥାନ୍ତି ଅବା,
ଦେଇ ମିଥ୍ୟା ଅଭିଯୋଗ ।।

ହରାଇ ବସନ୍ତି,  ହୃଦୟର ସ୍ନେହ,
ଛିଣ୍ଡାଇ ସର୍ବ ବନ୍ଧନ ।
ଆଗ ପଛ କିଆଁ,  ବିଚାର ନ କରି,
କରିଦିଅ ହୀନିମାନ ।।

ଦେଇ ଅପବାଦ,  କହି କଟୁକଥା,
ସମ୍ପର୍କକୁ ଭାଙ୍ଗି ଦେଲ ।
ଫଟା ମାଠିଆ କି,ଯୋଡି ହେଇଯାଏ,
ଭଙ୍ଗା କାଚରେ କି ମୂଲ ।।

ସତ୍ୟର ପଥିକ,  ହାରିଯାଏ ନାହିଁ,
ବୈଶାଖୀ ସମୀର ଭୟେ ।
ହୃଦୟରେ ଦମ୍ଭ,  ବାନ୍ଧି ଚାଲିଥାଏ,
ଲକ୍ଷସ୍ଥଳେ ହୃଦ ଥାଏ ।।

ହସ୍ତୀ ଚାଲିଗଲେ,  ସ୍ୱାନକୁଳ ରବ,
ବିଧିର ବିଧାନ ଏହି ।
ତିଳେହେଁ ସେଥିକି, ନହୋଇ କାତର,
ହସ୍ତୀ ଚାଲେ ରହି ରହି ।।

ଜ୍ଞାନୀ ଗୁଣି ଜନ,  ହସ୍ତୀର ସମାନ,
ଧୀର ସ୍ଥିର ମତି ଧରି ।
ନିଜର କର୍ତ୍ତବ୍ୟ,  କରି ଚାଲିଥାନ୍ତି,
ଅନ୍ୟାୟ ଦମନ କରି ।।

ନିଜର ଭାବିଣ,  ସ୍ନେହ ପ୍ରେମ ଦେଇ,
ମୁଣ୍ଡରେ ନିଶ୍ଚୟ ବସେ ।
ନିଜ ହୃଦୟକୁ,  ଦେଇ କଷ୍ଟ ଶୋକ,
ଖୁସିରେ ମୁରୁକି ହସେ ।।

ଶ୍ରେଣୀ: ସପ୍ତମ(ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ)
ଗଗନ ବାବୁ ଛକ, ଏଡ଼ତାଳ, ଭଦ୍ରକ.

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୁଡ଼ୋ ଖେଳ କବିତାର



ଆଶୁତୋଷ ମେହେର

ଶବ୍ଦ ସବୁ
ମନର ଲୁଡ୍ଡୁ ପଟି ଉପରେ
ଗଡିଗଡି ପଡୁଥାନ୍ତି
ଏପଟରୁ ସେ ପଟକୁ
ଲୁଡ୍ଡୁର ସଂଖ୍ୟା ଗୋଟି ପରି ।।

କେତେ ବେଳେ
ଶିଡି ପାହାଚରେ ଉପରକୁ
ଉଠି ଯିବାର ମଜା
ତ
କେତେ ବେଳେ
ସାପ ପାଟିରେ ତଳକୁ
ଗଡି ଯିବାର ଚିନ୍ତା ।।

ଏଇମିତି ଖେଳ ଭିତରେ
ଶବ୍ଦ ସବୁ ଘୁରି ବୁଲୁଥାନ୍ତି
ଉପରୁ ତଳକୁ
ଯୋଡି ଯାଡି ହୋଇ
କେମିତି ପହଂଚି ଯାଆନ୍ତେ କି
ଶେଷରେ କବିତା ଟେ ହୋଇ !!

୫୪, ଆର୍ଯ୍ୟପଲ୍ଲୀ, କିଟ୍ ଛକ,ପଟିଆ
ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଧ୍ୟରାତ୍ରୀର ଅର୍କେଷ୍ଟ୍ରା



ଓଜସ୍ୱିନୀ

ନିଦାଘ ଗ୍ରୀଷ୍ମର ନିଝୁମ୍ ରାତିରେ
ଯେବେ ହଠାତ୍ ବର୍ଷା ହେଇଯାଏ
ଆଃ, କି ତୃପ୍ତି କି ଆନନ୍ଦ ମନେ ଭରିଯାଏ
ମନେ ହୁଏ ସାରା ଦିନର କ୍ଲାନ୍ତି ଦୂର କରିବା ପାଇଁ
ସତେ ଅବା ଗଗନ ଗାଇ ଉଠେ, ଝୁମି ଉଠେ ସଦ୍ୟ ସ୍ନାତା ହୋଇ
ବସୁନ୍ଧରାର କରୁଣ ଅନୁରୋଧରେ
ଧରା ତଳେ ମେଘ ଓହ୍ଲେଇ ଆସେ ମିଳନ ଅଭିପ୍ସାରେ

ରହି ରହି ବିଜୁଳି ଚମକି ଉଠେ
ରଂଗ ମଞ୍ଚାର ରୂପେଲୀ ପର୍ଦ୍ଦା ପରି
ସାଇଁ ସାଇଁ ପବନ ବହିଯାଏ
ଘଡଘଡି ହାଇ ପିଚ୍‌ରେ ଆଳାପ ତାନଗାଏ
ଝିପ୍ ଝିପ୍ ବର୍ଷାର ରିମ୍ ଝିମ୍ ଧ୍ୱନିରେ
ଏକ ନିର୍ଦ୍ଦିଷ୍ଟ, ନିର୍ଧାରିତ ଅନ୍ତରାଳରେ
ଝିଙ୍କାରିର ସୁଦୀର୍ଘ  ଝଙ୍କାରରେ
ସେକ୍ସାଫୋନର ରୋମାଣ୍ଟିକ ହାଇ ନୋଟେସନ ଧ୍ୱନିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଂଗୁଲୀ  ଯେବେ ଗାଇ ଯାଏ ପ୍ରଣୟ ଲହରୀ

ଶାନ୍ତ ବାତାବରଣ ମୁଖରିତ ହୋଇ ଉଠେ ।

କିଛି ସମୟ ପରେ ଅଚାନକ କୁଆ ଥର ବର୍ଷା ହୁଏ

ଧୁମ୍ ଧୁମ୍  ରୁମ୍ ଝୁମ୍ ଚିକଚକ୍ ଶବ୍ଦ ଗୁଞ୍ଜରିତ ହୁଏ

ଠିକ୍ ଇଲେକ୍ଟ୍ରିକ ଗୀଟାରର ଫାଷ୍ଟ ବିଟ୍ ମ୍ୟୁଜିକ ଭଳି ।

କିଛି ସମୟର ନୀରବତା, ନିଶବ୍ଦତା ପରେ......

ଏକ ସୁପରିକଳ୍ପିତ, ସମାୟୋଜିତ ନୃତ୍ୟ ନାଟିକା ଢାଞ୍ଚାରେ

ବିଜୁଳି, ବର୍ଷା ଓ ଘଡଘଡି ଚଳଚଞ୍ଚଳ ହୋଇ ଉଠନ୍ତି

ଠିକ୍ ଅର୍କେଷ୍ଟ୍ରାର ଲାଇଟ୍, ସାଉଣ୍ଡ ଓ କ୍ୟାମେରା ପରି ।।।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫନି କବିତା



ଡା ସୌମ୍ୟରଞ୍ଜନ ମିଶ୍ର

କିଛିଦିନ ପୂର୍ବେ ଗୋଟିଏ ଘାଟରୁ
ପାଣି ପିଇଲା ପରେ ବାଘ ଆଉ ଛେଳି
ମହାବାତ୍ୟାପରେ ଏବେ ପଡ଼ିଛି
ଧୂର୍ତ୍ତ ଶୃଗାଳଙ୍କ ପାଳି ।
ଦିଆସିଲି, କିରାସିନି, ପଲିଥିନ ଓଗେର
ଶୃଗାଳ ଏବେ ଖାଉଛି
ଯେଣୁ ଘୋର କଳିକାଳ
ନିଜ ଉଚ୍ଛିଷ୍ଟରୁ ବାଘକୁ ବି କିଛି ଦେଉଛି ।

ସିଆଡ଼େ ଛେଳି କିନ୍ତୁ ମିଛଟାରେ ଖୁସି
ବାତ୍ୟା ତା'ର ଅଙ୍ଗେ ଅଙ୍ଗେ
ମାନବିକତାର ଗନ୍ଧ ଯେଣୁ
ଦେଇ ଅଛି ଠୁସି ।
ବେଶିଦିନ ନୁହେଁ ବନ୍ଧୁ
ପହିଲି ଆଷାଢ଼ରେ ହିଁ ଗନ୍ଧଗଲେ ଧୋଇ
ଛେଳିରୁ ଶୃଗାଳ ବାହାରିବା ଥୟ
ଶ୍ୱାନ ଦନ୍ତକୁ ଦେଖାଇ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀଉ
କେନ୍ଦ୍ରାପଡ଼ା, ୭୫୪୨୧୨
ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨
ଇମେଲ୍ : dr.srmishra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୃଥିବୀ ବଦଳିଗଲାଣି କାଲିଠୁ



ଡା ନୀଳମାଧବ କର

ପୃଥିବୀ ବଦଳି ଗଲାଣି କାଲିଠୁ
ତମ ପାଇଁ
ହୁଏତ ଜାଣିନ ତୁମେ ।
ଏଣିକି ପାଦଖାଲି ଆଗକୁ ପଡୁନି
ପଛକୁ ବି - ରାସ୍ତାଧାରକୁ
ଚହଲିଯାଉଛି ମଥା ।
ପଡ଼ି ଭାଙ୍ଗିରୁଜି ଯିବାର ଭୟ
ବେଢ଼ି ଗଲେଣି - ତମ ଚାରିଆଡ଼େ ।
ନାଚିବାକୁ ଏକା ଏକା ପାଦଥାପି
ଚାଲିବାକୁ ଠୁକୁ ଠୁକୁ ସାରା ଜୀବନ
ମାଡ଼ି ମାଡ଼ି ପଡ଼ିଲେ ବି, ସହଜ ।
କଷ୍ଟ କିନ୍ତୁ ପାଦ ମିଳେଇବା
ଆଖି ସାମନାରେ ସଭାରେ ନାଚିବା ।
ହୁଡ଼ିଗଲେ ପାଦ, ହସର ସାମଗ୍ରୀ ହୋଇ
ସେମାନଙ୍କ ବଙ୍କା ଓଠ
କୁତ୍ସିତ ଚାହାଣୀ ଗୋଟେଇ
ବଞ୍ଚିବାଟା ବଡ଼ କଷ୍ଟ ।
ଚାଲିବାକୁ ପଡ଼େ ଯଦି ହାତଧରି
ଜାଣିଶୁଣି ପାଗଳ ପାଲଟୁଥିବା
ଜୀଅନ୍ତା ମଣିଷ ସାଙ୍ଗରେ
ଜୀବନର ପ୍ରତିଶବ୍ଦ ମୃତ୍ୟୁର ପ୍ରତୀକ୍ଷା କରେ
ପ୍ରତିଗଳି ଅନ୍ଧଗଳି
ପ୍ରତି ନିଃଶ୍ୱାସରେ ଶୋଷି ହୋଇଯାଏ ଗରଳ ।
ମିଛ ମିଛ ସଂସାର ମାୟାରେ
ବାନ୍ଧି ହୋଇ, ହୁଏତ ଜାଣିନ ତମେ
ପୃଥିବୀ ବଦଳି ଗଲାଣି କାଲିଠୁ
ତମ ପାଇଁ...

ଓଲ୍‌ଭର୍‌ହାମ୍ପଟନ୍, ଇଂଲଣ୍ଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଈଶ୍ୱର



ଫାଲଗୁନୀ ଦାସ

ଚାଲିଯାଉଅଛି ଆଜି ଯେଉଁ ପଥେ
ଜାଣିନି କେବେ ଯିବି ମୁଁ ଥକି
ଥକାମନ ସଙ୍ଗେ ମିତ୍ରତା କରିଛି
ନିର୍ଭୟେ ବଢ଼ିବି କଷ୍ଟକୁ ଫାଙ୍କି ।
ଦୁଃଖ ପରେ ସୁଖ
ଭଲ ପରେ ମନ୍ଦ
ଏଇ ତ ଦୈନିକ ଜୀବନ ନୀତି
ନୀତିନିୟମରେ ଚାଲୁଥିବି ସଦା
ଗାଉଥିବି ଶାନ୍ତି ମୈତ୍ରୀର ଗୀତି ।
ଜାଣିଛି କଠିନ ସତ୍ୟପଥେ ଚଲା
ତା'ଠାରୁ କଠିନ ମୁକ୍ତିର ରାସ୍ତା
ସତ୍ୟର ଗାରିମା ସେ କାହୁଁ ବୁଝିବ
ଯା'ପାଇଁ ପ୍ରାପ୍ତ ଜୀବନ ଶସ୍ତା ।

ଶସ୍ତାରୁ ହୀନସ୍ତା
କଷ୍ଟରୁ ତ କୃଷ୍ଣ
ଯେ ବ୍ୟକ୍ତି ବୁଝିଛି ପାଇଛି ମୁକ୍ତି
ସଂସାରେ ବୈରାଗୀ ଯାହାର ବ୍ୟକ୍ତିତ୍ୱ
ସେ କରିପାରିଛି ଈଶ୍ୱରପ୍ରାପ୍ତି ।
ତୁଚ୍ଛ ସଂସାରୀ ମୁଁ
ଜାଣେନାହିଁ ଭକ୍ତି
ଜାଣେନାହିଁ ପ୍ରାପ୍ତିତ୍ୱ ପରମେଶ୍ୱର
ଏତିକି ଜାଣିଛି ବଞ୍ଚିବା ସକାଶେ
ବାସ୍ତବ ଅସ୍ତିତ୍ୱ ଅଟନ୍ତି ଈଶ୍ୱର ।

ବିଜ୍ଞାନ ଶିକ୍ଷୟିତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଗଜପତି ନଗର, ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ପକ୍ଷୀ



ଧିରେନ୍ ବାଗ୍

ତମେ ଆଉ

ମୋ ଭିତରେ

ଫରକ କିଛି ନାହିଁ ।

ତମ ଚପଳତା

ଆଉ ଦୁଷ୍ଟତା

ଅନେକ କିଛି କହେ ।

ତଥାପି,

ମୋ ନୀରବତା

ତମ ପାଇଁ ଅସହ୍ୟ ।

ତମ ଶୀତଳ ସ୍ପର୍ଶ

ମୋ ହୃଦୟର

ନିଭୃତ ଅହଂକାର

ଭାଙ୍ଗିକରେ ଚୁରମାର ।

ତମେ ତମେ ନାହଁ

ମୁଁ ଆଉ ମୁଁ ନାହିଁ

ତମେ ତମ ଜାଗାରେ

ମୁଁ ମୋ ସ୍ଥାନେ ।

ସତେ କି ?

ଆମେ ଗୋଟେ

ଛୋଟ ନୀଡ଼ର

ଦୁଇ ପ୍ରେମ ପକ୍ଷୀ ।

ଗଉଡ଼ରମା, କୁଳିଅଣା, ମୟୂରଭଞ୍ଜ

ଭ୍ରାମ୍ୟଭାଷ : ୯୬୯୨୧୮୮୦୮୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରମିକର ଝାଳ



ଗିରିଧାରୀ ସାହୁ

ଶ୍ରମିକର ଝାଳ ଶୁଖିବା ଆଗରୁ
ମିଳିଯାଉ ତା'ର ମୂଲ
ଶିଳ୍ପପତି ହେ ସମ୍ଭ୍ରାନ୍ତମାନେ
କରନାହିଁ ଆଉ ଭୂଲ ।
ଶ୍ରମିକ ହାତରେ ଗଢ଼ି ତ ଚାଲିଛ
କାହିଁ କେତେ ଇମାରତ
ତା'ପେଟକୁ କିଆଁ ଆଜି ବି ଯାଉନି
ମୁଠାଏ ପଖାଳ ଭାତ ।
ତା' ନାଲି ରକ୍ତରେ ରଙ୍ଗୀନ କରିଛ
ପ୍ରାସାଦର ମୂଳଚୂଳ
ଥରେ ତା'ର ଲାଗି ଭାବିବା ପାଇଁକି
ପାଅ ନାହିଁ ଟିକେ ବେଳ ।
କାଗଜ କଲମ ଛାଡ଼ ରାଜନୀତି
ରଖ ହେ ତୁମ ଯୋଜନା
ଗରିବ ତ ଆଜି ପାଲଟି ଯାଇଛି
ବୈଠକ ଘର ନମୁନା

ସିଂହାସନୁ ଉଠି ଥରେ ଦେଖ ଆସି
ଶ୍ରମିକର ପେଟ ଭୋକ
କାହା ଲାଗି ତୁମେ ଭେଟି ଚଢ଼ାଉଛ
ଷାଠିଏ ପଉଟି ଭୋଗ
ଭୁଲିଗଲ ତୁମେ ଶ୍ରମିକର ଦାନ
ତାଜମହଲକୁ ଦେଖି
ହତ୍ୟାକାରୀ ରାଜା ମହାନ ବେଶରେ
ଇତିହାସେ ଦେଲେ ଯୋଖି
ହାତପାତି ଆଜି ମାଗେ ଶ୍ରମିକଟି
ମିଳୁନାହିଁ ଅଧିକାର
ଝାଳ ସାଥେ ଯେବେ ରକ୍ତ ତା' ବହିବ
ହେବ ସବୁ ଛାରଖାର ।

ବେଲଗୁଣ୍ଠା, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୯୧୭୮୭୬୮୮୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୀମାନ୍ତରେ ହେବ ଦେଖା



ଗଙ୍ଗାସୁନନ୍ଦିନୀ
ରୂପମା ଗୁରୁ

ଏ ଜନ୍ମରେ ସିନା ତୋ ହାତ ସିନ୍ଦୁର
ପିନ୍ଧିପାରିଲିନି ଆଉ
ଶୋଇଯାଅ ତୁମେ ତ୍ରିରଙ୍ଗା ଘୋଡ଼ାଇ
ଆର ଜନମକୁ ଥାଉ
ନୀରବ ସ୍ୱର ତୋ ଏବେ ବି କହୁଛି
ଭାରତ ମାତାର ଜୟ
ଜୟ ଜୟ ଧ୍ୱନୀ ବୀରତ୍ୱ ରାଗିଣୀ
ଗାଉଛି ମୋ ଆଖିଲୁହ
ଲହୁରେ ଲେଖିଲ ଲୁହର କାହାଣୀ
କଥା ରହିଗଲା ବାକି

ସୁହାଗିନୀ ତୁମ ସାଜିବା ଆଗରୁ
ଖାଲି ପଡ଼ିଗଲା ସିନ୍ଥି
ପୁଣି ଥରେ ଆସ ପ୍ରାଣ ପ୍ରିୟତମ
ସୀମାନ୍ତରେ ହେବ ଦେଖା
ସୈନିକ ପତ୍ନୀ ମୁଁ ସାଜିବି ତୁମର
ପିନ୍ଧିନେବି ବଜ୍ର ଶଂଖା
ବନ୍ଧୁକ ଫୁଟେଇ ନ ପାରିଲେ ପ୍ରିୟ
ଗୁଳି ମୁଁ ଦେବି ସଜାଡ଼ି
ଏହି ପାକିସ୍ଥାନ ହେବ ଯେ ନିଶ୍ଚିହ୍ନ
ସିନ୍ଦୁର ସେବେ ପିନ୍ଧିବି ।

ବାଲିସୁଆଁ, ୟୁ ଜି ୟୁ ପି ସ୍କୁଲ୍,
ମହାକାଳପଡ଼ା, କେନ୍ଦ୍ରାପଡ଼ା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫନୀ



କାହ୍ନୁଚରଣ ସାହୁ

ତିତଲୀ ହୁଡ଼ହୁଡ଼୍ ଫାଇଲିନ୍ ପରେ
ଆତଙ୍କ ରଚିଲା ଫୋନି
ଅସ୍ତବ୍ୟସ୍ତ ଏବେ ଉପକୂଳ ଓଡ଼ିଶା
ଅନ୍ଧକାରେ ରାଜଧାନୀ । ୧

ଅନେଶ୍ୱତର ମହାବାତ୍ୟାପରି ଥିଲା
ଫୋନି ଭାରି ଭୟଙ୍କର
ଭାଙ୍ଗିଲା ଟାୱାର ହୋର୍ଡିଂ ସହସ୍ର ଗଛ
ଉଡ଼ିଲା ଛପର ଘର । ୨

ଦୁଇଶହ କିମିର ପବନ ସାଥିରେ
ବର୍ଷାର ତାଣ୍ଡବ ଲୀଳା
ଭୋକିଲା ଆଖିରେ ଭରିଦେଇ ଲୁହ
ସ୍ୱପ୍ନ ସବୁ ଚୁନାକଲା । ୩

ରାସ୍ତାପାଖ ଅସ୍ଥାୟୀ ଦୋକାନ ଯେ ଥିଲା
ବେସାହାରର ସାହାରା
ଉଡ଼େଇନେଲା ଫୋନିର କ୍ରୁର ବଳୟ
ସାଇତିଥିଲା ବିଚାରା । ୪

କେଇ ଘଣ୍ଟା ମଧ୍ୟରେ ହଜେଇ ଦେଲା ସେ
ଲକ୍ଷ ଲୋକଙ୍କର ସୁଖ
ମାଟିରେ ମିଶିଗଲା ଝାଟିମାଟି ଘର
କହିଲେ ନ ସରେ ଦୁଃଖ । ୫

ସ୍ମାର୍ଟ୍ ସିଟିର ସ୍ମାର୍ଟ୍ ଚେହେରାକୁ ପୁଣି
ସଂପୂର୍ଣ୍ଣ ବିଗାଡ଼ି ଦେଲା
ଆନନ୍ଦରେ ଥିବେ କେତେ ପରିବାରକୁ
ଛିନ୍ନଛତର ସେ କଲା । ୬

ଆଶାଠାରୁ ଅଧିକ ଭୟଙ୍କରୀ ହେଲା
ଦେଖାଇ କରାଳ ରୂପ
ତ୍ରାହି ନାହିଁ ସତେ ଏ ସକଳ ସଂସାରୁ
କରିଲେ ପ୍ରକୃତି କୋପ । ୭

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ଭ୍ରାମ୍ୟଭାଷ : ୯୪୫୬୮୨୨୪୪୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସରା ମୋହରେ ଆଶାପସରା



ରୀତାରାଣୀ ଦାସ

ଆଜି...

ଅସହାୟତାର ଘୁଙ୍ଗୁର ପିନ୍ଧି

ସ୍ତବ୍ଧ ଓଡ଼ିଶା ମାଟି

ପ୍ରକୃତି ସାଜେ ବଇରୀ ତା' ପାଇଁ

ଶରଧା ତା' ମନୁ ତୁଟି ।

ସମୟ ସୁଅରେ କଅଁଳ ପରାଣେ

ଅବିଶ୍ୱାସ ଭେରୀ ବାଜେ

ଭାଙ୍ଗିଯାଏ ମନ ଅସରା ବ୍ୟଥାରେ

ବିପତ୍ତି ଧାସରେ ସିଝେ ।

ସହିଛି ଜୀବନେ ଏଇ ମାଆମାଟି

କେତେ ଧନ-ଜୀବ ହାନୀ

ଯେତେ ଲହୁ-ଲୁହ ବତାସ ସାଥିରେ

ଭିଜିଛି ପଣତ କାନି ।

ମନ କଥା ସବୁ ମନରେ ମାରିଛି

ମଶାଣି ବୁକୁର ପରେ ।

ତଥାପି ଛାତିକୁ ପଥର କରିଛି

ପୂର୍ଣ୍ଣଗର୍ଭାର ଆଶାରେ ।

ହେ ପ୍ରକୃତି ! ନ ଦେଖ ଦୁଃସ୍ଥିତି

ତା' ଆଶାର ଉପବନେ

ପାରିବ ଯଦି ହେ ପ୍ରୀତିରାଜ ହୋଇ

ଆସୁଥାଅ ତା' ଜୀବନେ ।

ଓଡ଼ିଆ ମାଟିର କଳା କାରିଗରୀ

ସାକାର ସପନ ସାଜି

ନିଆଶୀ ଧରାର ଅସହାୟ ଅମା

ନିଶ୍ଚୟ ଯିବ ଭାଜି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖରା ଆସିଲାଣି ଧାଇଁ



ରବୀନ୍ଦ୍ରନାଥ
ମହାରଣା

ଟାଙ୍ଗରା ହେଲାଣି ସବୁଜ ବନାନୀ
ସୌନ୍ଦର୍ଯ୍ୟ ତା ଆଉ ନାହିଁ
ଚତୁର୍ଦ୍ଦିଗେ ଶୁଭେ ଶୂନ୍ୟ ହାହାକାର
ଖରା ଆସିଲାଣି ଧାଇଁ ।

ଗଛପତ୍ର ସବୁ ଶୁଖିଲା ଦିଶୁଛି
ଶୁଖିଲା କାଦୁଅ ଭୂଇଁ
ପୋଖରୀ ଗଡ଼ିଆ ଶୁଖି ତ ଗଲାଣି
ପାଣି ଟୋପେ ଦିଶୁନାହିଁ ।

ସତେ କି ହସୁଛି ସୂରୁଯ ଦେବତା
ଦେଖେଇ ପ୍ରବଳ ଖରା
ତାହାଙ୍କ ପ୍ରକୋପେ ନିରସ ଦିଶୁଛି
ଆଜି ଏ ସବୁଜ ଧରା ।

ଅନୁଭବ ହୁଏ ପ୍ରବଳ ଗ୍ରୀଷମ
ଖରା ବଢ଼େ ସାଇଁ ସାଇଁ
ପାଣିଟୋପେ ପାଇଁ ଶୁଭେ ହାହାକାର
ଶୋଷରୁ ବର୍ତ୍ତିବା ପାଇଁ ।

ବେଙ୍ଗୁଲି କାନ୍ଦଇ ସାରୁବୁଦା ମୂଳେ
ରଖ ହେ ଜଗତ ସାଇଁ
ଜଳ ଢାଳିଦିଅ ନ କରି ଡେରି ହେ
ବଞ୍ଚିଯାଉ ଧରାଭୂଇଁ ।

ସଭିଏଁ ଡାକନ୍ତି ଆତୁର କଣ୍ଠରେ
ଖରାରୁ ବର୍ତ୍ତିବା ପାଇଁ
ପ୍ରକୃତି ନିୟମ ଖେଳି ନିଜ ମତେ
ଖରା ଆସିଲାଣି ଧାଇଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବନ୍ଦ ହେବାର ବେଳ



ଡ. ଜ୍ଞାନେଶ୍ୱରମିଶ୍ର

ଆଖାପାଖ ଚା' ଡେଜରାତି ଦୋକାନର
ସଟର୍ ପଡ଼ିବାର ଶବ୍ଦ ଶୁଭୁଛି
ସୂଚାଇ ଦେଉଛି ଦୋକାନ ବନ୍ଦ କରିବାର
ବେଳ ମାଡ଼ି ଆସୁଛି
ଖାତା ବନ୍ଦ କରିବାର ବେଳ
ଅନାଇ ବସିଛି
ହିସାବ ମିଳୁନି କେତେ ଲାଭ, କେତେ କ୍ଷତି
ଆୟ କେତେ, କେତେ ଆଉ ବ୍ୟୟ
ଆୟ ଭିତରେ ଅନେକ ଅନ୍ୟାୟ ଆୟ ମୁହଁ ଗୁଞ୍ଜିଛନ୍ତି
ବ୍ୟୟ ଭିତରେ ଅନେକ ଅପବ୍ୟୟ ମୁରୁକି ହସୁଛନ୍ତି
ପଛ ପୃଷ୍ଠା ଲେଉଟାଇବାକୁ ନାହିଁ
ମୋ ପାଖେ ସମୟ
ମନ ଭୋଗୁଛି ଅଂଶୁଘାତରେ
କାମନା, ବାସନା ସଢୁଛି ବୟସ ଝଡ଼ରେ
ଆତ୍ମୀୟତା ସଂପର୍କ ଡୋରି ଛିଣ୍ଡି ଯାଇଛି
ସ୍ୱାର୍ଥ ସୁନାମୀରେ
କେବଳ ନିଃଶ୍ୱାସ ଚାଲୁଥିବା
'ମୁଁ' ନାମକ ଏ ଜୀବଟି ବଞ୍ଚିଛି ।
ଦୋକାନ ବନ୍ଦ ହେବାର ବେଳକୁ
ଆଡୁରେ ଅନେଇ ବସିଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫେସ୍‌ବୁକ୍ ନିଶା



ବେବିସ୍ମିତା କର

ନୋଟ୍‌ବୁକ୍ ଛାଡ଼ିଲେ ପିଲେ
ଫେସବୁକ୍‌ରେ ମାତିଲେ
କେତେ ଜଣା, କେତେ ଅଜଣା
ସାଥିରେ
ଘଣ୍ଟା ଘଣ୍ଟା ଧରି ଗପିଲେ ।
ନୂଆ ନୂଆ ଫଟୋ ପୋଷ୍ଟ କରିକି
ଲାଇକ୍ କମେଣ୍ଟ ଲୋଡ଼ିଲେ ।
ନୂଆ ନୂଆ ଜାଗା ବୁଲାବୁଲି କରି
କେତେ ବେଶେ ଫଟୋ ଛାଡ଼ିଲେ ।
ଆଖିରେ ଚଷମା, ହାତରେ ଘଡ଼ି
ଲମ୍ବି ଲମ୍ବି ଯାଏ ନିଶକୁ ଦାଢ଼ୀ ।

କେତେବେଳେ ପୁଣି ବାଇକି ଗାଡ଼ି
ଦିନକୁ ଦିନ ଯାଏ ଡିମାଣ୍ଡ ବଢ଼ି ।
ମନର କଥାକୁ କରନ୍ତି ପୋଷ୍ଟ
ନୋଟିଫିକେସନ୍ ଆସଇ ମସ୍ତ ।
ସୁଖ, ଦୁଃଖ ସବୁ ବାଣ୍ଟନ୍ତି ସେଠି
ଭୁଲିଯାଆନ୍ତି ଗାଁ'ଠୁ ସହର
ଫେସବୁକ୍‌ରେ ମାତି ।

ସାମନ୍ତରାପୁର, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି ତୁମେ



ମନିଷା ସରକାର

ତୁମେ ଆଜି କେବଳ ସ୍ମୃତି
ମେଘଭରା ଆକାଶରେ
ଉଙ୍କି ମାରୁଥିବା ନୀଳତାରାଟି ।
ଏବେ ଦିନ ଗୁଡ଼ିକ ବିତିଯାଏ
ଏକା ଏକା ନୀରବତାରେ
ହଜିଯାଉଥିବା ପ୍ରେମ
ଓ ଭଲ ପାଇବାରେ ।
ଏକାକୀ ନିର୍ଜନତାରେ
ଶରତର ଶେଷ ବେଳାରେ
ମହାନଦୀ ତୀରରେ
ବସି ବସି ମିଛରେ
ତୁମକୁ ନେଇ
ମୋର ଏକ କବିତା ଆବୃତି
ତୁମେ ଆଜି କେବଳ ସ୍ମୃତି ।
ଜାଣିଛି ତୁମକୁ
ପାଇବିନି ଆଉ
ତଥାପି ମନେପଡ଼ ବାରମ୍ବାର ।
କବିତା ଓ ଉପନ୍ୟାସରେ
ତୁମକୁ ହିଁ ମୁଁ ଖୋଜୁଛି
ହୃଦୟତ ମୋର
କେବେଠୁ ଭାଙ୍ଗିଗଲା
ବିରହ କଣ
ଆଜି ତାହା ବୁଝୁଛି ।
ସୁନ୍ଦର ଗୋଲାପଟିଏ ତମେ
ଝରିଗଲ କେବେ
କିନ୍ତୁ ବିରହର ଯନ୍ତ୍ରଣା
ଛାଡ଼ିଗଲ ଏ ମନ ଡାଳରେ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୋକା



ଅନୀତା ରାୟ

କିଛିଗୋଟେ ଆତଙ୍କିତ ମୁହୂର୍ତ୍ତକୁ
ବାରମ୍ବାର ବଦଳା ଯାଇପାରେ
ଧୋକା ଗୋଟେ ପରିଚିତ ଶବ୍ଦ
ଅନ୍ଧାରୁଆ କୋଠରୀ ଭିତରେ
କେଉଁଗୋଟେ କ୍ଷତର ଦରଜ
ଯାହା ବିକ୍ଷତ କରେ
ଥରକୁ.. ଥର.. ଏମିତି ପ୍ରତିଥର... ।
ଅଧାବୁଜା ଆଖିପତା ତଳେ
ରୁଗୁ ରୁଗୁ ହୋଇ ପୋଡ଼ିଯାଏ
ଧୀର ଗତିରେ
ସ୍ପନ୍ଦିତ ହେଉଥିବା ଶିରା ପ୍ରଶିରାକୁ
ଧୋକା ଯେବେ ଛୁଇଁଯାଏ
ଆହା... ସେ କି ଯନ୍ତ୍ରଣା...
ଯେଉଁ ଦୃଢ଼ତା ଯେଉଁ ବିଶ୍ୱାସ
ଧାର ଧାର ହୋଇ ଝରିଆସେ
ପୁଣି କେବେ ପାଦ ପାଖେ
ଶୁଖି ଶୁଖି ଜଳିଯାଏ
ନିଜ ଭିତରେ ଉଜାଡ଼ି ଦେଇଥାଏ
ଦୁଃଖର ଦୀର୍ଘଶ୍ୱାସ...
ବେଳେ ବେଳେ ଏମିତି
ନିର୍ବୋଧ ପଣିଆଟା ବଳି ପଡ଼ିଥାଏ
ମୁକୁଳିବାକୁ ରାସ୍ତା ନଥାଏ
ରଙ୍ଗହୀନ ଧୋକା
କାହାର ପ୍ରତିଛବି ସହ
ଖେଳିପାରେ ଅନେକ ଖେଳ
ଅସହ୍ୟ ଏ କଷ୍ଟ...
ବେଦନାରେ ଭରା...

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପା



ମନୋଜ କୁମାର ବେହେରା

ସକଳ ଜୀବନର ଅବାସ୍ତବ ରାଇଜରେ
ମହୁଲ ଝରା କାକର ଆଉ ହସ ଭିତରେ
ଦୃଢ଼ପଣିଆର ରକ୍ତ ଚକ୍ଷୁକୁ ଆବୋରି
ତାଗିଦ୍ କରୁଥାଏ ।
ମାଆର ସ୍ନେହଭରା ପଣତ କାନି ଯେତେବେଳେ
ଓଜନ ହୋଇଯାଏ
ସେଇ ଓଜନଟାକୁ ହାଲୁକା କରିବାକୁ
ପଥର ହୃଦୟର ପାଚେରୀଟିଏ ଜନ୍ମନିଏ ।
ଅବାଟୁଆ ଶଢ଼ର ଚକାକୁ
ଜବରଦସ୍ତ ଟାଣିଆଣି
ମଙ୍ଗଳମୟ ବାଟ ଦେଖାଏ ।
କଠୋର ପଣର କଥା ଭିତରେ
ଲୁଚିଥାଏ
ସକାଳୁଆ ସୂର୍ଯ୍ୟର ନିଦଭଙ୍ଗା ତେଜ
ଆଉ ନିଦାଘ ଖରାରେ ଥାଏ
ଅଶ୍ରୁ ସଜଳ ଛଳ ଛଳ ଆଖିର ବାର୍ତ୍ତା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଦେଖିଛି ଅତି ନିକଟରୁ

ପୁଅଟାକୁ ହରାଇବାର ଦୁଃଖରେ ମର୍ମାହତ

ସେଇ ଆହତ ମୂର୍ତ୍ତିଟିକୁ

ମୁଁ ପୁଣି ଦେଖିଛି

ନିଜର ସର୍ବସ୍ୱ ହରାଇ କେମିତି

କାଠର ବେହରଣରେ ପୁଅଟାକୁ ରଖି

ହୁତୁହୁତୁ ଜୁଇର ନିଆଁରେ ଝାଉଁଳି ପଡ଼ିବା

ସେଇ ଅସଙ୍ଗତ ଦୃଶ୍ୟଟିକୁ ।

ନିରବୀଯାଏ ପ୍ରକୃତି

ନିରବୀଯାଏ ଚତୁର୍ଦ୍ଦିଗ, ସ୍ତବ୍ଧ ହୁଏ ସାରା ପୃଥିବୀ

ଦେଖି ଏଇ ପୁତ୍ରହନ୍ତା ହତଭାଗା

ବାପାଟିର ଅଭାଗା କପାଳ ।

ଅଧ୍ୟାପକ, ଓଡ଼ିଆ ବିଭାଗ

ପି.ଏସ୍.ଏସ୍.ଜେ. ଡିଗ୍ରୀ ମହାବିଦ୍ୟାଳୟ, ବଅଁରପାଳ

ଭ୍ରାମ୍ୟଭାଷ : ୭୩୭୭୪୪୯୬୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିରବ ମୁହୂର୍ତ୍ତ



ଜୟନ୍ତ କୁମାର ସାହୁ

ନିରବ ମୁହୂର୍ତ୍ତ କ୍ଲାନ୍ତି କ୍ଲାନ୍ତି ଲାଗେ
ସମୟକୁ ସାଥେ ନେଇ
ଆଜି ବି ଖୋଜୁଛି ସକାଳର ସୂରୁଯ
ରାତ୍ରୀର ଅନ୍ଧକାରରେ ନିଜକୁ ଭିଜେଇ ।


ନିରବ ମୁହୂର୍ତ୍ତ କ୍ଲାନ୍ତି କ୍ଲାନ୍ତି ଲାଗେ
ଖୋଜେ ନିଜ ପିଲାଦିନ
ହଜାଇ ଦେଇଛି କେତେ ଯେ ଆବେଗ
ବୟସର ରାଜପରେ ସାଙ୍ଗସାଥୀ ଆଉ ପ୍ରେମ ।

ନିରବ ମୁହୂର୍ତ୍ତ କ୍ଲାନ୍ତି କ୍ଲାନ୍ତି ଲାଗେ
ଅସଂଯତ ଶବ୍ଦ ଶୁଣି
ଖୋଜେ ପୁଣି ନିଜ ମାଆର ପଣତ
ଜୀବନର ସତ ସବୁଜାଣି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ନାରୀ



ଗୌରୀ ପଣ୍ଡା

ମୁଁ ନାରୀ, ଦୁଃଖ ଯେ ହରଣକାରୀ ।
ମୁଁ ନାରୀ, ମୁଁ ନୁହେଁ ତ ଅହଂକାରୀ ।
ମୁଁ ନାରୀ, ମୁଁ ଜୀବନ ଦାନକାରୀ ।
ମୁଁ ନାରୀ, ମୁଁ ସଂସାର ଗଠନକାରୀ ।
ମୁଁ ନାରୀ, ସ୍ନେହରେ ପାଳନକାରୀ ।
ମୁଁ ନାରୀ, ମୁଁ ରକ୍ତ ପ୍ରଦାନକାରୀ ।
ମୁଁ ନାରୀ, ନୁହେଁ ମୁଁ ବିନାଶକାରୀ ।
ମୁଁ ନାରୀ, ଦଣ୍ଡ ଯେ ବିଧାନକାରୀ ।
ମୁଁ ନାରୀ, କରିପାରେ ମନ ଚୋରୀ ।
ମୁଁ ନାରୀ, ଶତ୍ରୁକୁ ଦମନକାରୀ ।
ମୁଁ ନାରୀ, ଧୈର୍ଯ୍ୟ ବି ପ୍ରଦାନକାରୀ ।
ମୁଁ ନାରୀ, ଅନ୍ୟକୁ ସାହାଯ୍ୟକାରୀ ।

ମୁଁ ନାରୀ, ଅଟେ ଶତ୍ରୁ ହନ୍ତାକାରୀ ।
ମୁଁ ନାରୀ, ଅଟେ ମୁଁ ପ୍ରଳୟଙ୍କରୀ ।
ମୁଁ ନାରୀ, ସଂସାରର ଉପକାରୀ ।
ମୁଁ ନାରୀ, ମମତାର ରଜ୍ଜୁର ଡୋରି ।
ମୁଁ ନାରୀ, ସଞ୍ଜିବନୀ କଳଧାରୀ ।
ମୁଁ ନାରୀ, ଲଜ୍ଜାର ତିଳକଧାରୀ ।
ମୁଁ ନାରୀ, ମୁଁ ସେବା, ପରୋପକାରୀ ।
ମୁଁ ନାରୀ, ଶାନ୍ତି, ମୈତ୍ରୀ, ପ୍ରୀତିଧାରୀ ।
ମୁଁ ନାରୀ, ଜଗତ ଉଦ୍ଧାରକାରୀ ।
ମୁଁ ନାରୀ, ଦେଶ ଦୁନିଆର ଶିରୀ ।
ମୁଁ ନାରୀ, ଜନ୍ମଦେଲେ ଚକ୍ରଧାରୀ ।
ମୁଁ ନାରୀ, ପ୍ରଭୁ ଚରଣର ବାରି ।

ଜୟପୁର, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା



ପ୍ରକାଶଚନ୍ଦ୍ର ପଣ୍ଡା

ମା ତୁମ ମାତୃତ୍ୱର ମୂଲ ତ ଅମୂଲ
ପୃଥିବୀରେ ନାହିଁ କିଛି ତା'ର ସମତୁଲ
ଈଶ୍ୱରଙ୍କ ସବୁ ସୃଷ୍ଟି ତୁମପାଖେ ନ୍ୟୂନ
ତୁମରି କୋଳରେ ଜନ୍ମନେଇ ମୁଁ ମହାନ ।
ସ୍ନେହ ମମତାର ଏକ ଜୀବନ୍ତ ମୂରତି
ନାହିଁ ଅନ୍ତ ନାହିଁ ଆଦ୍ୟ ବିଚିତ୍ର ଏ ସୃଷ୍ଟି
ପଟାନ୍ତର ନାହିଁ ତୁମ ସ୍ନେହ ମମତାର
ତୁମ ଗାଳି ଲାଗେ ମୋତେ ସବୁଠୁ ମଧୁର ।
ମିଥ୍ୟା ଏହି ଦୁନିଆରେ କିଏ ବା ନିଜର
ସତ୍ୟ ଏକା ତୁମେ ତୁମ ବିନା ସବୁ ପର
ସବୁଏଠି ପ୍ରହେଳିକା ମରିଚିକା ସହ
ତୁମାଶିଷ ବିନା ସତେ ଏ ଜୀବନ ଭ୍ରମ ।
ଯେତେ ବି ଲେଖିଲେ ସବୁ ତୁମପାଖେ ଊଣା
ତୁମବିନା ଜୀବନର ବାଟ ହେବି ବଣା
ଅତୀତରେ ତୁମେ ଏକା ଭବିଷ୍ୟରେ ତୁମେ
ତୁମସହ ନିଜକୁ ମୁଁ ଧନ୍ୟସିନା ମାନେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ଯଦି ବାଟ ହୁଡ଼ିଯାଏ କେବେ ମା

ତୁମାଶିଷ ନିଶ୍ଚେ ମୋତେ ହେବ ଏକା ସାହା

ଧନ ରତ୍ନ ଲୋଡ଼ାନାହିଁ ନାହିଁ ଲୋଡ଼ା କିଛି

ତୁମ ବିନା ବଡ଼ ଆଉ ଅବା କିଏ ଅଛି...

ବିଜ୍ଞାନ ଶିକ୍ଷକ, କଲ୍ୟାଣପୁର, ଭୂଇଁପୁର

ପାଣିକୋଇଲି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମର୍ପିତ ନୈବେଦ୍ୟ



ସନ୍ଧ୍ୟାରାଣୀ ପରିଜା

ଏତେ ଛୋଟ ପାପୁଲି ଯେ ଥର ଥର ସମର୍ପି ଦେଲି
ସଂଚିତ ଆବେଗମାନଙ୍କୁ, ପ୍ରତିଥର ଦେଖାରେ ।
ନିଃଶ୍ୱ ହେଇଯିବାର ଭୟ, ଅଜାଡ଼ିଦେଲ ତ
ସାଉଁଟି ଆଣିଲି କମ୍ପିତ ହାତରେ ।
ଲୁହ ଥିଲା କି ନିଆଁ, ବିଶ୍ୱାସ କି ପ୍ରତାରଣା
ମୋହ କି ପ୍ରବଞ୍ଚନା, ପ୍ରବଳ କି ପ୍ରଳୟ
ପ୍ରଲୋଭନ କି ପ୍ରତି ଆକ୍ରମଣ, ଜୁ ନଥିଲା ଜାଣିବାର
ତୁମେ ତ ଈଶ୍ୱର... !

ପାତିଥିବା କାନି, ସମର୍ପିତ ଭକ୍ତି, ଛଳନାର ଛଇ
ଆବେଗର ହାତ, ଊର୍ଦ୍ଧ୍ୱ ଦୁଇ ବାହାରେ
ଯାଚି ଦେଇଥିଲି ବିଶ୍ୱାସରେ, ଚେତନାର ଊର୍ଦ୍ଧ୍ୱରେ
କୋଉ ଭରସାରେ ? ଦ୍ୱିଧା କି ଦ୍ୱିରୁକ୍ତି ନଥିଲା ତ ।
ଜାଣିଥିଲି ଦିନେ ନା ଦିନେ ସମର୍ପିତ ନୈବେଦ୍ୟ ମୋର
ଅବଚେତନରେ ହେଉ ବରଂ ସ୍ଥାନ ପାଇବ ପାଦତଳେ ।
ଅତିକ୍ରାନ୍ତ ସମୟରେ ତିଆରିଲି ବାଲିରଥ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଉ ଆଉ ଲୁହ ମୁହାଣରେ ।

ସେ କି ବେଳ କେଜାଣି ଶୟନ କି ସ୍ନାନର

ବିଚାର କି ବୈରାଗ୍ୟ, ମଧୁର କି ମାଧୁର୍ଯ୍ୟର

କି ଦିବ୍ୟ ଯୋଗ ।

ନୈବେଦ୍ୟ ମହାପ୍ରସାଦ ପାଲଟିଲା

ଟିକେ ସ୍ପର୍ଶ ଆନମନା ବୈରାଗ୍ୟ, କି ସ୍ନେହର ଆଲୋଡ଼ନ

ବୈନତେୟ ଭାଗ୍ୟରେଖା, ସ୍ପର୍ଶର ସୌଭାଗ୍ୟ ପାଇଲା ।

କାଳ କାଳ ଘେନା ହେଉ ନୈବେଦ୍ୟ ମୋର

ହେ ମୋର ଇପ୍‌ସିତ ଈଶ୍ୱର ।

ଶୈଳଶ୍ରୀ ବିହାର, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୋପ କୁମାର



ଦୁଷ୍ମନ୍ତ କୁମାର ମିଶ୍ର

କଳା ବଳାହକ ନୀଳା ଶିଳାପିତୁଳା ବର୍ତ୍ତୁଳା
ନନ୍ଦବଳା ଜ୍ୱାଳାଗିଳା ପ୍ରଭୁ
ଅବଳାଙ୍କ ଗଳାମାଳା ବଜ୍ରବଳା ଶିଶୁମେଳା
ବାଳଖିଳା ମୁକ୍ତିଖେଳା ବିଭୁ ହେ
ଭକ୍ତିବଳା
ପୂଣ୍ୟଜନଦଳା କ୍ଷତିକିଳା
ବଳାନୁଜ ସୁଗତିକି ଭେଳା
ସୁଗୁଣରେ ମେଳାବାଳା ରୀତିଛଳା ବଳିଦଳା
ତଳାତଳ କଳାପସଙ୍କୁଳା ହେ ।୧

କମଳ ବିପୁଳ ସ୍ଥୂଳ ବାଟୁଳ ବାହୁଯୁଗଳ
କାଳଶୂଳ ଦନୁଜକୂଳକୁ
ରସାମୂଳ ଆଳବାଳ ଯେଣୁନାମ ଆଦିମୂଳ
କପାଳ ଭୂପାଳଙ୍କ ପାଳକୁ ହେ
ଦୁଃଖୀଥାଳ
କାଳଜାଳ କର ଫାଳଫାଳ
ବ୍ୟାଳମଣିମାଳ ଭୂଷାସ୍ଥଳ
କଣାଜଳ ମୁଣ୍ଡମାଳ ବହିଛନ୍ତି ଚିରକାଳ
ପୂତଆଶେ ଭୂତଗଣ ମେଳ ହେ ।୨

ମନଭଳି ଭାଳି ଭାଳି ତବ ପାଦସ୍ଥଳୀ
ନ ପାଇଲି ଦୁଳୀ ଅଣ୍ଡ ମାତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିଳୀମୁଖାମ୍ବୁଜେ କେଳି          କଲା ଭାଳି କରମାଳୀ
ଗଲେ ଚଳି ଅସ୍ତମେଳିସ୍ଥିତ ହେ
ମଇଥିଳୀ
ଘେନିବୁଲି ଅରଣ୍ୟକୁ ପାଳି
ପୁଣି ବାଲମିକାଶ୍ରମେ ଚଳି
ଯଦୁବଳି ଜିନିପାଳି          ପୁଣି ଦଳି ହିଂସାବଳୀ
ସ୍ନେହାବଳି ତୁଛ ତୁମ୍ଭେ ଭାଳି ହେ । ୩
ଗେଲେ ଗେଲେ ଯା ମଣିଲ          ନେଲ ଦେଲ ସୁଝାଇଲ
କଲ ଅବିଚାର ମଲ୍ଲ ମାରି
ତୁଲ ତୁମ୍ଭସମ ବୋଲି          କାହିଁ ନାହିଁ ମମ ଭାଲ
ଲେଖାମାନ ଦେଲ ସିନା ବାରି ହେ
ଯାହା କଲ
ପ୍ରାଣ ନେଲ ପେଷି ବ୍ୟାଧିଭାଲ
କାଲ ହେଲ ଡାକ ନ ଶୁଣିଲ
ଯତି ବଦ୍ଧ ଏ ଜଣାଣ          ଦୁଷ୍ମନ୍ତର ବିରଚନ
ବିପତ୍ତିକୁ ଯେଣୁ ନ ଖଣ୍ଡିଲ ହେ । ୪

ପ୍ରଧାନ ଶିକ୍ଷକ, ଓରିଙ୍ଗା, ବାଲିସାହି,
ମଠକରଗୋଳା, ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇଚ୍ଛା



ଉର୍ମିଳା ଦାସ

ଭାରି ଇଚ୍ଛା ହୁଏ
ତୁମ ଇଚ୍ଛାରେ ଚାଲିବାକୁ
ତୁମ ହସରେ ହସିବାକୁ
ଏବଂ ତୁମ କାନ୍ଦରେ ସାମିଲ ହେବାକୁ ।
କାହିଁକି ନା
ଦିଶାହୀନ ଗୁଡ଼ିଟିଏ ମୁଁ
ତୁମ ନଟେଇର ।
ତୁମ ଇଚ୍ଛାରେ ବାଟ ଚାଲୁ ଚାଲୁ
ବେଳେ ବେଳେ ଝୁଣ୍ଟିପଡ଼େ
ମୋ ଇଚ୍ଛାର ବନ୍ଧୁର ପାଷାଣେ
କିନ୍ତୁ ତୁମେ ତ ସାଉଁଟି ନିଅ
ଚାଲି ଶିଖୁଥିବା ଶିଶୁର ମାଆ ପରି
ଅତି ଯତନରେ ଓ ଅତି ସରାଗରେ,
ହୋଇ ସହଚର ।
ଭାରି ଇଚ୍ଛା ହୁଏ ଚାଲିବାକୁ
ତୁମ ପରିଧିରେ
ଗୋଲ୍ ଗୋଲ୍ ଘୁରିବାକୁ
ନଟୁ ଘୁରିବା ପରି
କିନ୍ତୁ ତୁମ ଦିଆ ସ୍ୱାଧୀନତା ତ ବାଟ
ଓଗାଳେ କିଛି ସମୟ ପାଇଁ
କିନ୍ତୁ ଶେଷରେ
ଜିତାପଟ ତ ହୁଏ ତୁମରି ଇଚ୍ଛାର ।
ଭାରି ଇଚ୍ଛା ହୁଏ ତୁମ
ଜିଦ୍ ପାଖରେ ହାରିଯିବାକୁ
ତୁମ ଅଭିମାନରେ ବଞ୍ଚିବାକୁ ।
କିନ୍ତୁ ତୁମେ ତ ତୁମେ ନା
ନା କେବେ ହାରିବାକୁ ଦିଅ
ନା ଜିତିହୁଏ ତୁମରି ଇଚ୍ଛାକୁ
ସେ ତ ଇଚ୍ଛା ନୁହେଁ
ମୋ ପାଇଁ କି ପରମ ଈଶ୍ୱର ।

ଗୋକୁଳପୁର, ଟାଙ୍ଗୀ, କଟକ
ଭ୍ରାମ୍ୟଭାଷ : ୯୪୩୭୨୬୯୬୬୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସନ୍ଦେହୀ ମନ



ଦିଲ୍ଲୀପ କୁମାର
ସାମଲ

ତୁମକୁ କରୁଛି ବିଶ୍ୱାସ
ତଥାପି ମନ ବୁଝୁନାହିଁ
ସତରେ କଣ ତୁମେ ଭଲ ପାଅ
ସନ୍ଦେହ ମନରେ ରୁହେ କାହିଁ ପାଇଁ ।।
ପ୍ରେମର ବର୍ଷା ଚରଣେ ମୋର ଅଜାଡ଼ି ଦେଇଛ
ଆଉ ଆଶା ଭରସାର ଚାବିକାଠି
ଦେଖା ଶିଖା ପ୍ରେମ ନୁହେଁ ଇଏ
ତଥାପି ପ୍ରଶ୍ନ ଲାଗେ ହୋଇପାରିବକି ଏକାଠି ।।
ପ୍ରେମ ନୁହେଁ ପ୍ରେମଠୁ ଉର୍ଦ୍ଧ୍ୱରେ ମୁହିଁ
ଆତ୍ମୀୟ ପରିଜନଙ୍କୁ ଦେଖେଯେ ତୁମଠୁ
ତଥାପି ନାଟି ମୋର ହୁଏ ଦକଦକ
ପ୍ରଶ୍ନ ଲାଗେ ହୋଇପାରିବକି ଏକାଠି ।।
ସଂସାରର ସବୁ ଦୁଃଖ ସୁଖଯେ ତୁମରି
କିଏ ନେଇପାରେ ବା ନପାରେ ଆଦରି
ଭୁଲ ବୋଧେ ହେଇଯାଏ କିଛି
ପ୍ରଶ୍ନ ଲାଗେ ହେଇପାରିବକି ଏକାଠି ।।
ବାରବାର ଶତବାର ଗମଗମ ଝାଳଯେ ବୁହାଏ
ତୁମ ସାଥେ ଏକ ହେବାପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକା ଏକା ଚାଲିବାକୁ ତୁମ ସାଥେ
ପାଦକୁ ପାଦ ମିଳାଇ ।।
ତଥାପି ମନରେ କ୍ଷୋଭ ମନଯେ ଅସ୍ଥିର
ସବୁ ଥାଇ ମଧ୍ୟ ଆଉ ପାଇବାର ଆଶା
ମନ କାମ ପାଇଁ କେତେ ପୂଜାବିଧି
ଏଇ ବୋଧେ ପାଲଟିଗଲାଣି ବଡ଼ ବ୍ୟାଧି ।।
ହେ ଈଶ୍ୱର ସବୁଯେ ତୁମର
ତଥାପି ପାଇବାର ବହୁକିଛି ଆଶା ରଖିଦିଏ
କେତେ ମାନସିକ ଓଷା ବ୍ରତ
ମନ ବୁଝେନାହିଁ ସନ୍ଦେହର ଗୀତ ।।
ବିଶାଳ ସଂସାରେ ମୁହିଁ ଏକା ନୁହେଁ
ନାହିଁ ତୁମ ଠାରେ ପାତର ଅନ୍ତର
ତଥାପି ସମ୍ପର୍କରେ ସନ୍ଦେହ
ମନରେ ଜାଗୁନାହିଁ ମାନବିକ ପ୍ରେମର ସ୍ୱର ।।
ହେ ଈଶ୍ୱର ସବୁ ତୁମର କିଛି ମାଗୁନାହିଁ
ଶୁଦ୍ଧ ହେଉ ମନ ଆଉ ହୃଦୟ
ସଂସାରରୁ ସନ୍ଦେହ ଦଉ ଛତ୍ରଭାଙ୍ଗ
ମନ ପ୍ରତି ମନରେ ନଥାଉ ସନ୍ଦେହ ।।
ହେ ଈଶ୍ୱର
ତୁମକୁ କୋଟିକୋଟି ଜୁହାର...

ରାଇପୁର, ନୟାଗଡ଼, ମୋ ନଂ-୯୮୪୩୪୭୦୦୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧୁରା ସପନ



ଶଶାଙ୍କ ଶେଖର ପଣ୍ଡା

ହୃଦୟ ଦୁଆରେ ସ୍ମୃତି ଉଙ୍କିମାରେ
ଅଭୁଲା ଅତୀତ ନେଇ
ଅଧୁରା ସପନ ନିରବେ ଶୋଇଛି
ଶୂନ୍ୟତାର କୋଳ ଛୁଇଁ ॥୦ ॥
ଆଶାର ସଳିତା ଲିଭି ଲିଭି ଯାଏ
ଅନ୍ଧାର ଆସଇ ଘୋଟି
ସେଇ ଅନ୍ଧକାରେ ଏକାକୀ କପୋତ
ଯାତନା ସାଉଁଟେ ଲୋଟି ॥ ୧ ॥
ଝିପିରି ଝିପିରି ବରଷାକୁ ଝୁରେ
ଶୋଇ ଶେଯେ ପୋଡ଼ାଭୂଇଁ....
ଟୋପାଏ ଲୁହକୁ ପିଇଗଲା ଓଠ
ଅଭିମାନ ଯେତେ ଫିଙ୍ଗି
ଟୁକୁରା ଟୁକୁରା ବାଡ଼ି ଦରଜାର
ପଡ଼ିଛି ଆଇନା ଭାଙ୍ଗି ॥ ୨ ॥
ଜୀବନର ବାଟ ଦିଗହରା ହେଲା
କୁହ ଅବା କାହାପାଇଁ.... ?

ଉତ୍ତରବାଡ଼, ଭଣ୍ଡାରିପୋଖରୀ, ଭଦ୍ରକ
ଭ୍ରାମ୍ୟଭାଷ :-୯୯୩୭୧୨୬୮୦୪, ଇମେଲ୍ : sasanka87@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫିକା ଇନ୍ଦ୍ରଧନୁ



ଜିତେନ୍ଦ୍ର କୁମାର କହଁର

ମୁଁ କାନ୍ଦିବାକୁ ଭଲପାଏ
କିନ୍ତୁ ବର୍ଷାରେ,
କେହିତ ଜାଣିପାରିବେନି ନା
ମୁଁ କାନ୍ଦୁଛି ନା ବର୍ଷାରେ
ଭିଜୁଛି ।

ତୁମେ କ'ଣ ବର୍ଷାର ଜଳ
ଆଉ ମୋ ଆଖି ଲୁହ ଭିତରେ
ଫରକ କରିପାରିବ,
ପାରିବନି ନା.. ମୁଁ ଜାଣେ
ଯଦି ଜାଣି ପାରିଥାନ୍ତ
ମୋ ଆଖି କଣ କେବେ ଓଦା ହୋଇଥାନ୍ତା ?

ମୋ କଥାକୁହା ଆଖିର ଭାଷା
ମୁଁ ନ କହି ବି ତୁମେ ବୁଝି ପାରୁଥିଲ,
ନା ମୋତେ ଜାଣିବାକୁ ତୁମେ
କେବେ କିଛି ଶବ୍ଦର ସାହାରା ନେଉଥିଲ ।

ହେଲେ ଆଜି ସାମ୍ନା ଥାଇ ବି
ତୁମପାଇଁ ମୁଁ ଏତେ ଅପରିଚିତ ?
ହଁ କାହିଁକି ବା ନୁହେଁ
ଏଠି ତ ସମୟ ପ୍ରତିକ୍ଷଣ ବଦଳେ
ଆଉ ତୁମକୁ ବଦଳିବାକୁ କେତେ ସମୟ
ଲାଗିଥିବ ଯେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିବି କାହାକୁ ଶୁଣିବ ବା କିଏ,
ଅଦୃଶ୍ୟ ଯନ୍ତ୍ରଣାର ଆତ୍ମ ଗାଥା,
ଚାଲିବାକୁ ଅଛି ବାଟ ଅସରନ୍ତି
ହେଲେ ପାଦେ ପାଦେ ଏଠି ଖାଲି କଣ୍ଟା ଆଉ
କଣ୍ଟା ।

ଦେଖିପାରେ ମୁଁ ମୋ ଯନ୍ତ୍ରଣାକୁ
ହେଲେ ଦେଖାଇ ତ ପାରେନାହିଁ,
ଛାତିତଳେ କୋହକୁ ଚାପି ରଖି
ହସି ମୁଁ ପାରେନି ତଥାପି ଖୋଜେ
ନିଃଶବ୍ଦର ନୀରବତା ଭିତରେ
ବାହାନାଟିଏ ହସିବାକୁ ।

ଜାଣିଛି ତା' ପର ମୁହୂର୍ତ୍ତରେ
ସବୁ ବଦଳିଯିବ
ପୁଣି ସେହି ଲୁହ ଆଉ କୋହର ଦୁନିଆ,
ଯାହାର ପରିସମାପ୍ତି ଆଶାହୀନ
ଯେମିତି ଜୀବନ ଇନ୍ଦ୍ରଧନୁଟିଏ
ତା'ର ସାତରଙ୍ଗ ବିନା..
ଜୀବନ ଇନ୍ଦ୍ରଧନୁଟିଏ
ତା'ର ସାତରଙ୍ଗ ବିନା...

କଲାଡ଼ି, ଫୁଲବାଣୀ, କନ୍ଧମାଳ
୯୪୩୯୫୪୨୫୨୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କେବଳ ତୁମେ ଆସିବ ବୋଲି



ପ୍ରାଣବନ୍ଧୁ ପ୍ରଧାନ

ତୁମରି ନାମକୁ ତୁଣ୍ଡରେ ଧରି,

ମାଡ଼ଗାଳି ସବୁ ମୁଣ୍ଡେ ସହିଲି, ଖମ୍ବେ ଅଛ କହି ଅପେକ୍ଷା କଲି

କେବଳ ତୁମେ ଆସିବ ବୋଲି ।

ବିବାହ ବନ୍ଧନ ଛାଡ଼ି ଆସିଲି

ତପସ୍ୱିନୀ ଭାବେ ବିଖ୍ୟାତ ହେଲି, ଚାଖି ଚାଖି ପୁଣି କୋଳି ରଖିଲି...

କେବଳ ତୁମେ ଆସିବ ବୋଲି ।

ମନର କଥାକୁ ମନରେ ମାରି,

ସପନ ଦେଖାକୁ ଅଧାରେ ଛାଡ଼ି, ନାନା ଫୁଲ ଆଣି ସଜେଇ ହେଲି...

କେବଳ ତୁମେ ଆସିବ ବୋଲି ।

ସମାଜୁ ଯବନ ନାମ ପାଇଲି

ତଡ଼ିତ ହେଲି ଅତି ଯତନରେ ବାଲିରଥ ଗଢ଼ି ଚାହିଁ ବସିଲି...

କେବଳ ତୁମେ ଆସିବ ବୋଲି ।

ସେଦିନ ତ ତୁମେ କଥା ରଖିଲ

ଅପେକ୍ଷାର ଫଳ ଚଖେଇଦେଲ, ଚନ୍ଦନ ପାଖକୁ ମଳୟ ହୋଇ ଧାଇଁ ଆସିଲ

ଆଜି କାଇଁ ପୁଣି ସବୁ ଜାଣିଶୁଣି ପାଷାଣ ହେଲ ? ?

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ୍, ଓଡ଼ିଶା, ଭ୍ରାମ୍ୟଭାଷ : ୮୮୪୭୮୪୬୨୮୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଜି ଓ କାଲି



ପ୍ରମୋଦ କୁମାର ପ୍ରଧାନ

ସମୟ ଚକରେ ଆଜି ଯିଏ ସାନ
କାଲି ହୁଏ ସିଏ ବଡ଼
ଆଜି ଯେ ବସିଛି ଟଙ୍କାର ପାହାଡ଼େ
କାଲି ଦେଖଇ ସେ ଝଡ଼ । ୧

ଆଜିଟାକୁ ସିନା ଦେଖନ୍ତି ସଭିଏଁ
କିଏ ଦେଖିଅଛି କାଲି
ଜୀବନ ତ ଏକ କଳା ମେଘଛାଇ
ଅଳପକେ ଯିବ ଚାଲି । ୨

ଆଜି ବଡ଼ପଣ ଦେଖାଉ ତୁ ସିନା
କାଲିକି ଆଉ ନଥିବ
ରକ୍ତମାଂସ ଦେହେ ଗର୍ବ ଅହଂକାର
ଅଚିରେ ନାଶ ହୋଇବ । ୩

ଆଜି ସିନା ଦେଖୁ ସବୁ ତୋ ନିଜର
କାଲି ସେମାନେ ନଥିବେ
ଯେତେ ଖୋଜୁଥିଲେ ପାଇବୁ ନାହିଁ ତୁ
ତୋ'ଠାରୁ ଦୂରେଇ ଯିବେ । ୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୌବନର ରଙ୍ଗ ଆଜି ସିନା ଅଛି
ଧରାକୁ ମଣୁଛୁ ସରା
କାଲି ସେ ଯୌବନ ଅପସରି ଯିବ
ନିୟତିର ଖେଳ ପରା । ୫

ଯେତେଦିନ ଅଛୁ ଏ ମହୀମଣ୍ଡଳେ
ଭଲକାମ କିଛି କର
ମୃତ୍ୟୁପରେ ନିଶ୍ଚେ ସ୍ୱର୍ଗପ୍ରାପ୍ତି ହେବ
ଏହା ସୃଷ୍ଟିର ବିଚାର । ୬

ବଇଣ୍ଡା, ଅନୁଗୋଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝିଅଟିଏ ବୋଲି



ପ୍ରିୟଙ୍କା ସାହୁ

ଝିଅଟିଏ ବୋଲି ସବୁ ପାରେ ଭୁଲି
ଅଗଣା ଦାଣ୍ଡ ଦୁଆର,
ବାପା, ବୋଉ, ଭାଇ, ଖୁଡି, ଅଜା, ଆଇ
ଯେତେସବୁ ଆପଣାର ।

ପର ଘର ଯାଇ ସ୍ନେହରେ ଭିଜାଇ
ସଭିଙ୍କୁ ନିଜର କରେ,
ପିଇ ଆଖି ଲୁହ ଚାପିରଖେ କୋହ
ନିଶବ୍ଦ କ୍ରନ୍ଦନରେ ।

କରି ଗଳାମାଳି ଅପବାଦ, ଗାଳି
କାନ୍ଦକୁ ଲୁଚାଇ ହସେ,
ପାଏ ନିର୍ଯାତନା ନଥାଏ ସାନ୍ତ୍ୱନା
ସ୍ୱାମୀ ପଥ ଚାହିଁବ ସେ
ପାରିବ କି କରି ପୁଅଟେ ଏପରି
ହସିବ ମରମ ଦହି,
ଦୁଇକୁଳ ହିତ ଉଡାଇବ ନେତ
ଶୋକ ପାରାବାରେ ରହି ।

ପ୍ରିୟଙ୍କାସାହୁ
ସାହାନିଆଜପୁର, କଟକ

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି ଏକ ରୂପାଜହ୍ନ



ସୌମ୍ୟରଞ୍ଜନ ପାତ୍ର

ସ୍ମୃତି ଏକ ରୂପାଜହ୍ନ ଅତୀତର କଥା
ଆସି ପୁଣି ଫେରିଯାଏ ମନେଦେଇ ବ୍ୟଥା ।
ସ୍ମୃତି ଏକ ରୂପାଜହ୍ନ ଏନ୍ତୁଡିଶାଳର
ମାଆର ପଣତକାନି ସ୍ନେହ ମମତାର ।
ସ୍ମୃତି ଏକ ରୂପା ଜହ୍ନ ଶୈଶବ କାଳର
ମନେ ଅଛି ଆଜିବି ସେ ମହକ ମାଟିର ।
ସ୍ମୃତି ଏକ ରୂପା ଜହ୍ନ ଶୀତୁଆ ସକାଳ
ଫେରିବନି ଆଉ କେବେ ସେହି ପିଲାବେଳ ।
ସ୍ମୃତି ଏକ ରୂପା ଜହ୍ନ ଅଫେରା ଯୌବନ
ସରିଛି କୁସଙ୍ଗ ମେଳେ ଅମୂଲ୍ୟ ଜୀବନ ।
ସ୍ମୃତି ଏକ ରୂପା ଜହ୍ନ ପହିଲି ଫଗୁଣ
ଖୁସିର ଲହରୀ ଫେରେ କିଣିନିଏ ମନ ।
ସ୍ମୃତି ଏକ ରୂପା ଜହ୍ନ ଆଷାଢର ଝରି
ଉନ୍ମାଦ ଖେଳାଏ ମନେ କେତେ ଆଶାଭରି ।
ସ୍ମୃତି ଏକ ରୂପା ଜହ୍ନ ପାଗଳ ପ୍ରେମିକ
ନିଆରା ପ୍ରେମର ସିଏ ନିଆରା ପଥିକ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ମୃତି ଏକ ରୂପା ଜହ୍ନ ବୈଶାଖର ଝଡ
ଭାଙ୍ଗିଦେଇ ଚାଲିଯାଏ ହୃଦୟର ନୀଡ ।
ସ୍ମୃତି ଏକ ରୂପା ଜହ୍ନ ଅଶାନ୍ତ ସାଗର
ହୃଦେ ଯେବେ ପଡେ ଭଙ୍ଗା କ୍ଷତ ତା ଗଭୀର ।
ସ୍ମୃତି ଏକ ରୂପା ଜହ୍ନ ଶ୍ରାବଣର ଧାରା
ଲହୁ ହୋଇ ଲୁହ ଝରେ ସେ ପ୍ରେମ ଅସରା ।
ସ୍ମୃତି ଏକ ରୂପା ଜହ୍ନ ପାହାନ୍ତି ଆକାଶ
ରାତି ସରିଗଲେ ଏଠି ସବୁ ସ୍ୱପ୍ନ ଶେଷ ।
ସ୍ମୃତି ଏକ ରୂପା ଜହ୍ନ ବାର୍ଦ୍ଧକ୍ୟ ଅବସ୍ଥା
ପୁତ୍ର ସ୍ନେହେ ବାନ୍ଧିହୋଇ ହରେଇଲୁ ଆସ୍ଥା ।
ସ୍ମୃତି ଏକ ରୂପା ଜହ୍ନ ବସନ୍ତ ମଳୟ
ଭାଗ୍ୟରେଖା ଲାଗେ ସତେ ଦୂର ଦିଗବଳୟ ।
ସ୍ମୃତି ଏକ ରୂପା ଜହ୍ନ ମଶାଣୀ ପାଉଁଶ
ମାଟିରେ ଜନମ ପୁଣି ମାଟିରେ ବିଶେଷ ।
ସ୍ମୃତି ଏକ ରୂପା ଜହ୍ନ ଜନ୍ମରୁ ମରଣ
ଭୁଲିବେନି କେହି କେବେ ରହିବ ସ୍ମରଣ ।

ସୌମ୍ୟରଞ୍ଜନ ପାତ୍ର
ଗ୍ରାମ/ପୋଷ୍ଟ:ଖଡିଅଙ୍ଗ, ଜିଲ୍ଲା:ଯାଜପୁର
ପିନ୍:୭୫୫୦୪୯, ଫୋନ୍:୮୭୬୩୦୩୪୬୫୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରାକୃତିକ ପରିଭ୍ରମଣ



ଶ୍ରୀରାଜଶେଖର ସି
'ଚିମା'

ଦୈନନ୍ଦିନ ଜୀବନ ରେ କେତେ ଯେ କାର୍ଯ୍ୟକଳାପ,
ପୁଣି କେତେ ରହୁଛି ଯେ ବିଭିନ୍ନ କର୍ତ୍ତବ୍ୟ ର ଚାପ,
କିଛି ଅବକାଶ ନେଇ କରନ୍ତୁ ପରିବାର ସହ ଆଳାପ,
ପ୍ରାକୃତିକ ପରିଭ୍ରମଣ କରି ଦମ୍ପତି କରନ୍ତୁ ପ୍ରେମାଳାପ ।୧।

କେତେ ମନୋରମ ଯେ ସବୁଜ ଛାୟାତରୁ ଉପବନ,
ଆହ୍ଲାଦଦାୟକ ଆନନ୍ଦଜନକ ଯାହାର ଶୀତଳ ପବନ,
ଆମ୍ବ ଗଛ ରୁ ଶୁଭୁଥାଏ ପ୍ରଫୁଲ୍ଲିତ କୋକିଳଙ୍କ କୂଜନ,
ସକାଳ ପଦଚାରଣର ସୁଖ ପାଆନ୍ତି ସର୍ବଜନ କୁଟୁମ୍ବ ଜନ ।୨ ।

ଅତି ଚିତ୍ତାକର୍ଷକ ଲାଗେ ନୈସର୍ଗିକ ପରିବେଶ,
ଅତ୍ୟନ୍ତ ଆକର୍ଷକ ଦିଶେ ପରିଚ୍ଛନ୍ନ ନୀଳ ଆକାଶ,
ସମୁଦ୍ର ସୁନ୍ଦର ଦିଶେ ପାଇ ସୁବର୍ଣ୍ଣ ସୂର୍ଯ୍ୟପ୍ରକାଶ,
ମନଃଶାନ୍ତି ମିଳେ ଦେଖି ସବୁଜ ଅରଣ୍ୟ ପ୍ରଦେଶ ।୩ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳିଙ୍ଗ ଅଞ୍ଚଳ ରେ ଅବସ୍ଥିତ ଅନେକ ଅନେକ ଆକର୍ଷକ ସ୍ଥଳ,
ପରିଷ୍କୃତ ବନ ନିର୍ଝର ନିର୍ଝରିଣୀ ସମ୍ପତ୍ତି ଯାହାର ବହୁ ବିପୁଳ,
ଶିମିଳିପାଳ ସାତକୋଶିଆ ଭିତରକନିକା ଅଭୟାରଣ୍ୟ ବହୁ ନିର୍ମଳ
ଚିଲିକା ମଙ୍ଗଳାଯୋଡ଼ି ଅଂଶୁପା ହ୍ରଦ ଯିବା ପାଇଁ ମନ ଯେ ବ୍ୟାକୁଳ ।୪।

ପ୍ରାକୃତିକ ପରିଭ୍ରମଣ ରେ କିଛି ସମୟ କରିବା ଅତିବାହିତ,
ଉତ୍କଳୀୟ ପର୍ଯ୍ୟଟନ ପରିପାର୍ଶ୍ୱ କ୍ଷେତ୍ର ସୌନ୍ଦର୍ଯ୍ୟ ବର୍ଣ୍ଣନାତୀତ,
ସନ୍ଦର୍ଶନ କରିଲେ ହୃଦୟ ହୁଏ ଅମୋଦିତ ପ୍ରମୋଦିତ ପୁଲକିତ,
ଏହି ସବୁ ମଧୁର କ୍ଷଣ ଅବିସ୍ମରଣୀୟ ସ୍ମୃତି ହେବ ଅଭୁଲା ଅତୀତ ।୫।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସତ୍ୟ



ମାନିନୀ ସାହୁ

ନିରନ୍ତର ଅଟେ ସେହି ଏକା ଜଣେ

କେହି ତାଙ୍କୁ କେବେ ଦେଖି ନାହିଁ (୧)

ଚିନ୍ତନ ବେଳେ ଭାସି ଆସେ ମନେ

କେହି ତାଙ୍କୁ କେବେ ଛୁଇଁ ନାହିଁ (୨)

କିଏ ଅଟେ ସେହି ଅପୂର୍ବ ଦୃଶ୍ୟ

କହିକି ପାରିବ କେହି ଜଣେ ? (୩)

ଯାହାକୁ କି କେହି ଦେଖି ନାହିଁ କେବେ

ସ୍ୱଚକ୍ଷୁରେ ହେଲେ ଅବା କ୍ଷଣେ (୪)

ସେହି ମାନେ ଏକା ଦେଖି ଥିଲେ ତାଙ୍କୁ

ଯେଉଁ ମାନେ କି ଭାଗ୍ୟବାନ (୫)

ମା ଯଶୋଦା ଓ ସଖା ଅରଜୁନ

କରିଥିଲେ ବୋଲି ମହାପୁଣ୍ୟ । (୬)

ଶିକ୍ଷୟିତ୍ରୀ

ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଲଶାଗୋରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଭାଷା ଓଡ଼ିଆ



ଗାୟତ୍ରୀ ସେଠୀ

ଶୁଣ ଗୁରୁଜନ, ଶୁଣ ବନ୍ଧୁଗଣ
ମୋ ମାତୃଭାଷାର ସାର
ମାତୃଭାଷା ପାଇଁ ସାଜିଛି ମୁଁ କବି
ତା' ବିନା ମୁଁ ନିର୍ବାକ । ୧

ମାତୃଭାଷା ମୋର ଜଗତ ବିଦିତା
ଭାରତବର୍ଷରେ ଷଷ୍ଠ
ଦ୍ୱିସହସ୍ର ବର୍ଷ ଇତିହାସ ତା'ର
ତେଣୁ ସେ ଶାସ୍ତ୍ରୀୟ ଭାଷା । ୨

ଶୁଣ ଗୁରୁଜନ, ଶୁଣ ବନ୍ଧୁଗଣ
ମୋ ମାତୃଭାଷାର ସାର
ମାତୃଭାଷା ପାଇଁ ସାଜିଛି ମୁଁ କବି
ତା' ବିନା ମୁଁ ନିର୍ବାକ । ୩

ଅଣଚାଶ ବର୍ଣ୍ଣ ଏଥିରେ ଅଛନ୍ତି
'ଅ'ରୁ ଆରମ୍ଭ ଏହା
ବ୍ୟାକରଣ ଶାସ୍ତ୍ର ଏହାର ବିଶାଳ
ଚନ୍ଦ୍ରବିନ୍ଦୁ ନୁହେଁ ଶେଷ । ୪

ଅଣଚାଶ ବର୍ଣ୍ଣେ ଚାଳିଶିଟି ଧ୍ୱନି
ଏହାର ଅଟଇ ମୂଳ
ଏଗାରଟି ସ୍ୱର୍ଣ୍ଣ, ଅଠତ୍ରିଂଶ ବ୍ୟଞ୍ଜନ
ଏପରି ଦୁଇଟି ଭାଗ । ୫

ଏଗାରଟି ବର୍ଣ୍ଣେ ଆଠଗୋଟି ଧ୍ୱନି
ଅଠତ୍ରିଂଶରେ ଦ୍ୱାତ୍ରିଂଶ
ସ୍ୱରବର୍ଣ୍ଣ ପୁଣି ଦୁଇଭାଗ ହୁଏ
ହ୍ରସ୍ୱ ଏବଂ ଦୀର୍ଘସ୍ୱର । ୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱରବର୍ଣ୍ଣ ମଧ୍ୟେ ସନ୍ଧ୍ୟକ୍ଷର ଦୁଇ
ବସିଛନ୍ତି ଲୁଚିକରି
ଅ+ଇ = ଐ ହୁଏ ଏଠାରେ
'ଅ', 'ଉ' ମିଶି 'ଔ' । ୭

ବ୍ୟଞ୍ଜନ ବର୍ଣ୍ଣ ଯେ, ଦୁଇଭାଗ ହୁଏ
ବର୍ଗ୍ୟ ବର୍ଣ୍ଣ ଓ ଅବର୍ଗ୍ୟ
ପଞ୍ଚବିଂଶ ବର୍ଗ୍ୟ, ତ୍ରୟୋଦଶ ଅବର୍ଗ୍ୟ
'ଯ'ରୁ ଚନ୍ଦ୍ରବିନ୍ଦୁ । ୮

'କଚଟତପ' ପାଞ୍ଚଟି ବର୍ଗ
ସ୍ୱରବର୍ଣ୍ଣ ଅନ୍ୟନାମ ।
କଣ୍ଠ୍ୟ, ତାଳୁ, ମୂର୍ଦ୍ଧା, ଦନ୍ତ୍ୟ ଓ ଓଷ୍ଠ୍ୟ
ଏ ଶ୍ରେଣୀ ବର୍ଣ୍ଣ ସବୁର । ୯

ଅବର୍ଗ୍ୟ ବ୍ୟଞ୍ଜନ ୩ ଭାଗ ପୁଣି
ଅନ୍ତଃସ୍ଥ, ଉଷ୍ମଯୋଗବାହ
ଅନୁନାସିକା ଯେ, ୭ ଗୋଟି ବର୍ଣ୍ଣ
୦, ୨ ଓ ୫ମ । ୧୦

ପ୍ରାଣବାୟୁ ଭାବେ ଦୁଇଟି ବ୍ୟଞ୍ଜନ
ଅଳ୍ପପ୍ରାଣ ମହାପ୍ରାଣ
୧ମ, ୩ୟ, ୫ମ ପ୍ରଥମ
ଦ୍ୱିତୀୟ, ଚତୁର୍ଥ ମହାପ୍ରାଣ । ୧୧

କମ୍ପନ ଭାବରେ ପୁଣି ଦୁଇଭାଗ
ଅଘୋଷ ଓ ସଘୋଷ
୧ମ, ୨ୟ ଅଘୋଷ ଅଟନ୍ତି
୩ୟ, ୪ର୍ଥ, ୫ମ ସଘୋଷ । ୧୨

ଏ ସବୁ ବ୍ୟତୀତ ଆଉ ଏକ ବର୍ଣ୍ଣ
ନାମ ତା'ର ଯୁକ୍ତବର୍ଣ୍ଣ
କ୍ + ଷ୍ ମିଶିକରି ସେ ଯେ
ହୋଇଛି 'କ୍ଷ' ଅକ୍ଷର । ୧୩

ଭାଷା ବ୍ୟାକରଣ ଅଟଇ ବିଶାଳ
ଏହା ବିଜ୍ଞାନରେ ପୂର୍ଣ୍ଣ
ଆହୁରି ଅନେକ ସ୍ୱାତନ୍ତ୍ର୍ୟ ଏହାର
ମନ୍ତ୍ରମୁଗ୍ଧ ହୁଏ ବିଶ୍ୱ । ୧୪

ଶୁଣ ଗୁରୁଜନ, ଶୁଣ ବନ୍ଧୁଗଣ
ମୋ ମାତୃଭାଷାର ସାର
ଓଡ଼ିଆଣୀ ବୋଲି କରେ ମୁଁ ଗର୍ବ
ଏମିତି ଓଡ଼ିଆ ମୁହିଁ । ୧୫

ଓଡ଼ିଆ ଆଦର୍ଶ ବିଦ୍ୟାଳୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୃକ୍ଷ ତୁମେ



କୃପାସିନ୍ଧୁ ଦାସ

ଧନ୍ୟ ତୋର ପରିଚୟ

ପୂଣ୍ୟ ତୋର କର୍ମମୟ

ଧରଣୀ ଧରିଛି ବକ୍ଷେ ।

ପ୍ରାଣୀ ପାଇଁ ଦେଉ ଢ଼ାଳି

ସାଧନାର ଜଳାଞ୍ଜଳି

ମନୁଷ୍ୟର ବୁଦ୍ଧି ! ତୋ ପାଇଁ ନିରପେକ୍ଷ ।

ସ୍ନେହମୟୀ ଜନନୀର

ମମତାର ପଣତେ

ସପ୍ତରଙ୍ଗ ଢାଳି ଦେଉ ନୀଳ ନଇ ବୋଇତେ ।

ପରିବେଶେ ଜନ୍ମ ତୋର

ପରିବେଶ ସୃଷ୍ଟି ତୋର

ଛୋଟ ବୋଲି କାହିଁ ଭାବୁ, ପ୍ରୟାସେ ଯେ ନିରନ୍ତର ।

ମରୁତ ମଣ୍ଡଳେ ହୁଏ ବିଶୁଦ୍ଧର ହିମାଳୟ

ମୁଖ୍ୟ ପୁଞ୍ଜି ଅମ୍ଳଜାନ ଦେଉ ତୁ ସରବେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଏ ଭଲ ?



ମନୋଜ ଦାସ

ଯାଇଛ ଯେ ଯାଇଛ

ଆଉ ଫେରିଲନି

ଆଉ ଫେରିଲନି ସେଇ ମମତାମୟୀ କୋଳକୁ

ଧୂଳି ଧୁସରିତ ବାଲିରାସ୍ତା ଘେରା

ଗାଁ ମାଟିକୁ

ଯେଉଁଠି

ସଂଜ ନଇଁ ନଇଁ

ରଜନୀ ରାଣୀ ନିଶାର୍ଦ୍ଧ ପଣତରେ ଘୋଡ଼ାଇ

ଦିଏ

ସାରା ବସ୍ତିଟିକୁ ।

ରାତି ପାହୁ ପାହୁ

ହଳଲଙ୍ଗଳ ଧରି ଚାଷିଭାଇ ବିଲକୁ ଯାଏ

ସନେଇ ସାହୁ ପିଣ୍ଡାରେ

ଚା - ଚକୁଳିର ହାଟ ବସେ

ପିଲି - ପତା ଖେଳରେ ମଜ୍ଜିଥିବା

ଅବୋଧ ଛୁଆ ନାକରୁ ସିଂଘାଣି ପୋଛୁ ପୋଛୁ

ସ୍ନେହମୟୀ ମାଆଟି କହିବସେ

ବାଆଲୋ ଗଲୁ ପଖାଳ କଂସାଟା

ଟିକେ ବାଆକୁ ଦେଇ ଆସିବୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ଭଲପାଇ ବସିଲ

ତୁମେ ରହିଗଲ

ଧବଳ ପ୍ରାସାଦ ଘେରା ବାତାୟାନିର କୋଳେ

ଯେଉଁଠି

ଧୂଳି ପରିବର୍ତ୍ତେ

ଭକ୍ ଭକ୍ ବାହାରୁଥାଏ ରାସାୟନିକ ଗ୍ୟାସ୍

ଦିନ ଓ ରାତି ସମାନ ଥାଏ

ପାଣି ନୁହେଁ

ପାନ କରାଯାଏ ବିଦେଶୀ ରସସ୍

ରାତି ପାହିଲେ ଭୁଜାଲି, ତରବାରୀ ସହ

ରହି ରହିକା ଶୁଭେ ବୋମା ବିସ୍ଫୋରଣର ଶବ୍ଦ

କିଏ ଛକା ଚଉକା ମାରି

ବାଉଣ୍ଡାରୀ ପାର୍ କଲାଣି ତ

କିଏ ବାପଗାଲରେ ତାଳିମାରି ଆନନ୍ଦ ନେଲାଣି

ବାଆ ନୁହେଁ

ଡାଡି-ମମ୍ମି ଡାକ ସବୁଠି ଶୁଭିଲାଣି ।

ପ୍ରାନ୍ତ ସଂଗଠକ, ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ,

ପଶ୍ଚିମବଙ୍ଗ ପ୍ରାନ୍ତ, ୭୬/୨ ବିଧାନ ସରଣୀ, ଫ୍ଲାଟ୍ : X୩, କଲିକତା - ୦୬

ଭ୍ରାମ୍ୟଭାଷ : ୯୦୫୧୧୦୯୪୧୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିର୍ବାଚନ



ସନାତନ ମହାକୁଡ଼

ଆସିଗଲା ନିର୍ବାଚନ
ବାଛିବାକୁ ଆସନ
ଚିହ୍ନିବାକୁ ନେତା
ଚଳାଇବାକୁ ଶାସନ ।

ଆସିଗଲା ନିର୍ବାଚନ
ସମୟ ଦଳ ବଦଳର
ନୂଆ ପ୍ରତିଶୃତି
ଲମ୍ବା ଇସ୍ତାହାର
ସତ ମିଛ ଭାଷଣ
ଆରୋପ ପ୍ରତ୍ୟାରୋପ
ଦେଖାଇବାକୁ ମନ ଧନ ବାହୁବଳ ।

ଆସିଗଲା ନିର୍ବାଚନ
ଭୋଟରକୁ ତତେଇ ମତେଇ
ଭୋଟକୁ ବିକି କିଣି
ଭୋଟରଙ୍କ ହୃଦୟକୁ ଜିଣି
ସରକାର ଗଢ଼ିବାକୁ
ନିର୍ବାଚନ ବୈତରଣୀ ପାରିବାକୁ ।

ଗ୍ରା/ପୋ : ବେରୁଆଁବାରୀ, ନୟାଗଡ଼
୭୫୨୦୮୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୯୭୧୦୧୬୮
ଇମେଲ୍ : sanmahakud@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚିଲିକା ରାଣୀ



ସରୋଜିନୀ ମିଶ୍ର

ସ୍ରଷ୍ଟାଙ୍କ ସୃଷ୍ଟିର ସୁନ୍ଦର ରଚନା
ଚିଲିକାରାଣୀ ତୁ ବିଚିତ୍ର ବରନା ।
ପୀତ ବସନକୁ କରି ପରିଧାନ
ଶୋଭା ବଢ଼ାଉ ତୁ ମରତ ଭୂବନ ।
ତୋର ତୀରେ ଲକ୍ଷ ଲକ୍ଷ ଯେ ବିହଙ୍ଗ
ସତେ କି ଇନ୍ଦ୍ରଧନୁର ସେ ସାଙ୍ଗ ।
ଉଦାସ ମନକୁ କରି ପୁଲକିତ
ଶାନ୍ତିର ଉଦ୍ୟାନେ ସଦା କ୍ରୀଡ଼ାରତ ।
ନୀଳାମ୍ବୁ ଅଙ୍ଗକୁ କରିଣ ବିସ୍ତାର
ଡଲ୍‌ଫିନ୍ ସାଙ୍ଗରେ କରୁ ତୁ ବିହାର ।
ଡଲ୍‌ଫିନ୍ ମତ୍ସ୍ୟର ରାଜ୍ୟ ସାତପଡ଼ା
ସତେ କି ପରୀଙ୍କ ଲାଗିଥାଏ ମେଳା ।

ଅତି ଦୁର୍ଲଭ ଅଟଇ ଦୃଶ୍ୟରାଜି
ମାନସ ପଟରେ ଥାଏଟି ବିରାଜି ।
ରଚନା କରିଛୁ ଦ୍ୱୀପ ଏକ ତୁହି
ବିରାଜନ୍ତି ଯହିଁ ମାଆ କାଳିଜାଇ ।
ତାଙ୍କର ଚରଣେ କରିଣ ପ୍ରଣାମ
ବିହରନ୍ତି ଭକ୍ତେ ତୋହରି ପ୍ରାଙ୍ଗଣ ।
ନୀଳ ଊର୍ମିମାଳା ନୀଳ ଅମ୍ବୁକୋଳ
ସାଇତିଛି କେତେ ମୋତି ଯେ ପ୍ରବାଳ ।
ଚିଙ୍ଗୁଡ଼ି କଙ୍କଡ଼ା ହୋଇଲେ ବିଦେଶୀ
କୋଟି ମୁଖେ ଦେଲେ ଆହାର ବରଷି ।
ତୋ ନୀଳ ଲହରୀ ତୋର ଜଳରାଶି
ନୃତ୍ୟ କରନ୍ତି କି ରମ୍ଭା ଓ ଉର୍ବଶୀ ।
ସ୍ୱଚ୍ଛ ସୁଶୋଭିତ ସେ ମରାଳ ଦଳ
ସତେ କି ସ୍ୱର୍ଗ ଦେବତା ସକଳ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକକୁ ଆରେକ ବାହୁକୁ ପ୍ରସାରି

ସୁନୀଳ ଜଳରେ କରୁଥାନ୍ତି କେଳି ।

ନଳବଣ ସୌନ୍ଦର୍ଯ୍ୟର ଗନ୍ତାଘର

ଦର୍ଶକ ହୃଦୟ ଜିତିବାକୁ ତତ୍ପର ।

ନୈସର୍ଗିକ ଶୋଭାରାଶିର ଭଣ୍ଡାର

ଅଭୂତପୂର୍ବ ଗୌରବ ତୋହର ।

ଆଜି କିଆଁ ବସିଅଛୁ ତୁ ମଉନେ ?

ପୂରୁବ ଗୌରବ ପଡୁଛି କି ମନେ ?

ଚିଲିକା ରାଣୀ ତୁ ଦୁଃଖ ନ କର

ତୁହି ପରା ସୌନ୍ଦର୍ଯ୍ୟର ଗନ୍ତାଘର ।

ନିଶ୍ଚୟ ପୂରୁବ ଗୌରବ ଫେରିବ

ତୋ ମହିମା ବିଶ୍ୱ ବନ୍ଦନୀୟା ହେବ ।

ଶିକ୍ଷୟିତ୍ରୀ, ଆଲୋକ ନଗର

ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୮୪୭୫୨୦୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶତାବ୍ଦୀର କୃଷ୍ଣ !



ବନ୍ଦନା ନାୟକ୍

କହ୍ନେଇ ରେ ତୁ ଛାଡ଼ି ଚାଲିଗଲୁ

ଶତାବ୍ଦୀର ସୁରୁଜଟି ଉଇଁବା ଆଗରୁ

ସେଇ ଅପହଞ୍ଚ ଇଲାକାକୁ

ଆପଣେଇ ନେଲୁ

ଯେଉଁଠି ଶୁଭେନି ତୋତେ

ଯଶୋଦା ମା'ର କଅଁଳିଆ ଡାକ

ବିରହିଣୀ ରାଧିକାର ଆକୁଳ ବିଳାପ

ଅବା କଂସ ର ଆହ୍ୱାନ ।

ତୁ ସିନା ପୂର୍ଣକଲୁ ତୋ ସକଳ

କାମନା, ବାସନା,

ନିଜ ହାତେ ନିଜ ବଂଶ

କରିଲୁ ନିପାତ

କିନ୍ତୁ ଥରେ ଦେଖି ଯା' ରେ ....

କେମିତି ନାରଖାର ଏ ସାରା ବିଶ୍ୱଟା

ତୁ ଚାଲିଗଲା ପରେ....

ତୁ ଚାଲିଗଲା ପରେ......

କେତେ କେତେ ଦୁର୍ଯ୍ୟଧନ, ଦୁଃଶାସନ

ଆଉ କେତେ କଂସ ଜନ୍ମ ଆଜି

ଏଇ ଧରଣୀ ରେ

ଉତ୍ପାତ କରନ୍ତି ପୁଣି ବେପରୁଆ ଭାବେ

ଲେଲିହାନ ଯୁଦ୍ଧମୟେ ପୃଥିବୀଟା

ହୁଏ ଭାରାକ୍ରାନ୍ତ......

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱଯୁଦ୍ଧ ପରେ ପୁଣି ଯୁଦ୍ଧ, ଯୁଦ୍ଧ ଆଉ
ଯୁଦ୍ଧ ର କ୍ରୋଧରେ
ମଣିଷ ଯେ ହୁଅଇ ରକ୍ତାକ୍ତ ।
କହ୍ନେଇ ରେ ତୁ ଚାଲିଗଲା ପରେ .....
ତୁ ଚାଲିଗଲା ପରେ
ନାରୀର ମର୍ଯ୍ୟାଦା ଏଠି
ଗୌଣ ହୋଇପଡେ
ତା' ରି ଗର୍ଭର ରକ୍ତରେ ନିତି
ତାର ବେଣୀ ବାନ୍ଧି ହେଇଥାଏ ।
ଆଜି ତୋ କାନରେ ପଡୁନି କି
ଶହ ଶହ ଦେବକୀ ର କରୁଣା ଚିତ୍କାର
ତୋ ଆଖିକୁ ଦିଶୁନି କି
ଲକ୍ଷ ଲକ୍ଷ ଦ୍ରୌପଦୀର
ବିବସନା ଦେହ
ତୁ ଫେରିଆରେ କହ୍ନେଇ
ଆଖି ଖୋଲି ଦେଖ
କେତେଯେ ରୁକ୍ମଣୀ
ବନ୍ଧା ଆଜି ଅଯୋଗ୍ୟ ଶିଶୁପାଳ ହାତେ
କେତେଯେ ଅଭିମନ୍ୟୁ ଶୋଇଗଲେ
ଅନ୍ୟାୟ ର ଚକ୍ରବ୍ୟୂହ ମଧ୍ୟେ ।
ସେଥି ପାଇଁ ତୋତେ ଆଜି
ଯାଏ ମୁଁ ଅନ୍ୱେଷି
ମଥୁରା ରୁ ଗୋପ ପୁଣି କାଶୀ ରୁ
ବୃନ୍ଦାବନ ଯାଏ...
ବୁଲି ବୁଲି ଶେଷେ ପୁଣି ଠାବ କରେ
ଉତ୍କଳର ନୀଳାଚଳ ଠାରେ
ତୁ କିନ୍ତୁ ବସି ଥାଉ ଗମ୍ଭିରୀ ଭିତରେ
ସବୁ ଶୁଣୁ, ସବୁ ଦେଖୁ
ଅଥଚ ନୀରବ ରହୁ
ଆଜି ମୋ ପରି ଶହ ଶହ ନରନାରୀ
ତୋତେ କରୁଛୁ ସ୍ୱାଗତ
ତୁ ଥରେ ଫେରି ଆ'ରେ କହ୍ନେଇ
ସତ୍ୟ, ଧର୍ମ, ନ୍ୟାୟର ଅବତାର ନେଇ
ସେଇ ଦ୍ୱାପରର କୃଷ୍ଣ ହୋଇ
ସମୟର ପଞ୍ଚଜନ୍ୟ ଥରେ
ଦେ'ରେ ବଜେଇ ...
ଥରେ ଦେ'ରେ ବଜେଇ....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମେ ହିଁ କେବଳ



ରାଜେଶ୍ ପୂଜାରୀ

ତମାମ୍ ଆୟୁଷ ତୁମରି
ମଧୁର କଥା
ସୁଭାବ ମନ୍ତ୍ର ଗାଥା
କୋଳରେ ରଖି ମଥା
ଶୁଣିଲେ ଭାଜିବ ବ୍ୟଥା !

ମୋ ସ୍ୱର ସାଧନା
ତୃପ୍ତି ଆରାଧନା
ସକଳେ ଭ୍ରମଣ କର
ହେ ସ୍ରୋତ ଆନନ୍ଦର ।

ଅସ୍ତିତ୍ୱ ଆଳତୀ ଗାନ
ମୁଁ'ର ସାର୍ଥକତା
ମୁଁତ୍ୱ ଅଭିମାନ
ମୋ ଭିତର ବସୁନ୍ଧରା
ଶୂନ୍ୟତାର ପାରିଧିରେ
ପୂର୍ଣ୍ଣତାର ଜ୍ଞାନ ।

ନାମର ଅବଗାହନ
ପ୍ରୀତି ଅମଳିନ
ଇନ୍ଦ୍ର ବିଭୂତି କୁବେର ସମ୍ପତ୍ତି
ଯା ପାଖେ ମୂଲ୍ୟ ହୀନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେ ମୋର ଚୈତନ୍ୟ

ନିର୍ଲିପ୍ତ ସମାଧି

କହିନି ତ ବେଶି କିଛି

କହୁ କହୁ ପଥ ଭ୍ରମିଛି କି..

ଶବ୍ଦ ଜାଲ ବିଛି ?

କେହିଜଣେ ପଦଚର

ଲାଗେ ଆଜି ବେଖବର

ଅଣ୍ଡାଳେ ଲକ୍ଷ୍ୟ

ସମୟ ସାକ୍ଷ୍ୟ

କେତେ ଯେ ମନୋହର

ପ୍ରେମ ଝରେ ନିରନ୍ତର ।

ତମେ ହିଁ କେବଳ

ସ୍ୱର୍ଗରୁ ପାତାଳ

ତୁମ କରୁଣାର ଜଳ

ତ୍ରାହି କଲା ପ୍ରାଣୋତ୍ପଳ !

କରିବି ଯତନ

ସେ ଶ୍ରେଷ୍ଠ ଲଗନ

ଆଉ ଗୋଟିଏ ମୁଁ ଉର୍ଦ୍ଧ୍ୱର

ମୁଁ ର କରି ସନ୍ଧାନ

ଯାହା ଚିରକାଳ ସୀମାହୀନ !

କୁଶମେଲ, ଝାରସୁଗୁଡ଼ା

ମୋ-୯୭୭୭୨୭୮୦୫୯୪

Magazine Downloaded from www.aahwaan.com

# ଫନୀ



ହିତେଶ୍ ମହାପାତ୍ର

ଥିଲା କି ଏହା ଏକ ପ୍ରୟାସ ?
ଅନ୍ଧାରକୁ ଦେଖି ନଥିବା ପିଲାମାନଙ୍କୁ
ଅନ୍ଧାର ସହ ପରିଚିତ କରାଇବା ପାଇଁ,
ରାତିରେ ତାରା ଭର୍ତ୍ତି ଆକାଶକୁ ଦେଖେଇବା ପାଇଁ,
ଜେଜେବାପା, ଜେଜେମାଙ୍କ ଠାରୁ ଗପ ଶୁଣେଇବା ପାଇଁ,
ଆଗାମୀ ପିଢ଼ିକୁ ପ୍ରକୃତି ସହ ପରିଚିତ କରାଇବା ପାଇଁ,
ତଥା ସେମାନଙ୍କ ସହନଶକ୍ତିକୁ ବଢାଇବା ପାଇଁ ।

ଅଥବା ! ! ଏକ ଶକ୍ତ ପ୍ରହାର !
ମୁଁ, ଟଙ୍କା ବଳରେ ସବୁ କିଣିପାରେ ର
ଅହଂକାର ଉପରେ,
ଭୌତିକ ସୁଖର ଲାଳଚାରେ
ଲହ ଲହ ହୋଇ ବଢୁଥିବା ଜିହ୍ୱା ଉପରେ,
ନା, ନିଜ ଐଶ୍ବର୍ଯ୍ୟକୁ ନେଇ ଥିବା
ଗର୍ବ ଉପରେ ! !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି, ମୁଁ କେବେ ଦେଖିନଥିବା

ପଡୋଶୀମାନଙ୍କୁ ଭେଟୁଥିଲି,

ସୋସିଆଲ ମିଡିଆରେ ନୁହେଁ

ଆମ୍ନା-ସାମ୍ନି କଥା ହେଉଥିଲି,

ଘରେ ସମସ୍ତେ ଏକାଠି ଖାଉଥିଲୁ,

ଘଣ୍ଟା-ଘଣ୍ଟା ସାଜ୍ଜାର୍ ଖୋଲି ଠିଆ ହେଉଥିବା

ଫୁଲେଇ ଝିଅଟି, ବିନ୍ଦୁଏ ଜଳ ବଞ୍ଚାଇବା ପାଇଁ

ପ୍ରଚେଷ୍ଟା କରୁଥିଲା,

ସାଧାରଣ ଦିନଚର୍ଯ୍ୟା ପାଇଁ

ସମସ୍ତେ ଥିଲେ ସଂଘର୍ଷରତ,

ଧନୀ, ଗରିବର

ଫରକ୍ ନଥିଲା ।

ଆଜି ପୁଣି ବିଞ୍ଚଣା ଖୋଜିଲା ବେଳେ

ସୁରେଇରୁ ପାଣି ପିଇଲା ବେଳେ,

ଲଣ୍ଠନର ବିକ୍ରି ଦେଖିଲାବେଳେ,

ହଜିଯାଇଥିବା ପିଲାଦିନ

ଆଖି ସାମ୍ନାରେ ଭାସୁ ଆସୁଥିଲା ।

ଖରାଦିନ ଛୁଟିର ମାମୁଁ ଘର ଗାଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନେ ପଡିଯାଉଥିଲା,

ଆମ୍ବତୋଟାରୁ, ସତେକି

କୁହୁତାନ ଶୁଭୁଥିଲା ।

କାଲିପରି, ୯୯ ମହାବାତ୍ୟାର

ଘଟଣା ଲାଗୁଥିଲା,

ସେଥର ବି ଉଠି ଠିଆ ହୋଇଥିଲୁ

ଏଥର ବି ଠିଆହେବୁ,

ସାରା ବିଶ୍ୱର ସହଯୋଗ କାଲି ବି ଥିଲା

ଆଜି ବି ରହିବ,

ଜୀବନଯାତ୍ରା ଧୀରେ ଧୀରେ

ସ୍ୱାଭାବିକ ହେବ,

ପୁଣି ଥରେ ଫେରିଯିବୁ

ଇଲେକ୍ଟ୍ରୋନିକ ଦୁନିଆର

ବନ୍ଦୀ ଗୃହକୁ,

କିଛି କ୍ଷତି ତଥାପି

ଅପୁରଣୀୟ ରହିବ,

'ଫନୀ' ପାଇଁ ଏଇ କିଛିଦିନ

ଅବିସ୍ମରଣୀୟ ହୋଇ ରହିବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତୀକ୍ଷା



ସୁନିତା ବାରିକ

ତୁମକୁ ନିଜର କରିବାର
ସ୍ୱପ୍ନ ସବୁକୁ ଆଖିରେ ସଜେଇ
ସାରିଲା ପରେ
ତୁମେ କହିଲ ହେଇ ଟିକିଏ ରୁହ !
ମୁଁ ଏଇ ଗଲି ଆଉ ଏଇ ଆସିଲି
ହେଲେ କାହିଁ !
ପ୍ରତିଶ୍ରୁତି ଦେଇ ନ ରଖିବା
ତୁମର ପୁରୁଣା ବଦଭ୍ୟାସ
ଏ ସବୁ ଜାଣିବା ସତ୍ତ୍ୱେ
ସେ ଦିନୁଁ ତୁମ ଫେରିବା ପଥକୁ
ନିର୍ନିମେଶ ନୟନରେ ଚାହିଁ ରହିଛି
କିନ୍ତୁ ?
କାଇଁ ତମେ ତ ଫେରୁନ !

ସବୁ ଥର ପରି ଏଥର ବି
ଫେରି ଆସିବ ଏଇ ଅପେକ୍ଷାରେ
ହେଇ ଦେଖ !
ଆଖି ଦୁଇ ଶୁଖିଲା ମରୁଭୂଇଁ ପାଲଟି ଯାଇଛି
ହଉ ହେଲା
ଏଥର ଆସିଲେ ତୁମ ଉପରେ
ଅଭିମାନ କରିବିନି
ସତ !
ଥରୁଟିଏ ହେଉ ପଛେ
ମୋ ସ୍ୱପ୍ନ ସବୁକୁ ଉପଲବ୍ଧି କରେଇଦିଅ
କିଛି ନହେଲେ
ଅବୁଝା ଅଲୋଡା ସ୍ୱପ୍ନ ସବୁକୁ
ଅନ୍ତତଃ ମନେଇ ଦେଇ ଯାଅ
ସବୁ ସ୍ୱପ୍ନ କ'ଣ ବାସ୍ତବ ରୂପରେଖ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇପାରେ ?

ନାଆଁ ନା !

ହଁ, କାହିଁକି ବା ହେବ

ଗରିବ ନିରୀହ ଝିଅ ଠାରୁ ଅବା

କ'ଣ ମିଳିପାରିଥାନ୍ତା ତୁମ କୁ

ଯାହା ମିଳିଛି ସେ ସମ୍ଭ୍ରାନ୍ତ ଶ୍ରେଣୀର

ଅଲିଅଳି ରୂପସୀ ଜୀବନ ସଙ୍ଗିନୀର

ହାତ ଧରିବା ପରଠାରୁ

ହେ ! ମୁଁ ବୋକିଟାଏ

ତୁମକୁ ମୋ ମନ ମନ୍ଦିରରେ

ଦେବତା କରି ପୂଜିବାର

ବୃଥା ଅପଚେଷ୍ଟାଟିଏ କରି ପକେଇଲି

ଭୂଲି ଯାଇଥିଲି

ରକ୍ତ ମାଂସରେ ତିଆରି ଶରୀରଟା

କ'ଣ କେବେ

ଦେବତାର ସ୍ଥାନ ନେଇପାରେ ?

ଆଃ !

ସେ ପାଷାଣ ଦେବତାଟା

ତୁମ ଠାରୁ ଢେର୍ ଗୁଣରେ ଭଲ

ଏଇ କଥା ବୁଝିବାରେ

ବହୁ ଡେରି ହୋଇଗଲା

ବୋଧହୁଏ.........

ସୁନିତା ବାରିକ,

ଦକ୍ଷିଣ କାଳୀ ରୋଡ୍, ଢେଙ୍କାନାଳ,

୭୫୯୦୦୧, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ ମୋର୍ ହଲଧର



ଦେବାଶିଷ୍ ସାଗର

ଜୁହାର୍ ଜୁହାର୍ ହୋ ପଦମ୍ ସିରି
ତୁମର୍ ପାଦେ ଶରନ୍ ,
ମାଆଁ ସମଲେଇ କୁର୍‌ପା ବଲେ ହୋ
ରଖ୍‌ଲ କୋଶଲ୍ ମାନ । ୧

ଗୀତ୍ କବିତାଥି କହି ଦେଉଛ ତ'
ନୂଆଁ ନୂଆଁ ଯେତେ କଥା ,
ସେଟା ଶୁନି କରି ଶାନ୍ତି ମିଲ୍‌ସି
ତୁମେ ହୋ ଗୁରୁ ଦେବ୍‌ତା । ୨

ପାଏଲ କୁର୍‌ପା ଲୋକ୍‌କବି ତୁମେ
ସର୍‌ସତୀ ଦେବୀ ଠାନୁ ,
ଲେଖ୍‌ଲ ମହିମା କେନ୍ ଭାବେ ତୁମେ
ବାରି ହେଲ ସବୁଠାନୁ । ୩

ତୁମର୍ ଲେଖାଥି ଅଛେ ଗୁଟେ ରୂପ୍
ଯେନ୍‌ଟା ନାଇଁ ନ କାହିଁ ,
ଗୁଟା ଗୁଟା କରି ସବୁ ଦେଲ କହି
ଗୀତ୍- କାବ୍ୟ ଲେଖି କରି । ୪

ଥିଲା ରାମାୟଣ୍ ଅନେକ୍ ଲେଖାର୍
ଭିନ୍ ଭିନ୍ ଭାଷା ଭାଷି ,
ସମ୍ବଲ୍‌ପୁରିଥି ଲେଖି ଦେଇଛ ହୋ
ମହାସତୀ ଗୁଟେ ଆନି । ୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କବିତ ହେଉଛେ ଜନମ୍ କର୍ତା
ଆଏ ଗୁଟେ ସେ ବର୍ମା ,
ରାମାୟଣେ ତୁମେ ଦେଖାଇ ଦେଲ ତ
ମହାସତୀ ସେ ଉର୍ମିଲା ।୬

ଲୁକର୍ ଦଖ୍ଲା ଆଖି ନାଇଁ ଦିଶେ
ଜେନ୍ଟା ଦିଶେ କବିନେ ,
ସେଥିର୍ ଲାଗି ସେ ସବୁ ଲେଖି ଦେଶି
ସବୁ କଥା ଗୁଟେ ଠାନେ ।୭

ଜୀବର୍ ଧରମ୍ ମୁନୁଷ୍ କରମ୍
କେନ୍ଟା କିଏ କର୍ବା ,
ଗୁଟା ଗୁଟା କରି ଦେଇଛ ବତେଇ
ସବୁ କାମ୍ ସେ କର୍ବା ।୮

ଥିଲେ ଗଂଗାଧର ବଡ଼େ କବି ଭାବେ
ଓଡିଆ ଭାଷା ସାହିତ୍ୟେ ,
ତୁମେ ହଲଧର ସେନ୍ତା ଅଛ ତ
କୋଶ୍ଲି ଭାଷା ସାହିତ୍ୟେ ।୯

ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
( ଅମୃତ ବିହାର )
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ( ଯୁକ୍ତ ତିନି , ଦ୍ୱିତୀୟ ବର୍ଷ )
ମୋ . ନଂ :- ୯୯୩୮୪୪୯୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଜ୍ଞାନ୍ ଆର୍ ଫନି



ଦେବାଶିଷ୍ ସାଗର

ଘଡ୍ ଘଡ଼ି ସାଂଗେଁ ପାଏନ୍ ବର୍ଷା
ବିଜ୍ଲୁ ଯାଉଛେ ଚମ୍କି ,
ସଅଁ ସଅଁ କରି ଧୁକା ଗରେଲ୍
ମାଡ଼ି ଆସୁଛେ ଯାଏଁ କରି । ୧

ଥର୍ ଥର୍ କରି କଁପୁଛେ ଛାତି
ଦେଖିକରି ଲାଗୁଛେ ଡ଼ର୍ ,
ଫର୍ ଫର୍ କରି ଉଡ଼ାଇ ନେଲା
ସିରି ମନ୍ଦିର୍ ବାନା ଆମର୍ । ୨

ଗୁଟେ ଗୁଟେ କରି ଘର୍ କରିଛେ
ଫାଇଲିନ୍ –ହୁଡ୍ହୁଡ଼ –ତିତିଲି ,
କାଏଁ ଦୋଷ୍ ଗୁନା କରିଛୁ ଆମେ
ଆଏଲୁ ତୁଇଁ ଫେର୍ ଫନି । ୩

କେନ୍ କେନ୍ ବାଟେ ଆଏଲୁ ତୁଇଁ
ଭାବୁଛୁ ଯାନି ନାଇଁ ପାରୁ ,
କୂଲେ କୂଲେ କରି କେରଲ୍ ଠାନୁ
ଓଡ଼ିଶାନ ଏବେ ତୁଇଁ ବୁଲୁ ଁ । ୪

ଡ଼ଗୋ ଡ଼ଗୋ କରି ଚାହିଁଛେ ତତେ
ଆମର୍ ବୈଜ୍ଞାନିକ୍ ଦଲ୍ ,
କେତେ କେତେ ଦିନ୍ କେନ୍‌କ ଯିବୁ
କହୁଛନ୍ ସେ ଫଟ୍ ଫଟ୍ । ୫

ମନେ ମନେ ଯେନ୍ ଭାବୁଛୁ ତୁଇଁ
କର୍ମି ଇନ୍ ଗୁଟେ ନାଟ୍ ,
ନାଟ୍ କର୍ବାର୍ ଆକ୍ ତରିଆ
ଦେଖାବେ ତତେ ନୂଆଁ ବାଟ୍ । ୬

ହେଲେନ ସଜାଗ୍ ସବୁ ଜନ୍ତା
ସର୍କାର୍ ଦେଲା ଚେତାଇ ,
ତୋର୍ ପର୍ଭାବ୍ ଆଗ୍ ତରିଆ
ସବୁ ଦେଇଛେ ସେ ବତାଇ । ୭

ସୁଖା କି ପାଏନ୍ ଖାଏବେ ବଲି
ଭାତ୍ –ଚୁଡ଼ା –ଉଷୋ –ପାଏନ୍ ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଡ଼ା ପୁଡ଼ା କରି        ଦେଉଛେ ସବୁ
    ଦେଖି କରି ସେ ଠାନ୍ ଠାନ୍ ।୮
କେନ୍ ସମିଆଁର୍        କେନ୍ ଚଲନ୍
    ଥିଲାରେ ସତେ କେନ୍ ଯୁଗେ ,
ଏବେ ବୈଜ୍ଞାନିକ୍       ଯୁଗ୍ ଚାଲିଛେ
    ଜାନ୍‌ସନ୍‌ର ସବୁ ଆଗେ ।୯
ଜୁହାର୍ ଜୁହାର୍        ହୋ ବୈଜ୍ଞାନିକ୍
    ଜୀବନ୍ ଥିବାର୍ ଦେବ୍‌ତା ,
ଆଗର୍ ପଛର୍        ସବୁ କଥାକେ
    କହି ଦେସ ହୋ ଗୁଟା ଗୁଟା ।୧୦

ନାଆଁ –ଦେବାଶିଷ୍ ସାଗର
ଜି. ଏମ୍. ୟୁ ,ସମ୍ବଲପୁର ( ଅମୃତ ବିହାର )
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗହଦ ବରସା



ଏମ୍ ବିଜୟ କୁମାର

ଗହଦ ବରସା ଖେତେ ଚସା
ମାଏଟ ଲେଖେଁ ଗଲା ବୁଡୁରି
କାଏ ଖରା ବରସା ସିତ
ଦେହ ଆକାସୁ ନଏଦ ଦେସୁ
ସରାବନର ପାଏନଭୁରି

ଗହଦ ଅଝରା ସରସରା
କୁଲି-ମଜରି  କାମ କବାରି
ଜିବନସାରା ବୁତାକରା
କରପନ ଦେହେଁ ଗାଧି ଗାଧି
ବରଫଚମ ଯାଏ ତରଲି

ଗହଦ କି  ବରସା
ଦେହୁଁ ପଡୁଛେ ନିଧିରି
ଦେହର ରକତ ଝରେଇ
ଧେନ ଧେନ କମିଁହା ପୁଜାରି

ରେମନଡ଼ା:ସଇଁନ୍ତଲା,ବଲାଗିଂର -୩୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆଁର୍ ପନତ୍ କାନି



ହରୀଶ ତାଣ୍ଡି

ଫର୍ ଫର୍ ହେଇ ଉଡୁଛେ ଦେଖ
ମା ର୍ ପନତ୍ କାନି
ହେ ପନତେ ଢାପି ରଖିଛେ
ପୁଓର୍ ମନକେ ଚିନହି ।
ମାର୍ ପନତର୍ ଛଏଁରା ତଲେ
ଯେତେଦିନ୍ ତକ୍ ଥିମା
ମାଆଁର୍ କରୁଣା ଝରୁଥିବା ସତେ
କେଭେ ନାଇଁକରେ ଉନା ।

ମା ନେଇମାଗେ କୁକରା ଗରର୍
ଫୁଲ୍ ଧୂପ ଆର୍ ନଡ଼ିଆ
ଭକତି ଥିଲେ ମା ଶୁନସି
ମାରଲେ ଗୁଟେ ମୁଡିଆ ।
ମା କହେସି ମତେ କାଣାଦେବୁ
ଦୁନିଆଁ ଯାକିର୍ ମୋର୍
ପାରବୁ ବଏଲେ ଭକତିର୍ ଭାବେ
କରବୁ ଟିକେ ସୋର୍ ।
ଛାଁଏ ଲେଖେ ତୋର୍ ପାଖେ ପାଖେ ଥିମି
ଧାଇଁ ଯିମି ଡାକ୍ ସୁନତେ
ମୁଇଁ ପଛେ ଥିମି ତତଲା ଖରାଥି
ତତେ ଢାପିଥିମି ପନତେ ।

ସାଲେପାଲି , ଗଜବନ୍ଧ , ସୁବର୍ଣ୍ଣପୁର
ମୋ-୮୦୧୮୪୦୫୨୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ଲୋ !...



ମନୋଜ ମହାନନ୍ଦ

ଯେଭୁଁ ଦେଖେଇ ହେଲ ମନ୍‌େକ ଚୁରାଲ
ଗନି ତୁମର୍ନେ ରସି,
ଭୁଲି ନାଇଁ ହଉଛେ ଗୁନ୍, ଚେହେରା ତୁମର୍
ସଧା ଭାଲୁଛେଁ ବସି ।
ତୁମେ ଆଏଲା ଦିନୁ ଜୀବନେ ମୋର୍
ପାଏନି ସର୍ଗର୍ ସୁଖ୍,
ଆଁଖ୍ ରେମ୍‌ଡି ରେଣ୍ଡି ଛଲାଙ୍ଗ୍ ମାରି ଭାଗ୍ଲା
ଭରିଥିଲା ଯେତେ ଦୁଃଖ୍ ।
ତୁମର୍ ଲାଗି ବୋଲି ସୁଖର୍ ଦୁନିଆଁନେ
କୁରିଆଟେ ଗାଡି ପାରିଛେଁ,
କୁରିଆ ଭିତ୍ରେ ଧନ ତୁମେ ଥାଇ ଭିଲ୍
ଏକ୍ଲା ଜୀବନ୍ ଜୀଉଁଛେଁ ।
କାଏଁ କର୍ମି ଲୋ ପର୍ ଆଶ୍ରିଆ ମୁଇଁ
ପର୍ ହାତେ ସମିଆଁ ବନ୍ଧା,
ପରର୍ ବୁତେ ମୁଇଁ ଚଲୁଛେଁ ବୋଲି
ଆଁଖ୍ ଥେଇ ଭିଲ୍ ଅନ୍ଧା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେତିର୍ ଗୁନେ ବୋଲି ପାଖେ ଥାଇ ବି
ରହୁଛେଁ ତୁମର୍ନୁ ଦୂରିଆ,
ବିଶ୍ୱାସ କର ସଖୀ ! ନାଇଁ ଭୁଲ୍ବାର୍ ତମ୍କୁ
ସତେଲୋ ...ତୁମର୍ କିରିଆ ।
ତୁମର୍ ଲାଗି ବୋଲି ସୁଖ୍ ଭୋଗ୍ କରି
କେନ୍ତେହି ତମ୍କୁ ଭୁଲ୍ମି,
ତୁମେ ତ ମୋର୍ ଜୀବନ୍ ସାଥି ହେବ
ତୁମର୍ ହାତ୍ ଧରି ଚାଲ୍ମି ।
ସମିଆଁ ଅଭାବ୍ ଲାଗି ଦୂରେଇ ଦେଇଛେଁ ତମ୍କୁ
ରାଗ୍ ରିସା ନାଇଁ ହୁଅ,
ହେତିର୍ ଲାଗି ବୋଲି ମାଫି ଚହୁଁଛେଁ ଗା !
ଥରେ ନ ମାଫ୍ କରିଦିଅ ।

ବାଗଯୋର, ସଇଁନ୍ତଲା, ବଲାଙ୍ଗିର

ମୋ - ୮୦୧୮୦୮୯୩୩୫

 Magazine Downloaded from www.aahwaan.com

# କୁଆଁରୀ ମନର୍ କଥା



ସ୍ୱାଗତିକା ଦିସ୍ରି

ତୁଇ ମୋର୍ ଲାଗି ମୁଇଁ ତୋର୍ ଲାଗି
ବନିଛୁଁ ରେ ରସିଆ
ଆ ଜଲଦି ପାସକେ ତୁଇଆ
କାଏଁଜେ ଅଛୁ ଦୂରିଆ ।
କେତେଦୂରେ ଅଛୁ ତୁଇ
ଜାନି ନି ପାରବାର୍ ମୁଇଁ
ତୋରବିନା ଜିଇଁବାର୍ ଟା
ହେଲାନ୍ ଅଡୁଆ
ଆ ଜଲଦି ପାସକେ ତୁଇ ଆ ।

ଏନତେଇ ତୁଇ ଜଦି ତଡପାବୁ ମତେ
ରହି ନାଇଁପାରେ ସତେ
କରିନେବେ ମତେ ଅଲଗା କାହାର୍
ଦେହେନୁ ପରାଣ୍ ହେବାରେ ବାହାର୍
କାଏଁଜେ ଅଛୁ ଦୂରିଆ ।
ନାଇଁ ଜାନି ତୋର୍ ନା ଠିକନା୍
ଫେରବି ଖୁଜୁଛେ ତତେ କାଏଁଜନା
ଦିନ୍ କଟୁଛେରେ ସପନ୍ ଦେଖି
ବନ୍ଧଘାଁଟେ ଭାବେ ହଲଦି ମାଖି
ଆଏବୁ ବଲି ଦେଖୁଛେଁ ତୋର୍ ବାଟ୍ ।

ସ୍ୱାଗତିକା ଦିସ୍ରି
ବଇଦୁପାଲି ଡୁଙ୍ଗୁରିପାଲି ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋରୁ ମାଁ



ସୁଭାସଚନ୍ଦ୍ର ଭୁଏ

ପୁରଖା ପରୁହାଁ ତିହାର୍ ସଂସ୍କୃତି
ଆମର ପୂଜା ଆଏ ପ୍ରକୃତି
ଜୁହାର ମାଁ ଗୋରୁମାତା
ତୁଇଂ ଆମର ମାନ୍ ସନମାନ୍
ପୁରାଣ ଭାଗବତ ଗୀତା ।।।

ତେତିସ କୋଟି ଦେବତା ଦିହେଁ ତୋର
ରହିଛନ୍ ବାସ କରି
ଘାସ ମୁଠେ ଖାଇ ଗୁରସ ଦେଇ
ବରକସ୍ ଦେସୁ କରି ।।।

ଦ୍ୱାପର ଯୁଗେ ଗଉଡ୍ ପୋ ସାଙ୍ଗେ
ଭାବ କରିଥିଲୁ ଜୁଲି
ଅଳି ଅର୍ଦଳି ଦହି ଗୁରସ୍ ଖିର୍ସା
କୃଷ୍ଣ ଖାଏବେ ବଲି ।।।

ଖେତକେ ସୁନ୍ଦର ମୁଡ଼ା ଟେ
ଘରକେ ସୁନ୍ଦର ବୁଢ଼ୀ ଟେ
ଗୁହାଳ କେ ସୁନ୍ଦର ଗାଏ ଟେ
କେଡେ ଉଭାଗର୍ ଦିସେ
ଖଟି ଆସଲା ବୁହସେନ୍ ଆଗେ
ତୋର ଗୋଡ଼ ଧୁଏଇ
ଗଉଡ଼ିଆ ମୁଲ୍ ମୁଲ୍ ହଂସେ ।।।

ମାଁ ଛେଉଣ୍ ପିଲା ପାଲସୁ
ବିପଦେ ରକ୍ଷା କରୁ
ଗୁରସ୍ ସବୁକ ଆମକୁ ଦେଇ
ତୋର ଛୁଆକୁ ଭୁକେ ମାରୁ ।।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝି ଜନମ ହେଲେ ମାଁର୍ ପାପ୍
ବଛା ଜନମ ହେଲେ ଗାଏର୍ ପାପ୍
କେନ୍ତା ବିଧାତାର୍ ନିତି
ମାଁ ନୁ ଜନମ ମାଁ ର୍ ଗୁରସ୍ ପିଇ
ମାନୁଛୁ ଅନମୁନଷିଆ ନିତି ।।।

ବିଜ୍ଞାନ ଭି କହେଲା
ଗାଏ ମୁତେ ଅଛେ ଭିଟାମିନ
କେଥିନିକେତେ ଭରି
ଗାଁ ନୁ ସହରେ ଗାଏ ମରୁଛନ୍
ଖାଇକରି ପ୍ଲାଷ୍ଟିକ ଜରି ।।।

ସଫା ରହେଲେ ଚାରହି କୁତି
ପୁଜା ସେବା କଲେ ପରକୁତି
ରୋଗ ବେମାର୍ ଜେତେ ମରସି
ମାରବଲ୍ ପିଚୁ ଦୁନିଆଁ ଭି
ଚାରହି ଦିଗ ସାଗୁଆ ନୁରସି ।।।।

ନୁକୋ ପାଏନ୍ ପବନ୍ ଖାଦ୍ ପାନ୍
ଝର ଝର ହେଇ ଝରସି
ମାଁ ସନମାନ୍ ଗାଏ ସନମାନ୍
ହଂସି ଖୁସି ଜିବନ୍ ପୁରସି ।।।

ମାପ କରିନେ ମାଁ ଗୋରୁମାତା
ଯଦି କାଣା ଅଛେ ଭୁଲ
ମୁହୁଁମୁରି ନାଇ ଯା ମାଁ ନେହେତ
ସଂସାର ବୁଡ଼ିଯିବା ବିଲକୁଲ ।।।

ଅଧ୍ୟାପକ
ଡୁଙ୍ଗୁରିପାଲି ମହାବିଦ୍ୟାଳୟ, ସୁବର୍ଣ୍ଣପୁର
ଧାଙ୍ଗେର, ବରଗଡ

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମୋର୍ ଗାଁଟା ସୁନ୍ଦର୍



ଶିଶୁପାଲ୍ ସମ୍ରଥ

ଝାର୍ ପତରା ଜଙ୍ଗଲ ଭିତର୍

ତାର୍ ଭିତରେ ମୋର୍ ଗାଁଟା ସୁନ୍ଦର୍ ।

କ୍ଷେତ୍ ଖଲାର୍ ଢୁଡା ନଲିଆ

ପେନ୍ ପବନ୍ କେତେ ବଢିଆ ।

ଫୁଲର୍ ଉପରେ ଭଅଁର୍ ମାଛି

ଚମକି ପଡୁଛେ କଅଁଲି ବାଛି ।

ଗାଁ ମୁଡସାର୍ ହାଟ୍ ବଜାର୍

ବାନ୍ଧି ହେଇଛେ ଭାବ୍ ବିଚାର୍ ।

ମାରଲେ ପବନ୍ ମହକି ଯାଏସି

ମାଟିର୍ ମହକଟା ଝରି ପଡସି ।

ଉଛଲି ପଡୁଛେ ଆମର୍ ବନ୍ କଁଟା

ଦୁଃଖସୁଖଟା ହେଉଛେ ଭାଗବଟାଁ ।

ଘୁଇ କକଁରା ବେଙ୍ଗାର୍ ଡାକ୍

ଉଠ୍ କହେସି କୁକୁରାର୍ ଡାକ୍ ।

ଗାଁକେ ସୁନ୍ଦର ଦେବତା ଗୁଡି

ସହରିଆ ପେନ୍ ଯଉଛେ ଚଢି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଢୁଡା ନଲିଆର୍ ଝୁରି କକଁରା

ବେଲବୁଡିଆର୍ ଜୁଏ ଅଁତରା ।

ଦୁଲକି ଉଠସି ମାନ୍ଦଲ୍ ବଜା

ବାସି ପଖାଲ ଥି ହେଡ୍ରୁଆଁ ଭଜା ।

ନେ ମିଲେ ଏନ୍ତା ପେନ୍ ପବନ୍

ଭୁଲି ହେବା କେଁ ମୋର୍ ଗାଁର୍ ଜୀବନ୍ ?

ଶ୍ରୀ ଶିଶୁପାଲ ସାମ୍ରଥ

ଗ୍ରାମ/ପୋଷ୍ଟ- କୁମ୍ଭୋ

ଭାୟା- ଭୁକ୍ତା ଥାନା- ଅମ୍ବାଭୋନା

ଜି- ବରଗଡ଼ ପିନ- ୭୬୮୦୪୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେଖ୍ ପୁତା



କବି ପ୍ରସାଦ

ଦେଖ୍ ପୁତା ଆମେ ହେନୁ ବୁଢାବୁଢୀ

ବଏସ୍ ସରୁଛେ ଗାଗର୍ ଥରୁଛେ

ଯମର୍ ଡାକ୍ରା ଆଏଲା ମାଡି

ଦେଖ୍ ପୁତା ଆମେ ହେନୁ ବୁଢାବୁଢୀ ।

ବଲ୍ ଥିଲାବେଳେ ଆନିଛୁଁ କମେଇ

ଭୁକେଶୁଷେ ଆମେ ତତେ ଖୁଏଇ

ସୁନାର୍ ସଁସାର୍ ଥିନୁ ଗଢି

ଦେଖ୍ ପୁତା ଆମେ ହେନୁ ବୁଢାବୁଢୀ ।

ସୁଖ୍ ଦେଖିଛୁଁ ଦୁଖ୍ ସହିଛୁଁ

ଉଦାଠାନେ ଶୁଇ ତତେ ଶୁଖାଠାନେ ରଖିଛୁଁ

ନୂଆ ଦେଇଛୁଁ ଲେଖେରି ପିନ୍ଧି

ଦେଖ୍ ପୁତା ଆମେ ହେନୁ ବୁଢାବୁଢୀ ।

ତୁଇ ହସଲେ ଆମେ ହସିଛୁଁ

ତୋର୍ ଦୁଖେ ଆମେ କାନ୍ଦିଛୁଁ

ତୁଇ ସାହାରା ଆମର୍

କେନିକେ ଯିମୁ କ ଦେଲେ ଗହଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖ୍ ପୁତା ଆମେ ହେନୁ ବୁଢାବୁଢୀ ।

ଆର୍ ଥୁରେ ଦିନ୍ ରହେଲେ ଜହ
କେତେ ଜଞ୍ଜାଲ୍ କରିଛୁ ଆମ୍ କୁଁ ଥୁରେଦିନ୍ ସହ
ଥିମୁ କେନ୍ କୁନାଥି ପଡି
ଦେଖ୍ ପୁତା ଆମେ ହେନୁ ବୁଢାବୁଢୀ ।

କେତେ ଆଶ୍ କରି ଜନମ୍ କରି ଥିନୁଁ
ହେବୁ ବଲି ଆମର୍ ସାହା
ବଏସ୍ ସଁଗେ ଆମର୍ ପଡିଗଲା ଜାଙ୍ଗଲ୍
ଇହାଦେ ସାହାରା ଆଶାବାଡି
ଦେଖ୍ ପୁତା ଆମେ ହେନୁ ବୁଢାବୁଢୀ ।

ନି କହେବାର୍ ନେବୁବଲି ଗଙ୍ଗାଗୟା
ଜୀବନ୍ ଥିବାର୍ ଯାଏକ୍ ତକେ ଦେଖୁଥିସୁଁ ବୁଆ
ମରିଗଲେ ପୁଡିଦେବୁ ନେହେତୋ ଦେବୁ ପୁଡି
ଦେଖ୍ ପୁତା ଆମେ ହେନୁ ବୁଢାବୁଢୀ ।

ସର୍ଗିଗୁଡା , ମଣ୍ଡଳ , ବେଲପଡା , ବଲାଙ୍ଗୀର , ଓଡିଶା
ପିନ୍ - ୭୬୭୦୨୬
ମୋବାଇଲ୍ -୭୬୦୬୦୫୧୩୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଲ୍‌ସା ଫୁଲ୍



ଈଶ୍ୱରଚନ୍ଦ୍ର ସାହୁ

ମୁଇଁ କହୁଛେଁ ପଲ୍‌ସା ଫୁଲ୍ ମୋର୍ ଲେଖାନ୍ କିଏ ନାଇଁ
ଫଗୁନ୍ ଜନେ ଫୁଟି ଆଏର୍ସି ବଗ୍ ବଗାନୁ ମୁଇଁ ।
ଲାଲ୍ ଟହ ଟହ ଗଛ୍ ଉପରେ କେତେ ଡଉଲ୍ ହେଇ
ଏକ୍‌ଲା ଥାଇ ମୁଲୁର୍ ମୁଲୁର୍ ହସୁଥିସୀ ମୁଇଁ ।
ବାଟେ ଯାଉଥିଲା ସବୁ ଲୁକେ ମତେ ଦେଖୁଥିସନ୍
କେତେ ସୁନ୍ଦର୍ ପଲ୍‌ସା ଫୁଲ୍ ଗୋ ବାସ୍‌ନା ନାଇଁ କହେସନ୍ ।
ସୁନିକରି ମନ୍ ଲାଗ୍‌ସି ଦୁଖ୍ କାଏଁ କର୍‌ମି ମୁଇଁ କହ
ବାସ୍‌ନା ନଥିଲେ ବି ସୁନ୍ଦର୍ ଉପରେ ମର୍ ଠାନୁ କିଏ ନାହିଁ ଯହଁ ।
ଆଏଜ୍ କାଳର୍ ଯୁଆନ୍ ମାନକର୍ ସୁନ୍ଦର୍ କେ ସଉକ୍ ଯହଁ
ଅସୁନ୍ଦର୍ କେ କିହେ ନାଇଁ ଦେଖନ୍ ଯେତେ ବାସ୍‌ଲେ ମହମହ ।
କହଁର ନାଇଁ ଥିଲେ ବି ସୁନ୍ଦର୍‌ରେ ମୁଁ ଦେସି ଚମ୍‌କେଇ
ଛୁଆରୁ ବୁଢ଼ା ସବୁ ଲୁକର୍ ମନ୍ କେ ନେସି ମୋହି ।
ଉଷୋ ହୋଇ ମୁଇଁ ଲୁକ୍ ମାନ୍‌କର୍ ରୋଗ୍‌କେ କର୍‌ସି ବନେ
ଗହକି କରି ତୁଲ୍ ସନ୍ ମତେ ସବେ ଉସତ୍ ମନେ ।
ଫଗୁନ୍ ପୁନି ଆର୍ ଚଇତ୍ ମାନେ ମର୍ ଡିମାନ୍ ବେଶି
ମା ମଙ୍ଗଳାକେ ନେଇ ମଖାସନ୍ ହେଇ କରି ସବେ ଖୁସି ।

ପଲସାଗୋରା, ବୌଦ୍ଧରାଜ, ଓଡ଼ିଶା
ଭ୍ରାମ୍ୟଭାଷ : ୯୧୭୮୩୮୨୮୫୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଖରାମାସର୍ ଖାଆନା ପିଇନା



କ୍ଷମାନିଧି ସାହୁ

ଖରାମାସର୍ ଦେଶି ଖାଆନା
ଗରମ୍ ଖାଆନାକେ ନାଇଁ ଚାହାନା
ଖାଆନା ବଏଲେ ବାସି..
ହେଣ୍ଡୁଆ,ଆମୁଲ୍,ତେତେଲ୍ ଲେଥାଥିଁ
ମନ୍ ଯାଏସି ରସି...

ବେଲହୁ ବେଲି ପଖାଲ୍ ଦିନର୍
ସୁଖା ମିରଚାକେ ଚନ୍ନି ପତର୍
ଉଏଲ୍,ବରି,ମିଲମିକର୍..
ଚକାଲୁଠିଆ ମାରି ଘିଚିନେମା ସବୁ
ଖଡା,ଚନା ତୁନ୍ ବତର୍...

କୁଲେର୍,ଖଖ୍ଡନା,ନଏଲତା ସାଗ୍
ତେଲ୍ ସୁରସୋ ଥିଁ ମିରଚା ରାଗ୍
ସୋପୋସୋପୋ ଖାଇଦେମା..
ଫୁଙ୍କଁରେଇ କରି ଘାଏ ଶୁଇପଡଲେ

 Magazine Downloaded from www.aahwaan.com

ଅଥାବିଥା ପାସରିଦେମା...

ଆମ୍,ଜାମ୍ କରି କେତେ କିସମ୍
ପାଚଲା କେନ୍ଦୁକେ ଡୁମେର୍,କୁସମ୍
ଲଟ୍ ଲଠା ପାଚିଛେ ଚାର୍..
ମଏଧାନ୍ ହେଲେ ଭେଲୁଆଁ ଝୁରିକରି
ଖାଏବାର୍ ଟା ଏକା ସାର୍...

ପିଇନା ଭିତରେ ଥଣ୍ଡା,ଲସି
ଖଜୁର୍ ଡାଡିଥି ଯିବୁନ ରସି
ପିଇନେଲେ କୁସେର୍ ପନା..
କେନ୍ତା କରି ଖରାମାସ୍ ଯିବା ଯେ
ବିଲକୁଲ୍ ନାଇପଡେ ଜନା...

କ୍ଷମାନିଧି ସାହୁ(ପରିକ୍ଷିତ୍)
ଜାମପାଲି,ମେଲଛାମୁଣ୍ଡା,ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫନି



ଚନ୍ଦ୍ରଶେଖର ଗୋ

ବଙ୍ଗୋପସାଗରେ ଉତପତି ହେଇ ନାଁ ପାଏଲୁ ଫନି
ଉଡ଼ିଶା ରାଏଜ୍ କେ ମାଡ଼ି ଆଏଲୁ ସମୁଁଦର୍ ପାନିପାନି
ପୁରୀ ଉପକୁଲେ ମାଡ୍ ଖାଏଲୁ
ଧୁକାଘରେଲ୍ ସଂଗେ ପାଏନ୍ ବରସାଲୁ
କେତେ ଗଛ୍ ପତର୍ ଘର୍ ଦୁଆର୍ ଉପାଡ଼ି ଦେଲୁ
ଜୀବଜନ୍ତୁଁ ପଶୁପଖିକେ ମାରବାର୍ କେ ଘାଟିସାନି
ସୁଖର୍ ସଁସାର୍ କେ ଉଜାଡ଼ି ସତେ ଆଏଲୁ କାଏଁରେ ଫନି ।।୧
ଉଡ଼ିଶାର୍ କପାଲେ ପଡ଼ଲା କାଏଁସନି
ଖତ୍ ଖାଇଗଲା କେତେ ଚାସବାସ୍
ଚସାକୁଲେ ପଡ଼ଲା ଭାଲେନି
ଆର୍ କାଆର୍ ଓପରେ ଦୁସ୍ ଲଦଭା ସେ
ଯେଭେ ପରକୁତି କଲା ସୁନା ଫସଲ୍ ହାନି ।।୨
ତୁଇ ଆଏଲୁ ତୋର୍ ଥାଟେ ପଲାଲୁ ତୋର୍ ଥାଟେ
ଇଥିର୍ ତୋର୍ ହେଲେ କାଏଁ ଦୋସ୍ ଯେ
ଇଟାତ ପରକୁତିର୍ ଖେଲ୍ ଏ
କେଭେ ପାଏନ୍ ଝେର୍ ତ କେଭେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝଡ୍ ତୁଫାନ୍ କେଭେ ବୁଏଡ୍ ଅକାଲ୍ ।।୩

ଯେନତା ମୁନୁସ୍ ଭିତରେ ହିଁସା ହଁକାର୍
ମିଚ୍ ଅଧରମ୍ କୁଟ୍ କପଟ୍ କୁକରମ୍ ଲୁଭ୍
ବିସୁଆସଘାତର୍ ଖେଲ୍ ଲାଗି ରହିଛେ
ହତିଆ ଚୁରିଡକେତ୍ ବଲ୍ଲଟିର୍ ଖେଲ୍ ଖେଲୁଛେ ମୁନୁସ୍
ଇସବୁ ଅସଗୁନର୍ ଲୋକ୍ କେତେ ସୁକର୍ ସାକଁର୍
ଘର୍ ପରିବାରର୍ ସୁଖ୍ ସାର୍ତିଁକେ ଉଜୁରେଇ
ଇ ମା ମାଏଟର୍ ଦେଶ୍ ଜାତିର୍
ହାନି ନି କରଭାର୍ କାଏଁ !
ଖାଲି ପରକୁତିର୍ ଦୁସ୍ ମୁନୁସର୍ ଏଖିଁ ଦିସୁଛେ ।।୪

ହେ ଅଁକରିଆ କୁଟକପଟିଆ ମିଛୁଆ ଲଚୁଆ
ଚୋରଡକେତ୍ ହତିଆରି ବଲତକାରି ଭଁଣବାବାମାନେ
ବାଡିଆର୍ ଠାନୁ କେନ୍ ଗୁନେ କମ୍ ଆଏ ଯେ
ଇମାନେ ବିତ ଲୋକର୍ ଧନଜୀବନ୍ ସୁଖ୍ ସାର୍ତିଁକେ ଉଜୁରେଇ
ସୁଖର୍ ସଁସାର୍ କେ ଧଉଁସ୍ ମୁହେଁ ଠେଲିଉଛନ୍ ।।୫

ଇ ମୁନୁସ୍ ଜାତିନେ ବାଡିଆ ଅହରହ...
ଅହରହ ଚାଲିଛେ ମାନବିକତାର୍ ହତିଆ ।।୬

କର୍ଲାଖମାର, ନୂଆପଡ଼ା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅକ୍ଷିତୃତୀୟା



ବୈକୁଣ୍ଠନାଥ ଖଟୁଆ

ଅକ୍ଷୟ ହେଉଛି ଏକ ସଂସ୍କୃତ ଶବ୍ଦ । ଏହାର ପ୍ରାକୃତ ଶବ୍ଦ ହେଲା ଅଖି । ଜଗନ୍ନାଥଙ୍କ ରଥ କାଠ ଶ୍ରୀପଂଚମୀ ଦିନ ଆସେ । ରାମ ନବମୀ ଦିନ କାଠ ଚିରଟ କରାଯାଏ । ଅଖିତୃତୀୟା ଦିନ ରଥ କାର୍ଯ୍ୟ ଆରମ୍ଭ ହୁଏ । ରଥ ଚକର ତୁମ୍ବର କଣା (ଆଖି) ଗୋଟିଏ ତିଥିରେ ଖୋଲାଯାଏ । ଏହା ଗୋଟିଏ ନିୟମରେ ପରିଣତ ହୋଇଯାଇଛି । ଅକ୍ଷୟତୃତିୟା ଏକ କୃଷିଭିତିକ ପର୍ବ । ଜଗନ୍ନାଥ ମନ୍ଦିରରେ ଯେତେ ପର୍ବପର୍ବାଣୀ ପାଳନ କରାଯାଏ ସବୁ ଏହି କୃଷି ସମ୍ପର୍କିତ । ଯାହା ସମାଜରେ ପଚଳିତ ତାକୁ ମନ୍ଦିରରେ ଗ୍ରହଣ କରିଯାଇଛି । ମଣିଷ ବଂଚିବାକୁ ହେଲେ, ଖାଦ୍ୟ ନିହାତି ଆବଶ୍ୟକ । ଏହି ଖାଦ୍ୟ କୃଷିରୁ ହିଁ ମିଳେ । କୃଷି କେବେ ଆରମ୍ଭ ହେଲା ଓ ଜଗନ୍ନାଥ ସଂସ୍କୃତିରେ କେବେ ସଂଯୋଜିତ ହେଲା କହିବା କଠିନ ।

ଯନ୍ତ୍ରପାତି ଆବିଷ୍କାର ହେବାର ପ୍ରଥମ ସୋପାନ ହେଉଛି ଫ୍ଲିଂଟ ପଥରରୁ । ଏହି ପଥର ଅତି ଟାଣ, ଚିକ୍କଣ, ମସୃଣ ଓ ଧାରଯୁକ୍ତ । ଏହି ପଥରକୁ ପ୍ରଥମେ ପ୍ରାଚୀନ ପ୍ରସ୍ତରଯୁଗର ଲୋକେ ବ୍ୟବହାର କରୁଥିଲେ । ଏହାର ସମୟ ହେଉଛି ୨୬,୦୦,୦୦୦ । ଅର୍ଥାତ୍ ୨୬ ଲକ୍ଷ ବର୍ଷ ପୂର୍ବେ ଏହି ପଥରର ସନ୍ଧାନ ପାଇଥିଲେ । ତାକୁ ବିଭିନ୍ନ କାର୍ଯ୍ୟରେ ଲଗାଇଥିଲେ । ତାକୁ ଶିକାର ଓ କୃଷି କାର୍ଯ୍ୟରେ ବ୍ୟବହାର କରୁଥିଲେ । ଏହାର କେତେ ବର୍ଷ ପରେ ଅର୍ଥାତ୍ ଆଜକୁ ୪,୦୦,୦୦୦ ଚାରି ଲକ୍ଷ ବର୍ଷ ପୂର୍ବେ ପ୍ରାଚୀନ ପ୍ରସ୍ତର ଯୁଗର ଲୋକେ ବାସଗୃହ ନିର୍ମାଣ କଲେ । ଏହା ପୂର୍ବରୁ ପ୍ରାଚୀନପ୍ରସ୍ତର ଯୁଗର ଲୋକେ ଚାଷ କାର୍ଯ୍ୟ ଜାଣି ଯାଇଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି ଫ୍ଲିଟ୍ ପଥର କାଠ ତେଂଟା ସାହାଯ୍ୟରେ ଚାଷ କରୁଥିଲେ । ଆଜକୁ ୯୫୦୦ ବର୍ଷ ପୂର୍ବରୁ ବିଭିନ୍ନ ଜାଗାରେ କେଉଁଠି କେମିତି ଲଙ୍ଗଳଦ୍ୱାରା ଚାଷକାର୍ଯ୍ୟ ଆରମ୍ଭ ହେଲା । ଯନ୍ତ୍ରପାତି ବୋଇଲେ ବଳଦକୁ ଚାଷ କାର୍ଯ୍ୟରେ ଲଗାଯାଇପାରିଲାଣି । ଲଙ୍ଗଳ କହିଲେ ତେଂଟା । ଏହିଥିରେ ହିଁ ଚାଷ କରୁଥିଲେ । କିନ୍ତୁ ଆଜକୁ ୭୫୦୦ ବର୍ଷ ପୂର୍ବେ ମେସୋପଟମିଆର ଲୋକେ ଚାଷ କରୁଥିବାର ପ୍ରମାଣ ମିଳୁଛି । ଆଉ ମଧ୍ୟ ଆଜକୁ ୫,୫୦୦ ବର୍ଷ ପୁର୍ବେ ଇନ୍ଦସ୍ ଭାଲି ସିଭିଲାଇଜେସନର ଲୋକେ ଚାଷକାର୍ଯ୍ୟ କରୁଥିବାର ପ୍ରମାଣ ମିଳୁଛି । ଧାନ ଓ ବାଂଉଶ ଗୋଟିଏ ପ୍ରଜାତିର ଗଛ ।  ଏହା ସହିତ ଅନ୍ୟାନ୍ୟ ଅନୁସଙ୍ଗିକ ଯନ୍ତ୍ରପାତି ସମୟକ୍ରମେ ବାହାରିଛି । ଧାନର ଉତ୍ପତିସ୍ଥଳ ହେଉଛି ଜୟପୁର ଅଂଚଳ ବୋଲି କୃଷି ବିଜ୍ଞାନୀମାନେ କହନ୍ତି । ଧାନ ବଢ଼ିବାର ପ୍ରକୃଷ୍ଟ କ୍ଷେତ୍ର ହେଉଛି ଦକ୍ଷିଣପୂର୍ବ ଭାରତ (କୋରାପୁଟ) ଦକ୍ଷିଣ ଭାରତ (କେରଳ) ଫିଲ୍ପାଇନ୍ସ, ଚାଇନା, ଇଣ୍ଡୋନେସିଆ, ପଶ୍ଚିମ ଇଣ୍ଡୋପ୍ୟାସିଫିକ୍ ଅଂଚଳଭାବରେ ପରିଚିତ ।

ବର୍ତମାନ ପ୍ରଶ୍ନଉଠୁଛି ଏହି ମନ୍ଦିର ପ୍ରଥାରେ କେତେବେଳେ ଏହି ଅକ୍ଷିମୁଠି ବୁଣିବା ପ୍ରଥା ବ୍ୟବହାର ହେଲା । ଆମେ ଜାଣିଛେ ରାଜା ଜନକ ଚାଷ କାର୍ଯ୍ୟ କରୁଥିଲେ । ବଳରାମ (ଲାଙ୍ଗଳୀ ହଳ କରୁଥିଲେ ) । ରାଜା ସୁଦ୍ୱୋଧନ ଚାଷ କାର୍ଯ୍ୟରେ ପ୍ରତିଯୋଗିତା କରୁଥିଲେ । ଏହାକୁ ବଫଲମେଳା କୁହାଯାଏ । ବୁଦ୍ଧଦେବ ଗଛମୂଳେ ବସି ଏହାକୁ ଅନୁଧ୍ୟାନ କରୁଥିଲେ ।  ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଥିଲା । ତେଣୁ ଏହି ପ୍ରଥା ସେହି ସମୟରୁ ପାରମ୍ପରିକ ଭାବରେ ଚଳି ଆସିଛି ଓ ମନ୍ଦିରରେ ଗୋଟିଏ ପ୍ରଥା ଭାବରେ ଗ୍ରହଣ କରାଯାଇଛି ।

ଆଉ ଗୋଟେ କଥା ମନେ ପଡ଼ୁଛି – ଆମର ଦଣ୍ଡ ପର୍ବରେ ଧୂଳି ଦଣ୍ଡ ପାଳନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଏ । ଏହି ଧୂଳି ଦଣ୍ଡରେ କୂଅ ଖୋଳନ୍ତି, ହଳ କରନ୍ତି, ଧାନ ବୁଣନ୍ତି ଓ ପାଣି ମଡ଼ାନ୍ତି । ରାତିରେ ସଂସ୍କୃତିକ ପର୍ବ ନାଚଗୀତ କାର୍ଯ୍ୟକ୍ରମ କରାଯାଏ । ଏଥିରେ ଚଢ଼େୟା-ଚଢ଼େଉଣୀ, ଶବରଶବରୁଣୀ, କେଳାକେଳୁଣୀ, ଧୋବାଧୋବଣୀ, ପତରଶଉରା-ପତରଶଉରୁଣୀ ଭାଲୁ ନାଚ ଆଦି ନୃତ୍ୟଗୀତ ପ୍ରଦର୍ଶନ କରାଯାଏ । ଏହା କେବେ, ଏହି ଉତ୍ସବରେ ସଂଯୋଜିତ ହୋଇଛି – ଏ ଗୋଟିଏ ପ୍ରଶ୍ନ । ଏହା ହେଉଛି ପାରମ୍ପରିକ କଥା, ସେମିତି ଜଗନ୍ନାଥଙ୍କ ପର୍ବରେ ଏହା ପାରମ୍ପରିକ ଭାବରେ ସଂଯୋଜିତ ହୋଇଛି । କେବେ ଏହା ସଂଯୋଚିତ ହେଲା କହିବା କଷ୍ଟ ।

ଆମର ପୁରାଣ ଦର୍ଶନ କହେ- ଆମର ୪ଟି ଯୁଗ । ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି । ଶ୍ରୀସତ୍ୟ ଯୁଗରେ ବାମନ ଅବତାରେ । ତେଣୁ ଆମେ ସତ୍ୟ ଯୁଗକୁ ମତ୍ସ୍ୟ, କଚ୍ଛପ, ବରାହ, ନୃସଂହି ବାମନ ଅବତାରକୁ ସତ୍ୟ ଯୁଗ କହିବା । ରାମ, ବଳରାମ, ପର୍ଶୁରାମ ଏମାନେ ତ୍ରେତୟା ଓ ଦ୍ୱାପର ଯୁଗ କହିବା । ଏହି ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ପୃଥବୀ ପୃଷ୍ଠରେ ସତ୍ୟଯୁଗ ଆରମ୍ଭ ହୋଇଛି । ଏହି ତ୍ରେତୟା ଓ ଦ୍ୱାପର ଯୁଗରୁ କୃଷି କାର୍ଯ୍ୟ ଆରମ୍ଭ ହୋଇଛି । ପୁରାଣମାନଙ୍କରେ ଲେଖା ଅଛି ତ୍ରେତୟା ଯୁଗ ଯେଉଁ ଦିନଠାରୁ ଆରମ୍ଭ ହେଲା ସେହିଦିନଠାରୁ ଅକ୍ଷୟତୃତୀୟା ଆରମ୍ଭ ହୋଇଛି । କାହଁକିନା ନରସିଂହ ବାମନ ଲୋକମାନଙ୍କର ଆବିର୍ଭାବ ପରେ ଧରାପୃଷ୍ଠରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ତ ଠିକ୍ କଥା । ତେଣୁ ପ୍ରାଚୀନ ପ୍ରସ୍ତରଯୁଗରୁ କିଛି କିଛି ଚାଷ କାର୍ଯ୍ୟ ଚଳିଥିଲା । ଏହା ତ୍ରେତୟା ଯୁଗରୁ ଭଲଭାବରେ ପ୍ରଚଳନ ହେଲା ।

ତେଣୁ ପୁରୀ ମନ୍ଦିର ଏକ ଜୈନ ଓ ବୌଦ୍ଧକ୍ଷେତ୍ର ଥିଲା । ଏହି ସମୟରୁ ଏହା ଚାଲୁ ରହିଛି । ଏହି ପର୍ବ ବୈଶାଖ ଶୁକ୍ଳ ତୃତୀୟା ଦିନ ପାଳନ କରାଯାଏ । ଏହି ଦିନରେ କୌଣସି

 Magazine Downloaded from www.aahwaan.com

କାର୍ଯ୍ୟ କଲେ କ୍ଷୟ ହୁଏ ନାହିଁ ତେଣୁ ଏହାକୁ ଅକ୍ଷୟ/ ଅଖିତୃତୀୟା କହନ୍ତି । ଏହି ଦିନ ଧରାଧାମକୁ ଗଙ୍ଗା ଅବତରଣ କରିଥିଲେ । ସାଗର ବଂଶକୁ କ୍ଷୟ କରିବାକୁ ଦେଇନଥିଲେ । ଏହି ଦିନ ମହର୍ଷି ବେଦବ୍ୟାସ ଶ୍ରୀଗଣେଶଙ୍କଦ୍ୱାରା ମହାଭାରତ ଲେଖିବା ଆରମ୍ଭ କରିଥିଲେ । ଯେମିତି ଏହି ଲେଖା କେବେହେଲ କ୍ଷୟ ନହୋଇ ଚିରଦିନ ପାଇଁ ଲୋକମାନଙ୍କର ଉପକାରରେ ଲାଗିରହୁ । ତାହାହିଁ ହୋଇଛି । ଏହି ମହାଭାରତ ଓ ପୁରାଣ ବର୍ତମାନସୁଦ୍ଧା ସେମିତି ରହିଛି । ତାହା କ୍ଷୟ ହୋଇନାହିଁ । ସେହିପରି ଏହି ଦିନ ଚାଷ କଲେ ବୀଜ କ୍ଷୟ ହୁଏ ନାହିଁ । ତେଣୁ ଏହା ଅକ୍ଷୟବୀଜ ବୋଲି କୁହାଯଏ । ଧରିତ୍ରୀମାତା ଏହି ବୀଜକୁ ଧାରଣ କରେ କ୍ଷୟ କରିବାକୁ ଦିଏନାହିଁ । ପୃଥିବୀ ପୃଷ୍ଠରେ ଅନେକ ଯୁଗ ବହିଯାଇଛି । ଅନେକ ଉଦ୍ଭିଦ ଓ ପ୍ରାଣୀ ଲୋପ ପାଇଯାଇଛନ୍ତି ନୂଆ ସୃଷ୍ଟି ହୋଇଛି । ତେଣୁ ବିଷ୍ଣୁଙ୍କୁ ଉପାସନା କରାଯାଉଛି ଯେ ଏହି ବୀଜ କ୍ଷୟ ନହେଉ । ଧରିତ୍ରୀମାତା ତାକୁ ଧାରଣ କରୁ । ନଷ୍ଟ ନକରୁ ।

ଆର୍ଯ୍ୟମାନେ ଭାରତକୁ ଆସିଲାବେଳେ ଭାରତରେ କୃଷିକାର୍ଯ୍ୟ ପ୍ରଚଳନ ହୋଇ ସାରିଲାଣି । ଯଜୁର୍ବେଦରେ ଲେଖା ଅଛି ;

*ତ୍ୱା ବର୍ଚସେ ତ୍ୱା କୃଷୈ, ତ୍ୱା କ୍ଷେମାୟ ତ୍ୱା*

ଅର୍ଥାତ୍ – ହେ ଭୂମି ! ତୁମକୁ କାନ୍ତି, କୃଷି ଓ ଆଶ୍ରୟ ନିମନ୍ତେ ଧାରଣ କରିଅଛୁ । ଏହି ଭୂମିରେ ଆମେ ଆଶ୍ରୟ ନେଉ, ଏହି ଭୂମିକୁ ଖାଦ୍ୟ ପାଇଁ କର୍ଷଣ କରୁ, ଶସ୍ୟ ଉତ୍ପନ୍ନ କରି ଉଦର ପୋଷଣ କରୁ । ପୁଣି ଏହି ଭୂମିରେ ବାସସ୍ଥାନ ନିର୍ମାଣ କରି ଆଶ୍ରୟ ନେଉ । ତେଣୁ ଜୀବନ ଧାରଣ ପାଇଁ ଏଇ ଭୂମି ହେଉଛି ଆମର ଏକମାତ୍ର ସମ୍ବଳ । ତେଣୁ ତୁମର ପୂଜା ଆରାଧନା କରିବା ଆମର ଏକମାତ୍ର କର୍ତବ୍ୟ । କିନ୍ତୁ ଧରଣୀ ମାତା ସର୍ବସଂହା ମାତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକୋପ ହେଲେ- ଭୂମିକମ୍ପ ହେବ ଧରଣୀ ଫୁଟିବ ଉଠିବ ସହସ୍ରଭୂଜା ସେହି ତୋ'ର ମାତା ସେହି ତୋ'ର ପିତା କର ତାଙ୍କ ପାଦ ପୂଜା । ସେହି ତୋ'ର ମାତା ସେହି ତୋ'ର ପିତା କର ତାଙ୍କୁ ପାଦପୂଜା । ମାତା ଅସନ୍ତୁଷ୍ଟ ହେଲେ ଆମେ କ୍ଷଣେ ବଂଚି ରହିବା ଅସମ୍ଭବ । ବଢ଼ି ବାତ୍ୟା ମରୁଡ଼ି, ଭୂମିକମ୍ପରୁ ଆମକୁ ରକ୍ଷାକର । ଏ ପୃଥବୀକୁ କ୍ଷୟ କରିବାକୁ ନ ଦିଅ । ଏ ପୃଥିବୀ ନଷ୍ଟ ନ ହେଉ ।

ଏହି ପୂଜା ପାଠ ସହ ଅକ୍ଷିମୁଠି ସଂଚାଳନ କରାଯାଏ ।

ଏଲ୍-୨୪୭/ଫେଜ୍-୧, ଡୁମୁଡୁମା ହା.ବୋ.କଲୋନୀ,
ଭୁବନେଶ୍ୱର-୭୫୧ ୦୧୯
ଭ୍ରାମ୍ୟଭାଷ : ୯୭୭୭୧ ୪୩୪୮୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳିଙ୍ଗର ହୀନଯାନୀମାନେ



ପ୍ରମୋଦ କୁମାର ପଣ୍ଡା

ମୂଳ ରଚନା – ଶ୍ରୀଯୁକ୍ତ ଆଶୀଷ ଷଡଙ୍ଗୀ

ଅର୍ଥାନୁବାଦିତ – ପ୍ରମୋଦ କୁମାର ପଣ୍ଡା

ଆମମାନଙ୍କ ପାଇଁ କାର୍ଯ୍ୟକ୍ରମଟି ଚଳ ଚଞ୍ଚଳ ପୂର୍ଣ୍ଣ ଥିଲା । ଆମେ କାଲି ବହୁତ ବିସ୍ତୃତ ରୂପେ ଯାତ୍ରା କରିଥିଲୁ । ଭୁବନେଶ୍ୱର ରୁ ବାହାରି କଟକ – ଚଣ୍ଡୀଖୋଲ – କୁଟୁଣୀପଦର – ତାରାପୁର – ନେଉଳପୁର – ଦେଉଳି ହିଲ୍ସ – ବାଲେଶ୍ୱର ।

ଆଜି ଚାନ୍ଦିପୁର – ମଣିନାଗେଶ୍ୱର ମନ୍ଦିର – ଇମାମୀ ଜଗନ୍ନାଥ ମନ୍ଦିର – କ୍ଷୀରଚୋରା ଗୋପିନାଥ ମନ୍ଦିର – ମରିଚି ମନ୍ଦିର – ପଞ୍ଚଲିଙ୍ଗେଶ୍ୱର ମନ୍ଦିର ର ଯାତ୍ରା କରିଥିଲୁ । ଭୁବନେଶ୍ୱର ପାଇଁ ଫେରନ୍ତା ଯାତ୍ରା ନିର୍ଦ୍ଧାରିତ କଲାବେଳେ ପଞ୍ଚଲିଙ୍ଗେଶ୍ୱର ମନ୍ଦିରରେ ସନ୍ଧ୍ୟା ୪.୪୫ ବାଜି ଯାଇଥିଲା । ଭୁବନେଶ୍ୱରରେ ପହଞ୍ଚିଲା ବେଳେ ରାତ୍ରି ୮ ଟା ବାଜି ଯାଇଥିଲା । ମୁଁ ମୋର ରାତ୍ରି ଭୋଜନ ସାରିଲି । ତାପରେ ମୋ ପୁଅ ଆସି ମୋ ପାଖରୁ ଆମର ଅଭିଜ୍ଞତା ଜାଣିବାକୁ ଚାହିଁଲା । ମୁଁ ଆସନ୍ତା କାଲି ତା ସହ ଏହି ବିଷୟରେ ଆଲୋଚନା କରିବା ପାଇଁ କହିଲି ଯେହେତୁ ମୁଁ ଗଭୀର ନିଦ୍ରାରେ ଯିବା ପାଇଁ ଚାହୁଁଥିଲି ।

ମୋର ପ୍ରିୟ ଧୋତିକୁ ପିନ୍ଧି ଶୋଇବାକୁ ଗଲାବେଳେ ପିଠିରେ ଛୁଞ୍ଚି ଫୋଡିଲା ପ୍ରାୟ ମୁଁ ଅନୁଭବ କଲି । ଆଶ୍ଚର୍ଯ୍ୟ, ଆଖି ଖୋଲି ଦେଖିଲା ବେଳକୁ ମୁଁ ଏକ ଅରଣ୍ୟ ଭିତରେ ଥିଲି ।

ପ୍ରକୃତରେ ତାହା ଏକ ଘଞ୍ଚ ଅରଣ୍ୟ ଭିତରର ଚନ୍ଦ୍ରଧୌତ ରଜନୀ ଥିଲା ଏବଂ ତାହା ମୋତେ ରାସ୍ତା ଦେଖେଇବାରେ ସାହାଯ୍ୟ କରୁଥିଲା । ମୁଁ ଧୀରେ ଧୀରେ ଆଗକୁ ଗଲି । ଅରଣ୍ୟ ବାହାରେ ଆମ୍ବ, ପଣସ ଓ କଦଳୀ ଗଛର ତୋଟା ଭିତରେ ବିରାଟ ପୁଷ୍କରଣୀ ଟିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲା । ତାହା ମୋତେ ଏକ ସୁରକ୍ଷିତ ସ୍ଥାନର ପରିଚୟ ଦେଇଥିଲା କାରଣ ମୁଁ ଏକ ଚିହ୍ନା ଚିହ୍ନା ଜାଗାରେ ଥିବାର ଅନୁଭବ କରିଥିଲି । କିଛି ସମୟ ପରେ ସୂର୍ଯ୍ୟୋଦୟ ହୋଇଥିଲେ ଏବଂ ମୋ ଆଗରେ ଦୃଶ୍ୟଟି ଅଧିକ ପରିଷ୍କାର ହୋଇ ଉଠିଥିଲା । ତାହା ନାନା ଜାତି ବୃକ୍ଷ ସମୂହର ଘେରା ଏକ ବିରାଟ ପୁଷ୍କରଣୀ ଥିଲା । ବହୁତ ଗୁଡିଏ ପିଲାଙ୍କୁ

ସେଇଠି ସନ୍ତରଣ କରୁଥିବା ସହ ହଠାତ୍ ଅନେକ ସ୍ତ୍ରୀ ଲୋକଙ୍କୁ ମାଠିଆଧରି ପୋଖରୀରୁ ପାଣି ନେବା ପାଇଁ ଆସୁଥିବାର ଦେଖିଲି ।

ମୁଁ ଆଗକୁ ଆଗେଇ ପିଲାମାନଙ୍କ ପାଖକୁ ଗଲି । ମୋ ଆଡକୁ ହାତ ହଲେଇ ସେମାନେ ସେମାନଙ୍କର ଉପସ୍ଥିତି ଜଣାଉଥିଲେ । ମୁଁ ଆଶ୍ଚର୍ଯ୍ୟ ହେଲି । ମୁଁ ତାଙ୍କ ପୂର୍ବ ପରିଚିତ ଥିଲି ନା ମୁଁ ପିନ୍ଧିଥିବା ପୋଷାକ ସେମାନଙ୍କ ଜଣାଶୁଣା ଥିଲା ।

ସେମନଙ୍କ ସହ ମୁଁ ବାର୍ତ୍ତାଳାପ କରିବା ଆରମ୍ଭ କଲି । ମୋତେ ଆଶ୍ଚର୍ଯ୍ୟ ବି ଲାଗିଲା, ଯେତେବେଳେ ମୁଁ ଦେଖିଲି ଯେ ସେମାନେ ମୋ ସହ ଅଳ୍ପ କିଛି ବ୍ୟତିକ୍ରମ ସହ ମୋ ଭାଷାରେ କଥାବାର୍ତ୍ତା କରୁଥିଲେ, ଓଡିଆ ଭାଷାରେ ।

ପିଲାମାନଙ୍କ ସହ କିଛି ସମୟ ବାର୍ତ୍ତାଳାପ କଲା ପରେ ମୁଁ ଆଗକୁ ଗାଁ ଭିତରେ ପଶିଲି । ଗାଁ ଟି ସଫା ଓ ସ୍ୱଚ୍ଛ ଥିଲା । ଘର ଗୁଡିକ ରାସ୍ତାର ଦୁଇ ପାଖେ ଯୋଜନବଦ୍ଧ ଭାବେ ଥିଲା । ଗାଁ'ର କାନ୍ଥ ଗୁଡିକରେ ବୁଦ୍ଧଙ୍କର ବହୁତ ଗୁଡିଏ ଚିତ୍ର ଥିଲା । ତାହାହେଲେ ତାହା ଏକ ବୌଦ୍ଧଗ୍ରାମ ଥିଲା । ଘୁରି ବୁଲିଲା ବେଳେ ମୁଁ ଜଣେ ବ୍ୟକ୍ତିଙ୍କ ସହ ମିଶିଲି । ସେ ଜଣେ ମୋଚି ଥିଲେ । ସେ ମୋତେ ତାଙ୍କ ଘରକୁ ନେଇଗଲେ । ତାଙ୍କ ସ୍ତ୍ରୀ ସୁସ୍ୱାଦୁ ସକାଳ ଜଳଖିଆ ପରଶିଲେ । ସେ ମୋତେ କହିଲେ ଯେ ଗାଁ ଭିତରେ ଦୁଇଟି ମନ୍ଦିର ଅଛି । ଗୋଟିଏ ଗାଁ ଆରମ୍ଭରେ ଓ ଅନ୍ୟଟି ଗାଁ ଶେଷରେ ଅଛି । ଗାଁ ଶେଷରେ ଥିବା ମନ୍ଦିରଟିକୁ ଆମେ ଗଲୁ । ତାହା ଏକ ଛୋଟ ମନ୍ଦିର ଥିଲା ଏବଂ ତାହାର ମୁଖ୍ୟ ଦେବତା ଏକ ସ୍ତମ୍ଭ ଥିଲେ । ସେମାନେ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ତାକୁ "ଥୁପା" ନାଁରେ ଡାକୁଥିଲେ ।

ତାହା ଏକ ବୌଦ୍ଧସ୍ତୁପ ଥିଲା ।

ଗାଁ ଟିର ନାଁ ପିପିଭତକ ଥିଲା । ସେହି ଗାଁ'ର ବହିରାଞ୍ଚଳରେ ଏକ ଛୋଟ ପାହାଡ ଥିଲା । ତାର ନାଁ ମୁଖିଗିରି ଥିଲା । ସେଇଠି ଏକ ମଧ୍ୟମ ଆକାରର ମଠ ଥିଲା, ଯେଉଁଠି ଶହେ ପର୍ଯ୍ୟନ୍ତ ବୌଦ୍ଧ ସନ୍ନ୍ୟାସୀମାନେ ରହୁଥିଲେ । ମୁଁ ଯେତେବେଳେ ତାଙ୍କୁ ରାଜ୍ୟର ନାଁ ପଚାରିଲି, ସେ ଉତ୍ତର ଦେଲେ – କଳିଙ୍ଗ ।

ମୁଁ ଚମକି ପଡିଲି । ମୁଁ ତାଙ୍କୁ ପଚାରିଲି – ଶାସକ କିଏ ?

ସେ ଉତ୍ତର ଦେଲେ – ବର୍ତ୍ତମାନ ର ଶାସକ ହର୍ଷ ବର୍ଦ୍ଧନ ।

ତାହାହେଲେ ହୀନଯାନୀ ମାନେ ବାସ କରୁଥିବା ସେହି ଅନେକ ମଠ ଭିତରୁ ଇଏ କଣ ଏକ ଅନ୍ୟତମ ମଠ ଅଟେ ? ନାଳନ୍ଦା ବିଶ୍ୱବିଦ୍ୟାଳୟ ର ଶୀଳଭଦ୍ରଙ୍କ ଛାତ୍ର, ମହାଯାନ ବୌଦ୍ଧ ଧର୍ମର ସଂରକ୍ଷକ (ପ୍ରତିରକ୍ଷକ), ବଳଶାଳୀ ରାଜା ହର୍ଷ ବର୍ଦ୍ଧନଙ୍କୁ ଆହ୍ୱାନ ଦେଇଥିବା ମହାନ ହୀନଯାନୀ ମାନେ ?

ମୁଁ ମନେ ପକାଇଲି - ହୀନଯାନୀ ଧର୍ମ କଳିଙ୍ଗର ଏକ ବିଚାର, ଏକ ଜୀବନ ଶୈଳୀ ଥିଲା । ପାଲି ଭାଷାରେ ବୌଦ୍ଧଧର୍ମ ର ଏହି ପ୍ରାଥମିକ ଅବସ୍ଥା ସୁଦୂର ଶ୍ରୀଲଙ୍କା, ବର୍ମା ଓ ଥାଇଲ୍ୟାଣ୍ଡ ପର୍ଯ୍ୟନ୍ତ ବ୍ୟାପି ଥିଲା ଏବଂ ସନ୍ନ୍ୟାସୀମାନଙ୍କୁ ଡଙ୍ଗା ଦ୍ୱାରା ଯାତ୍ରା କରାଇ ସେହି ଭୂମି ମାନଙ୍କରେ ପ୍ରସାର ପ୍ରଚାର ନିମନ୍ତେ କଳିଙ୍ଗ ଏକ ପ୍ରଧାନ ଭୂମିକା ନେଇଥିଲା ।

ମୁଁ ପୁଣି ମନେ ପକାଇଲି କଳିଙ୍ଗର ହୀନଯାନୀ ସନ୍ନ୍ୟାସୀମାନେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ବୁଦ୍ଧଙ୍କ ଦ୍ୱାରା ପ୍ରଦାନ ନ କରା ଯାଇଥିବା ମହାଯାନ ବିଚାରକ ମାନଙ୍କ ଆକାଶ-ପୁଷ୍ପ ଦର୍ଶନ (ଶୂନ୍ୟ ଦର୍ଶନ), ଯାହା କହୁଥିଲା ଅନୁଭୂତ ଘଟଣାସମୂହ ବାସ୍ତବ ଜଗତର ନୁହେଁ, ର ଭର୍ତ୍ସନା କରିଥିଲେ ।

ଆହ୍ୱାନ ଝୋଟି

 Magazine Downloaded from www.aahwaan.com

କୋଙ୍ଗଦ (ବର୍ତ୍ତମାନର ଉତ୍ତର ଗଞ୍ଜାମ) ଅଞ୍ଚଳ ଅକ୍ତିଆର କରି ହର୍ଷ ବର୍ଦ୍ଧନ ଉତ୍ତର ଆଡକୁ କଳିଙ୍ଗ ଦେଇ ଫେରୁଥିଲେ । ଫେରିବା ସମୟରେ କିଛି ସମୟ ସେହି ଗାଁ ଉପକଣ୍ଠରେ ସେ ଅତିବାହିତ କରିଥିଲେ । ସେହି ସମୟରେ କେତେଜଣ ହୀନଯାନୀ ତାଙ୍କ ଆଗକୁ ଯାଇ ମହାଯାନୀମାନଙ୍କ ସିଦ୍ଧାନ୍ତକୁ ସେମାନଙ୍କ ଅସହମତି ପ୍ରକାଶିତ କଲେ । ହର୍ଷ ବର୍ଦ୍ଧନ ଗର୍ଜ୍ଜି ଉଠିଲେ, "ଏହି ଭାଷାରେ ଭର୍ତ୍ସନାରେ ଆପଣଙ୍କର ଅଭିପ୍ରାୟ କଣ ?"

ଗୁଣନିଧିଙ୍କ ସହ ଠିଆ ହୋଇ ମୁଁ ଏହି ସବୁ ଘଟଣା ଗୁଡିକର ସାକ୍ଷ୍ୟ ଦର୍ଶକ ଥିଲି । ହିନଯାନୀ ସନ୍ନ୍ୟାସୀମାନେ ଜଣେ ବୃଦ୍ଧ ବ୍ରାହ୍ମଣ ଗୁରୁ, ପ୍ରଜ୍ଞାଗୁପ୍ତ - ଜଣେ ହୀନଯାନୀ ବୋଦ୍ଧଧର୍ମ ବିଶାରଦ - ଙ୍କ ଦ୍ୱାରା ପ୍ରସ୍ତୁତ କରା ଯାଇଥିବା ଏକ ଗ୍ରନ୍ଥର ପ୍ରତିଲିପି ହର୍ଷଙ୍କୁ ପ୍ରଦାନ କରିଥିଲେ । ମହାଯାନୀ ବିଚାରକୁ ଧରାଶାୟୀ କଲାଭଳି ୭୦୦ ଶ୍ଳୋକର ଏକ ମୂଳଗ୍ରନ୍ଥ ପ୍ରଜ୍ଞାଗୁପ୍ତ ରଚନା କରିଥିଲେ ।

"ଏହି ଗ୍ରନ୍ଥ ଆମ ସିଦ୍ଧାନ୍ତର ପ୍ରତିନିଧି ।" ସେମାନେ କହିଲେ ।

ଏହାର ଖଣ୍ଡନର ଏକ ସାର୍ବଜନୀନ ବିତର୍କ ପାଇଁ, ଅନ୍ୟ କୌଣସି ସିଦ୍ଧାନ୍ତ ଦ୍ୱାରା ଏହାର ଗୋଟିଏ ବି ପଦର ସତ୍ୟତାକୁ ଅସତ୍ୟ ପ୍ରମାଣିତ କରିବା ହର୍ଷ ବର୍ଦ୍ଧନଙ୍କ ପାଇଁ ଏକ ଆହ୍ୱାନ ଥିଲା ।

ହର୍ଷ ତତ୍କ୍ଷଣାତ୍ନାଳନ୍ଦାରେ ତାଙ୍କ ବନ୍ଧୁ ଓ ଉପଦେଷ୍ଟା ଶୀଳଭଦ୍ରଙ୍କ ନାମରେ ଏକ ଚିଠି ପଠେଇ ତରତରରେ ରାଜଧାନୀ ଅଭିମୁଖୀ ହେଲେ । ବିଶ୍ୱବିଦ୍ୟାଳୟରେ କୁଳପତି ଥିବା ଶୀଳଭଦ୍ର ଆସନ୍ନ ଅପେକ୍ଷିତ ଧର୍ମଯୁଦ୍ଧ ସକାଶେ ବ୍ୟୁହ-କ୍ରମର ରଚନା କରିବା ପାଇଁ ଲାଗିଗଲେ । ଚୀନ ପରିବ୍ରାଜକ ହୁଏନ୍ସାଂ ଭାରତ ପରିଭ୍ରମଣ କରି ସେହି ସମୟରେ ନାଳନ୍ଦା ଫେରିଥିଲେ । ଶୀଳଭଦ୍ର ତିନିଜଣ ସନ୍ନ୍ୟାସୀ ଓ ହୁଏନସାଂ ଙ୍କୁ କଳିଙ୍ଗର ସନ୍ନ୍ୟାସୀ ମାନଙ୍କ ଦର୍ଶନ ର ଉତ୍ତର ତର୍କ ବିତର୍କରେ ଦେବା ପାଇଁ ବାଛିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ସେହି ତିନିଜଣ ଭାରତୀୟ ସନ୍ନ୍ୟାସୀ ନିଜର ବିଚାର ଶକ୍ତି ହରେଇ ବସିଥିଲେ । ନାଳନ୍ଦାର ଉଜ୍ଜ୍ୱଳ ତାରକାମାନେ ଉପକୂଳବର୍ତ୍ତୀ କିଛି ସନ୍ନ୍ୟାସୀଙ୍କୁ ଭୟଭୀତ ହୋଇଗଲେ, ବାସ୍ତବରେ କଣ ଏପରି ଘଟିତ ହୋଇଥିବ ?

ଅଥବା ଏହା କେବଳ ହୁଇ ଲୀ ଙ୍କ ଦମ୍ଭୋକ୍ତି ଥିଲା ?

(ହୁଇ ଲୀ ଜଣେ ଭାରତୀୟ ବୌଦ୍ଧ ସନ୍ନ୍ୟାସୀ ଓ ତୀର୍ଥଯାତ୍ରୀ ଯିଏ ହାଙ୍ଗଝୋ୍, ଚୀନାରେ ଲିଙ୍ଗୟିନ୍ ମନ୍ଦିର, ଆଜିର ଚୀନାର ଅନ୍ୟତମ ପବିତ୍ର ବୌଦ୍ଧ ଧାର୍ମିକ ସ୍ଥଳ ଭାବେ ପବିତ୍ର ବୌଦ୍ଧ ମନ୍ଦିରର ପ୍ରତିଷ୍ଠା କରିଥିଲେ । ତାଙ୍କ ଭାରତୀୟ ନାମ ଅନିଶ୍ଚିତ, ସମ୍ଭବତଃ ମତିଯୁକ୍ତି ଥିଲା । ସେ ହାଙ୍ଗଝୋ୍ରେ ୩୨୬ ଖ୍ରୀଷ୍ଟାବ୍ଦ ରେ ପହଞ୍ଚିଥିଲେ ।)

ଅଥବା କିଛିଜଣ କହୁଥିଲା ଭଳି, ପୂର୍ବରୁ ସୂଚାଉ ଥିବା ତାର ପତନ ଏବଂ ତନ୍ତ୍ରଯାନରେ ତାର ଗୁପ୍ତ ଅଭ୍ୟାସ ମୋଡରେ ମହାଯାନୀମାନଙ୍କ ସଂଶୟର ରୋଗ ଚିହ୍ନଟ ଦୃଶ୍ୟମାନଙ୍କର ଫାଟ ଛିଦ୍ରରେ ଇତିହାସରେ କଣ୍ଟାପିଟି ବନ୍ଦ କରି ଦିଆ ଯାଇଛି ।

କିନ୍ତୁ ହୁଏନସାଂ ଆଗଭର ହୋଇ ଯିବାପାଇଁ ସ୍ୱାର୍ପିତ ହେଲେ । ସେ ଦୃଢକଣ୍ଠରେ କହିଲେ, କଳିଙ୍ଗର ସେହି ସନ୍ନ୍ୟାସୀମାନେ ତୁଚ୍ଛ ଅଟନ୍ତି । ତାଙ୍କ ସ୍ୱ-ଜ୍ଞାନ ସେମାନଙ୍କୁ ପରାଜିତ କରିବା ପାଇଁ ଯଥେଷ୍ଟ ଅଟେ । ତଥାପି ଯଦି ଅବା ସେମାନେ ଜିତି ଯାଆନ୍ତି, ତାହାହେଲେ ଜଣେ ବିଦେଶୀ ଚୀନ ସନ୍ନ୍ୟାସୀ ହିଁ ପ୍ରଭାବିତ ହେବେ । ସେ ଯାହାହେଉ, ହୁଏନ୍‌ସାଂ ଙ୍କ କଳିଙ୍ଗ ଯାତ୍ରାର ପ୍ରସ୍ତୁତି ସମୟରେ, ଆଉ ଗୋଟିଏ ସମ୍ବାଦ ହର୍ଷଙ୍କ ଠାରୁ ପହଞ୍ଚି ଥିଲା – ତାଙ୍କର ପୂର୍ବ ଅନୁରୋଧ ତତ୍‌କ୍ଷଣାତ୍ ଚାପର ଆବଶ୍ୟକତା ନାହିଁ ।

ମୁଁ ଗୁଣନିଧିଙ୍କ ଗୃହକୁ ମୋର ଅସ୍ଥାୟୀ ଆଶ୍ରୟସ୍ଥଳ କଲି । ଏହି ଗତିବିଧିରେ ସଂଶ୍ଳିଷ୍ଟ ଥିବା ଗୁଣନିଧିଙ୍କ ପାଖରୁ ମୁଁ ସବୁ ତଥ୍ୟ ପାଇଥିଲି । ହୀନଯାନୀମାନେ ବହୁତ ଖୁସି ଥିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେହେତୁ ସେମାନେ ବିଜୟୀ ଭଳି ଅନୁଭବ କରୁଥିଲେ, କିନ୍ତୁ ତାଙ୍କ ନିୟତିରେ ଅନ୍ୟ କିଛି ଲେଖା ଯାଇଥିଲା ।

ହୁଏନସାଂ ହୀନଯାନୀମାନଙ୍କ ୭୦୦ ବିଧର୍ମୀ ଶ୍ଳୋକ ଗୁଡିକ ବିଷୟରେ ଆଗ୍ରହୀ ଥିଲେ । ସେ ପିପିଭତକ ଆସି ମୁଖିଗୀରି ଯାଇଥିଲେ । ସେ ହୀନଯାନୀ ସନ୍ନ୍ୟାସୀମାନ ସହ ଅନେକ ବାର୍ତ୍ତାଳାପ କଲେ । ଗୋଟିଏ ଦିନ ପରେ ସେ ଜଣେ ବ୍ୟକ୍ତି ସହ ମିଶିଲେ । ମୁଁ ସେମାନଙ୍କୁ ଗୁପ୍ତରେ କିଛି କଥା ହେଉ ଥିବାର ଦେଖିଲି । ହୁଏନସାଂ ତାଙ୍କୁ ପ୍ରଜ୍ଞାଗୁପ୍ତଙ୍କ ଗ୍ରନ୍ଥକୁ ଦେଖାଇବା ପାଇଁ ଭିକ୍ଷା କରୁଥିଲେ, ଯାହାକୁ ସେ ରାଜି ହୋଇ ଯାଇଥିଲେ । ତାଙ୍କ ମର୍ଯ୍ୟାଦା ପ୍ରଭାବିତ ନ ହେବା ପାଇଁ ହୁଏନସାଂ ତାଙ୍କୁ ସେହି ବ୍ୟାପାର ଟିକୁ ଗୁପ୍ତରେ ମୁଖ୍ୟତଃ ମଧ୍ୟରାତ୍ରରେ କରିବା ନେଇ ଏକ ସର୍ତ୍ତ ରଖିଥିଲେ ।

ସେମାନଙ୍କ କଥାବାର୍ତ୍ତା ଶୁଣିଲା ପରେ ଯେତେବେଳେ ସେ ବ୍ୟକ୍ତି ଜଣଙ୍କ ବିଷୟରେ ଗୁଣନିଧିଙ୍କୁ ପଚାରିଲି, ମୁଁ ଜାଣିବାକୁ ପାଇଲି ଯେ ହୁଏନସାଂ କିଛି ଦର୍ଷ ତଳେ ସେହି ବ୍ୟକ୍ତି ଜଣଙ୍କୁ ତର୍କରେ ହରେଇ ଦେଇଥିଲେ, ଆଉ ସେ ତାଙ୍କ ଗାଁ'ର ନ ଥିଲେ । କିନ୍ତୁ ସେ ହୀନାଯାନ ବୌଦ୍ଧଧର୍ମର ଜଣେ ବିଷାରଦ ଥିଲେ । ମୁଁ ଏହି ସବୁ ବିଷୟ କାହିଁକି ଜାଣିବାକୁ ଚାହୁଁଛି ର ଗୁଣନିଧିଙ୍କ ପ୍ରଶ୍ନର ଉତ୍ତରରେ ମୁଁ କହିଲି ଯେ – ଆଜି ସେହି ଲୋକଟିକୁ ପୋଖରୀ ପାଖରେ ଦେଖିଲି । ସେଥିପାଇଁ ପଚାରିଲି । ସେମିତି କିଛି ଗୁରୁତ୍ୱ ନାହିଁ

ସେମାନେ ରାତିରେ ସେହି ଏକା ଜାଗାରେ ମିଶିଲେ । ମୁଁ ସେଇଠି ନଡିଆ ଗଛ ଉପରେ ଥିଲି, ସେମାନଙ୍କୁ ଦେଖୁଥିଲି ଓ ଶୁଣୁଥିଲି । ସେହି ବ୍ୟକ୍ତି ଜଣକ ଙ୍କୁ ଗ୍ରନ୍ଥ ଟିକୁ ଦେଖେଇଲେ ଓ ହୁଏନସାଂ ୭୦୦ ଟି ଯାକ ଶ୍ଳୋକ ଲିପିବଦ୍ଧ କଲେ । ସେମାନେ ଯେତେବେଳେ ଯିବାକୁ ଉଦ୍ୟତ ହେଉଥିଲେ, ମୁଁ ଏକ ରାକ୍ଷସକାୟ ମାଙ୍କଡସା ଦେଖି ତଳେ ପଡିଗଲି ।



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ବର୍ତ୍ତମାନ ମୁଁ ବାଲି ଉପରେ ପଡିବା ପରିବର୍ତ୍ତେ ପିଠିରେ ଗଦି ଭଳି ଜିନିଷକୁ ଅନୁଭବ କରିଥିଲି । ମୁଁ ମୁର୍ଚ୍ଛାଗତ ହେଲି । ମୋ ଆଖି ଯେତେବେଳେ ଖୋଲିଲା, ମୁଁ ମୋ ନିଜକୁ ଏକ ଡାକ୍ତରଖାନାରେ ପାଇଲି । ମୋ ସ୍ତ୍ରୀ କହିଲେ ଯେ ବିଗତ ୩ ଦିନ ଧରି ମୁଁ ଶୋଇ ରହିଥିଲି । ତେଣୁ ମୋତେ ତରତରରେ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା । ଡାକ୍ତରମାନେ ଆସିଲେ ଓ ମୋତେ ନିରୀକ୍ଷଣ କଲେ । ସେମାନଙ୍କ ତରଫରୁ ସ୍ୱୀକୃତି ମିଳିଲା ପରେ ମୁଁ ମୋ ଘରକୁ ଆସି ଯାଇଥିଲି ।

ମୁଁ ସେହି ଘଟଣା ପ୍ରବାହ ଗୁଡିକୁ ଖୋଜିଲି । ତାପରେ ଜାଣିବାକୁ ପାଇଲି ଯେ, ସେହି ୭୦୦ ଶ୍ଳୋକ ପାଇଲା ପରେ ତର୍କ-ବିତର୍କର ନିରାଶାଜନକ ଅବସ୍ଥାରେ ଥିବା ହୁଏନସାଂ ସଙ୍ଗେ ସଙ୍ଗେ ୧୬୦୦ ଶ୍ଳୋକ ଦ୍ୱାରା ପ୍ରଜ୍ଞାଗୁପ୍ତଙ୍କ ୭୦୦ ଶ୍ଳୋକକୁ ଖଣ୍ଡନ କରିଥିଲେ । ସେ ତାଙ୍କ ପ୍ରୟାସକୁ ବିଧର୍ମର ଧ୍ୱଂସ ର ଆଖ୍ୟା ଦେଇ ଥରେ ଦି ଥରରେ ନୁହେଁ, ଅନେକ ପ୍ରଚେଷ୍ଟାରେ ଦୃଢ ହୋଇ ରହିଥିଲେ । ତାଙ୍କ ହସ୍ତ କାରିଗରୀର ପ୍ରଶଂସା ଉପରେ ସେ ମାଡି ବସି ରହିଥିଲେ ।

ରାତ୍ରିକାଳୀନ ସେହି ଗୁପ୍ତ ବ୍ୟକ୍ତିଗତ ଗୁରୁ ଜଣକ ସଙ୍ଗେ ସଙ୍ଗେ ଆସାମ ଯାଇଥିଲେ ଏବଂ ଭାସ୍କରବର୍ମନ୍‌ଙ୍କୁ ଚୀନୀ ସନ୍ନ୍ୟାସୀଙ୍କ ବିଷୟରେ କହିଥିଲେ ।

ଯେତେବେଳେ ମୋ ସ୍ତ୍ରୀଙ୍କୁ ଏହି ବିଷୟ ବର୍ଣ୍ଣନା କରି କହିଲି, ସେ ହସିଲେ ଓ ମୋତେ କହିଲେ – ତମେ ପାଗଳ ହେଇ ଗଲଣି ।

କିନ୍ତୁ ତାହା ମୋ ହୃଦୟରେ ଲିପିବଦ୍ଧ ହୋଇ ଅନନ୍ତକାଳ ଯାଏଁ ରହିଗଲା....


*(https://timetravellerashish.wordpress.com @ashishsarangiଙ୍କ ଇଂରାଜୀ ଲେଖା Hinayanists of Kalingaର ଓଡ଼ିଆ ଅର୍ଥାନୁବାଦିତ)*

୨ୟ ତୋଟା ସାହି, ବିଜିପୁର୍, ବ୍ରହ୍ମପୁର -୭୬୦୦୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ଗୌରୀ ପଣ୍ଡା

ସୃଷ୍ଟିକର୍ତ୍ତା ତାଙ୍କ ସୃଷ୍ଟିରେ ଦୁଇଟି ସୃଷ୍ଟି କରିଛନ୍ତି, ନାରୀ ଓ ପୁରୁଷ । ଦୁହେଁ ସମାନ, କିନ୍ତୁ ନାରୀ ଟିକିଏ ଅଲଗା, କାହିଁକି ? ନାରୀ ସୁନ୍ଦର ଶବ୍ଦଟିଏ, ସୁନ୍ଦର ଜାତିଟିଏ, ସୁନ୍ଦର ଭାବଟିଏ ।

ଫୁଲ ଆଉ ନାରୀ ଦୁହେଁ ସମାନ । ଫୁଲ ଯେପରି ତାର ବାସନା, କୋମଳତା, ସୌନ୍ଦର୍ଯ୍ୟରେ ଜଗତବାସୀଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ଠିକ୍ ସେହିପରି ନାରୀ ମଧ୍ୟ ନିଜର ସୁନ୍ଦରତା, ମଧୁର ବଚନ, ନିଜ ସୌନ୍ଦର୍ଯ୍ୟରେ ଜଗତବାସୀଙ୍କୁ ଆକର୍ଷିତ କରିପାରେ । ନାରୀ ପାଖରେ ଦୟା, କ୍ଷମା, ବିନୟ, କୋମଳତା, ଏ ସମସ୍ତ ଗୁଣ ଭରି ରହିଛି ।

ନାରୀ ଜାୟା, ଜନନୀ, ଭଗିନୀ, ସଖୀ, ବାନ୍ଧବୀ, ପ୍ରେମିକା, ଦାନବୀ, ରାକ୍ଷସୀ ଓ ଦେବୀ ହୋଇପାରେ । ତାହାର ଏ ସମସ୍ତ ରୂପ ସୃଷ୍ଟିକର୍ତ୍ତାଙ୍କ ସୃଷ୍ଟିରେ ବିଦ୍ୟମାନ ।

ହେଲେ ପ୍ରଶ୍ନଆସେ ନାରୀ ଶବ୍ଦଟିର ଅର୍ଥ, ମୂଲ୍ୟବୋଧ ଯଥାର୍ଥତା କେଉଁଠି ?

ନାରୀ ସେ ଯେଉଁଥିପାଇଁ ସୃଷ୍ଟି ହେଲା ତା ନାରୀ ସୁଲଭଗୁଣ ପାଇଁ । ନାରୀ ଶବ୍ଦଟିର ଯଥାର୍ଥତା ସେତେବେଳେ ପ୍ରତିପାଦିତ ହୁଏ ଯେତେବେଳେ ସେ ମାଆ ହୁଏ । ସେ ତା ଗର୍ଭରେ ସନ୍ତାନଟିକୁ ଧାରଣ କରେ । ତାକୁ ଜନ୍ମଦିଏ । ସେତେବେଳେ ସେ ନାରୀ ଜୀବନର ସାର୍ଥକତା, ସଫଳତା ପାଏ । ସ୍ରଷ୍ଟାଙ୍କ ସୃଷ୍ଟିକୁ ସମ୍ମାନ ଦିଏ ଓ ତାଙ୍କ ଉଦ୍ଦେଶ୍ୟ ପୂରଣ କରେ ।

ତାଙ୍କ ଉଦ୍ଦେଶ୍ୟ ପୂରଣ ପାଇଁ ତ ନାରୀର ଜନ୍ମ । ନଚେତ୍ ପୁରୁଷ ଦ୍ୱାରା କଣ ସୃଷ୍ଟି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲନ୍ତାନି ?

ସତରେ ଦେଖିବାକୁ ଗଲେ ସୃଷ୍ଟିକର୍ତ୍ତାଙ୍କ ଉଦ୍ଦେଶ୍ୟ ହେଲା ସୃଷ୍ଟି ସର୍ଜନା । ତାଙ୍କ ଉଦ୍ଦେଶ୍ୟକୁ ପୂରଣ କରେ ନାରୀ । ନାରୀର ଶରୀରରେ ସନ୍ତାନ ସୃଷ୍ଟି କରିବାର କ୍ଷମତା ଟିଏ ରହିଛି । ଯାହା ସୃଷ୍ଟିକର୍ତ୍ତାଙ୍କ ଆଶୀର୍ବାଦ । ନାରୀ ଜନ୍ମର ସଫଳତା, ସାର୍ଥକତା ସନ୍ତାନପ୍ରାପ୍ତିରେ ଅଛି । ନାରୀ ସୁଲଭଗୁଣ ସନ୍ତାନକୁ ଗର୍ଭରେ ଧାରଣ ପରଠାରୁ ହିଁ ବିକଶିତ ହୋଇଥାଏ । ଯେତେବେଳେ ସେ ମାଆ ହୁଏ ସେଇ ମୁହୂର୍ତ୍ତରେ ସେ ସମ୍ପୂର୍ଣ୍ଣ ନାରୀରେ ପରିଣତ ହୁଏ । ସେତେବେଳେ ତା ପାଖରୁ ମାତୃତ୍ୱର ଝର ଝରିଥାଏ । ତା ସନ୍ତାନ ପାଖରେ ସେ ହାରିଥାଏ ।

ସନ୍ତାନର କ୍ଷତରେ କ୍ଷତାକ୍ତ ଓ ଲହୁଲୁହାଣ ହୁଏ, ତା ଦୁଃଖରେ ମର୍ମାହତ ଓ ବିଷାଦଗ୍ରସ୍ତ ହୁଏ, ତା ରୋଗ ପାଖରେ ନିଜେ ରୋଗଗ୍ରସ୍ତ ହୁଏ । ତା ହସ, ତା ଆନନ୍ଦ, ତା ସଫଳତା ନିକଟରେ ସଦାସର୍ବଦା ଗର୍ବ ଅନୁଭବ କରେ । ପ୍ରଭୁଙ୍କ ପାଖରେ ନିଜକୁ ଋଣୀ କରେ । କାରଣ ସେ ନାରୀ । ସୃଷ୍ଟିର ସୁନ୍ଦର ଅବଦାନ । ଅର୍ଥପୂର୍ଣ୍ଣ ଶବ୍ଦଟିଏ ।

ଜୟପୁର, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

# aahwaan@gmail.com

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁନ ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ଜୁନ ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : June 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା